ମୋ ଜନ୍ମ

କପିଳ ମିଶ୍ର

Digitized by srujanika@gmail.com

ମୋ ଜନା

(ଆତ୍ମ ଜୀବନୀ)

ଲେଖକ

କପିଳ ମିଶ୍ର

ପ୍ରକାଶକ

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ମୋ ନନା

ପ୍ରକାଶକ :

ଶ୍ରୀ ଅନନ୍ତ ମିଶ୍ର

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

ବାଲୁବଜାର, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ :

୧୯୮୨

ମୁଦ୍ରାକର :

ରାଧାରାଣୀ ପ୍ରିଣ୍ଟର୍ସ

ଡଗରପଡ଼ା, କଟକ

ମୂଲ୍ୟ :

ପନ୍ଦର ଟଙ୍କା

MO NANA

(Autobiography)

Late Kapil Misra

Publisher :

Sri Anant Misra

Cuttack Students' Store

Cuttack-753002

First Edition :

1982

Price :

Rs. 15.00

Digitized by srujanika@gmail.com

ପୂର୍ବପଦ

୧୯୫୦ ମସିହା । ଷ୍ଟୁଡ଼େଣ୍ଟସ୍ ଷ୍ଟୋର ଅନୁଷ୍ଠାନର ଅଗଷ୍ଟ ମାସରେ ପତନ ଆରମ୍ଭ ହେଲା । ୧୯୩୫ ମସିହା ଠାରୁ ମୁଁ ଏ ଅନୁଷ୍ଠାନରୁ ମାସିକ କୋଡ଼ିଏ ଟଙ୍କା ବେତନରେ ଚାକିରି ଆରମ୍ଭ କରିଥିଲି । ବର୍ଷକୁ ପ୍ରାୟ ଟ ୨-୦୦ ରୁ ଟ ୨-୫୦ ବେତନ ବୃଦ୍ଧି ହୋଇ ୧୯୫୦ ମସିହା ବେଳକୁ ଟ ୪୫-୦୦ ବେତନ ପାଉଥିଲି । ସେତେବେଳକୁ ମୋର ସନ୍ତାନ ସନ୍ତତି ଆଠ ଗୋଟି ଜନ୍ମ ହୋଇଥିଲେ । ଅନୁଷ୍ଠାନଟି ହଠାତ୍ ବନ୍ଦ ହୋଇଯିବା ଫଳରେ ଆଠଗୋଟି ସନ୍ତାନ ସନ୍ତତିଙ୍କ ପରିପୋଷଣ ଏବଂ ଦର୍ଶୋପର ନନା ଓ ବୋଉଙ୍କର ବାର୍ଦ୍ଧକ୍ୟ ଜନିତ ରୋଗର ସେବା ଏସବୁ ଚିନ୍ତା କରିବା ଫଳରେ ଭବିଷ୍ୟତ ଅନ୍ଧକାର ଜଣାଯାଉଥାଏ ; କିନ୍ତୁ ଚାଉଳ ଚୂଡ଼ା ଓ ଡାଲି ଏତିକି ନିୟମିତ ଭାବରେ ଗାଁ ରୁ ଆସୁଥିବାରୁ ଧୈର୍ଯ୍ୟର ସହିତ କାଳାତିପାତ କରିବାକୁ ହେଲା ।

ସହନେ ମୁଁ ଅଧାପାଠୁଆ ; କିନ୍ତୁ ମୋର ପିଲାଗୁଡ଼ିକ କିପରି ମଣିଷ ପରି ମଣିଷ ହେବେ, ଏହା ମୋର କେବଳ ଧ୍ୟାନ ହୋଇଥାଏ । ନନା, ବୋଉ ସେତେବେଳକୁ ମୋର ନିଜ ଗାଁ ନରହରିପୁର ଶାସନରେ ରହି ଗୃହ ଜମିର ତତ୍ତ୍ୱାବଧାନ କରୁଥାନ୍ତି । ଦିନେ ରାତି ପ୍ରାୟ ୧୧ଟା ବେଳେ ହଠାତ୍ ଜଣେ ବାନ୍ଧବ ବାଲୁବଜାର ଛକ ଉପରେ ଠିଆ ହୋଇ ମୋତେ ଡାକି କହିଲେ, "ତୋ' ବୋଉ ଦେହ ଅତ୍ୟନ୍ତ ଖରାପ । ଶୀଘ୍ର ଗ୍ରାମକୁ ଯିବା ନିତାନ୍ତ ଦରକାର ।" ସେଦିନ ପୌଷ ଶୁକ୍ଳ ନବମୀ । ପରଦିନ ଶାମ୍ବ ଦଶମୀ ପାଇଁ ସୂର୍ଯ୍ୟ ପୂଜା କରିବାକୁ ବିଧାନ ଅନୁସାରେ ଆଠଟି ପିଲାଙ୍କର ଆଠ ପ୍ରକାର ପିଠା ପ୍ରସ୍ତୁତ କରିବା ପାଇଁ ମୁଁ ଓ ମୋର ସହଧର୍ମିଣୀ ଉଭୟେ କାର୍ଯ୍ୟବ୍ୟସ୍ତ ଥିଲୁ । ହଠାତ୍ ଏ ସମ୍ବାଦ ତାଙ୍କଠାରୁ ଶୁଣିଲାକ୍ଷଣି ସବୁ ପିଠାକୁ ଏକତ୍ର କରି ବାନ୍ଧି ଦୁଇଟି ହାତଟଣା ରିକ୍ସାରେ ପିଲାମାନଙ୍କୁ ନେଇ କଟକ ରେଳଷ୍ଟେସନକୁ ବାହାରିଲୁ । ପରଦିନ ସକାଳ ଦ ୧୦ ଟାରେ ଗାଁରେ ପହଞ୍ଚି ବୋଉର ସାଂଘାତିକ ଅବସ୍ଥା ଦେଖି ମର୍ମାହତ ହେଲୁ । ବିଧିର ବିଧାନ, ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ରାତି ୧୧ ଟା ସମୟରେ ବୋଉ ସ୍ୱର୍ଗାରୋହଣ କଲା । ଗତାନୁଗତିକ ରୀତିରେ କୌଳିକ ପ୍ରଥା ଅନୁସାରେ ଶୁଦ୍ଧାଦି କ୍ରିୟା ସମାପନ କରି ଚନ୍ଦନ ଦିନ ପରେ କଟକ ଫେରିଲି । ବୋଉ ଯିବା ପରେ ନନା ବଡ଼ ବ୍ୟାକୁଳ ହୋଇ କାନ୍ଦିଲେ । ମାସକ ପରେ ନନାଙ୍କୁ କଟକ ଆଣି ବାଲୁବଜାର ଛକର ଏଇ ଦୋକାନ ଘର ଉପରେ ସମସ୍ତ ପରିବାର ରହିଲେ ।

Digitized by srujanika@gmail.com

୧୯୫୮ ମସିହା ସେପ୍ଟେମ୍ବର ମାସରେ ନନା ଦିନ ଗୃହଧନ ଭୀଷଣ ଭାବରେ ହଠାତ୍ ରୋଗରେ ପୀଡ଼ିତ ହୋଇ ଭାଦ୍ରବ ମାସ ଶୁକ୍ଲପକ୍ଷ ଦଶମୀ-ଏକାଦଶୀ ତିଥିରେ ମୋର ଗଣେଶଘାଟସ୍ଥ ନିଜ ଘରେ ଇହଲୀଳା ସମ୍ବରଣ କଲେ । ମୃତ୍ୟୁର ଅବ୍ୟବହିତ ପୂର୍ବ ଦୁଇ ରାତିରେ ତାଙ୍କ ଜୀବନର ସମସ୍ତ ଘଟଣାବଳୀ ସଂକ୍ଷେପରେ କହି ସଙ୍ଗେ ସଙ୍ଗେ ମୋର ଭବିଷ୍ୟତ ପାଇଁ ମଙ୍ଗଳ କାମନା ଏବଂ ଆଶୀର୍ବାଦ କରୁଥିଲେ । ଶେଷରେ କହିଲେ, "ଅନନ୍ତ, ଗତ ତିନି ପୁରୁଷ ହେଲା ଏ କୂଳରେ ଜନ୍ମିତ ପୁତ୍ର କେହି ନ ଥିଲେ । କେବଳ ସନାତନ ଧର୍ମର ମୂଳ କୁଳରକ୍ଷା ପ୍ରଥାନୁସାରେ ପୋଷ୍ୟପୁତ୍ର କରି ଆସୁଥିଲେ । ମୁଁ ମଧ୍ୟ ପୋଷ୍ୟପୁତ୍ର । ଶ୍ରୀ ଅନନ୍ତ ସ୍ୱାମୀଙ୍କ ଶ୍ରୀଚରଣାରବିନ୍ଦରେ ବହୁ ସେବା ଫଳରେ ତୁ ମୋର ଏକମାତ୍ର ଜନ୍ମିତ ପୁତ୍ର । ମୁଁ ତୋ' ନିମନ୍ତେ ଧନବଳ ରଖି ପାରିଲି ନାହିଁ । କେବଳ ଧର୍ମବଳ ଛାଡ଼ିଯାଉଛି । ତୁମେ ପତିପତ୍ନୀ ଲକ୍ଷ୍ମୀନାରାୟଣ ଭାବରେ ସାରାଜୀବନ ଅତିବାହିତ କରିବ । ସତ୍ୟ, ଧର୍ମ ଓ ନ୍ୟାୟ ସବୁ ଯୁଗରେ ଶାଶ୍ୱତ ହୋଇ ରହିଆସିଛି । ଏଣୁ ମୋର ଏତିକି ଉପଦେଶ ରକ୍ଷା କରି ଚାଲିଲେ ସାରା ଜୀବନ ସୁଖ ଭୋଗ କରିବୁ । ପ୍ରଭୁ ଶ୍ରୀ ଜଗନ୍ନାଥ ! ତୁମର ସହାୟ ହୁଅନ୍ତୁ ।"

ମୃତ୍ୟୁର ଅବ୍ୟବହିତ ପରେ ନନାଙ୍କର ମର ଶରୀରକୁ ଖାନ୍‌ନଗର ଶ୍ମଶାନରେ ଅଗ୍ନି ସଂଯୋଗ କରି କୌଳିକ ପ୍ରଥାନୁସାରେ ପରଦିନ ଅସ୍ଥି ସଂଗ୍ରହ ପରେ ନିଜ ଜନ୍ମସ୍ଥାନ ଗ୍ରାମପୁରକୁ ପିଲମାନଙ୍କ ସହିତ ବାହାରି ଗଲି । ବିଧିବଦ୍ଧ ଭାବରେ ତାଙ୍କର ଶ୍ରାଦ୍ଧ କ୍ରିୟା ଷୋଳଟି ଶାସନର ବ୍ରାହ୍ମଣ ବନ୍ଧୁମାନଙ୍କୁ ଡକାଇ କେବଳ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ସେବା କରିବାକୁ ଦେଇ ଶ୍ରାଦ୍ଧ କ୍ରିୟା ସମାପନ ହେଲା ।

ନନାଙ୍କୁ ୮୨ ବର୍ଷ ବୟସରେ ସେ ତାଙ୍କ ଜୀବନୀ ଲେଖା ଆରମ୍ଭ କରିଥିଲେ । ସେ କରଣୀ ଅକ୍ଷର ଲେଖନ୍ତି । ତିନୋଟି ୮୦ ପୃଷ୍ଠାର ଖାତାରେ ସବୁ ଲେଖା ସାରିବା ପରେ ତାକୁ ପ୍ରେସକୁ ଦିଆଗଲା ; କିନ୍ତୁ ତାଙ୍କ ଅକ୍ଷର ଗୋଟିଏ ଧାଡ଼ି ମଧ୍ୟ ପଢ଼ିବାକୁ କମ୍ପୋଜିଟର ସମର୍ଥ ହେଲେ ନାହିଁ । ତେଣୁ ତାକୁ ଆଉଥରେ ଭଲ ଅକ୍ଷରରେ ଲେଖିବାକୁ ମୋର ପୁତ୍ରୀ କାହ୍ନୁଚରଣଙ୍କୁ ନନା ଦେଲେ । ସେ ଅତ୍ୟନ୍ତ ଅକ୍ଷମ ହୋଇ ତିନି ବର୍ଷ ମଧ୍ୟରେ କିଛି ଲେଖି ନ ପାରି ମୋର ଅଜାଣତରେ ନାନାଙ୍କୁ ଫେରାଇଦେଲା । ନନା ଅଭିମାନ ଚିତ୍ତରେ ତାକୁ ରଖିଦେଲେ; ୧୯୮୦ ମସିହା ପର୍ଯ୍ୟନ୍ତ ପାଣ୍ଡୁଲିପି ଆଉ ମିଳିଲା ନାହିଁ ।

Digitized by srujanika@gmail.com

ଥରେ ନନାଙ୍କର ସାମ୍ବତ୍ସରିକ ଶ୍ରାଦ୍ଧ ନିମନ୍ତେ ମୁଁ ପିଲାମାନଙ୍କ ସାଙ୍ଗରେ ଘର ମଟର କାରରେ ଗାଁକୁ ଯାଉଥିଲି । ବାଟରେ ଚମ୍ପାଗଡ଼ ଘାଟିଠାରେ ମୋତେ ଟିକିଏ ନିଦ ଆସିଗଲା । ହଠାତ୍ ସ୍ୱପ୍ନରେ ଦେଖିଲି ନନାଙ୍କର ଅଣ୍ଟା ଉପରକୁ ଦେହଟି ସମ୍ପୂର୍ଣ୍ଣ ରୂପେ ସୁନ୍ଦର ଭାବରେ ତାଙ୍କର ପ୍ରୌଢ଼ାବସ୍ଥାର ସୌମ୍ୟ ଚେହେରା ଦିଶୁଥାଏ । ସେ କହିଲେ, "ହଇରେ ଅନନ୍ତ, ମୋର ଶ୍ରାଦ୍ଧ ତ କରୁଛୁ, କିନ୍ତୁ ଏ ପର୍ଯ୍ୟନ୍ତ ଓଡ଼ିଶାର ସାହିତ୍ୟିକମାନଙ୍କର ପ୍ରାୟ ପାଞ୍ଚଶହ ପୁସ୍ତକ ତୁ ପ୍ରକାଶନ କରିଛୁ ; କିନ୍ତୁ ମୋ ଜୀବନୀଟି ଅପ୍ରକାଶିତ ଭାବରେ ଅଳିଆ କାଠ ଡାବଲ ଭିତରେ ପଡ଼ି ରହିଛି ।" ମୁଁ କହିଲି, "ଏଥର ଖୋଜିବି ; କିନ୍ତୁ ତୁମର ଦେହରୁ ପଇତା ଗଲା କୁଆଡ଼େ ?" ସେ ଟିକିଏ ହସି କହିଲେ, "ମର ସଂସାର କଥା ପଚାରି ଲାଭ ନାହିଁ । ଏଣିକି ନିୟମିତ ଭାବରେ ଗୀତା ପଢ଼ିଲେ ସବୁ ଜାଣିପାରିବୁ ।" ହଠାତ୍ ମୋ ନିଦ ଭାଙ୍ଗିଗଲା । ମୁଁ ସମସ୍ତ ସ୍ୱପ୍ନ ଘଟଣା ମୋର ଧର୍ମପତ୍ନୀଙ୍କୁ କହିଲି । ବାର୍ଷିକ ଶ୍ରାଦ୍ଧ ପରେ ମୁଁ କଟକ ଫେରିଲି ; କିନ୍ତୁ ପାଣ୍ଡୁଲିପିଟି ପାଇଲି ନାହିଁ ।

୧୯୭୭ ମସିହାରେ ଥରେ ମୋର ଝାଡୁଣୀ ବେବି ହଠାତ୍ ଗୋଟିଏ କାଠ ଡାବଲା ଭିତରୁ ନାଲି ସୂତାରେ ବନ୍ଧାଥିବା ଦୁଇଟି ଖାତା ଆଣି ମୋତେ ଦେବାରୁ ମୁଁ ବିସ୍ମିତ ହେଲି । ଏଇ ଖାତା ଦୁଇଟିରେ ନନାଙ୍କର ଜୀବନୀ ତାଙ୍କ ହାତ ଲେଖା ସମ୍ପୂର୍ଣ୍ଣ ଥିଲା । ଉକ୍ତ ପାଣ୍ଡୁଲିପିକୁ ପ୍ରେସକୁ ଦେବା ଭଳି ଅକ୍ଷରରେ ଲେଖି ପ୍ରସ୍ତୁତ କରିବାକୁ ମୁଁ ନିଜେ ଚେଷ୍ଟା କଲି । ଗୋଟିଏ ଖାତା ଶେଷ ହେବାକୁ ମୋତେ ପ୍ରାୟ ପନ୍ଦର ଦିନ ଲାଗିଗଲା । ତା'ପରେ ଖାତା ଦୁଇଟି ନେଇ ମୁଁ ଆମ ଗାଁର ପ୍ରାଇମେରି ସ୍କୁଲ ଶିକ୍ଷକ—ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ—ଶ୍ରୀ ହରେକୃଷ୍ଣ ମହାନ୍ତିଙ୍କୁ କପି କରିବା ନିମନ୍ତେ ଦେଲି । ଯାହାହେଉ, ବଳମୂରେ ହେଲେ ମଧ୍ୟ ସେ ଯତ୍ନ ସହିତ ସେ ସବୁ ଉତାରି ମୋତେ ଦେଲେ । ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି ।

୧୯୮୦ ମସିହାରେ ପାଣ୍ଡୁଲିପିଟିକୁ ଛପାଇବାକୁ ପ୍ରେସକୁ ଦେଲି । ନନାଙ୍କର ଭାଷାକୁ ରୂପାନ୍ତର କରିବାକୁ ଇଚ୍ଛା କରୁଥିଲି ; କିନ୍ତୁ ତାଙ୍କର ମୌଳିକ ଲେଖାକୁ ସଂଶୋଧନ କରିବାକୁ ମୋର ମନ ବଳିଲା ନାହିଁ । ମୂଳ ଲେଖାକୁ ଅବିକଳ ରଖି ସର୍ବସାଧାରଣରେ ଉପସ୍ଥାପିତ କରିବାକୁ ମନସ୍ଥ କଲି ।

ନନାଙ୍କର ମୃତ୍ୟୁ ୧୯୫୮ ସେପ୍ଟେମ୍ବର ମାସ ୨୧ ତାରିଖ । ଆଜକୁ ପ୍ରାୟ ୨୫ ବର୍ଷ ହେଲା ତରଙ୍ଗାୟିତ ଭାବରେ ନାନା ବାଧାବିଘ୍ନ ଘଟିବାରୁ ଏ ପର୍ଯ୍ୟନ୍ତ ଜଣେ ପ୍ରକାଶକ ଭାବରେ ମଧ୍ୟ ମୁଁ ପ୍ରକାଶ କରି ପାରି ନ ଥିବାରୁ ନନାଙ୍କ ନିକଟରେ ବିନମ୍ର ଭାବରେ କ୍ଷମା ଭିକ୍ଷା କରିବା ସଙ୍ଗେ ସଙ୍ଗେ ପାଠକମାନଙ୍କ ନିକଟରେ ମଧ୍ୟ କ୍ଷମାଭିକ୍ଷା କରୁଛି ।

Digitized by srujanika@gmail.com

ନନା ଚାରୋଟି ଦିନ ମୃତ୍ୟୁ ପୂର୍ବରୁ ବ୍ୟାଧିଗ୍ରସ୍ତ ଥିଲେ । ଉକ୍ତ ଚାରିଦିନ ମଧ୍ୟରେ ତାଙ୍କର ସେବା କରିବାକୁ ମୋର ପୂଜ୍ୟ ଭାଇନା ଶ୍ରୀ ପୁରୁଷୋତ୍ତମ ମହାପାତ୍ର ଏବଂ ଶ୍ରୀ ରାମଚନ୍ଦ୍ର ମିଶ୍ର ଯଥେଷ୍ଟ ସେବା କରିଥିବାରୁ ମୁଁ କୃତଜ୍ଞ । ତା' ଛଡ଼ା ମୋର କର୍ମଚାରୀ ଶ୍ରୀକର ବାରିକ ଏବଂ ବଂଶୀ ନାୟକ ମଧ୍ୟ ସାହାଯ୍ୟ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି ।

ନନାଙ୍କର ପ୍ରାୟ ୭୩ ବର୍ଷ ବୟସରେ ମୋର ଜନ୍ମ । ସେତେବେଳକୁ ସେ ଟିକିଏ ଅଫିମ ଖାଇବା ଆରମ୍ଭ କରିଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଚୁର ଭାବରେ ଦିନକୁ ଚାରିଥର ଅଫିମ ଖାଇବା ତାଙ୍କର ଅଭ୍ୟାସ ଥିଲା । ମୁଖ୍ୟତଃ ଦୁଧ ପିଇବା ତାଙ୍କର ପ୍ରତ୍ୟହ ଅଭ୍ୟାସଗତ ଥିଲା । ସେ ଥିଲେ ପରମ ଧାର୍ମିକ, ନ୍ୟାୟ ପରାୟଣ, ଅତିଥି ବତ୍ସଳ । ବାଣପୁର ଅଞ୍ଚଳରେ ଲୋକେ ଏ ପର୍ଯ୍ୟନ୍ତ ତାଙ୍କର ଉପକାର ଭୁଲି ପାରିନାହାନ୍ତି ।

ଶ୍ରୀଶ୍ରୀ ଅନନ୍ତ ସ୍ୱାମୀଦେବଙ୍କ ପୂଜା ଆରାଧନା ତାଙ୍କର ଦୈନନ୍ଦିନ କର୍ମ ଥିଲା । ଅନେକ ସମୟରେ ସେ ସ୍ୱାମୀଙ୍କ ସହିତ କଥାବାର୍ତ୍ତା କରୁଥିଲେ ବୋଲି ତାଙ୍କର ଜଣେ ବିଶ୍ୱସ୍ତ ବନ୍ଧୁ ବାଇଧର ତ୍ରିପାଠୀ ମୋତେ ବହୁ ସମୟରେ ସଚେତନ କରାଉଥିଲେ । ନନା ମୃତ୍ୟୁ ପର୍ଯ୍ୟନ୍ତ ବାଇଧର ଭାଇନାଙ୍କ ପରାମର୍ଶ ଗ୍ରହଣ କରି ଆସୁଥିଲେ ।

୧୯୫୦ ମସିହାରୁ ନିରବଚ୍ଛିନ୍ନ ଭାବରେ ସାତୋଟି ବର୍ଷ ନନା ମୋ ନିକଟରେ ରହିବାରୁ ମୁଁ ଏବଂ ମୋର ଧର୍ମପତ୍ନୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ତାଙ୍କର ସେବା କରିବାର ସୁଯୋଗ ଓ ସୁବିଧା ଲାଭ କରିଥିଲୁ । ନନା ମୋ ନିମନ୍ତେ ଧନବଳ ରଖି ଯାଇ ନ ଥିଲେ ମଧ୍ୟ ସାଇତି ଦେଇ ଯାଇଥିଲେ ତାଙ୍କର ଧର୍ମବଳ, ଯାହାକୁ ଆଜି ମୁଁ ସପରିବାରେ ଉପଭୋଗ କରିଆସୁଛି । ପ୍ରକୃତରେ ଜନ୍ମଦାତା ପିତାମାତା ପୁତ୍ରର ପରମପୂଜ୍ୟ ଦେବତା । ମଣିଷ ଯାହାଙ୍କ ଆଶୀର୍ବାଦରୁ ଚିରକାଳ—ସୁଖ ଓ ଶାନ୍ତି ଉପଭୋଗ କରିପାରିବ । ବର୍ତ୍ତମାନ ମୁଁ ଛଅଟି ପୁତ୍ର ଏବଂ ଚାରୋଟି କନ୍ୟାର ଜନ୍ମଦାତା । ପ୍ରଭୁଙ୍କ ଅପାର କରୁଣାରୁ ଏବଂ ନନାଙ୍କର ପରମ ସନ୍ତୋଷରୁ ମୋର ପିଲାଗୁଡ଼ିକ "ସର୍ବେ ଯୁକ୍ତ ବିଶାରଦା" ।

ହେ ପୁରୁଷୋତ୍ତମ ; ହେ ନୀଳାଚଳ ପତି ; ହେ ଜଗତର ନାଥ ; ମୋର ପୂଜ୍ୟ ପିତା ଚିରକାଳ ପାଇଁ ବୈକୁଣ୍ଠରେ ରହି ଏ ପରିବାରକୁ ଆଶୀର୍ବାଦ କରୁଥାନ୍ତୁ ; ଏତିକି ମୋର ଶେଷ ଭିକ୍ଷା ।

ସୁନିଅଁ—ଏକାଦଶୀ ୧୯୮୨

ବିନୀତ

ଅନନ୍ତ

Digitized by srujanika@gmail.com

ମୋ ନନା

ବଂଶ ପରିଚୟ

ମହାମାନବ ମହାତ୍ମା ଗାନ୍ଧି କହିଥିଲେ ପରମେଶ୍ୱରଙ୍କ ଇଚ୍ଛା ନ ହେଲେ ଦୁବପତ୍ର ମଧ୍ୟ ହଲିବନାହିଁ । ସେଇ ଈଶ୍ୱରଙ୍କର ଜୟ ହେଉ । ମୋର ପଞ୍ଚାଅଶୀବର୍ଷ ଜୀବନରେ ସବୁ କ୍ଷେତ୍ରରେ ମୁଁ ଈଶ୍ୱରଙ୍କର ଶକ୍ତିମତ୍ତାକୁ ଅନୁଭବ କରିଛି । ମୁଁ ମୋର ଜୀବନ କାହାଣୀ ଲେଖିବାକୁ ଯାଉନାହିଁ, ଈଶ୍ୱରଙ୍କର ଲୀଳା ଗାନକରିବାକୁ ଯାଉଛି ; କାରଣ ମୋର ଜୀବନକାଳର ପ୍ରତ୍ୟେକ ପଦରେ ଈଶ୍ୱରଙ୍କ ଆଶୀର୍ବାଦ ପୁଷ୍ଟ, ମୋର ନିଜ ବିଶ୍ୱାସରେ କିଛି କରିବା ପୂର୍ବରୁ ମୁଁ ମୋର ବଂଶ ବିଷୟରେ କିଛି କହିରଖେ ।

ମୋର ନାମ କପିଳେଶ୍ୱର ମିଶ୍ର । ଘର ନରହରିପୁର ଶାସନ ଖ୍ୟାମପୁର-ବାଣପୁର — ଖୋର୍ଦ୍ଧା ଅନ୍ତର୍ଗତ, ଜିଲ୍ଲା-ପୁରୀ । ଆମର ବହୁତ ଦିନର ପୁରୁଣା ଘର । ଖଣ୍ଡାୟତ ରଜାଙ୍କ ଗୁରୁ ଆମେ । ସେଇ ରଜା ବାଣପୁରରେ ବ୍ରାହ୍ମଣ ଶାସନ ସବୁ ବସାଇଥିଲେ । ମା' ଭଗବତୀ ଓ ଦକ୍ଷେଶ୍ୱରଙ୍କର ଝିଞ୍ଜାବାଡ଼ି ଖଞ୍ଜିଥିଲେ । ଆମକୁ ଗୁରୁ ଦକ୍ଷିଣା ଭାବରେ ମଙ୍ଗଳପୁର ଗ୍ରାମ ଅଠରୁଣିଶ ବାଟି ଜମି ଦେଇଥିଲେ । ତା'ଛଡ଼ା ନରହରିପୁର ଶାସନରେ ଆଠବାଟି ଜମି ମଧ୍ୟ ଦାନ କରିଥିଲେ । ସେଇ ରଜାଙ୍କ ଗଡ଼ ଥିଲା ମାଳାଦ୍ରି ପ୍ରସାଦ । ଦିନେ ସେଇ ରଜା ଶୋଲରୀ ପର୍ବତକୁ ଶିକାର କରିବା ନିମନ୍ତେ ଯାଇଥିଲେ । ପରିଚର ଲୋକ ତାଙ୍କୁ କହିଲେ, ପର୍ବତ ଉପରେ ଜଣେ ଋଷି ଅଛନ୍ତି । ରଜା ସେଠାକୁ ବିଜେ କଲେ ।

ସେ ଦେଖିଲେ ଶୋଲରୀ ପର୍ବତ ଉପରେ ଜଣେ ଋଷି ଆଶ୍ରମ କରି ରହିଅଛନ୍ତି । ସେଠାରେ ଗୋଟିଏ ଶାମୁକା ପୋଖରୀ ଅଛି । ତାହା ତଟରେ ଜଣେ ଋଷି ପଥର ଉପରେ ପୂର୍ବକୁ ମୁହଁକରି

Digitized by srujanika@gmail.com

ଯୋଗଧ୍ୟାନରେ ବସିଛନ୍ତି । ରାଜା ତାଙ୍କୁ ଦେଖିବା ମତେ ସେଠାରେ ସାଷ୍ଟାଙ୍ଗ ପ୍ରଣାମକରି ବଡ଼ୁ ସମସ୍ତ ବିନମ୍ର ନିବେଦନ କଲେ । ଏକ ପ୍ରହର ପରେ ଋଷି ଆଖି ଫିଟାଇ ପଚାରିଲେ—

'କିଏ ?'

ରାଜା କହିଲେ, "ମୁଁ ଏଇ ଦେଶର ରାଜା ।"

"କଣ ଚାହୁଁଛୁ !"

ରାଜା କହିଲେ, "ଆପଣଙ୍କ ଆଶୀର୍ବାଦରୁ ମୋର କିଛି ହେଲେ ଅଭାବ ନାହିଁ ; କିନ୍ତୁ ଆପଣ ଏଠାରେ ଏକାକୀ ରହିଛନ୍ତି । ଏଠାରେ ବହୁତ ଦୁଷ୍ଟ ହିଂସ୍ର ଜୀବଜନ୍ତୁ ଅଛନ୍ତି । ଆପଣଙ୍କ ଜୀବନ ସର୍ବଦା ବିପଦ-ସଙ୍କୁଳ ହୋଇଥିବ । ଏଣୁ ଆପଣ ମୋ ସହିତ ମୋର ରାଜଧାନୀକୁ ବିଜେକରନ୍ତୁ ।

ତପସ୍ୱୀ କହିଲେ, ମୋର ଯେଉଁରୂପେ ଭବ ଜୀବଜନ୍ତୁଙ୍କର ମଧ୍ୟ ସେଇପରି ଭବ । ବୁଝିଲେ ସେମାନେ ମୋର ସାଙ୍ଗ । ସେମାନେ ମୋର କିଛି କ୍ଷତି କରୁନାହାନ୍ତି କି କରିବେ ବୋଲି ମୋର ବିଶ୍ୱାସ ମଧ୍ୟ ନାହିଁ ।

ରାଜା କହିଲେ, ସତ୍ୟ, ତଥାପି ଏକାକୀ ରହିବା ନିରାପଦ ନୁହେଁ । ଆପଣ ମୋ ରାଜ୍ୟରେ ଯେଉଁଠାରେ ମଠ-ଆଶ୍ରମ କରି ରହିବାକୁ ଇଚ୍ଛାକରିବେ, ମୁଁ କରାଇଦେବି । ବହୁତ ଜମିବାଡ଼ି ଖଞ୍ଜା କରିଦେବି । ତା'ପରେ ଆମର ଚକ୍ରବର୍ତ୍ତୀ ପୁରୀ ମୁକୁନ୍ଦ ଦେବଙ୍କୁ କହି ପୁରୀରେ ମଠ କରାଇଦେବି । ଆପଣ ଏଠାରେ ରହିଲେ ଆପଣଙ୍କର ଅମଙ୍ଗଳର ଆଶଙ୍କା ଅଛି—କିନ୍ତୁ ମଠ କରି ରହିଲେ ଆପଣଙ୍କ ମହିମା ପ୍ରକାଶ ପାଇବ—ମୋର ରାଜ୍ୟର ସୁନାମ ହେବ । ମୋର ପ୍ରଜା ଆପଣଙ୍କ ସତ୍ ଉପଦେଶ ପାଇ ଉପକୃତ ହେବେ । ଆପଣଙ୍କ ଯଶୋଗାନ କରିବେ । ଏଣୁ ବିଜେ କରିବାକୁ ଆଜ୍ଞା ହେଉ ।

ଋଷି ମଉନ ରହିଲେ । ରାଜା ସଙ୍ଗେ ସଙ୍ଗେ ତାଙ୍କୁ ନେବାପାଇଁ ସବାରୀ ବେହେରା ବରାଦ କଲେ । ଋଷି ବିଜେକଲେ । ତାଙ୍କର ନାମ—ବଲ୍‌କଲ ଭୂଷଣ ଶ୍ରୀ ଶ୍ରୀ ରାମାନୁଜ ଦାସ ।

Digitized by srujanika@gmail.com

ଶୋଳଶ ଉପରୁ ସବାଶ ଆସି ଖ୍ୟାମପୁର ଗ୍ରାମରେ ପହଞ୍ଚିଲ । ସେଠାରେ ପୂଜା, ଆରାଧନା, ସନ୍ଧ୍ୟା, ତପସ୍ୟା କରିବାକୁ ଋଷିଙ୍କର ଘର ରହଣୀ ହେଲା । ସକାଳୁ ଋଷି ଆଉ ସବାଶଙ୍କୁ ଖଜେ ହେଲେ-ନାହିଁ । ଏଇ ଜଙ୍ଗଲ ନିକଟସ୍ଥ ଶାନ୍ତପୂର୍ଣ୍ଣ ସ୍ଥାନଟିକୁ ଆଶ୍ରମ-ମଠ କରିବାକୁ ରାଜାଙ୍କୁ କହିଲେ ।

ରାଜା ତପସ୍ୱୀଙ୍କ ଇଚ୍ଛା ଅନୁସାରେ ସେଇଠି ମଠ ତିଆରି କରାଇଦେଲେ । ମଠ ନିକଟରେ ଥିବା ପଡ଼ିଆ ପଦର, ବଗିଚ୍ଚ, ଜମି ସବୁ ମଠ ନିମନ୍ତେ ଖଞ୍ଜା କରାଇଦେଲେ ।

ମଠ ସ୍ଥାପନବେଳକୁ ଭୀମପୁର ଗ୍ରାମରେ ଜନ ବସତି ଅଳ୍ପ ଥିଲ କହିଲେ ଚଳେ । ସନ୍ୟାସୀ ମଠ ସ୍ଥାପନକରିବା ସ୍ଥାନ ଆଗରେ ଅଖାଡ଼ ଜଙ୍ଗଲ ଥିଲ । ଦିନେ ସନ୍ନ୍ୟାସୀ ଦେବାତ୍ ସେଠାରେ ଶମ୍ଭୁ ଲିଙ୍ଗ ଦେଖିଲେ । ତାଙ୍କର ନାମ ଦେଲେ ଝଂଡେଶ୍ୱର । ସନ୍ନ୍ୟାସୀ ଏ ଗ୍ରାମର ନାମ ଦେଲେ ଖ୍ୟାମପୁର । ସାମନ୍ତରାୟପୁର ଶାସନ ଓ ନରହରପୁର ଶାସନ ଦୁଇଟି ଥିଲ । ତା'ଛଡ଼ା ଅନ୍ୟାନ୍ୟ ଲୋକଙ୍କ ଘର ଅଳ୍ପ ଥିଲ ।

ନରହରପୁରର ଆମର ଉପର ବଂଶରେ ନରହରି ପଣ୍ଡିତ ବୋଲି ଜଣେ ପ୍ରଧାନ ପଣ୍ଡିତ ଥିଲେ । ସେ ଥରେ ଯାଗ କରିଥିଲେ । ତାଙ୍କର ଧର୍ମପତ୍ନୀ ମୁନା ଦେବୀ ଜଣେ ସତୀ ଥିଲେ । ସେ ସତୀ ଯାଇଥିଲେ ; ଅର୍ଥାତ୍ ସ୍ୱାମୀଙ୍କ ଚିତାଗ୍ନିରେ ପତ୍ନୀ ଶରୀର ଉତ୍ସର୍ଗ କରିଥିଲେ । ଆମ ବାଡ଼ମଝି ଆଖୁମୁଣ୍ଡା କିଆଁଶାନରେ ଈଶାନ୍ୟ କୋଣରେ ଆଜ ପର୍ଯ୍ୟନ୍ତ ସତୀ ଚଉରା ଥିଲ । ବର୍ତ୍ତମାନ କାଳଚକ୍ରର ଗର୍ଭରେ ସବୁ ଲୋପ ପାଇଯାଇଛି ।

ଆମ ପୂର୍ବବଂଶ ଝଣ୍ଡାପୁର ରାଜାଙ୍କ ରାଜଗୁରୁ ଥିଲେ । ସେ ରାଜା ନିଃସନ୍ତାନ ହେବାରୁ ତାଙ୍କ ପରେ ବାଣପୁରରେ ପାରିକୁଦ ରାଜା ରାଜତ୍ୱ କଲେ । ସେ ମଧ୍ୟ ଆମରିବଂଶକୁ ଗୁରୁ କଲେ ।

ତା'ପରେ ପାରିକୁଦ ରାଜାଙ୍କୁ ପାରିକୁଦରେ ରଖାଇ ବାଣପୁରକୁ ଖୋର୍ଦ୍ଧା ଅଣୀ କୋଣରେ ପୁରୀ ମହାରାଜା ନିର୍ଣ୍ଣୟ କଲେ । ପାରିକୁଦ ଓ ମାଳୁଦ ଚଉଦକୋଶ ଯାପୁଗିଣ ଘରକୁ ନେଲେ । ପାରିକୁଦକୁ ଗୁରୁବାଇ ସାତକୋଶ ଦେଲେ । ତା'ପରେ ପାରିକୁଦର ରାଜା ନିଜ

Digitized by srujanika@gmail.com

ଗଡକୁ ନୃସିଂହ ପ୍ରସାଦ ନାମ ଦେଲେ । ଉଆସ କରି ରହିବାର କିଛି ଦିନ ପରେ ଦିନେ ରାଜା ପକ୍ଷୀ ଶିକାର କରିବାକୁ ଯାଇଥିଲେ । ସେଠାରେ ଦେଖିଲେ ଗୋଟାଏ କାବତା ପକ୍ଷୀ ବାଜପକ୍ଷୀକୁ ମାଡ଼ିବସିଛି । ରାଜା ଏହା ଦେଖି ବଡ଼ ଆଶ୍ଚର୍ଯ୍ୟ ହୋଇ କହିଲେ, ଏଇ ଜାଗାଟା ନିଶ୍ଚୟ ଉଠିଆ ଜାଗା । ଆମେ ଏଠାରେ ଗଡ଼ କରିବା । ଏମନ୍ତ ବିଚାରକରି ରାଜା ସେଠାରେ ଗଡ଼ ଉଆସ ତିଆରିକରି ତାହାର ନାମ 'କୃଷ୍ଣ ପ୍ରସାଦ' ଦେଲେ ବୋଲି ଜନଶ୍ରୁତି ଅଛି ।

ସେଇ ପାରିକୁଦ ରାଜା ଆମ ବଂଶରୁ ଜଣକୁ ଗୁରୁ କରି-ନେଲେ । ତାଙ୍କ ନାମ ଗଣେଶ ରାଜଗୁରୁ । ସେ ମଞ୍ଜୁସା ବୋଲି ଶାସନ ବସାଇ ତାକୁ ରାଜଗୁରୁଙ୍କୁ ଦାନ ଦେଲେ । ବର୍ତ୍ତମାନ ସେ ଶାସନ ଅଛି ଓ ସେମାନେ ରାଜକାର୍ଯ୍ୟ କରୁଛନ୍ତି ।

ଆମ୍ଭଙ୍କୁ ମହାରାଜା ଦେଇଥିବା ସମ୍ପତ୍ତିକୁ ଦଶ ଭାଗରେ ବଣ୍ଟନ କଲେ । ଦାଶରଥି ମିଶ୍ର, ଶିବ ମିଶ୍ର, ଗୋବିନ୍ଦ ମିଶ୍ର, ରଘୁମଣି ମିଶ୍ର ଓ ବୈରାଗୀ ମିଶ୍ର ଏମାନେ ଅଚ୍ୟୁତ ରାଜପୁରରେ ଘର କରି ରହିଲେ । ନରହରିପୁରରେ ରହିଲେ ହାଡୁ ବ୍ରହ୍ମା, ଖାଡୁ ପାଟଯୋଷୀ, ନୀଳକଣ୍ଠ ମିଶ୍ର, ହରିହର ମିଶ୍ର ଓ ଗଜ ମିଶ୍ର । ବର୍ତ୍ତମାନ ସେମାନଙ୍କ ପୁଅ ପୋଈଥାନ୍ତି ଅଛନ୍ତି ।

ଦାଶରଥି ମିଶ୍ରଙ୍କ ଅଂଶରେ ଥିଲେ ବାଇଧର ମିଶ୍ର, ଗୋବିନ୍ଦ ମିଶ୍ର, ବାସୁଦେବ ମିଶ୍ର । ସମ୍ବଲପୁରରେ ରାଜାଙ୍କର ଗୁରୁ ଅଭାବରୁ ମହାରାଜା ବୈରାଗୀ ମିଶ୍ରଙ୍କୁ ସମ୍ବଲପୁର ପଠାଇଲେ । ସେମାନଙ୍କ ପୁଅ ପୋଈଥାନ୍ତି ଅଛନ୍ତି, ସେମାନେ ଗୁରୁ ବୋଲାଉଛନ୍ତି । ଗୋପୀ ଗୁରୁ ବୋଲି ଜଣେ ପ୍ରଧାନ ବ୍ୟକ୍ତି ଜନ୍ମ ହୋଇଥିଲେ ।

ନରହରିପୁର ଶାସନରେ ଗଜ ମିଶ୍ରଙ୍କ ବଂଶରେ ନୀଳକଣ୍ଠ ମିଶ୍ରଙ୍କର ଓ ଖାଡୁ ପାଟଯୋଷୀଙ୍କର ପୁଅ ନ ଥିବାରୁ ସେ ବଡ଼ଖେମୁଣ୍ଡି ସମାସିଂହ ଶାସନରୁ ଆମ ବଂଶଧର ବୋଲି ମଧୁସୂଦନ ମିଶ୍ରଙ୍କୁ ପୋଷ୍ୟପୁଅ କରିବାକୁ ଆଣିଲେ । ତାଙ୍କର ଗୋଟିଏ ନାତିର ନାମ ବିଶ୍ୱନାଥ ମିଶ୍ର ।

Digitized by srujanika@gmail.com

ବାଞ୍ଛୁ ବ୍ରହ୍ମାଙ୍କ ପୁତ୍ର ଭଗବାନ ମିଶ୍ର ବଡ଼ ଉଦାର ଥିଲେ । କୁଶଭଦ୍ର ଶାସନ ଫକୀର ମିଶ୍ର ଥିଲେ ସେ ଗ୍ରାମର ମକଦ୍ଦମ । ଅଭିଜାତ ଥିବା ବ୍ରାହ୍ମଣ—ଗୋପାଳପୁରିଆ କୌତ୍ସସ । ତାଙ୍କର ଦୁଇଟି ଝିଅ । ଗୋଟିଏ ଝିଅକୁ ଭଗବାନ ମିଶ୍ର ବିବାହ କଲେ । ସେ ସର୍ପଂଘା ବାଡ଼ିଆଡ଼େ ଥିବା ପୋଖରୀରେ ବୁଡ଼ିକରି ମରିଗଲେ । ପୁଣି ଭଗବାନ ମିଶ୍ର ଶାଳୀ କନ୍ୟାକୁ ବିବାହ କଲେ । ସେ କନ୍ୟା ବିବାହ ବର୍ଷେ ନ ପୂରୁଣୁ ମରିଗଲେ । ତେଣୁ ଫକୀର ମିଶ୍ର ଭାବିଲେ ବଡ଼ ଲୋକ ବୋଲି ଦୁଇଟି କନ୍ୟା ଦାନକଲି—ବଞ୍ଚି ରହିପାରିଲେ ନାହିଁ । ଏମନ୍ତ ଭାବନା କରି ତାଙ୍କ ଶାଳୀର ଝିଅକୁ ଆଣି ପୁଣି ଭଗବାନ ମିଶ୍ରଙ୍କୁ ବିବାହ ଦେଲେ । ତାଙ୍କଠାରୁ ଗୁରିଗୋଟି ଝିଅ ଜନ୍ମହେଲେ । ପୁତ୍ର ସନ୍ତାନ ନୋହିବାରୁ ବହୁତ ଚିନ୍ତାରେ ରହିଲେ । ସେତେବେଳକୁ ତାଙ୍କର ମହଲପୁରରେ ଧମଣି ଦୁଇବାଟି ଓ ନରହରିପୁରରେ ଦଶମାଣ ଭୂମିଥାଏ ।

ଭଗବାନ ମିଶ୍ରଙ୍କ ପଡ଼ଶା ମଧୁସୂଦନ ମିଶ୍ରଙ୍କର ତିନି ପୁଅ ହୋଇଥାନ୍ତି । ବାସୁଦେବ, ନାରାୟଣ ଓ ଦାମୋଦର । ସେ କହନ୍ତି, ଆମଠାରୁ ଗୋଟିଏ ପୁଅ ପୋଷ୍ୟପୁତ୍ର କରି ନିଅ । ଭଗବାନ ମିଶ୍ରଙ୍କ ସ୍ତ୍ରୀ ବୁଢ଼ୀ ବଡ଼ ଧର୍ମୀଥିଲେ । ସେ ବଡ଼ ଦୟାଳୁ । ଅତିଥି ତାଙ୍କ ଦ୍ୱାରକୁ ଆସିଲେ କେବେ ଫେରୁନଥିଲେ । ଘରେ ଖାଇବା ଭାତ ନ ଥିଲେ ବୁଢ଼ୀର ଖାଇବା ଭାତକୁ ଅତିଥିଙ୍କୁ ଦେଇ ନିଜେ ଉପବାସ ରହୁଥିଲେ । ଘରେ ଝିଅମାନେ ଆଉ ବୋହୂ ନ୍ତଜନ ବନ୍ଧୁଦେବୁ କହିଲେ ବୁଢ଼ୀ କହେ, ମୋର ଦେବା ଫଳ କଣ ରହିବ ? ସେଦିନ ଉପରବେଳା ପୁଣି କେହି ସନ୍ନ୍ୟାସୀ ଅଭ୍ୟାଗତ ଆସିଲେ ବୁଢ଼ୀର ମନରେ ଅଶେଷ ଆନନ୍ଦ ହୁଏ । ଅତିଥିକୁ କହିବ—ତୁ ରାତି ଦୁଇଦଣ୍ଡକୁ ଆସିଲେ ଖାଇବୁ । ବୁଢ଼ୀର ବୁକୁବ୍ୟଥା ବେମାର ଟିକିଏ ଥାଏ । ସେଦିନ ବୁଢ଼ୀ ମିଛରେ କହେ ମୋର ପେଟ ବୁକୁ ବଥାଉଛି । କେହି ଅତିଥି ଅଭ୍ୟାଗତ ଆସିଲେ, ମୋର ଖାଇବାତକ ତାକୁ ଦେବ । ଝିଅମାନେ ବିରକ୍ତରେ କହନ୍ତି, ସକାଳୁ ନ ଖାଇ ଉପବାସରେ ରହି ଅତିଥିକୁ ଦେଇ ପୁଣି ଉପରବେଳା ଉପବାସ ରହିବୁ ? ତା' ପରେ ରାତିରେ ସେଇ ଅତିଥି ଆସିଲେ, ସେତକ ଭାତ ତାଙ୍କୁ ଖାଇବାକୁ ଦେଇଦିଅନ୍ତି ।

Digitized by srujanika@gmail.com

ବୁଢ଼ୀର ବର୍ଷକରୁ ଛ'ମାସ ଉପବାସ । କାର୍ତ୍ତିକରେ ହବିଷ, ମାଘ ହବିଷ ଓ ବୈଶାଖ ମାସରେ ହବିଷ କରନ୍ତି । ପ୍ରତ୍ୟେକ ରବିନାରାୟଣ ବ୍ରତ କରନ୍ତି । ଶିବରାତ୍ରି, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ବୁଧେଇ ସୁଧେଇ ଓଷା, ଖୁଦୁରୁକୁଣୀ ଓଷା, ବାମନ ଜନ୍ମ, ରାଧାଷ୍ଟମୀ, ଋଷି ପଞ୍ଚମୀ ଇତ୍ୟାଦି ସବୁ ଓଷା, ବ୍ରତ ବଡ଼ ଶୁଚରେ କରନ୍ତି । ନିତ୍ୟ ପ୍ରାତଃସ୍ନାନ କରନ୍ତି । ମିଥ୍ୟା କହନ୍ତି ନାହିଁ । ଅତି ଉଦାସ ପ୍ରକୃତି । କିଛି ଜାଣନ୍ତିନାହିଁ । ପ୍ରତିଦିନ ସକାଳୁ ଉଠି ଫୁଲଗୁଡ଼ାଏ ତୋଳି ଯେଉଁଦିନେ ଯେଉଁ ଫଳ ମିଳିବ ତାକୁ ଧରି ପାଇକକଂସାରି ଗ୍ରାମ ନିକଟରେ କଂସାରି ନଈ ଦାଡ଼ରେ କପିଳେଶ୍ୱର ମହାଦେବଙ୍କୁ ଲାଗି କରନ୍ତି । କପିଳେଶ୍ୱର ମହାଦେବଙ୍କର ତିନିବାଟି ଜମି ଖଞ୍ଜା ଅଛି । ତାଙ୍କୁ ଲୋକେ ବୁଢ଼ା କପିଳେଶ୍ୱର ଦେବ ବୋଲି କହନ୍ତି । ବୁଢ଼ା ଭଗବାନ ମିଶ୍ରେ ସବୁଦିନେ ସେଠାକୁ ଯାନ୍ତି । ସେଠାରେ ବହୁତ ଲୋକ ଗୁହାରିଆ ପଡ଼ନ୍ତି । ଗୁହାରିଆଙ୍କ ସକାଶେ ମିଶ୍ରେ ଭଲ ପଇଡ଼ ନେଇଥାନ୍ତି । ତାକୁ ପୂଜାକରି ଗୁହାରିଆମାନଙ୍କ ପାଖରେ ଥୋଇଦେଇ ଆସନ୍ତି । ଠାକୁରଙ୍କ ମନ୍ଦିର ନଈ ସେପାରିରେ । ଯେଉଁଦିନ ବର୍ଷା ଯୋଗୁଁ ନଈ ବଢ଼ି ହୁଏ, ସେଦିନ ନଈକୂଳରେ ସବୁତକ ଫୁଲଫଳ ଥୋଇ ପୂଜା କରିସାରି ସବୁଭୋଗ ପାଣିକି ପକାଇଦେଇ ଆସନ୍ତି ।

ଭଗବାନ ମିଶ୍ର ଜଣେ ଉଚ୍ଚାର ମଣିଷ । ପ୍ରାୟ ପାଞ୍ଚ ହାତ ଉଚ୍ଚ । ଦିନକୁ ପ୍ରାୟ ଦୁଇ ସେର ଚାଉଳ ଏବଂ ରାତିକି ଗୋଟେ ନଡ଼ିଆ, ଗୁଡ଼େ ମୁଢ଼ି ମିଶାଇ ଖାଆନ୍ତି । ବୁଢ଼ୀ ବଡ଼ ପତିବ୍ରତା । ବୁଢ଼ାଙ୍କୁ ଅତି ଯତ୍ନରେ ପାଳିଥାନ୍ତି । ବୁଢ଼ା ଦାଣ୍ଡରୁ ପଇସାକର ଜିନିଷ କିଣି ଆଣି ପାରନ୍ତିନାହିଁ । ଘର କିମିତି ଚଳେ ବୁଢ଼ା କିଛି ଜାଣନ୍ତିନାହିଁ ।

୧୨୭୨ ସାଲରେ ଓଡ଼ିଶାରେ ମହା ଦୁର୍ଭିକ୍ଷ ପଡ଼ିଲା । ଆମ ପଡ଼ିଶା ଘର ମଧୁସୂଦନ ମିଶ୍ରଙ୍କ ଭଉଣୀ ମାଗିନାମା ବୋଲି ଜଣେ ନାମା ଥାନ୍ତି । ତାଙ୍କ ଘର ଆଠଗଡ଼ ଲାଟୁଲା ଶାସନରେ । ତାଙ୍କ ସାଥିରେ ଗୋଟି ମା' ଛେଉଣ୍ଡ ଚାରୀ ଝିଅପିଲା ଆସିଥିଲା । ସେହି ଝିଅପିଲାଟି ଆସି ମଧୁ ମିଶ୍ରଙ୍କ ଘରେ ରହିଲା । କିଛି ଦିନ ପରେ ଝିଅଟି ଭଗବାନ ମିଶ୍ରଙ୍କ ଘରକୁ ବାହାରି ଆସିଥିଲା । ଝିଅଟି ବଡ଼ଲୁକ୍

Digitized by srujanika@gmail.com

ସେ ସବୁ କାମ କରିପାରେ, ମାତ୍ର ହଳ ଧରି ପାରେନାହିଁ । ବାକି ସବୁ କାମ କରେ । ଧାନ କଟା, ନଡ଼ା କଟା, ସେଣାବୁହା, କୋଡ଼ହଣା, ହଳ ବଗ୍ଧା, ଚଳଉପୁଡ଼ା ଇତ୍ୟାଦି କରେ । ମୂଲିଆଙ୍କ ସଙ୍ଗେ ବଡ଼ ବଣକୁ ଯାଇ କାଠ ମଧ୍ୟ ଆଣେ । ଗାଁ ନିକଟରେ ଥିବା ବଣରୁ ଚୋଳା କାଢ଼ିକରି ବଳଦ ଲଗାଇ କାଠ ଆଣେ । ମାଳକୁ ଯାଇ ବେପାର କରେ । ଗାଁର ତନ୍ତୀ ନିକଟରୁ ଲୁଗାନେଇ ମାଳରେ ବିକେ । ମାଳରୁ ବାଇଗଣ ଆଣି ଗାଁରେ ଟଙ୍କାରେ ଦୁ' ଅଣା ଲଭରେ ବିକ୍ରୀକରେ । ସେ ବୁଢ଼ା ବୁଢ଼ୀଙ୍କର ସବୁ କାମ କରେ—ତାଙ୍କୁ ଝିଅନା ଭାଉଜ ଡାକେ । ଏଇପରି କରି ସେ ଲାଭରେ ଶହେଟଙ୍କା ରଖିଥିଲା । ସେଥିରେ ଭଲ ଜମି ଖଣ୍ଡେ କିଣିଲା । ସେ କାଳରେ ଧାନ ଦର ଥିଲା ଭରଣକୁ ଗୁରି ଟଙ୍କା । ଆଜିକାଲି ସେଇ ଜମି ହଜାରେ ଟଙ୍କାରୁ ବେଶି ହେବ ।

ସେ କାଳରେ କାଗଜ ପତ୍ର ନ ଥାଏ । ଜମିବାଡ଼ି କିଣିଲେ ରେଜେଷ୍ଟ୍ରି କରୁ ନ ଥାନ୍ତି । ଭଦ୍ରଲୋକ ଥାଇ ତାଳପତ୍ରରେ ବିକିଲା ଲୋକର ନାଁ, ବାପ ନାଁ, ଜାତି ଲେଖି କିଣିଲାବାଲାର ସେମିତି ସେଇ ତାଳପତ୍ରରେ ସବୁ ଲେଖା ହୁଏ । ସେ ଦିନ ଚନ୍ଦ୍ରଆଣୀ କହିଲା, ଜମିର ହସ୍ତପତ୍ର ଭାଇନାଙ୍କ ନାମରେ ହେବ । ଭଦ୍ରଲୋକ କହିଲେ, ଆଲୋ ବାପୁଣି, ତୁ ଜାଣିପାରୁନାହୁଁ, ଜମି ତୋର, ତୁ ତୋର ନାଁରେ ଲେଖାପଢ଼ା କର, ନଇଲେ ତୋର ବୁଢ଼ୀ ବୟସରେ ଖାଇବୁ କ'ଣ ? ଶୀତ କାଳରେ ନିଆଁ ସୁଖ ଲାଗେ—ଖରାଦିନେ ଝରାପ ଲାଗେ । ଏବେ ସିନା ତୋର ବଳ ବୟସ ଅଛି—ସେତେବେଳେ ଭାଇନା ମନା କଲେ କଣ କରିବୁ ।"

ଚନ୍ଦ୍ରଆଣୀ କହିଲା, 'ମୋର ବୁଢ଼ୀ ବୟସକୁ ଯେବେ ଘରୁ ବାହାର କରି ଦିଅନ୍ତି, ତେବେ ମୋର ବହୁତ ଧର୍ମ ହେବ । ମୋର ଝାଳ ପୋଛୁ ମାଲ । ମୁଣ୍ଡ ଝାଳ ଭୁଣ୍ଡରେ ମାରି ଅରଜିଛି । ବ୍ରାହ୍ମଣକୁ ଦାନ କରିଦେଉଛି । ଆପଣମାନେ ମୋର ଭଲ କହୁଛନ୍ତି, ମାତ୍ର ମୁଁ ସେ ଆଶା ରଖିନାହିଁ । ଶେଷରେ ମୋର ନାରେ ଜମି ହସ୍ତପତ୍ର ହେଲା ।

Digitized by srujanika@gmail.com

ଭଗବାନ ମିଶ୍ରଙ୍କର ଗୋଟିଏ ଝିଅ ରଣପୁରର ଶାରଙ୍ଗଧର ପୁର ଶାସନରେ ବିବାହ କରିଥାଏ । ଆଉ ଗୋଟିଏ ଝିଅ କୁମାରଙ୍ଗ ଶାସନରେ ବିବାହ କରିଥାଏ । ଝିଅମାନେ ଚନ୍ଦ୍ରଆଣୀକୁ ଦେଖି ବୋଉ ଡାକନ୍ତି । ଝିଅମାନେ ମନେକରନ୍ତି ଏଇ ଆମର ମା' । ଚନ୍ଦ୍ରଆଣୀ ଭଲ ଘର ଉପର ଜାଣେ—ତେଣୁ ସେ ଝିଅମାନଙ୍କ ଘରକୁ ଯାଇ ଘର ଉପର କରି ଦିଏ ।

ଚନ୍ଦ୍ରଆଣୀ ଝିଅମାନଙ୍କ ଘରକୁ ଗଲେ ଜୋଇଁମାନଙ୍କୁ ମାନ୍ୟ କରେ । ତାଙ୍କ ବାପାଙ୍କୁ ସମ୍ବନ୍ଧୀ ଡାକେ । ବୋଉଙ୍କୁ ସମ୍ବନ୍ଧୁଣୀ କହେ । ଥଟ୍ଟା ପରିହାସ ମଧ୍ୟ କରେ । ସବୁ କଥାରେ ସେ ମୋ ଝିଅ, ମୋ ଘର, ମୋ ସମ୍ବନ୍ଧୀ ସମ୍ବନ୍ଧୁଣୀ ବୋଲି କହେ । ଘରେ ଭାତ ଖାଏ-ନାହିଁ—ସମସ୍ତେ ଭାତ ଖାଇଲେ ସେ ମାଣ୍ଡିଆ ଯାଉ ଖାଏ । ପୁଣ୍ୟ ଦିନ ହେଲେ ସେ ପିଠାପଣା ବଳକା ହେଲେ ଖାଏ ।

ସେ କାଳରେ ପାଦରେ ଚାଲି ଚାଲି କିମ୍ବା ବଳଦ ଗାଡ଼ିରେ ବୁଲି ତୀର୍ଥ କରୁଥିଲେ । ଚନ୍ଦ୍ରଆଣୀ ପାଦରେ ଚାଲି ଚାଲି ଗଂଗା ସ୍ନାନ ଏବଂ ଗୋଦାବରୀ ସ୍ନାନ କରିବାକୁ ଯାଇଥିଲା—ତା' ସାଙ୍ଗରେ ଲୋକମାନେ ତୀର୍ଥକୁ ଯାଇଥାନ୍ତି, ତାକୁ ବହୁତ ପ୍ରଶଂସା କରନ୍ତି । ସେତେବେଳେ ମୂଲିଆଙ୍କ ମଜୁରି ଦିନକୁ ଚାରି ପଇସା ଥାଏ, କିନ୍ତୁ ଚନ୍ଦ୍ରଆଣୀ ଚକି ଭାଙ୍ଗିବାକୁ ଗଲେ ତାକୁ ଲୋକେ ଦେଢ଼ା ମୂଲ ଦିଅନ୍ତି । ସେଇ ପଇସା ଆଣି ସେ ଆମ ଘର ଖରଚ କରେ ଏବଂ ତାର ଶକ୍ତି ଅନୁସାରେ ଦାନ ଧର୍ମ ମଧ୍ୟ କରେ । ଘରେ ଗାଈର ଅଣ୍ଡିରା ବାଛୁରୀ ଗୁଡ଼ିକ ବିକ୍ରୀ କରି ଘରର ହାନି ଲାଭ ବୁଝେ । କେହି ତାକୁ କେବେ କିଛି ପଚାରିବାକୁ ସାହସ କରନ୍ତିନାହିଁ । ଏଇପରି ଭାବରେ ସେ ଘର ଚଳଉ ଥାଏ ।

କିଛି ଦିନ ପରେ ବୁଢ଼ା ବୁଢ଼ୀଙ୍କର ପୁଅଟିଏ କରିବାକୁ ଇଚ୍ଛା ହେଲା । କୃଷ୍ଣଚନ୍ଦ୍ର ଶର୍ମାଙ୍କର ଦୁଇଟି ପୁଅ ଥାନ୍ତି । ଗୋଟିକୁ ନଅବର୍ଷ ଅନ୍ୟଟିକୁ ସାତ ବର୍ଷ । ଫକୀର ମିଶ୍ରଙ୍କର ନାତି ଜଗନ୍ନାଥକୁ ଆଣିଲେ ହୁଅନ୍ତା—କିନ୍ତୁ ବୁଢ଼ୀକୁ ସେ ନାନୀ ବୋଲି ଡାକେ । ଏତେ ବଡ଼ ପିଲା ପୁଅ କରିବା ଉଚିତ ନୁହେଁ । ସେତେବେ ପୋଷ୍ୟପୁତ୍ର କରିବା

Digitized by srujanika@gmail.com

ପିଲାକୁ ଛମାସଠାରୁ ବରଷେ ହୋଇଥିବ କରିବା ନଇଲେ ସାନ ଝିଅକୁ ବିଭା କରି ଘର ଜ୍ୱାଇଁ କରି ରଖିବା । ପୁଣି ବୁଢ଼ା କହିଲେ, ସେଇ ଝିଅ ଜୋଇଁ ସବୁ ଖାଇବେ—ଅନ୍ୟକୁ ପଚାରିବେ ନାହିଁ । ପଡ଼ିଶା ଘର ମଧୁସୂଦନ ମିଶ୍ର ତାଙ୍କ ପୁଅକୁ ଯାଚୁଛନ୍ତି ବୋଲି ବୁଢ଼ା କହିଲେ । ମାତ୍ର ବୁଢ଼ୀ କହିଲେ, କାଳର ଘରଟିଏ କରିବା ନାହିଁକି । ପିଲାର ଜୀବନ କୁମ୍ଭାର ଚକରେ ହାଣ୍ଡି ମାଟିଆ ତିଆରି କଲାପରି ତିଆରି କଲେ ହେବ ; କିନ୍ତୁ ପଡ଼ିଶାଘର ପିଲାକୁ ତିଆରି କରି କହିଲେ ସେ ତାଙ୍କ ଘରକୁ ପଳାଇବ । ମୋତେ ମାଇଲେ ବୋଲି କହିବ—ବୋଉ ବୋଲି ନ ଡାକି ଦେଢ଼ଠେଇ ବୋଲି ଡାକିବ । ତାଙ୍କର ପଡ଼ିଶା ଘର । ତେଣୁ ତାର ଆଶା ସ୍ନେହ କେବେ ହେଲେ ଜନମ କଲା ଘରୁ ଛାଡ଼ିବ ନାହିଁ ଏବଂ ଆମକୁ ଆଦର ନାହିଁବା । ଅତ୍ୟନ୍ତ ରାଜପୁରରେ ଆମର ବଂଶିକ ଅଛନ୍ତି । ଗୋବର୍ଦ୍ଧନର ସାନ ପୁଅଟିକୁ ଆଣିବା ।" ବୁଢ଼ା କହିଲେ, ଭଲ ହୁଅନ୍ତା—କିନ୍ତୁ ତାକୁ ସାତ ବରଷ ହେଲାଣି—ସେ ତୋତେ ଦେଢ଼ଠେଇ ଡାକିବ । ତା'ପରେ ଈଶ୍ୱର ଆମକୁ ଗୋଟିଏ ଝିଅ ଦେଲେ; ପୁଅଟିଏ ଦେଲେନ ହିଁ । ଆମେ ପୁଅ ଜନ୍ମ କଲେନାହିଁ କି ତାକୁ ପାଳନ କଲେନାହିଁ; ତେଣୁ ସେ ଆମକୁ ଆଉବ ନାହିଁ —କେବଳ ଆମ ସମ୍ପତ୍ତିକୁ ଖାଇବ—ତାହା କରିବା ନାହିଁ । ଛ'ମାସରୁ ବରଷକ ପିଲା ମିଳିଲେ ପୋଷ୍ୟପୁତ୍ର କରିବା । ତାକୁ ଲାଳନ ପାଳନ କରିଲେ ସେ ପିଲା ଜାଣିବ ଏଇ ମୋର ମା' ବାପା—ନଇଲେ ସାନ ଝିଅକୁ ଘରଜ୍ୱାଇଁ କରି ରଖିବା ।" ସେତେବେଳକୁ ସାନ ଝିଅକୁ ଅଢ଼େଇବରଷ । ଆଉ ସାତବରସ ହେଇଁବା—ଏକଥା ବୁଢ଼ାବୁଢ଼ୀ ସ୍ଥିରକରି ରହିଲେ । ବୁଢ଼ୀ ବୁଢ଼ାଙ୍କୁ ଦେବତା ପରି ସେବା କରୁଥାଏ । ପ୍ରତିଦିନ ବୁଢ଼ାଙ୍କ ପାଦଧୋଇ ପାଣି ସେବା ନକଲେ କିଛି ଖାଏନାହିଁ । ଅତିଥି ଅଭ୍ୟାଗତ କରୁଥାଏ । ସେତେବେଳକୁ ବୁଢାଙ୍କର ବୋଉ ମଧ୍ୟ ଅଛନ୍ତି । ଶେଷକୁ ପାଞ୍ଚ ବରଷ ବୁଢ଼ୀ ବସି ରହିଲେ । ତାଙ୍କର ସେବା ଶୁଶ୍ରୂଷା ସବୁ କରନ୍ତି । ଶାଶୁ ବୁଢ଼ୀ ବାକରେ ଖାଆନ୍ତି—ଉପର ବେଳା ଚୁଡ଼ା ଜଳଖିଆ କରନ୍ତି ।

ଚନ୍ଦ୍ରଆଈ ଗୋଡ଼ିଏ ଗାଈ ରଖିଥାଏ । ଯୋଡ଼ିଏ ଧାନ ବଳଦ ଥାନ୍ତି । ଘରେ ପ୍ରତିଦିନ ଦୁ'ଅଡ଼ା ତୁମ୍ବେ କ୍ଷୀର ହୁଏ । ସେ କ୍ଷୀରକୁ ଦହି

Digitized by srujanika@gmail.com

କରନ୍ତି । ଲହୁଣୀ ମଣ୍ଡ ଘିଅ କରନ୍ତି-ଚହ୍ଲାକୁ ସମସ୍ତେ ଖାଆନ୍ତି । ସେତେବେଳେ ଘିଅ ଅଡ଼ାକୁ ସ୍ୱରଣା—ସେରକୁ ଆଠଅଣା, କେହି ଘିଅ କିଣାନ୍ତିନାହିଁ । ବୁଢ଼ୀ ଘିଅ ବିକିରା କରି ପ୍ରତିଦିନ ଚଉସମ୍ପୂଟେ ଦୀପ ବସାଇ ଜପ କରେ । କେବଳ କୂଳରକ୍ଷା ପାଇଁ ବହୁତ ବିନମ୍ର ପ୍ରାର୍ଥନା କରୁଥାଏ । ବୁଢ଼ା ପ୍ରତିଦିନ କପିଳେଶ୍ୱର ମହାଦେବଙ୍କୁ ସେବା ଆରାଧନା କରି କୂଳରକ୍ଷା ପାଇଁ ଜଣାଉଥାନ୍ତି । ଏଇପରି ପାଞ୍ଚ ସାତ ବରଷ ଗତ ହେଲା ।

ସନ ୧୨୮୩ ସାଲ ମିଥୁନ ମାସ ଏକ ଦିନ ରାତି ପ୍ରାୟ ଚାରି-ଘଡ଼ି ସମୟେ ବୁଢ଼ୀ ପ୍ରାତଃ ସ୍ନାନକୁ ବାହାରିଲେ, ଦେଖିଲେ ରାତି ଅଛି । ଫେରି ଆସି ବୁଢ଼ାଙ୍କ ଗୋଡ଼ତଳେ ବସିଲେ । କାନ୍ଥକୁ ଆଉଜି କରି ବୁଢ଼ୀଙ୍କୁ ନିଦ ଆକର୍ଷିଲା । ଏଇ ସମୟରେ ସପନ ହେଲା । ବୁଢ଼ୀ ଭାବିଲେ ଏ ତ ବଳଭଦ୍ର ନନ୍ଦଙ୍କ ମା' । ତାଙ୍କ ଗୋଡ଼ ଧୋଇଦେଇ ଲୁଗା କାନିରେ ପୋଛିଦେଲେ । ପଚାରିଲେ ମା' କୁଆଡ଼େ ଆସିଲ । ଆଜି ମୋ ଘର ପ୍ରତିଷ୍ଠା କରିଦେଲ ।

ସେ କହିଲେ, ମା' ତୁ ଯେବେ ଜଣାଇଲୁ ତୋ କୂଳରକ୍ଷା କରିବାକୁ । ଏଇଲାଗେ ତୋ କୂଳରକ୍ଷା ପାଇଁ ପୁଅଟିଏ ଜନ୍ମହେବ । ଆଜି ରଜ ସଂକ୍ରାନ୍ତି । ତିନି ଘଡ଼ି ରାତି ଥାଇ ଯାହାର ପୁଅ ଜନ୍ମ ହେବ ତୁ ମନେ ରଖିଥା । ସେ ତୋତେ ପୁଅଟି ଯାଚିକରି ଦେବ । ସେ ପିଲାକୁ ପ୍ରତିପାଳନ କରିବୁ, ତୋର କୂଳ ଉଜ୍ଜ୍ୱଳ ହେବ । ସେ ପିଲା ଚିରାୟୁ ହେବ ।

ଏଇ ସମୟରେ ବୁଢ଼ୀର ନିଦ ଭାଙ୍ଗିଗଲା । ଦେଖିଲା ବୁଢ଼ୀ ନାହିଁ । ରାତି ଶେଷ ହେଲାଣି । ବୁଢ଼ୀ ସପନ ବୋଲି ଭାବିଲା । ସଙ୍ଗେ ସଙ୍ଗେ ବୁଢ଼ାକୁ ଉଠାଇ ଏ ଚରିତ କହିଲା । ବୁଢ଼ା କହିଲେ ତୋର ପୁଅଟିଏ ନିମନ୍ତେ ସବୁବେଳେ ଧ୍ୟାନକରୁଛୁ । ସେଇ ହେତୁ ତୁ ଏପରି ସପନ ଦେଖିଲୁ ।

ପାଞ୍ଚଦିନ ପରେ ମୋର ଜନ୍ମକାଳ ନନା ଆସି କହିଲେ, ଦେଢେଇ ମୃତ୍ତିକା ଅଶୌଚ ହେଲା । ମୋର ପୁଅଟିଏ ସଂକ୍ରାନ୍ତି ଦିନ ରାତି

Digitized by srujanika@gmail.com

ତେରଘଡ଼ ସମୟରେ ଜନ୍ମ ହୋଇଛି । ବୁଢ଼ୀ କହିଲେ, ଭଲ ଶୁଣିଲି । ଗୋଟିଏ ହେଉଥିଲା, ଆଜ ଗୋଟିଏ ହେଲା ।

ନନା କହିଲେ, ମୁଁ କାହା ହାତରେ ଖବର ଦେଇଥାନ୍ତି; କିନ୍ତୁ ମୁଁ କାହିଁକି ଆସିଲି । କେବଳ ଅଶୌଚ ଖବର ଦେବାପାଇଁ ନୁହେଁ, ସେ ପିଲାଟିକି ତମୁକୁ ଦେବି ବୋଲି ମୋର ପୂର୍ଣ୍ଣ ମନ । ତୁମେ ଗୋଟିଏ ପୁଅପିଲାଟିଏ ଖୋଜୁଛ—ତୁମର ପାଇଁ ଈଶ୍ୱର ଏଇ ପିଲାଟି ଦେଲେ । ମୋର ତିନବାର ସତ୍ୟ, ମୁଁ ସୂର୍ଯ୍ୟଦେବତାଙ୍କୁ ଗୁହାଁ ସତ୍ୟ କରୁଛି ।

ବୁଢ଼ୀ କହିଲେ ମୋର ଗୋଟିଏ ମାଗୁଣି ଅଛି । ପିଲାକୁ' ଛ ମାସ ହେଲେ ମୁଁ ତାକୁ ନେଇଆସିବି । ନନା କହିଲେ ପିଲା ଜନ୍ମ ସମ୍ବନ୍ଧର ଦୋଷୀମାନଙ୍କରେ ଏଠଉ ଦୁଇ ଦିନର ବାଟ । ସେ ଘରକୁ ଆସି ନାହିଁ । ତା'ପରେ ଛ'ମାସିଆ ପିଲା ରହିପାରିବ କି ?

ବୁଢ଼ୀ କହିଲେ, ମା ପିଲା ଦୁହେଁ ରହିବେ । ପିଲା ମୋତେ ଆଉ ଗଲେ ତେଣିକି ତା' ମା ଯିବ କାହାର । ଏଥିପାଇଁ ଲୋକେ ନିନ୍ଦା କରିବେ ନାହିଁ । ମୋର ବଡ଼ଝିଅ ବବାହକୁ, ମଝିଆ ଝିଅ ବବାହକୁ ତ ସେ ଆସିଥିଲେ । ତେଣୁ ମୋ' ଘରେ ମା ପିଲା ରହିଲେ ଲୋକନିନ୍ଦା ହେବନି ?

ନନା ଏତିକି କହି ବିଦା ହେଲେ । ବୁଢ଼ା ବୁଢ଼ୀଙ୍କର ଆନନ୍ଦ କହିଲେ ନସରେ । ଅନ୍ଧକୁ ଚକ୍ଷୁଦାନ, ରଙ୍କକୁ ସ୍ୱର୍ଗଧାମ ପ୍ରାପ୍ତି ହେଲା ବୋଲି ମନେ କଲେ । ସେହିଦିନ ସପନ କଥା ଦୁହେଁ ସଚ ହେଲା ବୋଲି ଭାବିଲେ ।

ମୋତେ ପାଞ୍ଚମାସ ପୂର୍ଣ୍ଣ ନ ହେଉଣୁ ଭଲ ଦିନ ଦେଖି ମାମୁଁ ଘରୁ ଆଣି ନନା ବୋଉ ସହିତ ମତେ ଏଠାରେ ଛାଡ଼ିଦେଲେ । ପୂର୍ବରୁ ମଧୁ ମିଶ୍ରେ ତ ପୁଅଟିଏ ଦେବାକୁ ଯାଉଥିଲେ । ସେ ଏଣିକି ବଡ଼ ଭାଗରେ ରହିଲେ । ମଧୁ ମିଶ୍ର ଗ୍ରାମର ମକଦ୍ଦମ । ତାଙ୍କର ଜମି ତିନବାଟୀ ଥାଏ । ସେତେବେଳେ ଭୂସମ୍ପତ୍ତି ସମ୍ପତ୍ତିରେ ଲେଖା । ଯାହାର ଯେତେ ଜମିବାଡ଼, ହଳଆ, ଖମାର, ହଳ ବଳଦ ଥାଏ

Digitized by srujanika@gmail.com

ତାଙ୍କୁ ଲୋକେ ବେଶି ଖାତିର୍ କରନ୍ତି । ଗ୍ରାମର ପ୍ରଜା ତାଙ୍କ ଡିହରେ ଘର କରି ରହିଥାନ୍ତି । ସମସ୍ତଙ୍କୁ ଡାକି ଜୋଟିଏ ବସାଇ-ଲେ । ମଧୁ ମିଶ୍ରେ କହିଲେ, ଦେଖ, ମୁଁ ପଡ଼ିଶା ଘର ଜ୍ଞାତି ଘର; ମୁଁ ପୁଅଟିଏ ତାଙ୍କୁ ମାଗୁଥିଲି । ସେ ମୋ କଥା ନ ଶୁଣି କୋଶେ ବାଟ ଦୂରରୁ ଗୋଟିଏ ପିଲା ମାଇକିନିଆ ବୋଲିରେ ଆଣିଛନ୍ତି । ମୁଁ ମକଦ୍ଦମା କରିବି । ମୁଁ ସଗୋତ୍ର ଜ୍ଞାତି କି ନା, ସେ କଥା ବୁଝାଯିବ ।

ତା'ପରେ ବୁଢ଼ାଙ୍କୁ ସଭାକୁ ଡକାଇଲେ । ଗ୍ରାମବାସୀ ପଚାରିଲେ, ଆପଣ ପଡ଼ିଶାଘରୁ ପୁଅ ନ ନେଇ ପଦାରୁ ପୁଅ ଆଣିଲେ କାହିଁକି ? ବୁଢ଼ା କହିଲେ, ମୁଁ ତାର ଉତ୍ତର ଦେଇପାରିବି ନାହିଁ । ଆମ ଲକ୍ଷ୍ମୀ ଚନ୍ଦ୍ରଆଣୀକୁ କହିବ ସେ ଗ୍ରାମଜନଙ୍କୁ ପ୍ରଶ୍ନର ଏହାର ଉତ୍ତର ଦେବ ।

ଚନ୍ଦ୍ରଆଣୀ ବୁଢ଼ୀଙ୍କୁ ପ୍ରଶ୍ନର ସଭାରେ କହିଲ, 'ପଡ଼ିଶା ଘରୁ ପୁଅ ଆଣିଲେ ସେ ପିଲା ମୋର ବୋଲି ମାନିବନାହିଁ । ତାକୁ ଚାରିବର୍ଷ ହେଲଣି । ସେ ମୋତେ ଦେଠେଇ ବୋଲି ଡାକିବ । ଟିକିଏ ବଡ଼ ହେଲେ ତାଙ୍କ ଘରକୁ ପଳାଇବ । ପିଲାର ଜୀବନ କୁମ୍ଭାର ମାଟି ଚକଟି ହାଣ୍ଡି ମାଠିଆ କଲା ଭଳି । ତେଣୁ ବଡ଼ ପିଲାକୁ ମୁଁ ତିଆରିକରି ମଣିଷ କରି ପାରିବି ନାହିଁ । ସେ ମଧ୍ୟ ଧନୀ ଘର ପିଲା । ମାଡ଼ ମାଇଲେ ସହିବ ନାହିଁ । ମୋ ଘରେ ଖାଇବା ସୁଖ ପାଇବନାହିଁ । ଶେଷରେ ସବୁଦା ତାଙ୍କ ଘରକୁ ପଳାଇବ । ନଇଲେ ଟିକିଏ ଟିକିଏ କଥାରେ ନିତି କଳି ଲଗିବ । ତେଣୁ ସାନ ପିଲାଟିଏ ଆଣି ତାର ପ୍ରତିପାଳନ କଲେ ମାନିବ । ସେଥିପାଇଁ ମୁଁ ଦୂରରୁ ପିଲାଟିଏ ଆଣିଛୁ । ସେ ଧନୀ ଲୋକ । ମୁଁ ଗରିବ ଘରୁ ପିଲା ଆଣିଛୁ ।"

ମଧୁସୂଦନ ମିଶ୍ରେ ରାଗରେ ରହିଲେ, ଧୋବା, ଗଉଡ଼, ଭଣ୍ଡାରୀ ଏମାନଙ୍କୁ ଡକାଇ କହିଲେ ସେ କାହାରି ବୋଲି କଲେନାହିଁ । ତାଙ୍କ ଦଳ ଘରକୁ ଲାଗିଛି । ଆମ ଦଳରେ କଳେଇ ଛାଡ଼ିଲେ ନାହିଁ । ଅତି ଅବସ୍ଥା କଲେ । କେହି ଆଉ କାମ କଲେନାହିଁ । ଆମ ଜନା ଆଠ ଭାଇ ମଧ୍ୟରୁ ଗୋପୀନାଥ, କେଶବ ମରିଗଲେ । ଦୁଇଜଣ ପୋଷ୍ୟପୁତ୍ର

Digitized by srujanika@gmail.com

ହୋଇଗଲେ । ହରମିଶ୍ରେ ନୂଆଗଡ଼ ଓ ଗୋପାଳ ମିଶ୍ର ଘୁମୁସରକୁ ପୋଷ୍ୟପୁତ୍ର ହୋଇଗଲେ । ବାକି ଚାରିଭାଇ—ଗୋବର୍ଦ୍ଧନ ମିଶ୍ର, ଯୋଗୀ ମିଶ୍ର, ଅକାରଣ ମିଶ୍ର, ଆମ ନନା ବାସୁଦେବ ମିଶ୍ର । ଏ ଚାରି ଭାଇଯାକ ଆମକୁ ସାହାଯ୍ୟ କଲେ, ମଧୁ ମିଶ୍ରଙ୍କର କୌଣସି ବଳ ପାଇଲା ନାହିଁ, ଶେଷକୁ ସେ ଚୁପ ହୋଇ ରହିଲେ ।

ନନା ବହୁ କୁଟୁମ୍ବୀ ହେଲେ, ଦୁଇଟି ଝିଅଙ୍କୁ ବିବାହ କରାଇଲେ । ମଙ୍ଗଳପୁରଠାରେ ଥିବା ଜମି ବିକ୍ରୀହେଲା । ସେ କାଳରେ ଜମି ମାଣକୁ ହେଲା ତେର ଟଙ୍କା, ମୋତେ ସେତେବେଳକୁ ତିନିବରଷ । ମୋତେ ଦଶମାସଠାରୁ ଜନ୍ମକଲା ବୋଉଠାରୁ ଦୁଧ ଛଡ଼ାଇଦେଲେ—ସେତେବେଳକୁ ପେଧ୍ୟ ମା'କୁ ମୁଁ ଆଦର ଯାଇଥିଲି । ତାଙ୍କ ଦୁଧ ଖାଇଲି, ତାଙ୍କ କୋଳରେ ଶୋଇଲି—ଆଉ ବୋଉ ପାଖକୁ ଗଲିନାହିଁ । ହମେ ଚନ୍ଦ୍ରଆଣୀକୁ ବେଶି ଆଦରିଲି—କାରଣ ସେ ଦାଣ୍ଡରେ ବୁଲଉଥିଲା । ମୋତେ ବରଷକ ହେବାପରେ ମୋ ଜନ୍ମକଲା ବୋଉ ଆମ ଘରୁ ବିଦାୟହୋଇ ତାଙ୍କ ଘରକୁ ଯିବାକୁ ବୁଢ଼ୀଙ୍କୁ କହିଲା ।

ବୁଢ଼ୀ ଆନନ୍ଦରେ ଚନ୍ଦ୍ରଆଣୀକୁ ସାଙ୍ଗରେ ନେଇ, ଲୁଗାପଟା ମୁଆଁ ଦେଇ ତାଙ୍କୁ ବିନୟରେ କହିଲା, ମା' ତୋ ର ଋଣ ମୁଁ ଶୁଝି-ପାରିବିନାହିଁ । ମୋର କୁଳ ଉଜ୍ଜ୍ୱଳ କଲୁ, ମୁଁ ଧର୍ମଙ୍କୁ ଜଣାଉଛି, ତୁ ଅହ୍ୟ ସୁଲକ୍ଷଣୀ ହୋଇଥିବୁ ।"

ମୋତେ ଚାରିବର୍ଷ ହେବା ପରେ ନନା ଲେଖିଲେ, ଘର ତିଆରି ବାଟର ରଖିଛି । ମିଶ୍ରେ ସମସ୍ତ ପିଲାପିଲି ସହିତ ଏଠାକୁ ଆସନ୍ତୁ । ପଚାଶ ଟଙ୍କା ପଠାଇଲି । ସେ କାଳେ ଶଗଡ଼ ଛଡ଼ା ଅନ୍ୟ ଯାନ ନ ଥାଏ । ଶଗଡ଼ ସ୍ଥିର କରି ଯିବାର କଥା ହେଲା । ଆମ ନନାଙ୍କର ବୋଉ ଥାନ୍ତି । ସେ ଜଣେ ଖଣ୍ଡାମାରି ମଣ୍ଡାଗିଳା । ସେ କହେ ଚାଲ ଆମ ପିଲାକୁ ତାଙ୍କ ଘରୁ ନେଇ ଆସିବା । ବୋଉ କହିଲା, ଅନ୍ୟକୁ ପିଲାକୁ ଦେଇଦେବା ପରେ ଆଉ ତା'ଠାରେ ଲୋଭ କାହିଁକି ? କିନ୍ତୁ ବୁଢ଼ୀ କାହା କଥା ନ ମାନି ବୋହୂକୁ ଧରି ଆମ ଘରେ ପହଞ୍ଚିଲା । କହିଲା,

Digitized by srujanika@gmail.com

"କାଲି ଆମେ ସମସ୍ତେ କୁଟୁମ୍ବ ନେଇ ଜୟପୁର ଯାଉଛୁ । ଆମେ ଆମ ପିଲାକୁ ସାଙ୍ଗରେ ନେବୁ, ବୁଢ଼ି କଙ୍କବେକଳ ଛାଡ଼ିଦେବୁ ।" ସେ କଥା ଶୁଣି ପୋଷ୍ୟପୁତ୍ର କରିଥିବା ବୁଢ଼ୀ ତାଟକା ହୋଇଗଲା—କହିଲା, "ସେ ଏବେ ଯିବନାହିଁ । ବୃଥାରେ ପିଲାଟିକୁ ମାରିଦେବ—ଏ କଥା କରନାହିଁ । ମୁଁ ତୁମର ହାତଗୋଡ଼ ଧରୁଛି । କାହା କଥା ନ ମାନି ସ୍ତ୍ରୀଟିପିଲାକୁ ନେଇ ବୋହୂ କାଖରେ ଦେଇ ଘରୁ ବାହାରିଗଲା । ମୋର କାନ୍ଦ ଦେଖି ଗ୍ରାମ ଲୋକେ କହିଲେ, ଛ'ମାସର ପିଲାକୁ ଗୃହବର୍ଷେ ନେଲ, ଏବେ ଆସି କହୁଚ ଆମେ ନେଇଯିବୁ । ଏ ପିଲା ତୁମ ଘରେ କେତେ ମାସ ରହିବନାହିଁ । ଝୁରି ଝୁରି ମରିଯିବ । କାହାରି କଥା ନ ମାନି ମୋତେ ଧରି ପୋଖରୀ ହୁଡ଼ା ପାରି ହେବାପରେ ସେଠାରେ ମୋର ମନେହେଉଛି କାଠର ଡଆଁ ଗୋଟିଏ ପଡ଼ିଲା । ଲକ୍ଷ୍ମୀ ଚନ୍ଦ୍ରଆଣୀ ଚଢ଼ରେ ଗୋଡ଼ାଇ ଥାଏ । ସେ ଡଆଁ ଆରପଟେ ଗୋଟେ ମୋଡ଼ ଅଛି । ବୋଉ କହିଲା, "ପିଲାଟା କାନ୍ଦି କାନ୍ଦି କଣ୍ଠାଗତ ପ୍ରାଣ ହେଲାଣି, ବଅର୍ଥରେ ପିଲାଟି ମରିଯିବ ସିନା ।" ବୁଢ଼ୀ କହିଲେ, ମରିଗଲେ କଆବୁଢ଼ାକୁ ଫିଙ୍ଗିଦେଇ ଯିବା । ରାଗରେ ତମ ତମ ହୋଇ ଚନ୍ଦ୍ରଆଣୀହାତକୁ ଟିକିଏ ଡଆଁ ଡେଇଁବାକୁ ମୋତେ ବଢ଼ାଇ ଦେଲା । ମୁଁ ଚନ୍ଦ୍ରଆଣୀ କାଖକୁ ଗଲାକ୍ଷଣି ତାର ବେକକୁ ଦୁଇ ହାତରେ, ଅଣ୍ଟାକୁ ଦୁଇ ଗୋଡ଼ରେ ଯାକି ଧରି ଆନନ୍ଦରେ ହସିଲି । ବୁଢ଼ୀ ରାଗରେ ଧାଇଁ ଆସି ମୋତେ ଛଡ଼ାଇବାକୁ ଚେଷ୍ଟା କରି ପାରିଲା-ନାହିଁ—ମୋର ପିଠିକୁ କସି କରି ଦୁଇ ଚାପୁଡ଼ା ମାରି ରାଗରେ ଫେରିଗଲା । ମୁଁ ଆନନ୍ଦରେ ଚନ୍ଦ୍ରଆଣୀ ସଙ୍ଗେ ଘରକୁ ଆସିଲି ।

ଦୁଇ ଦିନ ପରେ ସେମାନେ ସକୁଟୁମ୍ବେ ଜୟପୁରକୁ ବାହାରି ଚଲେ । ଜୟପୁର ବ୍ରାହ୍ମଣ ସାହିରେ ତାଙ୍କ ଘର । ତାଙ୍କ ନାମ ଦାମୋଦର । ସେ ଜଣେ ପ୍ରଧାନ ଜ୍ୟୋତିଷ । ମୋର ଜନ୍ମ କଲି ନନା ତାଙ୍କୁ ମୋ କୋଷ୍ଠୀ ଓ ଭାଇନାଙ୍କ କୋଷ୍ଠୀ ଦେଖାଇଲେ । ଜ୍ୟୋତିଷ ମୋ କୋଷ୍ଠୀକୁ ଦେଖି ବଡ଼ ପ୍ରଶଂସା କଲେ । କହିଲେ, ଏପରି ପିଲାକୁ କାହିଁକି ଦେଲ । ଏହାର ଗୃହତ୍ରୟ ଏକ ସ୍ଥାନରେ ଅଛନ୍ତି । ପୁରୁଷ ଜାତକରେ ଗୃହତ୍ରୟ ଏକ ସ୍ଥାନରେ ରହିଲେ ରାଜଯୋଗ । ସୁବର୍ଣ୍ଣ

Digitized by srujanika@gmail.com

କୁଳଟା ଯୋଗ ପ୍ରାପ୍ତି ହୁଏ । ରବି ବୁଧ ଏକାଠି ରହିଲେ ଗୋଟେ ଯୋଗ । କଣା କୁଜା ଏକଘର ରହିଲେ ରାଜଯୋଗ । ଏହାର ବହୁତ ଧନ ହେବ—କିନ୍ତୁ ରହିବ ନାହିଁ; କାରଣ ଗ୍ରହ ବ୍ୟୟ ସ୍ଥାନରେ ଅଛନ୍ତି । ଯାହାକି ଟଙ୍କ ହେବ ପୁଣ୍ୟରେ—କିନ୍ତୁ ପାପରେ ପଇସାଟିଏ ଖର୍ଚ୍ଚ କରାଇବ ନାହିଁ । ଅଷ୍ଟ ସ୍ଥାନରେ ଶନି ଅଛନ୍ତି, କୁମ୍ଭରେ ଶନି-କୁମ୍ଭ ଯୋଗ । ପରମାୟୁର ସୀମା ନାହିଁ, ସେ ପିଲାକୁ ଶୀଘ୍ର ଘେନିଆସ । ବଡ଼ ପିଲାଟିର କୋଷ୍ଠୀ ଭଲ ନୁହେ । ସତେଇଶ ବର୍ଷରେ ତାକୁ ମାର୍କ ଦଶା, ସେଥିରୁ ଉତୁରିବା ମତେ ଭଲ ଦିଶୁନାହିଁ । କୋଷ୍ଠୀ ବଡ଼ ଦୁର୍ବଳ, କୌଣସି ଭଲ ଯୋଗ ନାହିଁ ।

ଏ କଥା ଶୁଣିଲାକ୍ଷଣି ବୋଉ ମୁଣ୍ଡ ବାଡ଼େଇଲା, କିଛି ଖାଇଲା ନାହିଁ । ଆମ ନନାଙ୍କର ଗୋଟିଏ ଭଉଣୀ ଜୟପୁର ଶଗଡ଼ିଆ ସାହି ପୁରୋହିତଙ୍କ ଘରେ ବିବାହ ହୋଇଥିଲା, ସେ ବିଧବା, ତାର ପିଲା ଝିଲା କେହି ନାହାନ୍ତି । ଧନର ସୀମା ନାହିଁ । ଘର ଦଶ ବଖରା ହେବ । ବାଉ ମେଘନାଦ ପାଚିଶଠା ଦଶମାଣ ଜାଗା ମାଡ଼ି ବସିଛି । ବଗିଚାରେ ଫୁଲଫଳ ବହୁତ, ଇନ୍ଦ୍ରର ନନ୍ଦନକାନନ ଭଳି ହୋଇଛି । ସାତ ବଖରା ଧାନ ଘର । ତିନିଖଣ୍ଡି ଗାଁଆ । ମୁଗ, କାନ୍ଦୁଲ, ମାଣ୍ଡିଆ, କୋଳଥ ବହୁତ ଆଦାୟ ।

ସେ ସମୟକୁ ରାଜା ରାମଚନ୍ଦ୍ର ଦେବ ଥିଲେ । ଜୟପୁରର ରାଜାମାନେ ଧାର୍ମିକ ଓ ବ୍ରାହ୍ମଣ ପ୍ରିୟ । ରାମଚନ୍ଦ୍ର ଦେବ ଅତୀବ ଦାନୀ ଥିଲେ । ସେ ଆମ ନନାଙ୍କୁ କହିଲେ, "ମୋର ପାଟ ପୁରୋହିତ ଘର ବଂଶ ଲୋପ ହୋଇଯାଉଛି—ତୁମେ ଏକହଜାର ଟଙ୍କା ନିଅ, ଯାହାକୁ ପୋଷ୍ୟପୁତ୍ର କରି ଦେଇଛ ତାକୁ, ଆଉ ପାଞ୍ଚଶହ ଟଙ୍କା ଦିଅ, ସେଇ ପୁଅକୁ ଆଣି ତୁମ ଭଉଣୀଙ୍କୁ ପୋଷ୍ୟପୁତ୍ର କରିବାକୁ ଦିଅ, ମୋର ପୁରୋହିତ କୁଳ ରକ୍ଷାହେଉ ।"

ନନା କହିଲେ ସେ ପିଲା ତାର ଜନ୍ମକଲା ବୋଉକୁ ଦେଖିଲେ ଛୁଆଁ ହୋଇଯାଉଛି । ସେ କେବେ ଆସିବ ନାହିଁ । ତାକୁ ଡାକିଲେ ଅତି ବ୍ୟାକୁଳ ହେଉଛି ।

Digitized by srujanika@gmail.com

ରଜା କହିଲେ, ଧରମା କେଳାକୁ ଶହେ ଟଙ୍କା ଦେବ । ତାକୁ ଉପାୟ କରି ନେଇଆସିବ । ସେ ଔଷଧ ଖାଇଲକ୍ଷଣି ଏଠାକୁ ବାହାରି ଆସିବ ।

ଧରମାକୁ ରଜା ଡକାଇ ଆଣିଲେ । ସେ କହିଲା, ଯୁମ୍ଭେ ମୁଁ ପିଲାକୁ ଆଣିବା ଉପାୟ କରିଦେବି ।

ଧରମା କହିଲା, 'ମୋତେ ପିଲାର କୌଣସି ସମ୍ପର୍କ ପିଲାଠାରୁ ଆଣି ଦେଲେ ସେ ମୋ ଔଷଧରେ ନଦାନ ଆସିବ । ଏବେ ମୋ ଠାରୁ ଔଷଧ ନିଅ । ପିଲାକୁ ଖୋଇଦେବ, ଯେବେ ବାହାରି ଆସିଲା, ତେବେ ଭଲ । ନଇଲେ ତାର ପାଦଧୂଳି ନଚେତ୍ ମୁଣ୍ଡର କେଶ ବାଳ, ପ୍ରସ୍ରା କରିବା ସ୍ଥାନର ମାଟି ଯେବେ ଆସ । ତା'ପରେ ମୁଁ ଉପାୟ କରିବି । ଯେବେ ନ ଆସିବ ମୁଁ ଶହେ ଟଙ୍କା ଦେବ ।'

ଧରମା କେଳାଠାରୁ ଔଷଧ ନେଇ ମୋର କକେଇ ଗୋବର୍ଦ୍ଧନ ମିଶ୍ର ଆମ ଗାଁକୁ ଆସିଲେ । ତାଙ୍କ ସାଙ୍ଗରେ ମୋର ଗ୍ରାଇନା ମଧ୍ୟ ଆସିଲେ ।

ଆମ ଗାଁରେ ସେମାନେ ଦିନେ ରହିବା ପରେ କଥା ଲୁଚି ରହିଲାନାହିଁ—ପ୍ରକଟ ହେଲା । ମୋତେ ଜୟପୁର ନେବା କଥା ଘରେ ଦାଣ୍ଡରେ କଥାବାର୍ତ୍ତା ହେଲେ । ମୁଁ ଜାଣିଲି, ଯମଦୂତ ଦେଖିଲେ ଯେଉଁପରି ଭୟ ଲଗେ—ମତେ ସେଇପରି ଲଗିଲା । ମୁଁ ଘରେ ନରହି ଆମର ବଂଶୀକଆ କକେଇ ଗଦାଧର ମିଶ୍ରଙ୍କ ଘରେ ଗୁପ୍ତରେ ରହେ । ସେମାନେ ଘରେ ନଥିବାବେଳେ ବାରିପଟେ ଲୁଚିକରି ଆସି ଘରେ ଭାତ ଖାଏ । ସେମାନେ ଆଠଦିନ ରହିଲେ । ମୋର ପତା ନ ପାଇ ଜୟପୁରକୁ ନିରାଶରେ ଫେରିଗଲେ । ଯୁମ୍ଭରେ କହିଲେ, ସଙ୍କେତ ସମ୍ପର୍କ ଆଣିଲୁ ; କିନ୍ତୁ ପ୍ରାୟ ପନ୍ଦର ଦିନ ଭିତରେ ରାଜା ସ୍ୱର୍ଗଗାମୀ ହୋଇଗଲେ ।

ମୋତେ ପାଞ୍ଚବର୍ଷ ଛ'ମାସ ହେବା ବେଳେ ମୋତେ ପୋଷ୍ୟ-ପୁତ୍ର କରିବା ନନାଙ୍କର କାଳ ହୋଇଗଲା, ତା'ପରେ ମୋଠାରେ ଗୋଟିଏ ବେମାର ହେଲା । ବୈଦ୍ୟ କେହି ଚହ୍ନି ପାରିଲେ ନାହିଁ । ପ୍ରଥମେ ମୁହଁ ଫୁଲିଲା, କ୍ରମେ କ୍ରମେ ବୁକୁକୁ ଖସିଲା । ତାପରେ

Digitized by srujanika@gmail.com

କୋଷକୁ ଗଡ଼ିଲି, କୋଷଟା ଅଡ଼ାପର ଫୁଲିଗଲି । ତା କୋପରେ ଜ୍ୱର ହେଲି । ସେକାଳରେ ଡାକ୍ତର ନଥାନ୍ତି । ଗାଁ ଗାଁରେ ବୈଦ୍ୟ-ମାନେ ସବୁ ରୋଗକୁ ଔଷଧ ଦଅନ୍ତି । ଚେର ମୂଳିଆ ବୈଦ୍ୟ ବହୁତ ଉପାୟ କଲେ । କାହାକୁ ମାନିଲିନାହିଁ । ଲୋକେ କହିଲେ ଏଇଟା ପାଚିବ । କେହି କେହି ପଛରେ କହନ୍ତି ପିଲାଟା ମରିଯିବ । ଏକମାସ ହେବାପରେ ମୁଁ ବଡ଼ ଦୁର୍ବଳ ହୋଇଗଲି । ଆଖି ପଡ଼ିଗଲି । ଅନ୍ନ ଜ୍ଞାନ ରହିଲାନାହିଁ । ସେଇଦିନ ଆମର ଜ୍ଞାତି କୁଟୁମ୍ବମାନେ ଘରରେ ବସି ମାଁଆ ପଦାକୁ ରଖି କହିଲେ, ଏଇଥର ପିଲାଟି ଖସିଯିବ । ପୋଷ୍ୟପୁତ୍ର କରିଥିବାରୁ ଏହା ହେଲା ।

ଘରେ ବୋଉ ଓ ଚନ୍ଦ୍ରାଣୀ ଘାପଟିଏ ଜାଳ ଦେଇ କାନ୍ଦି କାନ୍ଦି ଶୋଇପଡ଼ିଲେ । ସେହି ଦଶଦଣ୍ଡରେ ଯୋଉ ବୁଢ଼ୀ ପିଲାଟିକୁ ପୋଷ୍ୟପୁତ୍ର କରି ଆଣିବାକୁ ପ୍ରଥମେ ସ୍ୱପ୍ନରେ କହିଥିଲେ, ସେଇ ବୁଢ଼ୀ ଆସି ପ୍ରବେଶ ହେଲେ । ବୋଉ ତାଙ୍କୁ ଦେଖି କାନ୍ଦି କାନ୍ଦି କହିଲା, ଦେଖ ମୋ ଅବସ୍ଥା । ବୁଢ଼ୀ କହିଲେ, 'ଆଲୋ ମା' ତୁ ତ ମୋତେ ବହୁତ ଗାଳିଦେଉଛୁ । ହଉ, ଏ ପିଲାର କିଛି ହେବନାହିଁ । ଏଇଟା ରକ୍ତ ଗଡ଼ିବା ଫୁଲ ନୁହେଁ । ପବନଟା ଫୁଲି କରିଛି । ଆରେଣ ମୋ ଗୋଡ଼କୁ ପିଲାକୁ ଦେ । ଟିକିଏ ଝାଡ଼ି ଦେବି । ଭଲ ହୋଇଯିବ ।' ବୁଢ଼ୀ ମୋର ମୁଣ୍ଡଆଡ଼ୁ ଗୋଡ଼ ଆଡ଼କୁ ତିନିଥର ଝାଡ଼ିଦେଲା— ତା'ପରେ କହିଲା ଏଥର ବାରପଣ ବେମାର ଭଲ ହୋଇଯିବ— ବାକି ଅଠରପଣ ବେମାରକୁ ତୁମ ଗାଁ ଗୋବିନ୍ଦ ମିଶ୍ର ଜାଲି ବାଡ଼ିରେ ଜୟପୁରରୁ ଆଣିଥିବା ରଙ୍ଗରେର ଖଣ୍ଡିଏ ମାଗିଆଣିବୁ । ବାଜସାହି ତୋଟାରେ ମଶାଣିଆ ଗଛ ଅଛି । ତାର ଚେର ଖଣ୍ଡିଏ ଆଣିବୁ । ଗୋଲ ମରିଚ ବାଟୁକରି ଏକୋଇଶିଟି ପକାଇ ତାକୁ ସବୁ ଶିଳରେ ବାଟି ଦେବୁ । ସେ ସବୁପାକ ଧରି ମୁଁ ଯେଉଁପରି ମୁଣ୍ଡରୁ ଗୋଡ଼ ଆଡ଼କୁ ଝାଡ଼ିଲି ସେଇପରି ତାକୁ ମୁଣ୍ଡରୁ ଗୋଡ଼ ଆଡ଼କୁ ସେଇ ଫୁଲ ସ୍ଥାନ ଉପରବାଟେ ନେଇ ତିନିଥର ଲଗାଇ ଗୋଡ଼ଆଡ଼େ ଫିଙ୍ଗି ଦେବୁ । ସନ୍ଧ୍ୟାବେଳକୁ ଆଉ ଫୁଲ ରହିବନାହିଁ । ଏ ପିଲାକୁ ଆଉ ବେମାର ହେବ ନାହିଁ । ମୁଁ ଝାଡ଼ି ଦେଇଛି । ତେଣୁ ପୂର୍ଣ୍ଣ ଆୟୁ ଭୋଗ କରିବ । ଏତକ କହି ବୁଢ଼ୀ ଅନ୍ତର୍ଦ୍ଧାନ ହୋଇଗଲେ ।

Digitized by srujanika@gmail.com

ପୂର୍ବରୁ ମୋର ଜ୍ଞାନ ନଥିଲା । ଏବେ ମୋର ଟିକଏ ଚେତା ଆସିଲା । ମୁଁ ବୋଉକୁ ଡାକଲି । ଚନ୍ଦ୍ରଆଣୀ ଶୋଇଥିଲା, ଆଗ ଉଠି କରି ବୁଢ଼ୀକୁ ଉଠାଇଲା । ଆଲୋ ପିଲା ଡାକୁଛି, ବୋଉ ଉଠଲା, ଦେଖିଲା ସେଇ ବୁଢ଼ୀ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ମୋର ସତକୁ ସତ ବାରପଣ ବେମାର ଭଲ ହେଲାଣି । କୋଉଠି ଅଢ଼ାପର ହୋଇ-ଥିଲା—କମି କମି ମଣ୍ଡାପର ହୋଇଗଲାଣି । ମୋତେ ଭୋକ ହେଉଥାଏ —କ୍ଷୀରରେ ଚୂଡ଼ାଭଜା ଚକଟି ଖାଇବାକୁ ଦେଲେ । ସକାଳ ହେଲା, ଚନ୍ଦ୍ରଆଣୀ କହିଲା, କାଲି ରାତରେ ଗୋବନ୍ଧ ମିଶ୍ରେ ଜୟପୁରରୁ ଆସିଛନ୍ତି ।

ବେଳ ଦ'ଘଡ଼ି ବେଳକୁ ଚନ୍ଦ୍ରଆଣୀ ଗୋବନ୍ଧ ମିଶ୍ରଙ୍କ ଘରୁ ରଙ୍ଗଚେର ଆଣିଲା— ବାଉଁଶ ସାହି ତୋଟାରୁ ମଶାଣିଆ ଗଛର ଚେର ଖଣ୍ଡେ ଆଣିଲା—ଏସବୁ ଯୋଗକରି ବୁଢ଼ୀ କହିଥିବା ଅନୁସାରେ ମୋତେ ଲଗାଇଦେଲେ । ସେଇଦିନ ସନ୍ଧ୍ୟାବେଳକୁ ମୋର ବେମାର ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲା । ବୋଉର ଆନନ୍ଦର ସୀମା ରହିଲାନାହିଁ ।

ବିଦ୍ୟାଧର ମିଶ୍ର କଳାହାଣ୍ଡିରେ ବରୁଣ ହୋଇଥିଲେ । ସେ ଜୟପୁର ବସ୍ତାରେ ଆସି ଶୁଣିଲେ, ବାମଦେବ ମିଶ୍ରେ ଶୀଘ୍ର ପିଲାକୁ ନେଇଯିବେ—ଆଉ ଉପାୟ ନାହିଁ, କପର ଶୀଘ୍ର ବ୍ରତ ଘର ଯୋଗାଡ଼ କର । ବ୍ରତ ହେଲେ ସେ ଆଉ ନେଇପାରିବେ ନାହିଁ । ନବ୍ରାଣ ହୋଇ ରହିବେ ; କିନ୍ତୁ ବ୍ରତ ଘର ହେବ କପରି ? ଟଙ୍କା ପଇସା ନାହିଁ ।

ଆମ ଗ୍ରାମର ସାହୁକାର ଫକୀର ବେହେରାଙ୍କ ପାଖକୁ ବୋଉ ମୋତେ ପଠାଇଲା । ତାଙ୍କ ଝିଅ ଆମ ବଡ଼ ଭଉଣୀର ସଙ୍ଗାତ । ମୋର ବ୍ରତଘର ହେବ, ଆମକୁ ଷାଠିଏ ଟଙ୍କା ଋଣଦେବାକୁ କହିଲି । ସେ ଟିକଏ ମୋ ମୁହଁକୁ ଚାହିଁଲେ । ତା'ପରେ ତାଙ୍କ ସାନଭାଇ ଗଙ୍ଗାଧରକୁ କହିଲେ, ବ୍ରାହ୍ମଣମାନେ ଏଇ ପିଲାକୁ ଷାଠିଏ ଟଙ୍କା ଦେବୁ-ମାଘ ଶୁକ୍ଳ ପକ୍ଷରେ । ତାଙ୍କ କଥା ଅନୁସାରେ

Digitized by srujanika@gmail.com

ଗଂଗାଧର ବେହେରା ମୋତେ ଷାଠିଏ ଟଙ୍କା ଦେଲେ । ବ୍ରତଘର ଖୁବ୍ ଭଲରେ ହୋଇଗଲା ।

ବୁଢ଼ୀର ଗୋଟିଏ ସାନ ଝିଅ ଥାଏ । ସେ ବିବାହ ଆଠଗଡ଼ ଚଣ୍ଡୀପୁରରେ ହୋଇଗଲା । ବୁଢ଼ୀର ପୂର୍ବରୁ ତିନୋଟି ଝିଅ ବିବାହ ହୋଇଥିଲେ, ସେ ସମସ୍ତେ ବିଧବା ହୋଇଗଲେ । ଯୋଡ଼ିଏ ଝିଅ ସେମାନଙ୍କ ଘରେ ଥାନ୍ତି । ଗୋଟିଏ ଆମ ଘରେ ଥାଏ । ସାନ ଭଉଣୀ ଓ ଜୋଇଁ ବସ୍ତରକୁ ବାହାରିଗଲେ । ସେଠାରେ ଅଳ୍ପ ଦିନ ପରେ ସେ ମରିଗଲେ ।

ଆମର ନରହରିପୁର ଜମିତକ ପହିଲା ନମ୍ବର ଜମି । ୧୨୯୨ ସାଲ, ବାହାର ଗାଡ଼ିଆ ବନ୍ଧ ଭାଙ୍ଗିଗଲା-ଅଷାଢ଼ ମାସରେ । ଆମ ବିଲରୁ ମାଣେ ହେବ ଜମି ନଈଖାଇ ଉପାଡ଼ିନେଲା । ପ୍ରାୟେ ୨୫ ଟା ତାଳଗଛ ଉପୁଡ଼ିପଡ଼ିଲା । ସେ ବନ୍ଧ ତିନବର୍ଷ ପର୍ଯ୍ୟନ୍ତ ଥରକୁ ଥର ଭାଙ୍ଗୁଥାଏ । କେହି ବନ୍ଧକୁ ରଖିପାରିଲେ ନାହିଁ । ଆମ ଜମି ସବୁ ଅନେକ ବର୍ଷ ପଡ଼ିଆ ରହିଲା । ଅନ୍ୟ ଲୋକଙ୍କର ଆଠ ପଣିଆ ଫସଲ ହେଉଥାଏ । 'ଚନ୍ଦ୍ରଆଣୀ ମୋ ନାମରେ କିଣିଥିବା ଜମିର ଧାନରେ ଆମର ଦୁଇ ମାସ ଚଳେ । ବାକି ଦଶମାସ ପାଇଁ ଚନ୍ଦ୍ରଆଣୀ ମାଳ ବେପାର କରି ମାଣ୍ଡିଆ, ଗୁଡ଼ଜିଳି ଆମ୍ବ ଆଦି ଆଣେ । ମୋତେ ଦିଓଳ ଭାତ ଦିଅନ୍ତି । ସେମାନେ ଓଳିଏ ମାଣ୍ଡିଆ ଜାଉ, ଓଳିଏ ଭାତ ଖାଆନ୍ତି । ଚନ୍ଦ୍ରଆଣୀ ଦିଓଳି ଜାଉ ଖାଏ । ଏହିପରି ତିନୋଟି ବରଷ ଧାନ ମରୁଡ଼ିରୁ ଆମକୁ ଚନ୍ଦ୍ରଆଣୀ ପୋଷିପାଳି ସମ୍ଭାଳି ଗଲା ।

ସେ କାଳେ ସରକାରୀ ସ୍କୁଲ ଗାଁରେ ନଥାଏ । ମାର୍କଣ୍ଡ ଅବଧାନେ ଜଣେ କରଣ । ତାଙ୍କର ଦାଣ୍ଡ ଘରେ ପିଲଙ୍କୁ ପଢ଼ାଉଥାନ୍ତି । ପିଲାଙ୍କ ବହି ବସ୍ତା ସେ କାଳେ ଗାଁରେ ମିଳୁ ନ ଥାଏ । ଘରୁ ଖଣ୍ଡିଏ କାଠ ପଟା, ଗୋଟିଏ ଧୂଳିମୁଣା ଧରି ତାଙ୍କ ପାଖକୁ ଯାଉ । ସେଇ ବର୍ଷ ଆମ ଗାଁ ଇସ୍କୁଲ ଖୋଲିଲା । ପୃଥିର ହରଚଣ୍ଡୀ ସାହିର ନୀଳକଣ୍ଠ ମିଶ୍ର, ସେ ଦୁଇ ବର୍ଷ ମାଷ୍ଟ୍ର ରହିଲେ । ତା'ପରେ ଜଗନ୍ନାଥ ତ୍ରିପାଠୀ ଆସିଲେ । ସେ ଉଣ୍ଡାକୁଲରୁ ସ୍କୁଲ ସ୍ଥାପନ କଲେ । ଚନ୍ଦ୍ରଆଣୀ

Digitized by srujanika@gmail.com

ମୋତେ ନେଇ ଆମ ଗାଁର ସେଇ ସ୍କୁଲରେ ଛାଡ଼ ଦେଇ ଆସେ । ନଗଲେ ଗୋଟିଏ ଛାଟ ଧରି ବାଡ଼ାଏ । ଚନ୍ଦ୍ରଆଣୀ ମାଳକୁ ବେଢ଼ାର କରିବାକୁ ଗଲେ ମୁଁ ଆନନ୍ଦରେ ଚୋଟାକୁ ବାହାରି ପଡ଼େ । ଚନ୍ଦ୍ରଆଣୀ ଶୁଣିଲେ କାଳେ ବାଡ଼େଇବ ବୋଲି ହାଣ୍ଡିଶାଳେ ଲୁଚେ । ଚନ୍ଦ୍ରଆଣୀ ଉପରେ ମୁଁ ପାଠ ପଢ଼ୁଥାଏ । ଏଇପରି ଭାବରେ ଅପର ପ୍ରାଇମେରୀ ପାଠ ଶେଷହେଲା ।

ଲଗି ଲଗି ତିନିବର୍ଷ ବାହାର ଗାଡ଼ିଆ ନ ଚଢ଼ିବାରୁ ନଡ଼ିଆ ଗଛରେ ଫଳ ମଧ୍ୟ ହେଲନାହିଁ । ନଈମା ସୀମା ଯାକ ମେଳ ହୋଇ ଦୋଳପୂର୍ଣ୍ଣିମାଠାରୁ କାମ ଆରମ୍ଭ କଲେ । ଅନନ୍ତସ୍ୱାମୀଙ୍କ ମଠର ଜଣେ ଗୁମାସ୍ତା ଉଦ୍‌ଯୋଗ କରି ୨୨ ଖଣ୍ଡ ଗ୍ରାମର ସେବକ ମେଳ ହୋଇ ଝାମପୁରଠାରୁ ଶଳଙ୍ଗା କୂଳ ଲମ୍ବୋଦର ପୁର ପର୍ଯ୍ୟନ୍ତ ଜମିର ତ କଳା କରି ବାହାର ଗାଡ଼ିଆକୁ ଦ୍ୱିଗୁଣ ଓସାର କରି ତିନିମାସ ପର୍ଯ୍ୟନ୍ତ ଲଗି ବନ୍ଧ ରଖିଥିଲେ ।

ସେ ବର୍ଷ ବଢ଼ିଆ ଫସଲ ହେଲା । ଗ୍ରାମରେ ହଇଜା ଲାଗିଲା । କାର୍ତ୍ତିକମାସ ବଡ଼ ଏକାଦଶୀ ଦିନ ଚନ୍ଦ୍ରଆଣୀ ବୁଢ଼ୀ ଆମ ବିଲ ଦୋଡ଼ ବାଛିବାକୁ ଯାଇଥିଲା । ସେ ସକାଳୁ ଗଲେ ବାଜୁଙ୍ଗା ଦିଶୁଥିବା ପର୍ଯ୍ୟନ୍ତ ବିଲବାଟେ । ସେଦିନ ପଦାରେ ବେଳ ଥାଇ ଅସି ବାଡ଼ିଆଡ଼େ ପଡ଼ିଥିଲା । ମୁଁ, ବୋଉ ବାଡ଼ି ଦୁଆରେ ଠିଆ ହୋଇଥାଉ । ବୋଉ କହିଲା ଲକ୍ଷ୍ମୀ କହିଥିଲା, ମାଣ୍ଡିଆ ଚମ୍ପା କଲେ ଖାଇବ ବୋଲି । ଆଜି କଣ ସଅଳ ଅସିଛୁ ! ମୁଁ ଯାଉଛି ଚମ୍ପା କରିଦେବି । ବୋଉ ତାକୁ ଦେଖି କହିଲା ହଇଲେ ଝାମ୍ପୁଡ଼ି, ତୋର ଆଜି କ'ଣ ହେଲା କି ? ହଇଜା ହେଲା ? ସେ ଅତି ରାଗରେ କହିଲା, ମୋର କିଛି ହେଉନାହିଁ—ତୋତେ ହେଉ । ମୁଁ ଘରକୁ ଅସିବା ପରେ ସେ କହିଲା—ଭଉଜ ମୋତେ ସତରେ ହଇଜା ହେଲା । ପିଳଟା ଉପୁ କରିବ ବୋଲି ସେତେବେଳେ ମୁଁ ମନା କରିଦେଲି ସିନା, ଯାହାହେଉ, ଈଶ୍ୱରଙ୍କର ବଡ଼ ଦୟା ମୋ ପ୍ରତି । ଆଜ ଦବ ଦିନ ମୁଁ ଯାଉଛି । ମୋତେ ତ ଅଶୀ ବରଷ ହେଲା । ଏହା ଶୁଣି

Digitized by srujanika@gmail.com

ବୋଉ କାନ୍ଦିଲା, କହିଲା, ଆଉ ପାଞ୍ଚବରଷ ଥିଲେ ମୋ ପିଲାଟା ହୁମିଆର ହୋଇଯାଇ ଥା'ନ୍ତା ଲୋ—ଝାମ୍ପୁଉ ।

ଆମ ଦୁଆରେ ସନ୍ଧ୍ୟାବେଳେ ରାମାୟଣ ବୋଲାହୁଏ । ପୁରାଣ ଆରମ୍ଭ ହେଲା । ରାତି ଦୁଇଘଡ଼ି, ଚନ୍ଦ୍ରଆଣୀର ଆମ ଗାଁ ପୂର୍ବମୁଣ୍ଡେ ନଡ଼ିଆବାଡ଼ିରେ ଖଣ୍ଡିଏ ଘର ଥାଏ । ବ୍ରାହ୍ମଣ ଘରେ, ହଇଜାହେଲେ ପଡ଼ି ମରିବା ଭଲନୁହେଁ ବୋଲି ସେ ଘରକୁ ଯାଇ ଲସ ଶୋଇଥିଲା । ପୁରାଣ ବୋଲା ହେଲାରୁ ଉଠିଆସି ଆମ ବୋଉ ବୁଢ଼ୀକୁ କହିଲା, ଖଣ୍ଡେ କଦଳୀପତ୍ର କାହାଳିଆ କରି କଂସେ ଚନ୍ଦ୍ରାରେ ମହାପ୍ରସାଦ ପକାଇ ଆଣେ । ପୁଅକୁ ଆଣେ । ସେତକ ମୋ ପାଟିରେ ଢାଳି ଦେଉ । ବୁଢ଼ୀ ସବୁତକ ସଜ କରି ମୋତେ ଧରି ଆସିଲା । ଚନ୍ଦ୍ରଆଣୀ ଗୋଡ଼ରେ କନାଧଡ଼ି ବାନ୍ଧିଥାଏ । ମୁଁ କଦଳୀପତ୍ର କାହାଳିଆରୁ ମହାପ୍ରସାଦ ଚୋଡ଼ାଣୀ ଢାଳିଦେଲି—ସେ ସବୁତକ ଢକ ଢକ କରି ପିଇଦେଇ ମୋ ମୁହଁକୁ ଟିକିଏ ଚାହିଁଲା । ତାର ଲୁଗା, କଟରା, ମାଣ୍ଡି, କଂସା ସହିତ ସବୁ ଧରି ତା ଘରକୁ ବାହାରିଲା । କାନିରେ ବନ୍ଧା ଥିବା ସାତଟି ଟଙ୍କା ଫିଟାଇ ବୋଉକୁ ଡାକି ଦେଇ କହିଲା, ଭାଉଜ ଏତକ ମୋର ଏଗାର ଦିନ ବ୍ରାହ୍ମଣ ଭୋଜନ କରାଇ ଦେବୁ । ଆଉ ଶୁଣ ଭାଉଜ, ମୋ ପିଲାକୁ ହୀନଅବସ୍ଥା କରିବୁ ନ । ଜ ଗ୍ରତ କରିବୁ । ଏଇ ଘରେ ମୋର ଚାଳିଶି ବରଷ ଭୋଗ କଲିଣି । ମୁଁ ଯାଉଛି ଲୋ ଭାଉଜ ! ପରଦିନ ସକାଳ ବେଳ ଦିଦଣ୍ଡ ପର୍ଯ୍ୟନ୍ତ ଚନ୍ଦ୍ରଆଣୀର ଦୁଆର ନ ଖୋଲିବାରୁ ଦୁଆର ଭାଙ୍ଗି ଦେଖିଲୁ ବୁଢ଼ୀ ମରି ଯାଇଛି । ଗ୍ରାମବାସୀ ସେଇ ଘରକୁ ଭାଙ୍ଗି ଦେଇ ବୁଢ଼ୀକୁ ଦାହ କରିଦେଲେ । ଏଗାର ଦିନ ସେଇ ସାତଟଙ୍କାରେ ଏଗାର ଜଣ ବ୍ରାହ୍ମଣ ସନ୍ତୋଷରେ ଭୋଜନ ଖାଇ ଦୁଇଅଣା ଲେଖାଏଁ ଦକ୍ଷିଣା ନେଇ ବାହାରି ଗଲେ ।

ଚନ୍ଦ୍ରଆଣୀ ବୁଢ଼ୀ ମରିବା ବେଳକୁ ମୋତେ ଏଗାର ବରଷ । ଏଥର ପାଠପଢ଼ା ଗୁଡ଼ିଲା । ହଳ ବାଡ଼ି କାମରେ ଲାଗିଲି ।

ଆମ ପଡ଼ିଶା ଘର ଆଉ ଦୁଇଟି ପୁଅ ହେଲେ, ତାଙ୍କ ଘରୁ ପୋଷ୍ୟପୁତ୍ର ନ କରିବାରୁ ତାଙ୍କର ରାଗ ହେଲା । ମୋତେ ପନ୍ଦର ବର୍ଷ ହେଲା—କିନ୍ତୁ କାଗଜ ପତ୍ର ମୋ ନାଁରେ କରିଦେଲେ ନାହିଁ ।

Digitized by srujanika@gmail.com

ମହାନପୁରରେ ଆମ ନାଁମରେ ୪୨ ମାଣ ଜମିଥିଲା । ତାକୁ ମାଣ ପ୍ରତି ଶହେ ଟଙ୍କା ଦରରେ ବିକି ଦେଲୁ । ସେତେବେଳେ ରେଳ ନ ଥାଏ । ଶଗଡ଼ରେ ଖୋର୍ଦ୍ଧା ଯାଇ ଜମି ରେଜିଷ୍ଟ୍ରି ହେଲା । ମୋ ନାମରେ ଜମି ଜଉକ କଲେ । ମଧୁମିଶ୍ର ତ ସରବରାକାର ଓ ଧନଲୋକ ଥିଲେ । ତାଙ୍କ ରଇତମାନଙ୍କୁ ଧରି ବହୁତ ଅନ୍ୟାୟ କଲେ । ତାଙ୍କ ଜମି ତଳେ ଥିବା ଆମ ଜମିକୁ ପାଣି ଛାଡ଼ିଦିଅନ୍ତି । ନଈରୁ ବାଲି ଆସି ବାଲି ପଡ଼ିଆ ହୋଇ ଯାଏ । ୧୩୦୪ ସାଲରେ ବର୍ଷା ଅଭାବରୁ ମରୁଡ଼ି ହେଲା । ସେହି ବର୍ଷ ବନ୍ଦୋବସ୍ତ ହେଲା । ନରସିଂହପୁର ମୌଜାରେ ଯେତେ ସରକାରୀ ଜମିଥିଲା ସବୁ ତାଙ୍କ ନାମରେ କରିନେଲେ, ସେଥିରୁ କେତେକ ଆମ ଦଖଲରେ ଥାଏ । ସେହି ବର୍ଷ ବଡ଼ ହଇଜା ହେଲା । ଗାଁରୁ ବହୁତ ଲୋକ ହଇଜାରେ ମରିଗଲେ । ମଧୁସୂଦନ ମିଶ୍ରେ ଓ ତାଙ୍କର ଛୋଟ ପୁଅ ଗୋଟିଏ ଶଳା ଗୃହବଧୂ ମଧ୍ୟରେ ମରିଗଲେ । ସାନ ଦୁଇଟି ପୁଅ ଥାନ୍ତି । ତାଙ୍କ ଘରେ ରନ୍ଧାରନ୍ଧି ଧାନ ପ୍ରାୟ ୬୦ ଭରଣ ଥାଏ । ଦୁର୍ଭିକ୍ଷ ପଡ଼ିଲା । ଟଙ୍କାକୁ ଧାନ ୮ ସେର ହୋଇ ଯିବାରୁ ଲୋକେ ବଡ଼ କଷ୍ଟ ପାଇଲେ । ସେମାନଙ୍କ ଶୁଦ୍ଧ କାର୍ଯ୍ୟ କପରି ହେବ ଚିନ୍ତା ହେଲା । ବୋଉ କହିଲା, ଆମେ ଥାଉ ଥାଉ ସେମାନେ ପତିତ ହେବେ ନାହିଁ । ଲୋକେ ଆମକୁ ସିନା ନିନ୍ଦା କରିବେ ।

ମଧୁସୂଦନ ମିଶ୍ରଙ୍କ ଘର ହଇଜାରେ ମରିବା ପରେ ଗାଁରୁ ହଇଜା ଛାଡ଼ିଗଲା । ଏମାନଙ୍କ ଶୁଦ୍ଧାଦି କ୍ରିୟା ଭଲରେ ହୋଇଯିବା ପରେ ତାଙ୍କ ବଡ଼ ଜ୍ୱାଇଁ ଆସି ସବୁ ଭଲ ମନ୍ଦ ବୁଝିଲେ । ମଧୁ ମିଶ୍ରେ ଆମକୁ ଯେଉଁ ପରି ଦେଖୁଥିଲେ, ତାଙ୍କଠାରୁ ଜ୍ୱାଇଁ ଓ ବିଧବା ଝିଅକୁ ବଳକା ହେଲେ । ତାଙ୍କ ବିଲରେ ଆମର କଳେଇ ଶଗଡ଼ ଆଣିବାରୁ କଣ୍ଡା ଭାଙ୍ଗି ଗଲା ବୋଲି ମକଦ୍ଦମା କଲେ । ଆମେ ରାଜିନାମା କରିଦେଲୁ । ବଡ଼ ଲୋକଙ୍କ ସଙ୍ଗେ କଳି କରିବାକୁ ଆମର ବଳ ନ ଥିଲା ।

୧୩୦୭ ସାଲ, କାର୍ତ୍ତିକ ମାସ ହବିଷ କରିବାକୁ ବହୁତ ଲୋକ ପୁରୀ ଗଲେ । ବୋଉ କହିଲା ପାଞ୍ଚ ଟଙ୍କା ହେଲେ ମୋର ମାସକ

Digitized by srujanika@gmail.com

ହବିଷ ଚଳିଯିବ । ପୁରୀରେ ଯାନ ଅଭଡ଼ା କୁଡ଼ିକ ଚାରି ପଇସା । ଡାଲି ତରକାରୀ ଦି ପଇସା, ଏପରି ଛପଇସାରେ ଅଭଡ଼ା ଆଜି ବାଜେ ଖରଚ ମାସକୁ ତିନି ଟଙ୍କା । ସେତେବେଳକୁ ନୂଆଧାନ ଟଙ୍କାକୁ ବାର ଗୌଣୀ ହିସାବରେ ମୁଁ ପାଞ୍ଚଟଙ୍କା ଆଣିଦେଲି ।

ସେ ସମୟରେ ରେଳ ପଡ଼ିଥାଏ । ଟିକଟ ଦେଉ ନ ଥାଏ । ନାଆରେ ଆସିଲେ ବରକୁଦ ବାଟେ ଆଠକୋଶ ଚାଲିବାକୁ ପଡ଼େ । ବୋଉ କହିଲା, ତୁ ମତେ ଆଣିବାକୁ ଦୁଃଖେ ଯିବୁ ନାହିଁ । ଆମ ଗାଁର ବୁଢ଼ା ବିଦ୍ୟାଧର ମିଶ୍ରେ ତାଙ୍କ ସ୍ତ୍ରୀଙ୍କ ସହିତ ପୁରୀ ଯାଇଛନ୍ତି । ମୁଁ ତାଙ୍କ ସାଥିରେ ଫେରି ଆସିବି । ବିଦ୍ୟାଧର ମିଶ୍ରଙ୍କୁ ମୁଁ କହିଲି, ବୁଢ଼ୀକୁ ତୁମ ବଳରେ ମୁଁ ପୁରୀ ଛାଡ଼ୁଛି । ସେ କହିଲେ, ମୁଁ ଅଛି, ଭୟ କରୁ ନାହିଁ ।

ପଞ୍ଚକ ଯାତ୍ରାକୁ ପୁରୀ ଯିବାକୁ ଆମ ଗ୍ରାମର କେତେକ ବାହାରିଲେ । ସେଥିରେ ହରିହର ବେବର୍ତ୍ତା, ଶ୍ରେଷ୍ଠା ଜାହାଜିଆ, ଲକ୍ଷ୍ମଣ ପାଣ୍ଡ ଏପରି ମିଶି ବାରଜଣ । ମୁଁ ବିଚାରିଲି, ମାସକ ହବିଷ କରି ବୁଢ଼ୀ ହାଲିଆ ହୋଇଥିବ । ଯଦି ନାଆରେ ଆସି ଆଠକୋଶ ଚାଲି ନ ପାରେ ତେବେ ମୁଁ ତାକୁ ଶଗଡ଼ ଭଡ଼ା କରି ନେଇ ଆସିବି । ଏପରି ବିଚାରି କରି ତିନିଟଙ୍କା ଧରି ତାଙ୍କ ସାଙ୍ଗରେ ପୁରୀ ଗଲି ।

ବାଙ୍କିଆ ପଲିରେ ମଞ୍ଚାରେ ବସିଲୁ ଦିନ ଥିଲା । ବରକୋଦରେ ନାଆ ସକାଳୁ ଲାଗିଲା । ସକାଳୁ ବେଣା କୁଦାରୁ ଦହି କିଣି ଗାମୁଛାରେ ବାନ୍ଧି ବାଟ ଚାଲିଲୁ । ଗାଧୁଆ ବେଳକୁ ଅଲରନାଥରେ ପହଞ୍ଚିଲୁ । ସେଇ ପୋଖରୀରେ ଗାଧୋଇ ଜଳଖିଆ କରି ପୁଣି ବାହାରିଲ ବେଳକୁ ବେଳ ଦିଘଡ଼ି ଅଛି । ପୁରୀରେ ସେଦିନ ପହଞ୍ଚି ସେମାନେ କେଉଁଠାରେ ଅଛନ୍ତି ତାଙ୍କ ବସା ଖୋଜି କାଳିକା ଦେବୀ ସାହିରେ ପାଇଲୁ । ସେ ଦିନ ଏକାଦଶୀ, ବୋଉ ସହିତ ଶ୍ରୀଜଗନ୍ନାଥ ଦର୍ଶନକୁ ଗଲି । ଅଭଡ଼ା ଆଣି ଖାଇଲୁ—ଚତୁର୍ଦ୍ଦଶୀ ଦିନ ମାର୍କଣ୍ଡ ପୋଖରୀକୁ ସ୍ନାନକୁ ଗଲୁ । ଫେରିବାବେଳେ ବୋଉ ଦେହ ଝାପ ଲାଗିଲା । ସନ୍ଧ୍ୟାକୁ ବୋଉକୁ ଜୋର ଜର ହେଲା । ସେ କହିଲା ମୁଁ ମରିଯିବି, ପୁଅ ଟଙ୍କାଏ ଯୋଗାଡ଼ କର । ମୁଁ କାନ୍ଦିଲି, ସେଦିନ ସନ୍ଧ୍ୟାକୁ ଆମ ଗାଁ ସିଦ୍ଧମଠକୁ ଗଲି,

Digitized by srujanika@gmail.com

ସେତେବେଳେ ମହନ୍ତ ଶ୍ରୀ ରମାନୁଜ ମଧୁସୂଦନ ଦାସ । ସେ କହିଲେ, ତୁମେ ପଲା ଲୋକ, ତୁମ ସାଙ୍ଗରେ ଗାଁର ବଡ଼ ମଣିଷ କଏ ଅଛନ୍ତି, ତାଙ୍କୁ ଡାକ ଆଣ । ମୁଁ ଯୋଉଠାଇ ବିଦ୍ୟାଧର ମିଶ୍ରଙ୍କୁ ସବୁକଥା କହିଲାରୁ ସେ କହିଲେ, ମହନ୍ତ ସିନା ଟଙ୍କା ଦେବେ । ମାଲ୍‌ଲୋକ କୁଆଡ଼ୁ ଆଣିବା । ହଉ, ଟିକିଏ ଜରକୁ ଏତେ ଭୟ । ଛାଡ଼ିଯିବ। ସତକୁସତ ବାସୀଦିନ—କାର୍ତ୍ତିକ ପୂର୍ଣ୍ଣିମା ସକାଳୁ ଜର ଛାଡ଼ିଗଲା । ସନ୍ଧ୍ୟାକୁ ବୋଉ ସହିତ ଆକାଶ ଦର୍ଶନକୁ ଦେଉଳକୁ ଗଲୁ, ଖୁବ ଭିଡ଼, ବହୁ କଷ୍ଟରେ ଠାକୁରଙ୍କ ଦର୍ଶନ ମିଳିଲା ।

ପରଦିନ ପୁନେଇଁ ବାସୀ ହେବ । ସେଦିନ ରଥ ପଡ଼ରେ ଅଛୁ ସମସ୍ତେ ଗାଁକୁ ଯିବାକୁ ସଜ ହେଲେ । ଆଠକୋଶ ବାଟ ଚାଲି ଯାଇ ପାରିବୁ କି ବୋଲି ମୁଁ ବୋଉକୁ ପଚାରିଲି । ସେ କହିଲା, 'ମୁଁ ଚାଲେ ଶୀଘ୍ର ପକେଇବା—ରାତି ପଡ଼ରେ ଥିଲା ପୁଣି ବସା ଛାଡ଼ିଲୁ । ବାଟ ତିନକୋଶ ଆସିବାପରେ ବୋଉ ଗୋଡ଼କୁ କୋଲି ମାରିଦେଲା । ସେଠାରେ ନଈ ବନ୍ଧ ଉପରେ ଗୋଟିଏ ଗୁଡ଼ିଆ ଦୋକାନ ଥାଏ । ସେତେବେଳକୁ ସାମାନ୍ୟ ରାତି ମଧ୍ୟ ଥାଏ । ଗୁଡ଼ିଆକୁ ବହୁତ ଡାକିଲି । ମୋ ପାଖରେ ଗୋଟିଏ ନିଆଁ ପେଡ଼ି ଥାଏ । ସେଇ ଗୁଡ଼ିଆ ଘରରୁ ଆସ୍ତେ ଆସ୍ତେ ନଡ଼ା କଟୁ ଉଠାଇ ଆଣିଲି—ତା ସଙ୍ଗେ ଦିଖଣ୍ଡ ବତା ମଧ୍ୟ ଆଣିଲି । ଶହେ ହାତ ଦୂରରେ ଗୋଟିଏ ବରଗଛ ଥାଏ । ତା ମୂଳକୁ ବୋଉ ହାତ ଧରି ନେଇଗଲି । ସେଠାରେ ଭଲ କରି ନିଆଁ ଟିକିଏ କରି ବୁଢ଼ୀକୁ ସେକ ଦେଲି । ହାତଗୋଡ଼ ମୋଡ଼ି ଦେଲି । ପାହାନ୍ତିଆଟା ହୋଇଥାଏ । ମାର୍ଗଶୀର ଶୀତ ଆରମ୍ଭ । ଥଣ୍ଡା ବେଶୀ ପଡ଼ୁଥାଏ । ବେଳ ବିଘଡ଼ି ବେଳକୁ ବୁଢ଼ୀ ଟିକିଏ ଟାଣୁଆ ହୋଇ ବସିଲା । ସାଙ୍ଗବାଲା ମୋର ବିପଦ ଜାଣି ପାରିଲେ ନାହିଁ—ଛାଡ଼ି ଚାଲିଗଲେ । କ'ଣ କରିବି ଚିନ୍ତା କଲି । କେବଳ ଜଗନ୍ନାଥଙ୍କୁ ଡାକୁଥାଏ ।

ପ୍ରଭୁଙ୍କର ଦୟା କପରି ! ଆମ ଗ୍ରାମର ମଠର ରସୂତ ଜମିର ଚାଳିଲା ଧାନ ଲୋକସାନ ଦେଖିବା ପାଇଁ ଆପତ୍ତି କରିବାକୁ ଆଠଜଣ ମଠ ମହନ୍ତ ମହାରାଜଙ୍କ ନିକଟକୁ ପୁଣି ଯାଇଥିଲେ । ସେମାନେ ସେଦିନ

Digitized by srujanika@gmail.com

ସେଇବାଟେ ଗାଁକୁ ଫେରୁଥାନ୍ତି । ଆମ ପଡ଼ଶା ଗଉଡ଼ ମଧୁ ବେହେରା, ଭଜ ନାୟକ, ବାସୁ ନାୟକ, ରାହାସ ଗୋଚ୍ଛଇତ ସବୁ ମୋର ଆପଦ ଦେଖି ବୁଢ଼ୀକୁ କପରି ଗାଁକୁ ନେବା ବୋଲି ବଚାରକଲେ । ରାହାସ ଗୋଚ୍ଛଇତ ବୁଢ଼ୀକୁ ପିଠିରେ ଲଦିକରି ନେବାକୁ କହିଲା—ମାତ୍ର ଶେଷରେ ଲୁଗାରେ ଦୋଳିକରି ସେଥିରେ ବୁଢ଼ୀକୁ ବସାଇ ଖଣ୍ଡେ ଠେଙ୍ଗାରେ ଓହଳାଇ ଦି'ଜଣ କାନ୍ଧେଇଲେ—ଆଉ ଦି'ଜଣ ଦୁଇ ହାତ ପଟେ ରଖି କାନ୍ଧରେ ହାତ ପକାଇ ଚାଲିଲେ । ଏଇପରି ପାଞ୍ଚ କୋଶ ବାଟ ଯାଇ ବେଳ ଦଶଘଡ଼ ସରକ ବୋରକୁଦଠାରେ ପହଞ୍ଚିଲୁ । ସେଠାରେ ପ୍ରାୟ ଷାଠିଏ ଖଣ୍ଡ ନାଆ, ବାଲୁଗାଁ, ବଧାରପୁର, ଖଲିକୋଟ, ନଣସା, ବାଙ୍କେଆପଲ୍ଲୀ ଆଡ଼କୁ ଯିବାକୁ ପୂଜା ଯାତ୍ରୀଙ୍କ ଅପେକ୍ଷାରେ ଥାଏ । ବହୁତ ଲୋକ ଜମା ହୋଇଥାନ୍ତି । ପାଖରେ ପୋଖରୀଟିଏ ଥାଏ । ବୋଉ ସେଠାରେ ଦାନ୍ତ କେବଳ ଘଷିଲା । ମୁଁ ଗାଧୋଇ ସାରି ଚୂଡ଼ାଗୁଣ୍ଡା ଗୁଡ଼ ମିଶାଇ ଖାଇଲି । ଦିନ ପ୍ରାୟ ଦି ପହରକୁ ଆମେ ନାଆରେ ବସିଲୁ । ଆମ ନାଆରେ ପ୍ରାୟ ଶହେ ମଣିଷ ବସିଲେ । ନାଆ ସେଦିନ ରାତିସାରା ଯାଇ ତା ପରଦିନ ବେଳ ଦି' ଘଡ଼ିକୁ ଗନ୍ଧଆ ନାସିରେ ଲାଗିଲା । ମଧୁ ବେହେରା କହିଲା, ମୁଁ ଗାଁକୁ ଯାଉଛି । ଶଗଡ଼ ପଠାଇଦେବି । ସେମାନେ ଏତିକି କହି ଗାଁକୁ ଗଲେ । ନିକଟରେ କୌଣସି ଗଛ ନ ଥାଏ । ଖରାଟା ମାଡ଼ି ଆସୁଥାଏ । ପନ୍ତାକୂଳ । ଶଗଡ଼ ଆସିବା ଯାଏ ରହିବ କପରି ଭାବୁଥାଏ । ଏତିକିବେଳେ ବାଲୁଗାଁର ଧନ ବେହେରା ସେଠାରେ ପହଞ୍ଚିଲା—ଦଣ୍ଡଯାତ୍ରାକୁ ଗୀତ ଚଉପଦା ଲେଖେଇ ନେବାକୁ ସେ ମୋ ପାଖକୁ ଆସେ—ମୋର ଏଇ ଅବସ୍ଥା ଦେଖି ସେ ସଙ୍ଗେ ସଙ୍ଗେ ନାଆ ଛଟେଇ ଦୁଇଟି ଆଣି ଗୋଟିଏ ଘର କରିଦେଲା । ସେଥିରେ ବୁଢ଼ୀ ଶୋଇଲା । ଧନ ବେହେରା କହିଲା, "ସାଆନ୍ତ ରୋଷେଇ ପାଇଁ କ'ଣ ଅଛି କି ନାହିଁ ? ମୁଁ କହିଲି ହାଣ୍ଡି, କାଠ ଛଡ଼ା ଆଉ ସବୁ ଅଛି ।" ସେ ଦି'ଖଣ୍ଡ କାଠ ଯୋଗାଡ଼ କରିଦେଲା । ମୁଁ ଚୁଲି ଲଗାଇ ଭାତ ଡାଲି ବସାଇଦେଲି । ଏତିକିବେଳେ ଧନ ବେହେରା ଗୋଟେ ସଡ଼ା ଖଇଙ୍ଗା—ପ୍ରାୟ ଦି ବିଶା ମାଛ ହେବ ଆଣି ପହଞ୍ଚିଲା । କହିଲା, ବାଟରେ ଭାତ ଖାଇହୋଇ ନ ଥିବ । ଏ ମାଛଟାକୁ ଭଜା

Digitized by srujanika@gmail.com

ବେସର କରନ୍ତୁ—ମୁଁ ସୋରଷ ତେଲ ଆଣୁଛି । ମୁଁ କହିଲି ଏତେ ବଡ଼ ମାଛ ମୋର ଜମା ଦରକାର ନାହିଁ—ମାଛ ଗୃରଖଣ୍ଡ ହେଲେ ମୋର ହେଲା ।' ଧନ କହିଲା, 'ସାଆନ୍ତେ ଆପଣ ଚୁଲିରେ ବସାନ୍ତୁ—ଯାହା ବଳିବ ମୋର । ମାଛକୁ ତା ବସାକୁ ନେଇ କାଟି ଧୋଇ ଆଣି ସଙ୍ଗେ ସଙ୍ଗେ ପହଞ୍ଚିଲା—ସଜ ପଖାଳ, ବାଇଗଣ ପୋଡ଼ା, ଅଧା ଶିଝା ମୁଗଡାଲି ଟିକିଏ ଦେଇ ବୋଉକୁ ଭାତ ବାଢ଼ି ଦେଲା । ବୋଉ ଦୁଇ ଦିନ ହେବ ଖାଇନଥାଏ । ସେତିକି ଖାଇ ସେ ଶୋଇପଡ଼ିଲା । ମାଛ ପାଇଁ ପିଆଜ, ତେଲ, ମସଲା ସବୁ ବେହେରା ଆଣିଦେଲା । ମୁଁ ତାକୁ ଭଜା, ବେସର କରି ବସିଲି । ମାଛଟା ବଡ଼ ଚିକଣିଆ ହୋଇଥାଏ । ଦି' ଦିନ ହେଲା ମୁଁ ଭାତ ଖାଇ ନ ଥାଏ । ମୋର ପେଟକା ସମସ୍ତ । ମାଛରୁ ପ୍ରାୟ ଅଧେ ମୁଁ ଖାଇଦେଲି । ଅବଶିଷ୍ଟ ମାଛ, ଭାତ, ଡାଲି ସବୁ ହାଣ୍ଡି ସହିତରେ ଧନ ବେହେରାକୁ ଦେଇ ଦେଲି—ସେ ସବୁ ନେଇ ବସାକୁ ଗଲା । ମୁଁ ଟିକିଏ ଆଖି ପକାଇଦେଲି ସେଇ ବାଲିରେ । ଦିନ ତିନିପହର ସରିକି ଘରୁ ଗେଡ଼ ଯାଇ ପହଞ୍ଚିଲୁ । ମୁଁ ଧନ ବେହେରାକୁ ବହୁତ ପ୍ରଶଂସା କଲି । ଶଗଡ଼ରେ ସମସ୍ତେ ଗାଁକୁ ଆସିଲୁ ।

ବୁଢ଼ୀ ଦେହ ଭଲ ହୋଇଗଲା । ଅଳ୍ପ ଅଳ୍ପ ପଥ୍ୟ କରୁଥାଏ । ମାର୍ଗଶିର ମାସ ସପ୍ତମୀ ଦିନ ବୁଢ଼ୀକୁ ଜ୍ୱର ଆକ୍ରମଣ କଲା । ସେଦିନ ସନ୍ଧ୍ୟାରେ ଆମ ଗାଁ ବାଲୁଙ୍କୀ ଧଡ଼ାଇ ପାଞ୍ଚ ସେରା କାକଆ ଟେଙ୍ଗା ଟଙ୍ଗୁଡ଼ି ଆଣି ଘରେ ଦେଇଗଲେ—କହିଲେ, ଏବେ ଯେଉଁ ଗୀତଟି ଦେଇଥିଲେ ସେ ଗୀତକୁ ଦଣ୍ଡପାସା ବଣାକାରମାନେ ବଡ଼ ପ୍ରଶଂସା କରୁଛନ୍ତି । ତେଣୁ ଏ ମାଛ କୋଠରୁ ଆସିଛି । ଆପଣଙ୍କ ଲୁଡ଼ଖାଇ କରନ୍ତୁ । ମାଛରୁ ଅଧେ ସଙ୍ଗୀତ ଝାଡ଼ୁ ମିଶ୍ରଙ୍କ ଘରକୁ ପଠାଇଦେଲି । ବାକି ଅଧେ ଭଜା ବେସର କରି ରାତିରେ ସବୁ ଖାଇଦେବାକୁ ବୁଢ଼ୀ କହିଲା । ତୁମେ ସମସ୍ତେ ଖାଇ ସାରିଲେ ମୁଁ ପଥ୍ୟ କରିବି ।

ରାତି ପହରକ ବେଳକୁ ନିଆପିଆ ସରିଲା । ବୋଉ କହିଲା, ତୁମେ ସମସ୍ତେ ମୋ ପାଖକୁ ଆସ । ଆଜି ରାତି ଦୁଇଦଣ୍ଡ ଥିବ ମୋର କାଳ ହୋଇଯିବ । ତୁମେ ସମସ୍ତେ କାଠ, ଲୁଗା ସଜ କର । ମାଲି ଲୋକଙ୍କୁ କହି ଦେଇଥାଅ । ନଇଲେ ବାସୀ ମଡ଼ା ହୋଇଯିବ । ଅଙ୍କ

Digitized by srujanika@gmail.com

ମୁଁ ଜପ କଲାବେଳେ ଜଣେ କହୁଛି—ମୁଁ ଆଜ ମରିଯିବ । ଆମେ ସବୁ ଚାଟକା ହୋଇଗଲୁ । ବୁଢ଼ୀ ଆପଣା ଚଉରା ମୂଳେ ବସି ଜପକଲା । ଜ୍ୱର ଖୁବ୍ ବେଶି ଥାଏ ; କିନ୍ତୁ କାହାର ମନା ଶୁଣିଲା ନାହିଁ । ମୁଁ ସେହିକ୍ଷଣି ପଡ଼ଶାଘରର ମଧୁ ବେହେରାକୁ ବୁଢ଼ୀ କଥା କହିଲି । ରାତିରେ କାଠ ଦେବାକୁ ସେ ମନାକଲା । କହିଲା ମୋର ବୋହୂର ଆଠ ମାସ—ତେଣୁ ରାତିରେ ଘରୁ କାଠ ଦେଇପାରିବ ନାହିଁ । ଆମ ଘରର ବାଡ଼ିରେ କାଠ ଅଛି । ତୁମେ କାହାକୁ ନ କହି କାଠ ଯାହା ଦରକାର ନେଇଯିବ । ପୁଅମାନେ ଘରେ ନାହାନ୍ତି—ସମସ୍ତେ ରାତି ଶୋଇବାକୁ ଯାଇଛନ୍ତି ।" ଏତିକ କହି ସେ ଭଣ୍ଡାରିକୁ ଡାକଆଣିଲା । ବାଣପୁର ଯାଇ ଖଣ୍ଡେ ନୂଆ ଲୁଗା କିଣି ଆଣିବାକୁ ତାକୁ କହିଲି । ସେ କହିଲା, ନଅ ପଣ୍ଡାପୁଅଙ୍କ ଝିଅ ବାହାଘର ମଙ୍ଗଳାଯୋଡ଼ରୁ ମୁଁ ନଅହାତି ଲୁଗା ଖଣ୍ଡେ ପାଇଛି । ଏତିକ କହି ସେ ଲୁଗାଟି ଆଣି ଦେଲା । ଲୁଗାଟିକୁ ନେଇ ବୋଉକୁ ଦେଖାଇଲି । ସେ ତା ହାତରେ ମାପକରି କହିଲା, ହଁ ଲମ୍ବ ଅଛି ତ ହୋଇଯିବ । ତା'ପରେ କୁଶ, ରାଶି, ଘିଅସବୁ ଘରେ ଅଛି । ସବୁ ଠୁଳକରି ମୋ ପାଖରେ ରଖ ।

ତା' ପରେ ବୁଢ଼ୀ କହିଲା, ନଟା ଲୁଗାଟୋଇ, ଚେତନ ବାରିକ ଦୁହେଁ ଭଣ୍ଡିଆ ପଲ୍ଲୀରେ ରାତି ଶୋଇଥିବେ । ମାଲ ଲୋକମାନଙ୍କୁ ଡାକ ଆଣ । ଗାଁରେ ଲୋକନାଥ ମିଶ୍ର ଓ ଯୋଗୀ ମିଶ୍ରେ ଅଛନ୍ତି । ଶାସନରୁ ବାସୁଦେବ ଓ ଚୋର ସଂଗାତ ଝାଡ଼କୁ ଡାକଆଣେ । ମୁଁ କହିଲି, "ବୋଉ, ମଣିଷ ମଲେ ମାଲ ଡକା ହୁଅନ୍ତି । ତୁ ଏପରି ଅଶୁଭ କଥା କହୁଛୁ କାହିଁକି ?"

ବୋଉ କହିଲା "ଏବେ ରାତି ପହରେ କି ଛଅଘଡ଼ି ଥିବ । ମୁଁ ମରିବ ରାତି ଦୁଇଘଡ଼ି ଥିବ । ତା' ପରେ ତୁମେ ସମସ୍ତେ କାନ୍ଦିବ । ମାଲଲୋକ ଡାକିବାକୁ ଯାଉ ଯାଉ, କାଠ ନେଉ ନେଉ ରାତି ପାହିଯିବ —ମୁଁ ବାସିମଡ଼ା ହୋଇଯିବ । ତୁ କିଛି କରିପାରିବୁ ନାହିଁ । ତୁ ମୋ କଥା ମାନକରି ଯା, ଖାଲି କହିବୁ ବୋଉ ତମକୁ ଡାକୁଛି । କାହିଁକି ଡାକୁଛି ମୁଁ ଜାଣେନାହିଁ । ତା' ହେଲେ ସେମାନେ ଆସି ବସିଥିବେ । ମରିଗଲା କ୍ଷଣି ନେଇଯିବେ ।"

Digitized by srujanika@gmail.com

ହଉ ମୋତେ ନନା ମୁହଁକୁ ନେଇ ଗାଧୋଇ ଦିଅ । ଗରମ ପାଣି କରିବାକୁ ମୁଁ ବଡ ନାମାଙ୍କ କହିଲି । ନାମା କାନ୍ଦି କହି ବୋଉକୁ କହିଲା, ବୋଉ ତୁ ତ ମରିଯିବୁ । ଭଟକ ବଢ଼ି କରିନୁ । ପଇସା ଚଳ କଣ ରଖିଛୁ କହ । ବୁଢ଼ୀ କହିଲା, ମୋ ପାଖରେ ପଇସା ନାହିଁ । ଚନ୍ଦ୍ରଆଣୀ ହାତରେ ସବୁ ସମର୍ପି ଥିଲି । ସେ ମୋ ଘର ଚଳଉଥିଲା । ମୋର ସବୁ ଅଛି କହି ହାତ ଦୁଇଟିକୁ ଉପରକୁ ଟେକିଦେଲା । ତା ପରେ କଫ ଟିକିଏ ବାନ୍ତି କରି କହିଲା ଏଇତ କଫ ଆସିଲାଣି । ଦିଅ ମହାପ୍ରସାଦ ଟିକିଏ । ଗରମ ପାଣି ହୋଇଥିଲା—ବୁଢ଼ୀକୁ ଗାଧୋଇ ନୂଆ ଲୁଗାଖଣ୍ଡେ ପିନ୍ଧାଇ ଦେଲୁ । ବୁଢ଼ୀ ହାତରେ ତାର ବାଳଫେଣ ଉପରକୁ ଘୋଷାରି ହୋଇ ଗୁରୁଣ୍ଡି ଗୁରୁଣ୍ଡି ବାହାରି ଯାଇ ଚଉରା ତଳକୁ ମୁଣ୍ଡଦେଇ ଶୋଇଲା । ମହାପ୍ରସାଦ ତୋରାଣୀ ଗନାରେ ମୁଁ ଦେଲି—ଢକ ଢକ କରି ସେତକ ପିଇଦେଲା—ନାମା ମହାପ୍ରସାଦ ଦେଲାବେଳକୁ ଆଉ ପେଟକୁ ଗଲାନାହିଁ । ନାମା ଦି'ଜଣ ଭୋ କରି କାନ୍ଦିଲେ । ମୁଁ କାଠ ପରି ଠିଆହୋଇଗଲି ।

ଠିକ୍ ଏତିକିବେଳେ ଦାଣ୍ଡଦୁଆରେ ବାସୁଦେବ ନନ୍ଦ, ସଙ୍ଗାତ ଝାଡ଼ୁ ମିଶ୍ରେ, ଚୈତନ ବାରିକ, ନଟା ଗୁଡ଼ୋଇ ଆସି ପହଞ୍ଚି କ'ଣ ହେଲା ବୋଲି ପଚାରିଲେ । ନଟା ଗୁଡ଼ୋଇ, ଚୈତନ ବାରିକ କାଠ କପରି କରିବା ବୋଲି ପଚାରିଲେ—ମୁଁ କହିଲି, ମଧୁ ବେହେରା ବାରି ଶେଷରେ କାଠ ଗଦା ହୋଇଛି । ପାଞ୍ଚ ଭୁଣ୍ଡ ନ କରି ବାରି-ପଟେ ମଶାଣିକୁ କାଠ ଶୀଘ୍ର ନିଅ ।

ଯୋଗୀ ମିଶ୍ର, ବାସୁ ନନ୍ଦେ, ସଙ୍ଗାତ ଲୋକନାଥ ମିଶ୍ରେ ଚଉଁଳ ବନ୍ଧ ବାନ୍ଧି କରି ଶବକୁ ଶ୍ମଶାନକୁ ନେଇଗଲେ । ତା' ପରେ ପଥଶ୍ରାଦ୍ଧ କରିବାକୁ ମୁଁ, ପୁରୋହିତ ଶ୍ମଶାନକୁ ଗଲୁ । ରାତ ଶେଷ ପ୍ରାୟ । ସେହିଦିନ ତ୍ରିକ୍ରାନ୍ତ କରିବାକୁ ହେଲା । ତା' ପରଦିନ ବାର୍ତ୍ତା ପତ୍ର ପଠାହେଲା ।

ଭଣ୍ଡାରୀ ହାତରେ ବାର୍ତ୍ତାପତ୍ର କୁମାରଙ୍କ, ଅଚ୍ୟୁତରାଜପୁର ଶାସନ ଇତ୍ୟାଦିଙ୍କୁ ପଠାଇଲି । କୁମାରଙ୍କ ଜବଦାଶ ମହାପାତ୍ର ଓ

Digitized by srujanika@gmail.com

ଘନବନ୍ଧୁ ମହାପାତ୍ର, ସଙ୍ଗୀତ ଚତୁର୍ଭୁଜ ଦାଙ୍କୁ ସେଦିନ ଘରକୁ ଡକାଇ ଆଣିଲି—କପରି ଭାବରେ ଶୁଦ୍ଧିକ୍ରିୟା ହେବ ତାଙ୍କୁ ପରାମର୍ଶ କଲି । ତେବେ ଟଙ୍କା ଋଣ କରାଇଦେବାକୁ କୁମାରଙ୍ଗ ଜୀବଦାସ ମହାପାତ୍ରଙ୍କୁ କହିଲି—ଦୋଳପୂର୍ଣ୍ଣିମୀ ବେଳକୁ ଟଙ୍କା ଦେଇ ପାରିଲି ବାଣପୁରରୁ ଯୋଗାଡ଼ କରିଦେବେ ବୋଲି ସେ କହିଲେ । କାମର ଗୁରୁଦିନଆ କାର୍ଯ୍ୟ ସାମାନ୍ୟରେ ଧାର ଉଧାର କରି ଚଳାଇ ଦେ । ପଞ୍ଚମୀ ଦିନ ଦ୍ୱିପ୍ରହରବେଳକୁ ଆମେ ଦୁହେଁ ବାଣପୁର ଆସିବୁ । ତୁମ ନାମରେ ଟଙ୍କା ଋଣ କରାଇଦେବୁ । ' ଏତକ କଥା ସମସ୍ତେ ବିଦାହେଲେ ।

ବାଣପୁରରେ ଜଗବନ୍ଧୁ ପାତ୍ର ଓ ଗୋବର୍ଦ୍ଧନ ପାତ୍ର ପରିଚିତ ଥାନ୍ତି । ପରଦିନ ଚତୁର୍ଥୀ ସକାଳୁ ତାଙ୍କୁ ସବୁ କଥା କହିବାରୁ ସେ ନଗଦ ଦଶଟଙ୍କା ଦେଲେ ଏବଂ ଖଣ୍ଡେ ଗଡ଼ ଦେଲେ । ବାକି ଦି'ଖଣ୍ଡ ଦହି ନାମରେ ଗଉଡ଼ଗାଁରେ ବ୍ୟବସ୍ଥା କରାଇଦେଲେ । ଚତୁର୍ଥୀ ଦିନର କାମ ବଡ଼ିଗଲା ସୁବିଧାରେ । ପାଞ୍ଚଦିନ ଦିନ ୧୨ଟା ବେଳକୁ ମୁଁ ବାଣପୁରେ ପହଞ୍ଚିଲି । ଜୀବଦାସ ମହାପାତ୍ରେ ଠିକ ଏ ବିଳମ୍ବରେ ବଜାରରେ ଭେଟିଲେ । ସମସ୍ତେ ଗଣେଶ ରାମ ନାଇକଙ୍କୁ ଯାଇ ଦୋକାନରେ ପହଞ୍ଚିଲୁ । ଜୀବଦାସ ମହାପାତ୍ରେ ସେତେବେଳେ କୁମାରଙ୍ଗରେ ଜଣେ ଜଣାଶୁଣା ଲୋକ । ନ୍ୟାୟ ନିଶାପକୁ ବାଣପୁରକୁ ଆସନ୍ତି । ସେ କହିବାରୁ ୧୦୦ ଟଙ୍କା ଋଣ ଦେବାକୁ ଗଣେଶରାମ ରାଜିହେଲେ । ମୋ ପାଇଁ ଜୀବଦାସ ମହାପାତ୍ରେ ଦଲିଲ ଲେଖି ଦେଲେ । ବୈଶାଖ ପୂର୍ଣ୍ଣିମୀକୁ ଟଙ୍କା ଦେବାକୁ ଲେଖାହେଲା ; କିନ୍ତୁ ମୋତେ ଭଦ୍ରଲୋକ କହିଲେ ତୁମେ ଦୋଳପୂର୍ଣ୍ଣିମୀଠାରୁ ଚୈତ୍ରପୂର୍ଣ୍ଣିମୀ ମଧ୍ୟରେ ଟଙ୍କା ଯୋଗାଡ଼ କରିଦେବ । ସେଇ ଟଙ୍କାରେ ବୋଉର ପଞ୍ଚମ, ସପ୍ତମ, ଦଶାହ ବାରପଦ ଇତ୍ୟାଦି ଶୁଦ୍ଧିକ୍ରିୟା ଭଲ ଭାବରେ ହୋଇଗଲା । ଉଖୁଡ଼ା, ଦହି, ଚାକୁଅ ଚିଠା ସବୁ ହୋଇ-ଥିଲା । ଶୁଦ୍ଧିକ୍ରିୟା ପରେ ନୂଆଗଡ଼ ଭଉଣୀ ଘର ବେଲବାଡ଼ି ମକଦମା ଲାଗିଥାଏ । ମୁଁ ସେଠାକୁ ବାହାରିଗଲି ।

Digitized by srujanika@gmail.com

ବୋଉ ଥିବାବେଳେ ମୋର ମଙ୍ଗଳକୃତ୍ୟ ନିମନ୍ତେ ସେ ବହୁତ ଉଦ୍‌ଯୋଗ କରିଥିଲା । ଯେଉଁଠାରୁ କନ୍ୟା ପ୍ରସଙ୍ଗ ଆସିଲେ ସବୁ ଭାଙ୍ଗିଯାଏ । ସମସ୍ତେ କହନ୍ତି, ଅସଲ ଜମି ୧୦ ମାଣ ଅଛି ସତ ; ମାତ୍ର ପିଲା ଗୁଣରୁ ସେ ବନ୍ଧା ପଡ଼ିଚି, ରହିବ ନାହିଁ । ଥରେ ବୋଉ ବାମଦେବ ଖାଡଙ୍ଗାଙ୍କୁ ଭଦ୍ରଲୋକ ପାଞ୍ଚଟଙ୍କା ଦେଇ ଅମ୍ବଗ୍ରାମର ଗଂଗାଧର ମହାପାତ୍ରଙ୍କ ଝିଅ ନିମନ୍ତେ ବିବାହ କରିବାକୁ ପଠାଇଥିଲା । ସେ ଆସି ନିର୍ବନ୍ଧ କରିବାକୁ ସ୍ଥିରକଲେ । କନ୍ୟାସୁନା ସକାଶେ ଆମେ ପନ୍ଦର ଟଙ୍କା ଦେବାକୁ ସ୍ଥିର ହେଲା । ବିଦ୍ୟାଧର ମିଶ୍ରଙ୍କର ଗୋଟିଏ ପୁଅକୁ ୨୫ ବର୍ଷ ହୋଇଥାଏ । ସେ ବିବାହ ହୋଇନଥାଏ । ସେ ଗଂଗାଧର ମହାପାତ୍ରଙ୍କୁ ଡକାଇ ନେଇ ମୋ ବିପକ୍ଷରେ ସବୁ କହିବାରୁ ସେ ଭୁଲିଗଲେ । ଆମଘରେ ନିର୍ବନ୍ଧ ପାଇଁ ସବୁ ଯୋଗାଡ଼କରି ବସିଛୁ, ସେମାନେ ତାଙ୍କ ଘରେ ନିର୍ବନ୍ଧ କରିଦେଲେ ; କିନ୍ତୁ ଦୁଇବର୍ଷ ପରେ ବରପାତ୍ରଟି ବସନ୍ତ ରୋଗରେ ମରିଗଲା । ମୋତେ ଏବେ ୨୪ ବର୍ଷ ହେଲା । ବୋଉ ମରିବା ପରେ କନ୍ୟା ଖୋଜିବା ପ୍ରାୟ ବନ୍ଦ ହେଲା ।

ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟରେ ଘନେଇ ବ୍ରହ୍ମପୁରର ଆନନ୍ଦ ଦାଶ ତାଙ୍କର ଭଉଣେଇ ଲିଙ୍ଗରାଜ ମହାପାତ୍ର ରାଜଗୁରୁଙ୍କ ପୁଅ ବ୍ରତ ନିମନ୍ତେ କୁମାରଙ୍ଗ ଶାସନକୁ ଆସିଥିଲେ । ତାଙ୍କର କନ୍ୟାଟିଏ ଥାଏ । ସେ ବର ପ୍ରସଙ୍ଗରେ ଗୌର ପାଣି ମହାପାତ୍ର ଓ ଜୀବବନ୍ଧୁ ମହାପାତ୍ରଙ୍କୁ କହିଲେ । ମୋର ଭିଣୋଇ ଜୀବବନ୍ଧୁ ମହାପାତ୍ରେ ତାଙ୍କୁ ଧରି ଆମ ଗାଁକୁ ଆସି ପହଞ୍ଚିଲେ । ମୋର ସାନ ନାନୀ ଘରେ ଥାଏ । ମୁଁ ନୟାଗଡ଼ ନାନୀ ଘରକୁ ଯାଇଥାଏ । ମୋତେ ନ ଦେଖି ନାନୀ ସହିତ ସବୁ କଥାବାର୍ତ୍ତା ହୋଇ ଫେରିଗଲେ ; କିନ୍ତୁ ଆନନ୍ଦ ଦାଶଙ୍କ ଭଉଣୀ ତାଙ୍କୁ କହିଲେ, ପିଲାଟି ଆମ ଗାଁ ଷାଠିଏ ଘରେ ନଥିବ । ଦେଖିବାକୁ ଭାରି ସୁନ୍ଦର । ଘର ତ ଦେଖିଲ । ଜମି ୧୦ ମାଣ ଅଛି । ଆଖି ବୁଜି ନିର୍ବନ୍ଧ କରିଦିଅ । ଆନନ୍ଦ ଦାଶଙ୍କ ମନ ପାଇଲା । ସେ ଜୀବ ଦାଶ ମହାପାତ୍ର ରାଜଗୁରୁ ଗୌରପାଣି ମହାପାତ୍ରଙ୍କୁ ବତାଇ ବିଗ୍ରହ କଲେ ।

Digitized by srujanika@gmail.com

ମୋର ଭଣୋଇ ଜୀବବନ୍ଧୁ ମହାପାତ୍ରେ ମୋ ବିବାହ ସମ୍ବନ୍ଧ ପରାମର୍ଶ କରିବାକୁ ଆମ ଘରକୁ ଆସିଲେ । ସଧବା ନାନୀ ଥାଏ । ଭଣୋଇଙ୍କୁ ଦେଖିବା ପରେ, କେତେ ଦିନରେ ବାଟ ଭୁଲି ଶ୍ୱଶୁର ଘରକୁ ଆଇଲ ବୋଲି ପରିହାସ କରି ପାଣି, ପୀଢ଼ା ଦେଲା । ମହାପାତ୍ରେ କହିଲେ, ଗଞ୍ଜାମର ଛତ୍ରପୁର ନିକଟ ଦନେଇ ବ୍ରହ୍ମପୁର ଶାସନର ଆନନ୍ଦ ଦାଶଙ୍କର ଝିଅ ପ୍ରସଙ୍ଗ ଆଣିଛି । ସେମାନେ ମହୁରୀ ରାଜାଘର ରାଜଗୁରୁ ଥିଲେ, ସୁନ୍ଦରପୁର ନିକଟରେ ଘର । ଶ୍ରୀରାମଚନ୍ଦ୍ର ପୁରିଆ ଦାଶ, ଅଭିଜାତ ଭଲ । କନ୍ୟାସୁନା କିଛି ମାଗିବେ । ଦଶ ପଚିଶି ଦେବାକୁ ପଡ଼ିବ । ସ୍ୱଇତ ନାହାନ୍ତି । କ'ଣ କରିବା ।

ନାନୀ କହିଲା ଆଉ କାହାକୁ ପଚାରିବ । ଜ୍ଞାତିମାନେ ସବୁଘର ଭାଙ୍ଗଉଛନ୍ତି । ତେଣୁ କାହାକୁ ନକହି ତୁମେ ତୁମ ଗାଁରେ ନିର୍ବନ୍ଧ କରିଦିଅ । ସେଇ ନୂଆଗଡ଼ରୁ ଆଠଦିନ ଭିତରେ ଆସିବ । ତାକୁ ପଚାରି ଲାଭ କ'ଣ ? ତାକୁ ତ ୨୪ ବର୍ଷ ହେଲା । ଏକାଳେ ବିଭା ନ କରି ଆଉ ବୁଢ଼ା କରିବ କାହିଁକି ? ମହାପାତ୍ରେ କହିଲେ ହଉ, ମୁଁ ଯାଉଛି । ତୁମ ଭାଇ ଭଲ ମନ୍ଦ କହିଲେ ନିନ୍ଦା ଯଶ ତୁମକୁ ଲାଗିଲା । ମୁଁ ନିର୍ବନ୍ଧ କରିଦେବି ତେବେ ।

ଚକ୍ରପାଣି ମହାପାତ୍ର, ଜୀବଦାଶ ମହାପାତ୍ର ଉଭୟେ, ଦିନବନ୍ଧୁ ମହାପାତ୍ର ଥାଇ କଥା ଚଳିଲା । କନ୍ୟାସୁନା ନିମନ୍ତେ ଆନନ୍ଦ ଦାଶ ପଚିଶି ଟଙ୍କା ଧରି ବସିଲେ । ଶେଷରେ ଚକ୍ରପାଣି ମହାପାତ୍ରେ କହିଲେ, ଆନନ୍ଦ ଦାଶେ, ଆପଣ ବରପାତ୍ରକୁ ଦେଖିନାହାନ୍ତି । ଦଶଖଣ୍ଡ ଗାଁରେ ଏମିତି ପିଲାଟାଏ ଦେଖିବେନାହିଁ । ଦେଖିଥିଲେ କନ୍ୟାସୁନା ପାଇଁ କହନ୍ତେ ନାହିଁ । ହଉ ବିଧି ଅଛି । ପନ୍ଦରଟଙ୍କା କନ୍ୟାସୁନାରେ ଛିଣ୍ଡିଲା ।

ଦାଶେ ଆପଣେ ଘରେ କହିଲେ, ଆଲୋ ବରପାତ୍ରଟିଏ ଭଲରେ ମିଳିଗଲା । ନିର୍ବନ୍ଧ କରିଦେଲି । ମାଟିଘର କେତେ ବଖରା ଅଛି । ଜମିବାଡ଼ି କିଛି ଅଛି । ବରକୁ ଦେଖିନ, ସେ ତାର ନୂଆଗଡ଼

Digitized by srujanika@gmail.com

ଭଉଣୀଘର ଜମିବାଡ଼ରେ ଗୋଳମାଳ ଛୁଟାଇବାକୁ ଯାଇଛନ୍ତି ମୁଁ ମଧ୍ୟ ଘର ଦେଖିନାହିଁ । ସମସ୍ତେ କହୁଛନ୍ତି ତିନ ବଖରା ଘର ଅଛି । ବାଲି ୧୦ ମାଣ ପର୍ଯ୍ୟନ୍ତ ଅଛି । ଆଉ ଉପରେ ୧୫ ବଖରା ଘର ଅଛି । ପିଲାଟିକୁ କୋଡ଼ିଏ ବରଷ ହେବ ।

ବୁଢ଼ୀ ରାଗ ହୋଇ କହିଲେ, ତମେ ଘର ବର ତ କିଛି ଦେଖିଲନାହିଁ । କେଉଁ ପିଲାକୁ କାହାପର ଲୋକଙ୍କ କଥାରେ ନିର୍ବନ୍ଧ କରିଦେଲ କିପରି ?

ବୁଢ଼ା କହିଲେ, ତୋର ନଣନ୍ଦକୁ ସବୁ କଥା ପଚାରିବୁ । ସେ କହିଲା ମୂକୁଟାର କର୍ମ ଭଲ । ଦଶଖଣ୍ଡ ଗାଁରେ ଏପରି ପିଲାଟାଏ ନ ଥିବ । ତମେ ତାକୁ ଦେଖିଥିବ । ମୋ ବଡ଼ ଭଣଜା ସାଙ୍ଗରେ ସାଥୀ । ଆମ ଘରେ ଖେଳ ବୁଲ କରେ । ସୁନ୍ଦର ରୂପ, ମିଠାବୋଲି, ବଳିଷ୍ଠ ବପୁ, ଆମର ପିଲାଙ୍କ ପରି ଇସ୍କୁଲ ପାଠପଢ଼ା । ଗାଁ ପାଠ ତ ସରିଛି । ଏସବୁ ଶୁଣି ବୁଢ଼ୀ ଆନନ୍ଦ ହେଲେ ।

ନିର୍ବନ୍ଧ ପରେ ମହାପାତ୍ରେ ଆମ ଗାଁକୁ ଗଲେ, କହିଲେ, ଆଗେ ଶରଧା, ନିର୍ବନ୍ଧ ହେଲା—ପନ୍ଦର ଟଙ୍କା ଦେବାକୁ ପଡ଼ିବ, କୃଷ୍ଣପକ୍ଷ ସପ୍ତମୀକୁ ବିବାହ ସ୍ଥିରହେଲା । ଯାହାଙ୍କୁ ନିମନ୍ତ୍ରଣ ଆସିଲା ଦିନ ସେ ଟଙ୍କା ନେବେ—ଆୟୋଜନ କରି ଟଙ୍କା ରଖି ଥା । ପିଲା ନୂଆଗଡ଼ରୁ ଆସିଲାକ୍ଷଣି ଆମ ଗାଁକୁ ପଠାଇଦେବୁ । ବିବାହକୁ କିପରି ଯିବାକୁ ହେବ । ବରଯାତ୍ରୀ କିଏ ଯିବେ, ସବୁ ଠିକ୍ ଠିକଣା କର ।

ଆଠଦିନ ପରେ ମୁଁ ନୂଆଗଡ଼ରୁ ଫେରିଲି । ସେତେବେଳେ ଅସଙ୍ଗ ଜଙ୍ଗଲ । ହାଣ୍ଡିଗଡ଼ାଣି ଅଛି । ଚାଲି ଚାଲି ଆସିବା ସୁବିଧା ହୁଏ ଏବପରି ବର୍ଷ ଗୋଟିଏ ବୋଲି ନ ଥାଏ । ଘରେ ନାନୀଠାରୁ ସବୁ କଥା ଶୁଣିଲି । ଦି' ଦିନ ପରେ ଗଲି କୁମାରଙ୍କ । ମହାପାତ୍ରେ ମୋ ବିଭାଘର କଥା ସବୁ କହିଲେ । ବରଯାତ୍ରୀ ଠିକଣା କଲୁ—କୁମୁରଙ୍ଗ ଜୀବ ଦାଶେ, ରଙ୍ଗପୁର ପରମାନନ୍ଦ ମହାପାତ୍ର, ବୁଲା ମହାପାତ୍ର-ଅଚ୍ୟୁତ ରାଜପୁର ଠିକ୍ ହେଲେ । ସମସ୍ତଙ୍କୁ ନିମନ୍ତ୍ରଣ ଦେବାର ସ୍ଥିରହେଲା ।

Digitized by srujanika@gmail.com

ବିବାହ

ଅସଲ କଥା ଶୁଣା ହେଲା—ଟଙ୍କା ! ଗୋଟିଏ ଦାମୁଡ଼ ଘରେ ଥାଏ। ମହଣ ହୋଇଥାଏ । ଦାନ୍ତ ଛ'ଟି କରିଥାଏ । ତାକୁ ବିକ୍ରୀ କରିବାକୁ ବୁଝିଲୁ। ଦାଣ୍ଡ ମୂଲ ତିରିଶି ଟଙ୍କା ହେଲା—କିନ୍ତୁ ଆମ ଗାଁ ବେବର୍ତ୍ତାଙ୍କ ଘର ତାକୁ କୋଡ଼ିଏ ଟଙ୍କା ମୂଲକଲେ । ସେତେବେଳେ ତାଙ୍କୁ ଗାଁରେ ଲୋକେ ଡରୁଥିଲେ—ତାଙ୍କ ଉପରେ ଆଉ କେହି କିଣିବାକୁ ଆସିଲେ ନାହିଁ । ଆମର ତ ଟଙ୍କା ଦରକାର। କଣ କରିବୁ ଚିନ୍ତାକଲୁ। ଦୁଇଦିନ ପରେ ପୁଣି ବୁଢ଼ାଗିରି ଆଡ଼ୁ ଦ'ଜଣ ଲୋକ ଦାମୁଡ଼ କିଣିବାକୁ ଆସିଲେ । ସେମାନେ କହିଲେ ଅଠେଇଶ ଟଙ୍କା ଦେବୁ; ମାତ୍ରକ ଏଇ ଦାମୁଡ଼କୁ ନେଇ ଘଣ୍ଟିଡିପଡ଼ା ଗାଁ ପରେ ବାଟରେ ଆମକୁ ଦେଲେ ସେଇଠାରେ ଟଙ୍କା ଦେବୁ । ତାଙ୍କ କହିବା ଅନୁସାରେ ଆମେ ରାତି ଚ ଘାନ୍ତାରୁ ଦାମୁଡ଼ ନେଇଗଲୁ—ଘଣ୍ଟିଡିପଡ଼ା ଗାଁ ମୁଣ୍ଡ ପଢା ଡେଇଁଦେଇ ୨୮ ଟଙ୍କା ନେଇ ଆସିଲୁ । ଏଥିରୁ କନ୍ୟାମୁନା ପନ୍ଦର ଟଙ୍କା ଯିବ । ଭୋଜି ପାଇଁ ପାଞ୍ଚ ଟଙ୍କା ଖରଚ ହେଲେ ଭଲରେ ହେବ—ବାକି ଆଠଟଙ୍କା ବର, ବରଯାତ୍ରୀ, ବାଜା, ରାସ୍ତା ଖରଚ ହୋଇଯିବ । ସେ ସମୟକୁ ରେଳ ନୂଆ ନୂଆ ଆସିଥାଏ । ଟିକଟ ନେଇ ନ ଥାଏ , କିନ୍ତୁ ଲୁହାପୋଲୁ କରି ଲୋକେ ଯିବା ଆସିବା କରନ୍ତି । କିଛି ପଇସା ପଡ଼େ ବୋଲି ଶୁଣିଲୁ ।

ଆଠଦିନ ପରେ ଜ୍ୱାଇଁ ନିମନ୍ତ୍ରଣ ଆସିଲା । କନ୍ୟାମୁନା ପନ୍ଦରଟି ଟଙ୍କା ଦିଆହେଲା । ତା' ପରେ ବରଯାତ୍ରୀଙ୍କୁ ବର ସଙ୍ଗରେ ଯିବାକୁ ନିମନ୍ତ୍ରଣ ଦେଲି । ଭଣୋଇ ବୁଲି ମହାପାତ୍ରଙ୍କ ଘରକୁ ଗଲି—ସେ କହିଲେ, ଆମକୁ ଯଥାଟିଏ ଅଉ ପାଞ୍ଚ ଟଙ୍କା ନ ଦେଲେ ଆମେ ଯିବୁନାହିଁ । ଆମେ ଭୂମୁରପୁଟିଆ ମହାପାତ୍ର । ବୁଢ଼ୀ କହିଲେ, ରଣପୁର ପରମାନନ୍ଦ ମହାପାତ୍ରେ ଭୂମୁରପୁଟିଆ ଥିଲେ—ସେ ତୁମ ଜୋଇଁ—ଆମେ ତୁମ ଜୋଇଁ ନୁହଁ—ବାମଦେବ ମିଶ୍ରଙ୍କ ଜୋଇଁ । ତାଙ୍କ କଥାରେ ଖଣ୍ଡିଏ ଲୁଗା ମର୍ଯ୍ୟାଦା ଦେବାକୁ କହିଲି । ଭଉଣୀ ମଣିକୁ ସାଙ୍ଗରେ ନେଇ ଘରକୁ ଆସିଲି । ପରଦିନ ଭୋଜିହେଲା । ଆମେ ଶଗଡ଼ରେ ଯିବାକୁ ସ୍ଥିରକଲୁ ।

ଆମ ଧାଇ ରହାସ ପଧାନର ଗୋଟିଏ ବଳଦ, ଅଉ ଗୋଟେ ବଳଦ ଜଗନ୍ନାଥ ମିଶ୍ରଙ୍କୁ ମାଗିଲୁ । ଚେତନ ବାରିକ ଶଗଡ଼ଟି ଦେଲା ।

Digitized by srujanika@gmail.com

ରସୂତ ଗୌଡ଼ମାନେ ପାଲିଙ୍କି ଆଣିଲେ । ତିନିଜଣ ବରଯାତ୍ରୀ ଶଗଡ଼ରେ ବସିଲେ । ସୁନାକେଉ ପର୍ଯ୍ୟନ୍ତ ବାଜା ପାଲିଙ୍କି ଗଲା । ସେଠାରୁ ସମସ୍ତେ ଶଗଡ଼ରେ ଚଳୁ । ଡାଲି, ଚୂଡ଼ା ସବୁ ଶଗଡ଼ରେ ଥାଏ । ମୁଁ ଗୋଟିଏ ସୁନାମୁଦି ଓ ଘୋଡ଼ଷିଆ ମାଳିଟିଏ ବାମଦେବ ମିଶ୍ରଙ୍କ ଘରୁ ମାଗିଆଣି ପିନ୍ଧିଥାଏ । ସେତେବେଳେ ପାଟ, ସୁନାମୁଦି ଶୁଭଦିନମାନଙ୍କରେ ମଗାମଗି ଚଳୁଥାଏ । ଘନବନ୍ଧୁ ମହାପାତ୍ରେ, ଜୀବଦାସ ମହାପାତ୍ରେ ଓ ପରମାନନ୍ଦ ମହାପାତ୍ରେ ବରଯାତ୍ରୀରେ ଗଲେ ।

ପ୍ରାୟ ବେଳ ଦ'ଘଡ଼ି ଅଛି—ଆମେ ବଡ଼କୂଳ ଗାଁରେ ସ୍କୁଲ ନିକଟରେ ଟେଣ୍ଟ ପିଟାଇଲୁ । ଆମ ଗାଁ ଧନେଶ୍ୱର ନନ୍ଦ ସେ ଇସ୍କୁଲର ଶିକ୍ଷକ ଥାନ୍ତି । ଆମର ଭୋଜେଇ ପାଇଁ ଅଭାବ ଥିବା ଜିନିଷ ସେ ଯୋଗାଇଦେଲେ । ଭଲ ଲୋକ ସେ । ଭାତ, ଡାଲମା କରି ଖାଇଲୁ । ରାତି ଘଡ଼ିଏ ଥାଇ ସେଠାରୁ ବାହାରିଲୁ । ଗୋଲ ପୋଷ୍ଟଘଠାରେ ଝାଡ଼ା, ଦାନ୍ତଘଷା କାମ ସରାଇଲୁ । ସେଠି ମୋ ହାତକୁ ଦେଖେ ତ ସୁନା ମୁଦିଟା ନାହିଁ । ମୋ ବୁଦ୍ଧି ହଜିଗଲା । ଦୌଡ଼ିକରି ବଡ଼କୂଳ ଇସ୍କୁଲକୁ ଆସିଲି । ସେତେବେଳକୁ ପିଲା ଆସି ନ ଥାନ୍ତି । ଆମ ଶୋଇବା କାନ୍ଥ ପାଖରେ ମୁଦିଟି ପାଇଲି । ଫେରିଗଲି । ସମସ୍ତେ ମୁଦିଟି ପାଇବାରୁ ଆନନ୍ଦିତ ହେଲେ ।

ଶଗଡ଼ ବାନ୍ଧିଲୁ । ସେଇ ମୁଣ୍ଡିଆ ତଳେ ଭଲ କୂଅଟିଏ ଥାଏ । ସେଠାରେ ଭୋଜେଇ କଲୁ । ଘନବନ୍ଧୁ ମହାପାତ୍ରେ ଭଲ ଖାଆନ୍ତି । ଦୁଇଅଣା ପଇସା ଦେଇ ଟେଙ୍ଗରା ମାଛ ୧ ବିଶା କିଣିଲୁ । ଆମେ ତିନିଜଣ, ଦନାଇ ବାରିକ ଓ ଗାଡ଼ିବାଲା ଚୈତନ ବାରିକ—ଛ' ଜଣଙ୍କୁ ଭୋଜନ ଭାତ, ଡାଲି, ମାଛ ଝୋଳ ଭଲରେ ହେଲା । ଖାଇ ପିଇ ପୁଣି ଶଗଡ଼ ବାନ୍ଧିଲୁ । ସେଦିନ ବାଟରେ ଜଳଖିଆ ହେଲା । ସନ୍ଧ୍ୟାକୁ ରମ୍ଭା ଠାରେ ପହଞ୍ଚିଲୁ ।

ରମ୍ଭାଠାରେ ଜଣେ କୁମୁଟି ମହାଜନଙ୍କ ସଙ୍ଗେ ପରିଚୟ ହେଲା । ତାଙ୍କ ମାମୁଁ ବାଣପୁର କୃଷ୍ଣ ସୁବୁଦ୍ଧି । ଘର ବଖରାଏ ଦେଲେ । ଭୋଜେଇ ଆରମ୍ଭ ହେଲା । ଘନବନ୍ଧୁ ମହାପାତ୍ରେ ପଣେ

Digitized by srujanika@gmail.com

ବଡ ଚିଙ୍ଗୁଡ଼ି ଦୁଇଅଣା ଦେଇ ଆଣିଲେ । ଚିଙ୍ଗୁଡ଼ି ଭଜା, ବେସର, ଡାଲି, ଭାତ ହେଲା । ଖାଇଲୁ । ରାତି ପହରେ ଥାଇ ବାହାର ଦୁଆରେ ରାତି ପାହିଲା । ବେଳ ତିନ ଘଡ଼ି ସକାଳ ଋଷିକୁଲ୍ୟା ନଦୀ ପାରହେଲୁ । ସେତେବେଳେ ନଦୀରେ ପାଣି ନ ଥାଏ । ଶଗଡ଼ ବାଟରେ ନଦୀ ପାରହେଲୁ । ଶୁଖିଲା ନଦୀ ପ୍ରାୟ । ସେଇଠୁ ମେଞ୍ଜିଆ ମାଛ ବାଟେ କିଣି ନେଇ ରାଜପୁରକୁ ଚାଲିଗଲୁ । ଜଣେ ବ୍ରାହ୍ମଣ ଝିଏ ଘର ରୋଷେଇ ପାଇଁ ଦେଲେ । ମାଛ ବେସର, ଡାଲି ଭାତ ହେଲା । ଋଷିକୁଲ୍ୟା ପାର ହେଲାବେଳେ ଚୈତନ ବାରିକ ଆମକୁ ଲୁଚାଇ କରି ଏଟେ ଓଜନର ଗୋଟେ ବଡ କଙ୍କଡ଼ା ନେଇଥିଲା । ଆମେ ବ୍ରାହ୍ମଣ, କଙ୍କଡ଼ା ଆଣିଲୁ କାହିଁକି, ନିନ୍ଦା ହେବ ; ଆମେ ଶାସନି, କଙ୍କଡ଼ା ଖାଇବୁ ନାହିଁ— ତାକୁ ନେଇ ସେ ଗାଁ ବାହାରେ ଛାଡ଼ିଦେଲା । ବେଳ ତିନ ଘଡ଼ି ଅଛି—ଆମର ସବୁ କାମ ସରିଲା ପୁଣି ଶଗଡ଼ ବାନ୍ଧିଲୁ । ତାଲପଲ୍ଲୀ ଗାଁରେ ପହଞ୍ଚିଲା ବେଳକୁ ରାତି ଦି ଘଡ଼ି ହେଲାଣି । ଆଉ ଶଗଡ଼ ବାଟ ପାଇଲୁନାହିଁ । ଏତିକିବେଳେ ଜଣେ ଲୋକ ପାଟିକରି ଡାକିଲା—"ବାଣପୁରରୁ କିଏ ଆସିଛି ହେ—ଇଆଡ଼େ ଆସ—ଆମ କଚେଇ ଆନନ୍ଦ ଦାଶେ ପଠାଇଛନ୍ତି ।" ଲୋକଟି ଖଣ୍ଡେ ଚାରିକଣିଆ ଲଣ୍ଠନ ଧରିଛି । ଆମେ ତାଙ୍କର ସଙ୍ଗରେ ଗଲୁ ।

ତନାଇ ବ୍ରହ୍ମପୁରରେ ପ୍ରାୟ ରାତି ପହରେ ସକାଳ ପହଞ୍ଚିଲୁ । ବାରିକ ଗୋଡ଼ ଧୋଇଦେଲା । ହୁଳହୁଳି, ଶଙ୍ଖ ବାଜିଲା । ଆମକୁ ବସାଘର ଦେଲେ । ବରଯାତ୍ରୀ ସାମଗ୍ରୀ ସବୁ ଟୋଇଦେଲେ । ମାଛ ବହୁତ ଦେଇଥିଲେ । ଗାଁର ମୁଖ୍ୟ ଲୋକଚନ୍ଦ୍ର ଦାସ ବୁଢ଼ା— ବୟସ ୭୫ । ଆସି କୁଶଳ ବାର୍ତ୍ତା ଦେଲେ । ଆନନ୍ଦ ଦାଶ ଘର ବର ନ ଦେଖି ନିନ୍ଦା କରିଛନ୍ତି—ଆମ ଭାଗ୍ୟକୁ ଏ ଜୋଇଁ ମିଳିଛି ବୋଲି ସମସ୍ତେ ଅତ୍ୟନ୍ତ ଆନନ୍ଦ ହେଲେ । ଖିଆପିଆ ସରିଲା । ଚୈତନ ବାରିକ ଓ ଦନେଇ ବାରିକ ତାଙ୍କ ଘର ରୋଷେଇରେ ଖାଇଲେ । ରାତି ପହରେ ଥାଇ ଆମେ ଶଗଡ଼ ଧରି ସୁନ୍ଦରପୁର ମହାଦେବଙ୍କ ମନ୍ଦିରଠାକୁ ବାହାରିଗଲୁ ।

ସକାଳୁ କନ୍ୟାଘର ଯାନବାହନ ଦେଇ ଆମକୁ ଆଣିଲେ । ସେଦିନ ପ୍ରାୟ ରାତି ଘଡିକଠାରେ ବିବାହ ଶେଷହେଲା । ତା' ପରେ

Digitized by srujanika@gmail.com

ଫୁଲସଜ୍ଜା । ରାତ ଚଢ଼ରକଠାରେ ଶଙ୍ଖ ଓ ସଜ୍ଜ ସାଙ୍ଗ ହେଲା । ଘଟରେ ବରଯାତ୍ରୀ ମର୍ଯ୍ୟାଦା ହେଲେ । ସକାଳୁ ବରଯାତ୍ରୀ ବିଦାୟ ହେଲେ । ବରଯାତ୍ରୀଙ୍କୁ ବାଟକୁ ପରିବାପଣ ଇତ୍ୟାଦି ଯାବତୀୟ ଜିନିଷପତ୍ର ଦେଲେ । ବୃନ୍ଦକଟକ ଫେରାଇଦେଲେ । ଚଉଠି ହୋମପାଇଁ ଦୀନବନ୍ଧୁ ମହାପାତ୍ରେ ସବୁ ଜିନିଷ ଶ୍ୱଶୁରଙ୍କୁ ବୁଝାଇଦେଲେ । ଊଣା ଅଧିକ ଚଳାଇନେବାକୁ କହି ବରଯାତ୍ରୀ ବିଦାହେଲେ । ରହିଲି ମୁଁ ଏବଂ ଦାନେଇ । ଆମେ ଦଶମଙ୍ଗଳା ପରେ ଯିବାର ସ୍ଥିର ହେଲା ।

ଚଉଠି ହୋମ ସରିଲା । ସାତମଙ୍ଗଳା ଦିନ କନ୍ୟାଣ ହେଲା । ଆଠ ମଙ୍ଗଳା ଦିନ ବର ଲୁଚିବା କଥା । ଚ ହାଲାରୁ ଉଠି ଦାନେଇକୁ ସାଙ୍ଗରେ ଧରି ତାରାତାରିଣୀଙ୍କ ପର୍ବତକୁ ବାହାରିଗଲି । ସେତେବେଳେ ଠାକୁରାଣୀଙ୍କ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ନ ଥାଏ । ସକାଳ ନଅ ଘଣ୍ଟାଠାରେ ପର୍ବତ ତଳେ ପହଞ୍ଚିଲୁ । ଋଷିକୁଲ୍ୟାରେ ସ୍ନାନକରି ପର୍ବତ ଉପରକୁ ଦର୍ଶନ କରିବାକୁ ଗଲୁ । ଉତ୍ତମ ରୂପେ ଦର୍ଶନ ମିଳିଲା । ତଳକୁ ଆସି ଘରଟିଏ ଭଡ଼ାକରି ରହିଲୁ । ସେତେବେଳେ ନିତ୍ୟ ଠାକୁରାଣୀଙ୍କ ନିକଟରେ ବୋଦା ଛେଦ ପଡ଼ନ୍ତି । ସେଇ ପ୍ରସାଦରୁ ଦୁଇଅଣାର ମାଂସ କିଣିଲୁ । ରୋଷେଇ କରି ଭାତ ମାଂସ ତରକାରି ଖାଇସାରି, ବେଳ ତିନଘଣ୍ଟାଠାରେ ବାହାରିଲୁ । ପ୍ରାୟ ସନ୍ଧ୍ୟା ବେଳକୁ ଦାନେଇ ବ୍ରହ୍ମପୁର ତୋଟା ପାଖ ବରଗଛଠାରେ ଅପେକ୍ଷା କଲୁ । ମୋର ବଡ଼ ଶଳା ଲିଙ୍ଗରାଜ ଗୁଡ଼ ଟିକିଏ ପରେ ଧରି ଆସିଲା—ତା' ସାଙ୍ଗରେ ତାଙ୍କ ଘରକୁ ଗଲୁ । ରାତ ଚନ୍ଦ୍ର କନ୍ୟାପନା ହେଲା । ତା' ଆରଦିନ ଦଶ ମଙ୍ଗଳାରେ ରାତ ପହରରେ ଥାଇ ଦାନେଇ ବାଳକ ଓ ମୁଁ ବାହାରି ଆସିଲୁ ଗଞ୍ଜାମ ଷ୍ଟେସନକୁ । ସେଠାରେ ତିନ-ଘଣ୍ଟା ବସିଲା ପରେ ରେଳ ଆସିଲା । ଡ୍ରାଇଭରକୁ ଗୋଟିଏ ଟଙ୍କା ଦେଇ ଟାଣ୍ଡରେ ବସିଲୁ । ଗାଡ଼ି ମଝିରେ ରହି ରହି ଆସୁଥାଏ । କନିଷ୍ଠପଡ଼ା-ଠାରେ ପହଞ୍ଚିବାରୁ ତାକୁ କହିବାରୁ ଆମକୁ ଓହ୍ଲାଇ ଦେଲା । ଦଣ୍ଡେ ବେଳଥାଏ । କୋଶେବାଟ ଚାଲି ଆମେ ଘରେ ଆସି ପହଞ୍ଚିଲୁ । ଘରେ ଗରମ ପାଣି କରି ଅଳଟା ସିନ୍ଦୂର ସବୁ ଦେହରୁ ଛଡ଼ାଇଲି ।

Digitized by srujanika@gmail.com

ପେଟ ଚିନ୍ତା

ବୋଉ ଥିବା ସମୟରେ ମୁଁ ଅଧିକକର ଲୁଣ ଘରକୁ କଟେ-ନାହିଁ । ସେଦିନ ଗୋବିନ୍ଦଙ୍କର ଦଫା—ପାଣୁ ନାହାକ ବାଉଗ୍ଣ ଗାରଟିଏ ଧଳା ମୁଗ ଧରି ଆମ ଦୁଆରେ ପହଞ୍ଚିଲା । ଭଲ ମୁଗ ବୋଲି କହିବାରୁ ତାକୁ ମାପକରି ଟ୨୳ ଦେଲି । ଆଉ ମୁଗ ମିଳିବା କଥା ପଚାରିବାରୁ ସେ କହିଲା—ଆମ ଗାଁ ବେରୁଆଁ ବାଡ଼ିରେ ଦଶ ଶଗଡ଼ ଧଳା ମୁଗ ଅଛି । ଏହି ଦରରେ ପାଇବେ ; ମାତ୍ର ଶଗଡ଼ ଭଡ଼ା ପଡ଼ିଯିବ । ତାକୁ ମୁଗ ବୁଝିକରି ରଖିବାକୁ କହିଲି—ପଅରଦିନ ମୁଁ ନିଶ୍ଚେ ଯିବି ବୋଲି ଜବାବ ଦେଲି । ସେତେବେଳେ ଟାଙ୍ଗି ବଜାର ଦର ମୁଗ ଟଙ୍କାରେ ୧୧ ସେର । ଟାଙ୍ଗି ପ୍ରଧାନ ବଜାର ହୋଇ-ଥାଏ । ପ୍ରତ୍ୟହ ଶହ ଶହ ଶଗଡ଼ ଆସେ ; କିନ୍ତୁ ମୋର ଟଙ୍କା ନ ଥାଏ । ଯାହାହେଉ, ଧାର ଉଧାର କରି ୩୫ ଟଙ୍କା ଯୋଗାଡ଼ କଲି । ଖଣ୍ଡିଆର ଚେତନ ପଧାନ ଶଗଡ଼ିଆ ପ୍ରତି ମାସରେ ଥରେ ଦି' ଥର ଟାଙ୍ଗି ଯାଏ । ତା ଶଗଡ଼ ଭଡ଼ା କଲି । ରାତି ଦି'ଘଡ଼ି ଥାଇ ବାହାରି ବେରୁଆବାଡ଼ିରେ ବେଳ ଘଡ଼ିକେ ପହଞ୍ଚିଲୁ । ଦୁଇ ଶଗଡ଼ ମୁଗ ମାପ ହେଲା । ଆଉ ଗୃହୋଗାଡ଼ି ମୁଗକୁ ବଇଣା ଦେଇ ଆସିଲି । ସେ ମୁଗ ଟାଙ୍ଗୀ ବଜାରକୁ ନେଇ ବିକ୍ରୀ କରିବାରେ ଭଲ ଲାଭହେଲା । ଏହିପରି ତିନି ପାଞ୍ଚ ଥରରେ ପ୍ରାୟ ତିରିଶ ଟଙ୍କା ହେବ ମାସକ ଭିତରେ ଲାଭ ମିଳିଲା । ଦିନେ ଟାଙ୍ଗିର ମହାଜନ ଦୁଇଶହ ଟଙ୍କାର ଖାଲି ରେଜା ପଇସା ଦେଲା । ପଞ୍ଚଦୋଳ ଦି' ଦିନ ଥାଏ । ସେତିକି ଆଣିଲି । ପଞ୍ଚଦୋଳ ପଡ଼ିଆରେ ଟଙ୍କାରେ ଅଣେ ବଟାରେ ୬୦ ଟଙ୍କାର ଓ ଅବଶିଷ୍ଟ ୨ ପଇସା ବଟାରେ ସବୁ ଦେଇଦେଲି । ସେଥିରୁ ମଧ୍ୟ ଦି' ପଇସା ଲାଭହେଲା ।

ନୂଆଗଡ଼ ଭଜଣୀଢର ଜମି ବନ୍ଦୋବସ୍ତ କାମରେ ଯିବାକୁ ଚିଠି ପାଇଲି । ଚୈତ୍ର ମାସ । ଅଉ ଦି ଦିନ ପରେ ୧୬ ତାରିଖରେ ବନ୍ଦୋବସ୍ତ ତାରିଖ । ଖରଖରରେ ବଣ ବାଟରେ ଚାଲି ଚାଲି ଜଦଳୀପଲି ପହଞ୍ଚିଲି । ନାଁରେ ଜଣେ ଦେଢ଼ଶୁର ପିତେଇ ମିଶ୍ରଙ୍କ

Digitized by srujanika@gmail.com

ସଙ୍ଗେ ଗଡ଼କୁ ବୁଲିକରି ଗଲୁ । ସେଠାରେ ପେସ୍କାରଙ୍କ ଖଳାରେ ବୃନ୍ଦାବନ କାଳ ଚୂଡ଼ା, କଦଳୀ, ନବାତ ଖାଇ ରହୁଥାଏ । ମୋର ଭାତ ଖାଇବାକୁ ଭାରି ଇଚ୍ଛା ହେଉଥାଏ । ଗଡ଼ରେ ମୋର ଜଣେ ପିଉସୀ ପୁଅ ଭାଇ ନୀଳକଣ୍ଠ ରଥ ଥାନ୍ତି । ତାଙ୍କର ଦୁଇଟି ଭାରିଯା । ତାଙ୍କ ଘରେ ଯାଇ ପହଞ୍ଚିଲି । ବେଳ ଦ' ପହରକୁ ଗଡ଼ିଲାଣି । ଭାଇନା ନ ଥାନ୍ତି । ଭାଉଜମାନେ କେହି ଚିହ୍ନିଲେ ନାହିଁ । କୋଉ ଖାମପୁର—ଏଏ ତୁମେ—ର ବନ୍ଧୁ ବୋଲି ପଚାରିଲେ । ଶେଷରେ ବଡ଼ ଭାଉଜଙ୍କର ଦୟା ହେଲା—ଗଣ୍ଡେ ପଖାଳ ଭାତ, ବାଇଗଣ ସନ୍ତୁଳା, ଆମ୍ବସଢ଼ା ଖଣ୍ଡେ ଦେଲେ ; ସେତକ ମୋତେ ଅମୃତ ପରି ଲାଗିଲା । ବନ୍ଦୋବସ୍ତ କାମ କରୁ ସରିଲା—ବାଳକଟିକ ଗୋଡ଼ପଡ଼ାରେ ପଢ଼ିବ ବୋଲି ହାକମ କହିଲେ ।

ବୁଢ଼ା ପିଡେଇ ମିଶ୍ରେ ଘରରେ ଆସିବାକୁ ମନାକଲେ । ଭାଇ ମୁଁ ଭୁଲେଇ ବାହାରିଲୁ । ପଦ୍ମାଦେବୀପୁର ଗାଁର ପୂର୍ବପଟ ପୋଖରୀ ହୁଡ଼ା ବାଟେ ପ୍ରାୟ ରାତି ପହରେ ବେଳକୁ ଯାଉଥାଉ । ଯୋଡ଼ାଏ ଭାଲୁପିଲା ବାଟରେ ଚନ୍ଦ୍ରପକ୍ଷ ରାତିରେ ଧସାଧସି ହୋଇ ଖେଳୁଥିଲେ । ମୁଁ କୌତୁକରେ ମଜା କରି ମୋ ଠେଙ୍ଗା ତାଙ୍କ ମଝିରେ ମୁରାଇ ଟେକିଦେଲି । ସେ ଦୁଇଟା ଫାଟି କରି ଗୋଟେ ପୂର୍ବ ଦିଗକୁ ଆଉ ଗୋଟେ ଦକ୍ଷିଣକୁ ବାହାରିଗଲା । ମା' ଭାଲୁ ପୂର୍ବ ଦିଗରେ ଥିଲା—ଖଣ୍ଡେ ଦୂରରେ । ସେ ଗର୍ଜନ କରି ଦୌଡ଼ିଆସିଲା । ଭାଲୁ ଭାବିଲା ଗୋଟେ ପିଲାକୁ ଆମେ ଧରି ପଳାଉଛୁ । ତାର ଗର୍ଜନ ଶୁଣି ଆମେ ଦୁଇ ପୋଖରୀ ହୁଡ଼ାରେ ଥିବା ମହାଦେବଙ୍କ ମନ୍ଦିର ଆଡ଼କୁ ଦୌଡ଼ିଲୁ । ବୁଢ଼ାକୁ ମୁଁ ଘୋଷାରି ନେଇଗଲି । ମଣ୍ଡପ ଉପରେ ଚଢ଼ି ମହାଦେବଙ୍କ ଘର ଭିତରେ ପଶିଗଲୁ । ମନ୍ଦିର କବାଟଟା ଖୋଲାଥିଲା । ମାତ୍ର କବାଟ ବନ୍ଦ କରିବାବେଳକୁ ମୋର କପଡ଼ାଟାକୁ ଭାଲୁ କାମୁଡ଼ି ଧରିପକାଇଲା । ଝଟକାରେ ଲୁଗାଟାକୁ ଫଟାଇ ଲଙ୍ଗଳା ହୋଇ ଛାଡ଼ିଦେଲି । ମହାଦେବଙ୍କ ମସ୍ତକରେ ଗୋଡ଼ ଲଗେଇ କବାଟକୁ ଠେଲି ଧରିଥାଏ; ଦଣ୍ଡେ ପର୍ଯ୍ୟନ୍ତ ଭାଲୁ କବାଟ ପାଖରେ ଗର୍ଜ୍ଜନ କରି ଖେଳୁଥାଏ । ଗାଁର ଲୋକେ ଭାଲୁ ଗର୍ଜ୍ଜନ

Digitized by srujanika@gmail.com

ଶୁଣି କାହାକୁ ଭାଲୁ ଖାଇଗଲା ବୋଲି ନିଆଁହୁଳା ଧରି ଦୌଡ଼ି ଆସିଲେ । ଭାଲୁ ଲୋକମାନଙ୍କୁ ଦେଖି ପଳାଇଲା । ଆମେ ସେଦିନ ତାଙ୍କ ଗାଁରେ ରାତିରେ ରହିଲୁ । ତା' ଆରଦିନ କଦଳୀଟେଲି ଆସିଲୁ ।

ତା' ପରେ କିଛି ଦିନ ଗଲା । ମୁଗ ବ୍ୟବସାୟରୁ ୨୦ଟଙ୍କା ମିଳିଥିଲା । ସେ ଘର ଖର୍ଚ୍ଚ ହୋଇଗଲା । ବୈଶାଖ ଅମାବାସ୍ୟା ହୋଇଗଲା । ମାରୁଆଡ଼ି ଟଙ୍କାର ଜବାବ ନିକଟ ହେଲା । ବନ୍ଧୁ ଲୋକ ଲେଖିଦେଇ ଅଛନ୍ତି । କବଲା ଲେଖି ଟଙ୍କା ଋଣପାଇଁ ଚହଟର ଘରକୁ ଗଲି ଜଗଚଡ଼ା । ସେ କହିଲେ ଟଙ୍କା ୩୦୦ ଦେବି; ପାଞ୍ଚଶ-ଠାରୁ ବେଶି ହେଲେ ଜମି ବନ୍ଧକ ନେବି । ଯଦୁମଣି ପଟ୍ଟନାୟକଙ୍କ ନିକଟକୁ ହରିପୁର ଆସିଲି । ସେ କହିଲେ, ଆମ ଗୁମାସ୍ତା କନୁଆଡ଼କୁ ଗୃହ ଦିନ ଭିତରେ ଯିବେ । ତାଙ୍କୁ କହିବ, ପରେ ଆସିଲେ ଯାହା ହେବ । ଆଇତପୁର, ଜମିଘେତା, ଇଞ୍ଜିନପୁର, ବାଲୁଗାଁ ଓଗେର ଗ୍ରାମକୁ ଯାଇ ଫେରିଲି । ଲୋକେ କହନ୍ତି ଚିନ୍ତାମଣି ପଟ୍ଟନାୟକଙ୍କ-ଠାରୁ ଟଙ୍କା ମିଳିବ, କିନ୍ତୁ ଆଉ ଜମି ଫେରି ନ ଆସେ ।

କୌଣସିଠାରୁ ଟଙ୍କା ନ ହେବାରୁ ଦିନେ କାନଗୋଇବାରୁ ଆସିଥାନ୍ତି, ତାଙ୍କୁ କହିବାରୁ ସେ କହିଲେ ନିଅ, ଟଙ୍କାକୁ ସୁଧ ତିନିଅଣା । ସୁଧତକ ଧରି ଦେବ, ମୂଳ ଟଙ୍କା ତୁମ ଇଚ୍ଛା ଯେବେ ଦେବ । ଜମିର ନମ୍ବର ଆଣି ପଟ୍ଟା ଧରିକରି ଗଲି ସେ କହିଲେ । ଭାଗବତ ମହାନ୍ତି ଆମ ଖୋର୍ଦ୍ଧା ବସାରେ ଅଛନ୍ତି । ତାଙ୍କୁ ଏ ଚିଠି ଦେଲେ ସେ ରେଜେଷ୍ଟ୍ରି କରାଇଦେବେ । ତୁମ ଇଚ୍ଛା ଯେତେ ଟଙ୍କା ନେବ ଲେଖାଅ । ଟଙ୍କାରେ ସୁଧ ତିନିଅଣା । ଯେ ଶୁଣିଲା ସେ କହିଲା, ବାଡ଼ି ତଳରେ ଭଲ ଜମି ଖଣ୍ଡେ ଥିଲା ଯେ ଗଲା । ମୁଁ ଭାବିଲି; ମାତ୍ର ପାଠ ଲେଖୁଚିକ ବଡ଼ ଘର କରିବୁ, ସାଉକାର କଲେ ବଡ଼ ସାଉକାର କରିବୁ । ବାବୁଙ୍କୁ କହିଲି ଭାଷା ଦିଅ । ସେ ଲେଖିଦେଲେ—"ଭାଗବତ ଜାଣିବ, କପିଳ ମିଶ୍ରଙ୍କୁ ପଠାଇଲି, ଏହି ପଟ୍ଟା ଥିବା ଜମିମାନ ୩୦୦ ଟଙ୍କା ଦେଲେ ବନ୍ଧକ ସୂତ୍ରେ ରେଜେଷ୍ଟ୍ରି କରାଇ ଦେବ; ଟିକଟ ଏହାଙ୍କଠାରୁ ରଖିବ; ଯେତେ ଟଙ୍କା ଖର୍ଚ୍ଚ ହେବ ଭାଷା ଏହାଙ୍କ ହାତରେ ଦେବ ।

Digitized by srujanika@gmail.com

ମୁଁ ପରଦିନ ଖୋର୍ଦ୍ଧାରେ ପ୍ରବେଶହୋଇ ତାଙ୍କ ବସାକୁ ଯାଇ ବୁଝିବାରେ ସେ ଗ୍ରାମକୁ ଯାଇଛନ୍ତି । ତାଙ୍କ ଗାଁ ଛଡେରି । କେଉଁ ଦିନ ଆସିବେ ତାହା ଜଣା ପଡ଼ିଲା ନାହିଁ । ଏଠାରୁ ଛଡେରି ଆଠ କୋଶ ହେବ । ସେଠାରୁ ଆସି ଓଳସିଂହରେ ଥାଏ । ତାଙ୍କୁ ଏ ଖବର କହିବାରୁ ସେ କହିଲେ, ଭଗବତ ନୂଆଗଡ଼...ଯାଇଥିବେ ଏହି ରାତ୍ର ଆସିଥିବେ । ଆପଣ ରୋଷାଇ କରନ୍ତୁ, ବେଳ ହୋଇ-ଗଲାଣି । ତାଙ୍କ ଘର କେତେ ବାଟ ହେବ ପଚାରିବାରୁ ସେ କହିଲେ ନିକଟ ଅଧାପାଏ ହେବ । ମୁଁ କହିଲି, ମୁଁ ଯାଉଚି ସେ ଯେବେ ନ ଆସିଥାନ୍ତି ପୁଣି ଆସିବି । ରୋଷେଇ କରି ତାଙ୍କ ଘରକୁ ଯାଇ ବୁଝିବାରେ, ସେ ଆସିଛନ୍ତି । ଗୋଟିଏ ଲୋକ ହାତେ ଖବର ଦେଲି, ବାବୁଙ୍କ ଭେଟା ହେଲା । ସେ କହିଲେ, ଆମ କଚେରୀ ଘରେ ବସନ୍ତୁ, ମୁଁ ଯାଉଚି । ବେଳ ସେତେବେଳକୁ ଏଗାରଟା । ମୁଁ ସେ ଟିଁର ପୋଖରୀରେ ଗାଧୋଇ ଆସି ବସିଥାଏ । ଦିନ ୩ ଘଣ୍ଟା ଠାରେ ସେ ଆସିଲେ କହିଲେ, ମୁଁ ନୂଆଗଡ଼...ଯାଇଥିଲି, ରାତ୍ର ଅନିଦ୍ରା ଥିଲି, ଶୋଇପଡ଼ିଲି, ଆପଣ କଣ ଚାହୁଁଛନ୍ତି । ମୁଁ ରାଗରେ କହିଲି, ଆପଣ ଯାହା ଦେଇଥିଲେ—ଜାଣିଲେ ଘରୁ ପିଲେ ନିଶ୍ଚୟ ଜଳଖିଆ ଦେଇଥିବେ ; ମାତ୍ର ଘରକୁ ଯାଇ ବୁଝିଲେ କେହି କିଛି ଦେଇନାହାନ୍ତି । ମୁଁ ତ ରାଗ ଓ ଭୋକରେ ଅଛି । ମୁଁ କହିଲି, ମୋ ଖାଇବା କଥା ଥାଉ, ଆପଣ ଖୋର୍ଦ୍ଧା କେତେବେଳେ ଯିବେ ? ସେ କହିଲେ, ରାତ୍ର ୧୦ ଘଣ୍ଟାକୁ ଆମ ଶଗଡ଼ ଯିବ । ମୁଁ କହିଲି, ମୁଁ ଓଳସିଂହ ଯାଉଚି ରାତ୍ର ୧୦ ଘଣ୍ଟାକୁ ଆସିବି । ସେ କହିଲେ ଏହିଠାରେ ରୋଷେଇ କର । ଆପଣ ଏଠାରେ ରୋଷେଇ ନ କଲେ ବଡ଼ ଅନାଦର ହେବ । କାନଗୋଇ ଶୁଣିଲେ କଣ କହିବେ । କୁରୁପା ଜେନା ରୋଷେଇବାସ କରିବା ଜିନିଷ ଥୋଇଥିଲା, ମୁଁ କହିଲି ଭଗବତବାବୁ ଆସିଛନ୍ତି କି ନା ମୁଁ ବୁଝିଆସେ । ମୋ କର୍ମକୁ...ଆପଣଙ୍କ ଦେଖା ହେଲା ନାହିଁ । ଆପଣଙ୍କର ଦୋଷ ନୁହେଁ ମୋ କର୍ମଦୋଷ । ମୁଁ ଯାଉଛି କହି ଓଳସିଂହ ଗଲି । କୁରୁପା ଜେନା ବଡ଼ ବ୍ୟସ୍ତ ହେଲା । ସେହିକ୍ଷଣି ରୋଷେଇ ଜିନିଷ ଯୋଗାଇ ଦେଲା । ସନ୍ଧ୍ୟାକୁ ଖାଇ ପୁଣି

Digitized by srujanika@gmail.com

ଛଣଗିର ଗଲା । ରାତ୍ର ୧୧ ଘଣ୍ଟା ସମୟରେ ଖୋର୍ଦ୍ଧାକୁ ବାହାରିଲୁ । ସେ କହିଲେ, ଗାଡ଼ିରେ ତ ଥାନ ନାହିଁ, ପିଲା ଗୋଟିଏ, ମତେ ମିଶି ତିନି ଜଣ ହେଲୁଣି । ଚାଜନ ଜାଇ ଓଗେର ଚାଡ଼ିଏ ହେବ । ଆପଣ ଚାଲି କରି ଯିବେ । ମୁଁ ହଉ କହିଲି ।

ଶଗଡ଼ ଚାଲିଥାଏ—ବାଟ ଚାରିକୋଶ ଆସିବାରେ ମୋର ଗୋଡ଼ଚଳିଲା ନାହିଁ; କାରଣ ସକାଳୁ ଖୋର୍ଦ୍ଧାଠାରୁ ଆଠକୋଶ ଚାଲିଲି, ତା ପରେ ଉପବାସ ଦିନଯାକ । ସନ୍ଧ୍ୟାକୁ ନରେଷେଇ କରି ଖାଇଛି । ଖରାବେଳେ ଆଦୌ ଶୋଇ ନାହିଁ । ଏପରି ନିଦ୍ରା ଆସିଲା । ଶଗଡ଼ ଦଣ୍ଡାକୁ ଛାଡ଼ିଦେଇ ସଡ଼କ ତଳକୁ ଯାଏ ଭିତର । ପୁଣି ଧଡ଼ଚେତ ହୋଇ ଧାଇଁ ଆସି ଶଗଡ଼କୁ ଧରି ପକାଏ । ପୁଣି ଶଗଡ଼କୁ ଛାଡ଼ି ସଡ଼କରେ ଠିଆ ହୋଇ ଗାଡ଼ିର ଶବ୍ଦ ଶୁଣି ଧାଇଁ ଆସି ଗାଡ଼ିକି ଧରେ । ଅମୁଣିଆ ଟୋଟା ପର୍ଯ୍ୟନ୍ତ ଆସିଲି । ଅତି କଷ୍ଟ ହେବାରୁ ଗୋଟିଏ ପୁନାଗ ଗଛ ମୂଳେ କାନି ପାରି ଶୋଇପଡ଼ିଲି । ସେତିକି-ବେଳେ ଡାକିଲି ପ୍ରଭୁ ! ଆପଣ ଭରସା, ଅନ୍ୟ କେହି ନାହିଁ ।

ଘୋର ନିଦ୍ରା ଆକ୍ରମଣ କଲା । ଆଜି ରାତ୍ର ଦୁଇ ଘଡ଼ି ଥାଏ, ଗୋଟିଏ ଶଗଡ଼ ଦୁଇ ଜଣ ମନୁଷ୍ୟ ସେ ପଲଗାଁରୁ ନଡ଼ା ଆଣିବାକୁ ଯାଉଛନ୍ତି । ଦେଖିଲେ ମନୁଷ୍ୟ ଜଣେ ଶୋଇଛି । ସେମାନେ ବଡ଼ ଆଶ୍ଚର୍ଯ୍ୟ ହେଲେ । ଏପରି ସ୍ଥାନ, ଚନ୍ଦ୍ର ପକ୍ଷ । ଶଗଡ଼ ରଖି ଡାକିଲେ—ଶୁଣିଲି ନାହିଁ । ସେ ଭାବିଲେ ଲୋକଟି ମରିଯାଇଛି । କିପରି ମଲା ? କୌଣସି କ୍ଷତ ନାହିଁ । ଦେହ ଲୁଗାକୁ ମାଣ୍ଡି କରିଛି, ଝୁଙ୍କାଇ ଦେବା । ଆଉଜଣେ କହିଲା, ଯେବେ ମଲା ମନୁଷ୍ୟ ହୋଇଥାଏ, ଶବ ଛୁଆଁ-ହେବା । ପୁଣି ଜଣେ କହିଲା, ମୁଁ ଟେକିଲି ଆଣେ—ଚାରିଖଣ୍ଡ ପଥର ଆଣି ଉପରେ ପକାଇଲା । କିନ୍ତୁ ଫୋପାଡ଼ିଲା ନିଦ ଭାଙ୍ଗିଲାନାହିଁ । ବଡ଼ ଜୋରରେ ଖଣ୍ଡେ ଫୋପାଡ଼ିବାରେ ମୋ ଆଣ୍ଠୁରେ ବାଜିଲା, ଭାରି କାଟିଲା । ଉଠିକରି ବସିପଡ଼ିଲି । ସେ ଦୁଇଜଣ ପଚାରିଲେ ଅମୁଣିଆ ଟୋଟା ବାଘର ସ୍ଥାନ, ଆପଣ କିପରି ଶୋଇଲେ ? ମୁଁ ତାଙ୍କୁ ସକଳ ବିବରଣ କହିଲି । ସେ ଦୁଇଜଣ କହିଲେ—ଆମ ଶଗଡ଼ରେ ବସନ୍ତୁ । ତାଙ୍କ ଶଗଡ଼ରେ ବସି ଖୋର୍ଦ୍ଧା ଗଲି ।

Digitized by srujanika@gmail.com

ସେହିଦିନ ଖୋର୍ଦ୍ଧାରେ ରେଜେଷ୍ଟ୍ରି ହେଲା । ଟିକଟ ମିଳିଲା ନାହିଁ । କଣ କରିବି, ମୋଠାରେ ଡାଲି, ପିଠଉ କିଛି ନ ଥାଏ । ବଜାରରେ ବୁଲୁଥାଏ—ରଘୁନାଥ ରଥଙ୍କୁ ଦେଖିଲି, ନମସ୍କାର କଲି । ସେ ସବୁ କଥା ଶୁଣି କହିଲେ, ଚାଲ ପଟାଦାର ବସାରେ ରହିବା । ତା'ଠାରୁ ଡାଲି ପିଠଉ ମାଗିବା, ଭେଷେଇ କରିବା—ସାଙ୍ଗ ହୋଇ ଚାଲୁ. ବସା କଲୁ । ସାତ ଦିନରେ ଟିକଟ ମିଳିଲା । ସେ ଟିକଟ ତାଙ୍କ ନାମରେ ଲେଖିଦେଲି । ସେ କାନଗୋଇଙ୍କ ପାଖ୍କୁ ପତ୍ର ଲେଖି ଦେଲେ, ଖର୍ଚ୍ଚ ଷୋହଳ ଟଙ୍କା ଛନଅଣା ଲେଖିଲେ ।

ମୁଁ ଗାଁକୁ ଆସିଲାବେଳକୁ କାନଗୋଇବାବୁ ଗାଁକୁ ବାହାରି ଗଲେଣି । କଣ କରିବି—ଗୁମାସ୍ତାଙ୍କୁ ସେ ଭ୍ରଷା ଦେବାରେ ସେ କହିଲେ ୧୨ତାରିଖ ଦିନ ଆସିବେ । ଆଜି ତ ୧୦ ତାରିଖ, ଆଉ ପାଞ୍ଚ ଦିନର କଥା । ୧୨ ତାରିଖ ଦିନ ବାବୁ ଆସିଲେ, ପତ୍ର ଦେଲି ସେ ଷୋଳ ଟଙ୍କା ଦେଲେ । ତା ଆରଦିନ କୁମାରଙ୍କୁ ଗଲି । ସକଳ ବିଷୟ କହିଲି—ଜୀବଦାସ କହିଲେ, କାନଗୋଇଙ୍କଠାରୁ ଟଙ୍କା ଆଣିଲ ଜମିର ଆଶା ଗଲା । ମୁଁ କହିଲି, ଆପଣଙ୍କୁ ମାନକରି ମୁଁ ଟଙ୍କା ଆଣିଥିବାରୁ ମୁଁ ନଆଁରେ ଜାଣିକରି ପଶିଛି । ବୁଢ଼ା ସୁଧରେ ଟଙ୍କା ଲାଗିଛି । ତାର ଯେବେ ଧର୍ମବଳ ଥାଏ ଜମି ଆସିବ କାଲି । ସେ କହିଲେ, ଶହେ ଟଙ୍କା ଧର, ଆଗ ପାଞ୍ଚଆଡ଼ ଟଙ୍କା ଦେଇଦେବା । ବେହେରାଙ୍କର ଟଙ୍କା ବହୁଦିନର ସେ ଟଙ୍କା । ସେ ଟଙ୍କା ଚୁରିଦିନ ଗଲେ···ସୁଝିବୁ । ହଁ କଲି । ଆରଦିନ ଶହେ ଟଙ୍କା ଧାର କରି ଗଲି ବଣପୁରକୁ । ଜୀବଦାସ ଆସିଥିଲେ । ଯେତେପ୍ରକାର କହିଲେ ମଧ ଗୋଟିଏ ଟଙ୍କା ଛାଡ଼ିଲାନାହିଁ । ଶହେ ଟଙ୍କା ଦିଆଗଲା । ସେ କହିଲେ, ତୁ କୁଆଡ଼େ ନ ଯାଇ ଘରେ ଥିବୁ, ଆମେ ଶୁକ୍ରବାର ବା ଶନିବାର ଯିବୁ, ବେହେରାଙ୍କ ଟଙ୍କା ନିକାଶ କରିବା । ହଁ କରି ମୁଁ ଗାଁକୁ ଆସିଲି । ଜୀବ ଦାସ ମହାପାତ୍ର ଓ ଭାଇ ଜଗନ୍ନାଥ ଆସିଲେ । ଆମେ ବେହେରାଙ୍କ ଦୁଆରେ ବସିଲୁ । ଆପଣମାନେ କୁଆଡ଼େ ଆସିଲେ, ସେ କହିଲେ । ଆପଣଙ୍କ ଆମର ପୁରୁଷାନୁକ୍ରମର ସାଉକାର । ବୁଢ଼ୀ ଶୁଦ୍ଧିକୁ ଟଙ୍କା ମଗିଲୁ ଦେଲେନାହିଁ । ଆମକୁ ଉଦ୍ଧାର କର ବୋଲି ମୁଁ କହିଲି । ବେହେରା କହିଲେ ଆଜିତ ବେଳ ଗଲାଣି ।

Digitized by srujanika@gmail.com

କାଲି ସକାଳୁ ଆସ । ବେବର୍ତ୍ତା ଅଛନ୍ତି, ବନମାଳୀ ପାଣ୍ଡ ଆସନ୍ତୁ । ତୁମେ ସାଉକାର, ଗଙ୍ଗାଜଳ ଆମକୁ ଉଦ୍ଧାର କରିବ । ମୁଁ ଏହା କହି ଘରକୁ ଆସିଲୁ ।

ତା ଆରଦିନ ଶନିବାର । ସକାଳୁ ଗଲୁ । ବନମାଳୀ ପାଣ୍ଡେ ଆସିଲେ, ହିସାବ ହେଲା । ତାଙ୍କ ଲେଖା ଅନୁସାରେ ମୂଳ ଟଙ୍କା ୧୨୫ ଟଙ୍କା । ବାର ବର୍ଷର ସୁଧ ଆମେ ଦେବା ଧାନ ୧୫ ଭରଣ ହେଲା । ଅବଧି କାଟି ରଖି ସ୍ଥିର କଲେ ୧୨୦ ଟଙ୍କା । ଗଙ୍ଗାଧର ବେହେରା କହିଲେ, ଏପରି ହିସାବରେ ସାଉକାର ଦେଉଛନ୍ତି ! ଚାଲ ବାଣପୁର ମହାଜନଙ୍କ ପାଖକୁ ଯିବା । ଜୀବଦାସେ କହିଲେ, ସେଇଁଠାରେ ସାଉକାରବାରି ହିସାବ କଲେ ସମସ୍ତେ କହୁଛନ୍ତି ଚାଲ ବେହେରାଙ୍କ ଘରକୁ ଯିବା, ତେଣୁ ଆମେ ଆଉ କାହା ପାଖକୁ ଯିବୁନାହିଁ । ତମେ ସାଉକାର, ଷୋଳ ବରଷର ବେପାର, ଆମକୁ ଉଦ୍ଧାର କର । ୧୦୦ ଟଙ୍କା ଗଣ୍ଡ କର । ନବଘନ ରାଗରେ ସେଠାରୁ ଉଠି ଚାଲିଗଲେ । ପାଣ୍ଡେ କହିଲେ ବସ । ଆପଣ ରାଗିହେଲେ ଚଳିବ ! ଏ ତ ସାଉକାରବାରି ହିସାବ । ପାଣ୍ଡେ କହିଲେ ସବୁ କେତେ ଟଙ୍କା ଦେଉଛ ? ଆମେ କହିଲୁ ୧୦୦ ଟଙ୍କା । ସେ କହିଲେ ନାହିଁ ଆଉ ୨୦ ଟଙ୍କା ଦିଅ । ଦେଲୁ । ନବଘନ ଟଙ୍କା ନଅନ୍ତିନାହିଁ । ତାଙ୍କ ଦୁଆରେ ମାଛ ଦେଖି ବୁଢ଼ା ବେହେରା ଡାକିଲେ—ଆରେ ଭାଗବତ ମା ! ଅଧକଣାଏ ମାଛ ଏ ମିଶ୍ରଙ୍କୁ ଦେଲୁ, ଆମଠାରୁ ପଇସା ନେବୁ । ବାଇଗଣ ଅଧକଶେ ଦେଲେ, କହିଲେ ତମେ ତ ଏଠାରେ ଅଛ କୁଣିଆଙ୍କ ସକାଶେ କଣ ତିଅଣ ତରକାରୀ ହେବ ବୁଝିଆସ । ମାଛ ବାଇଗଣ ଘରେ ଦେଇଆସିଲି । ଟଙ୍କା ସେହିପରି ଥୁଆ ହୋଇଛି । କହିଲି ବେହେରା ଟଙ୍କା ଗଣନ୍ତୁ । ବେହେରା ଗଣିକରି କହିଲେ, ୧୨୦ ଟଙ୍କା । ନବଘନ ହସିକରି କହିଲେ ଆମେ କଣ ଜାଣିଛୁ ? ୧୨ବର୍ଷ ହେଲା, ଗୁଡ଼ ସେ ତ ଆମର ସଙ୍ଗାତ ବନ୍ଧୁ । ଟଙ୍କା ନେଇ ଦଲିଲ ଖଣ୍ଡ ମଧ୍ୟ ଚିରି ସବୁ ତୁଟାଇ ଦେଲେ । ଉପରବେଳା ସେମାନେ କୁମାରଙ୍ଗ ଚାଲିଗଲେ । ମୋର ସବୁଦିବେଳେ ରହିଲା ଚିନ୍ତା କପରି ବାବୁଙ୍କ ଟଙ୍କା ସୁଝାହେବ ।

Digitized by srujanika@gmail.com

ଆଶ୍ୱିନମାସ ଶୁକ୍ଳପକ୍ଷ ନବମୀ ଦିନ...ଗଙ୍ଗାଧର ମହାରଣା ଦିନ ୨ଟା ସମୟରେ ଆସି ପ୍ରବେଶ ହେଲେ । କହିଲେ ଆମେ ୧୦୦ ଟଙ୍କା ଆଣିଅଛୁ, ଛଣଗିରିରୁ ଲୁଗା କିଣିବୁ । ସବୁ ବୁଝିଲି ଏ ନଗରେ ଆମେ କିଣି ପାରିବୁ ନାହିଁ, ଆଗ୍ରହ କରି ଡାକିଲେ । ମୁଁ କହିଲି ହଉ । ଆମେ ପୂନାକେଉ ବାଟେ ଯାଇପାରିବା ନାହିଁ । ଧୂଆଁକଳବାଟେ ଚାଲିଯିବା । ଧୂଆଁକଳ ରେଳ ଦେଇ ବେଡ଼ରେ ବାଲୁଗାଁ କାହିଁକି ଯିବା ? ପ୍ରାଣଦେଈପୁରକୁ ଗଲେ ଅଠର ପଇସା...ହେବ । ପ୍ରାଣଦେଈପୁର ଗଲୁ । ଷ୍ଟେସନରେ ପ୍ରବେଶ ନ ହେଉ ଗାଡ଼ି ଆସିଗଲା । କିଣି କହିବୁ ଗାଡ଼ିତ ଆଉ ନାହିଁ । ଚାଲ ଯିବା ବଡ଼ପଦର, ବିଦ୍ୟାଧର ମହାରଣା ଆମର ପରିଚୟ । ସେଠାରେ ରାତି ରହି ସକାଳୁ ଗଙ୍ଗାଧରପୁରକୁ ଯିବା । ଏକଥା ସ୍ଥିର କରି ଗଲୁ । ସନ୍ଧ୍ୟା ସମୟକୁ ବଡ଼ପଦରରେ ଭଗତ ଘରେ ବସିଲୁ । ମହାରଣା ବାଲ ଆଡ଼ ଯାଉଥିଲେ, ଅସି ଦେଖିଲେ, ବଡ଼ ଗୌରବ କରି ତାଙ୍କ ବାଜେ ଘରେ ଥିବା ଚଉପାଢ଼ିରେ ବସିଲୁ । ପାଣି ଗୋଡ଼ ଧୋଇବାକୁ ଦେଲେ । ପଟ ଖଣ୍ଡିଏ ପକାଇଦେଲେ । ପଚାରିଲେ ଆପଣମାନେ କୁଆଡ଼େ ଯିବେ, ମୋର ଘର ପ୍ରତିଷ୍ଠା କଲେ ଆଜ । କହିଲୁ ଗାଡ଼ି ଅଭାବ ଯୋଗୁ ଆସିଲୁ । ତାଙ୍କ ପୁଅ ନାମ ଭାଗବତ । ତାକୁ ମହାରଣା କହିଲେ ରୋଷେଇ ସରଞ୍ଜାମ ଆଣିଦେ, ଚୁଲି ଚୌକା କରିଦେ । ଶୁଖିଲା କାଠ ଚାରିଖଣ୍ଡ ଆଣି ଦେ । ସେ ସବୁ ଘଣ୍ଟାକ ମଧ୍ୟରେ ହୋଇଗଲା । ରୋଷେଇ କରି ଖାଇସାରି ସେହି ଚଉପାଢ଼ିରେ ଶୋଇପଡ଼ିଲୁ । ରାତି ଢେର ଅଛି । ଶଗଡ଼ ଯିବା ଆସିବା ଶବ୍ଦ ଶୁଭିଲା । ଆଗକୁ ଟେଙ୍ଗା ଆମ୍ଭଠାରେ ହେଲୁ । ଟିକିଏ ସାମାନ୍ୟ ଅନ୍ଧାର ଥାଏ । ଆଗରୁ ଆସୁଥିବା ଶଗଡ଼ିଆ ଡାକିଲେ "କିଏ ଅସୁଛ, ବାଘ ଗୋରୁମାରି ଖାଉଛି, ଟିକିଏ ସଚାର କର ।" ଆମେ ସ୍ତମ୍ଭିଆ ହୋଇ ରହିଲୁ । ନିରେଖି ଚାହିଁବାରେ ଦେଖିଲୁ, ମହାବଳ ବାଘ ଗୋରୁମାରି ଖାଉଛି । ଆମେ ଏଣା ଆଲୁଅ ହୋଇଗଲା, ଗୋରୁଟାକୁ ଧରି ବାଘ ପଶ୍ଚିମ ପାଖ ଜଙ୍ଗଲକୁ ବାହାରିଲା । ଶଗଡ଼ିଆ ଗାଡ଼ି ଛାଡ଼ିଲେ ।

ଆମ ପଛରେ ଗୁଡ଼ାଏ ଶଗଡ଼ିଆ ୧୦ ଖଣ୍ଡ ଆସିଗଲେ । ଆମେ ବିଚାରିଲୁ ଚାଲିକରି ଛଣଗିରି ପଳାଇବା, ଗାଡ଼ିକୁ ଅପେକ୍ଷା କରିବା

Digitized by srujanika@gmail.com

ନାହିଁ । ସମସ୍ତେ ଭେଣ୍ଡିଆ, ୧୨ ଘଣ୍ଟାଠାରେ ହାଟରେ ପ୍ରବେଶ ହେବା । ଖୁବ୍ ବ୍ୟଗ୍ର ଗତି କରି ଗଲୁ । ଦିନ ୧୧ଟା ହେବ ହାଟପଦାରେ ପ୍ରବେଶି ଗାଧୁଆ ନିତ୍ୟକର୍ମ ସାରି ଜଳଖିଆ କଲୁ । ମୁଗେଇ, ହଳଦିଆ କସ୍ତା, ଖଇ ଓ ମୁଗ୍ଧ ଓଟେଇର କଣା ସରିଲା । ତିନି ଗାଣ୍ଡି ଧରି ଓଳସିଂହ ଅତି ନିକଟ ବାବୁଙ୍କ ଘରେ ପ୍ରବେଶ ହେଲୁ । ମତେ ବଡ଼ ଖମାର କୁରୁପା ଜେନା ଚିହ୍ନିଥାଏ । ଆମକୁ ଗୋଟିଏ ବସା ଘରେ ରଖି-ଦେଇ ବାବୁଙ୍କୁ କହିଲା, ଭଁପୁର କପିଳ ମିଶ୍ରେ ତାଙ୍କ ସାଙ୍ଗରେ ଦୁଇ ଜଣ ଆସିଛନ୍ତି । ସେଦିନ ତାଙ୍କ ମଉଳା ଶ୍ରାଦ୍ଧ । ଗିରିଧାରୀଙ୍କ ମଠକୁ ମୈଛା ସକାଶେ ଜିନିଷ ସବୁ ବୁଝା ଲଗେଇ । ଜେନା ପଚାରିଲା, ଆପଣଙ୍କର ମୈଛାରେ ଖାଇବାକୁ ହେବ କି ଛଅଣା ଆଣି ଦେବ । ମୁଁ କହିଲି ଛଅଣା ଆଣ, ଆମର ସୁଜାଗି ରନ୍ଧାରେ ହେବନାହିଁ । ସେ ବାବୁଙ୍କୁ କହି ଛଅଣା ଆଣିଲା । ପ୍ରାୟ ୧୦ ଜଣଙ୍କୁ ହେବ ଚାଉଳ ୪ ଅଢ଼ା, ଡାଲି ୧ ଅଢ଼ା, ବାଇଗଣ ୧ ଭଣା, ସାରୁ, କଖାରୁ, ଖଡ଼ା କଟା, ଘିଅ ଛଟାଙ୍କିଏ ସେଇଠିଣି ଆଣି ଦେଲା । ଆମେ ରୋଷେଇ କରି ଖାଇଲୁ । ବଳକା ଜିନିଷ ବାବୁଙ୍କ ଘରକୁ ଫେରାଇଦେବାକୁ ଜେନାଙ୍କୁ କହିବାରୁ ସେ କହିଲା ତାକୁ ବାରିକ ନେଇଯିବ । ଛଅଣା ଜିନିଷ ଫେରିବ ନାହିଁ । ଆଜି ଗୋଟିଏ ଲୋକକୁ ରୋଷେଇ ହେଲା ପରି ରଖି ବାରିକକୁ ଡାକି ସବୁ ଜିନିଷ ମଣ୍ଡ୍ର କରିଦେଲୁ ।

ରାତି ଘଡ଼ିଏ ଥାଉ ଗାଁକୁ ବାହାରିଲୁ । ବେଳ ୯ ଘଣ୍ଟା ସମୟେ ଷ୍ଟେସନରେ ହାଜରହୋଇ ଗଛମୂଳେ ରୋଷେଇ କରି ଖାଇ ଷ୍ଟେସନରେ ବସିଲୁ । ଦିନ ୨ ଘଣ୍ଟାରେ ଗାଡ଼ି ଆସିଲା । ବାଲୁଗାଁରେ ପ୍ରବେଶ ହେଲୁ । ଜଣେ ମନୁଷ୍ୟ କରି ଲୁଗା ଧରି ସେ ଗାଁକୁ ଗଲେ । ମୁଁ ଆମ ଗାଁକୁ ଆସିଲି ।

ମୁଁ ବାବୁଙ୍କ ବସାରୁ ଶଗଡ଼ିଟି ଧରି ଧାନ ନେଇ ଚନ୍ଦ୍ରାପୁଟକୁ ଯାଏ ! ଧାନ ଟଙ୍କାରେ କିଣାଥାଏ ଦଶ ଗୌଣୀ । ବିକ୍ରୀ କରୁ ଅ.୦ ଗୌଣୀ ; ବୃହସ୍ପରିଆ ଗୌଣୀରେ । ଆମର କିଣାଥାଏ ବୃଶ ସେର ଅଧା ଗୌଣୀରେ । ଗାଡ଼ି ଭଡ଼ା ଆଠଅଣା ଲାଗେ । ତାହିଁକେ ଲାଭ ୧୫ ଟଙ୍କା । ପ୍ରତ୍ୟେକ ଶୁକ୍ର ଦିନରେ ଗାଡ଼ିଟି ନେଉ । ଏହିପରି ଘର ଖର୍ଚ୍ଚ ଚଳୁଥାଏ ।

Digitized by srujanika@gmail.com

ସବୁବେଳେ ଚିନ୍ତା ହେଲା—ଚିନ୍ତାମଣି ପଟ୍ଟନାୟକଙ୍କ ଋଣ କିପରି ସୁଝା ହେବ । ଦିନେ ବସି ଭାବିଲି ପଣ୍ଡିତେ କହିଛନ୍ତି—"ସର୍ବନାଶ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ ।" ଭାବିଲି ସୁଧ ...ତିନି ବରଷକୁ ଦୁଇଶହ ହେଲା । ଜମି ୫ ମାଣ ବନ୍ଧା କରିଦେବା । କିନ୍ତୁ ଗ୍ରାମରେ କେହି ମହାଜନ ମିଳିଲେ ନାହିଁ । ବାବୁଙ୍କୁ କହିଲି ଜମି ଖଣ୍ଡେ ନିଅନ୍ତୁ । ସେ କହିଲେ ମାଣକୁ ସଞ୍ଜା କେତେ ଗୌଣୀ ଆସିବ । ମୁଁ କହିଲି ତିରିଏ ଗୌଣୀ । ବାବୁ କହିଲେ ମାଣକୁ ଷାଠିଏ ଟଙ୍କାକୁ ଦେଲେ ରଖିବୁ । ବାଣପୁର ମହାଜନ କୃଷ୍ଣ ସୁବୁଦ୍ଧି ପୁଅ ମଧୁ ସୁବୁଦ୍ଧିଙ୍କୁ କହିଲି, ଆମର ଭଲ ଜମି, ନଈ କୂଳ ୫ ମାଣ ଜମି, ଯୋଡ଼ିଏ କିଆରି । ସେ ଏହି ବର୍ଷ ହରପୁର ମହାପାତ୍ର ଜମି ବାରମାଣ ରଖିଥାଏ । ଦର ୧୧୫ ଟଙ୍କା ଦେଲେ । ସେ ପଚାରିଲେ ମୁଁ ଯେଉଁ ଜମି କିଣିଚି ଆପଣ ତ ଜାଣିଛନ୍ତି କେଉଁ ଜମି ଅଧିକା ହେବ, ଚାଲ ଯିବା, ଜମି ଦେଖିବା । ଜମି ଦେଖାଇ ଦେଲି । ସେ ଜମିକୁ ବହୁତ ପ୍ରଶଂସା କଲେ । ଦରକଲେ ମାଣକୁ ୧୨୫ ଟଙ୍କା । କହିଲେ, ଶୁକ୍ରବାର ଦିନ ଆସନ୍ତୁ ବନ୍ଧା କରିବା । ରବିବାରେ ବାବୁ ତ ଖୋର୍ଦ୍ଧାରେ ଅଛନ୍ତି, ତାଙ୍କ ଟଙ୍କା ନିକାଶ କରିବା । ସେ ଦିନ ମଙ୍ଗଳବାର । ବୁଧବାର ଦିନ ମୁଁ ସ୍ନାନକୁ ଯାଇଚି ବାକୁଠ ଗ୍ରାମ କୃଷ୍ଣ ଦେବତା ଆସିଛନ୍ତି । ଆମ ଘର ନିକଟ ଦାସଙ୍କ ଘର ତାଙ୍କ ବନ୍ଧୁ । ମୁଁ ୧୨ ଘଣ୍ଟା ସମୟକୁ ଗଲି । ସେ ଭୋଜନ କରି ପାନ ଖାଉଛନ୍ତି । ଘରକୁ ଫେରିଆସି ମୋର ଜାତକଟି ଧରି ଗଲି । ଆପଣ ମୋର ଜାତକ ଦେଖନ୍ତୁ ସେ ମୋ ହାତରୁ ଜାତକ ଦେଖି କହିଲେ, ଏ କଣ ତୋ ଜାତକ, ମୁଁ କହିଲି ହଁ । ସେ କହିଲେ "ନାହିଁରେ ପୁଅ ? ଏ ଜାତକରେ ଚକ୍ରବର୍ତ୍ତୀ ଯୋଗ ଅଛି । ଚାରିଟା ଗ୍ରହ ଏକ ସ୍ଥାନରେ ଅଛନ୍ତି । ରବି, ବୁଧ, କଣା, କୁଜ । ଚ'ଠ ଲେଖୁଚି କଣା ଶୁକ୍ର, କୁଜା ମଙ୍ଗଳ । ମାତ୍ର ସ୍ଥାନ ପାଇଲା ନାହିଁ ବ୍ୟୟରେ ପଡ଼ିଲା । ଧନ ଯେତେ ଉପାର୍ଜ୍ଜନ ହେବ ରହିବ ନାହିଁ । ରହିବ ନାହିଁ ସତ ଧର୍ମ କାର୍ଯ୍ୟରେ ଲାଗିଯିବ । ତୋର ଲଗ୍ନ କର୍କଟ । ବୃହସ୍ପତି ପଞ୍ଚମରେ । ଆୟ ସ୍ଥାନରେ ଶନି ଅଛନ୍ତି, କୁମ୍ଭରେ ଦୃଷ୍ଟିରେ କର୍କଟ ଯିବେ, ଶନି କୁମ୍ଭେ ତ ଦୃଷ୍ଟିଭେ; ମାତ୍ର ଶନି ଅଷ୍ଟମରେ ଅଛି । ବହୁତ ଧନ ବ୍ୟୟ କରିଦେବ । ଶନି ପରେ ବୁଧ ଆସିବ

Digitized by srujanika@gmail.com

୧୬ ବରଷ । ସେ ସ୍ୱଗୃହରେ ଅଛି, ଅତି ଆନନ୍ଦରେ ରଖିବ । ବୁଧ ଶେଷ ହେଲାବେଳକୁ ୭୮ ବର୍ଷ ଛ ମାସ, ତା ପରେ କେତୁ ଆସିବ ୭ ବର୍ଷ । ସେ ଖ୍ରହର କଥା ଅଛି, ପ୍ରବଳ ମାଡ଼ ମାରିବ । ଯେବେ ନ ମାରେ ଶେଷରେ ମାରିବ । ସେତେବେଳକୁ ବ୮୫।୬ମାସ ହେବ । କେତୁ ୭ ବର୍ଷ ବେମାର ପୀଡ଼ାରେ ରଖିବ । କି ବେମାର—ରକ୍ତ ପୀଡ଼ିତ ମେହ, ଅର୍ଶ ଘାଆ । ୮୫ ବର୍ଷ ଯେବେ ଟପିଗଲ, ଆଦ୍ଧର ଉପ୍ପରେ ରଖିବ । ଶନି କୁମ୍ଭରେ ଅଛି । ତାର ଇଚ୍ଛା ମୃତ୍ୟୁ । ଏ ଜାତକ ଚୋର ହସ୍ତ କରିବ ନାହିଁ । ତୋତେ ପାଞ୍ଚ ବର୍ଷଠାରେ ମଙ୍ଗଳ ଶେଷରେ ପ୍ରାଣ ଯିବ ଭଳି । ପୀଡ଼ା ଦେଇଥିଲ, କି ପିତା କି ମାତା କାହାକୁ ମାରିଛି କି ? ମୁଁ କହିଲି, ନନାଙ୍କର କାଳ ହେଲା । ଜ୍ୟୋଟିକମାନେ ଅଜ ମରିଯିବ ବୋଲି ହାଣ୍ଡି ଅଠିକା ବାହାର କରିଥିଲେ । ଏ କଥା ମତେ ବୋଉ କହୁଥିଲ । ସହୁ ଅଠର ବରଷରେ ନାନାବିଧ ଜ୍ୱର ପୀଡ଼ା ହେଲା କି ? ଜର ଯେତେ ପ୍ରକାର ମୁଁ ସବୁ ଭୋଗ କରିଛି । ବହୁ ଶେଷରେ ମାଆକୁ ମାରିଛି, ମୁଁ କହିଲି । ତୋର ବୃହସ୍ପତି ଆସିବା ଦୁଇ ମାସ ଭୋଗ ହେଲଣି କିନ୍ତୁ ଫଳ ଦେଉ ନାହିଁ । ଉଦ୍‌ଯୋଗ ହେଲଣି । ମୋର ପାଞ୍ଚହେ ଟଙ୍କା ଋଣ ହୋଇଚଲ । ଚାଞ୍ଚମାଣ ଜମି ବନ୍ଧୀ କରିଦେବାକୁ ବିଚାର କରୁଛି । ଅଉ ବନ୍ଧି ହୋଇପାରିବ ନାହିଁ । ତୁ ମାହାଳିଆ ଦେଲେ ହୁଣ୍ଡା କେହି ନେବେ ନାହିଁ । ଶୁଭ ଗ୍ରହ ମଧ୍ୟମରେ ଫଳ ଦିଅନ୍ତି । ଆଉ ସାତ ବରଷ ଭିତରେ ଧବଳମୟୂର କରିଦେବ । ମୁଁ …ଛି, ନଡ଼ିଆ ଚଣ୍ଡାଏ ନେଇ ଦେଲି, ସେ ଆନନ୍ଦ ହୋଇଗଲେ ।

ମୁଁ ମଧୁସ୍ବୁଦ୍ଧିକି ଜବାବ କରିଛି, ଶୁକ୍ରବାରେ ବହଣା କରିବାକୁ । ବେଗେ ନିତ୍ୟ କର୍ମ ଶେଷକରି ୧୦ ଘଣ୍ଟା ସମୟରେ ବାହାରିଲି । ଭଗବନ୍ତଙ୍କ ନାମରେ ଟଙ୍କାଟିଏ ଧରି ଭାବିଲି ମା' ଯେବେ ଅଜ ଜମି ବନ୍ଧୀ ବହଣା ହେବ, ଟଙ୍କା ମୁଆଁ କରିବ । ବାଟରେ ଯାଉ ଯାଉ ଗାଲୁଆ ଗାଁ ଠାରେ ଗୋଟିଏ ବୁଢ଼ା ଆମ୍ବଗଛ ଅଛି । ସେହିଠାରେ ବେଙ୍ଗ ବୋଲି ଗୋଟିଏ ଭଣ୍ଡାରି ପିଲା କହିଲା ଆଜ୍ଞା, ଆପଣଙ୍କ ନାମରେ ଗୋଟିଏ ଚିଠି ଆସିଛି, ନିଅନ୍ତୁ । ମୁଁ ସେହିଠାରେ ବସିଲି, ଚିଠି ପଢ଼ିଲି । ସେ ଚିଠି ଆମ କଟକର ଦୁଇଜଣ ଜଦୁପୁରବରେ

Digitized by srujanika@gmail.com

ଅଛନ୍ତି, ଜଣକ ନାମ ଅକାରଣ ମିଶ୍ର ଅନ୍ୟ ଜଣଙ୍କ ନାମ ଗୋବର୍ଦ୍ଧନ ମିଶ୍ର । ସେ ଲେଖିଛନ୍ତି – ତୋର ତ କୁଟୁମ୍ବ ଆସି ନାହାନ୍ତି, ତୁ କାହିଁକି ଘରେ ବସିଚୁ। ତୋ ପାଇଁ ଗୋଟିଏ କାମ ବୁଝିଚୁ, ତୁ ଆସେ। ମାସରେ ୩୦ ଟଙ୍କା ପାଇବୁ, ଖୋରାକ ଛଡ଼ା ଦୁଇ ବରଷ ରହିଗଲେ ତୋର ଋଣ ସୁଝିଯିବ । ମୁଁ ବାଟଖର୍ଚ୍ଚକୁ ୧୮ ଟଙ୍କା ପଠାଇଚି । ତୁ ବିଜୟନଗରକୁ ଆସି ଲେଙ୍କା ପାଟଣା ସାହିରେ ଆପୁଲୁ ସ୍ୱାମୀ ବୋଲି ଜଣେ ତେଲଙ୍ଗା ଅଛି, ସେ ଦୋଭାସି ରଜାଘର ମୁହୁରୀର କାମ କରେ, ତାକୁ ମୋ ନାଁ କହିବା ମାତ୍ରେ ତୋତେ ସାଥୀ କରାଇ ଜୟପୁର ପଠାଇ ଦେବ ।

ମୁଁ ଅତି ଆନନ୍ଦ ହେଲି । ବିଚାରିଲି ମୁଁ ଆଉ କାହିଁକି ଜମି ବିକିବି । ଏହା ଭାବି ବାହାରିଲି । ପରେ ବିଚାରିଲି ଜ୍ୟୋତିଷ କହିବା କଥା ବୁଝିବା । ପୁଣି ବାଣପୁର ଗଲି । ମୁଁ ଗଲବେଳକୁ ମଧୁ ଅଗ୍ରହାର ଦୋକାନ ଘରେ ବସି ପାନ ଖଣ୍ଡିକ ଚୂନ ଲଗାଉଚି । ମୋତେ ଦେଖିବା ମାତ୍ରେ ଆଉ ଖଣ୍ଡିଏ ପାନ ଚୂନ ଲଗାଇଲା । ତା ମୁଖରେ ଆଦୌ ପ୍ରସନ୍ନ ନ ଥାଏ । ପାନ ଖଣ୍ଡିଏ ଭାଙ୍ଗି ମୋ ହାତକୁ ଦେଲା । ଅଠଣା ପଇସା...ହାର ବନ୍ଧରେ ଥୋଇଦେଲି । ଆଜ୍ଞା, ଆପଣଙ୍କ ଜମି ରଖିବା କଥା ହୋଇଲା । କାରଣ ଆପା କହିଲେ, ସେ ଜମିକୁ ଚିନ୍ତାମଣି ପଟ୍ଟନାୟକ ବନ୍ଧକ ରଖିଛନ୍ତି । ସେ ଜମି ପାଖେ ଯିବା ଆମର ନୁହେଁ, ତାଙ୍କ ମନରେ ଖରା ହେବ । ତାଙ୍କ ଖମାର ପାଖ ଜମି । ଯେବେ ସେ ଜମି ତୁ ରଖିବୁ ଉଚ୍ଛନ୍ନ ହୋଇ ଯା । ମୁଁ କହିଲି କିଛି ଦର ଊଣା କଲେ ହେବ ! ସେ କହିଲା ମାହାଳିଆ ହେଲେ ସୁଦ୍ଧା ହେବନାହିଁ ।

ମୁଁ ସନ୍ଦସ୍ଥ ହୋଇ ଡାକଘରକୁ ଗଲି । ଗଲା ମାତ୍ରେ ପୋଷ୍ଟ ମାଷ୍ଟ୍ରେ ମହାଦେବ ମିଶ୍ରେ ଥିଲେ, ସେ କହିଲେ, ତୋ ନାମରେ ଜୟପୁରରୁ ୧୮ ଟଙ୍କା ଆସିଚି । ତୋର କିଏ ବନ୍ଧୁ ଅଛି କି ? ମୁଁ କହିଲି ଜଣେ କଳେଇ ଅଛନ୍ତି । ସେ ଶୀଘ୍ର ୧୮ ଟଙ୍କା ଦେଲେ । ମୁଁ ତାକୁ ଧରି ଗାଁକୁ ଆସିଲି । ନାନା ପଚାରିଲା ବନ୍ଦନା ହେଲା କି ? ମୁଁ କହିଲି ନାହିଁ । ଜୟପୁରରେ ଥିବା କଳେଇ ଗୋବର୍ଦ୍ଧନ ମିଶ୍ରେ

Digitized by srujanika@gmail.com

ଲେଖିଛନ୍ତି ତିରିଶି ଟଙ୍କା ଦରମା ମିଳିବ ତୁ ଶୀଘ୍ର ଆସେ । ବାଟ ଖର୍ଚ୍ଚ ଟ୧୮ଙ୍କା ପଠାଇ ଅଛନ୍ତି, ମୁଁ ଜୟପୁର ଯିବି । ପଞ୍ଚୁ ତ ଅଛି, ଘରରେ ଯାହା ଲଗୁଛି ଦେବ ମୁଁ ପଠାଇବି । ଗୋଟିଏ ବରଷ କାମ କରି-ଦେଲେ ଋଣ ଟଙ୍କା ସୁଝି ଯିବ; ଜମି କାହିଁକି ବନ୍ଧା ! ନାନୀ କାନ୍ଦିଲା, ସେ କଥା କହନା, ସେଇ ଜୟପୁର ଯାଇଁ ଏତେ ବଡ ବଂଶ ମରିଗଲେ । ଆଉ ସେଠାରେ କଏ ଅଛି, ଯୋଡ଼େ ବୁଢ଼ା ଅଛନ୍ତି । ମୁଁ କହିଲି, କର୍ମରେ ଯାହା ଥିବ । ତୁ ଭାବନା, ମୁଁ ନିଶ୍ଚେ ଯିବି । ଲାଗିଲା ସାଥି ଖୋଜା । ଆମ ଗାଁ ଲୋକ ମିଶ୍ର କହିଲେ ଆମର ବଂଶୀକ ଅଛନ୍ତି, ଚାଲ ମୁଁ ଯିବି । ଗୋଟିଏ ଘରେ ଭଲ ଦାମୁଡ଼ି ଥିଲା ତାକୁ ୨୮ ଟଙ୍କାକୁ ବିକ୍ରୀ କରିଦେଇ ଖର୍ଚ୍ଚୁ ଋଣ ସୁଝିଦେଲି ।

ଜୟପୁର ଯାତ୍ରା

ଆଷାଢ଼ ମାସ ଶୁକ୍ଳ ଦଶମୀ ଦିନ ବାହାରିଲୁ । ସେଇ ଗାଡ଼ିରେ ବାହାରିଲୁ । ତା ଆରଦିନ ସକାଳୁ ବିଜୟନଗରରେ ପ୍ରବେଶ ହୋଇ ଶ୍ରୀରାମ ଛତ୍ର ବୋଲି ଗୋଟିଏ ଜାଗା ଅଛି ସେଠାକୁ ଗଲୁ । ନୂତନରେ ଖାଲି ଚୁଲିଟା, କେହି ଦୋକାନି ନାହାନ୍ତି; କେବଳ ତେଲଙ୍ଗା···ତିରିଶି ବରଷ ହେବ ଜଣେ ଓଡ଼ିଆ ବ୍ରାହ୍ମଣ ଶ୍ରେଷ୍ଠ ପୋଖରୀ ଦୁଆରରେ ଠିଆ ହୋଇଛି । ତାକୁ ଦେଖି ମୁଁ କହିଲି, ଲୋକନାଥ ମିଶ୍ରଙ୍କୁ—ଏ ଲୋକଟି ଆମର ଦେଶ ଲୋକ । ମିଶ୍ରେ ତା ନିକଟକୁ ଯାଇ ପଚାରିଲେ, ଆପଣଙ୍କର କେଉଁ ଜିଲ୍ଲା ? ସେ କହିଲେ କାଣ୍ଟିକ, ଆମର ପୁରୀ । ଆପଣ କୁଆଡ଼େ ଆସିଛନ୍ତି । ସେ କହିଲେ ଆମେ ପୁରୀ ପଣ୍ଡା, ଆମେ ଯାତ୍ରୀ ନେଉଛୁ । ଆମକୁ ଲାଗିଲା ସାକ୍ଷାତ ଜଗନ୍ନାଥଙ୍କୁ ଦେଖିଲୁ ପରି । ସେ ପଚାରିଲେ, ଆପଣଙ୍କ ଘର କେଉଁଠାରେ ? ମୁଁ କହିଲି, ଆମର ପୁରୀ ଜିଲ୍ଲା ବାଣପୁର । ଆପଣ କଣ କରୁଛନ୍ତି । ମୁଁ କହିଲି, ଆମେ ଜୟପୁର ଯିବୁ ଆମ କଥା କେହି

Digitized by srujanika@gmail.com

ବୁଝୁ ନାହାନ୍ତି । ସକାଳୁ ଆମେ ବସା ଘରଟିଏ ପାଉ ନାହୁଁ । ସେ କହିଲେ, କାଲି ଆସିଥିଲେ ତୁମକୁ ଭଲ ସାଥି ମିଳିଥାନ୍ତେ । ଜୟପୁର ପଣ୍ଡା ଗୁମାସ୍ତା କାଲି ଗଲେ । ହଉ ଆସନ୍ତୁ ସାଥି କରିଦେବା, ଏହା କହି ସେ ଷ୍ଟେସନ ପୋଖରୀହୁଡ଼ା ଉତ୍ତର ପାଖରେ ଗୃଣ ବଖରା ଘରକୁ ନେଲୁ । ପୂର୍ବବାଲା ଦୁଇ ବଖରରେ ଅଛନ୍ତି । ଆଉ ଥିବା ଦୁଇ ବଖରରୁ ଗୋଟିଏ ବଖରରେ କହିଲେ ଆପଣ ରହନ୍ତୁ ।

ଆମର ଆନନ୍ଦର ସୀମା ରହିଲା ନାହିଁ । ଆମକୁ ସ୍ୱର୍ଗ ପାଇଲା ପରି ଲାଗିଲା । ଶୀଘ୍ର ପାଣି ଆଣି ଡାଲି ଘଷିଲୁ । ପଣ୍ଡା କହିଲେ, ଏହି ପୋଖରୀରେ ଗୋଡ଼ ବୁଡ଼ାଇବାକୁ ହେବ ନାହିଁ ! ଆପଣ ତାଳ ବାଲଟିରେ ଗାଧୁଅନ୍ତୁ । ତାଙ୍କଠାରୁ ବାଲଟି ନେଇ ପାଣି ଆଣିଲୁ । ଆମ ପାଖରେ ଗୁଡ଼କ ଜଳ ଇ ଥିଲା । ସେହି ପୋଖରୀ ହୁଡ଼ାରେ ଗୋଟିଏ ତେଲଙ୍ଗା ମାଇପିଟିଏ ଦୋକାନ କରିଥାଏ । ସେ କିଛି ବୁଝେ ନାହିଁ । ହାତରେ ଠାରି କରି ଜିନିଷ ଆଙ୍ଗୁଠିରେ ଦେଖାଇ କିଣିଆଣି ରୋଷେଇବାସ କରି ଖାଇଲୁ । ଉପରବେଳା ୪ଘଣ୍ଟା ଠାରେ ବାହାରିଲୁ । ଲଙ୍କାପ ଟଣା ଆପୁଲ ସ୍ୱାମୀଙ୍କ ଘର ଖୋଜିଲୁ । ଆମେ ବୁଲୁ ଥାଉ, ଯାହାକୁ ପଚାରିଲେ ହସନ୍ତି । ଜଣେ କୁମ୍ଭଟୀକୁ ପଚାରିଲୁ, ବାବୁ ଲଙ୍କାପଟଣା ସାହି କଏ ? ସେ ଦେଖାଇ ଦେଲା ଏହି ବାଟେ ଯାଅ ଯେଉଁ ଓସ୍ତ ଗଛ ଅଛି ସେଇଠେ ପଚାର, ଆପୁଲୁ ସ୍ୱାମୀ ଘର ଶେଷରେ । ସେ ତ ପୂଷର ବେପାରୀ, ଆମେ କହିଲୁ ହଁ । ଏହି ରାସ୍ତାରେ ଯାଅ । ଆମେ ଗଲୁ । ଯାହାକୁ ପଚାରିଲେ ସେ କହେ ମାଟଲେଦୁ । ସେ ଲୋକଟି କହିଥିଲା ଗ୍ରାମ ଶେଷରେ । ଗ୍ରାମ ଶେଷ ଦେଖିଲୁ ଗୋଟିଏ ଲୋକ ଅତି ଦୀର୍ଘ ଆକାରର କଜ୍ଜଳ କଳା, କଉପୁନିଟିଏ ମାରି ଛିଡ଼ା ହୋଇଛି । ଆମକୁ ଦେଖିଲା ମାତ୍ରେ ପଚାରିଲା ଆପଣଙ୍କ ଘର କେଉଁଠାରେ, କାହାକୁ ଖୋଜୁଛନ୍ତି । ଆମେ ଆନନ୍ଦସହ କହିଲୁ ଆମ ଘର ପୁରୀ ଜିଲା, ବାଣପୁର । ଆମେ ଜୟପୁର ଯିବୁ । ଆମ କଟକେଇ ଗୋବର୍ଦ୍ଧନ ମିଶ୍ରେ ଲେଖିଛନ୍ତି ଲଙ୍କାପାଟଣା ସାହି ଆପୁଲୁ ସ୍ୱାମୀଙ୍କ ପାଖକୁ ଗଲେ ସେ ଜୟପୁର ପଠାଇ ଦେବେ । ସେ ରାଜାଘର ମୁହାଦାର । ସେ କହିଲା, ମୋ ନାମ ଆପୁଲୁ ସ୍ୱାମୀ । ମୁଁ ଜୟପୁର

Digitized by srujanika@gmail.com

ମୁସ୍ତାଦାର । ଆପଣ କେଉଁଠାରେ ଅଛନ୍ତି । କହିଲୁ ଶ୍ରୀରାମ ଛତ୍ରରେ ପୁରୀର ପଣ୍ଡାମାନେ ଯାତ୍ରୀର ବ୍ୟବସାୟରେ ଅଛନ୍ତି । ଆପ୍ପୁଲ ସ୍ୱାମୀ କହିଲେ, ଜୟପୁର କତ୍ରୁଆନଙ୍କ ଭଣଜା ପୁରୀ ଯାଇଛନ୍ତି । ସେ ଦୁଇଦିନ ମଧ୍ୟରେ ଆସିବେ । ଆପଣ ଲୁଗାପଟା ଆଣି ଏହି ଘରର ଉପର ମହଲରେ ରହନ୍ତୁ । ଶ୍ରୀରାମ ଛତ୍ର ଘରର ପ୍ରବଳ ଜାଗା । ଆମେ କହିଲୁ ଯାଉଛୁ—ଲୁଗାପଟା ନେଇ ଆସିବୁ । ଆମେ ଆନନ୍ଦ ଗଦ୍ ଗଦ୍ ହୋଇ ଆସି ପୁରୀ ପଣ୍ଡାଙ୍କୁ କହିଲୁ ଆମେ ଯାହାକୁ ଖୋଜୁଥିଲୁ ପାଇଲୁ; ଆମେ ଯାଉଛୁ । ଏହା କହି ସେଠାରୁ ଆସି ଆପ୍ପୁଲୁ ସ୍ୱାମୀ ଘରେ ରହିଲୁ ।

ଦୁଇଦିନ ପରେ ଆସିଗଲେ କତ୍ରୁଆନଙ୍କ ଭଣଜା । ବୟସ ତିରିଶି ବର୍ଷ ହେବ । ତାଙ୍କ ଘର ଆର ସାହିରେ । ସେ କହିଲେ, ଗୋବର୍ଦ୍ଧନ ମିଶ୍ରଙ୍କୁ ଆମେ ଭଲରୂପେ ଜାଣୁ । ଖଣ୍ଡିଏ ଶଗଡ଼ରେ କପର ଯିବା । ପାଞ୍ଚ ରାତି ଯିବାକୁ ଲାଗିବ । ଜଣେ ମୋ ଗାଡ଼ିରେ ଯାଇ ପାରିବ, ଆଉ ଜଣେ କପର ଯିବ ? ଆମେ କହିଲୁ ଆମେ ବଦଳା ବଦଳି ହୋଇ ବସିବୁ । ତାଙ୍କର ନାମ ଲକ୍ଷ୍ମଣ । ସେ କହିଲେ, ଆଜିକ ଏହିଠାରେ ରହିବା, କାରଣ ଆମର ଲୁଗାପଟ କିଛି କିଣିବାକୁ ହେବ । ଆପ୍ପୁଲ ସ୍ୱାମୀ ସହିତ ଯାଇ ୧୧୫ ଟଙ୍କାର ଲୁଗା କିଣିଲେ । ଆରଦିନ ସକାଳୁ ଜୟପୁର ବାହାରିଲୁ । ଦିନ ୭ଟା ସମୟରେ ଗାଡ଼ି ଛାଡ଼ିଲା । ରାତି ଶେଷରେ ଗଜପତି ନଗରରେ ପ୍ରବେଶ ହେଲୁ । ସେଠାରେ ଗୋଟିଏ ନଦୀ ଅଛି । ନଦୀ କୂଳରେ ଗାଡ଼ି ରହିଲା । ସକାଳ ଓଳି ରୋଷେଇ କଲୁ । ଉପରଓଳି ଜଳଖିଆ କଲୁ । ପୁଣି ସନ୍ଧ୍ୟାକୁ ଗାଡ଼ି ଛାଡ଼ିଲା । ରାତି ଶେଷକୁ ସାଲୁରୁ ପୋଷ୍ଟ ହୁଡ଼ାରେ ରହିଲା । ପୁଣି ସନ୍ଧ୍ୟାକୁ ଗାଡ଼ି ଛାଡ଼ିଲା ରାୟଗଡ଼ାକୁ । ରାତି ପାଇଲା । ପୁଣି ସକାଳୁ ଗାଡ଼ି ଛାଡ଼ିଲା । କୋରାପୁଟରେ ପ୍ରବେଶ ହେଲୁ । ପୁଣି ସନ୍ଧ୍ୟାକୁ ଗାଡ଼ି ଛାଡ଼ିଲା । ରାତି ଶେଷକୁ ଜୟପୁରଗଡ଼ରେ ହେଲୁ ।

Digitized by srujanika@gmail.com

ସେଠୁ ଗାଡ଼ିରୁ ଓହ୍ଲାଇ ରସିକ ଶିରୋମଣିଙ୍କ ମଠ ଖୋଜିଲୁ । ଲୋକେ କହିଦେଲେ ଏହି ରାସ୍ତାରେ ଯାଅ । ରସିକ ଶିରୋମଣିଙ୍କ ମଠରେ ପ୍ରବେଶ ହେଲୁ । କକେଇ ଆମକୁ ଦେଖିଲେ । ଗୋଟିଏ ବେହେରା ବୁଢ଼ା ରକ୍ଷା କରୁଥାଏ । ତାକୁ କହିଲେ ଖାଡ଼ଙ୍ଗଙ୍କ ଘରେ ମିଶ୍ରଙ୍କୁ ଛାଡ଼ିଦେବୁ ଏବଂ ଭଗୀରଥିକୁ ଆମ ଘରେ ଛାଡ଼ ଦେବୁ । ଲୁଗାପଟା ସେ ଧରିଲା । ଆମେ ଦୁଇଜଣ ଗଲୁ । ମିଶ୍ରେ ଖାଡ଼ଙ୍ଗାଙ୍କ ଘରେ ରହିଲେ । ମୋତେ ନେଇ ଘରେ ଛାଡ଼ ଦେଲା । ସାନ କକେଇ ଘରେ ଥିଲେ । ଭାରି ଆନନ୍ଦ ହେଲେ । ମୁଁ ଘରକୁ ଗଲି, ବୁଢ଼ାମାନଙ୍କୁ, ଭାଉଜଙ୍କୁ ନମସ୍କାର ହେଲି । ସାନ କକେଇ କହିଲେ, ଏହି ଦିଗକୁ ପୋଖରୀପାଣି ପିଇବୁ । ଏହି ରାସ୍ତାରେ ଗଲେ ସାଗର ଅଛି ଗାଧୋଇବୁ । ମୁଁ ସେପରି ଚଳିଲି । ସେଦିନ ରାତି ଆଠ ଘଣ୍ଟାରେ ରାଜାଙ୍କ ରୁମରେ ଦେଖାହେଲୁ । ରାଜା ପଚାରିଲେ ଇଏ ତମ ପୁତୁରା । ହଁ ଆଜ୍ଞା, ଲିଙ୍ଗରାଜଙ୍କର ଭାଇ ହବ ଆଜ୍ଞା କକେଇ କହିଲେ ।

ରାଜା ପଚାରିଲେ କଣ ପଢ଼ିଚ ? ମୁଁ କହିଲି ଭରଣାକୁଲ ପଢ଼ିଚି । ଓଡ଼ିଆ ବଡ଼ା ଆଜି କିଛି ପଢ଼ି ନାହିଁ, ରାଜା କହିଲେ । ସେ କଣ ଗୁମାସ୍ତା, ଓଡ଼ିଆ ତାକୁ ଜଣା ନାହିଁ । କିପରି ହେବ ? କକେଇ କହିଲେ, ମନକଣ୍ଠ ହାକିମଙ୍କ ନିକଟରେ ସେ ତେଲିଙ୍ଗା ଜମା ଖର୍ଚ୍ଚ ଦେବ । ଏଣିକି ଯାହା ଲେଖା ଚଳିବ ଓଡ଼ିଆରେ କାଗଜ ହେବ । ରାଜା କହିଲେ, ଆମର ତିନିଖଣ୍ଡ ଗାଡ଼ି ଯାଉଛି, ଚପ୍ରାସୀ ଜଣେ ଯାଉଛନ୍ତି । ପରଦିନ ସନ୍ଧ୍ୟାକୁ ଆସନ୍ତୁ ।

ସେ ଦିନ ସୋମବାର । ସନ୍ଧ୍ୟାକୁ ଲୁଗାପଟା ସହିତ ସିଂହଦ୍ୱାରେ ଗାଡ଼ିରେ ବସି ବାହାରିଲୁ । ତିନି ଦିନରେ ମାଲକାନ୍‌ଗିରିରେ ପ୍ରବେଶ ହେଲୁ । ଘଡ଼ିଏ ବେଳ ହେବ । ବଙ୍ଗଳାଟି ମୁଣ୍ଡିଆ ଶିଖରେ । ଜଳ ଆଣିବାକୁ ଗଲେ ଅଧପାଏ ବାଟ ହେବ । ଲୋକଙ୍କୁ ଦେଖିଲି ସବୁ ଅନାର୍ଯ୍ୟ ଲୋକ । ସେ ଲୋକଙ୍କର ତ କନ୍ଧାଡ଼ି ଭାଷା । ରୋଷେଇ ଗଣ୍ଡେ କରିବାକୁ ଛ' ଘଣ୍ଟା ଲାଗିଲା । ଅଣରୁଷ ପବନ । ବଙ୍ଗଳା ଘର ଭୂମି ପତନକୁ ଲାଗିଚି । ଏପରି ପବନ ଯେ ଦେହରେ ଲୁଗା ନ ଦେଲେ ଚଳି ପାରିବ ନାହିଁ । ସେ ବଙ୍ଗଳା ନୁହେଁ—ପାନୁ

Digitized by srujanika@gmail.com

ଅସୁଲୁ କରିବାର ଘାଟ । ଘାଟର ନିୟମ ଗାଡ଼ି ଖଣ୍ଡିକୁ ଚାରିଅଣା ଖାଲି ବଳଦ ଗୋଟି ଦୁଇଅଣା, ଛେଳି ଏକ ଅଣା, ଘୋଡ଼ା ଗୋଟିକୁ ଆଠ ଅଣା, ହାତୀ ଏକ ଟଙ୍କା, ଓଟ ଗୋଟିକୁ ଆଠ ଅଣା । ବାଟରେ ଲୋକ ବେଶୀ ଗତାଗତ କରନ୍ତି ନାହିଁ । ସାମାନ୍ୟ ଚାଷରେ ଶଗଡ଼ ଖାଲି ବଳଦ ବେପାରୀଙ୍କ ଚାଲିଥାନ୍ତି । ଅହୋରାତ୍ର ନିଦ୍ରା ନାହିଁ ।

ଯେଉଁ ମାନକଣ୍ଠ ବାବୁଙ୍କୁ କହିଥିଲେ କମ୍‌ଠାରୁ ଜମା ଖର୍ଚ୍ଚ ନେବାକୁ ସେ ଭଲ ଭାବରେ କହିଲେ, ଆପଣ କାହିଁକି ଏଠାକୁ ଆସିଲେ । ଆପଣ ନୂତନ ଯୁବକ । ଗୋଟିଏ ମାସ ପରେ ମେଲେରିଆ ଜ୍ୱରରେ ପଡ଼ିବେ । ଏହି ଜଳବାୟୁ ବଡ଼ ଖରାପ । ଆମେ କେତେ ହୁସିଆରରେ ରହିଲେ ସୁଦ୍ଧା ଜ୍ୱର ହେଉଛୁ । ଆପଣ ଏହି ଶଗଡ଼ରେ ପଳାନ୍ତୁ । ଚାରିଦିନରେ ଜୟପୁର ଯିବେ । ଗୋବର୍ଦ୍ଧନ ମିଶ୍ରଙ୍କୁ କହିବେ, ଏପରି ପିଲାକୁ ମାଲକାନଗିରି ମାଳକୁ କିପରି ପଠାଇଲେ । ମୁଁ କହୁଛି ମୋ କଥାକୁ ମାନିକରି ପଳାଅ । ଆପଣ କିଛି ଜାଣି ନାହାନ୍ତି, ପିଲା ଲୋକ—ସେ ତ ଜାଣନ୍ତି । ତାଙ୍କଠାରୁ ଏହା ଶୁଣି ଗାଡ଼ିବାଲାକୁ କହିଲି ମୁଁ ଜୟପୁରୁ ଫେରିଯିବି । ସେ କହିଲେ ଆସ । ରାତି ପହରକଠାରେ ଗାଡ଼ି ଛାଡ଼ିଲା । ମୁଁ ସେ ଗାଡ଼ିରେ ଜୟପୁରକୁ ଫେରିଲି । ରାତ୍ରି ଅଧକୁ ମୁଁ ଘରେ ପ୍ରବେଶ ହେଲି । ମୁଁ ଘରକୁ ଯାଇ ଦେଖିଲି କକେଇ ଖାଇ ବସିଛନ୍ତି । ମୋତେ ସେ ଦେଖିବା ମାତ୍ରେ ପଚାରିଲେ, କିରେ ଫେରି ଆସିଲୁ । ମୁଁ କହିଲି ଏପରି ସ୍ଥାନରେ ମନୁଷ୍ୟ ଚଳେ କି ? କକେଇ ରାଗରେ ପ୍ରକୋପ ହୋଇ କହିଲେ, ସେଠାରେ ଲୋକେ କିପରି ଅଛନ୍ତି ? ତୁ ଆଠଦିନ ରହି ପାରିଲୁ ନାହିଁ । ରାଜା କଣ କହିବେ, ଯା ଯା କହି ଭାତ ଥାଳିଟାକୁ ଫିଙ୍ଗି ଦେଲେ । କଟଉ ମାଡ଼ି ଦେଉଳକୁ ଚାଲିଗଲେ । ମୁଁ ବସିକରି କାନ୍ଦିଲି । ବୁଢ଼ୀମାନେ ଆସି କହିଲେ, ଆସ ଭାତ ଖାଅ । ମୁଁ ତ ସକାଳୁ କିଛି ଖାଇ ନ ଥିଲି ଭୋକ ହେଉଥିଲା, ଗଣ୍ଡେ ଖାଇ ପକାଇଲି । ଦାଣ୍ଡ ଦ୍ୱାରେ ବସି ଭାବିଲି ମୁଁ କାଲି ଗାଁକୁ ଚାଲିଯିବି ।

ଏହି ସମୟରେ ନଅର ବାବୁ ଦାଣ୍ଡରେ ଯାଉଛନ୍ତି ତାଙ୍କୁ ପଚାରିଲି, ତୁମ୍ଭଙ୍କ ସମସ୍ତ କଣ ? ସେ କହିଲେ ବାହାର ମେଲାରେ ବଜେ

Digitized by srujanika@gmail.com

ହୋଇଛନ୍ତି, ପିଲଙ୍କ ସହିତ ହାସ୍ୟରସ ହେଉଛନ୍ତି । ମୁଁ ଭାବିଲି ଲୁଚି କରି କାହିଁକି ଯିବି ଯାଉଛି ସବୁ ବିଷୟ ଜଣାଇ ଦେଇ ବାହାରି ଯିବି ।

ନୂଆ କଳା ଛତାଟିଏ ଧରିଲି । ମେଘ ଟିପି ଟିପି ପଡୁଛି, ଗଲି । ଆମ ଦ୍ୱାରକୁ ସିଂହଦ୍ୱାର ଅଧପାଏ ହେବ । ସିଂହଦ୍ୱାରରେ ଥିବା ଦ୍ୱାରିକି କହିଲି ମୁଁ ଘୁମୁକୁ ଯିବ । ସେ କହିଲା, ଟିକିଏ ରହ ମୁଁ ଦେଖି ଆସେ । କିଛି ସମୟ ଗୁଡ଼ା ଆସି କହିଲା ଛତାଟା ଏଠାରେ ଥୁଅ ତୁମେ ଯାଅ । ମୁଁ ଯାଇ ଦେଖିଲି ଷ୍ଟେଟ ପିଲଙ୍କ ସହିତ ରାଜା ହାସ୍ୟରସ ହେଉଛନ୍ତି । ମୁଁ ଠିଆ ହେବା ମାତ୍ରେ ରାଜା କହିଲେ, "କି ହେ ତମେ ମାଲକାନଗିରିକୁ ଯାଇଥିଲ ? କଣ ହେଲି ଫେରି ଆସିଲ ।" ମୁଁ କହିଲି ଆଜ୍ଞା, ଯୁ ଦିନ ମୁଁ କଳେଇଙ୍କ ପତ୍ର ପାଇଲି ମୋର ଆନନ୍ଦର ସୀମା ରହିଲା ନାହିଁ । ଯାହାହେଉ କଳିକାଳରେ···ଘୁମୁ ଦେବତା ବୋଲି ମୁନି ଋଷିମାନେ କହୁଛନ୍ତି । ପ୍ରତିଦିନ ଶ୍ରୀମୁଖ ଦର୍ଶନ ହେବ । ବାହୁସ୍ପର୍ଶ ତ ଅଗ୍ରସ୍ଥ ହେବ । ଏହାକୁ ବଳି ଲଭ କଣ ଅଛି । ମୋର ବାପ କଳେଇ ଭାଇନା ସେହି ବାହୁସ୍ପର୍ଶରେ ଚଳୁଥିଲେ ମୋତେ ସେ ଯୋଗ ଆସିଗଲା । ଏହା ବଡ଼ର ଆନନ୍ଦ ସହ ଆସି ଶ୍ରୀମୁଖ ଦର୍ଶନ ହେଲା । ମୁଁ ଜାଣିଲି ମୋର ଯେତେ ଦୁର୍ଦ୍ଦଶା ଥିଲା ମୋଚନ ହେଲା । ଘୁମୁଙ୍କର ଯେଉଁ ସ୍ଥାନରେ ରଖିବା ଆଦେଶ ହେଲେ ଆଜ ଶ୍ରୀମୁଖ ଦର୍ଶନ ହେବ ନାହିଁ । ଯେବେ ଘୁମୁଙ୍କର ଆଜ୍ଞା ହେବ, ପ୍ରତିଦିନ ଶ୍ରୀମୁଖ ଦର୍ଶନ ହେବ, ତେବେ ରହିବ; ନଚେତ ଗ୍ରାମକୁ ଚାଲିଯିବି । ରାଜା କହିଲେ ୫୦୦ ଟଙ୍କା ଋଣ ଅଛି କପରି ସୁଝିବ ? ଗୋଟିଏ ବର୍ତ୍ତି ଦାନ ନେବେ କି ? ମୁଁ କହିଲି ଆଜ୍ଞା ମୋ ବାପ ଆଠ ଭାଇ । ସବୁ ଯାକ ଦୁଇଜଣ କଳେଇ ଅଛନ୍ତି । କାହାରି ପୁତ୍ର ସନ୍ତାନ ନାହିଁ । ମୋତେ ବଡ଼ହେଇଙ୍କୁ ପୋଷ୍ୟପୁତ୍ର କରି ଦେଇଛନ୍ତି । ମୋତେ ୨୧ ବର୍ଷ ହେଲା, କୁଟୁମ୍ବ ଆସି ନାହିଁ । ଏପରି ସ୍ଥଳେ ମୁଁ ଦାନ ନେଇ ପାରିବ ନାହିଁ । ଘୁମୁ କହିଲେ, ବ୍ରହ୍ମବିଦ୍ୟା ଶିକ୍ଷା କରିଚ ? ମୁଁ କହିଲି ହଁ କରିଚି । ଅଭିଷେକ ଆସେ ? ମୁଁ କହିଲି ଆସେ । ପୂଜା କେଉଁ ପର୍ଯ୍ୟନ୍ତ ଆସେ । ମୁଁ ଟିକିଏ ତୁନି ରହି କହିଲି ପଞ୍ଚ ଉପଚାର ପର୍ଯ୍ୟନ୍ତ ଆସେ । ରାଜା କହିଲେ ମହାଦେବଙ୍କ ସକାଶେ କ୍ଷୀରାଭିଷେକ

Digitized by srujanika@gmail.com

ବର୍ଷେ ଗୋଟିଏ ହେବ । ତମେ ରାଜଗୁରୁଙ୍କ ପାଖେ ପରୀକ୍ଷା ଦିଅ । ବର୍ଷକୁ ଗୁଆ ଗୃହଜଳ କରି ଦେବା । ମୁଁ ଆଜ୍ଞା କହି ଘରକୁ ଫେରିଲି ।

ବାଟରେ ଫେରି ଆସିବା ସମୟେ ହରଷ ଓ ବିସ୍ମୟ । ଭାବିଲି ମହାରାଜାଙ୍କ ଯାହା ଆଜ୍ଞା ହେଲା । ଆନନ୍ଦ ହେଲି । ପରୀକ୍ଷା କପରି ଦେବି ଏହା ଭାବି ବିସ୍ମୟ ହେଲି । ମୁଁ ତ ଆଦୌ ଅଭିଷେକ ଜାଣେ ନା କି ପୂଜା ଜାଣି ନାହିଁ, କପରି ପରୀକ୍ଷା ଦେବି । ପୁଣି ଭାବିଲି ମନୁଷ୍ୟ କଣ କରି ନ ପାରେ ? ମୋର ଜଣେ ମାଉସୀ ପୁଅ ଅଛନ୍ତି, ତାଙ୍କ ନାମ ବୀରଭଦ୍ର ମିଶ୍ର । ତାଙ୍କ ଘର ବାଲୁଙ୍କେଶ୍ୱର ପୁର । ସେ ବୈଦ୍ୟ ଜ୍ୟୋତିଷ ପଣ୍ଡିତ । ତାଙ୍କର ପାଖରେ ଶିକ୍ଷା କଲେ ତାଙ୍କୁ ପୂଜା ଅଭିଷେକ ସବୁ ଆସେ । ପୂଜା ଓ ଅଭିଷେକ ଏକମାସ ଲାଗିବ ଶିଖି ହବା ଶେଷଲେ । ଏହା ଭାବି ଘରକୁ ଚଳି । ରାତି ନିଦ୍ରା ହେଲା ନାହିଁ ଆନନ୍ଦରେ । କପରି ରାତ୍ରି ପାଇଲେ କକେଇଙ୍କ ପାଖକୁ ଯିବି । ତୁମ୍ଭରୁ ଯାହା ଆଜ୍ଞା ହେଲା ସେ କଥା ଜଣାଇବି ।

ଯେମିତି ଫସର ଫାଟିଲା ରସିକ ସିରୋମଣିଙ୍କ ମଠକୁ ଗଲି । ସେହିଠାରେ କକେଇ ଅଛନ୍ତି । ଦଣ୍ଡେ ବେଳ ହେବ କକେଇ ଦାନ୍ତ ଘଷୁଛନ୍ତି । ସେ ଦେଖିବା ମାତ୍ରେ କହିଲେ, କଣ କରିବା ତୁମ୍ଭରେ କଣ କହିବା । ମୁଁ କହିଲି କାଲି ରାତ୍ରି ମୁଁ ତୁମ୍ଭକୁ ଯାଇଥିଲି । କାନ୍ଦି କାନ୍ଦି ହୋଇ ସକଳ ବିବରଣୀ କହିଲି । ତୁମ୍ଭ କହିଲେ, ତୁମ୍ଭ ଆପଣଙ୍କ ଭଳିଆ ଲୋକ ସେଠାରେ ଚଳିବା କଷ୍ଟକର । କକେଇ କହୁଥିଲେ ପାଞ୍ଚଶହ ଟଙ୍କା କରଜ କପରି ସୁଝିବ ? ମୁଁ କହିଲି ଆଜ୍ଞା ମୋ କର୍ମକୁ ଆପଣଙ୍କ କରୁଣା ରେଣୁ ମାତ୍ର ହେଲେ ବୋଝ ସମାନ ହେବ । ତୁର ପାଞ୍ଚଶତ ଟଙ୍କା କେତେ ? ତୁମ୍ଭ କହିଲେ, ଗୋଟିଏ ବାହ୍ମ ଦାନ ନେବ କି ? ମୁଁ କହିଲି, ଆଜ୍ଞା ମୋର ପିତା ଆଠ ଭାଇ ସବୁ ଯାଇ ଦୁଇଜଣ କକେଇ ଅଛନ୍ତି । ତାଙ୍କର କାହାରି ପୁତ୍ର ସନ୍ତାନ ନାହିଁ । ମୁଁ ଗଲେ କୁଳ ଶେଷ । ପ୍ରଭୁ, ଦାନ ନେଇ ପାରିବି ନାହିଁ । ତୁମକୁ ପୂଜା ଅଭିଷେକ ଆସେ କି ତୁମ୍ଭ କହିଲେ । ମୁଁ କହିଲି ଆସେ । ରାଜଗୁରୁଙ୍କୁ ପରୀକ୍ଷା ଦିଅ ରାଜା କହିଲେ, ପଣ୍ଡିତ କହିଛନ୍ତି,

ମହାଦେବଙ୍କର ଗୋଟିଏ କ୍ଷୀରାଭିଷେକ ବର୍ଷେ ହେବ । ସେଥିରେ ବରୁଣ ହୁଅନ୍ତୁ । ଦରମା ମାସକୁ ୩୦ ଟଙ୍କା, ବ୍ୟବସ୍ଥା ଖର୍ଚ୍ଚ ୭୫ ଟଙ୍କା ଦିଆଯିବ । ମୁଁ କହିଲି ଆଜ୍ଞା ମୁଁ ପରୀକ୍ଷା ଦେଇସାରିଲେ ଜଣାଇବି । ମୁଁ ତ ଅଭିଷେକ ଜାଣେ ନାହିଁ କି ପୂଜା ଜାଣେ ନାହିଁ । କକେଇ କହିଲେ ଏକ ମାସ ପରିଶ୍ରମ କଲେ ଆସିଯିବ । ମୁଁ କହିଲି, ମୋର ମାଉସୀପୁଅ ଭାଇ ଷାର ମିଶ୍ର ଅଛନ୍ତି, ସେ ପଢ଼ାଇ ଦେବେ । ତୁମେ ଆଜ ରାମୁକୁ ଯିବ କହିବ କାଲିଠାରୁ ପୁତୁରାଟିକୁ ଜର ହୋଇଗଲା । ରାମୁର ଯେଉଁ ବରୁଣଟି ଦେଇଛନ୍ତି ଆଠ ଦଶ ଦିନ ଭିତରେ ପରୀକ୍ଷା ଦେବ ।

ଉପର ବେଳା ଷାର ମିଶ୍ରଙ୍କୁ ଦେଖିଲି, ସବିଶେଷ ହାଲ କହିବାରେ ସେ କହିଲେ ପନ୍ଦର ଦିନରେ ଅଭିଷେକ ଆସିଯିବ । ପୂଜାରେ କିଛି ଭିଡ଼ ନାହିଁ । କାଲି ଦଶ ଘଣ୍ଟାଠାରେ ମୋ ବସାକୁ ଆସେ । ମୁଁ ଅଭିଷେକ ବହି ଟିକ୍ କରିଥିବି ।

ତା ଆରଦିନ ଦଶଟାରେ ଗଲି । ସେ ଖାଲି ମନ୍ତ୍ର ଦେଲେ ମୁଁ ଘୋଷିଲି । ୨୫ ଦିନରେ ଅଭିଷେକ ମୁଖସ୍ଥ ହେଲା । ପୂଜା ଆଠ ଦିନରେ ଶେଷ ହେଲା । ରାଜଗୁରୁଙ୍କୁ କହିଲି, ଆଜ୍ଞା ରାମୁଙ୍କୁ ହୁକୁମ କରିଛନ୍ତି ପୂଜା ଅଭିଷେକ ପରୀକ୍ଷା ଦେବାକୁ । ଆପଣଙ୍କଠାରୁ ସାର୍ଟିଫିକେଟ ମିଳିଲେ ହେବ । ସେ କହିଲେ କାଲି ୧୨ଟା ସମୟେ ମୋ ବସା ତ ଜାଣିଛନ୍ତି ବଲ୍ଲଭ ନାରାୟଣଙ୍କ ମନ୍ଦିର । ତା ଆରଦିନ ବାରଟାକୁ ଗଲି । ଆଗ ପୂଜାଟିକ ପରୀକ୍ଷା ନେଲେ, ଅଭିଷେକରୁ ଛ କାଣ୍ଡଟି ପରୀକ୍ଷା ନେଇ କହିଲେ ଆଠଘଣ୍ଟାଠାରେ ଉଆସକୁ ଆସ ।

ସେ କହିବା ଅନୁସାରେ ପ୍ରବେଶ ହେଲି । ରାମୁ ରାଜଗୁରୁଙ୍କୁ ପଚାରିଲେ ଗୋବର୍ଦ୍ଧନ ମିଶ୍ରଙ୍କ ପୁତୁରାକୁ ପରୀକ୍ଷା କଲେ କି ? ଆଜ୍ଞା ଭଲ ପଢ଼ିଛି । ତେବେ ଯାଙ୍କୁ ମହାଦେବଙ୍କଠାରୁ ଗୁଆ ଗୁଡ଼ିଜ କରିଦିଅ ଗଡ଼େ ଏକ ଦିନକୁ, ପରେ ଆଉ ଥରେ କରିବାକୁ ହେବ । ସେହିପରି ଗୁଆ ଗୁଡ଼ିଜ ହେଲା ବ୍ୟବସ୍ଥା ଖର୍ଚ୍ଚ ଟ ୨୫ ଙ୍କା ଦେଲେ, କାମ ଚଳିଲା । ପ୍ରତିଦିନ ସେଠାରେ କ୍ଷୀର, ଫୁଲ, ବେଲପତ୍ର ପୂଜା

Digitized by srujanika@gmail.com

ଉପକରଣ ଏକଷ କରି ଅଭିଷେକ କଲ ବେଳକୁ ଦିନ ୨ଟା ହୁଏ। ସେଠାରେ ମୋର ବି ଗେଷେଇବାସ ହୁଏ। ଆଜ ଆଠଦିନ ଅଚ୍ଛି ମୁଁ ମଠକୁ ଯାଉଚି, ବଡ଼ ଦାଣ୍ଡରେ ଦେଖିଲ ମୋର ଜନ୍ମିତ ମାମୁଁଙ୍କୁ। ମୁଁ ଭାବିଲି ଏ ତ ମୋର ମାମୁଁ ପରି ଦିଶୁଛନ୍ତି। ପୁଣି ବିଚାରିଲି ତାଙ୍କ ଘର ଅଠଗଡ଼, ସେ କାହିଁକି ଏଠାକୁ ଆସିବେ। ମାମୁଁ ଭାବିଲେ ଏ ତ ମୋର ଭଣଜା ଭାଗୀରଥୀ ପରି ସାକ୍ଷାତ ଦିଶୁଚି। ଏହା ଭାବି ସେ ଚାଲିଗଲେ। ମୁଁ ଚାଲିଗଲି। ପଚାଶି ପାହୁଣ୍ଡ ଯାଇ ପୁଣି ଫେରିଲେ। ମୁଁ ଦଶ ପାହୁଣ୍ଡ ଯାଇ ଫେରିକରି ଚାହିଁଲି। ମାମୁଁ ବ୍ୟଗ୍ର ଭାବରେ ମୋ ପାଖକୁ ଆସି କହିଲେ ତୁ କଣ ଭାଗୀରଥି କି? ମୁଁ କହିଲି ହଁ, ତୁ କୁଆଡ଼େ ଯାଉଚୁ? ମୁଁ କହିଲି କନେଇଙ୍କ ପାଖକୁ। ସେ କହିଲେ, କନେଇ କେଉଁଠାରେ ଅଛନ୍ତି? ମୁଁ କହିଲି ରସିକ ଶିରୋମଣିଙ୍କ ମଠରେ। ହଉ ଚାଲେ ଯିବା। ଦୁଇଜଣଯାକ ଗଲୁ। କନେଇ ଦେଖିବା ମାତ୍ରେ କହିଲେ, କି ହେ ଦାସେ ବଡ଼ ଅପୂର୍ବ, ଆପଣ କୁଆଡ଼େ ଆସିଲେ? ମାମୁଁ କହିଲେ, ମୋର ଟୋକାଟିଏ, ତାର ନାମ ରଘୁନାଥ। ଆଜକୁ ୩ ବର୍ଷ ହେଲା ଗଲା ନାହିଁ। ତାର ଭାର୍ଯ୍ୟା ବାପଘର ବୁଢ଼ୀ। ଶାଶୁବୁଢ଼ୀ କାନ୍ଦିବାରୁ ତାକୁ ନେବାକୁ ଆସିଚି। ମୁଁ କହିଲି, ମୁଁ ତାକୁ ଚିହ୍ନିଚି। ସେ ପାଣି ନାଳିଆ ସାହିରେ ଅଛନ୍ତି। ହଉ, ସେ କଥା ପରେ ବୁଝିବା। କନେଇ କହିଲେ ମାମୁଁଙ୍କୁ ସଙ୍ଗରେ ଧରି ଯା ଘର ଦେଖାଇ ଦେବୁ। ମୁଁ ଏଗୋଉରଟାରେ ଯାଉଚି। ମାମୁଁଙ୍କୁ ଆଣି ଘରେ ଛାଡ଼ିଦେଲି। ବାହାରକୁ ଯାଇ ସାଗରରେ ଗାଧୋଇଲୁ। କନେଇ ଆସିଲେ ଖାଇପିଇ ପିଣ୍ଡାରେ ଟିକିଏ ଗଡ଼ପଡ଼ ହେଲୁ।

ମାମୁଁ କହିଲେ ଶୀଘ୍ର ଚାଲ ପାଣି ନାଳିଆ ସାହିକି ଯିବା ରଘୁର ବସାକୁ। ଏମନ୍ତ କହି ଯାଉଛନ୍ତି ଗୋଟିଏ ନାଗରା ହେଲା। ନରସିଂହ ସାନ୍ତରା ଭଣଯାକୁ ପେ ଭଲ କରିଦେବ ପାଞ୍ଚଶହ ଟଙ୍କା ଦିଆଯିବ। ମାମୁଁ କହିଲେ ଏଠାରେ ଲୋକନାଥ ସାନ୍ତରା ଗୋଟିଏ ବଡ଼ ଧନୀ। ଗୋଟିଏ କନ୍ଧ ତାର ଖାତକ। ତାର ଘର ନିଲାମ କରି ଆଣିବାରୁ ସେ ଗୋଟିଏ ଦେବୀ ପଠାଇ ପ୍ରଥମେ ତାର ବଡ଼

ବୋହୂକୁ ଧରିଲା । ପାଞ୍ଚ ଦିନରେ ତାକୁ ମାରି ଦେଲା । ତରେ ମଝିଆଁ ବୋହୂକୁ ଧରିଲା । ତାକୁ ୭ ଦିନରେ ମାରିଲା । ଏବେ କାଲିଠାରୁ ସାନ ବୋହୂକୁ ଧରିଛି । ନରସିଂହ ପିଲଟିକୁ ମହାଦେବଙ୍କ ପାଖରେ ନେଲେ । ମହାଦେବଙ୍କ ପାଖରେ କାନ୍ଦିବାରୁ ମହାଦେବ ହୁକୁମ କରିଛନ୍ତି ପାଞ୍ଚଶ ଟଙ୍କା ନେବେ ସେ ଭଲ କରିବ । ମାମୁଁ କହିଲେ, ମୁଁ ଭଲ କରିଦେବି । ଚାଲ ଗୁମୁକୁ ଯିବା । ଦୁଇ ଅଣା ଦେଇ ଗୋଟିଏ ନଡ଼ିଆ ଧରି ଗୁମୁକୁ ଗଲେ । ରାଜା ଦେଖିବା ମାତ୍ରେ ପଚାରିଲେ, ନନା ଏ ଆପଣ କିଏ ସେ ? କକେଇ କହିଲେ ଏ ଆମ ଭଗୀରଥୀର ମାମୁଁ । ସେ ଗୁମୁକୁ ଆସିଛନ୍ତି । ସେଇଁ ନାଗରା ବାଆ ହେଲା ଏହାର କାରଣ—ଲୋକନାଥ ସାମନ୍ତଙ୍କ ଘରେ ଗୋଟିଏ ଦେବୀ ପେଷଣ କରି ଦୁଇଗୋଟି ବୋହୂଙ୍କୁ ମାରି ଦେଲଣି । ଏବେ ସାନ ବୋହୂକୁ ଧରିଛି । ମହାଦେବ ଆଜ୍ଞା କରିଛନ୍ତି; ସେ ଭଲ କରିବ ସେ ପାଞ୍ଚଶ ଟଙ୍କା ନେବ । ଛ'ମାସ ପରେ ଟଙ୍କା ମିଳିବ, କାରଣ ସେ ସେତେବେ ନ ଆସେ । ମାମୁଁ କହିଲେ ମୁଁ ଭଲ କରି ଦେବି । ମାତ୍ର ଗୁମୁ ମୋତେ ଟଙ୍କା ଦେବେ । ମାମୁଁଙ୍କ ରୂପ ଦେଖି ଗୁନିଆ ହୋଇ ଗୁମୁ କକେଇଙ୍କ କହିଲେ ଏ ଆପଣଙ୍କ ରୂପ ଦେଖିଲେ ଡାହାଣୀ ପଳାଇବ ।

ମାମୁଁ କପରି ଲୋକ ନା ପାଞ୍ଚ ହାତ ଉଚ, ଦାଢ଼ୀ ବାଳ ଅତି ଶୁକ୍ଳ । ଖୋଟଠାରୁ ଶୁକ୍ଳ । ଦାଢ଼ୀରେ ଗୋଟିଏ ଚଣ୍ଟି ପଡ଼ିଥାଏ । ରାଜା ନରସିଂହଙ୍କୁ କହିଲେ । ଏ ଆପଣଙ୍କୁ ଧରି ଯାଅ ସେ ପିଲାକୁ ଦେଖନ୍ତୁ ।

ମୁଁ କକେଇ ମଧ ନରସିଂହ ସହିତ ଗଲୁ । ଆମେ ଯିବା ମାତ୍ରେ ଡାହାଣୀ ଛାଡ଼ିଗଲା । ପିଲା ନିର୍ଜୀବ ହୋଇ ଶୋଇଥାଏ । ଗୋଡ ହାତ ଥଣ୍ଡା ଥାନ୍ତି । ସେହି ଅଗଣାରେ ଯୁଝଫୁଲ ଗଛ ଗୋଟିଏ ଥାଏ, ତାର ଫୁଲ ସାତୋଟି ତୋଳି ମନ୍ତ୍ର କରି ଗୋଟିଏ ଧାଗିକ ଦେଲେ । କହିଲେ ଏହାକୁ ରଖିଥାଅ, ସେ ରାତିକୁ ଆସିଲେ ଏହି ଫୁଲ ଶୁଙ୍ଘାଇ ଦେବ । ସେ ଆଉ ଯାଇ ପାରିବ ନାହିଁ । ଏହା କହି ଆମେ ଘରକୁ ଗଲୁ । ତାର ସ୍ୱାମୀକି କହିଲେ ପିଲାକୁ ତଳ ମହଲରେ ରଖ ।

Digitized by srujanika@gmail.com

କାଲେ ଚଳନକୁ ଡେଇଁ ପଡ଼ିବ । ପୁଣି ରାତ୍ର ୧୨ଘଣ୍ଟା ଠାରେ ଆସିଲା । କହିଲା ଗୁଣିଆ ଆଣିଚ ଦଗ ଦେଖିବା । ସେଉଁ ଧାନ୍ଦଠାରେ ମନ୍ତ୍ର ଫୁଲ ଥିଲା ସେ ଫୁଲ ନେଇ ପିଲାର ନାକରେ ଶୁଙ୍ଘାଇ ଦେଲାକ୍ଷଣି ଅତି ବ୍ୟାକୁଳ ହୋଇ କହିଲା ମୋତେ ମୁଖିଆ ଲଗାଇ ଦେଲା । ହଉ ସେ ଗୁଣିଆ ଆସୁ ।

ସେହିଦିନଠାରୁ ମନୁଷ୍ୟ ଡାକ ଆସିଲା । ମାମୁଁ କହିଲେ ମୁଁ ସକାଳ ୮ ଘଣ୍ଟାକୁ ଯିବି । ସେ ଆଉ ପଳାଇବ ନାହିଁ । ୮ ଘଣ୍ଟା ଠାରେ ମାମୁଁ ଓ ତାର ସ୍ୱାମୀ ସହିତ ଗଲୁ । ଦେଖିଲା କ୍ଷଣି କହିଲା ମୋତେ କାହିଁକି ବାନ୍ଧିଲୁ , ଫିଟାଇ ଦେ ମୁଁ ଆଉ ଆସିବି ନାହିଁ । ମାମୁଁ କହିଲେ ଫିଟାଇ ଦେବା ମାତ୍ର ତୁ କିଏସେ, କାହିଁକି ଆସିଲୁ, ଦୁଇଟି ସ୍ତ୍ରୀ ବଧ କଲୁଣି, ଆଉ ଗୋଟିକୁ ବଧ କରିବାକୁ ଇଚ୍ଛା କରୁଛୁ । ସେ କହିଲା ତୁମ୍ଭର କନ୍ଧ ମୋତେ ପଠାଇଲା । ମୁଁ ଡାହାଣୀ ନୁହେଁ କନ୍ତୁ ମୁଁ ଶ୍ମଶାନ ଚଣ୍ଡୀ । ଆଚ୍ଛା ତ, ବୋଲି କାହିଁକି କଲୁ । ସେ କହିଲା, ରାମ ସୁନାର ଝିଅ ବାରବର୍ଷର, ସେ ମଙ୍ଗଳବାର ଦିନ ବସନ୍ତ ରୋଗରେ ମରିଗଲା । ତାକୁ ସାଗର ହୁଡ଼ାରେ ପୋତି ଦେଲେ । ତୁମ୍ଭର ତାକୁ ବାହାର କଲା । ଗାଧୋଇ ଦେଲା, ହଳଦୀ ଲଗାଇ ଦେଲା । ପନଘା ଅତର ଫୁଲ ଦେଲା । ସବୁକୁ ଉପରେ ବସି ମନ୍ତ୍ର ଜପ କଲା । ମୁଁ ପ୍ରସନ୍ନ ହେଲି । ଖାଇବାକୁ ମାଗିଲି । ମୋତେ ସନ୍ତୋଷ ଭାବରେ ଖାଇବାକୁ ଦେଲା । ମୁଁ କହିଲି, କଣ ମାଗୁଛ ମାଗେ । ସେ କହିଲା ମୁଁ ଯାହାକୁ ମାରିବାକୁ କହିବି ତୁ ତାକୁ ମାରିବୁ । ଲୋକନାଥ ସାନ୍ତର ତାର ଘର ବାଲ ସବୁ ନଳମରେ ଆଣିବାରୁ ସେ ମୋତେ ପଠାଇଲା । ମୋର କଣ ଦୋଷ । ମାମୁଁ କହିଲେ, ଆଉ ତୁ ଯାଇ ପାରିବୁ ନାହିଁ । କଣ ଖାଇବୁ ମାଗେ ତେବେ ମୁଁ ଦେବି । ଆଉ ଛାଡ଼ିବି ନାହିଁ । ଏହା ଶୁଣି ବହୁତ କାନ୍ଦିଲା, ମୁଣ୍ଡ ପୋତି କରି । ମାମୁଁ କହିଲେ, ଆଜି କଣ ଖାଇବୁ କହ । ସେ କହିଲା, ସାତ ତୁମ୍ବ ଗୁଡ଼ାକ, ସାତ ତୁମ୍ବ ଘିଅରେ ସାତୁଟା ଚକୁଲି ଦେବ; ହଣ୍ଡିଆଟିଏ ପଣା, ଗୋଟିଏ କଳା ବୋଦାର ରକ୍ତ । ମାମୁଁ କହିଲେ, ନରସିଂହ ଶୁଣିଲ ତ । ଆଜ ରବିବାର

Digitized by srujanika@gmail.com

ମଙ୍ଗଳବାରକୁ ଠିକ୍ କର । ପୁଣି କହିଲେ ପିତଳରେ ଗୋଟିଏ ଫରୁଆ ହେବ । ସାତ ମାଇଲ ଦୂରକୁ ନେଇ ଖାତ ଖୋଳାଇ ତାକୁ ପୋତିବାକୁ ହେବ ।

ମଙ୍ଗଳବାର ଦିନ ସବୁ ସଂଗ୍ରହ ହେଲା, ଆଜ ଚକୁଳି ହେଲେ ବୋଝଟିଏ ହେଲା । ତାକୁ କହିଲେ ଖା । ସେ ଚକୁଳି ପିଠା ସାଙ୍ଗୁଟାପାକ ଦଣ୍ଡିକ ଭିତରେ ଖାଇ ଦେଲା । ପଣା ହଣ୍ଡାଟିଏ ପିଇ ଦେଲା । ଅଣ୍ଟେ ଉଚର କଳା ବୋଦାଟିଏ ହଣା ହେଲା । ତାର ରକ୍ତ ସବୁ ପିଇ ଦେଲା । ଗୋଟେ ମନ୍ଦାର ଫୁଲ ତା ମୁଣ୍ଡକୁ ପକାଇ ଦେଲେ । କହିଲେ ଆସେ । ଫୁଲଟା ଘରପାଙ୍କରେ ଡେଇଁଥାଏ । ଫରୁଆକୁ ଆସେ ନାହିଁ । ସିଲଟି ମୂର୍ଚ୍ଛା ହୋଇଗଲା । ତାକୁ ଛୁଆ ବଞ୍ଚା କରୁଥାନ୍ତି । ବହୁତ କଷ୍ଟରେ ଫୁଲଟି ଫରୁଆକୁ ଆସିଲା । ସାତଜଣ ସବଳ ଯୁବକ ସାବଳ କୋଡ଼ି ଧରି ଚଲେ । ସାତ ମାଇଲ ଯାଇ ସେଠାରେ ଗୋଟିଏ ଗାତ କଲେ । ଫରୁଆକୁ ରଖି ପଥର ମଡ଼ାଇ ପୋତି ଦେଇ ଗାଁକୁ ଫେରି ଆସିଲେ ।

ଆଠ ଦିନ ପରେ ଯେଉଁ ଲୋକ ଦେଖେ କରିଥିଲା ମାମୁଁଙ୍କର ସଙ୍କେତ ନେଇ ବାତୁଳ କରି ଦେଲା । ସବୁବେଳେ ରଜା ମୋତେ ବାନ୍ଧି ନେବ କହି ମାମୁ ଘରୁ ବାହାରିଲେ ନାହିଁ । ଏକଥା ଗ୍ରାମରେ କହିବାରୁ ରଜା ଅନ୍ୟ ଗୁଣିଆକୁ କହିବାରେ ସେ କହିଲେ ଶହେ ମାଇଲ ଦୂରକୁ ନେଇଗଲେ ବାଇ ଛୁଟିଯିବ । କକେଇ କହିଲେ ରଜା ଟଙ୍କା ଦେବେ ଛ ମାସ ଗଲେ । ଯାଙ୍କୁ ଘରକୁ ନେଇ ଯାଅ । ତାଙ୍କ ଶଳା କହିଲେ ମୁଁ ଯାଙ୍କୁ ଏକାକେ ନେଇ ପାରିବ ନାହିଁ । ମୋର ବରୁଣ ଶହେଦିନ ହୋଇଗଲା,·ମୋ ବଦାଙ୍କ ଟଙ୍କା ଦେଇ ଦେଲେ । ସେହି କାମରେ ଆଉ ଜଣେ ବ୍ରାହ୍ମଣକୁ ଗୁଆ ଗୁଞ୍ଜିଲ ଦେଲେ । ମୁଁ ·ଆପତ୍ତି କରିବାରୁ ରଜଗୁରୁ କହିଲେ ଜଣେ ଲୋକ ଦୁଇ ବରଷ ହେଲା ଅନୁସରଣ କରିଛି ଯାଙ୍କ ଶହେ ଦିନ ପରେ ଆପଣ ବରୁଣ ହେବେ । କକେଇ କହିଲେ ତୁ ଯା ରଜ ଦରତ ଖର୍ଚ୍ଚ ଦେବେ । ମୁଁ କହିଲି କକେଇ ଗ୍ରାମକୁ ଗଲେ । ମୁଁ ତାଙ୍କୁ ଘରକୁ ପଠାଇ ଦେଇଛି । ରଜା ପଚିଶ ଟଙ୍କା

Digitized by srujanika@gmail.com

ବାଟ ଖର୍ଚ୍ଚ ଦେଲେ । ମାମୁଁଙ୍କୁ ଧରି ଶଗଡ଼ରେ ଆସିଲୁ । ବ୍ରହ୍ମପୁର ଷ୍ଟେସନରେ ଗାଡ଼ିରୁ ଓହ୍ଲାଇଲୁ । ତାଙ୍କର ବାଇ ଛୁଡ଼ିଗଲା । ମାମୁଁ ପଚାରିଲେ ମୋତେ କାହିଁକି ଆଣିଲ ? ମୁଁ ଦେହକୁ କିଛି ନ ଥିବାରୁ ମୋତେ ବାଧ୍ୟ କରିଦେଲା । ଆମେ କହିଲୁ ତମେ ଘରକୁ ଯାଅ, ତୁମ ଟଙ୍କା ଦେବ ମିଆଦ ପାଞ୍ଚମାସ ଅଛି । ମିଆଦ ପରେ ଯିବ । ଏହା କହି ତାଙ୍କୁ ଘୁମୁସର ପଠାଇ ଦେଲୁ । ମୁଁ ରଥଙ୍କ ଘରକୁ ଚାଲିଗଲି । ରଥେ ସେତେବେଳକୁ ତିନବର୍ଷ ହେବ ଗାଁକୁ ଯାଇ ନଥିଲେ । ତାଙ୍କ ବୋଉ ଓ ଖୁଡ଼ି ବହୁତ କାନ୍ଦିଲେ । ଦୁଇ ବରଷ ହେଲା ପିଲାଟି ବିଧବା ହେଲା କଏ ଟିକିଏ ଯାଇ ପାରିଲୁ ନାହିଁ । କପରି ଅଛି । ମୁଁ କହିଲି କୋଠା କୁଟି ଖାଉଛନ୍ତି । ମୁଁ ତାଙ୍କୁ ସାଥିରେ ନେଇ ଆସିଥାନ୍ତି କିନ୍ତୁ ସେ କେବେ ଛାଡ଼ିବେ ନାହିଁ । ସାନଟୁଣ୍ଡି ସାଉଜଙ୍କୁ ଝୁରୁଛନ୍ତି । ବଡ଼ ଖୁଡ଼ି ବସିଛନ୍ତି । ମୁଁ ଆସିବା ବିବରଣ କହିଲି । ମୁଁ ଆଉ ଚାରି ମାସ ପରେ ଯିବି, ଆଣିବା ଚେଷ୍ଟା କରିବି ।

ତା ଆରଦିନ ଗାଁକୁ ବାହାରିଲି । ଗାଡ଼ି ଏଗାରଟାରେ ଆସେ । ଗାଡ଼ି ଫେଲ୍ ହେଲା । କଣ କରିବି, ଡାକଗାଡ଼ି ରାତି ୩ଟାରେ ଆସିବ । ବାଲୁଗାଁରେ ରହିବି ନାହିଁ । ଫେରି ଯିବାକୁ ବନ୍ଧୁ ଘରକୁ ମୋତେ ଲଜ୍ଜା ହେଲା । ଏହି ସମୟେ ଜଣେ ବ୍ରାହ୍ମଣ କବିରାଜ ସେ କହିଲେ ଆପଣ କୁଆଡ଼େ ଯିବେ କି ? ମୁଁ କହିଲି ବାଲୁଗାଁ ଯାଇଥିଲି, ଗାଡ଼ି ଫିଟିଗଲା । ସେ କହିଲେ ଡାକ ଗାଡ଼ି ଆସିବ । ମୁଁ କହିଲି ବାଲୁଗାଁରେ ଡାକ ଗାଡ଼ି ରହେ ନାହିଁ । ମୁଁ ତାଙ୍କୁ ପଚାରିଲି ଆପଣଙ୍କର ଘର କେଉଁଠାରେ ? ସେ କହିଲେ ରସୁଲକୁଣ୍ଡା । ଆମର ଜଣେ କକେଇ ଅଛନ୍ତି ଗୋପାଳ ମହାପାତ୍ରେ । ସେ କହିଲେ ତାଙ୍କ ଘର କୁରୁପଡ଼ା କି ସେ ଆମର ବନ୍ଧୁ । ତୁମେ କୁଆଡ଼େ ଯିବ । ସେ କହିଲେ ମୁଁ ଛତ୍ରପୁରୁ ଯିବି ଗୋଟେ ବିବାହରେ ଭଦ୍ରଲୋକ ଘରେ । ଆପଣ ଆସନ୍ତୁ ଆଜି ଛତ୍ରପୁରରେ ରହିବା କାଲି ଗାଁକୁ ଯିବେ । ମୁଁ ହଁ କଲି ତାଙ୍କ ସଙ୍ଗ ପାଇ ଛତ୍ରପୁରୁ ଗଲି । ସେ ଜଣେ ବୈଦ୍ୟ, ଭଲ ମୋଦକ ତାଙ୍କ ପାଖରେ ଥିଲା । ସେ ଗୋଟିଏ ଖାଇଲେ,

Digitized by srujanika@gmail.com

ମୋତେ ଗୋଟିଏ ଦେଲେ । ମୁଁ ତହିଁରୁ ଅଧେ ଖାଇଲି । ଗୋଟିଏ ମଠରେ ରହିଲୁ । ସେ ସବୁ ବସା ଛଅଣା ଦେଲୁ । ବୈଦ୍ୟ ଗୋଟିଏ କଣି ମାଛ ଆଣିଲେ । ମୁଁ କହିଲି ମୋର ରବିବାର, ହଉ ଆପଣଙ୍କ ପାଇଁ ରାନ୍ଧି ଦେବି । ବୈଦ୍ୟେ କହିଲେ ନାହିଁ ଫେରାଇ ଦେବା । ମୁଁ କହିଲି ଥାଉ । ରନ୍ଧା ହେଲୁ ଖାଇଲୁ । ମୋ ଠାରେ ଟ୧୫ଙ୍କା ଥାଏ । ଲୁଗାପଟା କୋଡ଼ିଏ ଟଙ୍କାର ଥାଏ । ମୁଁ ଜାଣିଚି, ଛତ୍ରପୁର ଚୋର ସ୍ଥାନ । ଲୁଗା ପଟା ବାନ୍ଧି ମୁଣ୍ଡ ଉପରକୁ ଦେଲି । ବଡ଼ କରି କମ୍ବଳଟିଏ ତା ଉପରେ ବିଛାଇଲି । ମୁଁ ପୂର୍ବକୁ ମୁଣ୍ଡ କଲି, ତାଙ୍କୁ କହିଲି ପଶ୍ଚିମକୁ ମୁଣ୍ଡ କଲେ । ଶୀତ ଦିନଟା । ମୋଟ ଗୃବକ କାଠ ତିନି ହାତ ଲମ୍ବ ତାକୁ ଚୁଲିରେ ପକାଇ ଦେଲି । ମନେ ଗୋଟେ ପାପ ଆଶଙ୍କା ହେଲା ନିଶା-ହାଉରେ । ଏହି ଲୋକ ମାନେ ମାରି ଟଙ୍କା ନେଇଯିବ । ଆଜ ନିଦ ହେଲା ନାହିଁ ।

ରାତି ଘଣ୍ଟାକ ସମୟରେ ଚୋର କବାଟ ଫିଟାଇଲା ସ୍ଥିର ଭାବରେ । ମୁଁ ତ ଚେତା ଥାଏ । ଘରେ ପଶି ଗୋଟିଏ କୋଣରେ ସ୍ଥିର ଭାବରେ ରହି ଦିଆସିଲିଟିଏ ଘଷି ଦେଲା । କପଟ ଭାବରେ ଆମେ ଅଛୁ ଦେଖିଲା । ମୁଁ ତାକୁ ନିର୍ମଳ ଭାବରେ ଦେଖିଲି । ଗୋଟିଏ ଦୀର୍ଘ କାର ଲୋକ କଳା ଟେଙ୍ଗିଟିଏ ଲଗାଇଚି । ନିଶ ଦିପଟା ଅଛି । ଛୁରିଟିଏ ଅଣ୍ଟାରେ ମାରିଚି । ମୋ ଦେହ ଥରିଗଲା । ବୈଦ୍ୟଙ୍କୁ ଚିମୁଟିଲି । ତାଙ୍କ ନିଦ ଭାଙ୍ଗିଲା ନାହିଁ । ମୁଁ ବିଚାରିଲି ଆମକୁ ଛୁରି ମାରି ଧନ ନେଇଯିବ । ଦେଖିଲି ନିଆଁ ଟୁଣ୍ଡାଟା ହାଉ ହାଉ ହେଉଚି । ମୁଁ ଉଠି କରି ନିଆଁ ଟୁଣ୍ଡାକୁ ଧରି ଚିତ୍କାର କରି ହୁରିକଲି ଚୋର ଚୋର । ସେହିକ୍ଷଣି ସେ ହାଣ୍ଡି ପାଖକୁ ଡେଇଁ ପଡ଼ିଲା । ପାଣି ପିଆ ନାଳରେ ଆଣ୍ଠୁ ମାଡ଼ିପଡ଼ି ପଳାଇଲା । ଲୋକେ ଧାଇଁ ଆସିଲେ । ପୁଲିସ କନେଷ୍ଟବଳ ଦୁଇଜଣ ଆସିଲେ । ବୈଦ୍ୟ ଉଠିପଡ଼ିଲେ । କୁଆଡ଼େ ଗଲା, ମୁଁ କହିଲି ପୂର୍ବ ଦିଗକୁ ପଳାଇଲା । କଣ କଣ ନେଇଛି ? ମୁଁ କହିଲି କିଛି ନେଇ ନାହିଁ ।

ରାତି ପାହିଲା । ବେଗେ ବେଷେଇ କରି ଖାଇ ଗାଡ଼ିରେ ବସି ତିନି ଘଣ୍ଟାକୁ ବାଲୁଗାଁରେ ପ୍ରବେଶ ହେଲି ।

Digitized by srujanika@gmail.com

ସେଠାରୁ ଜଣେ କୁଲି କରି ଗାଁକୁ ଆସିଲି । କିଛି ଦିନ ଗ୍ରାମରେ ରହି ଧାନ ମଣ୍ଡା ମୁଗ ବୁଣା ଶେଷ କରି ଖାଇବାକୁ ୪ ଭରଣ ଧାନ ରଖି ଆଉ ବଳକା ଢେବା ଧାନ ବିକ୍ରି କଲି, ଭରଣ ଆଠଟଙ୍କା ଦରରେ । ବସାରେ ଚିନ୍ତାମଣି ବାବୁଙ୍କ ଗୁମାସ୍ତାଙ୍କୁ ପଚାରିଲି, ବାବୁ କେଉଁଠାରେ ଅଛନ୍ତି ? ସେ କହିଲେ ଖୋର୍ଦ୍ଧାରେ ଅଛନ୍ତି । ଦୁଇଦିନ ପରେ ଦୁଇଶହ ପଚିଶି ଟଙ୍କା ଧରି ଖୋର୍ଦ୍ଧା ମୁକାମରେ କାନଗୋଇଙ୍କୁ ଦେଖା ହେଲି । ସେ କହିଲେ ଆପଣ ଜୟପୁରରୁ ଯାଇଥିଲେ, ଆଜ୍ଞା, କୁ ଦିନ ଆସିଲ ? ମୁଁ କହିଲି ୪ ମାସ ହେଲା । ଏହା କହି ଟଙ୍କା ବାହାର କରି ଦେଲି । କହିଲି ଆପଣ ଗଣନ୍ତି କରନ୍ତୁ । ସେ ଗଣିଲେ, ଟ ୨୨୫ଙ୍କା ହେଲା । ଟଙ୍କା ରଖି ଦଲିଲ ବାହାର କରି ତାହାର ପୃଷ୍ଠ ଭାଗରେ ଅଙ୍ଗୁଳି ଲଗାଇ କହିଲେ ମୋଠାରୁ ଟଙ୍କା ନେଇ କେହି ଜଣେ ଉପାର୍ଜନ କରି ଦେଇ ନାହିଁ । ଜମି ଦିଅନ୍ତି ନଚେତ୍ ଜମି ବିକ୍ରି କରି ଟଙ୍କା ଦିଅନ୍ତି, ଆପଣଙ୍କୁ ମୁଁ ନୂଆ ଦେଖିଲି । ହଜ ଏ ଗୋଟିଏ ଭଲ କଥା । କି କାମ କରୁଥିଲ । ମୁଁ କହିଲି ଆଜ୍ଞା ବରୁଣ ହୋଇ କରି ଆଣିବା କଥା । ଆଜ କେବେ ଯିବ ? ମୁଁ ଦୁଇମାସ ପରେ ଯିବି । ସେ ଦିନ ତାଙ୍କ ବସାରେ ରହି ଗ୍ରାମକୁ ଆସିଲି ।

ଜୟପୁରରୁ କପରି ଯିବି, ସାଥି ଖୋଜୁଥାଏ । ହନୁଆଡ଼ ଚିନ୍ତାମଣି ଦାସ ସାଥି ହେଲେ । ସେ କହିଲେ, ମୁଁ ନବରଙ୍ଗପୁର ଯିବି । ମୋର ପିଉସୀ ଜଣେ ଅଛି । ମୁଁ ଖାଲି ରେଳ ଟିକଟ ଦେବି, ଆଉ ଟିକଟ ଆପଣଙ୍କର । ଶଗଡ଼ କଲେ ଟ ୨୦ ଙ୍କା ଲାଗିବ । ପାଞ୍ଚ ବଧାରେ ଜୟପୁର ହେବ । ଚିନ୍ତାମଣି କହିଲ ମୁଁ ଚାଲି ଯିବି । ହଉ, ଆଷାଢ଼ ମାସ ବଡ଼ ଏକାଦଶୀକୁ ଭଲ ଦିନ ହେଉଛି ଆସ ଚିନ୍ତାମଣି । ଏକାଦଶୀ ଦିନ ବାରଟାକୁ ଆସିଲେ । ବାଲୁଗାଁରେ ପ୍ରବେଶ ହୋଇ ଗାଡିରେ ବସିଲୁ । ସହ ଢେଉଏ ଥାଉ ଜୟପୁ ନଗର ।

ସହ ଲୋକେ ଶଗଡ଼ ଛାଡ଼ିଲେ । ଆମେ ତାଙ୍କ ସାଥି ଧରି ଗଲୁ । ସହ ଦୁଇ ଘଡ଼ି ଅଛି ମେଘ ପୂର୍ବଦିଗରୁ ଡାକିଲା । ଆଉ ବାଟ ଗଜପତି ନଗରକୁ ଦୁଇକୋଶ ଥାଏ । ଶଗଡ଼-ସାଥି ଛାଡ଼ି ବେଗରେ

Digitized by srujanika@gmail.com

ଗୁଲିଲୁ । ଆମେ ଗଜପତି ନଗ୍ର ନଦୀ କୂଳରେ ହେଲୁଣି ବରଷା ଆସିଗଲା । ସେଥିରେ ଗୋଟିଏ କମା ମାଇକିନିଆ ବିଧବା' ଗୋଟିଏ ଛପର ଘର କରିଥାଏ । କମା ଲୋକ ନଟେଚ ବାଟୋଇଙ୍କ ଘର ଦିଏ, ଖୋରାକ ଦିଏ, କିନ୍ତୁ ଓଡ଼ିଆଙ୍କୁ ଦିଏ ନାହିଁ । ବରଷା ଆସୁଚ, ଆମେ ଧାଇଁ ଯାଇ ରା ଘରେ ପଶିଗଲୁ । କମାଣୀ ଏଚରିଲା ଚେଲଙ୍ଗା । ତୁମ ଘର କେଉଁଠି ବୋଲି ପଚାରିଲା । ମୁଁ କହିଲି ପୁରୀ ଜଗନ୍ନାଥଙ୍କ ପଣ୍ଡା । ଗୋଟିଏ ବଖର ଘର ଦେଖାଇଦେଲା । ଏଇଠାରେ ରହ ବୋଲି କହିଲା । ବରଷା ଟିକିଏ ଟିକିଏ ହେଉଥାଏ । ଏକାଦଶୀ ଦିନ କାକୁଡ଼ି ଦୁଇଟା ଖାଇଦେବାରୁ ବଡ଼ଥଣ୍ଡା ହୋଇଥାଏ । ମୁଁ ନଈକି ଯାଇ ପୋଖରୀ ପେ ଛୁ ହୋଇ ଆସିଲି । କମାଣୀ ଗୁଡ଼ିକ ଅଧ ସେରେ, ଚାଉଳ ପୋଇଲେ, ବ ଇଗଣ ପୋଡ଼େ, କାଠ ବଡ଼ାଟେ ଦେଲା । ମେଘ ଅତି ଜୋରରେ ବରଷୁଥାଏ । ଆମେ ରୋଷେଇ ଶେଷ କରି ଖାଇସାରି ବିଚାର କଲୁ କମାଣୀ ଅଜନ ସିନା ଦେବ, କଣ କରିବା, ଏ ବରଷାରେ କୁଆଡ଼େ ଯିବା, ପ୍ରଭୁ ଆପଣ ଭରସା । ସେଉଁ ଛପର ଘରେ ଆମେ ଥାଉ ତାର ଗୁଟିଏ ଦ୍ୱାର । ପୂର୍ବ ଦ୍ୱାରକୁ ମୁଁ ଗଲି । ଦେଖିଲି ଗୋଟିଏ ଯୁବକ ଗୋଟିଏ ଆରାମ ଚେୟାରରେ ଶୋଇଛନ୍ତି । ମୋତେ ଦେଖିଲାକ୍ଷଣି ସେ ଉଠି କରି ପଚାରିଲେ ଆପଣଙ୍କ ଘର କେଉଁଠାରେ ? ମୁଁ କହିଲି ଲଙ୍କାରେ ହର ଶଙ୍ଖ, ଆପଣ ଓଡ଼ିଆ କହୁଛନ୍ତି । ଆପଣଙ୍କର କେଉଁ ଗ୍ରାମ ? ସେ କହିଲେ ଆମର ମାଲିକାନ ଗର । ମୁଁ କହିଲି ଆପଣ ମାଳକଣ୍ଠ ବାବୁଙ୍କୁ ଚିହ୍ନନ୍ତି, ସେ ତିନି ଭାଇ, ବଡ଼ ଗୋପୀନାଥ ବାବୁ, ଅମିନ କାମ କରନ୍ତି । ସାନ ହରିହର, ସେ ମାନ୍ଦ୍ରାଜରେ ବି. ଏ. ପଢ଼ୁଚନ୍ତି । ସେ ଶୁଣିଲା ମାତ୍ରେ କହିଲେ ଆପଣ କମିତି ଚହ୍ନିଲ । ମୁଁ କହିଲି ମୁଁ ରାଜାଙ୍କର ବଙ୍ଗଳାରେ କାମ କରିବାକୁ ମୋତେ ମଳକଣ୍ଠ ବାବୁ କହିଲେ, ଏ ସ୍ଥାନରେ ଆପଣ ପିଲାଲୋକ ଏଠାରେ ରହନ୍ତୁ ନାହିଁ । ମୁଁ ଗଲେ ଜୟପୁରରୁ ତାଙ୍କର ମଠରେ ରହେ । ସେ କହିଲେ ମୋ ନା ହରିହର, ସେମାନେ ମୋର ଭାଇ । ଲୋକଟି ଅତି ସୁନ୍ଦର ଶ୍ୟାମଳ ବର୍ଣ୍ଣ । ଏଡ଼େ ସୁନ୍ଦର ଯୁବକ ଲୋକ ମୁଁ କେବେ ଦେଖି ନାହିଁ । ଗୋଟିଏ ହାତରେ କଙ୍କଣଟିଏ ଥାଏ, ଆର ହାତରେ ପଇଁତି ଥାଏ । ବେକରେ ସୁନାର ମାଳୀ ଥାଏ ।

Digitized by srujanika@gmail.com

ତାଙ୍କ ରୂପରେ ମୁଁ ମୁଗ୍ଧ ହୋଇଥାଏ । ସେ କହିଲେ କପରି ଯିବ, ମୁଁ କୋରାପୁଟ ଇନ୍‌ସପେକ୍‌ସନ କାମରେ ଯାଉଛି, ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ମୁଁ ଗୋଟିଏ ଗାଡ଼ି କରିଦେବି, ଆପଣ ଜୟପୁରକୁ ଯିବେ । ଏହି ପୂଜାରୀଙ୍କୁ ବିଦାୟ କରିଦେଉଛି । 'ଆପଣଙ୍କ ରୋଷେଇରେ ଖାଇବି, ପୂଜାରୀ ଦରକାର କ'ଣ । ମୁଁ ଅତି ଆନନ୍ଦ ହେଲି । ଆଜ ଖଣ୍ଡେ ଗାଡ଼ିହେଲା, ଗଲୁ । ପଟାଙ୍ଗୀ ଯିବା ମାସେଠାରେ ହିସାବ ହୋଇଛି ଇନ୍‌ସପେକ୍‌ଟରଙ୍କର ଚାଉଳ ସେ ୧୦ ର, ଘିଅ ସେ ୨ ର, ଡାଲି ସେ ୪ ର, ମାଗୁର ମାଛ କାଉନ୍ତା ମାଠିଏ, ସବୁ ରସଦ ଥୋଇଛି । ଚାଉଳ ବଧା ହେଲା । କୋରାପୁଟରେ ପ୍ରବେଶ ହେଲୁ । ସବୁ ଜିନିଷ ବଳିଥାଏ । ଗୋଟେ ଭଜା ଖେଚଡ଼ି କରି, ମାଛଶାକରୁ କରି ବେସର କର । ସେପରି ହେଲା, ଖାଇଲୁ । ଉପରଓଳି ସନ୍ଧ୍ୟାକୁ ଜୟପୁର ବାହାରିଲୁ । ବାବୁ କହିଲେ, ଘିଅକୁ ଛାଡ଼ି ଆଉ ସବୁ ନେଇଯାଅ । ଡାଲି, ଚାଉଳ, ମାଛ, ଘାଟଟା ଖଜଣା ପଇସ, ଜିରା, ମରିଚ, ପିଆଜ ଆଦି ସବୁ ଧରି ଜୟପୁର ଆସିଲୁ ।

ମାସେ ପରେ ଯୁବରାଜଙ୍କ ସକାଶେ ଅଭିଷେକ କରିବାକୁ ବ୍ରାହ୍ମଣ ବରଣ ହେଲି । ମୋ ମନ ଏଠିରେ ବାଣିଜ୍ୟ କଲେ ଭଲ ହେବ । ଜୟପୁରକୁ ଚାରି ମାଇଲ ଗୋଟିଏ ହାଟ ଅଛି । ସେ ହାଟ ଦେଖିବାକୁ ଗଲି । ଦେଖିଲି ହାଟରୁ ଟଙ୍କାକର ଜିନିଷ ଆଣି ଗାଡ଼ିରେ ଚାଲାଣି କଲେ ଟ୧୫ରୁ ଊଣା ଲାଭ ହେବନାହିଁ । ଗାଡ଼ି ମିଳେନାହିଁ । ଖାଉଟି ବଳଦରେ ଆସିବ । ମହଣକରେ ଗୋଟାଏ ଖାଉଟି ହେବ । ଦେଖି ଆସି କକେଇଙ୍କୁ କହିଲି, କକେଇ ଯେଉଁପରି ଏଠାରେ ଚକ୍ରଚ ପିଟିଲେ ଧାନ କୁଟିବେ, ତେବେ ଖାଇବେ । ଦେଉଳ ବୁଝୁଚ ମାସକୁ ପନ୍ଦର ଟଙ୍କାରେ କି ହେବ ଚାଲି ? ଏଠାରେ ବ୍ୟବସାୟ କଲେ ଭଲହେବ । ମୁଁ କାଲି ହାଟକୁ ଯାଇଥିଲି, ହାଟରୁ ଟଙ୍କାକର ଜିନିଷ ଆସିଲେ ଗଡ଼ରେ ଟ୨୫ ହେବ । ଖଣ୍ଡିଏ ଦର ନଗଦ ଟ୩୦ ଟଙ୍କା ହେଲେ ଦିନକ ଲାଭ ଦଶଟଙ୍କାରୁ ଊଣା ହେବନାହିଁ । କକେଇ କହିଲେ ମୋତେ କେହି ଦେବେନାହିଁ । ଟଙ୍କାର କଥା, ମୁଁ କାହାଠାରୁ ଧାର ଉଧାର କରେନାହିଁ । ଯେବେ କରିପାରିବୁ ତୁ

Digitized by srujanika@gmail.com

ଦେଖେ । ମୁଁ ଶାରଗାଇଙ୍କୁ କହିଲି ଘର ବଖରାଟିଏ ଭଡ଼ା ରହିବାକୁ ବୁଝିବେ କି । ସେ କହିଲେ, ମିଶ୍ରେ, ତୁମେ ଗୋବର୍ଦ୍ଧନ ମିଶ୍ରଙ୍କର ପୁତୁରା ବୋଲି ସମସ୍ତେ ଜାଣନ୍ତି । ତାଙ୍କୁ ଜୟପୁରରେ ସମସ୍ତେ ଭୟ କରନ୍ତି । ସେ ଯୋଗୁ ମିଳିବନାହିଁ । ରାଜାଙ୍କର ତାଙ୍କ ଭୟ । ସେ ବଡ଼ ଚଣ୍ଡୁଆ ଲୋକ । କାହାକୁ ମାନିବେନାହିଁ । ପ୍ରଧାନ ଗୁଣ୍ଡା । ସେ ଆଶା ଛାଡ଼ିଲି । କୁଜିଆ ଗାଁ ନ.ପୂକ ଟଙ୍କା ବାକି ହୋଇଗଲା । ସେ ନବରଙ୍ଗପୁରରୁ ବାହାରିଗଲା । ରାଜା ଘରୁ ସବୁ ନିଜ ଦଖଲରେ ଆଣି ଖାସରେ ଅସୁଲ କରୁଛନ୍ତି । ସେ ଗାଁ ଅଣିବାରେ ଚେଷ୍ଟାକଲି । ଏଥିପୂର୍ବେ ଗୋଟିଏ ଝାଡ଼ୁଆ ବ୍ରାହ୍ମଣ ପିଲା ଆମ ଗାଁକୁ ଯାଇଥିଲା କାହିଁକି । ସେ ମହାଦେବଙ୍କର ବଡ଼ ବିଶ୍ୱାସୀ । ତାକୁ ପାଳିଜର ହେଲା, କେବେ ଛାଡ଼ିଲାନାହିଁ । ବନାପୂକ ମିଶ୍ରେ ବୋଲି ଜଣେ ରାଜାଙ୍କର କଡବଜ କହିଲେ, ମହାପ୍ରସାଦ ତୋରଣୀ ଖାଇଲେ ଛାଡ଼ିଯିବ । ମହାଦେବଙ୍କ ଟ୨୦୦ଙ୍କା ଦେଇ ଆମ କକେଇଙ୍କୁ କହିଲେ ଭାଗୀରଥିକୁ ସଙ୍ଗେ ନେଇ ପୁରୀ ଯାନ୍ତୁ, ସ୍ୱାକୁ ଅଭଡ଼ା ତୋଡ଼ାଣି ପିଆଇ ଆଣିବେ । କକେଇ ତାକୁ ଆମ ଘରକୁ ଆଣିଥିଲେ । ମୋ ନା ଭାଗୀରଥି ବୋଲି କକେଇ ଘର ଡାକନ୍ତି । ତାର ମୋର ମିତ ହେଲୁ । ସେହି ମିତଙ୍କୁ କହିଲି କୁଜିଆ ଗାଁ କଥା । ସେ କହିଲେ ମହାଦେବଙ୍କ ପତ୍ରରେ । ଦୁଇଦିନ ପରେ ମିତ କହିଲେ, ସେ ଗାଁରେ କୁଟୁମ୍ବ ଧରି କରି ରହିଲେ ହୋଇଯିବ । ସେ ଜୟପୁରକୁ କୁଟୁମ୍ବ ଆଣନ୍ତୁ, ମୁଁ ଘର ଦୁଆରକୁ ସାଂପକ୍ଷ ଦେବ । ଛାମୁରେ ଦରଖାସ୍ତ କରନ୍ତୁ । ଦରଖାସ୍ତ କଲି । ରାଜା କହିଲେ ଫାଲ୍‌ଗୁନ ମାସ ଶୁକ୍ଳ ଦଶମୀ ଦିନ ଯୁବରାଜଙ୍କ ବ୍ରତୋପନୟନ କାର୍ଯ୍ୟ ହେବ, ତା'ପରେ କରିବା । ଆପଣ କୁଟୁମ୍ବ ଆଣନ୍ତୁ, ମୁଁ ହରୁର କରିଥାଏ ଭଜକଙ୍କୁ ଗ୍ରାମକୁ ଆଣିବାକୁ । କକେଇ ଏକଥା ଶୁଣିଲେ ଘରୁ 'ଚଢ଼ଦେବେ, ଧାନ କୁଠା ନୋହିଲେ ପେଟ ଚଳିବନାହିଁ ।

ଏହି ସମୟରେ ରଘୁବାପା ନବରଙ୍ଗପୁରରୁ ଆସି ଆମର ଘରେ ରହିଲେ । ତାଙ୍କର ମୋର ଗୁପ୍ତରେ କଥା ହେଲୁ । ସେଠାରେ ଜମି ବାଡ଼ିର ଆଶା ନାହିଁ । ମୁନସୀଙ୍କ ଘରେ କହୁଛନ୍ତି, ମୋର ଜମି

Digitized by srujanika@gmail.com

ଉପରେ ହଜାର ଟଙ୍କା, ନେବେଦେଲ୍ ଘରେ ଦେଢ଼ ମାସକୁ ସେ କହେ ଟ ୩୦୦ ଙ୍କା, ଏ କେଉଁଠାରୁ ଆଣି ଋଣ ସୁଝିବେ । ବେଳ କାଳ ଦୋଷ ହୋଇଗଲାଣି । ଦଖଲ ଛଡ଼ାଇଲେ ହେବ । ତୁମେ ମୁଁ କହିବା କଥା କକେଇଙ୍କୁ କହ, ଯେପରି ରାଉଜ ସ୍ୱାଙ୍କ ଖାବଲରୁ ରକ୍ଷାହେବେ, ସେହିପରି କହ ।

ଦିନେ ସେ କଥା ପଡ଼ିଲା । ରଘୁବାପା କହିଲେ, ସାଉକାରମାନେ ଯାହା ଟଙ୍କା କହୁଛନ୍ତି, ସେ ଜମିକୁ ସାତଥର ବିକଲେ ସୁଝିହେବ ନାହିଁ । କେବଳ ବାର ବରଷର ବନ୍ଧକ ତମାଦ ହେଲାଣି । ଯେବେ ଦଖଲ ଛଡ଼ାଇବେ, ତେବେ ହେବ । ତୁମ ତିନଜଣ ନାଁରେ ଜମି ଅଛି । କେହି ଜଣେ ସେଠାରେ ବରଷେ ରହିଲେ ଚଳେ । କଥା ସ୍ଥିର ହେଲା ବୋହୂ ପିଲା, ଅକାରଣ ଯାନ୍ତୁ; ମାପେ ରହି ଅକାରଣ ଆସିବ ଘର, ସେ ବରଷେ ରହନ୍ତୁ । ମୋତେ ପଚାରିଲେ—କ'ଣ କହୁଛ ଦଖଲ ଛଡ଼ାଇ ଦେବୁ ? ମୁଁ କହିଲି, ହଁ ।

କୁମ୍ଭାରଙ୍କର ଜଣେ ତାଙ୍କ କୁଟୁମ୍ବ ଧରି ବାହାରିଲେ । ଦୁଇଖଣ୍ଡ ଗାଡ଼ିକରି ଗାଁକୁ ଆସିଲୁ । ରାଉଜ ବ୍ରହ୍ମପୁରରେ ରହିଲେ । ସାନ କକେଇ ଆମ ଘରକୁ ଆସିଲେ । ଦଣ୍ଡାସିଆ ଜମିକୁ ରସୂତ ବେଦଖଲ କରି ଗଙ୍ଗାଧର ମିଶ୍ରଙ୍କୁ ଦେଲୁ । ଲେହଗ୍ ହେ ତାଙ୍କୁ କୁମ୍ଭରଙ୍କ ଫକାର ମହାପାତ୍ରଙ୍କୁ ଦେଲୁ । ସାଉକାରମାନେ କୋର୍ଟରେ ବୁଝିଲେ କାଳ ଦୋଷ ହେଲାଣି । ଏ ବନ୍ଧକ ବାରବର୍ଷକୁ କୋଡ଼ିଏ ବର୍ଷ ହେଲାଣି । କକେଇ ଦୁଇମାସ ରହି ଜୟପୁରରୁ ଆସିଲେ । ମୁଁ ଜୟପୁରରେ ଥିବା ସମୟେ ବୈଶାଖ ମାସରେ ତୁଳସୀ ବହ୍ଣାଣ ହୋଇଥିଲି, ଦକ୍ଷିଣା ଟ ୬୦ ଙ୍କାକୁ ମୁଁ ଆସିବା ସମୟେ କକେଇଙ୍କୁ ମାନ କରିଦେଇ ଆସିଥିଲି । ସେ ଟଙ୍କା ମିଳିଲାନାହିଁ । କକେଇ ମାପେ ପରେ ଲେଖିଲେ ସେ ଟଙ୍କା ଦେଲାନାହିଁ । ତୁ ନ ଆସିଲେ ମିଳିବନାହିଁ ।

ପୁଷ ମାସକୁ ଧାନକଟା ଶେଷ ହେଲା । ମୁଁ ଯାଉଚି ଯିବ ।-ମାଘ-ମାସରେ ବରୁଣ ହେବ, ତୁଳସୀବାବଦ ଟଙ୍କା ଧରିଆସିବ । ନାଁଙ୍କ୍ରହିଲା ଯା ନା । ଫଗୁଣ ମାସ ଶୁକ୍ଲ ଦଶମୀକୁ ତୋର କୁଟୁମ୍ବ ଆସିବେ । ଶଣ୍ଟରେ

Digitized by srujanika@gmail.com

ଜହ୍ନିକରି ଗଲା । ସେ ଚୈତ୍ର ମାସରେ ରେଙ୍ଗୁନ ଯିବ । ମୁଁ କହିଲି, ଫଗୁଣ ଅମାବାସ୍ୟା ଥାଉ ମୁଁ ବାହାରି ଅସିବି । ଏମନ୍ତ କହି ଚାଲିଗଲି । ଏକାରେ ଗଲି । ବଡେଜନଗରଠାରେ ୨ ଜଣ ସିପେଇ ସାଥୀ ହେଲେ । କରପୁଟରୁ ଚାଲି ଚାଲି ତିନି ଦିନରେ ଜୟପୁରୁ ପହଞ୍ଚିଲୁ ।

ମ.ଦ ମାସ ୪ ଦିନ ଥିଲି । ମାସକୁ ୫ ୨୫ଙ୍କା ଦରମା ଦେଲେ, ଛଅ ଟଙ୍କାକୁ ବଢୁଣି ହେଲା । ତୁଳସୀ ବରୁଣ ଗୋଟିଏ ମାଇପି ଲୋକର ହୋଇଥିଲା । ସେ କହିଲା, ମୁଁ ଦେଉଛି କାହାକୁ ମୋର ମନେନାହିଁ । ଏକଥା ସେ କହିବ ବୁଝି ତାକୁ ମାଗିବାରୁ ସେ କହିଲା ମୋତେ ଦେଇ-ନାହିଁ । ନିରାନରେ ରାଜ୍ୟକୁ ଚଳାଇ ଆସିଲା । କନେଇ ବାର ମିଶ୍ରେ ଆସିଲେ ବଡେଜନଗର । ଯୁବରାଜ ବ୍ରତୋପନୟନ ଫାଲ୍‌ଗୁନ ମାସ ଶୁକ୍ଳ ତ୍ରୟୋଦଶୀ ଦିନ । ମିଶ୍ରେ ଆଗରୁ ଆସି ବଡେଜନଗରରେ ରହିଲେ । ରାଜାଙ୍କର ବନ୍ଧୁମାନେ ଆସିଲେ ତାଙ୍କୁ ତରବୃପରତ୍ବ କରିବେ । ଭଲ ଗାଡ଼ିରେ ବସାଇବେ । ତାଙ୍କର ସାଙ୍ଗରେ ଆସି ବ୍ରହ୍ମପୁରରେ ଓହ୍ଲାଇ ଦେଖିଲା ଚାଉଳ ଦର ବର୍ତ୍ତମାନ ଦୁଇମହଣକୁ ୬ ଟଙ୍କା, ସରୁ ପାଞ୍ଚ ଟଙ୍କା ବାରଅଣା ଏବଂ ମୋଟା ଚାଉଳ ପାଞ୍ଚଟଙ୍କା ।

ଗାଳୁ ଆସିଲି, ଆମ ସଙ୍ଗାତ ଓ ବାସୁଦେବ ପାତ୍ର ମିଶି ଚାଉଳ ମଫସଲରୁ ଆଣି ବାଣପୁର ମହାଜନକୁ ଦେଉଛନ୍ତି । ଚାଉଳ ବସ୍ତାକେ ଲାଭ ଦେଡ଼ଟଙ୍କା । ଗାଁରେ ମୁଁ କହିଲି, ଆସ ତମେ ଦୁଇଜଣ; ମୁଁ ଭାଗଟିଏ ହେବି, ଭଲଭାବରେ ବ୍ୟବସାୟ କରିବା । ସେ କହିଲେ ହଉ, ଟଙ୍କା ହେଲେ ହେବ । ମୁଁ କହିଲି ତମେ ଚାଉଳ କିଣୁଚ ଟଙ୍କା କୁଠାରୁ ଆଣିଲ ? ସେ କହିଲେ ଜମ୍ବୁ ଅବଧାନଙ୍କଠାରୁ ଆମେ ପାଞ୍ଚ-ଶହ ଟଙ୍କା ଆଣିଚୁ । ଆଉ ତାଙ୍କ ପାଖେ ଟଙ୍କା ନାହିଁ । ସୁଧ ନେଉଛନ୍ତି ଟଙ୍କାକୁ ମାସକୁ ଦୁଇ ପଇସା ହିସାବରେ । ଆପଣ ଦୁଇଶ ଟଙ୍କା ଦିଅନ୍ତୁ । ସେହିପରି ସୁଧ ନେବେ । ଲାଭକୁ ତିନିଭାଗ କରିନେବା । ମୋ ପାଖରେ ୨୫୦ ଟଙ୍କା ଥିଲା । ମୁଁ ଦେଇ ବେପାର ଚଳାଇଲୁ । ଯେଉଁଠେ ଚାଉଳ ବାଣପୁରିଆକୁ ଦେଉଥିଲେ, ସେହିପରି ଦେଲୁ ।

Digitized by srujanika@gmail.com

ଧାନର ଦର ଥାଏ ଭରଣକୁ ୧୦ ଟଙ୍କା । ମଫସଲରୁ ଧାନ ଆଣି କୋଠା ଦେଉ । ଧାନ ଶଗଡ଼କୁ ୯୦ ଟଙ୍କା, ଚାଉଳ କରି ବିକିଲେ କୋଡ଼ିଏ ଟଙ୍କା ହୁଏ । ଯାହା ଲାଭ ହୁଏ ଟଙ୍କାର ସୁଧ ଦେଇ ତିନିଭାଗ କରି ନେଉ । ଗୋବିନ୍ଦଙ୍କ ଦପ୍ତରରୁ ରଘୁନାଥ ପଟ୍ଟନାୟକ ବୋଲି ଜଣେ ହେଡ୍ ଗୁମାସ୍ତା ଚିନ୍ତାମଣି ପଟ୍ଟନାୟକଙ୍କର ଥାନ୍ତି । ତାଙ୍କର ମୋର ମେଳ ନୋହୁ କି ସଙ୍ଗାତ ନୋହୁ । ଏପରି ବିଶ୍ୱାସ ହେଲା ଯେ ସେ ଦିନଟିଏ ନ ଦେଖିଲେ ରହିପାରନ୍ତି ନାହିଁ । ତେଣୁ କହିକରି ଚିନ୍ତାମଣି ବାବୁଙ୍କର ଧେଡା ଜମି ବାଇଶ ମାଣ ଚଷକୁ ଆଣିଲି । ମକଦମଙ୍କର ପିଲେ ଋଣୀ ହୋଇ ମଙ୍ଗଳପୁର ବାବତ ଜମି ବନ୍ଧକ ସାରି ଆପଣା ଗୃହ ସମ୍ପତ୍ତି ବିକ୍ରି କରିବା ଲାଗି କହୁଛନ୍ତି, ତାଙ୍କର ବାଡ଼ିତଳେ ୧୭ ମାଣ ଜମି ଖଣ୍ଡି ହେବ । ୧୬୫୦ ଟଙ୍କାରେ ପ୍ରାପ୍ତ ଦଶବର୍ଷର ଘର ସହିତ ଥିବା ପଦର ରାଜତେର ଧରକୁ ଦେବାକୁ ସ୍ଥିର କରିଥିଲେ । ମୁଁ କହିଲି ସେ ଜମି ଆମକୁ ଦିଅ । ସେ ନାହିଁ କଲେ । ମଠରେ କୈବର୍ତ୍ତଙ୍କ ଘର ଗୁମାସ୍ତା ଥାନ୍ତି । ତାଙ୍କୁ କହିଲି, ଆପଣ ବିଚାର କରନ୍ତୁ । ନିଜର ସମ୍ପତ୍ତି ଦାସ ଘରକୁ ଦେଉଛନ୍ତି ଜଗନ୍ନାଥ ମିଶ୍ରେ । ତାଙ୍କ ଭାଗ ସାତମାଣ ଜମି । ତାକୁ ଜମି ନ ଦେଲେ ଚଳୁଆ ନାହିଁ । ଉଦୟଗୁଡ଼ାକ ଦେଉଛନ୍ତି, କପରି ଚଳିବୁ । ସେ କହିଲେ ଠାକୁରଙ୍କଠାରେ କିଛି ଖର୍ଚ୍ଚ କର । ସେତେବେଳକୁ ରାସଯାତ୍ରା ଆଖଡ଼ା ଶିକ୍ଷା ହେଉଥାଏ । ତହିଁରେ ଅନନ୍ତ ବେବର୍ତ୍ତା, ମୁଁ, ଗଙ୍ଗାଧର ବେହେରା, ବଂଶୀଧର ପଟ୍ଟନାୟକ, ବରଜୁ ପଟ୍ଟନାୟକେ ପ୍ରଭୃତି ୮ ଜଣ ଥାଉ । ସେହି ଆଖଡ଼ା ଅବଲମ୍ବନରୁ ସମସ୍ତେ ଆମ କରଗତ ଥାନ୍ତି । ଘର ଅତି ଜୀର୍ଣ୍ଣ । ନଡ଼ିଆ କାଠ ଖମ୍ବ, ଟେଣୀ, ଦୁଆରବନ୍ଧ । ଦାଣ୍ଡ ଦ୍ୱାରଟିର ବାଉଁଶ ଦ୍ୱାରବନ୍ଧ ।

ଦିନକର ମୁଁ ସକାଳୁ ଉଠି ଦାନ୍ତ ଘଷୁଛି । ଅର୍ଜୁନା ମା' ଉଷୁ-ଧାନ ଗୁଡ଼ିଏ ଆମ ଦ୍ୱାର ପାଖେ ପାକୁଡ଼ୁଛି । ଆମ କାନ୍ଥରୁ ମୂଷାଟେ ବାହାରି ତା ଧାନ ମସିଣାରେ ଲୁଚିଗଲା । ସେ କହିଲା ଦିନଟାରେ ମୂଷା ଧାନ ଖାଇବାକୁ ଆସୁଛି । ଏହା କହି ତା କାନ ପତ୍ରରେ

Digitized by srujanika@gmail.com

ଉଡ଼ାଇ ଦେଲା । ସେ ମୂଷା ଫେରିଆସି ତା ଗାତ ଆଡ଼କୁ ବାହାରି ଆସିଲା । ସେ କ'ଣ କଲା ନା ସେ ଗାତରେ ଯେମିତି ହାତ ଦେଇଚି ସେ ଗାତରେ ନାଗ ସାପ ଥିଲା, ସେ ମୂଷାଟେ ବୋଲି ହାତଟାକୁ ଧରି ପକାଇଲା । ସେ ରଡ଼ି ପକାଇଲା ମୋ ହାତୁଟାକୁ କିଏ କାମୁଡ଼ି ଧରିଚି । ଭାବିଲି ଭଲକରି ଜୋରରେ ଭିଡ଼ି ଆଣେ । ସେ ଜୋରରେ ଭିଡ଼ି ଆଣିବାରେ ସାପ ଧରିଚି, ଅଧାଫୁଟ ସାପର ମୁଣ୍ଡ ସହିତ ଦେଖା-ଦେଲା । ମୁଁ ଧାଇଁ ଯିବା ମାତ୍ରେ ସାପ ଗୁଡ଼ି ଦେଇ ଗାତରେ ପଶିଗଲା । ଲୋକେ ରୁଣ୍ଡ ହୋଇ ଦେଖା ଦେଖି କରୁ କରୁ ଆସ୍ତେ ଆସ୍ତେ ମୋହ ହୋଇ ସେହି ଧାନ ମସିଣାରେ ବୁଢ଼ୀ ଶୋଇପଡ଼ିଲା । ମୁଁ ସେହିକ୍ଷଣି ଧାଇଁଗଲି ମକର ବାରିକଠାକୁ । ମୁଁ କହିଲି ଅର୍ଜୁନା ମା'କୁ ସର୍ପାଘାତ ହେଲା । ସେ କହିଲା କିପରି ? ମୁଁ କହିଲି ତାର ସକଳ ବିବରଣୀ । ସେ ପଚାରିଲା କେଉଁ ହାତକୁ କାମୁଡ଼ିଲା । ମୁଁ କହିଲି ଡାହାଣ ହାତକୁ । ତା ନା କଣ ? ମୁଁ କହିଲି ହିରା । ମକର ଘରେ ପଶିଗଲା, ଦୁଇ ମିନଟ ପରେ ଆସିଲା, କହିଲା ସେ ଭଲ ହେଲାଣି, ତାକୁ କହ ଗାଧୋଇ ପଡ଼ିବ । ଝାଡ଼େଶ୍ୱରଙ୍କ ପାଇଁ ଭୋଗଟିଏ ଦେବ । ମୁଁ ଆସିଲାବେଳକୁ ସେ ବସିଅଛି । ତାକୁ କହିଲି ବୈଦ୍ୟ କହିଚି ଗାଧୋଇ ପଡ଼େ, ଝାଡ଼େଶ୍ୱରଙ୍କ ସକାଶେ ଭୋଗ ଦେବୁ । ତା'ପରେ ଗିରିଆ ଗୁଛାଇ ବୋଲି ଜଣେ କହିଲା, ଘର ଭିତରେ ସାପ ରହିଲା । ଗୋଟିଏ ବେଙ୍ଗ ଆଣି ସେ ଗାତ ନିକଟରେ ବାନ୍ଧିଦେଲା । ସେ କଟୁରୀଟିଏ ଧରି ଥାଏ । ସାପ ଦେଖିଲା ଗାତ ପାଖରେ ବେଙ୍ଗ ଅଛି । ଗାତରୁ ବାହାରି ବେଙ୍ଗକୁ ଧରି ପକାଇଲା । ସେତିକିବେଳେ ଗିରିଆ ଜଗିଥିଲା, ହାଣିଦେଲା । ମୁଣ୍ଡଟା ଦାଣ୍ଡ ପାଖେ ପଡ଼ିଲା । ସାପଟା ଗାତରେ ପଶିଗଲା । ତା' ଆରଦିନ ଦେଖିଲା ବେଳକୁ ମାଛି ଗାତରେ ପଶୁଛନ୍ତି । ପିମ୍ପୁଡ଼ାକୁ ତାଡ଼ି ଖୋଳି ସାପକୁ ବାହାର କଲେ ।

ଆଜି କେତେ ଦିନପରେ ଘର ପିଣ୍ଡାରେ ମୁଗ ଓଳିଆଟିଏ ଅଛି, ତାକୁ କଣାକରି ମୁଗ ଝର୍ଛକୁ ଆଣନ୍ତି । ଦିନେ ମୁଁ ଦାଣ୍ଡଆଡୁ ଆସି ଦେଖିଲି ମୁନା ନାମରେ ଗୋଟିଏ ବଗଡ଼ ଥାଏ । ତା ବୁଦ୍ଧି ମନୁଷ୍ୟ ପରି ।

Digitized by srujanika@gmail.com

ସେ ମୂଗ ଓଳଆକୁ ବୃହିରହି ରାଗରେ ଗର୍ଜୁଚି । ତାର ପିଲ ଦୁଇଟି ପାରିବାର ହୋଇଗଲେଣି । ମା’ ଦୁଧ ଆଉ ଖାଉନାହାନ୍ତି । ଗୋଟିଏ ପିଲ ସେ ମୂଗଓଳଆ ପାଖକୁ ଗଲାକ୍ଷଣି ତାକୁ କାମୁଡ଼ି କରି ଦେ ଖାରି ଆଣି ତଳ ଘର ପିଣ୍ଡାରେ ଛାଡ଼ିଦେଲା । ପୁଣି ଯାଇ ସେହି ମୂଗଓଳଆ ପାଖରେ ବସିଲା । ମୁଁ ଭାବିଲି ଏହାର କାରଣ କଣ । ସେହି ଓଳିଆ ପାଖକୁ ଯିବାରେ ବରଡ଼ି ଆସି ମୋ ଗୋଡ଼କୁ ଯାକି ପକାଇଲା । ମୁଁ ଭାବିଲି ଏଥିରେ ସାପ ପଶିଚି । ନାନଙ୍କ କହିଲି ମୂଗ ଓଳିଆରେ ସାପ ଅଛି । ବରଡ଼ି ଭୟରୁ ମୁଁ କହୁଚି, ଏତିକିବେଳେ ସାପଟା ବାହାରି ଘର ଭିତରକୁ ଯିବା ସମୟେ ବରଡ଼ି ସାପକୁ ନଖରେ ଚିମୁଡ଼ି ଦେଲା । ସାପ ରାଗରେ ଲେଉଟିପଡ଼ି ଅଗଣାକୁ ବାହାରି କତି ଗୁଡ଼ିଏ ଅଗଣାରେ ଥିଲା, ସାପ ସେହି କତା ଗଦାରେ ରହିଗଲା । ମୁଁ ନାନଙ୍କ କହିଲି ଦାଣ୍ଡରେ କିଏ ଅଛି ଡାକ ଦେ । ଦାଣ୍ଡରେ ହାଡ଼ି ଗୁଣ୍ଠଇ ଥିଲା । ସେ ଆସି କହିଲା ସାପ ତ ନାହିଁ । ମୁଁ କହିଲି କତା ଗଦାରେ ଅଛି । ସେ ଠେଙ୍ଗାରେ କତାକୁ ବାହାର କରିବାମାତ୍ରେ ଫୁଁକାର କରି ସାପ ବାହାରି ପଡ଼ିଲା । ଗୋଟିଏ ପ୍ରହାରରେ ସାପ ମରିଗଲା । ମୋତେ ବଡ଼ ଭୟ ହେଲା । ମୁଁ କହିଲି ନାନା ହୁସିଆରରେ ଚଳ । ଆଜିର ସାପ ଅଛନ୍ତି, ଘର ନ ଭାଙ୍ଗିଲେ ଗତି ନାହିଁ । ସେତେବେଳକୁ ବେପାର ଜୋରରେ ଚାଲିଲାଣି । ବାଣପୁର ମହାଜନ ଶାମ ଦୁବୁଧି ବାଗରେ ବ୍ରହ୍ମପୁରକୁ ଧାନ ପଠାଯାଏ । ସୋମପେଣ୍ଟ ଜିଲରୁ ମହାଜନ ଆସି ଧାନ ନିଅନ୍ତି ।

ବ୍ରହ୍ମପୁରରେ ପଠାଣ ଗୋଦାମ ଥାଏ । ଧାନଦର ଭରଣକୁ ଦଶଟଙ୍କା ଥାଏ । ଧାନ ମଠ ହୋଇଥାଏ । କାନଗୋଇ ବାବୁ ଖାମପୁର ଆସି ଗୁମାସ୍ତାଙ୍କୁ କହିଲେ ବେପାରି ବୁଝ, ଧାନ ୧୦୦୦ ଟଙ୍କାର ହୋଇଆସିବ । ମୁଁ ତାଙ୍କ ପାଖକୁ ନଯାଇ ବ୍ରହ୍ମପୁର ନିକଟ ଗୋପାଳପୁର ଯାଇଛି । ଜଣେ ବେପାରି ଧାନ କଣା ଜାହାଜ କଥା—ପନ୍ଦର ଦିନ ପୂର୍ବରୁ ଜାଣିପାରେ । ତାକୁ ପଚାରିଲି ବେପାର ବଡ଼ ମଠ ହୋଇଅଛି । ଜାହାଜ ଆସିବା କି ? ସେ

Digitized by srujanika@gmail.com

କହିଲ ଦୁଇଟି ଜାହାଜ ଆସୁଛି ଧାନ ଗୁଣ୍ଡିଲ ନେବ । ୧୫ ତାରିଖରେ ଗୋପାଳପୁର ଆସିବ । ମୁଁ କହିଲି ସାହେବ ନିଶ୍ଚେ ଆସିବ । ସେ କହିଲେ ହଁ । ତା' ଶୁଣି ଗାଁକୁ ଆସିଲି । କ ନଂଗୋଇଙ୍କ ପାଖରେ ବାଷ ଦୁଇ ଘଣ୍ଟା ହେବ ଦେଖାହେଲି । ସେ ଦେଖିଲାକ୍ଷଣି ପ୍ରଣାମ କରି କହିଲେ, ଆପଣ ତ ଗାଁରେ ନ ଥିଲେ । ମୁଁ କାଲି ବ୍ରହ୍ମପୁର ଯାଇଥିଲି । ବେପାର ଭରି ମଠ । ଦୁଇଶହ ବସ୍ତା ଆଜକୁ ଆଠ ଦିନ ହେଲା ପଠାଇଥିଲି । ଗୃହିଳଗୁଣ୍ଡେ ବନ୍ଦି କରିବାକୁ ଅଛି । ଆଜ ୫୦ ବସ୍ତା ଧାନ ଅଛି । ବାବୁ କହିଲେ ମୁଁ ୧୦୦୦ ଟଙ୍କାର ଧାନ ବନ୍ଦି କରିବ । ମୁଁ କହିଲି ଆଜ୍ଞା ଧାନ ଭରଣ ୧୦ ଟଙ୍କା, ମହାଜନ ଦେଖାନାହିଁ । ମୁଁ ବୁଝିଲି ଜାହାଜ ଦୁଇଖଣ୍ଡ ଆସୁଚି । ୧୫ ତାରିଖ ଦିନ ଗୋପାଳପୁର ନିଶ୍ଚେ ଆସିବ । ବାବୁ କହିଲେ ଆଜ ୨୮ ତାରିଖ ଆଜ କୋଡ଼ିଏ ଦିନ ପରେ, ଏବେ ଦର କେତେ ଅଛି ? ମୁଁ କହିଲି ଧାନ ଭରଣକୁ ଦଶଟଙ୍କା । ଏ ଦରରେ ଆପଣ କିଣିବେ କାହିଁକି ? ଜାହାଜ ଆସିଲେ ୧୫ ଟଙ୍କା ଦର ହୋଇପାରେ । ସେ କହିଲେ ଆପଣ ମହାଜନ ଦେଖନ୍ତୁ ୧୧ ଟଙ୍କା ହେଲେ ବନ୍ଦି କରି ଦେବ । ତା'ପରେ ଗୁରୁଦିନ ଘୁଣ୍ଡି କରି ବାବୁଙ୍କ ପାଖକୁ ଗଲି । ସେ କହିଲେ ବୁଝିଲ ? ମୁଁ କହିଲି ଆଠଦିନ ଯଚାର କରନ୍ତୁ ଦର ଆସିବ । ମହାଜନ କହିଲା କିଣ ୧୧ ଟଙ୍କା ? ବଏନା କଲାକ୍ଷଣି ଅଧେ ଟଙ୍କା ଆସିଲାବେଳକୁ ଦର ଚଢ଼ାହେଲେ ଆପଣ କହିବେ ମୋ ଘରେ ଧାନ ଭୁମଘରେ ଟଙ୍କା । ଦର ଚଢ଼ାରେ ନିଅ । ବେପାରର ଲକ୍ଷଣ ଅଛି ଝଡ଼ ରେ ଟାଙ୍କିଦିଏ ବଏନା କଲେ ଧାନ ମହାଜନର । ଏପରି ସ୍ଥଳେ କିପରି ବଏନା ହେବ । ମୁଁ ଧାନ ବଏନା କଲକ୍ଷଣି ଏଠାରେ କେତେ ମହାଜନ ବେପାର କରୁଛନ୍ତି ସେମାନେ ଜାଣିବେ ଦର ଆସିଲା, ମିଶ୍ରେ ସନ୍ଧାନ ପାଇ କିଣୁଛନ୍ତି । ମୁଁ ଆଜ ଏଗାର ଟଙ୍କାରେ କିଣିଲେ କାଲି ବାର ଟଙ୍କାରେ କିଣିବେ । ଆପଣ କେତେ ବସ୍ତା କିଣିବ ? ମୁଁ କହିଲି ୫୦ ବସ୍ତା କିଣିବ । ବାବୁ କହିଲେ ନାହିଁ ହଜାରେ ବସ୍ତା କିଣ । ମୁଁ କହିଲି ହଁ କିଣିବ । ଆଜି ଶୁକ୍ରବାର, ଆର ଶୁକ୍ରବାର ସକାଳୁ ଧାନ ମାପ ଲାଗିବ । ବାବୁ କହିଲେ ଶୁଣ ରଘୁନାଥ, ମିଶ୍ରେ ହଜାରେ ବସ୍ତା ଧାନ କିଣିବେ ବଏନା କର ।

Digitized by srujanika@gmail.com

ମୁଁ ଘରକୁ ଆସି ଖଗୁଆଳମାନଙ୍କୁ ପଚାରିଲି, ସେ କହିଲେ, ଗୁଲ କଣିବା । ଶହେ ଟଙ୍କା ଧରି ଗଲୁ । ଧାନ ବଏନା ଚୁକ୍ତିପତ୍ର ଲେଖିଲେ, ଦସ୍ତଖତ କଲି ମୁଁ । କହିଲି, ଆପଣଙ୍କ ପାଖରେ ପତ୍ର ଥାଉ, ଆପଣ ଦସ୍ତଖତ କରନ୍ତୁ । ସେ କହିଲେ ମୁଁ ଦସ୍ତଖତ କରୁଚି, ଏହା ରଘୁନାଥଙ୍କ ପାଖେ ଥାଉ । ମୁଁ କହିଲି ଯୁଁ ଅଖା ଟଙ୍କା ପାଇଁ ଯାଉଛି । ତା' ଆରଦିନ ସକାଳୁ ନବଘନ ବେହେରା ଗଲେ ମୋତେ ୧୨୫ ବସ୍ତା ଧାନ ଦିଅନ୍ତୁ । ବାବୁ କହିଲେ ଭରଣ ୧୨ ଟଙ୍କାରୁ ଊଣା ହେବନାହିଁ । ସେ ଦୁଇଶ ବସ୍ତା ବଏନା କଲି । ଯେଉଁ ଦିନ ମାପ ଲଗିଲା । କୋଚଗ୍ରାମରେ ଗିରି ପଣ୍ଡା ଥାନ୍ତି । ଆସି ମାଗିଲେ ଶହେ ବସ୍ତା ଧାନ ଦିଅନ୍ତୁ । ବାବୁ କହିଲେ ଭରଣ ୧୩ଟଙ୍କା ନ ହେଲେ ଦେବ ନାହିଁ । ହଉ, ସେ ଶହେ ବସ୍ତା ବଏନା କଲେ । କହିଲେ ମୋର କାଲି ମାପ ହେବ । ବାଣପୁର ମହାଜନ ଖଇଗ ସୁବୁଦ୍ଧି, ସେ ଆସିଲା, ଧାନ ଦେଖି ମାଗିଲା ବାବୁ ମତେ ୫୦ ବସ୍ତା ଧାନ ଦିଅନ୍ତୁ । ବାବୁ କହିଲେ ଦର ବଢି ଗଲାଣି, ଚଉଦ ଟଙ୍କା ନ ହେଲେ ଧାନ ବିକ୍ରୀ ହେବନାହିଁ । ଆଜ୍ଞା ଟ୧୩୴ଣା କରନ୍ତୁ । ବାବୁ କହିଲେ ବଏନା ଆଣ । ସେ କହିଲା, କାଲି ସକାଳୁ ବଏନା ୩୫୦ ଟଙ୍କା ଦେବ । ପରଦିନ ମାପ ହେବ । କେଶବ ପଣ୍ଡା ଆମ ଗ୍ରାମରେ ଥାନ୍ତି । ସେ କହିଲେ ବାବୁ ମୋତେ ଶହେ ବସ୍ତା ଦିଅନ୍ତୁ । ବାବୁ କହିଲେ, ଚଉଦ ଟଙ୍କା । ସେ କହୁତ ଆପତ୍ତି କଲା । ମୁଁ ସବୁବେଳେ ଆପଣଙ୍କ ଧାନ ନଏ । ବେଣ୍ଡର ମଠ ଥିଲା ବୋଲି ଗାଁକୁ ଯାଇଥିଲି । ଖଇଗ ସୁବୁଦ୍ଧି ଦର ଅନୁସାରେ ବଏନା କଲେ । ମାପ ଚାଲିଥାଏ । ବାଣପୁର ଶାମ ସୁବୁଦ୍ଧି ମାଗିଲା, ମୋତେ ୧୦୦ ବସ୍ତା ଦିଅନ୍ତୁ । ବାବୁ ନାହିଁ କଲେ ଆଉ ଧାନ ଦିଆଯିବ ନାହିଁ । ସେ ଦିନ ବୁଧବାର । ମୁଁ କହିଲି ବାବୁ ଆମ ଧାନ ଶୁକ୍ରବାର ମାପ ହେବ । ବାବୁ କହିଲେ ଆପଣ ଯାହା କହୁଥିଲେ ସତ, ମୁଁ ଭୁଲିଗଲି । ମୋର ବହୁତ ଟଙ୍କା କ୍ଷତି ହେଲା । ହଉ ଆଉ ଧାନ ଦେବାନାହିଁ । ଆପଣଙ୍କର ଗୁରୁଦିନ ଗଲେ ମାପ ହେବ······ଧାନ ମାପ ଛୁଡ଼ପଡ଼ୁ । ଆଉ ତ ଧାନ ବିକ୍ରୀ ହେବନାହିଁ । ତା' ପରଦିନ ଶୁକ୍ରବାରେ ଆମ ଧାନ ମାପ ହେବା କଥା ଶାମ ସୁବୁଦ୍ଧି ଶୁଣିଥିଲା । ସକାଳୁ ଆମ ଘରକୁ ଆସିଲା ।

Digitized by srujanika@gmail.com

ମୋତେ କହିଲ ଧାନ ୫୦୦ ବସ୍ତା ବାବୁଙ୍କଠାରୁ କଣାଇ ଦିଅନ୍ତୁ । ମୁଁ କହିଲି ଯେ ଆଉ ଧାନ ବନ୍ଦୀ କରିବେନାହିଁ । କନ୍ଦାଳରେ ଖଣିରେ ଥିବା ଧାନକୁ ଜାଗା ନ ଥିବାରୁ ଏତକ ବନ୍ଦୀ ହେଲା । ଯେବେ ଦିଅନ୍ତି, ପନ୍ଦର ଟଙ୍କାରୁ ଊଣା ହେଲେ ଦେବେନାହିଁ । ସେ କହିଲେ ହଉ ଆପଣ ଯାନ୍ତୁ ପନ୍ଦର ଟଙ୍କା ଦର ହେଉ, ହଜାରେ ବସ୍ତା କଣନ୍ତୁ । ମୁଁ କହିଲି ହଜାରେ ଟଙ୍କା ଆଣ । ଯେବେ ବାବୁ ଦେବେ ନାହିଁ, ମୁଁ କଣିଥିବା ଧାନ ହଜାରେ ବସ୍ତା ଦେବି । ମୁଁ ଯାଉଚି, ଲୋକର ହସ୍ତେ ଟଙ୍କା ପଠାଇ ଦେଉଚି । ଘଣ୍ଟାକରେ ଦଣ୍ଡିଆ ଟଙ୍କା ନେଇ ଆସିଲା । ମୁଁ କହିଲି ସଙ୍କାଚ ଟଙ୍କା ଘରକୁ ନେବାନାହିଁ ବାବୁଙ୍କୁ ଦେବା । ଧାନ ମାପ ଲାଗିଚି ମୁଁ ବାବୁଙ୍କୁ କହିଲି ମହାଜନ ଜଣେ ଲୋକ ହସ୍ତେ ଟଙ୍କା ହଜାରେ ପଠାଇଚି ଆପଣ ଗଣି ରଖନ୍ତୁ । ବାବୁ କହିଲେ ନେଇ ଆଣ । ଟଙ୍କା ଗଣତି କରି ତିନ ଟଙ୍କା ବଟା ବାଦ ଦେଇ କରିଦେଲେ । ସେ ଟଙ୍କା ଆମେ ଫେରସ୍ତ ନେଲୁ । ଶାମ ସୁବୁଦ୍ଧିକି କହିଲୁ ଆଉ ଟଙ୍କା ଓ ଅଖା ପଠାଅ ।

ପର ଦିନଠାରେ ମୁଁ ଶୁଣିଲି ବାବୁ ଆଜ ୩ଘଣ୍ଟା ବେଳେ ଗାଡ଼ିରେ ଗାଁକୁ ଯିବେ । ତାଙ୍କର ଶୋଇ ଗାଡ଼ି ସଜ ହେଉଚି । ମୁଁ କହିଲି ବାବୁ ଆପଣ ଗାଁକୁ ଯିବେ କାମ ତ ଶେଷ ହେଲା । ମୁଁ କହିଲି ବାବୁ ଆମ ଧାନ ମହାଜନ ଆଜ ହଜାରେ ଟଙ୍କା ପଠାଇଚି । ବାବୁ କହିଲେ ଆପଣଙ୍କ ଘରେ ଟଙ୍କା ମୋ ଘରେ ଧାନ । ଏଗାର ଟଙ୍କା ଦରରେ ମୁଁ ଧାନ ଦେବି ! ମୁଁ କହିଲି ଆଜ୍ଞା ନଦୀଯାକ ସମୁଦ୍ରକୁ ଯାଉଛନ୍ତି ସର୍ବଦା, ସମୁଦ୍ର ଦିନ ଗୋଟେ ଫେରିଲେ ସେ ରହିବ କି ? ବାବୁ କେଶୀବାବୁଙ୍କୁ କହିଲେ ମିଶ୍ରଙ୍କ ଧାନ ମପାଇ ଦେବ । କେଶୀବାବୁ କହିଲେ ଆଜ ଶହେ ବସ୍ତା ଚଲର ଧାନ ଦେବାକୁ ଅଛି, ତାକୁ ଦେଲା ପରେ ମିଶ୍ରଙ୍କ ଧାନ ମାପ ହେବ । ବାବୁ କହିଲେ, ମହାଜନ ଆଜ ହଜାରେ ଟଙ୍କା ପଠାଇଚି ପରା । ମୁଁ କହିଲି ସେ ଟଙ୍କା ବାଣୀପୁରଠାରେ ଅଛି । ଆପଣଙ୍କ କଚେରି ଘର ଦାଣ୍ଡଠାରେ ମୁଁ ଯାଉଚି ଟଙ୍କା ଧରିଥିବ, ଆପଣ ସେଇଠାରେ ନେବେ । ଏହା କହି ଧାନିକରି ଯାଇ ଶାମ ସୁବୁଦ୍ଧିଙ୍କୁ କହିଲି ଆଉ ହଜାରେ ଟଙ୍କା ଦିଅ ।

Digitized by srujanika@gmail.com

ବାବୁ ବାହାର ଯାଉଛନ୍ତି, ଗୁମାସ୍ତା ଆମକୁ ଧାନ ଦେବେ । ବାବୁ ଗାଡ଼ିରେ ଆସୁଛନ୍ତି ।

ଘରେ କେତେ ଟଙ୍କା ଥିଲା ବାକି ଧାର ଉଧାର କରି ଠିକ୍ ହଜାରର ପୂର୍ଣ୍ଣ କରିଦେଲି । ମୁଁ ବାବୁଙ୍କୁ ଟଙ୍କା ଦେଇଦେଲି । ସେ କହିଲେ, ଆପଣ ଗାଡ଼ିକୁ ଆସନ୍ତୁ, ସେଠାରେ ଗଣି ଦେବା । ମୁଁ କହିଲି ମୁଁ ଗଣିଛି । ଉଣା ହେଲେ ମୁଁ ଦେବି ।

ଦୁଇ ଦିନ ପରେ ଧାନ ମାପ ଲାଗିଲା । ସେ ଧାନ ଶାମ ସୁବୁଦ୍ଧି ଦର ଟ୧୫ଙ୍କାରେ ନେଲା । ବସ୍ତାକୁ ଟଙ୍କାଏ ହିସାବରେ ହଜାରେ ଟଙ୍କା ମିଳିଗଲା । ତା ପରେ ନାୟଡ଼୍ ଘର ବ୍ରହ୍ମପୁରକୁ ଆମେ ଧାନ ଯୋଗାଇଲୁ । ସେ କହିବା ଅନୁସାରେ ଧାନ କିଣା ସବୁ ଖର୍ଚ୍ଚ ସେ ଦିଏ । ଆମକୁ ବସ୍ତାକୁ ଅଣେ ହିସାବ କମିସନ ଦିଏ । ଗୋପୀ ମିଶ୍ରେ ଜମି ବିକ୍ରୀ କରିବା ସ୍ଥିର ହେଲା । ଆମ ଗାଁରେ ହରିବୋଲ ବେବର୍ତ୍ତା ମୁଖ୍ୟ ଲୋକ । ତାଙ୍କୁ କହିଲୁ ଆମକୁ ଜମି ନ ଦେଇ ସରଳା ପଦରକୁ ବାନ୍ଧିକି ଯାଉଛନ୍ତି । ବେବର୍ତ୍ତା କହିବାନୁସାରେ ମହାପ୍ରଭୁଙ୍କଠାରେ ହ ହେଗରଗ କଲୁ । ତାଙ୍କୁ ଡାକିଲୁ, ବେବର୍ତ୍ତା କହିଲେ, ସ୍ୱଜନମାନଙ୍କୁ ଜମି ନ ଦେଇ ଅନ୍ୟଠାରେ ବାନ୍ଧିକି ଦେବ । ସେ କହିଲେ ତାଙ୍କୁ ଜମି ଦେଲେ ସେ ଆମକୁ ଛାଡ଼ିବେ ନାହିଁ । ଏଥିପୂର୍ବେ ତାଙ୍କର ଆମର ମକଦ୍ଦମା ହୋଇଥିଲା । ସେ ଲେଖିଦେଇଛନ୍ତି, ଆମେ ତୁମ ଜମିବାଟେ ଯିବୁ ନାହିଁ । ଗୋପୀ ମିଶ୍ରେ ଉଠି ପଡ଼ି କହିଲେ, ଠାକୁରଙ୍କୁ ମୁଁ ବାନ୍ଧିକରି କହୁଛି ଭାଇନାକୁ ଜମି ଦେବୁ ନାହିଁ । ସମସ୍ତ ଭଦ୍ରଲୋକ ଉଠିଗଲେ ।

ତା' ଆରଦିନ ଉଲସିଂହ ଗଲି । ଏ କଥା ରଘୁନାଥ ପଟ୍ଟନାୟକଙ୍କୁ କହିବାରୁ ସେ କହିଲେ ଆଜକୁ ସାତ ବରଷ ତଳେ ଗୋପୀ ମିଶ୍ର ଗୃହଶଦ୍ଧ ଟଙ୍କାକୁ ଟ୧୫୦୦ଙ୍କା ଲେଖି ନେଇଥିଲେ । ସେ ଟଙ୍କା ବରଷକ ଭିତରେ ସୁଝିଦେଲେ । ସେ ଦଲିଲ ଖାମଖିୟରରେ ନ ଥିବାରୁ ଦଲିଲ ନେଇନାହାନ୍ତି । ସେ ଦଲିଲ ଖୋଜିଲେ ବହୁତ କଷ୍ଟରେ ମିଳିଲା । ସେ ଦଲିଲକୁ ବାବୁ ହାତ ବାକ୍ସରେ ରଖିଲେ । କହିଲେ ମୁଁ ଖୋରଧା ଯାଉଛି, ସେହିଠାରୁ ମୁଁ ବଦଅ ରାଜତର

Digitized by srujanika@gmail.com

ନଙ୍କଠକୁ ପତ୍ର ଲେଖିବ, ତମେ ଗୋପୀ ମିଶ୍ରଙ୍କ ଜମି କଣୁଚ, ଆମର ଏସ ଜମିର ୮୦୦ ଟଙ୍କା ଦେବ । ଏହା କହି ବାବୁ ଖୋରଧା ଗଲେ । ମୁଁ ଗାଁକୁ ଆସିଲି ।

ସେହି ଦିନ ବିଦ୍ୟାଧର ରାଜଗୁରୁଙ୍କୁ ଖୋରଧା ଛକ ଓସ୍ତଗଛ ପାଖରେ ଦେଖିଲେ । ଗାଡ଼ିବାଲାଙ୍କୁ ପଠାଇ ଶଗଡ଼ ପାଖକୁ ଡାକି କହିଲେ, ରାଜଗୁରୁ, ତମେ ଗୋପୀ ମିଶ୍ରଙ୍କ ଜମି କଣୁଚ ! ହଁ ଆଜ୍ଞା । ହଉ ଭଲ ହେଲା ଆମ ଟଙ୍କାଟା ଆଦାୟ ହୋଇଯିବ । ରାଜଗୁରୁ କହିଲେ ଆପଣଙ୍କ ଟଙ୍କା ସେ ନେଇଛନ୍ତି । ବାବୁ ବାକ୍ସ ଫିଟାଇ ରାଜଗୁରୁଙ୍କୁ ଦଲିଲଟି ଦେଖାଇ ଦେଲେ । ସେ ପଢ଼ିଲେ । ମୂଳ ୪୦୦ ଟଙ୍କା ପାଚ ବରଷର ସୁଧ ସହ ସାତ ଶହ ଟଙ୍କା ହେଉଚ । ରାଜଗୁରୁ କହିଲେ ଜମି ମାଣ ଶହେ ଟଙ୍କା ହିସାବରେ ୫୦ ଟଙ୍କା ବଇନା ହୋଇଚ । ବାବୁ କହିଲେ କଣ । ଆମ ଟଙ୍କା ରଖି ବାକି ଟଙ୍କା ଦିଅ । ରାଜଗୁରୁ କହିଲେ, ଆମେ ଜମି ରଖିବୁ ନାହିଁ । ଏପରି ସୁଆଙ୍ଗ କଲେ । ଆଉରି କାହାଠାରୁ ଟଙ୍କା ଆଣିଥିବେ ଆମକୁ ଜମି ଲୋଡ଼ା ନାହିଁ ।

ରାଜଗୁରୁ ଗାଁକୁ ଚଳିଲାକ୍ଷଣି ରଘୁ ଦାସଙ୍କୁ କହିଲେ । ରଘୁ ଦାସ କହିଲେ କପିଳ ମିଶ୍ରେ ଗୃହଦନ ଚଳେ ଆସିଥିଲେ । କହିଲେ ଆପଣ ସେ ଜମି ରଖନ୍ତୁ ନାହିଁ । ବହୁତ ଗୋଳମାଳ ସେ ଜମିରେ ଅଛି । ଦୁଇ ଜଣ ଘଣ୍ଡକୁ କେତେ ଜମି ଭୁକ୍ତାଚ୍ଛାଦନ ବନ୍ଧକ ରେଜଷ୍ଟ୍ରୀ କରି ଦେଇଛନ୍ତି । କପିଳ ମିଶ୍ରଙ୍କୁ ଡକାଅ । ସେ ଜମି ସେ କଣନ୍ତୁ । ଆମର ଯାହା ଟଙ୍କା ଦେବ ଦିଅନ୍ତୁ ।

ରାଜଗୁରୁ ପିଆଦା ଆସି କହିଲା ରଘୁ ଦାସେ ଡକାଇ ଅଛନ୍ତି । ମୁଁ ଶୁଣିଲା କ୍ଷଣି ଗଲି । ମୋତେ ଦେଖିଲା କ୍ଷଣି ପ୍ରଣାମ କଲି । କୁରୁଚିଟିଏ ପକାଇ ଦେଲେ । କହିଲେ, ଆପଣ ସେ ଜମି ରଖନ୍ତୁ । ଆମର ଯାହା ଟଙ୍କା ଦେବ ମତେ ଦିଅନ୍ତୁ । ମୁଁ କହିଲି ଆପଣଙ୍କର କେତେ ଟଙ୍କା ଦେବ । ଆଉରି ବଦିଆ ! ଆମର କେତେ ଟଙ୍କା ଦେବ । ସେ କହିଲେ ବଇନା ୫୦ ଟଙ୍କା, ଚଲଣ ୭ ଟଙ୍କା ଅପଣ ଏ ଟଙ୍କାଟା ଦେବେ । ମୁଁ କହିଲି ମୁଁ ଜମି କଟିଲେ ଦେବି । ମୋତେ ଜମି

Digitized by srujanika@gmail.com

ଦେବାକୁ ତାଙ୍କର ଇଚ୍ଛାନାହିଁ । ଦାସେ କହିଲେ ଆପଣ ଟଙ୍କା ଦରରେ କମ କରୁଥିବେ । ମୁଁ କହିଲି ଆପଣ ମାଣକୁ କେତେ ଦର କରନ୍ତି ? ସେ କହିଲେ ମାଣକୁ ୧୦୦ ଟଙ୍କା । ମୁଁ କହିଲି ମୁଁ ଷଣାଢେଢ ଟଙ୍କାରେ କିଣିବି । ଦାସେ କହିଲେ କପରି ଦେବେ-ନାହିଁ ଦେଖିବା । କାଲିକି ତାଙ୍କର ଜବାବ ଅଛି, ସେ ଆସନ୍ତୁ ।

ଜବାବ ଦିନ ଗୋପୀନାଥ ମିଶ୍ରେ, ରାମ ମିଶ୍ରେ ଭଦ୍ରଲୋକ ସୋମନାଥ ନନ୍ଦ ଆସିଲେ । ରଘୁ ଦାସ କହିଲେ ସେ ଜମିରେ ବହୁତ ଗୋଳମାଳ ଅଛି । କାନଗୋଇ ବାବୁଙ୍କର ୭୦୦ ଟଙ୍କା, ଦୁଇଜଣ କେଓଟ୍ୟାଙ୍କୁ ଭୂକ୍ତାଚ୍ଛାଦନ ବନ୍ଧକ ପ୍ରମାଣ ଦେଇ ଆମକୁ ଠକିବାକୁ ବାହାର କରେ । ଆମର ଜମି ଲୋଡ଼ାନାହିଁ । ଆମ ଟଙ୍କା ଦେଇକରି ଯାଅ । ସୋମନାଥ ନନ୍ଦେ କହିଲେ ଆମେ ବାବୁଙ୍କ ଟଙ୍କା ଦେଇଛୁ । ଦଲିଲ ଦେଖାଇ ପାରିବ ? ହଁ ଗୃଶଦିନ ମଧ୍ୟରେ ଦେଖାଇବୁ ।

ଗାଁକୁ ଆସି ବିଚାର କଲେ । କପିଳ ଭାଇନା ତ ଷଣାଢେଢ ଟଙ୍କାକୁ ମାଗୁଥିଲେ, ତାଙ୍କୁ ଦେବା କଥା କେବର୍ତ୍ତାଙ୍କୁ ଭଦ୍ରଲୋକ କରି ପଠାଇଲେ । ସେ କହିଲେ, ଆପଣଙ୍କୁ ଦେବାର ହେଲା । କେଉଁଦିନ ଖୋରଧା ଯିବା ରେଜେଷ୍ଟ୍ରି କରିବାକୁ ? ମୁଁ କହିଲି ମୋଠାରୁ ନେଇଛନ୍ତି ୩୦୦ ଟଙ୍କା । ତାଙ୍କର ବଶାଢେଢ ଦରରେ ୧୨୦୦ ଟଙ୍କା ପର୍ଯ୍ୟନ୍ତ ହେବ । ଆଠ ଦିନରେ ମୁଁ ଟଙ୍କା ଠିକ୍ କରେ । ସେ କହିଲେ ବାଏନା କର । ମୁଁ କହିଲି ମୋର ତ ୩୦୦ ଟଙ୍କା ହେବ ଆଉ ୧୦୦ ଟଙ୍କା ନିଅନ୍ତୁ ଚୁକ୍ତିପତ୍ର ଲେଖିଦିଅନ୍ତୁ । ହଉ, ବଂଶୀଧର ପଟ୍ଟନାୟକ ଲେଖିଦେଲେ, ୧୦୦ ଟଙ୍କା ଦେଲି । ଟଙ୍କା ତ ଥୁଆ ହୋଇନାହିଁ । ସେ ସମୟକୁ ଚିନ୍ତାମଣି ପଟ୍ଟନାୟକ ପରଧାମକୁ ଚାଲିଗଲେଣି । ଭାଗୀରଥିବାବୁ ମାଲିକ ଅଛନ୍ତି । ତାଙ୍କର ମୋର ସେତେ ପରିଚୟ ନ ଥାଏ ; ମାତ୍ର ତାଙ୍କ ମେନେଜର ରଘୁନାଥ ପଟ୍ଟନାୟକ ଥାନ୍ତି । ତାଙ୍କର ମୋର ଭଲ ରୂପେ ସ୍ନେହ ଥାଏ ।

ମୁଁ କେଳିସିଂହ ଗଲି । ସେ ଦିନକୁ ଜଣେ କଚ୍ଛି ମହାଜନ ଦୁଇ ହଜାର ବସ୍ତା ଧାନ କିଣି ନେବାପାଇଁ ମାପ ଲଗିଥାଏ । ପଟ୍ଟନାୟକ ନିଦେଖିଲାକ୍ଷଣି ବଡ଼ ଆନନ୍ଦସହ ପ୍ରଣାମ କରି ଚଉକି ଆଣି

Digitized by srujanika@gmail.com

ପକାଇଦେଲେ । ପଚାରିଲେ ଆପଣ କୁଆଡ଼େ ଆସିଥିଲେ । ମୁଁ କହିଲି, ଆପଣଙ୍କ ଯୋଗୁ ସେ ଜମି ଆମକୁ ଦେବାକୁ ସ୍ଥିରକଲେ । ଶୁକ୍ରବାର ଦିନ ରେଜେଷ୍ଟ୍ରି ହେବ । ଆଜି ମଙ୍ଗଳବାର । ବାବୁଙ୍କୁ ମାସକ ସକାଶେ ଧାର ୧୦୦୦ ଟଙ୍କା ମାଗିବାକୁ ଆସିଥିବ । ଭାଗୀରଥୀ ବାବୁ କହିଲେ, ଏ ତ ଧାନ ବ୍ୟବସାୟ କରନ୍ତି । ରଘୁନାଥ ପଟ୍ଟନାୟକ କହିଲେ ଭାରି ଉତ୍ତମ ଲୋକ । ବାପାଙ୍କର ତାଙ୍କର ଭଲ ମନ ମିଳୁଥିଲା । ସେ ଥିବାଯାକ ତୁମ ଧାନ ଏହି କିଣନ୍ତି । ଭାଗୀରଥୀବାବୁ କହିଲେ, ହଉ ଦିଆଯିବ । ସେ ଦିନ ଗଲା । ବୁଧବାର ଦିନ ସକାଳ ଦଶଟା ସମୟରେ ଡକାଇ ଆଣି କହିଲେ ଆପଣ ହଜାର ଟଙ୍କା ନେବେ ପରା, ଏଇ କଟ୍ଟୁ ମହାଜନଙ୍କଠାରୁ ଗଣି ନିଅନ୍ତୁ ।

ସେକାଳେ ନୋଟ ନ ଥାଏ, ଯେ ଥାଏ, ସାମାନ୍ୟ । ଖାଲି ଟଙ୍କା । ତାକୁ ଗଣିବ କରିବ ପୁଣି ବଜାଇବ । ମୁଁ ବସି ଗଣନ୍ତି କଲି, ତାପରେ ବଜାଇଲି । ୧୨ଟଙ୍କାର ବଟା ବାହାରିଲା, ତାକୁ ବଦଳାଇ ଆଣିଲା ବେଳକୁ ଦିନ ବାରଟା ହେଲା । ରୋଷେଇ ପକଣା ହୋଇ ଥୁଆ ହୋଇଥାଏ । ରୋଷେଇ କରି ଖାଇଲାବେଳକୁ ଦିନ ଦୁଇଟା ହେବ । ପାଞ୍ଚ ଘଣ୍ଟାକୁ ତାପଙ୍ଗକୁ ଗାଡ଼ି ଆସେ । ନିରାକାରପୁରରେ ଷ୍ଟେସନ୍ ନ ଥାଏ । ରଘୁନାଥ ବାବୁଙ୍କୁ କହି ଆସିଲି । ମୁଁ ସେ ଟଙ୍କାକୁ ଲୁଗାଣ୍ଠିରେ ବାନ୍ଧିଥାଏ । ଦୌଡ଼ପଡ଼ା ଡେଇଁ ଆସିବାରେ ଗାଡ଼ି ଆସିଗଲା । ମୁଁ ଭାବିଲି ଆଉ ଯାଇ ନ ପାରେ । ଅଧ ମାଇଲି ଗଲେ ଗାଡ଼ିପାଇବି । ମୁଁ ଖାଲି ଧାଇଁଥାଏ । ସିଙ୍ଗଲକୁ ଚାହିଁ ଥାଏ । ଦକ୍ଷିଣରୁ ଗୋଟେ ଗୁଡ୍ସ ଗାଡ଼ି ଆସୁଥାଏ । ମୁଁ ଷ୍ଟେସନ୍‌ରେ ପ୍ରବେଶ ମାତ୍ରେ ଗାଡ଼ି ଆସିଗଲା । ଅଣ୍ଟା ପାକେଟ ଦେଖିଲି ଟିକଟ ଖର୍ଚ୍ଚ ନାହିଁ । ଲୁଗା ଫିଟାଇ ଟଙ୍କାଟିଏ ବାହାର କରି ଦେଲି । ବାବୁ ଟିକଟ ଦେଲେ ଚଲବା ଖୋଜିଲେ । ମୁଁ ଯାଇ ଗାଡ଼ିରେ ବସିବାରେ ଆଠଣିଟାଏ ମୋତେ ଦେଲେ । ଗାଡ଼ି ଛାଡ଼ିଦେଲା । ବାଲୁଗାଁକୁ ଆସିଲାବେଳକୁ ରାତି ଆଠଘଣ୍ଟା ହେଲାଣି । ଚନ୍ଦ୍ର ଶେଷ, ଆଉ ଦୁଇ ଘଡ଼ି ଅଛନ୍ତି । ବାଲୁଗାଁ ଓସ୍ତଗଛଠାରେ ସାଥି ଖୋଜିଲି । ଜଣେ ଦୀର୍ଘାକାର ଲୋକ ଠିଆ ହୋଇଛି । ମୁଁ ତାଙ୍କୁ ପଚାରିଲି ତୁମେ କୁଆଡ଼େ ଯିବ ? ସେ

Digitized by srujanika@gmail.com

କହିଲ, ମୁଁ ବ୍ରହ୍ମପୁର ଯିବ । ମୁଁ କହିଲି ଆସ, ମୁଁ ବି ବ୍ରହ୍ମପୁର ଯିବି । ସାଥୀ ହୋଇଗଲୁ । ବାଟରେ ଡାକବଙ୍ଗଳା ନିକଟରେ ବ୍ରହ୍ମପୁର କାହିଁକି ଯିବ ପଚାରିଲି । ସେ କହିଲା ରଘୁନାଥ ପଟ୍ଟନାୟକ ପଠାଇଛନ୍ତି । ମୁଁ ଭାବିଲି ମୁଁ ତ ତାଙ୍କୁ କହିକରି ଆସିଲି ମୋ ହାତରେ କିଛି ନ ଦେଇ ଏହାକୁ ପଠାଇଲେ ! ଏ ଲୋକ ଡକାୟତ । ମୁଁ ଟଙ୍କା ଧରି ଆସିବା ଜାଣି ଆସିଛି । ରେଲରେ ନେବାକୁ ସୁବିଧା ନ ପାଇ ପଛରେ ଆସିଲି । ହଉ ଦେଖିବା । ତା ହାତରେ ସାମାନ୍ୟ ଠେଙ୍ଗାଟିଏ ଥାଏ । ମୁଁ ଭାବିଲି ମୋତେ ଠେଙ୍ଗାରେ ପିଟି ଧନ ଧରି ପକାଇବ । ମୁଁ କହିଲି ଆପଣ ଆଗରେ ଚାଲନ୍ତୁ, ମୋ ପାଖରେ ଭାରି ଜିନିଷ ଅଛି, ମୁଁ ଚାଲି ପାରୁନାହିଁ । ମୋତେ ବୟସ ୩୫ ହେବ, ମୁଁ ଭାରି ଜବାନ ଥାଏ । ସେ ବଡ଼ କୁଣ୍ଠିତ ଭାବରେ ଆଗରେ ଚାଲିଲା । ମୋ ହାତରେ ଗମ୍ଭାରି କାଠର ବାଡ଼ିଟିଏ ଥାଏ । ସେ ଯଦି ଲେଉଟି କରି ପିଟିଲେ ମୁଁ ତାକୁ ପିଟିବି । ଗୋପୀଭାଇ ଓସ୍ତଠାରୁ ସେ କ୍ରମେ ସଡ଼କରୁ ହଜ ରସ୍ତା ପଡ଼ିବ । ସେ କହିଲା ମୋତେ ବାଟ ମାଲୁମ ନାହିଁ; ଆପଣ ଆଗରେ ଚାଲନ୍ତୁ । ମୁଁ କହିଲି ରସ୍ତା ତ ପଡ଼ିବ, ଦୋବାଟି ପଡ଼ିଲେ ମୁଁ କହିଦେବି, ଚାଲ । ଅନେକଦୂର ପୋଖରୀ ହୁଡ଼ାରେ କହିଲା ପୋଖରୀପାଣି ପିଇବେ କି ? ମୁଁ ନାହିଁ କଲି । ମୁଁ କହିଲି ଆଗରେ ଆଉରି ଗୋଟେ ପୋଖରୀ ଅଛି । ସେ କହିଲା ହଉ ଚାଲ । ଘୁନାକେର ପରେ ସାନ ଶଙ୍ଖବଧି ପୋଖରୀରେ କହିଲା, ମୁଁ ପୋଖରୀ ପାଣି ପିଇବି । ମୁଁ କହିଲି ଗାଁ ତ ନିକଟ ହେଲାଣି ଗାଁରେ ପୋଖରୀ ପାଣି ପିଇବା ; ମାତ୍ର କିଛି ଦୂର ଗଲେ, ଲୁଗା ପଠା ବାହାରି କଲା, କୁଆଡ଼େ ଗଲା ଆଉ ଆସିଲା ନାହିଁ । ଚନ୍ଦ୍ର ଅସ୍ତ ହେଲେ ମୁଁ ଡାକିଲି, ଆଉ ଶୁଣିଲା ନାହିଁ । ମୁଁ ଭାବିଲି ଏ ଲୋକ ଡକାୟତ । ଧନ ନେବାର ସୁବିଧା ନ ପାଇ ପଳାଇଗଲା ।

ଚାରିଦିନ ପରେ ଖୋରଧା ଗଲୁ । ଜମି ରେଜେଷ୍ଟ୍ରୀ ହେଲା । ତାପରେ ଘରପାଣା କାମ ଚାଲିଲା । ତିନିଶ ଟଙ୍କା ଦେଇ କାରିଗରଙ୍କୁ ସଙ୍ଗରେ ନେଇ କଟକ ଆସିଲି । ମୁଁ ଆଉଥରେ କଟକ ଆସିଥିଲି ରଜାଙ୍କ କାର୍ଯ୍ୟରେ, ବାରିଷ୍ଟର ମଧୁବାବୁଙ୍କ ସହିତ ପରାମର୍ଶ କରିବାକୁ ।

Digitized by srujanika@gmail.com

ଆଜି ଜଣେ ଜୟପୁରରୁ ଆସିଥାନ୍ତି ତାଙ୍କ ନା ବିଶ୍ୱନାଥ ଶତପଥୀ । ସନ୍ଧ୍ୟା—ପାଞ୍ଚଟା ସମୟରେ ମଧୁବାବୁ ବଙ୍ଗଳାରୁ ଶଗଡ଼ବାଲା ସବୁତ ବୁଲିବାକୁ ବାହାରିଛନ୍ତି । ଗାଡ଼ି ଉପରେ ଥାଇ ବାବୁ ପ୍ରଣାମ କଲେ, କହିଲେ ମୋଠାକୁ ଆପଣ ଆସିଛନ୍ତି ? ମୁଁ କହିଲି ହଁ । ଆପଣ ରାତି ଆଠଟାରେ ଆସନ୍ତୁ । ଏହା କହି ଗାଡ଼ି ଛାଡ଼ିଦେଲେ, ଆମେ ବସାକୁ ଆସିଲୁ ।

ପରେ ୮ଘଣ୍ଟା ସମୟରେ ଗଲୁ । ଆସନ ଦେଖାଇ ଦେଲେ, ବୋଇଲେ ବସ । ଦେଖିଲୁ ଶ୍ରୀକୃଷ୍ଣ ମହାପାତ୍ର ଗୋଟିଏ ମକଦ୍ଦମାରେ ପଡ଼ିଛନ୍ତି । ବାବୁଙ୍କୁ କହୁଛନ୍ତି ଆପଣ ମୋତେ ରକ୍ଷା କରନ୍ତୁ । ଆପଣ କହିବା ଅନୁସାରେ ମୁଁ ହାଜର ହେବ । ହଜି ବୁଝିବା । ଏ ଆପଣଙ୍କ କାର୍ଯ୍ୟକଣ ? ଆପଣଙ୍କ ଘର ଜୟପୁରରୁ ? ମୁଁ କହିଲି ହଁ । ରାଜା ଦେଇଥିବା ପତ୍ର ଦେଲି । ୨୫ ଟଙ୍କା ଦକ୍ଷିଣା ଦେଲି । ସବୁ ପଢ଼ୁଥାନ୍ତି, ଗୋଡ଼କୁ ଟେବୁଲ ଉପରେ ଥୋଇଥାନ୍ତି । ମିଶ୍ରେ ଆପଣେ ଆପଣ ବିଗ୍ରହୁଥିବେ ବଡ଼ ଲୋକ ବେଖାତିରରେ ଗୋଡ଼ ଲମ୍ବାଇଛନ୍ତି । ସେ କଥା ନୁହେଁ, ମୋର ଗୋଟିଏ ଗୋଡ଼ ବେମାର ହେତୁ ଲୋମ୍ବ କରିପାରୁ ନାହିଁ । ଗେଡ଼ ଲେମ୍ବକଲେ ଘିନୁଚ । ମୋ ଦୋଷ କ୍ଷମା କରିବେ । ପରିହାସ କହିଲେ, ଛାମୁ ଭୁବନେଶ୍ୱର ୮ ତାରିଖ ଦିନ ପ୍ରବେଶ ହେବେ । ମୁଁ ସେହି ତାରିଖରେ ଛାମୁରେ ସବୁ କହିବି, ଆପଣ ଯାନ୍ତୁ ।

ମୁଁ ଦ୍ୱିତୀୟ ବାର କଟକ ଆସିଥାଏ । ମୋ ସାଙ୍ଗରେ କାରିଗର କଣ୍ଠି ପରିଛା ଥାଏ । କଲା, କାଗଜ, ଜମୁରି କଣାଦେଲି । ଆଜିର ୨୦ ଟଙ୍କା ନଅଣ୍ଟ ହେଲା, କେହି ତ ପରିଚୟ ନାହାନ୍ତି । ବାଣପୁରର ଲକ୍ଷଣ ପାଡ଼ ଜୋଡ଼ିଙ୍କୁ କହିଲି, ମୋର ସୁନା ମୁଦିଟି ବନ୍ଧା ରଖି କୋଡ଼ିଏଟି ଟଙ୍କା ଦିଅ । ତୁମେ ବାଣପୁର ଗଲାବେଳେ ମୁଦିଟି ନେଇଥିବ । ସେ କହିଲେ ଆଠ ଦିନରେ ଦିବ । ସେଠାରୁ ଗ୍ରାମକୁ ଆସିଲୁ । ଗ୍ରାମରେ ମୋର ଫିଟିଲା ପୋଖରୀ । ସମସ୍ତେ ଜାଣନ୍ତି ହଇଜା ହେଲା । ଝାଡ଼ା ହେବାର କାରଣ ବଡ଼ ଗଲୁଡ଼ି ମାଛ ମୁଣ୍ଡେଟି ବ୍ରହ୍ମଣାରେ ଆଣି ଖାଇଦେଲୁ, ସେ ଯୋଗୁ ପୋଖରୀ ହେଲା ।

Digitized by srujanika@gmail.com

ତା’ ପରେ ଯୁସ ଯାତ ଲଗିଲା । ସେ କଲକୁ ଲମ୍ଫ ନ ଥାଏ । ମହମବତ୍ତି ଦ୍ୱାର ଆଲୋକ ହୁଏ । ପୁରୀରୁ ଯାଇ ଅନନ୍ତ ମହାନ୍ତିଙ୍କଠାରୁ ଆଇନା ଓ ଝାଡ଼ ଭଡ଼ାକୁ ଆଣିଲୁ । ଯାହା ଆରମ୍ଭରୁ ମାଟେସ ହେଲା । ବହୁତ ଲୋକ ଯାତ ଦେଖିବାକୁ ଆସିଲେ । ଗୁଧ ଦିନପରି ଦେଖା ଗଲା । ଅନେକ ପଶରା ବାଣପୁରରୁ ଆଣି ବିକା କଣା ଲଗିଲା । ମୋ ଠାରେ ଏହି ଭାର ଥାଏ । ପିଲଙ୍କ ବେଶ ମୋ ଜିମା ଥାଏ । ଯେତେ ସୁନା ଅଳଙ୍କାର ଦଶଜଣ ପିଲଙ୍କର ବାଣପୁର ହରିବୈଠାରୁ ଓ କପିଳ ବୈଠରୁ ଏମାନେ ପିଲଙ୍କୁ ବେଶ କରୁଥାନ୍ତି । ତାଲିକା ମୁତାବକ ବେଶ ଉଡ୍ଡାଇଲା ବେଳକୁ, ତାଲିକା ମୁତାବକ ନେଇ ବେହେରା ଘରେ ରଖୁ । ଧୋବା ବାରିକ ଓ କପିଳ କଉଡ଼ି, ଭଗିଆ ଅଳଙ୍କାର ନେବା ଆଣିବା କରନ୍ତି । ଯାହା ଶେଷ ଦିନ ଦହି ଜାତ ହେଲା । ସେ ଦିନ ଏପରି ଲୋକ ହେଲେ ଯେ, ବାଣପୁର ଚଉଦ କୋଶର ଲୋକ ଜମା ହେଲେ । ତାଙ୍କ ତଦାରଖ କରିବାକୁ ରଘୁନାଥ ପଟ୍ଟନାୟକ ଓ କେଶୀ ବାବୁ ରହି ସେ କାମ ଶେଷ କଲେ । ଜିନଷ ଅନେକ ବଳକା ହେଲା । ନବାତ ଚକ ଗୋ ୧୭ ଟା, ନଡ଼ିଆ ପ ୨ଣ, ପାଚିଲା ପଣସ ୪୦ଟା, ଗୁଡ଼ ଖ୭ଣ୍ଡ, ସପୁରୀ ୨୦୦ । ଯାହା ଶେଷକୁ ନ ହେଲା ବରଷା । ଗ୍ରାମବାସୀ ପାତରେ ରହିଲେ । କେହି ଧାନ ବୁଣି ନ ଥିଲେ । ଗଜା ପକାଇଲେ । ତଳି ପକାଇ ବଡ଼ ହଲଗ୍ରଣ ହେଲେ । ଯେଉଁ ଜିନଷ ମଗା ହୋଇ ଆସିଥିଲା ତାକୁ ନେଇ ତାଙ୍କୁ ଦେବାକୁ । ଓଳସିଂହରୁ ୫୦୦୦ ଟଙ୍କାର ଅଳଙ୍କାର ଆସିଥିଲା । ଜାତ ହାଣ୍ଡି, ଲମ୍ଫ ଝାଡ଼ ନେଉଳ ଦାସ ମଠରୁ ଆସିଥିଲା । ତାଙ୍କୁ ନେଇ ଦେଇ ଆସିବାକୁ କେହି ବାହାରିଲେ ନାହିଁ । ସେ ଭାର ମୋ ଉପରେ ପଡ଼ିଲା ।

ତା’ପରେ ଆମ ଘର କପରି ତିଆରି ହେବ । ଆଗ ଇଟା ପକାଇବା ପାଇଁ ରଘୁ ମହାନ୍ତି, ବଉଆ ଜେନା, ନତା ଗୁଡ଼ଇ, ଚୈତନ ଜେନା ଏପରି କେତେ ଜଣ ବାହାରିଲେ । ଟେକା ବେହେରା ଗୁମ୍ପ ତିଆରି କଲା । ହଜାରକୁ ଦର ଚଉଦ ଅଣା ହିସାବରେ ଲକ୍ଷେ ଇଟା ପୁରି ଭାଟି ହେବ । ଆଣ୍ଠୁମଣ୍ଡା କଆସିରେ ପଡ଼ିବ । ପାଣି ଦାଣ୍ଡ କୂଅରୁ ଆସିବ । ଧାନ ବଧୂରୁ ଯିବ । ଆମ ବାଡ଼ କୂଅରୁ ଆସିବ । ଗଣ୍ଡି

Digitized by srujanika@gmail.com

କାଠ କୋଡ଼ିଏ ହେଲେ ଚଳିବ । ବାଡ଼ ଆଡ଼େ କର୍ଣ୍ଣି ଗଛ ଡଳଟା ଥାଏ । ସେ ନଷ୍ଟ ହେଲା । ଜାଳେଣି କାଠ ଫରେଷ୍ଟ ଗାଡ଼ିରୁ ଅଧିକ ଲାଗିବ । ସେ ସମୟରେ ଫରେଷ୍ଟର ଥାନ୍ତି ଜଣେ ବଙ୍ଗାଳି, ପ୍ରବୋଧ ବାବୁ । ତାଙ୍କ ଫର୍ଣ୍ଣି କହିଲେ ସରିବ ନାହିଁ । ଦୁଷ୍ଟଙ୍କ ସରଦାର । ତା ପାଖରେ ଦୁଇଜଣ ଚପ୍ରାସୀ ଥାନ୍ତି । ଜଣେ ଯୋଗୀ ସୁଖାରସିଂହ ଆଉ ଜଣେ ହେଡ଼ ପ୍ରଧାନ, ଏ ଦୁହେଁ ବାବୁଙ୍କୁ ବଳକା ଦୁଷ୍ଟ । ମୋର ପ୍ରବୋଧ ବାବୁଙ୍କର ସ୍ନେହ ଥାଏ । କାରଣ ସେ ପ୍ରଧାନ ମଦୁଆ । ଭଗୀରଥୀ ବାବୁ ତାଙ୍କୁ ବଳକା । ଏ ଦୁଇ ଜଣଙ୍କ ସାଙ୍ଗ କହିଲେ ନ ସରେ । ମୁଁ ତ ବାବୁଙ୍କ ସାଙ୍ଗ । ଦିନେ ସେ ପଚାରିଲେ—ଏ ଠାକୁରଟି କିଏ ସେ ? ବାବୁ କହିଲେ, ଆମର ଓକିଲଙ୍କ କାର୍ଯ୍ୟ କରନ୍ତି । ଆମ ବାପାଙ୍କ ସମୟରୁ ଆମ ପାଖେ ରହନ୍ତି । ପ୍ରବୋଧ ବାବୁ ପଚାରିଲେ, ଆପଣଙ୍କର ମୋଟ କାର୍ଯ୍ୟ ଅଛି କି ? ମୁଁ କହିଲି, ଆମ ଘର ଖଣ୍ଡି ଭାଙ୍ଗି ଯାଇଛି । ନୂଆ କରି ପକାଉଛୁ । ବାଡ଼ରୁ କର୍ଣ୍ଣି କାଠ ହାଣିଲି । ଗୁଣ୍ଡି କାମ ହେଉଛି । ଜଳନ୍ତି କାଠ ସକାଶେ ଆପଣଙ୍କୁ ଜଣାଉଛୁ । ସେ କହିଲେ, କଞ୍ଚା ହାଣିବାକୁ ମନା ଅଛି । ଭିତର ଜଙ୍ଗଲରେ ହୋଇଥିବା ଶୁଖିଲା କାଠ ନେଇ ଯାଅ; କିନ୍ତୁ ଗଛ ହାଣିବ ନାହିଁ । ଅନେକ କାଠ ପଡ଼ିଛି । ଯେତେ ଆପଣଙ୍କୁ ଲୋଡ଼ା ନିଅନ୍ତୁ । ମୁଁ କହିଲି, ଚପ୍ରାସୀମାନେ ଛାଡ଼ିଲେ ହେବ । ବାବୁ କହିଲେ, ପ୍ରତାପ ତିଇନିଂରେ ହେଡ଼ ପ୍ରଧାନ ଅଛି, ମୁଁ ତାକୁ କହିଦେବି—ସେ କାଠ ଛାଡ଼ି ଦେବ ।

ଖାମପୁର ଶଗଡ଼ଆମାନଙ୍କୁ କହିଲି, ଭିତର ଜଙ୍ଗଲରେ କାଠ ମିଳିବ କି ? ସେ କହିଲେ ଅନେକ କାଠ ଅଛି, ଛାଡ଼ିବ ନାହିଁ । ମୁଁ କହିଲି, ବାବୁ କହିଛନ୍ତି । ଶଗଡ଼ଆ କହିଲେ, ଆମେ ଭଡ଼ା ନେବୁ ନାହିଁ । ଆମକୁ ଶାଗୁଆ କାଠ ଖଣ୍ଡିଏ ଲେଖାଏ ଦେବେ । ମୁଁ ହଁ କଲି । ସେ ଦିନ ୨୨ଖଣ୍ଡ ଶଗଡ଼ ଗଲା । ଭଲ ଭଲ କାଠ ଆଣିଲେ । ତାଙ୍କର ସେ ଦେଉଁ କାଠ ଖଣ୍ଡିଏ ଲେଖା ଆଣିଛନ୍ତି ଦଶ ଟଙ୍କାରୁ ଊଣା ହେବ ନାହିଁ । ପୁଣି ତା ଆରଦିନ ୩୦ଖଣ୍ଡ ଶଗଡ଼ ଗଲା । ତା ଆରଦିନ ୧୫ଖଣ୍ଡ ଗଲା । ଏ ସବୁ କାଠ ବାଡ଼ରେ ଜମା ହେଲା ।

Digitized by srujanika@gmail.com

ତିନିଗୋଟା ଘଟି ପୋଡ଼ା ହେଲା ଭଲ ଭାବରେ । ଆଉ ଘଟି ଲଦା ହୋଇଥିଲା ବରଷା ହୋଇଗଲା । ଅନେକ ଜାଗ୍ରତ କଲୁ । ଘଟି ଲାଗିଲା । ତା ଆର ବରଷକୁ ଘର ତିଆରି ରହିଲା । କୁଟୁମ୍ବ ଆସିବାର ନଅ ବର୍ଷ ହେଲା । କୌଣସି ସନ୍ତାନ ହେଲା ନାହିଁ । ଶଶୁର ବୁଢ଼ା କହିଲେ, ବାପା—ତାରାତାରଣୀଙ୍କଠାରେ ସଙ୍କଳ୍ପ ହୋମ କଲେ ନିଶ୍ଚେ ହେବ । ସେ କହିବା ମୁତାବକ ହେଲା । ବର୍ଷ ନ ପୂରୁ ଝିଅଟିଏ ହେଲା, ମାସକ ଭିତରେ ମରିଗଲା ।

ପୁଣି ଆଉ ଥରେ କର୍ମ ପଣ ସଙ୍କଳ୍ପ ଦିନ ହେଲା । କର୍ମଣିଆ କର୍ମକରି ହୋମ ସାରି ଉପରେ ବସିଛନ୍ତି ସାମାନ୍ୟ ନିଦ୍ରା ହୋଇଗଲା । ସେ ସ୍ୱପ୍ନ ଦେଖିଲେ, ଜଣେ ଶିକ୍ଷିତା ମାଇକିନିଆ ଖଣ୍ଡାଟେ ଧରି କହିଲା, ତୁ କାହିଁକି କର୍ମ କରୁଛୁ, ପଳା, ନଇଲେ ହାଣି ଦେବି । କର୍ମଣିଆ କହିଲେ, ମୋତେ ବାଣପୁର କପିଳ ମିଶ୍ରେ ପଠାଇଛନ୍ତି । ସେ କହିଲା, ମୁଁ ଦେଇଥିଲି ସେ କଣ ରହିଲା । କହିବୁ ତୁ ମହାପାପୀ, ତୋର ସନ୍ତାନ ହେବ ନାହିଁ । ତୁ ତୋ ପାପକୁ ଛଡ଼ା । ଏହି ସମୟରେ ନିଦ ଭାଙ୍ଗିଗଲା । ଦେଖେ ତ ପର୍ବତରେ କେହି ନାହାନ୍ତି । ଦେହ ଥରି ଉଠିଲା, ପଳାଇ ଆସିଲେ ।

ପୁଣି କେତେ ଦିନ ଯିବା ପରେ ଦାମୋଦର ରଥେ ବ୍ରହ୍ମପୁରଠାରେ ଆସି କହିଲେ, ନୂଆଗଡ଼ ଯିବା, ଏ ସାଲ ଧାନ କଣ ହେଲା ଦେଖି ଆସିବା । ମୁଁ ଭାବିଲି, ନୂଆଗଡ଼କୁ ଖଣ୍ଡପଡ଼ା ପାଞ୍ଚ କୋଶ ବାଟ । ପଠାଣି ସାମନ୍ତଙ୍କ ପାଖକୁ ଯିବା, ଜାତକ ଦେଖାଇବା । ଜାତକ ଖଣ୍ଡିକ ଧରି ନୂଆଗଡ଼ ଗଲୁ । ସେ କହିଲେ, ଧାନ ମଳା ହୋଇ ନାହିଁ ; ଦିଚାରି ଦିନ ଛାଡ଼ି ଆସ । ରଥେ କଦଳୀ ପଲ୍ଲୀକି ଆସିଲେ, ମୁଁ ଖଣ୍ଡପଡ଼ା ଗଲି । ନୂଆଗଡ଼ରୁ ଖଣ୍ଡପଡ଼ା ଅଳ୍ପ ବାଟ ସଡ଼କ ଥାଏ । ଦୁଇ ପାଖ ଜଙ୍ଗଲ ଦେଖି ମନେ ଭୟ ହେଲା । ଦଣ୍ଡେ ବିଶ୍ରାମ କରିବାରେ ଦୁଇ ଜଣ ସାଥୀ ମିଳିଲେ । ତାଙ୍କ ସହିତ ଗଲି । ସମୟ ୧୦ଟା, କୁଆଡ଼େ ଯିବି କୁ' ଠେଇ ରହିବି । ଜଣକୁ ପଚାରିଲି- ବସା ଘର ମିଳିବ କି ? ସେ କହିଲା ନାହିଁ —ଆପଣ ତ ଜଣେ ଲୋକ ଏହି ମଠରେ ରହନ୍ତୁ । ଏହା ଶୁଣି ମଠକୁ ଗଲି । ଜଣେ ବାବାଙ୍କ

Digitized by srujanika@gmail.com

ଅଛନ୍ତି । ତାଙ୍କୁ ମୋ ଖବରଣୀ କହିଲି—ମୁଁ ସାଆନ୍ତଙ୍କ ପାଖକୁ ଆସିଛି ଜାତକ ଦେଖାଇବାକୁ । ସେ କହିଲେ, ଏହି ବଖରାରେ ରହନ୍ତୁ, ପ୍ରସାଦ ପାଇବେ, ଭଲ ବ୍ରାହ୍ମଣ ଠାକୁରଙ୍କ ପୂଜାସ୍ଥ-ମୁଁ ବାବାଜୀଙ୍କୁ ପଚାରିଲି, ମୁଁ କେବେ ସାଆନ୍ତଙ୍କ ସମୟ ପାଇବି । ସେ କହିଲେ, ଦିନ ୪ ଘଣ୍ଟା ଠାରେ ବାହାରକୁ ବାହାରନ୍ତି, ଆପଣ ୩ ଘଣ୍ଟା ଠାରୁ ଜଗିରହିଲେ ୪ ଘଣ୍ଟାଠାରେ ଦେଖାହେବେ । ମୁଁ ସେହି ୩ ଘଣ୍ଟାରେ ଗଲି । ତାଙ୍କ ଘରେ ଅନେକ ମଣ୍ଡପ ଅଛି, ପ୍ରାୟ ଶହେ ଲୋକ ବସି-ପାରିବେ । ଖେଳ ଲାଗିଛି-କେତେମାନେ ପଶା ଖେଳୁଛନ୍ତି, କେଏ ଗଞ୍ଜପା ଖେଳୁଛନ୍ତି, କେଏ ଘୃସ ଖେଳୁଛନ୍ତି, କେଏ ବାଘବାଘୀ ଖେଳୁଛନ୍ତି । ମୁଁ ସେ ମଣ୍ଡପରେ ପ୍ରବେଶ ମାତ୍ରେ ସମସ୍ତେ ପଚାରିଲେ ଆପଣଙ୍କ ଗ୍ରାମ ଓ କୋଉଠାରୁ ଆସିଛନ୍ତି ? ମୁଁ ବିବରଣ କହିଲି । ଅଧ ଘଣ୍ଟାକ ମଧ୍ୟରେ ସାଆନ୍ତ ବିଜେ କରିବେ । ସେତେବେଳକୁ ମୋତେ ବୟସ ୩୭ ହେବ-ମୋର ଚେହେରା ଅତି ସୁନ୍ଦର ଥାଏ ।

ଏହି ସମୟରେ ସାଆନ୍ତ ଆସିଲେ । ଖେଳୁଥିବା ଲୋକେ ମାନ୍ୟ କଲେ । ମୁଁ ବୁଝିଲି ଏ କଣ ପଠାଣି ସାଆନ୍ତ ! ତାଙ୍କ ରୂପ ଗୋଟିଏ ମଲ୍ଲଆଠାରୁ ହୀନ । ଲେଙ୍ଗୁଠ ଛେଦା ଖଣ୍ଡିଏ ପିନ୍ଧିଥାନ୍ତି, ଦୋଷଡ଼ା ଖଣ୍ଡିଏ ସେହି ଅନୁରୂପେ ଥାଏ । ମୁଁ ତାଙ୍କ ଆଗରେ ଠିଆ ହେବା ମାତ୍ରେ କହିଲେ-ଆପଣଙ୍କର କୁ ଶାସନ ? ମୁଁ କହିଲି, ଆଜ୍ଞା, ବାଣପୁର ନରସିଂହପୁର ଶାସନ । ସେ କହିଲେ ଆପଣ କଣ ବୋଲନ୍ତି ? ମୁଁ କହିଲି ମୋ ନାଁ କପିଳ ମିଶ୍ର । ବାଣପୁରରେ ଯେତେବେଳେ ରାଜା ଥିଲେ, ଆମେ ରାଜଗୁରୁ ଥିଲୁ । ରାଜାଙ୍କୁ ପାଟେକୁଢ ଦେବାରେ ଆମ ବଂଶଧର ଗଣେଶ ରାଜଗୁରୁ ଅଛନ୍ତି । ପ୍ରଣାମ କଲେ । ମୁଁ ରାଜ ଅଶୀର୍ବାଦ କଲି । ଆପଣ କୁଆଡ଼େ ଆସିଛନ୍ତି କହିବା ମାତ୍ରେ ମୁଁ ଜାତକଟି ଦେଲି । ସେ ଜାତକଟି ଧରିଲେ, ଲେଉଟା ଲେଉଟି କଲେ । କହିଲେ, ଆପଣ କୁଠାରେ ଅଛନ୍ତି ? ମୁଁ କହିଲି, ଆପଣଙ୍କ ମଠରେ । ସୁବିଧା ହେଉଛି ତ ? ନା ଅନ୍ୟ ଘର ଦେବି, ଆଉ ଭଲ

Digitized by srujanika@gmail.com

ସ୍ଥାନ ଅଛି । ମୁଁ କହିଲି, ଭଲ ସ୍ଥାନ--କିଛି ଅସୁବିଧା ନାହିଁ । ସେ କହିଲେ, କାଲି ଏହି ସମୟକୁ ଆପଣ ଆସିବେ । ଏହା କହି ସେ ଘରକୁ ଗଲେ, ମୁଁ ମଠକୁ ଆସିଲି ।

ବାବାଜୀ ପଚାରିଲେ ସାଆନ୍ତଙ୍କୁ ଦେଖିଲେ—ହଁ, ଦେଖିଲି । କହିଲେ କାଲିକୁ ଆସ ଏହି ସମୟକୁ । ବସା କେଉଁଠାରେ କରିଛ ? ମୁଁ ଆପଣଙ୍କ ମଠରେ ଅଛି । ସୁବିଧା ହେଉଛି-ମୁଁ କହିଲି ଆଜ୍ଞା' ।

ତା ଆରଦିନ ସେହି ସମୟେ ସା'ନ୍ତ ବାହାରିଲେ । ଜାତକ ଦେଖି ଧରିଛନ୍ତି, କହିଲେ ଗୋଟେ ଭଲ ଜାତକ । ଆପଣଙ୍କର ଗୁରୁ ଗ୍ରହ ଏକ ସ୍ଥାନରେ ଅଛନ୍ତି । ମାତ୍ର ବ୍ୟୟରେ ଅଛନ୍ତି ରବି, ବୁଧ ମଙ୍ଗଳ, ଶୁକ୍ର । ରାଜ ଯୋଗ କୋଷ୍ଠୀ, ବହୁତ ଧନ ଉପାର୍ଜ୍ଜନ ହେବଣି, ଆଉରି ହେବ, ମାତ୍ର ରହିବ ନାହିଁ, ଖର୍ଚ୍ଚ ହୋଇ ଯିବ, ସେ ସବୁ ଧର୍ମ କାର୍ଯ୍ୟରେ ଲାଗିବ । ଏ କୋଷ୍ଠୀରେ ପାପ ଗ୍ରହ ନାହାନ୍ତି । ସେ ଅଛନ୍ତି ଦୁର୍ବଳ ଅବସ୍ଥାରେ ଅଛନ୍ତି, ଆପଣ ସୁଖୀ ହେବେ । କୋଷ୍ଠୀର ବଳ ଆଉ ତାର ସୀମା ନାହିଁ । ଶନି ଅଛନ୍ତି କୁମ୍ଭରେ ମାତ୍ର ଶନି ଅଷ୍ଟମରେ ଥିବାରୁ ସାମାନ୍ୟ ପୀଡ଼ା ଦେବେ । ଧନ କେତେ ବ୍ୟୟ କରି ଦେବେ । ବୁଧ ଆସିଲାକ୍ଷଣି ଅତି ଆନନ୍ଦ କରିବେ । ସନ୍ତାନ ଷଷ୍ଠରେ ଦେଖିଲେ ନିଃସନ୍ତାନ କୋଷ୍ଠୀ । ଆପଣ କିଛି ଧର୍ମ କାର୍ଯ୍ୟ ଅନୁଷ୍ଠାନ କଲେ ସନ୍ତାନ ରହିବେ । ଝିଅ ସମସ୍ତଙ୍କୁ ସନ୍ତାନରେ ଗଣନ୍ତି ନାହିଁ । ସେ ରହିବେ । ଆଉ ବ ୪ । ୯ ମାସ ଭିତରେ ବୃହସ୍ପତି ଅଛନ୍ତି । ଗୋଟିଏ ଧର୍ମ କାର୍ଯ୍ୟ କରନ୍ତୁ । ଏହା କହି ସେ ଚାଲି ଗଲେ ।

ମୁଁ ସେଠାରୁ କଦଳୀ ପଲ୍ଲୀ ଆସି ରଥଙ୍କୁ ସାଙ୍ଗରେ ନେଇ ତାଙ୍କ କାମ ଶେଷ କରି ଗାଁକୁ ଆସିଲି । ମୁଁ ଜୟପୁରରେ ଥିବା ସମୟେ ଲକ୍ଷ୍ମୀ ବରୁଣ ହୋଇଥିଲି । ମାସକୁ ୭୦ ଟଙ୍କା ଦକ୍ଷ ଖର୍ଚ୍ଚ । ୧୦ ଟଙ୍କାରେ ଗୋଟିଏ ଲେଖାଏଁ ମନ୍ତ୍ରରେ ଦେବାକୁ । ଦକ୍ଷ ଖର୍ଚ୍ଚ ହେଲା, ଦକ୍ଷିଣା ମିଳିଲା ନାହିଁ । ସେହି ଟଙ୍କା ପାଇଁ ମୁଁ ଆଉଥରେ ଗଲି ସେ ମିଳିଲା ନାହିଁ ।

Digitized by srujanika@gmail.com

ଜୟପୁରରେ ଭଲ ଭଲ କର୍ମଣିଆ ଥାନ୍ତି—ଆଠଗଡ଼ ମଧୁସୂଦନ ପୁରବ । ତାଙ୍କଠାରୁ ମୁଁ କେଉଁ କର୍ମ କପରି ହେବ, କପରି ମୁଦ୍ରା, କପରି ପୂଜା ସବୁ ଶିଖି ଥିଲି । ମୁଁ ମନରେ ବିଚାର କଲି ପାପ ମୋଚନ କରିବାକୁ ଭଗବାନଙ୍କ ବ୍ୟତିରେକେ ଅନ୍ୟ କେହି ନାହିଁ । ଅନନ୍ତ ସ୍ୱାମୀଙ୍କଠାରେ ତୁଳସୀ ଦେବି—ଲକ୍ଷେ ପରିମିତ, ଅଷ୍ଟାକ୍ଷର ନାରାୟଣ ମନ୍ତ୍ରରେ । ଝାଡ଼ୁ ତିଆଡ଼ି କ କହିଲି ଆପଣ ତୋଳି ଦେବେ କି ? ଦିନକୁ ଦୁ[illegible], ଦିନକୁ ଗୁରୁଅଣା ହିସାବରେ ମାସକୁ ୫ ଟଙ୍କା ଲୁଗା ଯଥାକିଏ ପାଇବେ । ସେ ଅତି ଆନନ୍ଦ ସହ ନଷ୍ଟେ ମୁଁ ତୁଳସୀ ତୋଳି ଆଣି ଦେବି କହିଲେ । ସେ ସମୟକୁ ଦୁଇ ପଲ୍ଲୀରେ କୃଷ୍ଣ ତୁଳସୀ ଥାଏ । ଗଛଟିମାନ ଗୋଟିଏ ଉଅଁସ ପ୍ରମାଣ, ପ୍ରାୟ ମାଣେ ଜାଗା ହେବ । ତିଆଡ଼ି କହିଲେ ଆସ ଯିବା ଆଗ ତୁଳସୀ ଦେଖ । ଲୋକେ କହୁଛନ୍ତି, ପୁଣି ବହୁତ ଅଛି ।

କାର୍ତ୍ତିକ ମାସ ଆଠ ଦିନ ଥାଏ ଉପରଓଳି ତିଆଡ଼ି ଓ ମୁଁ ଗଲୁ । ଦେଖିଲୁ ଅନେକ ଅଛି । କେତେକ ତୁଳସୀ ଜଡ଼ା ହୋଇ ଯାଉଅଛି । ତମେ କାଲି ଆସି ଥିବା ଜଡ଼ା ସାଙ୍ଗ ଛଣ୍ଡାଇଦିଅ । ଆଠ ଦିନକୁ ଦେଖିବ ନୂତନ ତୁଳସୀ କଅଁଳି ଯିବ । ଆଗ ଗ୍ରାମରୁ କାମ ଚଳାଇବ । ତାପରେ ପ୍ରତିଦିନ ଏଠାରୁ ନେବ ।

ବିଦ୍ୟାଧର ତ୍ରିପାଠୀ ଆମ ଗାଁରେ ବଡ଼ ଜ୍ୟୋତିଷ । ତାଙ୍କୁ କହିଲି ମୁଁ ବିଚାର କରିଛି ସ୍ୱାମୀଙ୍କଠାରେ ଲକ୍ଷେ ପରିମିତ ତୁଳସୀ ଦୈନିକ [illegible] ଅଷ୍ଟାକ୍ଷର ନାରାୟଣ ମନ୍ତ୍ରରେ ଦେବାକୁ । ସେ କହିଲେ—ମନ୍ତ୍ରରେ ଦେଲେ ପୁଣି ସେତିକି ଜପ ହେବ । କରି ପାରିବ ? ମୁଁ କହିଲି କରି ପାରିବି । ଆପଣ ପ୍ରତିପଦା ଦିନ ସଂକଳ୍ପ ବାକ୍ୟ କରାଇ ଦେବେ । ପୁଣି ମନରେ ଭାବିଲି ପାଞ୍ଚ ବାଟି ବିଲ ଗୃହ । ଲକ୍ଷ୍ମୀଧାନ ବାଟିଏ ଜମି ଅଛି । ସେ କଷ୍ଟ ହେବ, ତହିଁରେ ମନ ରହିଲେ କାର୍ଯ୍ୟ ନଷ୍ଟ ହୋଇଯିବ । ଗ୍ରାମବାସୀ ରଇତମାନଙ୍କୁ ବୁଝାଇ କହିଲି, ମୁଁ ଗୋଟିଏ କାର୍ଯ୍ୟ ଅନୁଷ୍ଠାନ କରିବି । ତୁମେମାନେ କିଛି ସାହାଯ୍ୟ କରିବ । କାହିଁକି ମାସଯାକ କଟିବ । ମୁଁ କାହା ସହିତ କଥା ହେବି ନାହିଁ । ମୋତେ କିଛି ପଚାରିବ ନାହିଁ । ଯାହା କହିବ

Digitized by srujanika@gmail.com

ଅରକ୍ଷିତ ପ୍ରଧାନ ସେବକ ଅନୁସାରେ ଚଳାଇବ । ଅରକ୍ଷିତକୁ କହିଲି, ତୁ ମତେ ପଚାରିବୁ ନାହିଁ । ଟଙ୍କା ପଇସା ଦରକାର ହେଲେ ଘରୁ ନେବୁ । ସେ ହିସାବ ସବୁ ଦିନ ବୁଝିବାକୁ ହେବ ।

ହରିବୋଲ ବେବର୍ତ୍ତା ମଠର ଗୁମାସ୍ତା ଥାଆନ୍ତି । ସେ କହିଲେ, ଆପଣ ମହାରାଜାଙ୍କଠାରୁ ଅନୁମତି ଆଣନ୍ତୁ । କୌଣସି ଜିନିଷ ଗୋଳ ହେଲେ ଦାୟୀ ହେବୁ । ମୁଁ କହିଲି, ମୁଁ ଆଜକୁ ଦଶ ଦିନ ହେଲା କହୁଛି, ମୁଁ ତୁଳସୀ ଦେବାକୁ ଆପଣ ମତେ କହିଥିଲେ ମୁଁ ଅନୁମତି ଆଣି ଥାନ୍ତି । ଆଉ ବେଳ ନାହିଁ । ହରି ପ୍ରଭୁ ତ ବିଶ୍ୱ ବ୍ୟାପୀ । ତାଙ୍କ ସାମନା ଚମ୍ପାଗଛ ମୂଳେ ତୁଳସୀ ଦେବ । ସେ ତ ଭାବଗ୍ରାହୀ—ମୋର ଭାବ ଥିଲେ ସେ ନିଶ୍ଚେ ଗ୍ରହଣ କରିବେ । ଏକଥା ତାଙ୍କ ବାପା ଦାମୋଦର ବେବର୍ତ୍ତା ଶୁଣି କହିଲେ, "ତୁ ମନା କରିଚୁ—ଆରେ ନାଶ ହୋଇଯିବୁ ବ୍ରାହ୍ମଣ ଶାପରେ—ତାଙ୍କ ପାଦ ଧରି କହ ମୋର ଅପରାଧ କ୍ଷମା କର ।"

ତା ଆର ଦିନ ସେ କହିଲେ—ମୁଁ ଆପଣଙ୍କୁ ହାସ୍ୟରେ କହୁଥିଲି, ଆପଣ ତୁଳସୀ ଦିଅନ୍ତୁ । ଆପଣ ଅନୁଗ୍ରହ ନ କଲେ ହୋଇ ପାରିବ ନାହିଁ । କାରଣ—କାର୍ତ୍ତିକ ମାସ ଖଟଣି ନିଧି ପଟ୍ଟନାୟକଙ୍କ ଘରୁ ଆସିବ, ଶମ୍ଭୁଧର ବାବୁଙ୍କ ଘରୁ ଆସିବ, ଆପଣଙ୍କ ଘରୁ ଆସିବ, ମଠ ଖଟଣି ସହିତ ଦଶ ବାର ଅଡ଼ା ବୃଡ଼ିଳ ହେବ । ଗୁଡ଼ ତରକାରୀ ହେବ । କାମ ସରିଲା ବେଳକୁ ୨ ଘଣ୍ଟା । ମହାପ୍ରଭୁଙ୍କର ପହଡ଼ ବେଳ ଘଣ୍ଟାକୁ । ମୁଁ କେତେବେଳେ ଅଷ୍ଟାକ୍ଷର ମନ୍ତ୍ରରେ ଦେବି । ସକାଳ-ବେଳା ମହାପ୍ରଭୁଙ୍କର ଅବକାଶ ସରିଲା ବେଳକୁ ୭ ଘଣ୍ଟା, ତୁଳସୀ ଆଣି ଗଣ୍ଠି କରି ଚନ୍ଦନ କର୍ପୂରରେ ବେଶ କରି ବସିଲା ବେଳକୁ ୯ଘଣ୍ଟା; ଧୂପର ନିୟମ ୧ ଘଣ୍ଟେ ଆଉ ତେଣିକି ହେବ ନାହିଁ । ହେଲେ ଅବଧିର କଥା । ପୂଜାରୀ ଥାଆନ୍ତି ବଟୁ ଦାଶ ଓ ବୃନ୍ଦାବନ ଦାଶ । ତାଙ୍କୁ ଡାକି ଆଣି ପଚାରିଲୁ କପରି ହେବ ? ସେ କହିଲେ, ଆପଣଙ୍କ ଇଚ୍ଛା; ମୁଁ କହିଲି "ଆପଣ ଘଣ୍ଟାକରେ ଧୂପ କରିବେ । ଘଣ୍ଟେ ଟିଏ ପହଡ଼ ହେବ । ୧୧ଟାରେ ପହଡ଼ ଫିଟିବ । ତାହା ହେଲେ ମତେ ୨ଘଣ୍ଟା ସମୟ ମିଳିବ । ଆପଣ ଦୁଇ ପୂଜକଙ୍କୁ ୨ଟଣ୍ଡ ମଠା ଦେବେ ପୁରସ୍କାର ।

Digitized by srujanika@gmail.com

ଏହିଠାରେ ଘଣ୍ଟା ଲଟକାଇ ଥିବ । ଘଣ୍ଟା ଅନୁସାରେ କାର୍ଯ୍ୟ ହେବ । ତହିଁରୁ ବ୍ୟତିକ୍ରମ ହେଲେ କାର୍ଯ୍ୟ ହେବ ନାହିଁ । ଆପଣ ଦୁଇଜଣଙ୍କ ଅନୁଗ୍ରହ ହେଲେ କାର୍ଯ୍ୟ କରିବ । ଠାକୁରଙ୍କ ସ୍ଥାନ; ଆପଣ ଠିକ୍ କରି କହନ୍ତୁ ।" ସେମାନେ କହିଲେ, "ନିଶ୍ଚେ ଆମେ କରିବୁ । ଆପଣ କାର୍ଯ୍ୟରେ ବସନ୍ତୁ ।" ଘରେ କହିଲି ଅନନ୍ତ ଦେଠେଇଙ୍କୁ—"ମୁଁ ସ୍ୱାମୀଙ୍କଠାରେ ଲକ୍ଷେ ତୁଳସୀ ଦେବାକୁ ହେବ । ତମେ ମୋତେ କୌଣସି କଥା ପଚାରିବ ନାହିଁ । ହବିଷକୁ ଯାହା ଦରକାର ହେବ ଅରକ୍ଷିତକୁ କହିଲେ ସେ ଯୋଗାଇ ଦେବ । ତୁମ ହବିଷରେ ମୁଁ ଖାଇବି । ଘଡ଼ିଏ ବେଳ ଥାଉ ରନ୍ଧା ଶେଷ ହେବ । ମୁଁ ଆସିଲା କ୍ଷଣି ପୂଜା ବାଡ଼ି ଦେବ । ପୂଜା ସାରି ହବିଷ ବାଢ଼ି ଦେବ । ମୁଁ ଖାଇ ସାରି ମଠକୁ ଯିବି । ସେଠାରେ ମୋର ବାଙ୍କ ଥିବା କମ୍ବଳ କରି ସେହିଠାରେ ଶୋଇବି । ତମେ ମୋ ସଙ୍ଗେ କଥା ହେବା ଦରକାର ନାହିଁ । ତୁମ ଯାଆକୁ କହିବ ସେ ମତେ ଦେଖା ଦେବ ନାହିଁ ।

ତା ପରେ କାର୍ତ୍ତିକ ମାସ ହେଲା । ବିଦ୍ୟାଧର ତ୍ରିପାଠୀ ସଙ୍କଳ୍ପ କଲେ, କାର୍ଯ୍ୟରେ ଲାଗିଲି । ଝାଡ଼ା ତଆଡ଼ ଆଣିଥିବା ତୁଳସୀକୁ ବଛା ଗଣତି କରି ୩୩୩୩ ରଖି ବଳକା ତୁଳସୀ ମାଳ କରିବାକୁ ଦିଏ । ପୂଜାରୀ ଚନ୍ଦନ ଘୋରି ରଖିଥାନ୍ତି । ତହିଁରେ କର୍ପୂର ମିଶାଇ ତୁଳସୀରେ ବେଷ୍ଟିତ କରି ସମସ୍ତଙ୍କୁ ଗୁନ୍ଥିଥାଏ । ପୂଜାରୀ ଡାକେ ହେଲା କି, ଧୂପକୁ ୩୨ ମିନଟ୍ ରହିଲା । ସେ କହନ୍ତି ଆଉ କେତେ ସମୟ ହେବ । ଅଧ ଘଣ୍ଟା ଭିତରେ ହୋଇଯିବ । ଦଶ ଘଣ୍ଟାରେ ଧୂପ ହୋଇଯାଏ, ଶୀଘ୍ର ପହଡ଼ କରନ୍ତି । ବାର ଘଣ୍ଟାକୁ ସ୍ୱାମୀଙ୍କର ପହୁଡ଼ ଫିଟେ । ମୁଁ ଦେଉଳରେ ପଶି ମୋ କାମରେ ଲାଗେ । ପ୍ରଥମ ଦିନ ପାଞ୍ଚଘଣ୍ଟାକୁ ଶେଷ କରି ଘରକୁ ଗଲି । ଗଲା ମାନେ ପାଣି ଥୁଆ ହୋଇଥାଏ । ଗୋଡ଼ ଧୋଇ ପୋଛୁ ପୋଛୁ ଶେଷକୁ ପୂଜା ବଢ଼ାହେଲା । ପୂଜା ଶେଷକୁ ବୈଶ୍ୱଦେବ ବଢ଼ାହେଲା । ବୈଶ୍ୱଦେବ ଶେଷରେ ଭୋଜନ କରି ମଠକୁ ଆସେ । ପ୍ରଭୁଙ୍କର ଆଳତି ଶେଷ ହେଲା କ୍ଷଣି ୩୩୩୩ ଜପ କରିବାକୁ ହୁଏ । ତା ପରେ ମଠ ବାରଣ୍ଡାରେ ନଡ଼ାରେ ଭରିଗ ଗାଉଚ ବୁଡ଼ା ମସୁଣି ଟେର କରି ଥାଏ । ତହିଁରେ ଶୋଇବାକୁ ହୁଏ ।

Digitized by srujanika@gmail.com

ଏହି ପରି କର୍ବିଘ୍ନରେ କାର୍ଯ୍ୟ ଶେଷ ହେଲା । ପୂର୍ଣ୍ଣିମା ଦିନ ଅନେକ ଭୋଗରାଗ କରି ବ୍ରାହ୍ମଣ ଭୋଜନ ହେଲା । ତା'ପରେ ଗ୍ରାଡଖାଇ ହେଲା । ମାଛ ସେର ଅଣେ । ଗୃହସେର ମାଛ ଆସିଲା, ବନ୍ଧୁବାନ୍ଧବ ଧରି ଭୋଜ ହେଲା । ଓଡ଼ିଆରେ ଅରକ୍ଷିତ ପଧାନ କହିଲା, ଗଡ଼ ପୋଖରୀ ଜମି ଭାଗବତ ଦାସ କାଟି ନେଇଗଲା । ବଛଲା ଦାସ ପଧାନ ଆସିଥିଲା । ଆପଣ ତ କହିଥିଲେ କିଛି କହିବ ନାହିଁ ବୋଲି । ସମନାଥ ନନ୍ଦ କଦମଗଛ ଗୋଟେ ଡାଳ ବାଡ଼ରେ ଆଣି ଲଗାଇ ଦେବା, ପୁଲିସି ଆଣି ଧରାଇ ଦେଲା । ତା' ଶୁଣି ଆମେ ସାବଧାନରେ ଚଳିଲୁ, କହିଲୁ ନାହିଁ । ହେତା ବଲରୁ ବୃନ୍ଦାବନ ମହାନ୍ତି ଧାନ ୨୦ ଗୌଣୀର ଜମିକୁ ଖୁଣ୍ଟି କରି ନେଇଗଲା । ଟେୟରେଇ କରି ବ୍ୟବସ୍ଥା ଲଗିଥାଏ । ......ରଣପୁର ନାଆ ଆସିଲା କହିଲା, ମୋ ଘର ଖଣ୍ଡି ପୋଡ଼ିଗଲା, କପରି ତିଆରି ହେବ ? କୋଡ଼ିଏ ଟଙ୍କା ହେଲେ ହେବ । ହଉ ତୁ ଥା ମାଘ ମାସରେ ଟଙ୍କା ନେଇଯିବୁ । ସେ ରହିଲା, ଦିନେ ସେ କହିଲା, ଗୃହମାସ ହେଲା ଲୁଗା ପଡ଼ିନାହିଁ । ମାଇକିନିଆ ପିଲାଟି ହେଲା ଯେ ମରିଗଲା । ସମସ୍ତେ କହିଲେ ଅନାସୀ ହେଲା । ପିଲା ଗର୍ଭରେ, ଆଉ କିଛି ପ୍ରୟୋଗ କରେ । ଅଚ୍ୟୁତରାଜପୁର ଶାସନରେ ଜଣେ ଫକୀର ଦାସ ବୋଲି, ସେ ବାଳକ ଚିକିତ୍ସା ଭଲ ରୂପେ ଜାଣନ୍ତି । ତାଙ୍କୁ କହିବାରୁ ସେ କହିଲେ ମେଣ୍ଢୀ ଘିଅ ପାଏ ଆଣି ଦିଅନ୍ତୁ, ମୁଁ ଔଷଧ ଦେବି ।

ଶଗୁରେ ଆସିଲେ-ନାଆ କହିଲା । ତମଆଜ୍ଞେ ମିଳିଲେ ମେଣ୍ଢୀ ଘିଅ ପାଏ ଆଣି ଦିଅନ୍ତୁ, ତୁମ ଝିଅ ଔଷଧ ଖାଇବ । ସେ ଗାଁକୁ ଗଲେ, ମାସକ ମଧ୍ୟରେ ଆଣି ଦେଲେ । ଫକୀର ଦାସେ ଔଷଧ ଦେଲେ, ତାକୁ ସେବନ କଲେ ।

ବେଭାର ଲଗିଥାଏ । ହଜାରିକା ନୋଟ ଖଣ୍ଡେ ଭାଙ୍ଗିବାକୁ କେହି ଟଙ୍କା ଦେଲେନାହିଁ । ସେକାଳେ ନୋଟକୁ ବିଶ୍ୱାସ କରନ୍ତି ନାହିଁ । ମଫସଲରେ ଶହେକିଆ ନୋଟ ଯେ କି ଆସେ, ତାକୁ ଥାନାରେ ସବ୍‌ଇନ୍‌ସପେକ୍ଟର ଜଣେ ଥାଆନ୍ତି, ତାଙ୍କ ନାମ ଚନ୍ଦ୍ରକାନ୍ତ ବାବୁ ।

Digitized by srujanika@gmail.com

ସେ ବଙ୍ଗାଳୀ । ତାଙ୍କର ମୋର ଭଲ ମନ ମିଳେ । ସେ କହିଲେ, ମୋତେ କିଛି ଆଣି ଦିଅନ୍ତୁ । ନୋଟ ଭଙ୍ଗାଇବାକୁ ବଟ୍ଟା ପଡ଼େ । ଶହେ ଟଙ୍କାକୁ ଏକ ଟଙ୍କା । ବାବୁ କହିଲେ ବଟ୍ଟା ମୁଁ ନେବିନାହିଁ । ମାଷ ରାତ ୧୦ ଘଣ୍ଟାରେ ଆପଣ ନୋଟ ଧରି ଆସିବେ । ମୁଁ ରହିବା ଘର ଟଙ୍ଗରରେ ହାତ ମାଇଲେ ମୁଁ ଟଙ୍କା ଦେବି, ଆପଣ ନୋଟ ଦେବେ । ଟଙ୍କାରେ ବଟ୍ଟା ଥିଲେ ମୁଁ ଦେବି । ସେହିପରି ଗ୍ରେଟିଆ ନୋଟ ଚଳୁଥାଏ । ମୁଁ ସଙ୍ଗାତକୁ କହିଲି, ମୁଁ ଯାଉଛି ପୁରୀ ଟ୍ରେଜେରୀରେ ଭଙ୍ଗାଇବି । ଟିକଟ ତ ବାଲୁଙ୍ଗା ଥାଏ ବାରଣା । ଷୋହଳ ଅଣା ୨ ଟଙ୍କାରେ ଭଙ୍ଗାସିବ । ଏଠାରେ ଲୋକନାଥ ପାଖ କହୁଛନ୍ତି ୫ ଟଙ୍କା ହଜ ଯାଅ । ଓଡ଼ିଆ ମଠ ଧାନ ଏ ସାଲ ହକି ହୋଇନାହିଁ, ଖଜୁରିଆରେ ଅଛି ବୁଝିବ । ଆଜ ଅନ୍ୟଠାରେ ଅଛି ବୁଝିବ । ମୁଁ ଗଲି ପୁରୀରେ ୪ ଘଣ୍ଟାରେ ପ୍ରବେଶ ହୋଇ ମହାରାଜାଙ୍କ ଜମା ନୋଟ ରଖି ଦେଇ ଦରଶନକୁ ଗଲି । ଦର୍ଶନ ଉତ୍ତମରୂପେ ମିଳିଲା । ସେ ସମସ୍ତଙ୍କୁ ମହନ୍ତ ଦାମୋଦର ରମାନୁଜ ଦାସ, ମୋତେ ସେ ଭଲ ପାଆନ୍ତି । ୧୦ ଘଣ୍ଟାରେ ଫଙ୍ଗତ ହେଲା । ଧାନ୍ତ୍ର ପାଖ ତଳପ ଦ୍ୱାରରେ ପଡ଼ ଖଣ୍ଡିଏ ପକାଇ ଶୋଇଲି ମହନ୍ତ ଆସି କହିଲେ, କପିଳ ମିଶ୍ର ଘରକୁ ଆସ, ମଣ୍ଡା ଖାଇ ପିବେ । ମାଇପି କା ବାପ୍ତେ ମଠରେ ୩॥ ଗୋଟା ମୁଦି, କେ ଲୋକ ଲେଇଗିଆ, ଘରକୁ ଆଓ । ନାହିଁ ଅଣ୍ଡା କେହି ନେଇପାରିବେ ନାହିଁ । ଘରକୁ ଗୀଷ୍ଣ ହେଉଛି । ମୋର ପୂର୍ବ ପାଖେ ହାତେ ଗୁଡ଼ ବନ୍ଦିଆ ମାଝୀ ଶୋଇଥାଏ । ରାତ ୪ ଘଣ୍ଟାରେ କର ଲେଉଟାଇଲି । ଅଣ୍ଟାରେ ମୋର ୧୩ ଟଙ୍କା ଥାଏ । ସବୁ ତଳକୁ ଖସିଗଲା । ମୁଁ ଭାବିଲି ଖଟରେ ତ ପଡ଼ିଛି କୁଆଡ଼େ ଯିବ । ମୋ ଶେଯରେ ପାଞ୍ଚଟଙ୍କା ଗଡ଼ି ପାଇଥାଏ । ବନ୍ଦିଆ ମାଝୀ ସେ ଟଙ୍କା ତକ ନେଇ ଗାଁକୁ ବାହାରି ଆସିଲା । ମୁଁ ଭୋରରୁ ଉଠି ଦେଖେ ୮ ଟଙ୍କା ଶେଯରେ ଅଛି । ଆଉ ଟଙ୍କା ନାହିଁ । ମୁଁ ମନ ଦୁଃଖ କରି ବସି ଭାବିଲି ମହନ୍ତ ପରିହାସରେ ନେଇଛନ୍ତି । ସେହି ସମୟରେ ମହନ୍ତ ହାର ଫିଟାଇ ଦୁଆ କରିବାକୁ ଗଲେ । ମୁଁ ତ ହରସ ମନରେ ଥାଏ, ମହନ୍ତ କହିଲେ କି ହୋ କେଇ କ'ଣ ଲେଉଟିଆ । ମୁଁ କହିଲି, ମହାରାଜ ପାଞ୍ଚଟଙ୍କା ଆପଣ ନେଇଛନ୍ତି ପରିହାସରେ ।

Digitized by srujanika@gmail.com

ମହାଜନ କହିଲେ ମୁଁ ନେଇନାହିଁ । ବନ୍ଧୁଆ ମାଝୀ ଏହିଠାରେ ଶୋଇଥିଲା, ସେ ନେଇ ଚାଲିଗଲା । ହଜ ଗାଁକୁ ଗଲେ ବୁଝିବା । ମଠ ଗୃହର କେଳା, ବାଳଆ ଆ'ନ୍ତି । କେଳା ପାଣି ତାଳ ଦାନ୍ତକାଠି ଆଣି ଦେଲା । ମୁଁ ଦାନ୍ତ ଘଷୁଚି ଦାଶରଥି ବାବୁଙ୍କ କୋଠାରେ ରଘୁନାଥ ପଟ୍ଟନାୟକ ଥା'ନ୍ତି । ଆମର ଗୁମାସ୍ତା ଚନ୍ଦ୍ରଚରଣ ଦାସେ ଥା'ନ୍ତି । ପଟ୍ଟନାୟକେ କହୁଚନ୍ତି ଧାନ ବିକ୍ରୀ ହେଲା କି ? ସେ କହିଲେ ଗ୍ରାହକ କେହି ନାହାନ୍ତି, ଦର ଟଙ୍କାରେ ୨୮ ସେର ହୋଇଚି । ଗ୍ରାହକ ମହାଜନଙ୍କୁ କହିଲେ ୩୦ ସେର କହୁଚନ୍ତି । ପଟ୍ଟନାୟକେ କହିଲେ, କଏ କହୁଥିଲା କପିଳ ମିଶ୍ରେ ଆସିଛନ୍ତି । ସିଦ୍ଧ ମଠରେ ଅଛନ୍ତି, ତାଙ୍କୁ ଡାକ ଆଣ, ସେ ଧାନ ନେଇପାରନ୍ତି । ଗୁମାସ୍ତା ପଚାରିଲେ ତାଙ୍କ ଘର କୁଠି ? ବାବୁ କହିଲେ, ତାଙ୍କ ଘର ବାଣପୁର ଭିମପୁର-ବଡ ମହାଜନ । ପଟ୍ଟନାୟକଙ୍କ ବାରିକ ପଞ୍ଚୁଆ କହିଲା, ମୁଁ କାଲି ଦେଖିଛି । ତୁ ଯା ଡାକ ଆଣେ, ମୁଁ ଦାନ୍ତ ଘଷୁଚି ।

ପଞ୍ଚୁଆ ଲମ୍ବା ଚୌଡ଼ା ପ୍ରଣାମ କରି କହିଲା, ଆଜ୍ଞା ବାବୁ ଆପଣଙ୍କୁ ଡାକୁଛନ୍ତି ଅସନ୍ତୁ । ମୁଁ ଗଲି, ବାବୁ ଦେଖିଲା କ୍ଷଣି କହିଲେ, ଆପଣ ବସନ୍ତୁ । ମୁଁ ତେଲ ଶଙ୍ଖୁଡ଼ି ହୋଇଚି, ଗାଧୋଇ ପଡ଼େ । ବାଡ଼ଅଡ଼ କୂଅରେ ସେ ଗାଧୋଇଆସି ମଠା ପିନ୍ଧିଲେ, ପ୍ରଣାମ କଲେ । ପଚାରିଲେ—ଆପଣ କୁ ଦିନ ଆସିଛନ୍ତି । ମୁଁ କହିଲି କାଲି ଗୃହଟା-ବେଳେ । ବାବୁ କହିଲେ, ମୁଁ ଗୃହଦିନ ହେଲା ଆସିଲିଣି । ମୁଁ ଆପଣଙ୍କୁ ଏହି ସକାଶେ ଡକାଇଲି । ଆମର ଖମାରରେ ଧାନ ୧୨୦୦ ବସ୍ତା ଅଛି । ଆପଣ ନେଇ ପାରିବେ ? କାହିଁକି ନେବିନାହିଁ ? ଦର ପଡ଼ିଲେ ତ ହେବ ? ଧାନ ଷ୍ଟେସନକୁ କପରି ଯିବ ? ଆମର ଗୁମାସ୍ତା କହିଲେ ସତ୍ୟବାଦୀକୁ ଯିବ । ବାଲି ରାସ୍ତା ଯୋଗୁ ଶଗଡ଼ରେ ଗୃହବସ୍ତା ଯିବ । ଗୃହ ବସ୍ତାକୁ ୧୨ ଅଣା ନେଉଛନ୍ତି । ମହାଜନ ଧାନ ନେବାରୁ ବସ୍ତାକୁ ଗୃହଅଣା ହିସାବରେ ନେବେ । ଯାହାର ଭଲ ବଳଦ; ସେ ପାଞ୍ଚ ବସ୍ତା ନେବ । ଧାନ ଟଙ୍କାରେ କେତେ ସେର ହୋଇଚି । ସେ କହିଲେ ଚଳିତ ୨୮ ସେର କାରବାର ହେଉଚି, ମହାଜନ କେହି ଜୁଟୁ ନାହାନ୍ତି ।

Digitized by srujanika@gmail.com

ଆମର ସେଠାରେ ୩ ସେରିଆ ଗୌଣୀ । ମାପୁଣୀ ମହାଜନ ନେତ ଫରୁ ମାପିବ । ମୁଁ ବସି କଣ କଷ କଲି । ଦେଡ଼ ଭଡ଼ା ବ୍ରହ୍ମପୁରକୁ ମଣ କେତେ, ଫିସ ତ ମନେ ଜଣାଥାଏ । ବ୍ରହ୍ମପୁରରେ ଆଜିକାଲି ବଜାର ଦର ସହିତ ବସ୍ତାକୁ ଏକ ଟଙ୍କାରୁ ଊଣା ହେବନାହିଁ । ମୂର୍ଣ ଟଙ୍କାମୁକେ ପଚାରିଲେ କ'ଣ ଦର ପଡ଼ିବ ? ମୁଁ କହିଲି ନେବ, ଆପଣ ସେରଟିଏ ଦିଅନ୍ତୁ ଅଣଚାରିଶି ସେରରେ— ବାବୁ କହିଲେ ଚାଳିଶ ୨୮ ସେର ହୋଇଛି । ମହାଜନ ନେଲେ ଆମେ ୨୬ ସେରରେ ନେବୁ । ମୁଁ କହିଲି ଆପଣଙ୍କର ନାହିଁ କି ଆମର ନାହିଁ ୨୮ ସେରରେ ନେଲେ ଯିବୁ । ବହୁତ ଖର୍ଚ୍ଚ ଲାଗି ଯିବ । ଏବେ ବନ୍ଧା କରିବ ? ମୁଁ କହିଲି ହଁ ମୋଠାରେ ଚାଳିଶ ଟଙ୍କା ନାହିଁ । ହଜୁରେ ଟଙ୍କିଆ ନୋଟ ଖଣ୍ଡିଏ ଅଛି, ରଖନ୍ତୁ । ରଘୁନାଥ ବାବୁ କହିଲେ ଏ ଧାନର ଟଙ୍କା ବାଣପୁରଠାରୁ ୮୦୦ ବସ୍ତା ଦିଆଯିବ । ଏ ଟଙ୍କା ଭଣ୍ଡାରୀ ମିଶ୍ରଙ୍କୁ ଦିଆଯିବ । ଆପଣ ଗାଁ ଧାନ ଦର କରନ୍ତୁ । ମୁଁ କହିଲି ଏ ଧାନ ମାପ ସରୁ ଖ୍ରୀମପୁର ଧାନ ଦର ଜାଣିବା । ଆପଣ ସେଠାରେ ଥିବେ ଦର କରିବା । ବାବୁ କହିଲେ, ଆମେ ଧାନ ଚାଳିଶି ଟଙ୍କାରୁ ଏକ ମାସ ନେବୁ ନାହିଁ । ଆପଣ ଧାନ ମାପ କରି ଦିଅନ୍ତୁ, ଯେତେ ଟଙ୍କା ହେବ ସେ ଟଙ୍କା ନିଜେ ନେଇ ଭଣ୍ଡାରୀ ମିଶ୍ରଙ୍କୁ ଦେଇ ତାଙ୍କଠାରୁ ରସିଦ ଆଣି ଆମକୁ ଦେବେ । ବନ୍ଧା ନିମନ୍ତେ ପାଞ୍ଚଟଙ୍କା ଦିଅନ୍ତୁ । ମନେ ଭାରି ଖୁସି ଲାଗିଲା । ପାଞ୍ଚଟଙ୍କା ବନ୍ଧା ହେଲା । ସେ ପଚାରିଲେ କେଉଁ ଦିନ ମାପ ହେବ ? ମୁଁ କହିଲି ଅଖା ଆସିଲେ ତ ହେବ । ମୁଁ କାଲି ବ୍ରହ୍ମପୁର ଯିବ ଅଖା ୧୨ ଶହ ପଟ୍ଟନାୟକ ଷ୍ଟେସନକୁ ପଠାଇବ—ମୁଁ ଆସି ପାରିବ ନାହିଁ । ଆମର ମେସ୍ତ୍ରୀ ବାବୁ ପାଖ ଆସିବେ । ଆପଣ ମାପ ସରିଲେ କ୍ଷଣେ ଯେତେ ଟଙ୍କା ହେବ ତା' ଠାରୁ ରସିଦ ରଖିବେ । ଅଖା ଆସିଲା କ୍ଷଣି ଆପଣ ଗାଡ଼ି ପଠାଇ ପାସ ଭାଙ୍ଗି ଆପଣଙ୍କ ନିକଟରେ କହିଲା-କ୍ଷଣି ଆପଣ ଗାଡ଼ି ପଠାଇ ଅଖା ଆଣିଲେ ମାପ ହେବ । ମାପ ସରିଲେ ଧାନ ଷ୍ଟେସନକୁ ପଠାଇ ଦେବେ ।

ଏପରି ମୁଁ ପୁରୀ ଯିବା କାରଣ ତ ନୋଟ ଭଙ୍ଗାଇବାକୁ । ମହାରାଜାଙ୍କ ପାଖରୁ ନୋଟ ନେଲାବେଳେ ଜଣେ ଲୋକ କହିଲା,

Digitized by srujanika@gmail.com

ମାଡ୍ରୁଆଣ ଟଙ୍କର ଲାଲ ନୋଟ ଖୋଜୁଛି, ସେ କଲିକତାକୁ ପଠାଇବ । ଆପଣ ମୋ' ସଙ୍ଗେ ଆସନ୍ତୁ । ମୁଁ ଆନନ୍ଦରେ ବାହାରିଲି ।

ଦକ୍ଷିଣ ଦ୍ୱାର ପାଖେ ଚା'ର ଦୋକାନ-- ଲୋକଟି ପଚାରିଲା ଆପଣ ହଜାରେ ଟଙ୍କିଆ ନୋଟ ଦେବେ ? ମୁଁ କହିଲି ହଁ । ଆପଣ ଥାନାରେ ଲେଖି ଦେବେ ? ହଁ, ଲେଖି ଦେବି, ଏହି ସମୟରେ ଚନ୍ଦ୍ରେଶ୍ୱର ମହାପାତ୍ର ଦେଖିଲେ । ନମସ୍କାର କଲେ, ପଚାରିଲେ ଆପଣ କୁଆଡ଼େ ଆସିଥିଲେ ? ମୁଁ କହିଲି—ଭାଗୀରଥୀ ବାବୁଙ୍କର ଧାନ ଆମର ଖମାରରେ ଅଛି ୧୨୦୦ ବସ୍ତା । ସେ ଧାନ ଦେଖି ବଏନା କଲି ।

ଟଙ୍କର କଥା ମହାପାତ୍ରଙ୍କୁ ପଚାରିଲି—ଆପଣ ଏଙ୍କୁ ଚିହ୍ନନ୍ତି ? ସେ କହିଲେ ଏ ଜଣେ ବଡ଼ ବେପାରୀ । ଏଙ୍କର ଧାନ କଣାଖୋପାଟଣା ପର୍ଯ୍ୟନ୍ତ ଚଳେ । ସେ କହିଲେ ଥାନାକୁ ଯିବା ଦରକାର ନାହିଁ, ଟଙ୍କା ଗଣନ୍ତୁ ; ମାତ୍ର ବସ୍ତା ପିଛେ ଶହେକେ ଚାରିଅଣା ହିସାବ ୨ ଟଙ୍କା ଆଠଅଣା ଲାଗିବ । ମୁଁ କହିଲି ବସ୍ତା ଦେଖିନାହିଁ ନୋଟ ଆଣନ୍ତୁ । ମହାଜନ କହିଲା କିଛି ହେଲେ ଦିଅନ୍ତୁ । ମୁଁ କହିଲି ଆପଣଙ୍କୁ ଦଶଟଙ୍କା ଦେବୁ, ଆପଣ ଗୋଟିଏ ଲୁଗା ନିଅନ୍ତୁ । ଚନ୍ଦ୍ରେଶ୍ୱର କହିଲେ, କେହି କାହାକୁ ଦେବନାହିଁ ଟଙ୍କା ଗଣନ୍ତୁ । ଟଙ୍କା ଗଣା ହେଲା । ବସ୍ତା ୭ ଟଙ୍କା ବାହାରିଲା, ବଦଳା ହେଲା । ଯୁ ଲୋକ କହିଥିଲା, ସେ ଟଙ୍କା ଥଳି ଧରି ଆସିଲା । ଟଙ୍କା ମହାନ୍ତଙ୍କ ପାଖରେ ରହିଲା । ଟଙ୍କା ଆଣିବା ଲୋକକୁ ଚାରିଅଣା ଦେଲି ।

ସନ୍ଧ୍ୟାକୁ ଦର୍ଶନରୁ ଫେରିଲେଣି ମହାନ୍ତଙ୍କୁ ମୁଁ କହିଲି, ମୁଁ ଆଜି ଗାଁକୁ ଯାଉଛି । ମହାନ୍ତ କହିଲେ, ସାଙ୍ଗ କିଏ ଅଛି ? ମୁଁ କହିଲି ନାଁ । ତେବେ ଆଜି କିଛି ଖାଇବାକୁ ହେବନାହିଁ । ଠିକ୍ ବସି ରହିଥିବ । ହଉ !

ଏହି ସମୟରେ ପଙ୍ଗତ ହେଲା । ମୋତେ ନ ଡାକି ପଙ୍ଗତ କଲେ ମୁଁ ବସିଥାଏ । ପଙ୍ଗତରୁ ଆସି କହିଲେ, ମିଶ୍ରେ ତୁମ ଟଙ୍କା

Digitized by srujanika@gmail.com

ଗଣତି କରି ନିଅ । ମୁଁ କହିଲି ମହାରାଜ ମୁଁ ଗଣତି କରିବନାହିଁ । ଯେବେ ଭଣା ହେବ କର୍ମକୁ କହିବ । ଆପଣ ନେଲେ ବୋଲି କହିଲେ ଲୋକେ କହିବେ ପାଗଳ ମହାରାଜା ଟଙ୍କା ରଖିଥିଲେ । ବଡ ବାଜଆ ମଠ ଖମାରୀ ନଟା ଜେନା ବାଳକେର ଖମାରୀ ସ୍ବା'ଙ୍କୁ କହିଲେ, ତମେ ଟଙ୍କା ଧର, ମିଶ୍ରଙ୍କୁ ଖାଇବାକୁ ଦେବ ନାହିଁ । ଖାଇଲେ ଶୋଇ ପଡ଼ିବେ । ଟିକଟ କରି ରେଲରେ ବସାଇ ଦେଇ ଆସିବ, ସେ କହିଲେ ଆଜ୍ଞା !

ଟଙ୍କା ଧରି ବାହାରିଲୁ । ମୁଁ କହିଲି ନଟା ଜେନାକୁ—ମତେ ବଡ଼ ଭୋକ । ତମେ ଅଧୁଣ୍ଟିଏ ପାଖେ ବସ, ମୁଁ ଆନନ୍ଦ ବଜାରରେ ଖାଇ ଆସିବି କହି ଯାଇ ଉତ୍ତମରୂପେ ଖାଇଲି । ସେକାଳେ ରିକସା ନ ଥାଏ । କେବଳ ଯାନ ଶଗଡ଼ । ଚାଲି କରି ଷ୍ଟେସନକୁ ଗଲୁ । ଘଣ୍ଟେ ବସିବାରେ ଟିକଟ ହେଲା । ଗାଡ଼ିରେ ବସିଲି । ତାଙ୍କଠାରୁ ଟଙ୍କା ନେଇ ବସିଲି ଗାଡ଼ିର ବଖରା କୋଣକୁ । ତାଙ୍କୁ କହିଲି ଯାଅ ! ଗାଡ଼ି ଛାଡ଼ିଲା ।

ବାଲୁଗାଁରେ ପ୍ରବେଶ ୮ ଟାରେ । ଗାଁ'କୁ ଗଲବେଳକୁ ୧୦ ଟା । ସକାଳ, ବାପୁ ପାଠ ସହିତ କଥା ହେଲା । ସେ ବଡ ଆନନ୍ଦ ହେଲେ । ତା' ଆରଦିନ ବ୍ରହ୍ମପୁର ଗଲି । ରାଘବ ରାଓ ନାଇଡ଼ୁ ସହିତ ଦେଖାହେଲା । ସେ କହିଲା ଆଜ ବଜାର ଦର ବୁଝନ୍ତୁ । ମୁଁ ତ ଏଥି ପୂର୍ବରୁ ଦର ବୁଝିଥାଏ, ପାଞ୍ଚଟଙ୍କା ଦୁଇଅଣା । ନାଇଡ଼ୁ କହିଲା ପାଞ୍ଚଟଙ୍କା ଦୁଇଅଣା । ମୁଁ ସ୍ୱୀକାର କଲି, ଚିଠି ପତ୍ର ଲେଖା ହେଲା । ବାରଶହ ବସ୍ତା ସତ୍ୟବାଦୀକୁ ପଠାଅ । ନଗଦ ୧୨୦୦ ଟଙ୍କା ଦେଲି । ସେ କହିଲା କେତେବେଳେ ଯିବ ? ମୁଁ କହିଲି ୫ ଘଣ୍ଟାରେ ଗଲବେଳେ ପାସ୍ ଅଖାର ନେବ । ୧୫ ଦିନରେ ଯୁ ପର ମାଲ ଆସେ ସେହିପରି ଚେଷ୍ଟା କରିବ ।

ମୁଁ ଅଖା, ପାସ୍, ଟଙ୍କା ଧରି ଆସିଲି । ତା' ଆରଦିନ ବାପୁ ପାଠ, ପଣ୍ଡୁ ବାରିକ ମା ପୁଣୀ ୨୦୦ ଟଙ୍କା ଧରି ଗଲେ । ସତ୍ୟବାଦୀ ଷ୍ଟେସନରେ ଅଖା ପାସ୍ ଭଙ୍ଗାଇ ରଖି ଦେଇ ମାଷ୍ଟର ସହିତ କଥା

Digitized by srujanika@gmail.com

ଚହିଲ କାଲି ୬ ଖଣ୍ଡ ଗାଡ଼ି ପଠାଇବ । ସେଦିନ ସନ୍ଧ୍ୟାକୁ ଅମରରେ ପହଞ୍ଚିଲେ । ତା' ଆର ଦିନ ୬ ଖଣ୍ଡ ଗଲା । ଅଖା ସବୁ ନେଇ-ଗଲେ । ମାପ ଲଗିଲା । ଦଶ ଦିନରେ ମାପ ସରିଲା । ତାଙ୍କର ଯାହା ଧାନ ଦର ୨୮ ସେର ହିସାବରେ ରସିଦ ଲେଖି ଦେଇ ସତ୍ୟବାଦୀ ଟେମନଙ୍କୁ ଆସି ଦେଖିଲେ ଧାନ ଗୁଡ଼ୁସୁ ଘରେ ଅଛି । ଗଣତି କଲେ ୧୧୯୦ ବସ୍ତା ଠିକ୍ ଅଛି । ଓବା ମିଳୁନାହିଁ । ବସ୍ତା ଗୋଟିକୁ ଚାରି-ଅଣା ହିସାବରେ ଗାଡ଼ିବାଲା ନେଲେ । ନୂଆ କଳେବର ପ୍ରଭୁଙ୍କର ବେନାମି ଗାଡ଼ି ଚାଲିଚି, ଓବା ମିଳୁନାହିଁ । ମାଲ ଗୁଡ଼ୁସୁ ଘରେ ଅଛି ।

ସେହି ଦିନ ସନ୍ଧ୍ୟାକୁ ପିଲା ଜନ୍ମ ହେବ ବୋଲି ନାନୀ କହିଲା । —କେହି ଜାଣିବା ମାଈକିନାଆଟିଏ ଦେଖ । ସ୍ୱାଇଁ ଗେଡ଼େଇ ବୁଢ଼ୀ ଆସିଲା । ଭିଡ଼ଜ ଥା'ନ୍ତି । ଗୋପୀ ବୋଉ ସେ ଆସିଲେ । ବଡ଼ କଷ୍ଟ ହେଲା । ସେ କହିଲେ—ଡ଼ାକ୍ତରିଆଣୀ ଆଣେ । ଘଣ୍ଟା ଥୁଆ ହୋଇ-ଥାଏ । ରାତ ଘଗା।ଗ୯ ମିନଟ ହୋଇଚି ଗାଡ଼ି ସଜ ହେଲା । ଏହି ସମୟରେ ବୁଢ଼ୀ ଡାକିଲା—ପିଲାଟା ଜନ୍ମ ହେଲା । ଦେଖ କି ପିଲା—ଭିଡ଼ଜ କହିଲେ ପୁଅଟିଏ ହେଲା । ମୁଁ ଜାଣେ ପ୍ରଭୁଙ୍କ ଦୟାରୁ ନିଶ୍ଚୟ ପୁଅଟିଏ ହେବ । ଦୁଇମାସ ପୂର୍ବରୁ ମୁଁ ଗନ୍ଧଗୁଖିରିଆ କାଠ ଆଣି ପମ୍ପାଦି ଥାଏ ଅନ୍ତୁଡ଼ିକୁ । ସେ କାଠରେ ପିଲା ସେକା ହେଲେ ଟେଙ୍କ ଫାଟେ ନାହିଁ, ବଡ଼ ଘା ହୁଏ ନାହିଁ । ସେ କାଠରେ ସେକା ହେଲା । ଆନନ୍ଦର ସୀମା ରହିଲା ନାହିଁ । ପଥିକୁ ପୁରୁଣା ଭିଡ଼ଜ, ସଜନା ଛୁଇଁ ଖୋଜାହୋଇ ଆସିଲା । ଗ୍ରାମରେ ସମସ୍ତଙ୍କର ଆନନ୍ଦ······ଗୋର ବରଡ଼ରେ ପୁଅଟିଏ ହେଲା ।

ସେ ଦିନ ୭ ଘଣ୍ଟା ହେବ ବାଲୁଗାଁ ରାଜନ ବିଶ୍ୱ କ ଆସି ଖଣ୍ଡିଏ ତାର ଦେଲା । ରାଜନର ପିଲାଟିଏ ହୋଇଥାଏ, ତାକୁ ୭ ଟଙ୍କା ଦେଇ ମାସକୁ, ତାର ଆସିଲା ତକ୍ଷଣେ ନେଇ ଦେବାକୁ । ସେ ତାର ଦେଲା । ତାର ଧରି ବୁଲାଇଲି । ଇଂରେଜୀ ପଢ଼ାବାଲା କେହି ମିଳିଲେ ନାହିଁ । ବଳି ବାବୁଙ୍କଠାକୁ ଗଲି । ସେ କହିଲେ

Digitized by srujanika@gmail.com

ତାର ଓ୍ୟାର୍ଡ଼ ମୁଁ ପଢ଼ି ପାରବ ନାହିଁ । କାଇଁ ଆଣ । ସେ ତଣ୍ଡେ ଯାଏ ଦେଖି କହିଲେ, ସେ ଲେଖିଚ ଲେଡ଼ା ନାହିଁ । ଟଙ୍କା ଅଖା ଫେରାଅ । ମୁଁ କହିଲି ଧାନ ଠିକ୍ କରିଥିଲି ନାପୁଣ୍ଡ ପାଇଁ । ହେଲା ଦର କମି ଯାଇଛି । ଜବାବ ଦିନ ଟପି ଯିବାରୁ ତାର କଲି । ମୋର ବେପାର ଉପରେ ଲୟ ନ ଥାଏ ।

ଘରେ ପିଲାର ଏକୋଇଶିଆ ହେଲା । ଖଣ୍ଡେ ଗୁଡ ଆସିଲା । ଲିଆ କୋଡ଼ିଏ ଗୌଣୀ, ଦୋଭଜା ୧୦ ଗୌଣୀ, ମୁଢ଼ି ୧୦ ଗୌଣୀରେ, କୁଆଁ ଟିଆର ହେଲା । ଶଗଡ଼ରେ ନେଇ ତମାମ ଭିଁପୁର ଯାକ ବଣ୍ଟାଗଲା । କଦଳୀ ରସାବଳୀ, ଚୂଡ଼ାଘଷା, ଖଇ ପାଚୁଅ ହେଲା । ଶଦ୍ୟାଧର ମିଶ୍ର ବୁଢ଼ା ଥାନ୍ତି । ସେ ନାଁ ଦେଲେ । ଶ୍ୱଶୁର ବୁଢ଼ା ଥାନ୍ତି । ସେ ପଚାରିଲେ କ'ଣ ନାଁ ଦେବ । ମୁଁ କହିଲି—ଯୁ ପ୍ରଭୁ ଦେଇଛନ୍ତି, ସେହି ନାଆଁ । ଆମେ କ'ଣ ନାଁ ଦେବା । ସମସ୍ତଙ୍କ ମନକୁ ଆସିଲା । ଅନନ୍ତ ନାମ ଦିଆହେଲା ।

ତା' ପରେ ଚାରି ଦିନ ପରେ ସଙ୍ଗାତ କହିଲେ—କ'ଣ କରିବା ନାପୁଣ୍ଡ ଘର ଧାନ ନେବନାହିଁ । ଧାନ ଗୁଡ଼ସୁ ଘରେ ଅଛି । ସେଠାରେ ବହୁତ ମୂଷା । ନୂଆ ବସ୍ତା ସବୁ କାଟି ଦେବେ । ଚାଲ ବ୍ରହ୍ମପୁର ଯିବା ଅନ୍ୟ ମହାଜନ ଦେଖିବା । ମୁଁ କହିଲି ମୁଁ ଏକାକେ ଯାଉଚି । ଆଠ ଘଣ୍ଟାରେ ଗାଡ଼ିରେ ବସିଲି । ନାପୁଣ୍ଡ ଘରକୁ ନ ଯାଇ ଭୁତ ପୋନ୍ତ ରାଜୁ ମେରୁକୁ ଗଲି । ସେ ଦେଖିଲା କ୍ଷଣି କହିଲା ବସ ବାବୁ—ପାନ ଖଣ୍ଡିଏ ଦେଲା । କହିଲା ଧାନ ଆସିଚି କି ? ମୁଁ କହିଲି ଆସି ନାହିଁ ଜମା ଅଛି । ଦର କମିଯାଇ ଥିବାରୁ ଧାନ ଆଣି ନାହିଁ । ହଜାରେ ବସ୍ତା ଦେବ, ଦର କ'ଣ ? ସେ କହିଲା ଆପଣ ବଜାରରେ ବୁଝନ୍ତୁ ଆଜି ବଜାର ପାଞ୍ଚଟଙ୍କା ଦଶଅଣା ହୋଇ ଅଛି ପଞ୍ଚକୁଳିଆ । ମସ୍ତୁ ପାଞ୍ଚଟଙ୍କା ଆଠଅଣା ଅଛି । ଆପଣଙ୍କର କି ଧାନ ? ମୁଁ କହିଲି ପଞ୍ଚକୁଳିଆ—ସେ କହିଲା ବଇନା ନେବେ । ମୁଁ କହିଲି ଭଗୁଆଳିକୁ ଧରି ୩ ଘଣ୍ଟାକୁ ଆସିବ ।

ମୁଁ ଭାବିଲି ନାପୁଣ୍ଡ ଘର କ'ଣ କହିବ ବୁଝିବା । ସେ ଯେବେ ଦର ଊଣା କରେ, ଯାକୁ ଦେବ । ୯ଟକାରେ ବସି ତା ଦୁଆରେ

Digitized by srujanika@gmail.com

ପ୍ରବେଶ ହେଲି । ରାଘବ ରାଓ ନାଇଡୁ ଦେଖିଲା କ୍ଷଣି ଆଗ୍ରହ ସହ କୁତୁହଳ ଦେଖାଇଲା, ଚାକରକୁ ପାନ ୨ ଖଣ୍ଡ ଆଣିଦେବାକୁ କହିଲେ । ବାବୁ ଆପଣଙ୍କର ଜବାବ ଥିଲା ୧୫ ଦିନକୁ । ଆଜକୁ ଦେଢ଼ ମାସ ହେଲା । ଧାନ ଆସିଚି ? ମୁଁ କହିଲି ଏ ଯୁ ଚାର କଏ କଲା ? ମୁଁ କହିଚି । ତୁମେ ଲେଖିଲ ଧାନ ଲୋଡ଼ାନାହିଁ । ଯେବେ ଆପଣ ଲେଖିଥାନ୍ତେ, ତୁମ ଜବାବ କଟି ଗଲା, ଧାନ ଆଣ । ଦର ଅସିଲନାହିଁ । ଧାନ ଆଣି ବଜାର ଭାଡ଼ିରେ ରଖିବା । ଆପଣ ଲେଖିଲେ ଧାନ ଲୋଡ଼ା ନାହିଁ । ଆମ ଅଖା ଓ ଟଙ୍କା ପଠାଇ ଦିଅନ୍ତୁ । ମୁଁ ସେ ଧାନ ବନ୍ଦୀ କରି ଅଖା ଆଣିନାହିଁ । ଟଙ୍କା ଆଣିଚି । ନାଏଡୁ କହିଲେ ଆପଣଙ୍କ ଧାନକୁ ଟ୍ରେଣ୍ଡିକରି ହଜାରେ ବସ୍ତା ବୁଉଳ ଯଚି କଲେଚି । ମିଆଦ ୧୫ ଦିନକୁ । ଆପଣ କୌଣସି ମତେ ଆଠ ଦିନ ଭିତରେ ଧାନ ଆଣି ଦିଅନ୍ତୁ । ମୁଁ କହିଲି ସେ ଦରରେ ଦେଇପାରିବି ନାହିଁ । ଆଜି ବଜାର ଦରରେ ଦେବି । ସେ କହିଲେ କ'ଣ ଦର ହେଲେ ଦେବ । ମୁଁ କହିଲି ଆଜି ବେଡ଼ାକୁ ଯାଇଥିଲି । ବଜାର ପାଞ୍ଚଟଙ୍କା ଦଶଅଣା ଅଛି । ଆପଣଙ୍କୁ ଛ'ଅଣାରେ ଦେଇ ପାରେ । ନାଏଡୁ କହିଲେ ପାଞ୍ଚ ଅଣାରେ ଦିଅନ୍ତୁ । ମୁଁ କହିଲି ପାଞ୍ଚ ଟଙ୍କା ପାଞ୍ଚ ଅଣା ହିସାବରେ ଦିଅନ୍ତୁ । ତସ୍ତାକେ ଆପଣଙ୍କର ଅନେକ ହିସାବ ଲାଭ ହେଲଣି । ସେ କହିଲେ କେତେ ଦିନରେ ଧାନ ଆସିବ ? ମୁଁ କହିଲି ଆଠ ଦଶ ଦିନରେ ଧାନ ଆସିବ । ସେ କହିଲେ ଟଙ୍କା କେତେ ନେଇଯାଆନ୍ତୁ । ଦୁଇ ହଜାର ନିଅନ୍ତୁ । ମୁଁ କହିଲି ହଉ । ଟଙ୍କା ଗଣି ହେଲା । ଡାକ ଗାଡ଼ି ୯ ଘଣ୍ଟାକୁ ଆସିବ । ମୁଁ କହିଲି "ଆପଣଙ୍କର ଜଣେ ଲୋକ ସଙ୍ଗରେ ଯିବ ଟଙ୍କା ଧରି । ମୋତେ ଗାଡ଼ିରେ ବସାଇ ଦେଇ ଆସିବ । ସେ କହିଲେ ହଉ । ଟଙ୍କା ଧରି ଆସି ସେ ଲୋକଟି ମୋତେ ଗାଡ଼ିଠାରେ ଦେଲା ।

ଗାଡ଼ି ଏଗାରଟାରେ ବାଲୁଗାଁ ଆସିଲା । ସଙ୍ଗାତ ଜଣେ ଲୋକ ପରମା ସେନାପତିଙ୍କୁ ଧରି ଠିଆହୋଇଥିଲେ । ଗାଁକୁ ଆସିଲୁ । ପରମା ଟଙ୍କା ଧରିଥାଏ । ଚନ୍ଦ୍ରପଷ୍ଠ, ସ୍ୱନାକେର ଖାଁ ପାରି ହୋଇଛୁ, ପରମା ମୋ ବାପଲୋ ବୋଲି ଟଙ୍କା ଥଳିକୁ ଫିଙ୍ଗି ଦେଇ ପଛକୁ ଫେରି-ଆସିଲା । କରେ କ'ଣ, କହିବାରୁ କହିଲା ଦେଖ କେଡ଼େ ସାପ !

Digitized by srujanika@gmail.com

ଆମେ ଦେଖିଲୁ, ୧୦ ହାତ ଲମ୍ବ ସ୍ତୁଆଳ ମୋଟ ହେବ ସେ ସାପ ଟଙ୍କା ଥଳିରେ ଗୁଡ଼େଇ ହୋଇଛି । ଟଙ୍କା ଥଳି ତା ମଧ୍ୟରେ ପଡ଼ି ମେଞ୍ଚା ହୋଇଯାଇଛି । ରକ୍ତ ବୋହୁ ଯାଉଛି, ମରି ନାହିଁ । ସାପ, ଆମ ହାତରେ କିଛି ନାହିଁ । ଫୁଁକାର କରୁଛି । ପଳାଇବାକୁ ଅଧୁଉ ନାହିଁ । ଢୋଲ ଚମ୍ପାନ ବାଡ଼ିରୁ ଅରଗଳ ଗୋଟେ ଆଣିଲୁ । ବାଡ଼େଇ କରି ସାପକୁ ମାରି ଟଙ୍କା ଥଳି ବାହାର କରି ଗାଁକୁ ଆସି ଟଙ୍କା ଲୁହା ସିନ୍ଧୁକରେ ରଖିଦେଲୁ ।

ତା ଆରଦିନ ବାସୁପାଣି ମାଯୁଣୀ, ମୁଁ, ଗଲୁ ସତ୍ୟବାଦୀ, ମାଷ୍ଟ୍ରଙ୍କୁ କହିଲୁ ଆମ ଜିନିଷ ୧୫ ଦିନ ହେଲା ରହିଲା—ସେ କହିଲେ —ଡବା ମିଳୁ ନାହିଁ ମୁଁ କ'ଣ କରିବି ? ପରେ, ମହାପ୍ରଭୁଙ୍କର ନୂଆ କଳେବର, ବେଟାଇମ୍ ଗାଡ଼ି ଛୁଟୁଛି । ବାସୁପାଣିକୁ କହିଲି, ତମେ ଥା ମୁଁ ଜଟଣୀ ଯାଉଛି, ସାହେବଠାରେ ଦରଖାସ୍ତ ଦେବି ।

ମୁଁ ଜଟଣୀ ଯାଇ ମାଲଗୋଦାମ ସାହେବକୁ ଦରଖାସ୍ତ ଦେବାରୁ ସେ କହିଲେ, ତୁମର ମାଲ ଜମା ଅଛି ? ମୁଁ କହିଲି ହଁ । ସେ କହିଲେ, ମୁଁ ରଙ୍ଗ ଡବା ଦେବି, ତମର ମାଲ ଯୋଗାଇ ନ ପାରିଲେ ଡବଲ ଫିସ୍ ଲଗିବ । ଏହା କହି ବେଫାରମରେ ମୋଠାରୁ ଦସ୍ତଖତ ରଖିଲେ । ବେଳ ୩ ଘଣ୍ଟା ଠାରେ ପୁରୀ ଆସିବା ଗାଡ଼ିରେ ରଙ୍ଗ ଡବା ୫ ଗୋଟା ଲଗାଇଲେ, ୫ ଘଣ୍ଟା ଠାରେ ପୁରୀ ଆସିବା ଗାଡ଼ି ସତ୍ୟବାଦୀଠାରେ ଡବା କାଟି ଦେଇ ଗଲା । ମାଷ୍ଟ୍ର ଦେଖି କରି କହିଲେ ରଙ୍ଗ ଡବା ଆଣିଲ, ମୁଁ ରହସ୍ୟରେ କହିଲି ଆମର ରଙ୍ଗ ଡବା ଥିଲା । ମୁଁ ମଧ୍ୟ ରହସ୍ୟରେ କହିଲି, ମୁଁ କଣ କରିବି, ତୁମ ସାହେବ ଦେଲେ । ଏହି ଡବାରେ ଆଜ ମାଲ ଲଦା ହେବ, କାଲିକି ରହିଲେ ଆମକୁ ଡାମରିଜ ଲଗିବ ।

ଅନୁକ୍ଷଣ ସ୍ପେଶାଲ ଗାଡ଼ି ଚଳୁଛି । ମାଷ୍ଟର କହିଲେ ହଜ ପଚିଶ ଟଙ୍କା ପୁରସ୍କାର ଦେବେ । ମୁଁ କହିଲି ହଜୁ ୧୦ ଘଣ୍ଟା ହାଜର ଥାଅ । ଅମେ ଯାଇ ବସା ଘରେ ବେଗେ ରୋଷେଇ କରି ଖାଇ ୯ ଘଣ୍ଟାଠାରେ ହାଜର ହେଲୁ । ୧୬ ଜଣ କୁଲି କରି ମାଲ ଲଦା

Digitized by srujanika@gmail.com

ହେଲା । ଶହେଖଣ୍ଡେ ଲଢା ହୋଇଥାଏ, ପଛା ଜଙ୍ଗଲରେ ଗାଡ଼ ଆସିଲା । ଏପରି ରାତ ଘଡ଼ିଏ ଅଛି କାମ ଶେଷ ହେଲା । ୨୫ ଟଙ୍କା ନେଲା । ସେହିଦିନ ଆମେ ଗାଁକୁ ଆସିଲୁ ।

ଆର ଦିନ ୮ ଟାରେ ଗାଡ଼ିରେ ବସି ବ୍ରହ୍ମପୁରରେ ଦେଖିଲି ରଙ୍ଗ ଡାବା ଶେଷରେ ଥୁଆ ହୋଇଛି । କାଲି ଆସିଲା ନାହିଁ । ଡାମରାଜ ଲାଗିବ । ପଇଣ୍ଟି ମାନଙ୍କୁ ପଚାରିଲି ଏ ଡବା କେତେବେଳେ ଆସିଲା । ସେ କହିଲା କାଲି । ନାଇଡୁ ଘର ଷ୍ଟେସନରେ କୁଲି ଥାନ୍ତି । ତାଙ୍କୁ କହିଲି—ରଙ୍ଗ ଡାବାରେ ଜିନିଷ ଆସିଛି, ଶୀଘ୍ର ଆସ ମାଲ ଓଜନ ହେବ । ସେ ଯାଇ ଲୋକ ଡାକି ଆଣିଲା । ୧୦ ଘଣ୍ଟାରେ ତୁଳ ହେଲା । ଧାନ ବସ୍ତାକେ ୨ ଗୌଣୀ ହିସାବ ଧାନ ବାହାରିଲା । ତୁଳାକି ଯାଇ ମାଲିକଙ୍କୁ କହିଲେ ଏ ଧାନରେ ବାଲି ଅଛି । ରାଘବ ରାଜ ତତକ୍ଷଣେ ଆସି ଗୋଟିଏ ବସ୍ତା ଚାଲୁଣିରେ ଚାଲିଲା । ୨ ପଉନ ବାଲି ବାହାରିଲା । ମୁଁ କହିଲି ଆପଣଙ୍କର ଧାନ ବସ୍ତା ୮୦ଟାରେ ଅଛି । ତାକୁ ଚାଲନ୍ତୁ, କେତେ ବାହାରିବ ଦେଖିବା । ତାଙ୍କ ବସ୍ତା ଚାଲିଲ ତୁଳିବାରେ ୨୨ ପଉନ ବାହାରିଲା । ହସି କରି କହିଲା, ବାଲି ନାହିଁ ତୁଳ କର । ତୁଳ ଶେଷ ହେଲା । ଆମେ ନେଇଥିଲୁ ଏଗାର ଶହ ନବେକୁ, ବାର ଶହ ଅଣଚାଳିଶ ହେଲା । ଟ୩୨୦୦ଙ୍କା ଦେଇଥିଲି । ବାକି ଟଙ୍କା ସବୁ ଦେଲି । ତହିଁରେ ଲାଭ ହେଲା । ୧୯୧୩ ଟଙ୍କା । ପୁଣି ଆଠ ଶହ ବସ୍ତା ଦିଅନ୍ତୁ । ଏ ଧାନ ଅଣେ କମିସନରେ ଯିବ । ସୁବୁଦ୍ଧି ନେଲା ୪୦୦ ବସ୍ତା । ଶ୍ୟାମ ସୁବୁଦ୍ଧି ନେଲା ଦୁଇ ଶହ । ଲାଭ ଯାହା ଧାନ ହେଲା ଚଲଣରେ ଟଙ୍କା ୫୦୦ ରେ । ଭକାସ ମିତ୍ରଙ୍କୁ ଦେବାକୁ ଜବାବ ଥିଲା । ହଜାରିକା ନୋଟ ଖଣ୍ଡେ ଥିଲା । ସଙ୍ଗାତଙ୍କର ମୋର ଧରି କରି ଗଲୁ । ୯ଟା ସମୟରେ ଗାଡ଼ି ଲାଗିଲା ପୁରୀରେ । ଘୋଡ଼ା ଗାଡ଼ିରେ ଯାଇ ଧର୍ମଶାଳାରେ ରହିଲୁ । ତା' ଆରଦିନ ଗାଡ଼ି କରି ଟଙ୍କା ଧରି ଗଲୁ । ତହିଁରେ ବାର ଟଙ୍କା ବଟା ଥାଏ । ମିତ୍ରଙ୍କ କଚେରୀ ଘରେ ଟଙ୍କା ରଖି ବସିଲୁ ଚୌକିରେ—୯ ଘଣ୍ଟା ଠାରେ ମିଶ୍ରେ ଆସିଲେ । ଆମେ ଦୁଇ ଜଣ ନମସ୍କାର କଲୁ । ପଚାରିଲେ ଆପଣଙ୍କର କୁ ଗାଁ ? ଆମେ କହିଲୁ ଆମର ଭଁପୁର । ଭାଗୀରଥୀ

Digitized by srujanika@gmail.com

ବାବୁଙ୍କର ୫୦୦୦ ଟଙ୍କା ଆଣିରୁ ନୋଟ ବାବଦକୁ ଦାଖଲ କରିବାକୁ । ବାବୁ କହିଲେ ନୋଟରେ ଅସୁଲ ପଡ଼ିବ ନାହିଁ । ରସିଦ ନେବ । ତା ହେଲେ ଟଙ୍କା ରଖିବୁ, ନଚେତ୍ ଫେରାଇ ନିଅ । ମୁଁ କହିଲି ରସିଦ ଦିଅନ୍ତୁ । ଟଙ୍କା ଗଣତି ହେଲା ।

ଏହି ସମୟରେ ବାରିକ ଘୋଡ଼ାଇ କନା ଖଣ୍ଡ ରଖିଦେଲା । ବାବୁ ତାଙ୍କୁ ସୁଁ କରି ପିଉଥାନ୍ତି । ଆମେ ଟଙ୍କା ଥାକ କରୁଥାଉ । ପିଇସା ଘରକୁ ଗଲେ । ଟଙ୍କା ରଖିବା ମୁଣା ଖଣ୍ଡ ଆଣିଲେ । ମୁଁ ପଚାରିଲି ବାରିକକୁ, ବାବୁ କଣ ପିଇଲେ ? ସେ କହିଲେ ଗୁଡ଼ା । ଟଙ୍କା ଥାକ ୨୫ ଟଙ୍କା ହିସାବରେ ଆମେ ରଖିଥାଉ । ସେ ଟଙ୍କା ଥାକକୁ ଧରି ଏ ହାତ ସେ ହାତ କରି ବାର ଟଙ୍କା ବାହାର କରି ଦେଲେ । ପୁଣି ବାର ଟଙ୍କା ବଦଳାଇ ଦେଲୁ । ରସିଦ ଲେଖିଲେ । ବାଣପୁର ଥାନା ଅନ୍ତର୍ଗତ ଖାମପୁର ଗ୍ରାମ ନିବାସୀ କପିଳ ମିଶ୍ରଙ୍କଠାରୁ ଭାଗୀରଥୀବାବୁଙ୍କ ଦେଣାକୁ ୫୦୦୦ ଟଙ୍କା (ପାଞ୍ଚ ହଜାର ଟଙ୍କା) ବୁଝିନେଲୁ । ....

ଏହି ସମୟରେ ରଥେ କହିଲେ ନୂଆଗଡ଼ ଯିବା । ଧାନ କ'ଣ ହେଲା ଅସୁଲ କରି ଆଣିବା । ନୂଆଗଡ଼ ଗଲୁ । ଦଳେଇ ପଲ୍ଲୀରେ ରହି ରହିଲୁ । ସେ ଦିନ ଚିନ୍ତାମଣି ମିଶ୍ର ଓ ତାଙ୍କ ସାନ ଭାଇଙ୍କର ଜନିତ କାରଣ ସମ୍ବଲପୁରିଆ ଘୋଡ଼ା ଦଳେ ନିଲାମରେ ଆଣି ଥିବାରୁ ସାନ ଭାଇ କହିଲେ ଆମକୁ ଏ ଜନ୍ତୁ ଦରକାର ନାହିଁ, ଆମକୁ ଦେଶୀ ଘୋଡ଼ା ଦରକାର, ମୁଁ ପଚାରିଲି କେତେ ଟଙ୍କାକୁ ଆଣିଚ, ସେ ସେ କହିଲେ ଅଶୀ ଟଙ୍କାକୁ, ମୁଁ କହିଲି ମୋତେ ଦିଅ । ସେ ଆନନ୍ଦରେ କହିଲେ ନିଅ । ମୁଁ ତିରିଶି ଟଙ୍କା ଦେଇ କହିଲି ମୁଁ ଯାଉଚି ରଘୁନାଥଙ୍କୁ ଦର୍ଶନ କରି ରଥଙ୍କ ଧାନ ଅସୁଲ କରି ଆଣିବି, ଆପଣ ପାଞ୍ଚ ଟଙ୍କା ନିଅନ୍ତୁ, ମୋର ଘରକୁ ପଠାନ୍ତୁ । ଆଉ ଜଣେ ସାଥୀରେ ନେଉ, ବାକି ଟଙ୍କା ଘରେ ହାତରେ ଦେବ ।

ତା ଆରଦିନ ସକାଳୁ ରଥଙ୍କ ସହିତ ବନାପୁର ପୁର ଗଲୁ । ଯେ କାମ ଦେଖିକରି ଆସିଲୁ । ଦି ଦିନରେ ମିଶ୍ରଙ୍କର ବାଇଗଣ

Digitized by srujanika@gmail.com

ଶଗଡ଼ ହାଟକୁ ନେଇଥିଲେ । ସେ ପେଡ଼କୁ ଦେଖି ଜଣେ ଲୋକ ମାଗିଲା ୧୩୦ ଟଙ୍କା ଦେବ ଦିଅ । ଗୋମାସ୍ତା କହିଲା ତମେ କଦଳୀ ପଞ୍ଜୀ ଆସ । ମାଲିକ ଦେବେ । ଆମେ ଜାଣିଚୁ ବନ୍ଦୀ ହେବ । ସେ ଗାଡ଼ିରେ ବସିଲା । ମିଶ୍ରେ କହିଲେ ଆମେ ଜଣେ ବନ୍ଧୁ ଲୋକକୁ ବନ୍ଦୀ କରି ଦେଲୁଣି । ସେ ରଘୁନାଥଙ୍କଠାକୁ ଯାଇଛନ୍ତି, ଆଜି ଆସିବେ ।

ଆମେ ଆସିବାରୁ ମିଶ୍ରେ କହିଲେ ତୁ ତ କପାଳିଆ । ଲାଭ ତେତିଶ ଟଙ୍କା ହେଲାଣି, ବର୍ଦ୍ଧୀ କରି ଦିଅ । ମୁଁ କହିଲି ବର୍ଦ୍ଧୀ ହେବନାହିଁ । କେତୁଟା ଟଙ୍କା ଲାଭ ହେବ; ବାଡ଼ିକୁ ଗୃହ ଲାଗିବ, ପରେ ବନ୍ଦୀ ହେବ । ଗ୍ରାହକ ଫେରିଗଲା । ଆମ ସାଙ୍ଗରେ ଛଅଗୋଟି ପୋଡ଼ ଧରି ଆସିଲା । ତାଙ୍କର ବାକି ଟଙ୍କା ଦେଇଦେଲୁ । ବାଣପୁରରେ ସେ ପୋଡ଼ ଦୁଇଶ ଟଙ୍କା ହେବ ବୋଲି କହିଲେ । ତାଙ୍କ ସକାଶେ ପଚିଶ ଟଙ୍କାରେ ଚଉଦ ଅର ଥିବା ଶଗଡ଼ ଖଣ୍ଡେ ଆସିଲା । ବାଲୁଗାଁକୁ ୧୨ ବସ୍ତା ନିଅନ୍ତି । ମଫସଲରୁ ୮ ବସ୍ତା ଆଣନ୍ତି । ସେ ଦୁଇ ମାସରେ ଟଙ୍କାଟା ଅଦାୟ ହୋଇଥିବ । ଆଇଣ୍ଠି ପୁର ଯୋଗୀ ପଧାନ ପୁଅ ଶାମ ପଧାନ ଅତି ଜିଙ୍ଗା କଲା । ମୁଁ ଭାବିଲି ପୋଡ଼ ଦୁଇ ବରଷ ହେଲା ଆସିଲେ । ମାଗିଲାଣି ନଶା ରଖିବାର ନୁହେଁ । ଶହେ ଷାଠିଏ ଟଙ୍କାକୁ ଦେଇ ଦେଲି । ସେ ନେଇ ବରଷେ ବୋହିଲା । ଡାହାଣ ପୋଡ଼ଟି ମରିଗଲା । ତା ସାଙ୍ଗକୁ ଆଉ ପୋଡ଼ କଲିନାହିଁ । ଦୂରରୁ ଦେଖିଲେ ହାତୀ ପରି ଦିଶୁ ଥାଏ ।

ଅନନ୍ତ ଜନ୍ମ ହେବାରୁ ଆନନ୍ଦର ସୀମା ରହିଲାନାହିଁ; ଘରେ ତ୍ରିଶ ହଳ ଗାଈ ଥାଆନ୍ତି । ଗୋଟିଏ ପିଲା ଷେଡ଼ରା ବୋଲି ଥାଏ । ଘରେ ଖାଏ, ମାସକୁ ଆଠଣା ନିଏ । ସେ କାଳେ ଅନେକ ପଡ଼ିଆ ଗୋଚର ଥାଏ । ଆମ ଗୋରୁ ସେ ଚରାଇ ନିଏ । ଆଶ୍ୱିନ କାର୍ତ୍ତିକ ଦୁଇମାସ । ଗାଈ ଚରାଇଲାବେଳେ ତୋଳି ଆଣେ ଗୁଣ୍ଡ ଛତୁ, ଓ ନେମିଣ୍ଡା ଛତୁ, ଗାଈଙ୍କୁ ଘାସ ଦେଲେ ଫିଙ୍ଗି ଦିଅନ୍ତି । ଗୋଡ଼ରେ ଘାସ ଖେଳାଇ ଶୁଅନ୍ତି । ସକାଳେ କ୍ଷୀର ୫ ସେର ପର୍ଯ୍ୟନ୍ତ ଦୁହାଁ ହୁଏ । ପିଲାକୁ ବେଶ କ୍ଷୀର ପିଆଇ କଫ କରିଦିଅନ୍ତି । ପିଲା ଚକିତ୍ସାକୁ ଟଙ୍କା

Digitized by srujanika@gmail.com

ବୃତ୍ତାନ୍ତ । ବାଣପୁରରେ ସୁନା ସୁଆରୁଣୀ ଜଣେ ଥାଏ । ସେ ମାସକୁ ଦଶ ଟଙ୍କା ନେଉଥାଏ । ଗାଈ ବନ୍ଦ କରଦେଲ, ଛେଳି କ୍ଷୀର ଦିଆ ହେଲ । ସାମାନ୍ୟ ଅଫିମ ଦିଆହୁଏ । ଦିନେ ଶାଶୁ ଆସିଥିଲେ, ପିଲ କଥା ପଚାରିଲେ-ମୁଁ କହିଲି ଛେଳି କ୍ଷୀର ଆମ ପିଲଙ୍କୁ ଦିଆ-ହେଉଛି । ସୁଆରୁଣୀ କହିଲ ଗାଈ କ୍ଷୀରରେ କଫ ହେଉଛି । ସେ କହିଲେ ଆମ ଘରୁ ଗୋଟେ ଛେଳି ଆଣ । ଗୋଟେ ଛେଳି କଏ ଚରେଇ ନେବ, ମାଟେ ଖଣ୍ଡେ ଚରାଇବା ଦରକାର । ଭାତ ଗିଳେ ଦେଲେ ଦୁଧ ଚକ ହେଲେ ଗଲ । ଗୋଟିଏ ବୋଦା ପିଲ ଟିଏ ଲଗିଚ ସେ ହୁସିଆର ହୋଇ ଗଲଣି, ମା' ସାଙ୍ଗେ ଯାହା ଖାଇବ ।

କାଲି ଖ୍ରୀମ ଜେନାକୁ ପଠାଇଲି । ସେ ଆଣିଲ । ଭାତ, କୁଣ୍ଡା ଅଟୁଆ ପେଜ ଦେବାରେ ଦୁଇ ଓଳ ତନି ଅଡ଼ା କ୍ଷୀର ଦେଲ, ପିଲଟା ଏପରି ବଢ଼ିଗଲ, ଆଜି କାଲି ତିରିଶ ଟଙ୍କା ହେବ । ଆଠ ମାସ କ୍ଷୀର ଦେଲ । ଛଡ଼ାଇ ଯିବାରୁ ତାଙ୍କ ଘରେ ଛାଡ଼ିଦେଲୁ । ଚାରି ଦିନ ରହିଲ । ପ୍ରତି ଦିନ ଆମ ଘରକୁ ବାହାରି ଆସେ । ଖାଇବାକୁ ଦେଉ । ପୁଣି ପଳାଇଯାଏ । ମଝିଆଁ ଗଡ଼ିଆରେ ପାଣି ହେବାରୁ ଆଉ ଆସିଲ ନାହିଁ । ଧାନ କଟା ପରିଜାରୁ ଆସିଲ ଭାତ, ଏପରି ଅନେକ ଦିନ ହଇରାଣ କଲ ।

ଘରେ ବାଣପୁର ନାମି ପିଲ ଦେହ ବେମାର ଏବଂ ସ୍ନେହରେ ଦୁଇ ବରଷ ରହିଗଲ । ତା'ପରେ କୋଡ଼ିଏ ଟଙ୍କା ଧରି ଘର ତିଆରି କରିବ ବୋଲି ଗଲବେଳକୁ ତାର ଦିଅର ପରମାଣି ମହାପାତ୍ର ସବୁ ଘର ସେ ଉପୁଡ଼ି କରିଛି । ନାମି ପଚାରିଲ ମୋ ଘର ପୋଡ଼ି ଯିବାରୁ ଭାଇ ଘରକୁ ଗଲୁ । ମୋ ଘର ମୁଁ ତିଆରି କଲି । ତୁ ଯେବେ ଏଠାରେ ରହିବୁ କଟେରିଟିଏ ଦେବି । ବରଷକୁ ଧାନ ଭରଣେ ଦେବି । ସେ କହିବା କଥା ନାମି ଲେଖିଲ । ମୁଁ ତକ୍ଷଣେ ଗଲି । ଗ୍ରାମ ପଞ୍ଚାୟତ ଡକାଇବାରୁ ସେ ଅମାନ୍ୟ ହେଲ । ଗ୍ରାମବାସୀ କହିଲେ ରାଜାଙ୍କଠାରେ ଦରଖାସ୍ତ ଦିଅ ।

ମୁଁ ଗଡ଼କୁ ଗଲି । ଭଗବତ ବାବୁ ରାଜାଙ୍କ ପେସ୍କାର । ତାଙ୍କ ଘର କ୍ଷମାପୁର । ସେ ବନମାଳୀ ବାବୁଙ୍କ ପଢ଼ା ପିଲ ସାଥୀ । ତାଙ୍କୁ

Digitized by srujanika@gmail.com

ପରିଚୟ ଦେଲି । ତାଙ୍କ ହସ୍ତରୁ ଲେଖା ନେଇ ଥିଲି । ସେ କହି ଦେଲେ ଏଷ୍ଟାମ୍ପରେ ଦରଖାସ୍ତ କର । ଦରଖାସ୍ତ ଲେଖି ଦାଖଲ କଲି । ଦିନ ୧୦ଟାରେ ସିଂହଦ୍ୱାରେ ବସିଲି । ଏଠାରେ ରହିଲେ ଡାକରା ହେଲେ ଶୁଣିବ ନାହିଁ । ହାତୀ ଘର ଉତ୍ତର ପାଖେ ବସି ମୁଁ ଦେଖିଲି ମାଣ୍ଡି ହାତୀ ବନ୍ଧା ହୋଇ ବର ଡାଳ ଖାଉଛି । ତାକୁ ୨୦ ହାତ ଦୂର ବସିଲି, ମୋର ଉତ୍ତର ପାଖେ ବଡ଼ ବାଉଁଶ ପାଣ୍ଡୁଆ ଡୋଲିଟାଏ ଅଛି । ସେଠାରେ ବସିଥିଲି । କ'ଣ ମନ ହେଲା ମୁଁ ଇଟା ଖଣ୍ଡେ ଧରି ହାତୀକୁ ଲକ୍ଷ୍ୟ କରି ଫିଙ୍ଗି ଦେଲି । ସେ ହାତୀର ମୁଣ୍ଡରେ ବାଜିଲା । ସେ ବର ଡାଳ ଖାଉ ଥାଏ । ଗୋଟିଏ ଅଖ ଦେବା ଭଳି ଡାଳ ଧରି ଫୋପାଡ଼ି ଦେଲା । ଡାଳଟି ଭୁଁ କରି ଶବ୍ଦ କରି ଚାଲି ଆସିଲା । ମୁଁ କୁଆଡ଼େ ପଳାଇବାକୁ ଉପାୟ ନାହିଁ । ମୋ ବେକ ସଳଖା ମାରିଚି ମୁଁ ଶୋଇ ପଡ଼ିଲି । ସେ ଡାଳ ମୋ ପାଖେ ଥିବା ଡୋଲିରେ ବାଜି ପୁଣି ହାତୀ ଘରେ ପଡ଼ିଲା । ମୁଁ ଆଉ ସେଠାରେ ନ ରହି ସିଂହଦ୍ୱାରକୁ ପଳାଇଲି ।

ବସି ଥାଏ ରାତ୍ର ୮ଟାରେ ଡାକରା ହେଲା । ମୁଁ ଭିତରକୁ ଯିବାବେଳେ ଖାନ୍ ତଲାସ କଲା । ତା ପରେ କହିଲା ଯାଅ । ମୁଁ ଠିଆ ହେଲି କ୍ଷଣି ରାଜା ପଚାରିଲେ ତୁମ ନାଁ କଣ ? ମୁଁ କହିଲି ଆଜ୍ଞା କପିଳ ମିଶ୍ର, ଘର ବାଣପୁର ନରହରପୁର ଶାସନ । ରାଜା ପଚାରିଲେ ତୁମେ ଶରଧା ବେଓ୍ୟାଙ୍କଠାରୁ କଣ ମୁକ୍ତାରନାମା ପାଇଛ ? ମୁଁ କହିଲି ନାହିଁ । ରାଜା କହିଲେ ବେଓ୍ୟା ତୁମର କ'ଣ ହୁଅନ୍ତି । ମୁଁ କହିଲି ଭଉଣୀ, ରାଜା କହିଲେ ତୁମେ ମୁକ୍ତାର ନାମା ପାଇନାହଁ, ପରେ ଗଇରି କଲା ଲୋକ, ଏ ସ୍ଥଳେ ତୁମର ମକଦ୍ଦମା ନାମଞ୍ଜୁର କରାଯିବ । ତୁମେ ଏହାର ସନ୍ତୋଷ ଜନକ ଉତ୍ତର ଶୀଘ୍ର ଦିଅ । ଏହା କହି ଅନ୍ୟ ମକଦ୍ଦମା ବିଚାର କଲେ , ମୁଁ ଅବାକ୍ ହୋଇ ଥାଏ ।

ପୁଣି ରାଜାଙ୍କୁ ଆଜ୍ଞା କଲେ । ଭଗବତ ବାବୁ କହିଲେ, ରାଜାଙ୍କୁ ଯାହା ଆଜ୍ଞା କଲେ ବୁଝିଲ ? ମୁଁ କହିଲି ଆଜ୍ଞା ବୁଝିଲି । ରାଜାଙ୍କୁ କହୁଛନ୍ତି ତୁ ଗଇରି କଲା ଲୋକ । ମୁଁ ଜାଣେ ରାଜା ଉଦୟାଚଳଠାରୁ ଅସ୍ତାଚଳ ପର୍ଯ୍ୟନ୍ତ ପ୍ରଭୁ । ରାଜା ଭଗବାନ ସ୍ୱରୂପ, ପୁଣି ଆଜ୍ଞା କହୁଛନ୍ତି

ବେଓ୍ୟାଙ୍କଠାରୁ ମୂଲ୍ୟର ନାମା ନେଇଛ ? ମୋର ସେ ସବୁ ଦରକାର ନାହିଁ । ମୁଁ ତାର ଘଇ ବେଳ ବାର ବରଷ ପୋଷିଲି । ମୋର କୁଟୁମ୍ବ ବେଶି ହେବାରୁ ତା ଘରେ ଛାଡ଼ି ଦେଲି । ତାର ଜମି ବାଡ଼ି ଥାଉ, ସଦା ଭିକ୍ଷା କରିବ ଲୋକେ ପଚାରବେ ଘୁମୁରେ ଜଣାଇଲୁ ନା —ଧର୍ମାବତାର ପ୍ରଭୁ ଗଜଲି କରୁଛନ୍ତି । ସେ ଯୋଗୁ ଘୁମୁରେ ଜଣାଇ ଦେଲି । ଘୁମୁ ବାଧବାକୁ ରଖନ୍ତୁ । ଯେବେ ନ ବୁଝିବେ ଭିକ୍ଷା କରୁ ।

ଘୁମୁ ଦଣ୍ଡେ ଯାଏ ସେହି ଦରଖାସ୍ତ ଲେଙ୍ଗୁଥାନ୍ତି—ପରେ ହୁକୁମ କଲେ ଏହି ମକଦ୍ଦମା ସରକାରୀ ହେଲା । ଯାହାଙ୍କ ଟଙ୍କା ପଇସା ଲଗିବ ସେ ସବୁ ଷ୍ଟେଟ୍ ଦେବ, ଆପଣ ତାରିଖକୁ ଅସୁ ଥିବେ । ଏବେ ମକଦ୍ଦମା ୨୧ ତାରିଖ ହେଲା । ଆଜ ଯୋଡ଼େ ତାରିଖରେ ଶେଷ ହେବ ।

ମୁଁ ତାରିଖ ଧରି ଯାଏ । ୮ ମାଣ ଜମି ପୁଲିସ ପଠାଇ ଅଲଗା କରିଦେଲେ । ବେଓ୍ୟା ଭଲ ଭାବରେ ଚଳିଲା ।

ତା ପରେ ଅନନ୍ତ ଠାରେ ଗୋଟିଏ ଝିଅ ହେଲା । ତା ପରେ ଗୋଟିଏ ପୁଅ ହେଲା, ଅତି ରୂପବନ୍ତ । ତା ରୂପ ଦେଖି ସମସ୍ତ ଗ୍ରାମବାସୀ ବଡ଼ ଆନନ୍ଦିତ ହୁଅନ୍ତି । ତାର ନାମ ବାସୁଦେବ । ଘରେ ତ ଭଉଜ ଥାନ୍ତି, ସେ କହିଲେ ଯେତେବେଳେ ଜାତକ ଦେଖିଲେ ଭାଇନାଙ୍କର ଇଚ୍ଛା ଅଛି । ୨୭ ବରଷରେ ବୋଉ କହିଲେ, ଏ କୁଳ ବୁଡ଼ିଯିବ । ନନା କହିଲେ ସାନ ପିଲାକୁ ମୁଁ ବନ୍ଦୀ କରିଦେଇନାହିଁ । ସେ ଆମକୁ କୁଳ ରକ୍ଷା କରିବ । ଏହି ପୁଅକୁ ମୋତେ ଦିଅନ୍ତୁ । ଅନନ୍ତ ବୋଉକୁ ପଚାରିଲା, ସେ କହିଲେ ଘର ପୁଅ ତ ଘରେ ରହିବ । ପୁଅକୁ ଦିଅ । ତାର ସମ୍ପତ୍ତି ନାହିଁ, ତା ସକାଶେ କିଛି ଟଙ୍କା ଦିଅନ୍ତୁ । ଅନନ୍ତ ଏହି ସମ୍ପତ୍ତିରୁ କ'ଣ ସେ ଭାଗ ନେବ କି ? ମୁଁ କହିଲି ସତ ।

ଭଉଜଙ୍କୁ କହିଲି ପୁଅଟି ନିଅ, ୧ ଭରଣ ଧାନ ନିଅ, ୧୦୦ ଟା ଟଙ୍କା ନିଅ । ଟଙ୍କା ଧାନ ନେଇ ବୃଦ୍ଧି କରାଇଲେ ।......ଘର

Digitized by srujanika@gmail.com

ହେଲା । ଗଉଡ଼ଠାରେ ୧୫୦ ଟଙ୍କା ଥିଲା, ସେ କହିଲା ମୁଁ ଶୁଝି ପାରିବି ନାହିଁ । ମୋର ବାର ହଳଆରେ ତିନିମାଣ ଜମି ଅଛି ନିଅ । ସେ ଜମି ବାସୁଦେବ ନାଁରେ କଣା ହେଲା । ଭଜନ ଗୃଞ୍ଜକ କରି ବଞ୍ଚି କରୁଥାନ୍ତି, ତାଙ୍କୁ କୌଣସି ପଟେ ଅସୁବିଧା ନ ଥାଏ । ଦଇବ ଦୁର୍ଯୋଗରୁ କଲରା ରୋଗରେ ତାଙ୍କ ପିଲାଟି ମରିଗଲା । ଭଜନ କହିଲେ, ପୁଅ ତ ଗଲା, ତମ ଧନ ତୁମେ ନେଇଯାଅ ।

ଛପ୍ପଣୀ ସାଲ ଦୁର୍ଭିକ୍ଷ ପଡ଼ିଲା । ଧାନ ଟଙ୍କାରେ ଦୁଇ ଗୌଣୀ । ମାଲ ମିଳିଲା ନାହିଁ । ମୋର ନଜ ଭଉଣୀ କହିଲା, ଆମେ ମାଣ୍ଡିଆ ଜାଉ ଖାଉଛୁ, ବାମ ଖାଉ ନାହିଁ । ସେ ପିଲାଟିକୁ ତମେ ରଖ । ମୁଁ ହଁ କଲି । ସେ ପିଲା ରହିଲା । ଭଜନଙ୍କୁ କହିଲି ତମକୁ ପୁଅ କରି । ଭଜନଙ୍କ ବ୍ୟବହାର ଦେଖି ମୁଁ ବଡ଼ ସନ୍ତୋଷ ଥାଏ । ସେ କହିଲେ, ତମ ଇଚ୍ଛା । ମୋ ଘରକୁ ଲାଗି ଗୋଟିଏ ବଖରା ଉଜୁଡ଼ା ଥାଏ । ତାକୁ ଭଜନଙ୍କ ନାମରେ କରିଦେଲି । ଘର ଭଗ୍ନ ଅବସ୍ଥା । ତାକୁ ତିଆର କରିଦେଲି । କହିଲି, ସେ ଘରେ ତୁମ ଧାନ ରଖ, ଆମ ଘରେ ଖାଉ ଥାଅ, ପିଲାକୁ ବଡ଼ କଲାଯାଏ । ତା'ପରେ ତୁମେ ତମ ଘରେ ଖାଇବ । ସେହିପରି ରହିଲେ । ଭଜନ ରହିଲେ ଅଠର ବରଷ, ପୁଅ ରହିଲା ବାର ବରଷ । ପାଠ ପଢ଼ା ଖର୍ଚ୍ଚ ମୁଁ ଦିଏ । ପୁଅ ବାହା ଘର ହେଲା ପରେ ତାଙ୍କ ଘରକୁ ଗଲେ ।

ଅନନ୍ତକୁ ପାଞ୍ଚ ବରଷ ହୋଇଥାଏ । ବ୍ରହ୍ମପୁର ଠାକୁରାଣୀ ଯାତ ଦେଖିବାକୁ ଅନନ୍ତକୁ ସାଥିରେ ନେଇଥିଲି । ଭଜନ ସେହିଠାରେ ଥାନ୍ତି । ସେ କ ମୋର ଏବେ ବୋହୂ ସେ ଛଅ ମାସର ହୋଇଥାଏ । ରଥଙ୍କ ବୋଉକୁ ଅନନ୍ତ କହିଲା ମୁଁ ପିଲାକୁ ଧରିବି । ବୁଢ଼ୀ ପିଲାକୁ ତା ଗୋଡ଼ରେ ବସାଇଦେଲେ । କହିଲେ ଏ ପିଲାକୁ ତୁ ଭୂୟା ହେବୁ ? ଅନନ୍ତ କହିଲା ହଁ । ଯା ନନାକୁ କହିବୁ ସ୍ୱାଙ୍କ କୁନିକୁ ମୁଁ ବଭାହେବ ।

ରଥଙ୍କର ମୋର ବସିଥିଲୁ, ହସିଲୁ । ରଥଙ୍କ ବୋଉ କହିଲେ, ଏହି ଆମର ସତ୍ୟ ହେଲା । ଆପଣଙ୍କର ମନ କଣ ? ମୁଁ କହିଲି,

Digitized by srujanika@gmail.com

ଆପଣଙ୍କର ଯେବେ ସତ୍ୟ, ମୋର ସେହି ସତ୍ୟ । ସେହିଦିନଠାରୁ ଇଥଙ୍କର ମୋର ସମ୍ବନ୍ଧ ଉକାଉକ ହେଲୁ । ମୋ ପାଖକୁ କନ୍ୟା ବାପ ଆସିଲେ ମୁଁ କହିଲି କନ୍ୟା ହୋଇସାରିଲଣି । ଇଥଙ୍କ ପାଖକୁ ବର ପାଣ ଆସିଲେ, ସେ କହନ୍ତି ବର ପାସ ହୋଇ ସାରିଲଣି ।

ଶ୍ରାବଣ ମାସରେ ଝଡ଼େ କାନ ଗୋଇ ଆସିଥିଲେ । ମୋତେ ଡାକି କହିଲେ ମିଶ୍ରେ, ଧାନ ରହିଗଲା । କୌଣସି ମତେ ହଜାରେ ବସ୍ତା ଧାନ ବନ୍ଦୀ ନ କଲେ ଆଦାୟ ହେବା ଧାନକୁ ସ୍ଥାନ ନାହିଁ ? ସୁ ଦରରେ ମାଗୁଛନ୍ତି, ମୁଁ ଦେଉନାହିଁ । ଆପଣ ବଇଶାଖ ପାଟଣା ଯାନ୍ତୁ । ଦର ସେଠାରେ କପରି ଅଛି, ଦର କମି ଆସୁଥିଲେ ଗଞ୍ଜାମ ମହାଜନ ଧାନ ମାଗୁଛନ୍ତି ଦେବା । କୋଡ଼ିଏ ଟଙ୍କା ଧରି ଯାନ୍ତୁ ।

ମୁଁ ତା ଆର ଦିନ ଗଲି । ବଇଶାଖପାଟଣା ଦର ବୁଝିଲି— ଦର କମି ଯାଉଛି । ମାଣ୍ଡ୍ରି ଆ ଶୁଆଁ ପଡ଼ ଯିବାରୁ ଗ୍ରାହକଙ୍କୁ କେହି ଚହ୍ନୁରୁ ନାହାନ୍ତି । ମୁଁ ସେଠାରୁ ଫେରି ଆସି ବ୍ରହ୍ମପୁର ଗଲି । ସେଠାରେ ବୁଝିଲି ଧାନକୁ କାହାର ଆଗ୍ରହ ନାହିଁ । ଗଞ୍ଜାରେ ବୁଝିଲି । ଲକ୍ଷ୍ମଣ ଦାସେ କହିଲେ ବସ୍ତା ତିନ ଟଙ୍କା ବାରଣା ହେଲେ ୨୦୦ ବସ୍ତା କିଣିବି । ଆଉ ଯାହା ପାଖକୁ ଗଲି ସେ କହିଲେ ବସ୍ତା ତିନ ଟଙ୍କା ଦଶଅଣା ହେଲେ ଦୁଇଶହ ବସ୍ତା କିଣିବ । ମୁଁ କହିଲି, ମୋ ସାଙ୍ଗରେ ଆସ । ବାବୁ କହନ୍ତି ଦୁଇଟଙ୍କା ହେଲେ ଦେବ । ହଉ ଆସ ଦେଖିବା, କାଲି ଆମ ଗୁମାସ୍ତା ଯିବେ ଗାଁକୁ । ଆସିଲି କାନଗୋଇ ବାବୁଙ୍କୁ ସବୁ କଥା କହିଲି । ଆଉ ପନ୍ଦର ଦିନ ପରେ ଧାନ କେହି କିଣିବେ ନାହିଁ । ବାବୁ କହିଲେ ଆପଣ ୨୦୦ ବସ୍ତା କିଣନ୍ତୁ ଯାହା କ୍ଷତି ହେବ ମୁଁ ସହିବି ।

ପ୍ରଥମେ ମୋର ଧାନ ମାପ ହେଉଛି, ଲକ୍ଷଣ ଦାସ ଗୁମାସ୍ତା ୨୦୦ ବସ୍ତା କିଣିଲେ ତିନଟଙ୍କା ବାରଣା ହିସାବରେ । ମୁଁ କିଣିଲି ତିନଟଙ୍କା ବାରଣା ହିସାବରେ । କେଶବ ପଣ୍ଡା ଆଚାର୍ଯ୍ୟଙ୍କ ଗୁମାସ୍ତା ୨୦୦ ବସ୍ତା କିଣିଲେ ତିନଟଙ୍କା ଦଶଅଣା ହିସାବରେ । ଆଉ ଅନ୍ୟମାନେ କିଣିଲେ ପନ୍ଦର ଶହ ବସ୍ତା ପର୍ଯ୍ୟନ୍ତ । ଆଜି ଧାନ କେହି

Digitized by srujanika@gmail.com

କିଣିଲେନାହିଁ । ବାସୁଦେବ ପାଖକୁ ମୁଁ କହିଲି, ବାଲୁଗାଁରେ ଭଲ ଧାନ ଶଗଡ଼ଲେଖା ଧର । କୋଟଉକୁଣୀ କିଣି ଚାଉଳକର ବନ୍ଦୀ କରୁଛନ୍ତି । ତୁ ଯାଇ ଘର ଖଣ୍ଡେ ଭଡ଼ା କରି ଆସେ । ବାସୁ ଯାଇ ଦେଖିଲା ଘର ମିଳିଲା ନାହିଁ । ଯେ କି ଘର ମିଳିଲା ଆମକୁ ସୁବିଧା ହେବନାହିଁ । ମୁଁ ତା ଆର ଦିନ ଗଲି । ନାରଣ ମିଶ୍ରଙ୍କୁ କହିବାରୁ ସେ କହିଲେ, ମାଛ ହାଟ ପାଖକୁ ହରି ଗୋସେଇଁଙ୍କ ମଠ ଅଛି, ଚାଲ ଦେଖିବା । ଦେଖିଲୁ ଭଲ ଘର । ସେ କହିଲେ ଭଡ଼ା ଲୋଡ଼ାନାହିଁ । ଗୋସେଇଁ ଆସିବେ କାର୍ତ୍ତିକ ମାସରେ । ଭାଦ୍ରବ ଆଶ୍ୱିନ ଏହି ଦୁଇମାସ ଧାନ ବନ୍ଦୀ କରନ୍ତୁ ।

ଜାଗା ହେଲେ । ତା ଆର ଦିନ ୩୦ ବସ୍ତା ପଠାଇଲୁ । ବନ୍ଦୀ ହେଲା ମାସେ ଲକ୍ଷ ଟଙ୍କାରେ ଅଣାଏ ହିସାବ ମିଳିଲା । ତା' ପରେ ୫୦ ବସ୍ତା ପଠାଇଲୁ । ଆଉ ୧୨୦ ବସ୍ତା କଣ କରିବା ? ବଳି ପଣ୍ଡା ବୋଲି ଜଣେ ଥାଏ ଆଗୃଁଙ୍କ ଗୁମାସ୍ତା । ସେ କହିଲେ ଇଚ୍ଛାପୁରକୁ ଚାଉଳ କରି ପଠାନ୍ତୁ, ଚାରି ଦିନରେ ସରି ଯିବ ।

ଧାନ ଅରୁଆ କୋଠା ହେଲୁ । ୫୦ ବସ୍ତା ଇଚ୍ଛାପୁରକୁ ପଠାଇଲୁ । ସେ ଚାଉଳ ଟ୍ରେନରେ ବଜାସୁ ନଗର ଚାଲିଗଲା । ମାଷ୍ଟର କହିଲେ ଆଠ ଦିନରେ ଫେରିବ । ଘର ଖଣ୍ଡିଏ ଭଡ଼ା କରି ରହି ସେଠା ଚାଉଳ ଦେଖି ବୁଝିଲୁ ଆମ ଚାଉଳ କେହି ନେବେନାହିଁ । ଘର ବଖରାଟି ଭଡ଼ା କଲୁ ଦିନକୁ ଅଧ ପଇସେ । ଚକ୍ରପାଣି ଚଉଡ଼ିର ଘର । ତାର ଦୋକାନ ପଛ ପାଖ । ଲୋକଟି ବଡ଼ ବିଶ୍ୱାସୀ । ସେ କହିଲା ବାବୁ ରୋଷେଇ କରନ୍ତୁ । ଆଟିକା ଆଣି ତିନ ଗୋଟା ଦେଲା । ପଇସାକୁ କାଠ ବଡ଼ାଟିଏ । ଏବେ ବଡ଼ଲ କଦଳୀ ବଡ଼ ପଇସାକୁ ୫ଟା । ଅସଲ ଅରୁଆ ଚାଉଳ ଦଅଡ଼ାକୁ ଅଣେ । ବାଇଗଣ ସେର ପଇସାଟିଏ । ମାଛ ସେର ପଇସାଟିଏ । କଡ଼ି ଖଙ୍କୁଡ଼ି ପଇସାକୁ ୧୦ଟା । ଘି ଦୁଧ ମାଛ ବଶା ଦୁଇ ପଇସା । ମୁଗ ସେହି ଅନୁପାତେ ।

ଚାଉଳ ଫେରିଲା ୧୭ ଦିନରେ । ଚାଉଳକୁ କେହି ପଚାରିଲେ ନାହିଁ । ଜଣେ କୁମୁଟି ମହାଜନ ଦରରେ ମାଗିଲା । ଆମକୁ ଟଙ୍କାରେ ଚାରିଅଣା ଛୁଟି ହେବ । ଘର ଛାଡ଼ ମାସେ ହେଲାରୁ ଖରଚ । ଆମେ

Digitized by srujanika@gmail.com

ଯାହା ନେମ୍ଭୀ କରୁ ସେ ଟଙ୍କା ଚକ୍ରପାଣି ଦୋକାନରେ ରଖିଥାଉ । ଅଖା କାଠା ବାନ୍ଧ ବାଲୁଙ୍କୁ ପଠାଇ ଦେଇ ଚକ୍ରପାଣି ଗୌଡ଼ଙ୍କୁ ଟଙ୍କା ମାଗିଲୁ । ସେ କହିଲା, ଟଙ୍କା କ'ଣ ମୁଁ ଜାଣେ ନାହିଁ । ମୋର ଘର ଦ୍ୱାରା ତିନ ଟଙ୍କା ଦେଇ କରି ଯାନ୍ତୁ । ଏହା ତା ଠାରୁ ଶୁଣି ଆମେ ଅବାକ୍, ୩୪୮ ଟଙ୍କା, କ'ଣ କରିବୁ । ମୁଁ କହିଲି ଆମକୁ ଆମ ଟଙ୍କା ହୋଇଥିଲେ ମିଳିବ । ଆମେ ଯାଉଛୁ । ଏହା କହି ଲୁଗାପଟା ଧରି ବାହାରିଲାବେଳେ ସେ କହିଲେ, ଅଜ୍ଞା ବ୍ରହ୍ମସ୍ୱ ଧନ । ଯିଏ ଖାଇବାକୁ ହେଲେ ପେଟ ଫାଟିଯିବ । ମୁଁ ଆପଣଙ୍କ ମନ ବୁଝୁଥିଲି । ଗଣିତ କରନ୍ତୁ । ଆମେ କହିଲୁ ବେଶ ହେବ ! ଆମେ ଗଣିବୁ ନାହିଁ । ଟଙ୍କା ଧରି ଆସିଲୁ । ବେହେରା ଦୋକାନ ବନ୍ଦକରି ଆମ ସଙ୍ଗେ ଆସିଲା । ଆମକୁ ଟ୍ରେନରେ ବସାଇ ଦେଇ କହିଲା, ମୋତେ ମନେ ପକାଉଥିବେ । ସବୁ ଟଙ୍କା ଠିକ କରି ଦେଖିଲୁ ୭୫ ଟଙ୍କାକୁ ଛୁଟି ।

ସେତେବେଳକୁ ବାବୁ ପ୍ରେଜଳ ମେନେଜର ହୋଇ ପୁରୀରେ ଅଛନ୍ତି । ମୁଁ ଟଙ୍କା ଧରି ଯାଇ ପୁରୀଠାରେ କହିଲି, ବାବୁ ଦୁଇମାସ ପରିଶ୍ରମ କଲୁ ପଞ୍ଚସ୍ତରୀ ଟଙ୍କା ଲୋକସାନ ହେଲା । ମୁଁ ମନେ କରିଥିଲି ବେଶି ଲୋକସାନ ହେବ ବୋଲି, ବାବୁ କହିଲେ । ଦୁଇ ଟଙ୍କା ବାଟ ଖର୍ଚ୍ଚକୁ ଦେଇ ବିଦାୟ କଲେ ।

କିଛି ଦିନ ପରେ କାନଗୋଇ ବାବୁ ବେମାରରେ ପଡ଼ିଲେ । ସେହି ବେମାରରେ ପଡ଼ି ଇହଧାମ ତ୍ୟାଗ କଲେ । ମୁଁ ଓଳଙ୍ଗିହରେ ଥିଲି, ବାବୁ ଜୀବିତାବସ୍ଥାରେ ରଘୁନାଥ ପଟ୍ଟନାୟକଙ୍କୁ କହିଥିଲେ, ମିଶ୍ରଙ୍କୁ ଛାଡ଼ିବ ନାହିଁ । ଯେଉଁପରି ଆମ ପାଖେ ଚଳନ୍ତି, ସେହିପରି ରଖିବ । ଭଗୀରଥୀ ବାବୁ ହେଲେ ମାଲିକ । କାନଗୋଇ ବାବୁ ନଗଦ ଟ୍ରେଜେରୀରେ ରଖିଥିଲେ ୮୪,୦୦୦ ଟଙ୍କା । ମୁଁ ପୂର୍ବ ତାଙ୍କଠାରୁ ଆଣିଥିବା ଟଙ୍କା ୩୦୦ ଦେଇନ, କଜନ୍ତର ଦେଇ ନ ଥିଲି । ଏହି ସମୟରେ ଜଣେ କଲେକ୍ଟର ପୁରୀକୁ ୧୮ ତାରିଖକୁ ଆସିବେ । ଭଗୀରଥୀ ବାବୁ ଦେଖାହେବେ । ମତେ କହିଲେ, ଆପଣ ବ୍ରହ୍ମପୁର ଯାନ୍ତୁ । କମଳା ୧୦ ଟଙ୍କାର, ଅଙ୍ଗୁର ୩ ଟଙ୍କାର, ବାଧକା କଦଳୀ ଧବଳ ଆଣିବେ ସତର ତାରିଖକୁ । ୫୦ ଟଙ୍କା ନଅନ୍ତୁ ।

Digitized by srujanika@gmail.com

ଟଙ୍କା ନେଇ ସବୁ ଆଣିଲି । ସେହିଦିନ ବାବୁ ପଚାରିଲେ, ଆପଣଙ୍କ ନାମରେ ଦଲିଲ ଖଣ୍ଡିଏ ଅଛି । ମୂଳ ଟଙ୍କା ଦେଇଛନ୍ତି, କଳାନ୍ତର ଦେଇ ନାହାନ୍ତି । ମୁଁ କହିଲି ବାବୁଙ୍କୁ ମୁଁ କହିଥିଲି ମୁଁ ସୁଧ ଦେବି ନାହିଁ । ଆପଣ ଚାହିଁଲେ ଦେବି । ବାବୁ କହିଲେ, ଏ ଦଲିଲ ଆମ ପାଖେ କାହିଁକି ଅଛି, ଆପଣଙ୍କ ଦଲିଲ ନିଅନ୍ତୁ । ପରେ କହିଲେ, ହଜାରେ ବସ୍ତା ଧାନ ଓଳସିଂହଠାରୁ ନିଅନ୍ତୁ । ଦର ବସ୍ତାକୁ ତିନି ଟଙ୍କା ଚଉଦଣା ହିସାବରେ । ମୁଁ ଦେଖିଲି ଆମକୁ ଲାଭ ବସ୍ତାକୁ ଚାରି ଅଣା ମିଳିବ । ଅଖା ପଠାଇଲି । ମାଗୁଣି ଓ ବାସୁଦେବ ପାଣ୍ଡ ଆମେ ଗଲୁ । ତିନି ଦିନରେ ମାପ ହେଲା ଚାରିଶହ ବସ୍ତା । ସେ ଦିନ ମଙ୍ଗଳ-ବାର । ବାବୁ କହିଲେ, ଆଉ ଧାନ ଶୁକ୍ରବାରେ ମାପ ହେବ । ମୁଁ କହିଲି ବାସୁଦେବ ପାଣ୍ଡକୁ ନଗକାରପୁରକୁ ଧାନ ପଠାଅ । ନାପୁଙ୍କ ନାମରେ ପାସ କର । ରଣପୁର ନାଆ ସବୁବେଳେ କହୁଚ ଓଳସିଂହକୁ ଯାଉଚୁ, ଆମ ଗାଁକୁ ବାଟ ତିନିକୋଶ ହେବ, ଟିକିଏ ଆସନ୍ତୁ । ମୁଁ ବାବୁଙ୍କୁ କହିଲି ମୁଁ ଯାଉଚି ରଣପୁର, ଗୁରୁବାର ଦିନ ଉପର ବେଳା ଆସିବି ।

ସେଦିନ ବୈଶାଖ ମାସ କୃଷ୍ଣପକ୍ଷ ପ୍ରତିପଦା ମଙ୍ଗଳବାର ୩ ଘଣ୍ଟା ହେବ ବାହାରିଲି । ମୁଁ ରାସ୍ତା କେବେ ଦେଖିନାହିଁ ; କିନ୍ତୁ ସଡ଼କ ବାଟେ କୋଶେ ଜଙ୍ଗଲ ପଡ଼ିବ । ମୁଁ ପିକୋଠାକୁ ଗଲି ବେଳକୁ ଦଣ୍ଡେ ବେଳ ଅଛି । ପଚାରିଲି ଲୋକଙ୍କୁ ରଣପୁର କେତେ ବାଟ ହେବ । ଲୋକେ କହିଲେ, ୩ ମାଇଲ ହେବ; ମାଝ ଜଙ୍ଗଲ ଦୁଇ ପାଖେ ଭାଲୁଙ୍କୁ ଟିକିଏ ଡର । ମାଇଲିଏ ବାଟରେ ନଈଟିଏ ପଡ଼ିଲା । ଟିଙ୍ଗ ହୋଇ ନାହିଁ । ବେଳ ଶେଷ । ନଈ ପାରି ହୋଇ ଦଣ୍ଡେ ଦୂରରେ ହେଲାଣି ପୂର୍ବ ଭାଗ ଅନ୍ଧାର, ପଶ୍ଚିମ ଭାଗ ଆଲୋକ ଦେଖା ଯାଉଛି । ସଡ଼କର ଉତ୍ତର ପାଖରେ ଶଗଡ଼ଭଙ୍ଗା ଗ୍ରାମ ଲୋକଙ୍କ ହେଲା ମୋତେ ଶୁଭୁଚି । ପଛ ଆଡୁ ଦୁମୁ ଦୁମୁ ଶବ୍ଦ ହେଲା । ମୁଁ ପଛକୁ ଚାହିଁଲି ହୁଙ୍କା ଭାଲୁଆ ବୃଷ ହାତ ଉଚ୍ଚରେ କେହି ବସିଚି, ମୋଠୁ ୨୦ ହାତ ଅନ୍ତରରେ । ମୁଁ ଭାବିଲି ଏ ତ ମାଙ୍କଡ଼ ନୁହେଁ, ଭାଲୁ ନୁହେ, କି ବାଘ ନୁହେଁ, ଇଏ କିଣ ! ଏହି ସମୟକୁ ମୋ ଘୋଡ଼

Digitized by srujanika@gmail.com

ଥରଲଣି । ଏହି ସମୟରେ ସେ ଗୋଟେ ହାଇ ମାରଲା । ତା ତେଜରେ ଝଛପଛ ଆଲୁଅ ହୋଇଗଲା । ମୁହଁଟା କଳା, ନୃସିଂହ ରୂପ ଭୟଙ୍କର । ମୁଁ ଭାବଲି ଏ ଗୋଟେ ଚଣ୍ଡୀ । ଅଧୈର୍ଯ୍ୟ ହେବ ବୋଇଲେ ପ୍ରାଣ ଗଲା । ମୋ ବୋଉ କହୁଥାଏ, କଥା କହନ୍ତି ଲୋକେ ଅଧୈର୍ଯ୍ୟ ହୋଇ ପ୍ରାଣ ହରନ୍ତି । ତାର ଦାନ୍ତ ନାହିଁ କି ନଖ ନାହିଁ । ସେ ଗୋଟେ ନିରାକାର ରୂପ । କିଛି କରିପାରବ ନାହିଁ । ଲୋକେ ଅଧୈର୍ଯ୍ୟ ହେଲେ ରକ୍ତ ପାଣି ହୋଇଯାଏ । କିଛି ମାତ୍ର ଭୟ ନ କର ଦମ୍ଭ ହୋଇ ତାର ଆଡ଼କୁ ନଜର ଦେଇ ବସିଲି । ରୁଦ୍ର କବଚ ପଢ଼ି ଦେହକୁ କଳ ଦେଲି । ମୋତେ ରୁଦ୍ରାଭିଷେକ ଆସେ । ମୁଁ ବଜ୍ର ପାଟିକରି ପଢ଼ିଲି । ମୁଁ ତାକୁ ଚୁହିଁଚି, ସେ ଉଭାନ ହୋଇଗଲା । ସେହି ଦିନ ପ୍ରତିପଦା, ଚନ୍ଦ୍ର ଉଇଁଗଲେ । ସେଠାରୁ ଅଧୋଗତି ଚାଲିଲି । ଘାଲୁ ଭୟରେ ଦଶ ଜଣ ମନୁଷ୍ୟ ଗଲା ପରି ପାଟିକଲି । ବଣ ଶେଷରେ ଗୋଟିଏ ଗାଁ ପଡ଼ିଲା । ଘଡ଼କ ପାଖେ ପୋଖରୀଟିଏ ପଡ଼ିଲା । ଦୁଇ ଜଣ ପୋଖରୀ ପାଣି ଆସିଥିଲେ । ତାଙ୍କୁ ଦେଖିଲାକ୍ଷଣି ବସି ପଡ଼ିଲି । ସେମାନେ ମୋ ପାଖକୁ ଆସି କହିଲେ କିଣ ? ମୁଁ ସକଳ ବିବରଣ କହିବାରେ ସେମାନେ କହିଲେ ସେଠାରେ ଗୋଟିଏ ଚଣ୍ଡୀ ଅଛି । କେତେ ଲୋକ ମଲେଣି । ଆପଣ ଭାଗ୍ୟ କରିଛନ୍ତି କି ? ମୁଁ କହିଲି ନାହିଁ । ତେବେ ଯା'କୁ କିଛି ପରୁଆ ନାହିଁ ।

ମୁଁ ଗଡ଼ରେ ପ୍ରବେଶ ହେଲାବେଳକୁ ରାତ୍ର ୮ ଘଣ୍ଟା ହେବ । ଗଙ୍ଗାଧର ମହାପାତ୍ରେ ସେ ଗାଁ ଘରୁ ସାଥୀ ହେଲେ, ଗଲୁ । ନାନା କୁ ଏ ବିବରଣ କହିଲି । ଗୁରୁବାର ଦିନ ଓନସିଂହ ଆସିଲି । ଶୁକ୍ରବାରେ ଧାନ ମାପ ହେଲା ।

ଜୟପୁର ପୁଣି ଯିବାକୁ ପଡ଼ିଲା । ସାନ କକେଇ ଆସିଲେ । ଗଙ୍ଗାଧର ମିଶ୍ରଙ୍କଠାରୁ ଜମି ବନ୍ଧକ ଦେଇ ଷାଠିଏ ଟଙ୍କା ନେଇ-ଥିଲେ ସେ ଟଙ୍କା ସୁଝିବାକୁ । ସେ ବଡ଼ କ୍ଷୀଣ ଲୋକ । ସର୍ବଦା ରୋଗୀ, ଅରଣ ବେମାର, ସାଥୀ ମିଳିଲେ ନାହିଁ ଜୟପୁର ଯିବାକୁ, ପ୍ରାୟ ଛ ମାସ ହେଲା ଆମ ଘରେ ରହିଲେ । ତାଙ୍କର ପ୍ରତିଦିନ

Digitized by srujanika@gmail.com

ଙ୍କ କ୍ରପାଳ ଔଷଧ ଖାଇବେ, ପଖାଳ ଭାତ ଆମ୍ବୁଲ ଖଣ୍ଡିଏ ଖାଇବେ। ଆଉ ଯେତେ ଫଳ ମୂଳ ଚଳେ ନାହିଁ ।

ବଡ଼ କକେଇ ଲେଖିଲେ ଅଗାଧୋଙ୍କର ବିବାହ ଫାଲ୍‌ଗୁନ ସପ୍ତମୀ । ତୁ କକେଇ ଓ ସମସ୍ତଙ୍କୁ ସଙ୍ଗେ ଧରି ଆସେ । ଅରଣ ବେମାରରେ ଅତି କ୍ଷୀଣ । ତେଣୁ ଧଇଲେ ଚାଲନ୍ତି । ମୁଁ ତାଙ୍କୁ ଏକୋଙ୍କ ନେଇ ନ ପାରେ । ଧାଞ୍ଚବାନ ବସ୍ତା । ଅରକ୍ଷିତ ପଧାନଙ୍କୁ ଧରି ଚଳି । ବାଟରେ ବଡ ହଇରାଣ କଲେ । ପଟାଙ୍ଗୀଠାରେ ଶୁଣିଲି କାଲି ବିବାହ, ଆଉ ପଞ୍ଚସ୍ତମ୍ଭ ମାଇଲ ଅଛି । ଗାଡ଼ିରେ ଗଲେ ପର ଦିନକୁ ଯିବୁ । କକେଇ କହିଲେ, ମୁଁ ଚାଲିକରିଗଲେ ଆଜି ସନ୍ଧ୍ୟାକୁ ଯାଇପାରେ, ତୁମେ ଗାଡ଼ିରେ ଆସୁଥାଅ, ମୁଁ ଯାଉଚି । ଏହା କହି ଚଳାଇ ଆସିଲୁ । କୋରାପୁଟରେ ତିନ ଘଣ୍ଟାରେ ପହଞ୍ଚି ସେଠାରେ ଠିଆରେ ଗଣ୍ଡେ ଜଳଖିଆ କରି ଚାଲିଲୁ । ରାତି ଆଠ ଘଣ୍ଟାରେ ଜୟପୁରରେ ପ୍ରବେଶ । ଗୋଡ଼ ଫୁଲି ଗଲାଣି । କପରି ଆସିଲୁ ସବୁ ବିବରଣ କହିଲି । ଯାହା-ହେଉ ଆସିଲୁ ଭଲ ହେଲା, ବଡ଼ କକେଇ କହିଲେ, ତୁ ଯା ରାଜାଙ୍କୁ ନିମନ୍ତ୍ରଣ ଦେଇ ଆ !

ଚଳି ଘୁମୁରେ ପଚାରିଲେ—ଆପଣ କି ଦିନ ଆସିଲେ । ମୁଁ କହିଲି ସକାଳୁ ପଟାଙ୍ଗୀଠାରୁ ଚାଲି ଆସିଅଛି । ରାଜା କହିଲେ ଗୋଡ଼ ଫୁଲି ଯାଇଚି, ହଜ ଯାଆନ୍ତୁ ।

କାଲି ବିବାହ ହେଲା । ତା ଆର ଦିନ କକେଇ ଆସିଲେ । ସାନ କକେଇ ବଡ଼ କକେଇଙ୍କି ପଚାରିଲେ ଭାଗୀରଥୀ କପରି ଅଛି ? ସେ କହିଲେ ବଡ଼ ଭଲରେ ଅଛି । ଦୁଇବାଟି ଜମି କିଣିଲାଣି । ଗାଁଠାକୁ କିଣି ଦେଲାଣି । ଲକ୍ଷେ ଇଟା ପକାଉଚି, ଆର ବରଷ ଘର ପକା କରିବ; ମାତ୍ର ସନ୍ତାନ କହୁ ନାହିଁ, ଗୋଟିଏ ଶଳାକୁ ରଖିଚି । ତାକୁ ପୋଷ୍ୟ ପୁତ୍ର କରିବ ପରା । ମୋତେ କହିଲେ ଶଳାକୁ ପୋଷ୍ୟ ପୁତ୍ର କରିବୁ । ମୁଁ କହିଲି ନାହିଁ । କାଲି ତୁ ଗୋଟିଏ ଉଇଲପତ୍ର ରେଜେଷ୍ଟ୍ରି କରି ଦେ । ମୋଠାରୁ ପୁତ୍ର ସନ୍ତାନ ହେଲେ ଭଲ ହେଲା, ନଚେତ ମୋର ଭାଇ ପୁରୁଷୋତ୍ତମ ମିଶ୍ର ମୋ ସମ୍ପତ୍ତିରେ ମାଲିକ ହେବେ । ତୁ ଇଟା ପୋଡ଼ ରଖିଚୁ ପକା ଘର କରିବାକୁ, କରେ ନା । ସେ ଉହ

Digitized by srujanika@gmail.com

ଆଣୁ କୁଣ୍ଡା ଉଡ଼ । ମୁଁ କହିଲି କଜେଇ ମୋତେ ତିରିଶ ବର୍ଷ ହେବ । ତମକୁ ଷାଠିଏ ବରଷ ହେବ । ତମେ ଏପରି କଥା କପରି କହୁଚ । ପିଲାକୁ ଭଗବାନ ଭଲ କରନ୍ତୁ । ଚାରି ଦିନକୁ ଆଠଦିନକୁ କାନ୍ଦ-ବୋବାଳି ପଡ଼ୁଚି । ତାକୁ ଏବେ ବୟସ ପାଞ୍ଚ ବର୍ଷ । ସେ ହେଙ୍ଗୁ ହେବ, ମନ୍ଦ ମନ୍ଦ ବାସିବ । ତୋର ଜ'ଣ ଷଷ୍ଠ ହେବ, ସେଥିରେ ଲେଖା ଥିବ । ଯେବେ ତୋର ପୁଅ ହୁଏ, ତେବେ ଭଲ, କଣ୍ଟୁ ଉପ୍ର କରେ ନା— ଲେଖି ଦେ । ମୁଁ କହିଲି ଲୋକେ ଶୁଣିଲେ ହସିବେ । ଏହା କହି ରାତିରେ ଚାଲି କରି ବଲେ ଘଲେ ଆସି ଘନା ଟିକଟରେ ଡାକ ଗାଡ଼ିରେ ଚାଲି ଆସିଲି ।

ଅନନ୍ତ ତଳେ ଚାରି ପୁଅ ହେଲେ, ସବୁ ମରି ଗଲେ । ଝିଅ ପାଞ୍ଚ ଗୋଟା ହେଲେ ସେ ବଞ୍ଚିଲେ । ଏଣେ ଭିତରେ ଘର ଚସ୍ୱାର ହେଉଥାଏ । ଅନନ୍ତ ସ୍ୱାମୀଙ୍କ ମଠରେ ଗୋଳମାଳ ହେଲା । ଗୁମାସ୍ତା ଦାମୋଦର ବେବର୍ତ୍ତା ଥାନ୍ତି । ସେ ଜମା ଖର୍ଚ୍ଚ ଦିଅନ୍ତି ନାହିଁ । ସେ ମହନ୍ତ ସ୍ୱର୍ଗଗାମୀ ହେଲେ । ତାଙ୍କ ଚେଲା ମହନ୍ତ ହେଲେ । ଗୁମାସ୍ତାକୁ ମାଗିଲେ ଜମା ଖର୍ଚ୍ଚ, ଗୁମାସ୍ତା କହିଲେ ଆମେ ଦେଇପାରିବୁ ନାହିଁ । ମହନ୍ତ ସଦର ଗୁମାସ୍ତା ପଠାଇଲେ । ପୁରୁଣା ଗୁମାସ୍ତାକୁ ସସପେଣ୍ଡ କଲେ । ସାଧାରେ ଜମା ଖର୍ଚ୍ଚ ଦିଅ, ସେ ମାନିଲେ ନାହିଁ । ବହୁ ଗୋଳମାଳ ହେଲା । ପୁରୁଣା ଗୁମାସ୍ତା ଅମାନ୍ୟ ହୋଇ ଧାନ ବିକ୍ରୀ କଲେ । ସଦର ଗୁମାସ୍ତାଙ୍କୁ ଚମ୍ପା ଗଛରେ ବାନ୍ଧି ଦେଲେ । ପୁଲିସ ଆସି ସବୁ ଜବତ କଲେ, ମକଦ୍ଦମା ଲାଗିଲା । ପୁରୁଣା ଗୁମାସ୍ତା କାମ ଛୁଡ଼ିଲେ ।

ମୁଁ ଓଳସିଂହରେ ଅଛି ଧାନ ମାପ ହେଉଛି । ଦୁଇଜଣ ଲୋକ କହିଲେ-ମହାରାଜ ଆପଣଙ୍କୁ ଡକାଇଛନ୍ତି, ପୁରୀକୁ ଆସ । ବାସୁଦେବ ପାଣିକୁ କହିଲି ମୁଁ ପର ଦିନ ଆସିବି, ତମେ ଧାନ ମପାଉଥାଅ ।

ମୁଁ ପୁରୀ ଗଲି । ମହାରାଜ କହିଲେ, ଆପଣ ମଠ ବୁଝନ୍ତୁ । ଖୋରାକ ଦେବି, ଦରମା ଦଶ ଟଙ୍କା ଦେବି, ମୁଁ ନାହିଁ କଲି, କହିଲି

Digitized by srujanika@gmail.com

ଆଜ୍ଞା ଆମକୁ ଗୁମାସ୍ତା କାମ ପୋଷେଇବ ନାହିଁ । ମହାରାଜ କହିଲେ, ଗୋଟିଏ ବରଷ ରହନ୍ତୁ । କାଗଜ ପତ୍ର ଠିକ୍ କରି ଦେଲେ ଆମେ ଅନ୍ୟ ଗୁମାସ୍ତା ପଠାଇବୁ । ଆପଣଙ୍କୁ ସ୍ୱାମୀ କଣ କରି ନାହାନ୍ତି । ଆପଣ କେତେ ବରଷ ଛଟିଏ କରନ୍ତୁ । ବାଧ ହୋଇ ହଁ କଲି । ବରଷ ଶେଷରେ ଜମାଖର୍ଚ୍ଚ ଦେଇ କହିଲି ସ୍ୱାମୀ ଅନ୍ୟ ଗୁମାସ୍ତା ରଖନ୍ତୁ, ଆଉ ଗୋଟିଏ ବରଷ ରହନ୍ତୁ, ମହାରାଜ କହିଲେ । ଏହିପରି ପାଞ୍ଚ ବରଷ ହେଲା । ଘରେ ବୁଢ଼ୀ କଳି କଲା । ତମେ କାମ ଛାଡ଼ିବ ନାହିଁ । ଅମୃତ ମଠଣାହି ଘରେ ପଶିବ, ସବୁ ନାଶ ହେବ ।

ମହାରାଜ ଶ୍ରୀମପୁରରେ ଥାନ୍ତି । ମୁଁ ଜମା ଖର୍ଚ୍ଚ ଥୋଇ ଦେଲି । ମହନ୍ତ କହିଲେ ଆଉ ବରଷଟିଏ ରହନ୍ତୁ, ମୁଁ ନାହିଁ କରି ବାହାରିଲି । ମୋର ଦରମା ଶହେପଚିଶ ଟଙ୍କା ଥାଏ, ତା ନ ମାଗି ବାହାରି ଆସିଲି । ସେ ଅନ୍ୟ ଗୁମାସ୍ତା ରଖି ଦେଇ ପୁରୀକୁ ଆସିଲେ । ଆଶ୍ୱିନ ମାସରେ ଧାନ ବିକି କରିବାକୁ ମହନ୍ତ ଗଲେ । ମୋତେ ଡାକି ମୋର ଥିବା ଦରମା ଦେଲେ । ପୁରୀକୁ ଗଲା ବେଳେ କହିଲେ ତୁମକୁ ମଠ ଲାଗିଲା ।

ଇଟା ପୋଡ଼ା ହୋଇଥିଲା ଘର କାମ ଚାଲିଥାଏ । ନାପୁରୁଙ୍କୁ କଳ ବିଗିଡ଼ି ଯିବାରୁ ସେ ଧାନ କିଣିଲେ ନାହିଁ । କହିଲେ ଆମର ନଗଦ ଟଙ୍କା ୭୦୦ ହେଉଛି, ଅଖା ୪୦୦୦ ବାକି ହେଉଛି । ମୁଁ କହିଲି ତୁମ ଟଙ୍କା ଦେବ, ଅଖା ଟଙ୍କା ଦେବ ନାହିଁ । ଆମେ କମିସନ ନେଉ । ଆପଣ ପଠାଇବା ଅଖା କାହାକେ ଚାରି ପାଞ୍ଚ ଉଣା ହୁଏ । ତା ମଧ ଦେଖାଇ ଦେଇଛି, ଘରେ କେତେ ଅଖା ଉଇ ଖାଇଗଲେ ଓ ମୂଷା କେତେ କାଟିଛି, ମୁଁ ଅଖା ଟଙ୍କା ଦେବ ନାହିଁ । ନାପୁରୁ ୨୫୦୦କୁ ଦାବୀ କଲେ ମୂଳ ଜମା ଶୁଣିଲି ।

ସଙ୍ଗାତ ଓ ମୁଁ ବ୍ରହ୍ମପୁର ଗଲୁ । ସଦାଶିବ ବିଦ୍ୟାଭୂଷଣଙ୍କର ତାରି ଭଲ ମନ ମିଳେ । କାରଣ ନାପୁରୁ ବଡ଼ ବେପାରୀ । ଜରୁରୀ ଟଙ୍କା ଦରକାର ଥିଲେ ବିଦ୍ୟା ଭୂଷଣଙ୍କଠାରୁ ହାନ କଜନ୍ତରିଆ ନଏ । ଦିନ

Digitized by srujanika@gmail.com

କୋଡ଼ିଏ ହଜାର ହଏ, ସେ ଯୋଗୁ ବିଦ୍ୟାଭୂଷଣଙ୍କୁ ନେଲୁ ଓ ସକଳ ବିଷୟ କହିଲୁ । ବିଦ୍ୟାଭୂଷଣ କହିଲେ ରାତକୁ ଯିବା ।

ରାତ ୭ ଘଣ୍ଟାକୁ ଗଲୁ । ବିଦ୍ୟାଭୂଷଣ ପଚାରିଲେ । ଆପଣ ମିଶ୍ରଙ୍କ ନାମରେ ଦାବି କଲେ କେତେ ଟଙ୍କାକୁ, ସେ କହିଲେ ୨୫୦୦କୁ । ମୁଁ କହିଲି ଆପଣ ଧର୍ମ ପୁରୁଷ । ଆପଣଙ୍କ ସହିତ ୧୨ ବର୍ଷ ହେଲା ବେପାର କରିଥିଲୁ । ଶେଷକୁ ଏହି ଫଳ ଫଳିଲା । ଆମ କର୍ମର ଦୋଷ ।

ବିଦ୍ୟାଭୂଷଣ କହିଲେ ସବୁ ନଗଦ ଟଙ୍କା । ନାୟୁଡୁ କହିଲା ନାହିଁ । କେତେ ନଗଦ, କେତେ ଅଖା ଟଙ୍କା ମତେ ଜଣା ନାହିଁ । ରାଘବ ରାଉକୁ ଜଣା, ସେ ମେଡ୍ରେସ ଯାଇଛି, ଚାରି ଦିନରେ ଆସିବ । ସେ ଆସୁ ଆପଣ ଯେଉଁ ପରି ହିସାବ କରିବେ ମୋର ରାଜି ଅଛୁ । ସେଠାରୁ ଆମେ ଗ୍ରାମକୁ ଆସିଲୁ ।

ପୁଣି ପନ୍ଦର ଦିନ ଗଡ଼ି ଗଲା । ବିଦ୍ୟା ଭୂଷଣ ନାହାନ୍ତି । ରାମ ମୂର୍ତ୍ତି ଆମର ଭୁଆଣିଆ କାମ କରେ । ଆମେ ଧାନ ବା ଗୁଡ଼ିକ ନେଇ ତା ଜିମା କରି ଦେଉ । ସେ ବିକି କରି ଆମକୁ ଟଙ୍କା ଦିଏ । ସେ କହିଲା କାଶୀ ସୁବୁଦ୍ଧି ଚାରିଶହ ବସ୍ତା ଧାନ ମାଗୁଛି, ଦେଇ ପାରିବେ କି ? ମୁଁ କହିଲି ଦର କ'ଣ ? ସେ କହିଲା—ଚାଲ ଯିବା । ସକାଳେ ମୁଁ ଓ ରାମମୂର୍ତ୍ତି ଗଲୁ । ଧାନର କଥା ପଡ଼ିଲା । ସେ କହିଲା ଆଠ ଦିନ ମିଆଦରେ ଚାରିଶହ ବସ୍ତା ଧାନ ଦେଇ ପାରିବେ କି ?

ମୁଁ କହିଲି ହଁ ଦେବୁ ଦର ପଡ଼ିଲେ । କାଶୀ ସବୁଦ୍ଧିକୁ କହିବାକୁ ରାମ ମୂର୍ତ୍ତି ଯାନ୍ତୁ ବେଗରେ, ପଚାରିବେ, ଯାହା ଦର ବଜାରରେ ଥିବ । ରାମ ମୂର୍ତ୍ତି ଗଲେ, ବୁଝି କରି ଘଡ଼ିକ ଭିତରେ ଆସି କହିଲେ । ମାପ ବସ୍ତାକୁ ୭୭ ଗୋଣୀ । ମୋଟ ଧାନ ବସ୍ତା ଚାରିଟଙ୍କା ବାରଅଣା ହୋଇଅଛି । ମୁଁ କହିଲି ନାହିଁ, ଷ୍ଟେସନରେ ତୁଲି ଦେବୁ ୧୦ ଦିନ ମିଆଦ, ଦର ଚାରି ଟଙ୍କା ହିସାବରେ ଦେବୁ, ସେ ନାହିଁ କଲା, ଫେରି ଆସିଲୁ । ପୁଣି ଖମାରୀକୁ ପଠାଇଲା । ହଉ

ବଏନା କର । ଏକଶହ ଟଙ୍କା ବଏନା କଲି । ନୂଆ ଅଖା ୪୦୦ ବାଲୁଗାଁ ଷ୍ଟେସନକୁ ପଠାଇ ଦେଲି ।

ଧାନ ଦାଶରଥି ବାବୁଙ୍କ ଖମାରରେ ତୁଳ ହେଉଛି । ରାମ ମୂର୍ତ୍ତି ଲେଖିଲି ଶୀଘ୍ର ଧାନ ପଠାଅ । ବଜାର ଦର କମିଗଲା, ଦର ଚାରି ଟଙ୍କା ଆଜି ହେଲା । ଜବାବରୁ ଜଣା ଅଧିକ ହେଲେ ଧାନ ନେବ ନାହିଁ, ଶୀଘ୍ର ଧାନ ପଠାଅ । ତାର ଜବାବ ୨୦ ତାରିଖକୁ, ଆମେ ଶୀଘ୍ର କାମ କରି ୧୭ ତାରିଖ ଦିନ ଧାନ ଷ୍ଟେସନରେ ହାଜର କଲୁ । ୧୮ ତାରିଖ ଦିନ ତାକୁ କହିଲୁ ଧାନ ତୁଳ କର । ସେ, କହିଲା କାଲି ତୁଳ କରିବା, ଆଜି ତୁଳ କଲା ନାହିଁ । ଆମେ ୧୯ ତାରିଖ ଦିନ ଡାକ ନୋଟିସ କଲୁ । ତିନ ଦିନ ହେଲା ଧାନ ରହିଲା । ତୁଳ କରୁ ନାହିଁ । ବଜାର ଦର କମି ଗଲେ ଆମକୁ ଦୋଷ ଦେବ ନାହିଁ । ସେ ନୋଟିସ ପାଇ ଜବାବ ଦେଲା । ତୁମର ଜବାବ ଚାରି ଦିନ ହେଲା ଗଲାଣି । ଆଜି ଦର ଅଣ୍ଟ ଚାରି ଟଙ୍କା, ମୋର ନେଇଥିବା ବଏନା ଓ ଅଖା ଫେରାଇ ଦିଅ, ମୁଁ ନଚେତ୍ ଟଙ୍କା ଦାବୀ କରିବି ।

ତା ପରେ ଆମେ ଶୁଣି ପାରିଲୁ ସେ ଧାନ ଅନ୍ୟକୁ ବିକ୍ରି କରି ଦେଲେ ଉପାୟ ନାହିଁ, ଆଗ ତା କୋରଖରେ ମାଲ ଜବତ କର । ୨୧ ତାରିଖ ଦିନ ରବିବାର ଯୋଗୁ କୋରଖ ବାହାରିଲା ନାହିଁ । ମୁଁ ସେହି ୨୧ ତାରିଖରେ ମାଲ ସମଦେଶେ ପଠାଇ ଘେଠାରେ ମାଲ ପାର କରି ଦେଲୁ । କୋରଖ ହେଲା ନାହିଁ । ସେ ଏକଥା ଦେଖି ସେ ନାଲିସ କଲା ।

ସେ ମକଦ୍ଦମା ଦୁଇ ବରଷ ଚାଲିଲା । ଆମର ଉକିଲ ଗଣେଶ ମହାପାତ୍ର ଥାନ୍ତି । ଆଡ଼ିସନାଲ କୋର୍ଟରେ ଥାଏ । ଏ ତାରିଖରେ ମକଦ୍ଦମା ମାସେ ହେବ । ଫଗାଡକୁ ଜର ହେଉଚି, ମୁଁ ଏକାକୀ ଗଲି । ଗଣେଶଙ୍କର ମହାପାତ୍ର ମୁନ୍ସଫ ହୋଇ ଗଲେଣି ସମଦେଶକୁ ଚାରିଦିନ ହେଲା । ଯେଉଁ ଉକିଲକୁ କହିଲି, ସେ କହିଲେ ଆଜି ଅନ୍ୟ ତାରିଖ କଲେ ଓକାଲତି କରିବୁ । କୋର୍ଟ କହିଲା ଆଜି ତାରିଖ ଦିଆ ହେବ ନାହିଁ । ସଦାଶିବ ବିଦ୍ୟାଭୂଷଣଙ୍କୁ କହିଲି । ସେ କହିଲେ ତାକୁ ପାରିବ

Digitized by srujanika@gmail.com

ନାହିଁ । ରୁଲ ନିଷ୍ପତ୍ତି କରି ଦେବା । ତାଙ୍କୁ ସଙ୍ଗରେ ଧରି ଅସିବାରେ ସେ ବାରଶହ ଟଙ୍କାକୁ ଚାରିବରଷରେ ଦେବାକୁ ବର୍ଷକୁ ତିନିଶହ ଟଙ୍କା ହିସାବରେ ଲେଖା ସରିଲା ପରେ କୋର୍ଟକୁ ଯାଇ ରଫାନାମା ଦାଖଲ କଲୁ । କୋର୍ଟ ଦେଖିଲାକ୍ଷଣି କହିଲେ ଆଜି ଜଣେ ପ୍ରତିବାଦୀ ନାହିଁ, ତା'ପରେ ଓକିଲ ଥିଲେ ହୁଅନ୍ତା, ଓକିଲ ନାହିଁ । ନାୟବ୍‌ ଗୁମାସ୍ତା କହିଲା ଆପଣ ଥାନ୍ତୁ ମୁଁ ନାୟବ୍‌ ବାବୁଙ୍କୁ ଡକେଇ ଆସେ । ଘଣ୍ଟାଏ ପରେ ଆସିଲା । ବାବୁ କ'ଣ ମୁନ୍‌ସଫ ନିକଟକୁ ଲେଖିଥିଲେ ସେ ଜାଣେ । ସେ ରଫାନାମାକୁ ନେଲା । ମୋର ଟିପ ଚିହ୍ନ ଦସ୍ତଖତ ନେଲା । ସଦାଶିବ ମିଶ୍ରଙ୍କୁ କହିଲି—ସେ କହିଲେ କାଲି ଯିବା । ମୋର ମୁନ୍‌ସଫର ସ୍ନେହ ଅଛି, ବୁଝିବା, ଏହିଲେ କ'ଣ ଟଙ୍କା ଦେବ କଥା କରି ନଅନ୍ତୁ ।

ମୁଁ ଗାଁକୁ ଆସିଲି । ପରେ ୩ ନମ୍ବର ପ୍ରେସିଡେଣ୍ଟ ହିସାବ ପଧାନ ସୂନା ବେହେରା ଥିଲା । ପୁଣି ସ୍ଥାନ ହେଲା, ପ୍ରଜାମାନେ ଆପତ୍ତି କଲେ କପିଳ ମିଶ୍ରଙ୍କୁ ପ୍ରେସିଡେଣ୍ଟ କରାଯାଉ । ଗୁପ୍ତ ସାହେବ ଏସ୍. ଡ଼. ଓ. ଥାଏ । ମୋତେ ପ୍ରେସିଡେଣ୍ଟରେ ମୁକରର କଲେ । ସେ କାଳେ ପ୍ରେସିଡେଣ୍ଟଙ୍କୁ ବହୁ ମାନ୍ୟ ଥାଏ, ପାଓ୍ୱାର ଥାଏ । ଯଥା— ଅପମୃତ, ପାପ ଗର୍ଭ, ଫଉଜଦାରୀ, ବାଘଖିଆ, ଭାଲୁଖିଆ ଇତ୍ୟାଦି । ପ୍ରେସିଡେଣ୍ଟମାନେ ଧନୀ ହୋଇଗଲେ । ହରିହର ବେବର୍ତ୍ତା । ଅସୁଲ ମେମ୍ବର ଥାନ୍ତି । ସେ ଟଙ୍କା ଲାଞ୍ଚ ବ୍ୟବହାର କରନ୍ତି । ମୁଁ ଲାଞ୍ଚ ନ ନେଇ କାର୍ଯ୍ୟ ବୁଝିବାରୁ ମୋତେ ଛାଡ଼ିଲେ ନାହିଁ । ମିଆଦ ଥାଏ ୩ ବର୍ଷ । ପୁଣି ଇଲେକ୍‌ସନ ହୁଏ । ମୁଁ ୧୨ ବର୍ଷ ରହିଲି, ପରେ ଚାର୍ଜ ଦେଲି ବିମ୍ବାଧର ବାବୁଙ୍କୁ ।

ଧାନ ବ୍ୟବସାୟ ଚାଲିଥାଏ । ଗଞ୍ଜା ରାଉଳ ସାହୁ ଯୁଧିଷ୍ଠିର ପଣ୍ଡା ବାସୁହୁଣ୍ଡା ଧାନ ଖଣିରେ ଥିବା ୧୦୦ ଭରଣକୁ ୪୦୦ ବସ୍ତା ହେଲା । ସେ ଧାନ ବଣାଖାପାଟଣାକୁ ପଠାଇଲୁ । ମିଲ୍‌ରେ ୧୦୦ ବସ୍ତା ପଡ଼ିଚି, ଏହି ସମୟରେ ତୋଫାନ ହୋଇ ବଣାଖାପାଟଣା ଯାଏ ବୁଡ଼ି ରହିଲା । ସେଠାରେ ଗୋଟେ ପର୍ବତ ଥିବାରୁ ବସ ସହିତ ଉହ୍ୱଗଲେ, କେତେ ମରିଗଲେ, କେତେକ ଲୋକ ଦୋ ମହଲରେ

Digitized by srujanika@gmail.com

ରହିଗଲେ । ରେଲ ରସ୍ତା ୩୦ ମାଇଲ ଭାଙ୍ଗି ଗଲା । ୬ ମାସ ଯାଏ ରାସ୍ତା ବନ୍ଦ ହେଲା । ଗୋପାଳପୁରଠାରେ ଜାହାଜରେ ବସି ଲୁଣାଖା-ପାଟଣା ଗଲା । ଯାହା ପାଖରେ ଧାର ନେଇଥିଲ, ସେ କିଏ କହିବ ? ଲୁଣି ପାଣିରେ ଅଖା ସବୁ ମିଳିଗଲା । ଟଙ୍କାରେ ଗୁଡ଼ଏ ମିଳିଲା । ପନ୍ଦର ଦିନରେ ସେ କାମ ଛୁଟି ଗଲା ।

ସଙ୍ଗାତ ବାସୁଦେବ ସହିତ ହିସାବ ଦେଖିଲୁ ୨୧,୯୦୦ ଟଙ୍କା କ୍ଷତି ହେଉଅଛି । ସଙ୍ଗାତଙ୍କର ଖର୍ଚ୍ଚ ୧୧୬୬ ଟଙ୍କା ନିଜ ବସ୍ତୁ, ବାସୁଦେବର ୭୦୦ ଟଙ୍କା ଯାଇ ମୋର ଖର୍ଚ୍ଚ ୧୮୦୦ ଟଙ୍କା, ତାଣ୍ଡରେ ଭଉଣିଆଙ୍କ ଠାରେ ୭୦୦୦ ଟଙ୍କା, ପାରିକୁଦରେ ୧୫୦୦ ଟଙ୍କା ହେଲା । ବାସୁଦେବ ଓ ସଙ୍ଗାତ କହିଲେ ଆମେ ଯାହା ଖର୍ଚ୍ଚ କରିଛୁ ଆମେ ଦେବୁ । ବାକି କଥା ତୁମେ ବୁଝ । ତା ଶୁଣି ମୋତେ ଜର ହୋଇଗଲା । ଲୋକେ ଜାଣିଗଲେ ସ୍ୱାଙ୍କର ବେପାର ଭାଙ୍ଗି ଗଲା । ଆମ ଟଙ୍କା !

ଭାଟପଡ଼ା ସୀମା ଲହଂଗାଡ଼ପଟଣାରେ ମୋର ଜଣେ ପ୍ରିୟ ଲୋକ ଥାନ୍ତି । ତାଙ୍କ ନାମ ଆନନ୍ଦ ପଧାନ । ସେ ଜଣେ ସାମାନ୍ୟ ଧନୀଲୋକ । ଆମ ପୁଅ ଓ ତାଙ୍କ ପୁଅକୁ ସଙ୍ଗାତ କରିବାକୁ ସତ୍ୟ କରି ଥାଉ । ତାଙ୍କ ବାପ ଡ଼ମ୍ବରୁ ପଧାନ ସେ କ ଆନନ୍ଦ ପଧାନ ସେ ବୁଢ଼ାର ପୁତୁରା । ତାଠାରେ ବୁଢ଼ାର ଅତି ପ୍ରିୟ ଥାଏ । ଆନନ୍ଦ ପଧାନ କହିଲେ, ବୁଢ଼ା ଚାରି ହଜାର ଟଙ୍କା ଥଳୀ ଗୁଡ଼ିକରେ ରଖିଥାଏ ଗୋଟେ ବଡ଼ ସିନ୍ଦୁକରେ । ବୁଢ଼ା ଦେଢ଼ ଦିନରେ ଥରେ ଦେଖୁଥାଏ । ଥଳୀକି ଟିକିଏ ଆଉଁସି ଦିଏ । ଆପଣ ଗୁଡ଼ିକି ଥଳୀରେ ପଇସା ଆଣନ୍ତୁ । ତାକୁ ସିନ୍ଦୁକରେ ରଖି ଟଙ୍କା ଗୁଡ଼ିକି ଥଳୀ ନେଇ ଆସ । ବାସୁ ପନ୍ଦର ଦିନରେ ଚାରି ଥଳୀ ପଇସା ଆଣିଲା । ତାକୁ ରଖି ତାକୁ କହିଲି, ସେ କହିଲେ ରଖିଥାଅ । ବୁଢ଼ା ପଞ୍ଚୁପାଟିଆ ଝିଅ ଘରକୁ ଯିବ । ସେହିଦିନ ମୁଁ ମନୁଷ୍ୟ ପଠାଇବି । ଆପଣ ଶଗଡ଼ ଆଣିଥିବେ । ରାତ ମୁଁ ପଇସା ରଖି ଟଙ୍କା ଆଣିବ ।

ପନ୍ଦର ଦିନ ପରେ ବୁଢ଼ା ଶଗଡ଼ରେ ଝିଅ ଘରକୁ ବାହାରିଲା । ମୁଁ ଦିନେ ଘରେ ଶୋଇଛି କପିଳ ପଧାନ ବୋଲି ଜଣେ ବିଦ୍ୟା

Digitized by srujanika@gmail.com

ମିଶ୍ରଙ୍କର ବନ୍ଧୁ ଆସି ମୋତେ କହିଲେ ଆଜି ଉପର ଓଳି ଆସନ୍ତୁ । ମୁଁ ଆନନ୍ଦରେ ଶଗଡ଼ରେ ବସି ବାହାରିଲି । ସେ ଗାଁରେ ସନ୍ଧ୍ୟା ବେଳକୁ ପ୍ରବେଶ ହେଲି । ତାଙ୍କ ଦାଣ୍ଡ ଘରେ ଚୁଲି ଖୋଳା ହେଲା ।

ରୋଷେଇ ଲାଗିଲା । ଖାଇ କରି ଦାଣ୍ଡ ଘରେ ଖଟରେ ଶୋଇଲୁ । ପଇସାକୁ ଘରେ ରଖି ଥାଉ । ରାତି ୧୨ ଘଣ୍ଟା ଠାରେ ଏହି ପଇସା ଥଳି ରଖି ଟଙ୍କା ଥଳି ଆଣିଲେ । ଗୋଟିଏ ଥଳି ଫିଟାଇଲୁ । ସେ ଟଙ୍କା ନୁହେଁ ଖାଲି ପଇସା । ତା ପରେ ଆଉ ଗୋଟିଏ ଥଳି ଦେଖିଲୁ ସେ ମଧ୍ୟ ପଇସା । ଏପରି ଚାରିଥଳି ଫିଟାଇ ଦେଖିଲୁ ଖାଲି ପଇସା । ତାଙ୍କ ଥଳି ଯୁ ପରି ସିଲେଇ ଥିଲା ତାକୁ ରଖି ଦେଲୁ । ପଧାନ କହିଲେ ବୁଢ଼ା ପଇସା ରଖିଛି ତା ଶୁଦ୍ଧବାରକୁ ବ୍ରାହ୍ମଣ ଖଦାଣ ହଜାରେ ।

ସକାଳୁ ମୁଁ ବାହାରି ଆସିଲି । ମୋ ପାଖରେ ୧୫୦୦ ଟଙ୍କା ଅଛି । ମୁଁ ଆଉ ୫୦୦ ଟଙ୍କା ସଂଗ୍ରହ କରିବି । ଆପଣ ଦୁଇ ହଜାର ଟଙ୍କା ଠିକଣା କରନ୍ତୁ । କପିଳ ସୁବୁଦ୍ଧି ଟଙ୍କା ନକାଶ କରି ଦେବାକୁ ୫।୦ ଦିନ ପରେ ୭୦୦ ଟଙ୍କା ଧରି ଆସିଲେ । ଏ ଟଙ୍କା ରଖନ୍ତୁ । ମୁଁ ପାହାଠାରେ ଟଙ୍କା ରଖିଛି ସେ କହିଲେ ଚାରି ଦିନ ପରେ ଟଙ୍କା ଦେବେ । ଆପଣ ହେଳା କରନ୍ତୁ ନାହିଁ । ... ଏହା କହି ତାଙ୍କ ଗାଁକୁ ଗଲେ । ଚାରିଦିନ ପରେ ଶୁଣିଲି ସେ ରକ୍ତ ଗୁପ ବେମାରରେ ମରିଗଲେ । ତାହା ଶୁଣି ଅତି ଦୁଃଖିତ ହେଲି । ତାଙ୍କ ଗାଁକୁ ଗଲି । ମୋତେ ଦେଖି ବଂଶଯାକ କ୍ରନ୍ଦନ କଲେ । ବୁଢ଼ା କହିଲେ, ସାହାଠାରେ ସେ ଟଙ୍କା ରଖିଥିଲେ, କେହି କିଛି କହୁ ନାହାନ୍ତି । ତାର କାଳ ହେଲା ଅଧ ଘଡ଼ିକ ଭିତରେ ଆମେ କଣ ପଚାରିବୁ । ଆପଣଙ୍କ ପାଖରେ କେତେ ଟଙ୍କା ଅଛି କି ? ମୁଁ କହିଲି, ମୋ ଠାରେ ୭୦୦ ଟଙ୍କା ରଖିଥିଲେ । କି କାରଣରୁ କି ବାମଦେବ ଖଣ୍ଡ ବିଲ ୭ ମାଣ କିଣିବାକୁ ମାଣକୁ ୧୨୦ ଟଙ୍କା ହିସାବରେ । ତାଙ୍କ ନାମରେ ରେଜେଷ୍ଟ୍ରି ହୋଇ ଗଲାଣି, ମାତ୍ର ଟଙ୍କା ଦିଆ ହୋଇ ନାହିଁ । କାରଣ ସେ ଜମି ରଘୁଙ୍କ ପିତା ଚୈତନ୍ୟ ରାଏଙ୍କ ବନ୍ଧକରେ ଅଛି । ଆଜି ଜମି ସେ ବର୍ଷା କରି ଟଙ୍କା ସଂଗ୍ରହ କଲେ ସେ ଟଙ୍କା ଚୈତନ୍ୟ

Digitized by srujanika@gmail.com

ଗାଏଙ୍କୁ ଦିଆ ଯିବ । ବୁଢ଼ା କହିଲେ, ତେବେ ଅଳ ଟଙ୍କା ଦିଅ ନାହିଁ ମୋର ଜମି ଦରକାର ନାହିଁ ।

ଦିଅନ୍ତୁ ଟଙ୍କା, ଆଣିବା । ମହାଜନ ଯୋଗୀ ପଧାନ ଲବଙ୍ଗା-ଭଞ୍ଜି ଆନନ୍ଦ ପଧାନ, ଦାଶରଥି ବାବୁ, ନାରଣ ସାମ, ଲୋକନାଥ ପାଣି, କପିଳ ମୁକୁନ୍ଦି-ତାଙ୍କୁ ମୁଁ କହିଲି ଆମର ଜାହାଜ ବୁଡ଼ି ଗଲା । ଆପଣମାନଙ୍କ ଟଙ୍କା ୪ କିସ୍ତିରେ ଦେବୁ । ଯେବେ ଆପଣ ନାହିଁ କରନ୍ତି ମୁଁ ଦିବାଲି ନାମା ଦାଖଲ କରିବି । ଲୋକନାଥ ପାଣି କହିଲେ ମୋର ୧୬୦୦ ଟଙ୍କା ନଗଦ କଳନ୍ତର ୩୨୫ ଟଙ୍କାକୁ ମୋତେ ହଜାରେ ଟଙ୍କା ଦିଅନ୍ତୁ । ମୁଁ କହିଲି ୬ ମାସରେ ଦେବି । ଦାଶରଥି ବାବୁ କହିଲେ ମୋର ସ୍ୱୀକାର । କପିଳ ମୁକୁନ୍ଦି କହିଲା, ମୋର ୫୦୦୦ ଟଙ୍କାରୁ ପଇସାଟିଏ କାଟିବି ନାହିଁ ।

ଯୋଗୀ ବୃହସ୍ପତି ପାଇ ଦିନ ଆସି ଗଲାଣି । ଅଧିଲକର ଲେଖା ଅଫିମ ଖାଇବାରେ ଜର କମିଗଲା । ମୁଁ ଭୂଆଣିଆମାନଙ୍କୁ କହିଲି, ବନା ମୁଧିରେ ଟଙ୍କା ଦିଅ, ନଚେତ ମକଦ୍ଦମା କରିବି ।

ବେପାର ଭାଙ୍ଗିଗଲା । କେତେକ ଲୋକ ଟଙ୍କା ଦେଲେ । ସେ ଟଙ୍କା ଲୋକନାଥ ପାଣିଙ୍କର ନିକାଶ କରିଦେଲୁ । ନାଥୁଙ୍ଗୁ ଦରଜୁ କଥା କଥାରେ ମୋର ୬୦୦ ଟଙ୍କା ଦେଲି । ଦିବ୍ୟସିଂହ ନମ୍ବର ନାମରେ ମକଦ୍ଦମା କର, ଯେବେ ତାଙ୍କଠାରୁ ନ ମିଳେ ମୁଁ ଦେବି । ହଉ କହିଲି ।

ପାଟିକୁଦରେ ଥିବା ଟଙ୍କା ସେମାନେ ଗାଈ ବଳଦ ହଜାର ଟଙ୍କାର ଦେଲେ । ନିତ୍ୟ ଗୁଟୋଇ, ଅଦେଖିତ ପଧାନ ଚଳକ ଦ୍ୱାରାରେ ରମ୍ଭା ବାଟ ଦେଇ ଆଣି ବିକ୍ରି କରି ଦେଲୁ । ବାକି ଟଙ୍କା ସାତ ଶହ ରହିଗଲା । ନୂଆ ଗାଁ ହରି ବେହେରା ନାମରେ ଶହେ ପଚିଶ ଟଙ୍କାକୁ ନାଲିଶ କରି ଡ଼ିଗ୍ରୀ କରି କୋରଖ ପିଅନକୁ ଧରି ଯିବା ସମୟରେ ପାରିକୁଦ ମାଲୁଦର ରଜା ରାଧାମୋହନ-ମାନସିଂହଙ୍କ ନିକଟକୁ ମଧ୍ୟସ୍ଥ ଧରି ଚଳୁ । ହରିବୋଲ ନାୟକ ଓ ଗୋନବନ୍ଧୁ ମହାପାତ୍ର ମଧ୍ୟ ଗଲେ । ସେ ଦିନ ବୁଢ଼ା ରଜାଙ୍କ ବରଷିକିଆ ମଣ୍ଡଳ

Digitized by srujanika@gmail.com

ଜାର୍ତ୍ତନ ହେଉଛ । ସେଠାରେ ୩ ଘଣ୍ଟା ସମସ୍ତେ ବାଲୁଗାଁ ସତ୍ୟବାଦୀ ମିଶ୍ରଙ୍କୁ ଦେଖିଲୁ । ସେ କହିଲେ, ମାମୁଁ ତମେ କୁଆଡେ ? ମୁଁ କହିଲ ସବୁ ବିବରଣ । ଘରରେ ଦେଖା ହେବା । ହଜ ମୁଁ ଯାଉଛ ସମସ୍ତ କଣ ବୁଝିଆସେ । ରାଜାଙ୍କୁ ସତ୍ୟବାଦୀ ମିଶ୍ରେ କହିଲେ, ଖାସପୁର ନରହରପୁର ଶାସନ କପିଳ ମିଶ୍ରେ ଆସିଛନ୍ତି, ଦେଖା ହେବେ କହୁଛନ୍ତି । ରାଜା କହିଲେ, ଆସନ୍ତୁ ପୁଣି ପଗ୍ଭରଲେ ନମସ୍କାର ହେବ କି ନା ? ସତ୍ୟବାଦୀ କହିଲେ ଆପଣଙ୍କର ଗୁରୁ ଗୋସେଇଁ ତାଙ୍କ କହେଇ, ମଉସା ଗଣେଶ ରାଜଗୁରୁ— ତେବେ ଆସନ୍ତୁ । ସତ୍ୟବାଦୀ କହିଲେ ଆସନ୍ତୁ ।

ମୁଁ ଗଲାକ୍ଷଣି ନମସ୍କାର ହେଲେ । ପୃଥକ ଆସନ ଖଣ୍ଡିଏ ପକାଇଥିଲେ, କହିଲେ ବସନ୍ତୁ । ଅନେକ ବ୍ରାହ୍ମଣ ଜମା ହୋଇଥିଲେ । ବ୍ରାହ୍ମଣ ଭୋଜନ ଲଗିଲ । ମୁଁ ବସିଥାଏ ଶାସନ ଭିତରେ ଗୋଟିଏ ଘର ଦେଲେ-ମୋତେ କହିଲେ, ଆପଣ ବସାକୁ ଯାଆନ୍ତୁ । ଘରରେ କଥା ହେବା । ମୁଁ ବସାକୁ ଗଲାବେଳେ ଚନ୍ଦ୍ରବାରିକ, ରାମ ପରିଡ଼ା ଦେଖିଲେ । ଆମେ ପାଞ୍ଚ ଜଣ ହେଲୁ । ବାରିକ ପାଣି ଆଣି ଗୋଡ ଧୋଇ ଆସନ ସଉପ ଖଣ୍ଡିଏ ପକାଇ ଦେଲ । ଏହି ସମୟରେ ଚଡ଼ା ଘଷା, ରସାବଳୀ, କାକରା, ପାଳୁଅ, ରସ ଖଇ କଦଳୀ ପଣ ୧୦ ଖଣ୍ଡ ଆଣି— କହିଲେ ଜଳଖିଆ କରନ୍ତୁ । ମୁଁ ଦେଖିଲି ୨୦ ଜଣ ଖାଇ ପାରବେ ନାହିଁ, କ'ଣ କରିବୁ ? ଶାସନର ବ୍ରାହ୍ମଣ ୧୦ ଜଣ ଡକାଇ ଖାଇଲୁ । ପୁଣି ବଳକା ରହିଲ । ବାରିକକୁ ଚାରିଜଣ ଖାଇବା ଭଳି ଦେଲୁ । ପିଠା ଚାରିଯୋଡ଼ା ପାଳୁଅ କଂସେ ଖଇ ସେରେ ।

ରାତି ୮ ଘଣ୍ଟା ସମୟରେ ଗୋଟେ ଶବ୍ଦ ଶୁଭିଲା । କଅଣ ଶୁଭିଲା ବୋଲି ଦ୍ୱାର ଫିଟାଇ ଦେଖିଲୁ କେହି ନାହିଁ କାଠ ଗୋଛାଟେ ପଡ଼ିଅଛି । ଆମେ ଭାବିଲୁ ଛଞ୍ଚା ଦେବେ କି ? ସେହି କ୍ଷଣି ୩ ଜଣ ବାରିକ ଛଞ୍ଚା ଧରି ଆସିଲେ, ନବାତ୍ତି ଅରୁଆ ଚାଉଳ ଚାରି ସେର, ହରଡ଼ ଡାଲି, ଘିଅ ପାଏ, ସାରୁ, ବାଡି ବାଇଗଣ, କଦଳୀ, ଆଳୁ ବୋଖୁଟେ, ଜିରା, ସୋରିଷ, ଲଙ୍କା ମରିଚ, ଗରମ ମସଲା ସହିତ ତା ପଛରେ ବେକଟା ମାଛ ଚାରି ଝଣ୍ଟା ହେବ ଗୋଟିଏ । ଆମେ ଭିତରର

Digitized by srujanika@gmail.com

କଲ୍, ସବୁ ଥାଉ କାଲି ଗୋଷେଇ କରିବା । ଚନ୍ଦ୍ର ବାରିକ ଲଂଘା କଲୁ ଗୋଷେଇ କରିବା । ବାଧ ହୋଇ ଗୋଷେଇ ଆରମ୍ଭ କଲେ । ମୁଁ କହିଲି ଗୁଡ଼ଳ ଅଧ ସେର ରାନ୍ଧ ; ଗର୍ଭୁରେ ମଣ ଭାଜ ବରଣ ହେବ । ଆଉ କିଛି ରାନ୍ଧ ନାହିଁ, ଏହି ସମୟରେ ଡାକରା ହୁମୁରୁ ହେଲା । ମୁଁ ଗଲି ବେଳକୁ ଗଜେନ୍ଦ୍ର ସିଂହ ରାଜା, ଯେଠାକାର ଜଣେ ସାଆନ୍ତ, ପଶାପାଳି ପଡ଼ିଛି, ଖେଳ ଲାଗିଛି, ଖେଳ ପରେ କହିଲେ କାଲି ଆଠ ଘଣ୍ଟାଠାରେ ଆସନ୍ତୁ । କାହାଠାରେ କେତେ ଟଙ୍କା ହେବ ? ମୁଁ କହିଲି, ଆଜ୍ଞା ।

ତା ପରେ ରାତି ୧୧ ଘଣ୍ଟାଠାରେ ଜଣେ ପାଇକ ଆସିଲା । ସେ କହିଲା, ହୁମୁରୁ ହୁକୁମ ହୋଇଛି ଆସନ୍ତୁ । ତକ୍ଷଣେ ଚଳି । ହୁମୁ କହିଲେ ମୁଁ ଏହି କ୍ଷଣି ଗାଁକୁ ଯାଉଛି । କାଲୁଗାଁ ଯିବ; ସେଠାରୁ କଟକ ଯିବ ? କାରଣ ଦଶପଲ୍ଲା ଯୁବରାଜଙ୍କୁ ହାଡ଼ଫୁଟି ବସନ୍ତ ହୋଇଅଛି । ଏହିକ୍ଷଣି ତାର ଆସିଲା । ମୁଁ କେତେ ଦିନ ରହି ଆସିବ ? ଆପଣ ଥାଆନ୍ତୁ, ବସା ହୁଆ ପଣ୍ଡିତେ ଯୋଗାଇ ଦେବେ । ମୁଁ କହିଲି ଆଜ୍ଞା, ମୁଁ ଆଠଦିନ ପରେ ପୁଣି ଆସିବି, ମୁଁ ରହି ପାରିବି ନାହିଁ । ହଉ ଭଲ ହେଲା ଏହା କହି ବିଦାୟ ଦେଲେ ।

ତାର ଦୁଇ ଦିନ ପରେ ମୋତେ ମେଲେରିଆ ଜର ହେଲା ଯେ ପନ୍ଦର ଦିନ ଯାଏ ଘରୁ ବାହାରି ପାରିଲିନାହିଁ । ତା'ପରେ ଅନ୍ୟ କାର୍ଯ୍ୟ ଲାଗିଲା ଏବଂ ଜର ଉପରେ ଯାଇ ପାରିଲି ନାହିଁ । ତା'ପରେ ଦୀନବନ୍ଧୁ ମହାପାତ୍ର, ହରିବୋଲ ନାୟକ, ଚେମା ଖାଁ ଏମାନେ ଯାଇ କେତେକ ଟଙ୍କା ଆଣିଲେ ଅମୂଲ କରି, ତା ପରେ ନାଲିସ କରି ଟଙ୍କା ଡିଗ୍ରୀ କରି ରଖିଲି ତିନ ନମ୍ବର ଇଉନିୟନରେ ପଞ୍ଚାୟତ ପ୍ରେସିଡେଣ୍ଟଙ୍କ ଠାରେ ।

୧୩୩୦ ସାଲରେ ଅନନ୍ତକୁ ବ୍ରତ କରିବା ସ୍ଥିର ହେଲା । ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀକୁ ଘଡ଼ିର ରେ ସେଇଁ ମା ମରି ଗଲେ । ଅଶୌଚ ରହିଲା, ଗୁଡ଼ଳ ଧୂଆ ପର୍ଯ୍ୟନ୍ତ । ମଉଳା ନିମନ୍ତ୍ରଣ କପର ଚଳିବ ? ପରେ ରଣପୁର, ନୂଆଗଡ଼ ନିମନ୍ତ୍ରଣ କପର ଦିଆହେବ ?

Digitized by srujanika@gmail.com

କଥା ସ୍ଥିର ହେଲ-ସବୁ ବନ୍ଧୁମାନଙ୍କୁ କହି ଦିଅ; ନିମନ୍ତ୍ରଣ ଗ୍ରାମଠାରେ ପାଇବ । ଏପରି ଘଟଣା ଘଟିଅଛି । ସେହିପରି କାର୍ଯ୍ୟ ଲାଗିଗଲା ।

ମୁଁ ସେତେବେଳକୁ ମଠରେ ଗୁମାସ୍ତା ଥାଏ । ପ୍ରେସିଡ଼େଣ୍ଟ କାର୍ଯ୍ୟ କରୁଥାଏ । ବାଣପୁର ମହାଜନମାନଙ୍କୁ, ଛଅ ନମ୍ବର ଇଉନିୟନରେ ଯେତେ ଭଦ୍ର ଲୋକ ସେମାନଙ୍କୁ ଆମନ୍ତ୍ରଣ କରିଦେଲି । ଶସ୍ତା କାଳ ! କଦଳୀ ପଣ ଅଠଅଣା । ସାରୁ ଟଙ୍କାରେ ୩୦ ବିଶା, ଆଳୁ ୨୨ ବିଶା । ମାଛ ସେର ଅଣାଏ । ଘିଅ ସେର ଏକ ଟଙ୍କା, ଟଙ୍କାରେ ମୁଗ ୧୬ ସେର । ବାଇଗଣ ବିଶା ଏକ ଅଣା, ଲୁଗା ପଟା ହାତୀ ମାର୍କ ମାଞ୍ଚିପିଚ୍ଛା ଧୋତି ଆଠଗଜ ଏକଟଙ୍କା ଦୁଇଅଣା, ପୁରୁଷ ପିନ୍ଧା ଗୋଟିକୁ ଚଉଦ ଅଣା, ପିଲାଙ୍କ ଛିଟ ବାରଣା । ପ୍ରତି ଗାଁରୁ ଘର ଧିଲେ । ହଜାରେ ଲୋକ ବନ୍ଧୁ ବାନ୍ଧବ ସହ ସମସ୍ତେ ଖାଇଲେ । ପାଚିଆ ଟଙ୍କାକୁ ୫ ଅଣ୍ଡା । କ୍ଷୀର ଟଙ୍କାକୁ ୧୬ ଅଣ୍ଡା । ଚିନି ସେର ଏକ ଅଣା । ଭୋଜ ବଡ଼ିଆ ହେଲା । କୁମାରଙ୍ଗ, ଅଚ୍ୟୁତରାଜପୁର, ପୁଞ୍ଜିଆମା, ଗୋପାଳପୁର, ସାଆନ୍ତପୁର ଓଗେର ବ୍ରାହ୍ମଣ ଆସିଲେ । ମୁଁ ଗଲି ରଣପୁର, ନୂଆଗଡ଼ କହିବାକୁ ଖେମ ଜେନାକୁ ସଙ୍ଗେ ଧରି । କଦଳୀ ପଲ୍ଲୀ ଚିନ୍ତାମଣି ମିଶ୍ରଙ୍କ କୁଟୁମ୍ବ ସହ, ଖତି ମହାପାତ୍ରଙ୍କ କୁଟୁମ୍ବ ସହ କହିଲି । ଏପରି ଅଶୌଚ ଘଟଣା ଘଟିତ, ଗାଁରେ ନିମନ୍ତ୍ରଣ ପାଇବେ । ଏହିପରି କହି ପଞ୍ଚୁକୁ ଓ ଚିନ୍ତାମଣି ମିଶ୍ରଙ୍କୁ କହି ରଣପୁର ଗଲି । ରଣପୁର ଭଣଜା ଓଗେରଙ୍କୁ କହି ଆସିବାରେ କାଳୁପଡ଼ାଠାରେ ଗାଡ଼ି ଫିଟିଗଲା । ବେଳ ଦୁଇ ଘଣ୍ଟା ଥାଏ । ମୁଁ କହିଲି ଖେମ ଜେନା ତ ଅଛି, ଚାଲ କୁହୁଡ଼ି ଯିବା । ସେ କହିଲା ଚାଲ । କୁହୁଡ଼ି ନିକଟ ହେଲାଣି ମେଘ ଜୋରରେ ଆସିଗଲା, ଧାଇଁ କରି ତାରେଡ଼ି ଗ୍ରାମରେ ପ୍ରବେଶ ହେଲୁ । ଯାହା ଦୁଆରେ ଆମେ ପ୍ରବେଶ ହୋଇ ଥିଲୁ ପଚାରିବାରେ ବୁଝିଲୁ ଆମ ଗାଁ ନଟବର ପଟ୍ଟନାୟକଙ୍କ ଭଉଣୀ ଘର । ତାଙ୍କ ଖମାସ୍ତ ପଚାରିଲେ ଆପଣଙ୍କ ଘର କେଉଁ ଗ୍ରାମ । ମୁଁ କହିଲି ଖେମପୁର-ଆପଣଙ୍କ ନାମ-ମୁଁ କହିଲି କପିଳ ମିଶ୍ର । ସେ ଯାଇ ଘରେ କହିଲା । ସେ ଆପଣ ତ ଆମ ଗ୍ରାମର ଜଣେ ଭଦ୍ର ଲୋକ । ଘର ଭିତରେ ବେରଣ୍ଡାରେ ଆସନ ପକାଇ ଦିଅ, ପାଣି

Digitized by srujanika@gmail.com

ନେଇ ଗୋଡ଼ ଧୋଇବାକୁ ଦିଅ । ଏହି ସମୟରେ ମେଘ ଗୁଡ଼ଗଲା । ଆମେ ମଦନ ବାବୁଙ୍କ ଘରରୁ ଯାଉଛୁ, ସେହି ଖମାସ୍ତ ଆଗ୍ରହ କରି କହିଲା, ଆପଣ ଫେରନ୍ତୁ । ବଡ଼ ଅଶୁଭର କଥା । ଆପଣ ଗାଁରେ କ'ଣ କହିବେ । ବହୁତ ବିନୟରେ କହି ଫେରାଇ ଆଣିଲେ, ଷ୍ଟେଷଣକୁ ସକଳ ଜିନିଷ ଦେଲେ । ଆମେ ଷ୍ଟେଷନ କରି ସେଠାରେ ରାତି ରହି ଆସିଲୁ ।

ମାଛ ବହୁତ ହୋଇଗଲା । ପାରିକୁଦ ରାଜାଙ୍କ ନିକଟକୁ ପନ୍ଦର ଟଙ୍କା ପଠାଇ ଥିଲି । ରାଜା ୧୦୦ ଖଣ୍ଡ ମାଛ ପଠାଇଥିଲେ । ବାବୁଙ୍କୁ କୋଡ଼ିଏ ଟଙ୍କା ଦେଇଥିଲି, ସେ ୮୦ ଖଣ୍ଡ ପଠାଇ ଥିଲେ । କ୍ଷୀର ବହୁତ ଆସିଗଲା । ମଇଁଷି କ୍ଷୀର ଟଙ୍କାରେ ୨୧ ଅଡ଼ା, ଲଙ୍ଗଳେଶ୍ୱରରୁ ଆସିଥିଲା କୋଡ଼ିଏ ଟଙ୍କାର, ପୁଣି ଛେଳି କ୍ଷୀର ବାର ଟଙ୍କାର । ଟଙ୍କାରେ ୩୨ ଅଡ଼ା ହିସାବ ।

ମାଛ ଝୋଳ ହଣ୍ଡାଏ ହୋଇଥିଲା । ରାତି ୧୦ ଘଣ୍ଟା ସମୟରେ ଫୁଲ ସଭା ସରିଲା । ଭାଣ୍ଡରେ ଶାସନ ବ୍ରାହ୍ମଣ ନିସଙ୍ଗ ଖାଇଲେ । ବାଡ଼ ଆଡ଼ ଖଳାରେ ବନ୍ଧୁ ବାନ୍ଧବ ଖାଇଲେ । ରାତି ଗୋଟାକ ମଧ୍ୟରେ କାମ ଶେଷହେଲା । ସକାଳକୁ ବଳକାଥିଲା ହଣ୍ଡାଏ ପାଳୁଅ, ହାଣ୍ଡିଏ ରସାବଳୀ । ଖଇ କୋଡ଼ିଏ ଗୌଣୀ, ଚୂଡ଼ାଘସା ଗଉଣୀଏ ।

ବଦାଣ ୩୭୫ ଟଙ୍କା, ପାଟ ୨ ଯୋଥା, ମ.ଳ ଗୋଟିକୁ ୩ ତୋଳା । ଚମ୍ପା କଦଳୀ ୭ କାନ୍ଦି । ଅଳୁ ୬୦ ଖଣ୍ଡ, ଚାଟଲି କଦଳୀ ଦୁଇ ଖଣ୍ଡ, ବାଇଗଣ ୧୦୦ ଖଣ୍ଡ । ନଡ଼ିଆ ୭ ଗୋଟା । ତା' ଆରଦିନ ଏକାଦଶୀ । ପୁଣି ବ୍ରାହ୍ମଣ ଭୋଜନ ଦେଲି । ପ୍ରଭୁଙ୍କ କୃପାରୁ ଅତି ଆନନ୍ଦରେ ବଡ଼ କାମ ଚଳିଲା ।

ଆଗର ଯେଉଁ ଭଗ ବେପାର ଭାଙ୍ଗିଗଲା, ସେମାନେ ଯାହା ଠିକାଦାରଙ୍କରୁ ଖର୍ଚ୍ଚ କରିଥିଲେ ସେ ଟଙ୍କା ଦେଇ ନ ଥାନ୍ତି; ମାତ୍ର ସ୍ନେହ ଥାଏ । ବଡ଼ ବଡ଼ ବ୍ୟବସାୟୀ ଆସିଲେ ସେମାନେ ସାହାଯ୍ୟ ଦିଅନ୍ତି । ଘର ଖର୍ଚ୍ଚ ସକାଶେ ସାମାନ୍ୟ ଟଙ୍କା ନିଅନ୍ତି । ଫାଲ୍‌ଗୁନ ମାସରେ ସଙ୍ଗାତଙ୍କର ମୋର ବାଲୁଗାଁ ଯାଇଥିଲୁ । ଯାନସାନ ଏଜେଣ୍ଟ

Digitized by srujanika@gmail.com

ଅଲସଦେବ କହିଲ, ପାଞ୍ଚଶହ ବସ୍ତା ପୁରୁଣା ଧାନ ଦେଇପାରିବ କି ? ବସ୍ତାକୁ ୫ ଟଙ୍କା ହିସାବରେ । ନୂଆ ଧାନ ବସ୍ତାକୁ ୪ ଟଙ୍କା ଦର ଥାଏ । ଆମ୍ଭେ କହିଲୁ ପୁରୁଣା ଧାନ ମିଳିବ ନାହିଁ । ସେ କହିଲ ଧାନ ଅଛି ଯୋଗୀ ପ୍ରଧାନ ଘରେ । ମୁଁ ଭାଉଣିଆ ପଠାଇ ଥିଲି । ସେ ଶହେ ବସ୍ତା ଦେଲ । ସେ ଧାନଘରେ ଆଉ ଧାନ ନଥିଲ । ଆଉ ଗୋଟେ ଧାନ ଘରେ ହଜାରେ ବସ୍ତା ଧାନ ଅଛି । ତାକୁ ଦେଲ ନାହିଁ । ଆପଣ ଗଲେ ଯେ ଦେବ । ଆପଣ କାଲି ଯାଇ ବଏନା କରନ୍ତୁ । ପାଞ୍ଚ ଶହ ଟଙ୍କା ନିଅନ୍ତୁ । ମୁଁ କହିଲି ସେ ନ ଦେବ । ସେ କହିଲ ଟଙ୍କା ଫେରସ୍ତ କରିଦେବ, ଦେଲେ ଅଧା ଆଉ ଟଙ୍କା ନେବ । ତା'ଠାରୁ ୫୦୦ ଟଙ୍କା ଧରି ଆସିଲୁ ।

ଏଥି ପୂର୍ବେ ଯୋଗୀ ପ୍ରଧାନ ଆସିଥିଲେ । ମୋତେ କହିଲେ, ଦଶ ଟଙ୍କା ନିଅନ୍ତୁ, ଚାଉଳ କରି ଆଣି ଦିଅନ୍ତୁ । ମୁଁ ଗଲି ଗୃରଟା ଦୋକାନରୁ ଭଙ୍ଗାଇ ଆଣି ଦେଲି । କହିଲି ଗଣନ୍ତି କର । ସମସ୍ତ ଦଶ ଖଣ୍ଡା—ଘରେ ପଡ଼ିରହିଲା—ଯୋଗୀ ପ୍ରଧାନ ଖାଇବ, କ'ଣ ତିଅଣ କରିଛ ? ସେ କହିଲେ ଡାଲି, ମାଛ ତିଅଣ ହୋଇଅଛି । ମୁଁ ଯାଇ ବୁଢ଼ାକୁ କହିଲି ଭୋଜନ କର । ସେ କଦାପି ନାହିଁ କଲେ, ଧାନ କଟାଳି ଗୁହିଁ ଥିବେ ଚାଉଳ ପକାଣେ । ଏହା କହି ଆନନ୍ଦ ସହ ପଳାଇଲ । ମୁଁ କହିଲି ଗଣେ ତ କଲ । ସେ କହିଲେ ଆପଣ ତ ଗଣନ୍ତି କରିଛନ୍ତି, ମୁଁ କାହିଁକି ଗଣିବି ।

ତା ଆରଦିନ ୧୦ଘଣ୍ଟାରେ ବୁଢ଼ା ଆସି ପ୍ରବେଶ ହୋଇ କହିଲେ । ଆଜ୍ଞା ସେ ଚାଉଳକୁ ଘରେ ଗଣନ୍ତି କଲି, ଟଙ୍କାଟିଏ ଊଣା ହେଲା । ମୁଁ ଭାବିଲି ମୁଁ ନିଜେ ଗଣିଚି, ବୁଢ଼ା ଗଣି ଜାଣିଲ ନାହିଁ । ଏହା ଭାବି ମୁଁ କହିଲି ତୁମେ ଗଣି ପାରିଲ ନାହିଁ । ସେ କହିଲେ ତିନିଥର ଗଣିଲି, ତୁମେ ଯେ ଟଙ୍କାରୁ ଚୋରି କରିଛ, ସେ କହିଲି ନାହିଁ । ମୁଁ କହିଲି ଏବେ ଯାଅ ତୁମ ପୁଅ ବିଦ୍ୟାଧରଙ୍କୁ ଦେବ, ସେ ଗଣିବେ, ଊଣା ହେଲେ ମୁଁ ଦେବ । ଆସ ଭୋଜନ କର । ସେ କହିଲେ ଭୋଜନ କ'ଣ କରିବି, ମୋର ଟଙ୍କାଟିଏ ରଖିଲ । ଏହା କହି ବୁଢ଼ା ରାଗରେ ପଳାଇଲ ।

Digitized by srujanika@gmail.com

ବେଳ ପନ୍ଦରେ ଅଛୁ ବୁଢ଼ା ଗ୍ରାମରେ ପ୍ରବେଶ ହୋଇ ବିଦ୍ୟାଧରଙ୍କୁ ସେ ଶଲଗ୍ରା ପାକ ଦେଲା । କହିଲା, ଦେଖ ମିଶ୍ରଙ୍କୁ ଦଶ ଟଙ୍କା ଭଙ୍ଗାଇବାକୁ ଦେଲି, ସେ ନଅ ଟଙ୍କାର ଦେଲେ । ମୁଁ ତିନିଥର ଗଣିଲି, ଉଣା ହେଲା ବୋଲି କହିବାରୁ କହିଲେ ତୁମେ ଗଣିତ କରି ପାରିଲ ନାହିଁ । ବିଦ୍ୟାଧର ଗଣିଲେ, ଉଣା ହେଲା ବୋଲି କହିଲେ ମୁଁ ଦେଖ । ଠିକଏ ଗଣିଲୁ ।

ସେ ଗଣିଲ । ଆଠ ଟଙ୍କାର ପଇସା ହେଲା । ଦୋଅଣି ଗୋ୧୬ଟାକୁ ଦୁଇ ଟଙ୍କା ହେଲା । ବିଦ୍ୟାଧର ବାପାକୁ କହିଲେ, ଦଶ ଟଙ୍କା ହେଲା । ପଇସା ହେଲା ଆଠ ଟଙ୍କା, ଦୋଅଣି ଗୋ୧୬ଟାକୁ ଦୁଇ ଟଙ୍କା । ବୁଢ଼ା କହିଲା ଆରେ ଦୋଅଣି ଗୋ୧୬ଟାକୁ ଟଙ୍କେ ହିସାବ କରିଥିଲି ।

ବୁଢ଼ା ଜଣେ ଲୋକ ହାତରେ ଚିଠି ଦେଲା—ଟଙ୍କା ଠିକ୍ ଅଛି । ସେହି ଦିନୁ ବୁଢ଼ା ଲଜ୍ଜାରେ ମୋତେ ଦେଖା ଦେଉନାହିଁ । ତମେ ଯାଅ—ସଙ୍ଗାତକୁ କହିଲି । ସଙ୍ଗାତ କହିଲେ, ସେ କଥା ମୁଁ କରିପାରିବି ନାହିଁ । ମୁଁ ସେହିକ୍ଷଣି ଅପ୍ରତି ଚରେଡ଼ାକୁ କହିଲି ତୁ ଆଇତପୁର ଗାଡ଼ି ନେବୁ, ରାଜ ଘଡ଼ିଏ ଥାଜେ ଗାଡ଼ି ଆଣିବୁ ।

ଗାଡ଼ି ଧରି ଅପର୍ତିଆ କହିଲା ଆସନ୍ତୁ । ମୁଁ ନଅ ଅଡ଼ଆ ଗୋଟିଏ ଗୌଣୀ ଧରି ଗାଡ଼ିରେ ବସିଲି । ବେଳ ଘଣ୍ଟାଠାରେ ପ୍ରବେଶ ହେଲୁ । ବୁଢ଼ା ଦେଖିବା ମାତ୍ରେ ପାଣି ତାଳୁହାଏ ଧରି ଠିଆ ହୋଇଥାଏ । ଗାଡ଼ିରୁ ଓହ୍ଲାଇବା କ୍ଷଣି ଗୋଡ଼ ଧୋଇ ଦେଲା, ପାଣି ନେଇ ତା ମୁଣ୍ଡରେ ଛିଞ୍ଚିଲା, ଘରକୁ ଡାକି-ନେଲା । ଦାଣ୍ଡ ଘରେ କମ୍ବଳଟିଏ ପଡ଼ିଥାଏ । କହିଲା ବସନ୍ତୁ । ମୁଁ ବସିଲି । କହିଲା ଆପଣ କେତେ ଦିନ ହେଲା ଆସି ନ ଥିଲେ । ସେ ଅପରାଧ ମୋର । ବୁଢ଼ା ଲୋକ, ଟଙ୍କା ଗଣି ନ ପାରି ଆପଣଙ୍କୁ ଦୂର ଭାବରେ କହିଲି । ମୋ ଦୋଷ ମାଫ୍ କରନ୍ତୁ । ମୁଁ କହିଲି ସେ ଦୋଷ ଧରିଥିଲେ ମୁଁ ଆସନ୍ତି କି ? ମୁଁ କ'ଣ ମାଗିବି ମୋତେ ଦେବେ, ସତ୍ୟ କହନ୍ତୁ । ପୋଡ଼ ହଳକୁ ସବୁବେଳେ କହେ ମତେ ଦିଅନ୍ତୁ ।

Digitized by srujanika@gmail.com

ତାକୁ ତ ମାଗିବ, ମୁଁ କହିଲି ହଁ ଦେବି । ବୁଢ଼ା କହିଲା; ମୋ ଘରେ ଆଜି ଭୋଜନ କରିବାକୁ ହେବ । ହଁ କରିଥା । ସେହିକ୍ଷଣି ବୁଢ଼ାଟେଲ ଆଣି ନିଜେ ମୁଣ୍ଡରେ ଘଷିଲି । ତା ବାଡ଼ି ଆଡ଼େ ଗୋଟେ ଛୋଟ ନଦୀଟିଏ ଥାଏ । ସେହି ନଦୀରେ ଗାଧୋଇ ଆସିଲି । ମହାଦେବଙ୍କ ମନ୍ଦିରରେ ନିତ୍ୟକର୍ମ କରୁ କରୁ ଭୋଜନର ବାସ କରିବାକୁ ଠିକ୍ କରି ଜଳଖିଆକୁ ଉଖୁଡ଼ା, କଦଳୀ ଦେଲା, ଚୂନା ଲଗାଇ ଦେଲା । ଭୁମ୍ଭେ ଚୂଡ଼ାକ ପୂଟିକ ଗୋଟିଏ ପିତଳ ବସାଇ ପାଣି ଦେଲା । ମୁଁ କହିଲି ପାଏ ଚୂଡ଼ାକ ହେଲେ ନାହିଁ । ଶଗଡ଼ିଆ ତ କହୁଛି ତମ ଘରେ ଖାଇବ । ବୁଢ଼ା କହିଲା ଆମେ ଖାଇବୁ । ଡାଲି ଅଧ ସେରେ, ବାଇଗଣ ସେରେ ହେବ ଦେଲା । ଭୋଜନ ସରିଲାକୁ ବୁଢ଼ା କଦଳୀ ମଞ୍ଜିପତ୍ରଟେ ପକାଇ କହିଲା, ସବୁ ବାଡ଼ି ଦିଅନ୍ତୁ । ମୁଁ କହିଲି କାହିଁକି ! ବୁଢ଼ା କହିଲା ଆପଣଙ୍କ ଉଚ୍ଛିଷ୍ଟ ଆମେ ଖାଇବୁ । ସବୁ ବାଢ଼ିଲି —ମୁଁ ଯାହା ଖାଇବାର ଖାଇଲି । ବାକି ସବୁ ବୁଢ଼ା ସେ ପିତଳରେ ଭରି କରି ଘରକୁ ନେଲା । ତାର ଗୋଟେ ବଡ଼ କୁଟୁମ୍ବ, ଚାରି ପୁଅ, ଚାରି ବୋହୂ । ୨୨ ନାତି, ବୁଢ଼ା ବୁଢ଼ୀ, ସମସ୍ତଙ୍କୁ ପୂଜେ ଲେଖାଏଁ ବାଣ୍ଟି ଦେଲା, ନିଜେ ଗଲା ଖାଇବାକୁ ।

ତା'ପରେ ଆସି ପଚାରିଲି ଆପଣ କୁଆଡ଼େ ଆସିଛନ୍ତି । ମୁଁ କହିଲି ପୁରୁଣା ଧାନ ୧୦୦ ବସ୍ତା ନେବାକୁ । ବୁଢ଼ା କହିଲା ବାଲୁଗାଁ ଭିଆଣିଆ ଆସିଥିଲେ । ୩୦ ଭରଣ ଧାନ ନେଲେ । ଆଉ ସେ ଘରେ ଧାନ ନାହିଁ । ଆରେ ବଦିଆ ଏପଟ ଘରେ କେତେ ଧାନ ଅଛି । ସେ କହିଲା ଦୁଇ ଶହ ଭରଣ ଅଛି । ମିଶ୍ରେ କ'ଣ ଦେଇ ଯିବେ ? ଦିଅ, ଦର କଣ କହିବ, ୫ ଟଙ୍କା ଦରରେ ନେଇଛନ୍ତି, ଆମ ଗୌଣୀରେ ମୁଁ ନେଇଥିବା ଗୌଣୀକୁ କଷିଲି । ଆମ ଗୌଣୀ ଛଟାଙ୍କିଏ ଊଣା ହେଲା । ବୁଢ଼ା କହିଲା ଆପଣଙ୍କ ଗୌଣୀରେ ନିଅନ୍ତୁ । ମୁଁ କହିଲି ଆମ ଗୌଣୀରେ ଅଧେ, ତୁମ ଗୌଣୀରେ ଅଧେ, ହିଜ ବଏନା କର ।

ଏହି ସମୟରେ ବାବୁପ୍ରାଣ ଆସି କହିଲେ, ବଣ୍ଟାଳ ଘର ଯେଉଁ ରଙ୍ଗଧାନ ୨୦୦ ବସ୍ତା ଦେଲେ, ତାଙ୍କର ଆଉ ଷାଠିଏ ଟଙ୍କା

Digitized by srujanika@gmail.com

ହେଉଛି । ସେ କହିଲା ଟଙ୍କା ବାଅ ନଂରେଚ ମିଶ୍ରଙ୍କ ହାତରୁ ଶତି ଆଣିଲେ ଗ୍ରୁଡ଼ବ । ବୁଢ଼ା ସେହିଲଗେ ଘରକୁ ଗଲା । ଅଞ୍ଜୁଳାଏ ଟଙ୍କା ଆଣି କୁଡାଇ ଦେଇ କହିଲା, ଷାଠିଏ ଟଙ୍କା ନେଇଯାଅ । ବାସୁ ପାଖ ଟଙ୍କା ଧରି ଗଲା । ମୁଁ କହିଲି ବଏନା ରଖିଲେ ମୁଁ ଯିବ । ବୁଢ଼ା କହିଲା ଆପଣ ବଏନା କ'ଣ ଦେବେ । ମୁଁ ତ ଷାଠିଏ ଟଙ୍କା ଦେଲଣି, କାଲି ହଜାରେ ଟଙ୍କା ପଠାନ୍ତୁ, ମୁଁ ହଁ କରି ଚାଲି ଆସିଲି । ବେଳ ଦଣ୍ଡେ ଅଛି ଗାଁକୁ ଆସିଲି । ଏହି ଧାନର ଘଟଣା ସଙ୍ଗାତଙ୍କୁ କହିଲି । ସେ କହିଲେ ଆମେ ଯେଉଁ ଟଙ୍କା ଆଣିଲେ, ଜାଣିବ, ଯାହା ହେଲା କର, ଏବେ ଯାଇ ଜବାବ ପକ୍‌କା କରିବା । ଆଜି ହଜାରେ ଟଙ୍କା ଆଣିବା, ଅଖା ଆଣିବା । ଏହି ବେପାରରେ ଆମକୁ ବସ୍ତାକୁ ଅଠଣା ମିଳିବ । ଏହା ସ୍ଥିର ବାଲୁଗାଁ ଗଲୁ । ଆମେ ଗଲାବେଳକୁ ଅଲି ସାହେବ କଟକ ଗଲେଣି । କରମି ସାହେବ କହିଲା, ଗାଡ଼ି ଛାଡ଼ନାହିଁ ଧାଇଁ ଯ ଦେଖିବ । ଆମେ ଧାଇଁଲୁ । ଗଲାବେଳକୁ ଗାଡ଼ି ଛାଡ଼ ହେଲା । ଅଲି ସାହେବ ବୋଲି ଡାକିଲୁ ଶୁଣିଲା ନାହିଁ । କିଛି କଥା ହୋଇନାହିଁ, ଗାଡ଼ି ଚାଲିଗଲା । କ'ଣ କରିବୁ ମାଷ୍ଟର ବାବୁଙ୍କୁ ଏ ଖବରଣ କହିବାରୁ ସେ ଗଙ୍ଗାଧରପୁରକୁ ଡାକିଲା । କପିଳ ମିଶ୍ରେ ପାଞ୍ଚ ଶହ ବସ୍ତା ଗଙ୍ଗାଧର ପୁରରୁ ନେବେ, ପାଞ୍ଚ ଟଙ୍କା ଆଠଅଣା ହିସାବ ଦେବେ । ଆଜି ଟଙ୍କା ଅଖା ନେବେ କି ? ସେ କହିବାରୁ ବେପାର ପକ୍‌କା ହେଲା । କରମି ସାହେବ ଠାରୁ ୫୦୦ ଟଙ୍କା ଓ ଅଖା ଆଣିଲୁ । ସକାଳୁ ଦୁଆରେ ଟଙ୍କା, ରାମ ପଧାନ ହସ୍ତେ ୧୦୦୦ ଟଙ୍କା ପଠାଇଲୁ । ପର ଦିନ ମାପ ହେବ ବୋଲି କହିଲୁ । ପଞ୍ଚୁ ବାରିକ, ରଘୁଦାସ ପଧାନ ଓ ବାସୁ ପାଣି ଥାଇ ମାପ କଲେ । ସଙ୍ଗାତ ଗଙ୍ଗାଧରପୁରରୁ ଠିକ୍ କଲେ । ସେ ବେପାରରେ ୩୧୦ ଟଙ୍କା ମିଳିଲା ।

ଗୌରିଶ୍ୟାମ ବାବୁ ନୂଆଗଡ଼ରେ ମେନେଜର ଥିଲେ । ତା'ପରେ ବଡ଼ ହେଉଳରେ ମେନେଜର ହେଲେ । ମୋର ବଡ଼ ପ୍ରିୟ ରଘୁନାଥ ପଟ୍ଟନାୟକ ତାଙ୍କୁ କହିଲେ, ଏ ବାଣପୁରରେ ବଡ଼ ବଡ଼ିଆ ଲୋକ ଅଛନ୍ତି । ମହାପ୍ରଭୁଙ୍କ ସକାଶ ପାଞ୍ଚ ଶହ ଟଙ୍କାର ଧାନ ଓ ହଜାରେ

Digitized by srujanika@gmail.com

ଟଙ୍କାର ବାସନା ଧାନ କିଣି ଆଣ । ସେ କହିଲେ, ଆପଣ ଯାହାକୁ ପଠାଇବେ ମୋଠାରୁ ଭଣ୍ଡା ନିଅନ୍ତୁ । ମୋର ପ୍ରେମୀ ଲୋକ ଜଣେ ଅଛନ୍ତି । ତାଙ୍କ ନାମ କପିଳ ମିଶ୍ର । ସେ ବଡ଼ ଉତ୍ତମ ଲୋକ । ଠାକୁରଙ୍କ କଥା ଶୁଣିଲେ ସେ ଅତି ଆନନ୍ଦରେ କିଣାଇ ଦେବେ । ବାବୁ କହିଲେ, ମୋର ପରିଚିତ ନୁହନ୍ତି । ଆପଣ ଲୋକ ପଠାନ୍ତୁ ।

ସେହି ସମୟକୁ ରଘୁନାଥ ପଟ୍ଟନାୟକେ ଯାଜପୁରରେ ମେନେଜର ଥାନ୍ତି । ଜଣେ ଲୋକ ଟଙ୍କା, ଭଣ୍ଡା, ଅଖା ସହିତ ଆମ ଦୁଆରେ ପ୍ରବେଶ ହୋଇ ଭଣ୍ଡା ଓ ଟଙ୍କା ଅଖା ସହିତ ଦେଲା । ମୁଁ ତାକୁ କହିଲି ଯାଜପୁରରେ ବାସନା ଧାନ ମିଳିବ ନାହିଁ, ମୁଗ ମିଳିବ । ମୁଗ ଦର ଥାଏ ଟଙ୍କାରେ ବାର ସେର । ବିଷ୍ଣୁ ବିଦ୍ୟାଧର ମହାପାତ୍ର ଓଗେରଙ୍କଦ୍ୱାରା ସେହି ଗାଁରୁ ମୁଗ କିଣା ହୋଇଗଲା । ମୁଗ ପୁରୀକୁ ପଠାଇଦେଲୁ । ଓଳସିଂହ ଗଲୁ । ସେଠାରେ ସାତ ଶହ ଟଙ୍କାର ଧାନ ମିଳିଲା, ଆଉ ମିଳିଲା ନାହିଁ । ସେ ଧାନକୁ ପୁରୀକୁ ପଠାଇ ଦେଲି, ନିଜେ ଗଲି ତାଙ୍କ ହିସାବ ବଳକା ଥିବା ଟଙ୍କା ଦେବାକୁ, ପଟ୍ଟନାୟକେ ପୁରୀରେ ଥିଲେ । ତାଙ୍କୁ ହିସାବ ଓ ଟଙ୍କା ଦେଲି । ଲଭ ଅଖା ମ କରି ମୋ ହାତରୁ ପାଞ୍ଚ ଟଙ୍କା ନଅ ଅଣା ଲାଗିଲା । ସେଠାରେ ସେ ଘରେ ଡାକ୍ତରଥି ବାବୁଥିଲେ । ପଚାରିଲେ ଆପଣ କୁଆଡ଼େ ଆସିଥିଲେ । ତାଙ୍କୁ ବିବରଣ ମୁଁ ସବୁ କହିଲି । ସେ କହିଲେ ଘୋରଡ଼ିଆ ଖମାରରେ ଧାନ ୫୦୦ ବସ୍ତା ଅଛି, ନେବେ କି ? ମୁଁ କହିଲି ଦରଟ ଜାଣି ପାଇଟି, କ'ଣ ଦର ହେଲେ ନେବେ, ସେ କହିଲେ ଟଙ୍କାରେ ୩୦ର ସେର ହିସାବରେ ୫୦୦ ବସ୍ତା ବିକ୍ରୀ ହୋଇଛି । ଦର କମିବାରୁ ଦାସେ ଲେଖିଚନ୍ତି ବାଇଶି ସେରରେ ମାଗୁଛନ୍ତି । ଆପଣ ସେ ୨୧ରରେ ନିଅନ୍ତୁ । ଘୋରଡ଼ିଆ ଗୋଲିରେ ଧାନ ଆଣିଲେ ମୁଁ କଟକର ବସ୍ତାକୁ ଚାରିଅଣା ମିଳିବ । ମୁଁ ହଁ କଲି । ବାବୁ ଭଣ୍ଡା ଲେଖିଲେ ଗୁମାସ୍ତାଙ୍କ ନିକଟକୁ । ମିଶ୍ରଙ୍କୁ ଧାନ ଦେବ । ଦର ୨୧ ସେର ହିସାବରେ ।

ମୁଁ ବାବୁଙ୍କ ଚିଠି ଧରି ଜେଲିଙ୍ଗରେ ଓହ୍ଲାଇଲି । ସମସ୍ତ ୩ ଘଣ୍ଟା ହେବ । ପଣା ଟେକ କରିଛି । ମୁଁ ତାଙ୍କ ସଙ୍ଗେ

Digitized by srujanika@gmail.com

ପଶାଖେଳରେ ବସିଲି । ସାଢ଼େ ଚାରଟାକୁ ଖେଳ ଭାଙ୍ଗିଲା । ସେମାନେ କହିଲେ, ଆପଣ କୁଆଡ଼େ ଆସିଲେ ? ମୁଁ କହିଲି, ମୋର ଧାନ ୫୦୦ ବସ୍ତା ବାବୁଙ୍କ ଘୋରଡ଼ିଆ ଖମାରରେ ଅଛି । ସେ କହିଲେ ନେବ କି ? ମୁଁ କହିଲି ହଉ ନେବୁ—ଦର କଣ ? ସେ କହିଲେ ଆଜି ଦର ପାଞ୍ଚ ଟଙ୍କା ଦୁଇଅଣା ଅଛି । ମୁଁ କହିଲି ମୁଁ କାଲି ଗାଡ଼ି ଦୁଇ ଖଣ୍ଡ ପଠାଇବି । ଅଖା ଦିଅନ୍ତୁ, ଧାନ ଆସୁ । ସେ ଦିନକୁ ବଜାରରେ ଯେଉଁ ଦର ଥିବ ସେହି ଦରରେ କାଲି ନିଶ୍ଚୟ ପଠାଇବେ ବୋଲି କହିଲେ । ସେଦିନ ଗୁମାସ୍ତାଙ୍କ ସଙ୍ଗେ ସନ୍ଧ୍ୟାକୁ ଘୋରଡ଼ିଆ ଆସିଲି । ବାବୁଙ୍କ ଭେଟ ହେଲି । ଆର ଦିନ ସକାଳୁ ଗାଡ଼ି ଦୁଇ ଖଣ୍ଡ ପଠାଇଲି । ଅଖା ଆସିଲା ଧାନ ମାପ ଚାଲିଲା । ଚାରି ଦିନରେ ମାପ କାମ ସରିଲା ।

ଘୋରଡ଼ିଆ ଗାଁ ବଡ଼ ଗାଁଟେ । ବହୁତ ଗଉଡ଼ ଥାଏ । ଧାନ ଲଦା ହେଲା । ଖଣ୍ଡେ ଦୂର ଆସିଛି, ବଡ଼ ଅସରାଟେ ବର୍ଷା ହୋଇଗଲା ! ଧାନ ଓଦା ହୋଇଗଲା । ମୁଁ ବିଚାରିଲି ମହାଜନ କେବେ ଧାନ ନେବ ନାହିଁ । ସେ ଦିନକୁ ଧାନ ଚଢ଼ା ଦର ହୋଇଛି । ବସ୍ତାକୁ ଚାରିଅଣା ଉପରେ ବ୍ରହ୍ମପୁରର ଅର୍ଡ଼ର ହୋଇଛି ବଜାରରେ ବସ୍ତା ଧାନ ପଠାଅ । ଧାନ ଆସିବା ଦେଖି ମହାଜନ ବଡ଼ ଆନନ୍ଦ ହେଲା । କହିଲା ଧାନ ତ ଓଦା ହୋଇଗଲା । ମୁଁ କହିଲି ଅଖା ଓଦା ହୋଇଛି ଧାନ ଓଦା ହୋଇ ନାହିଁ । ମହାଜନ ଗୋଟିଏ ଓଦା ବସ୍ତା ବଛକରି ପକାଇଲା । ଧାନ ୧ବସ୍ତା ଭଲ ହେବାରୁ ମୁଁ ଶୁଖିଲା ବସ୍ତାଟିଏ ଦେଖାଇ ଓଦା ବସ୍ତାଟି ବାହାର କରି ଦେଲି । ଧାନ ବାରବସ୍ତା ଅଧିକ ବାହାରିଲା । ଦର କଥା ପଡ଼ିଲା । ମହାଜନ କହିଲା ଆଜି ପାଞ୍ଚ ଟଙ୍କା ଚାରିଅଣା ହୋଇଅଛି, ସେହି ଦରରେ ହିସାବ କରିବାରେ ଲାଭ ୨୯୮ ଟଙ୍କା କରି ହେଲା । ମୁଁ ଆନନ୍ଦ ହୋଇ ଟଙ୍କା ଧରି ଆସି ଦାସଙ୍କ ଜିମା ତାଙ୍କ ଟଙ୍କା ଦେଲି । ଦାସଙ୍କୁ କମିସନ ୧୦ ଟଙ୍କା ଦେଲି । ଖାଲି ଚାଲିଶ ଟଙ୍କା ଧରି ମୁଁ କହିଲି ପାଇଛି ଛତ୍ରପୁରରେ ଗାଡ଼ରେ ବସିବି । ଦାସେ କହିଲେ ବେଳ ପାଇବ ନାହିଁ । ମୁଁ କହିଲି ସମୟ ପାଇବ । ସେ ଦିନକୁ ମୋର ଘରୁ ଆସିବାର ଏଗାର ଦିନ ହେଲା । ବେପାରରେ ଲାଭ ହେବାରୁ ଆନନ୍ଦରେ ପଳାଇ ଆସିଲି ।

Digitized by srujanika@gmail.com

ଅଧ ପାଏ ବାଟ ଅଛୁ ଗାଡ଼ ଛୁଡ଼ିଦେଲୁ । କ'ଣ କରିବ ସନ୍ଧ୍ୟା ସମୟ, ଚଥର ଠାଙ୍ଗି । ଅଁଳାପୋଡ଼ ବୋଲି ନିକଟରେ ଗୋଟିଏ ଗାଁ । ସେ ଗାଁକୁ ଗଲି । ଗ୍ରାମରେ ମଧ୍ୟଭାଗ ଯାଏ ଜନରବ ନାହିଁ । କେବଳ ଗୋଟାଏ ଘରେ କାନ୍ଦ ବୋବାଳି ପଡ଼ିଚି । ପୁଣି ଆଉ ଖଣ୍ଡେ ଦୂର ଗିବାରେ ଜଣେ ଲୋକ ଧୁଆଁ ଲଗାଇଚି । ତା ପାଖକୁ ଯାଇ ପଚାରିଲି ଏ ଗାଁରେ କାହିଁକି ଜନରବ ନାହିଁ । ସେ କହିଲା, ଏ ଗାଁରେ ହଇଜା ଲାଗିଚି, ଆଠ ଜଣ ମଲେଣି । ଚାରିଜଣ ଆହତରେ ପଡ଼ିଛନ୍ତି । କାନ୍ଦ ବୋବାଳି ପଡ଼ିଚି ଯୁ ଘରେ ଜଣେ ଏହିକ୍ଷଣି ମରିଗଲା । ଆପଣଙ୍କ ଘର କୁ ଗାଁ । ମୁଁ କହିଲି, ଆମ ଘର ବାଣପୁରରେ । ଏ ଗାଁରେ କଲରା ଲାଗିଚି, ଏ ଗାଁକୁ କାହିଁକି ଆସିଲେ । ବଡ଼ ପିଣ୍ଡାକୁ ଆସନ୍ତୁ । ଭୟ କରନ୍ତୁ ନାହିଁ । ଆମ ଦାଣ୍ଡଘର ଚଉପାଢ଼ିରେ ଶୋଇବା । ମୁଁ ଆପଣଙ୍କ ପାଖରେ ଶୋଇବି । ଏ କଥା ଶୁଣି ମୋ ଦେହ ଥରିଗଲା । କ'ଣ କରିବି ଅନ୍ୟ ଉପାୟ ନାହିଁ । କେବଳ ଅନନ୍ତସ୍ୱାମୀଙ୍କି ଲୟ ଦେଇ ରହିଲି । ସେ ଲୋକ କହିଲେ, ଆପଣ କ'ଣ ଖାଇବେ ? ମୁଁ କହିଲି, ଜଳ ଖାଇବି ନାହିଁ । ମୋ ପାଖରେ ଆପଣ ଶୋଇଲେ ମୋର ବହୁ ଉପକାର କରିବେ । ପୁଣି ସେ କହିଲେ, କ୍ଷୀର ଅଣ୍ଡା ଗରମ କରି ଆଣୁଚି । ମୁଁ କହିଲି, ମୁଁ କିଛି ଖାଇବି ନାହିଁ । ସେ କହିଲେ, ପୁରାଣ ବୋଲି ପାରନ୍ତି । ମୁଁ କହିଲି ହଁ । ରାତି ବାରଟା ଯାଏଁ ପୁରାଣ ହେଲା । ଆଉ ନିଦ ହେଲାନାହିଁ । ରାତି ପାହିଲା କ୍ଷଣି ଛତ୍ରପୁରରେ ଗାଡ଼ିରେ ବସି ଗ୍ରାମକୁ ଆସିଲି ।

ଚଳି ଚଢ଼ଥାଏ ଦୁଇ ବାଟି ଜମି ରୁଆ ହେବ । ମୁଁ ତ ଜାଣି କରି ୨୦୮ ଟଙ୍କା ଆଣିଥାଏ । କାମ ଚାଲିଲା । ଆଠ ଦିନରେ ରୁଆ ଶେଷ ହେଲା ।

ଦିନେ ମୁଁ କୁମୁରଙ୍ଗ ଯାଇଥିଲି । ଗୀବ ଦାସ ମହାପାତ୍ରେ କହିଲେ, ଝିଅଟିର ବିବାହ ହେବା ଭଲ ହେବଣି । ବରପାତ୍ର ଠିକଣା କଲୁଣି । ମୁଁ କହିଲି, କିଛି କରିନାହିଁ । ସେ କହିଲେ, ଆମ ଘରେ

Digitized by srujanika@gmail.com

କର । ଆମର ପୂର୍ବ ବନ୍ଧୁ । ଆମ ବଳ ପାଇଁ କର । ଦେବା ନେବା ଯାହା ହେବ । ତୃ ତ କନ୍ୟା ଦାନ କରିବୁ । ଆଜ କ'ଣ କଥା ଅଛି । ଗୋପୀ ଷଡ଼ଙ୍ଗୀ, ଫକୀର ଷଡ଼ଙ୍ଗୀ କହିଲେ, ଆମର ପୂର୍ବ ବନ୍ଧୁ, ଆମେ ଛାଡ଼ିବାନାହିଁ । ମୁଁ କହିଲି, ମୋର ସତ୍ୟ ହେଲା । ମୁଁ ଆସି ଘରେ ବୁଢ଼ୀକି କହିଲି । ସେ କହିଲା ତାଙ୍କର ଖଷପୁ କେମିତି ? ମୁଁ କହିଲି ଜମି ବାଡ଼ିକି ମଧ୍ୟରେ । ଦୁଃଖୀ ରଥ ଢର ଆମ ଘରେ କରିବେ ନାହିଁ ? ଲଗ୍ନ ଯୋଗ ବୁଝିଲୁ । ଫାଲ୍‌ଗୁନ କୃଷ୍ଣ ସପ୍ତମୀ । ଠାକୁର ନିମନ୍ତ୍ରଣ, ମୈଳା ନିମନ୍ତ୍ରଣ ଚଳାଇଦେଇ ମୁଁ ଅଗାଧୁ ବାଳକକୁ ଧରି ନୂଆଗଡ଼ ରଣପୁର ନିମନ୍ତ୍ରଣ କରିବାକୁ ନୂଆଗଡ଼ ଗଲି । ବେଳ ପହରେ ଥାଏ, ସେଦିନ ରାଜ ନିମନ୍ତ୍ରଣ ଦେଇ ଫେରୁ ମୁଁ ଆସିଲୁ । ସେଠାରେ ନିମନ୍ତ୍ରଣ ଦେଇ ରଣପୁର ଗଲି । ଦିନ ବାରଟା ହେବ, ଆଜ ବାଟ କୋଶେ ଅଛି, ବଡ଼ ତୃଷା ହେଲା । ସେଠାରେ ଗୋଟିଏ ଆଖୁ ପଡ଼ର ଥାଏ । ଆଖୁ ପେଡ଼ା ହେଉଥାଏ । ମୁଁ ତାଙ୍କୁ କହିଲି, ଦୁଇ ଅଣାର ପଣା ଦେଲେ । ସେ କହିଲେ ପିଅନ୍ତୁ । ପୂର୍ଣ୍ଣ ଭାବରେ ପିଇବାକୁ ଦେଲେ । ପଇସା ନେଲେନାହିଁ । ସେଠାରୁ ଗଲୁ । ବେଳ ଘଣ୍ଟାକଠାରେ ପ୍ରବେଶ ହେଲୁ, ସ୍ନାନ କରି ଭୋଜନ କଲୁ । ସେଠାରେ ନିମନ୍ତ୍ରଣ ଦେଇ ଯିବାକୁ ବାହାରିଲୁ । ବନ୍ଧୁମାନେ କହିଲେ, ଆଉ ତ ବେଳ ନାହିଁ, କାଲି ସକାଳୁ ଯିବେ । ସେଦିନ ପଞ୍ଚମୀ । ବାଳକ ପିଲେ ନଡ଼ିଆ ବାଡ଼େଇବାକୁ ବାହାରିଲେଣି । ଆମେ ବାହାରି ଆସିଲୁ । ଗଡ଼ରେ ପ୍ରବେଶ ବେଳକୁ ବେଳ ଘଡ଼ିଏ ଥାଏ । ମୁଁ କହିଲି, ଅଗାଧୁ ଗୋପାଳପୁର ଯିବା । ଗଲୁ, ଗୋପାଳପୁରଠାରେ ଧନ୍ୟ । ନାକଠଣାର ଗଉଡ଼ ଜଣେ ଠିଆ ହୋଇଛନ୍ତି । ପଚାରିଲେ ଆପଣ କୁଆଡ଼େ ଯିବେ । ଆମେ କହିଲୁ ବୃନ୍ଦପୁରୁ ଯିବୁ । ଟିକିଏ ଭୟ ଅଛି । ଆମ ଗାଁରେ ରାତ୍ର ରହି ଯାଆନ୍ତୁ, କ୍ଷୀର ମିଳିବ, ଜଳଖିଆ ମିଳିବ । ହଉ ବୋଲି କହି ନାକଠଣାରେ ପ୍ରବେଶ ହେଲୁ । ପଚାରି ବୁଝିଲୁ ଗୋଟିଏ ଗାଡ଼ି ଆସିଅଛି । ଗାଡ଼ିବାଲା କହିଲେ, ଆପଣ କୁଆଡ଼େ ଯିବେ ? ମୁଁ କହିଲି ବୃନ୍ଦପୁରୁ । ହଉ ଆସନ୍ତୁ,

Digitized by srujanika@gmail.com

ବସନ୍ତୁ । ଏ ଗାଡ଼ି ଯିବ କନ୍ଧ ନୂଆଗଡ଼ । ଏ ଗାଡ଼ି ବିଦାୟ ନାୟକର । ଆମେ ବସିଲୁ— ଗାଡ଼ି ଛୁଟିଲା । ୯ଘଣ୍ଟାରେ ପହଞ୍ଚିଲୁ ଚନ୍ଦପୁର । ମୁଁ କହିଲି, ଅଗାଧୁ ! ଗାଡ଼ି ପାଖକୁ ଯିବା ? ଚନ୍ଦପୁରରୁ ଜଳଖିଆ ଧରି ଗଲୁ କାକୁଡ଼ିପଡ଼ା । ଗୁଡ଼ୁମ୍ବୁ ଗାଡ଼ି ଅଛି । ଡ୍ରାଇଭରଙ୍କୁ କହିଲି ଏ ଗାଡ଼ି ବାଲୁଗାଁ ଯିବ କି ? ଡ୍ରାଇଭର କହିଲା ଯିବ । ଆମ ଦୁଇ ଜଣଙ୍କୁ ବସାଇ ନେବ କି ? ମୁଁ ପଚାରିଲି । ସେ କହିଲା ବସ । ଆମେ ବସିଗଲୁ, ଗାଡ଼ି ଛୁଟିଲା । ବାଲୁଗାଁଠାରେ ୧୧ଘଣ୍ଟାକୁ ଲାଗିଲା । ତାକୁ ଦଶଅଣା ପଇସା ଦେଲୁ । ସେ ଦିନ ଶ୍ରୀପଞ୍ଚମୀ । ମୁଁ କହିଲି ଅଗାଧୁ ! ଆଜ ମାଇନର ସ୍କୁଲ ଭୋଜି । ବାଲୁଗାଁରେ କ'ଣ ଖାଇବା, ଚାଲ ଯିବା ।

ସେଠାରୁ ଗଲୁ । ଇସ୍କୁଲରେ ପ୍ରବେଶ ଘ୧୨ ଠାରେ । ସମସ୍ତେ ଖାଇ ଯାଇଲେଣି । ମାଷ୍ଟ୍ରମାନେ ଖାଇନାହାନ୍ତି । ସେମାନେ ମୋତେ ଦେଖି ବଡ଼ ଆନନ୍ଦିତ ହେଲେ । ସମସ୍ତେ ଖାଇଲୁ । ମୁଁ କହିଲି ଅଗାଧୁ ! ଚାଲ ଘରକୁ ପଳାଇବା । ଘରକୁ ଗଲୁ । ଅଗାଧୁ ଚାରିଦିନ ଯାଏ ଉଠିପାରିଲା ନାହିଁ ।

ଧବୁ ବନ୍ଧୁ ଆସିଗଲେ । ଆମେ ଯାନ ବାହନ ପଠାଇଲୁ । ବର ବରଯାତ୍ରୀ ଆସିଲେ । ବିବାହ କାର୍ଯ୍ୟ ଶେଷ ହେଲା । ମୁଁ ଜବ ଦାସ ମହାପାତ୍ରଙ୍କୁ କହିଥାଏ ବରଯାତ୍ରୀ ଯେ କି ତୁମେ ଆଣିବ, ମର୍ଯ୍ୟାଦା ପାଇବେ । ମୋ ଶକ୍ତି ଅନୁଯାୟୀ ସମ୍ମାନ କରିବି-କିଏ କହିବ ମୁଁ ବଡ଼ ଲୋକ, ରଥ ସାନ୍ତେ, ପାଠ ହଲେ ପାଇବ । ସେ ପରି ଲୋକ ବରଯାତ୍ରୀରେ ଆଣିବ ନାହିଁ । ଯେ କି ମର୍ଯ୍ୟାଦା ପାଇବେ, ଖାଇବେ ତାଙ୍କୁ ଆଣିବ ।

ଫୁଲ ସଭା ସରିଲା । ଭୋଜି ଖାଇବାକୁ ଡାକିଲା କ୍ଷଣି ସେହି କଥା ଆରମ୍ଭ ହେଲା । ମୁଁ କହିଲି ସମ୍ବନ୍ଧୀ କ'ଣ ଏକଥା, ମୁଁ ତପ ଆପଣଙ୍କୁ କହିଥିଲି ବର ଯାତ୍ରୀମାନଙ୍କର ଜାତି ଭୁଲିବାକୁ ମୋ ପାଖରେ ସେ ନିକଟ ନାହିଁ । ମର୍ଯ୍ୟାଦା ପାଇ ଯେ ଆସିବେ ସେ ଆସନ୍ତୁ । ଯେ ନ ଆସିବେ ସେ ନିଙ୍ଗୁଡ଼ି ଖାଆନ୍ତୁ । ମୁଁ ତାଙ୍କ ଜାତି

Digitized by srujanika@gmail.com

ଉପରେ ବାଧା ଦେଉନାହିଁ । ଦୁଇ ଜଣ ଛଡ଼ା ସମସ୍ତେ ଆସିଲେ । ଭୋଜ କାମ ଶେଷ ହେଲା । ସେହି ରାତକୁ କୁମୁରାଙ୍କ ବନ୍ଧୁ ବାହାରି ଗଲେ । ଆଜ ଜଣେ ନୂଆଗଡ଼ ଘଞ୍ଚୁରୁ ଆସିଥିଲେ । ସେ କହିଲେ, ତୁମ ଭଣଜାଙ୍କର ସଙ୍ଗାତ । ସଙ୍ଗାତ ନ ଆସି ମୋତେ ପଠାଇ ଅଛନ୍ତି । ଏହା ଶୁଣି ତାଙ୍କୁ ଭଣଜା ପରି ମର୍ଯ୍ୟାଦା କଲୁ । ଲୋକଟି ଅତି ରୂପବନ୍ତ । କୁଣ୍ଡଳ ଯୋଡ଼ାଏ ଲଗାଇ ଥାଏ । ନେଳ ପାଟ ହଳେ ପିନ୍ଧିଥାଏ । ବରଯାତ୍ରୀ ଖାଇବାକୁ ଆସିବାରୁ ପାଟ ଓ ମଠା ପାଞ୍ଚ ହଳ ଦେଇଥିଲୁ । ସେମାନେ ଗଲା ବେଳକୁ ସେହି ଲୋକ ନେଳ ପାଟ ହଳକ ନେଇ ତାଙ୍କ ଲୁଗାରେ ରଖିଦେଲେ । ଉପରଓଳା ମଠା ପାଟ ଖୋଜିବାରେ ନେଳ ପାଟ ଦେଖାଗଲା ନାହିଁ । କୁମୁରାଙ୍କୁ ଖବର ଦେଲୁ । ସେ କହିଲେ ବସାଘରେ ରଖିଦେଇ ଆସିଲୁ । ନୂଆଗଡ଼ ଲୋକର ମାମୁଁ ଘର ଧାନ ହନୁଆଡ଼କୁ ଯାଇ ପଚାରିଲୁ ସେ ନାହିଁ କଲେ । ସେହି ଗ୍ରାମର ଜଣେ ପାଣ୍ଡୁକାଣ୍ଡି ବୋଲି, ଯେ କହିଲା, ମୁଁ କାଲି ଦେଖି ଥିଲି, ନେଳପାଟ ଗୋଟେ ଯେ ଲୋକ ପିନ୍ଧି ଥିଲା । ଏହା ଶୁଣି ଥାନାରେ ଇଜାରଦେଲୁ-ଆମର ବଡ଼ ଘର ଭୋଜ ହୋଇଥିଲା । ନେଳିଆ ରଙ୍ଗର ପାଟ ହଳେ ଚୋରି ଯାଇଛି । ଯେଉଁ ଲୋକ ଆମକୁ କହିଥିଲା, ପାଟ ଦେଖି ଥିଲା, ତାକୁ କହିଲୁ, ତୁମେ ପାଞ୍ଚ ଟଙ୍କା ପୁରସ୍କାର ପାଇବ । ସେ ଯେଉଁ ଦିନ ଗାଁକୁ ଯିବ ଆମେ ବାଟରେ ଧରିବୁ ।

ସେ ଗାଁରେ ସଭା କଲା । ଯେଉଁ ଦିନ ସେ ଗ୍ରାମକୁ ଯିବ ଆସି କହିଗଲା । ମୁଁ ଆଠଜଣ ମନୁଷ୍ୟ ପଠାଇଲି, ବାଟରେ ଲୁଗା ଖାନ୍-ତଲାସ୍ କରିବାକୁ । ସେମାନେ ସେହିପରି କଲେ । ଦୁଇଜଣ ଭରୁଆ ଧରି ଗଲାବେଳେ ଅରଖଡ଼ିହିଠାରେ ଅଟକାଇ ଖାନ୍ତଲାସ କରିବାରେ ପାଟ ବାହାରିଲା । ଆମେ ଥାନାକୁ କହି ତାକୁ ଟାଣିଲୁ । ସେ ଲୋକ କହିଲା, ତୁମ ପାଟ ନିଅ, ଦଶ ଟଙ୍କା ନିଅ ବୋଲିବାରୁ ପାଟ ଆଣିଲେ ଓ ଟଙ୍କା ଆଣିଲେ ।

ମୁଁ ତିନ ନମ୍ବର ଇଉନିଅନରେ ପ୍ରେସିଡ଼େଣ୍ଟ ଥାଏ । ବଳଦ ଚୋରି ହେଲେ, କେହି ଲୋକ ଇଜାହାର କରନ୍ତି, ଖୋଜନ୍ତି ନାହିଁ ।

Digitized by srujanika@gmail.com

ଆମ ଗାଁକୁ ଖଇଗ ଚନ୍ଦ୍ର ତନ୍ତୀର ଗୋଟିଏ ଭଲ ଦାମୁଡ଼ିଟିଏ ଥାଏ । ସେ ଦାମୁଡ଼ିକୁ ବେବର୍ତ୍ତାଙ୍କର ମାଗିଲେ ଚବିଶି ଟଙ୍କାକୁ । ସେ କହିଲା ପଚିଶ ଟଙ୍କାକୁ ହେଲେ ଦେବ । ତା ଉପରେ ରାଗ ରଖି ଝଲରୁ ଦାମୁଡ଼ି ଆଣି ଘରେ ରଖି ଲେକା ଜେନା, ମଦନ ଦଫାଦାର, ଗ୍ଲେଠା ଦାସ ତିନି ଜଣଙ୍କ ହାତେ ଦେଇ ମୁଁ ପଞ୍ଚକୋଶିକୁ ପଠାଇ ଦେଲେ ।

ତନ୍ତୀ ଦେଖିଲା ଦାମୁଡ଼ିଟି ଘରକୁ ଆସି ନାହିଁ, ରାତି ଦଣ୍ଡା ପର୍ଯ୍ୟନ୍ତ । ମତେ କହିଲା ଆଜ୍ଞା ! ଦାମୁଡ଼ିଟିକି କିଏ ନେଇଗଲା, ମୁଁ କହିଲି କେବେବେରେ ! ସେ କହିଲା କାଲି । ମୁଁ କହିଲି ହଉ କାଲି ବୁଝିବା ।

ହରିହର ବେବର୍ତ୍ତା ଗୁଣ୍ଡା ପାଞ୍ଚ ଜଣ ରଖି ବଡ଼ ଅତ୍ୟାଚାର କରୁଛନ୍ତି । ତାହା ବାଡ଼ିରୁ କଦଳୀ, ବାଇଗଣ, ଆଳୁ ଓଗେର ଚୋରି କରି ଆଣୁଛନ୍ତି । ହରିବୋଲଙ୍କୁ ମୁଁ କହିଲି ଗୁଣ୍ଡାମାନେ ଘରେ ଅଛନ୍ତି କି ? ସେ କହିଲା, ଆଜ୍ଞା ମୁଁ ଦେଖିଚି କଣୁ ଜେନା ସେ ଦାମୁଡ଼ିକୁ ଆଣିଥିଲା, ବେଳ ପହରେ ଥିଲା ପଅର ଦିନ । ମୁଁ କହିଲି ସେମାନଙ୍କ ମଧ୍ୟରୁ କିଏ ଘରେ ଅଛି ବୁଝି ଆସ । ନଜ ସାଜିଚ କହି ସେ ଘଣ୍ଟାକ ଭିତରେ ଆସି କହିଲା ଗ୍ଲେଠା ଦାସ, ମଦନ ପରିଡ଼ା, ଲେକା ଜେନା ଘରେ ନାହାନ୍ତି । ପରିଡ଼ା ମାଇପ କହିଲା ପୁରୀ ଯାଇଛନ୍ତି ।

ମୁଁ ତନ୍ତୀକୁ ସାଙ୍ଗରେ ଧରି ଥାନାକୁ ଗଲି । ଭାସ୍କରବାବୁ ସବ୍ ଇନ୍‌ସ୍ପେକ୍ଟର ଥାନ୍ତି । ସେ ପଚାରିଲେ ଆପଣ କୁଆଡ଼େ ଆସିଛନ୍ତି ? ମୁଁ କହିଲି ମୋର ଗୋଟିଏ ଦାମୁଡ଼ି ଏହି ତନ୍ତୀ ଘରେ ଭାଗ ପୋଷକୁ ଦେଇଥିଲି । ତାକୁ ପଅର ଦିନ କିଏ ଚୋରିକରି ନେଇଛି, ସେଇଟା ତଲାସ କରିବେ । ହଉ, ବାବୁ କହିଲେ ତମ ଗାଁରେ ବହୁତ ଗୋରୁ ଚୋରି ଯାଉଛନ୍ତି, ଏହାର କଥା କ'ଣ ? ମୁଁ କହିଲି ବଡ଼ ଲୋକମାନେ ଏହା କରୁଛନ୍ତି, ଆପଣମାନେ ଚେଷ୍ଟା କଲେ ଧରି ହୁଅନ୍ତେ, ଗରିବ ଲୋକେ କ'ଣ କରିବେ ? ସେ କହିଲେ ମୁଁ ଚେଷ୍ଟା କରିବି, ତୁମେ ଗୋରୁକୁ ଦେଖି ଆସ । ମୁଁ ତାର ପ୍ରତ୍ୟୋଗ

Digitized by srujanika@gmail.com

କରିବ । ସମସ୍ତଙ୍କୁ ଛଅମାସ ଲେଖା ଜଅଲ କରାଇ ଦେବ । ମୁଁ କାଲି ସକାଳୁ ମନୁଷ୍ୟ ପଠାଉଛି, ଏହା କହି ତନ୍ତ୍ରୀକି କହିଲା ପାଞ୍ଚ ଟଙ୍କା ଆଣେ ମନୁଷ୍ୟ ପଠାଇବା । ସେ କହିଲା ମୋ ଘରୁ ଯେତେବେଳେ ମାଲ ଗଲାଣି, ସେ ଗଲାଣି । ଆପଣ ଆଜ୍ଞା ମୋର କିଛି ଆପତ୍ତି ନାହିଁ ।

ରାତି ପହରେ ଥାନା ଅରକ୍ଷିତ ପ୍ରଧାନ ଓ **ନତାଗୁଟୋଇକୁ** ପାଞ୍ଚ ଟଙ୍କା ଜାଇ, ସ୍ୱଉଳ, ପିଠଳ ସଙ୍ଗ ଦେଲା । କହିଲା-ତୁମେ ଜଣେ ପଣ୍ଡା ଦେଇ ଭୂଷଣ୍ଡପୁର ଯାଇ ସେଠାରୁ ଚଟକ ଯାଇ କଳାପଦରକୁ ଗଲେ, ଜଣାପଡ଼ିବ । ମାଷ ଗଲାବେଳେ ବାଟରେ ଯାହାକୁ ଦେଖିବ ପଚାରୁ ଥିବ । ହଉ କହି ସେମାନେ ଗଲେ । ଦଶ ଦଣ୍ଡ ବେଳ ପହରେ ଅଛି, ଭୂଷଣ୍ଡପୁରରୁ ଜଣେ କହିଲା, ତିନି ଜଣ ଲୋକ ଗୋଟିଏ ବଡ଼ ସୁନ୍ଦର ଦାମ୍ଡ଼ିଟିଏ ଚଟକ ପାରି କରି କଳା ପଦରକୁ ନେଲେ । ଏମାନେ ସନ୍ଧାନ ପାଇ ଆନନ୍ଦରେ ଦୌଡ଼ିଲେ । କଳାପଦରଠାରେ ଲୋକେ କହିଲେ, ଆଜି ସକାଳେ ବଡ଼ ନଈକୁ ପାରିହେଲେ ନାଆରେ । ଦାମୁଡ଼ିକୁ ପହଁରାଇ କରି ନେଲେ, ଆଉ ବେଳ ନ ଥିଲା । ଏମାନେ କଳା ପଦରରେ ରାତି ରହି ସକାଳୁ ଗଲେ । ବାଟ କୋଡ଼େ ଯିବାରେ ଦେଖିଲେ ଗୋଟିଏ କଥା ଚୋରଙ୍ଗରେ ଦାମୁଡ଼ିକୁ କଷୁଛନ୍ତି । ଅରକ୍ଷିତ ଦେଖିବା ମାତ୍ରେ ଡାକିଲା, ଏ ନଟା ଘାଇ ହେଉଛିରେ । ଯେଉଁମାନେ ହଳ କଷୁଥିଲେ ଗୁଡ଼ ପଳାଇଲେ, ଏହାର କାରଣ କ'ଣ ? ଏମାନେ କହିଲେ, ଏହା ଗୋଟିଏ ଚୋରି ବଳଦ । ଏହା ଶୁଣିବା ମାତ୍ରେ ସେମାନେ ଦଉଡ଼ିଲେ । ବଳଦକୁ ଚଉଶି ଟଙ୍କାକୁ ବିକି ଟଙ୍କା ଧରି ଅଧମାଇଲେ ବାଟ ଯାଇଛନ୍ତି, ବଳଦ କିଣିବା ଲୋକ ଆଉ ଚାରିଜଣ ଧାଇଁଯାଇ ତାଙ୍କୁ ଧରି ପକାଇ ଦୁଇ ଜଣଙ୍କର ହାତ ବାନ୍ଧି ଆଣିଲେ । ଗାର ରେଙ୍କଦାର ଦଫାଦାର ଆସି ଥାନାକୁ ନେବାକୁ ବାହାରିଲେ । ତାଙ୍କଠାରେ ନଗଦ ପାଞ୍ଚ ଟଙ୍କା ଥିଲା । ସୁନାର ତେଉଁରିଆ ବାର ଗୋଟା, ବଡ଼ କମ୍ବଳ ଦୁଇ ଟୋଟି ଥିଲା, ସବୁ ରଖି ବଳଦକୁ ଫେରାଇ ଦେଲେ । କହିଲେ ଆପଣଙ୍କ ମାଲ ଆପଣ ପାଇଲେ । ଗୁଣ୍ଡାଟୋଇ କହିଲା, ଆମର ଦଶ ଟଙ୍କା ଖର୍ଚ୍ଚ ହୋଇଅଛି କିଏ ଦେବ ? ଯୋଉ

Digitized by srujanika@gmail.com

ନଗଦ ଥିବା ପାଞ୍ଚ ଟଙ୍କା ଦେଲେ, ବଡ଼ୁଛ ସନ୍ତନପ୍ଟ ହୋଇ କହିଲେ ଆପଣଙ୍କ ହାତ ଧରୁଚୁ ଆପଣ ଯାଆନ୍ତୁ ।

ସେ ବଳଦ ଧରି ଗ୍ରାମକୁ ଆସି ଚକ୍ରୀ ଘରେ ବଳଦ ଛାଡ଼ିଦେଲେ । ଚକ୍ରୀ କହିଲା ସେ ବର୍ତ୍ତିର ବଳଦ ଇପାହାର ହୋଇଚ, ମୁଁ ରଖିବ ନାହିଁ । ଆମ ଘରର ବଳଦ ଛାଡ଼ି ଦେଲା । ମୁଁ ବଳଦ ରଖି ସେହିକ୍ଷଣି ଥାନାକୁ ଗଲି । ବାବୁ ପଚାରିଲେ କ'ଣ ହେଲା । ମୁଁ କହିଲି, ସେ ବଳଦକୁ କଷ କରୁଥିଲେ । ଯେ ଜାଣି ପାରିଲେ ଚୋର ବଳଦ । ଏମାନଙ୍କୁ ଦେଖିବା ମାତ୍ରେ ଚୋରମାନେ ପଳାଇଗଲେ । ଯେମାନେ ବଳଦ କଷୁଥିଲେ, ସେମାନେ ତାଙ୍କ ବଳଦକୁ ଧରି ବାହାରି-ଗଲେ । ଦେଖାଣାହାଗ ଲୋକେ କହିଲେ ଏ ଦାମୁଡ଼ି ପଚିଶି ଟଙ୍କା ମୂଲ ହେଲା । ବଳଦ କଷ ପରେ ଟଙ୍କା ନେଇଥାନ୍ତେ । ତମକୁ ଦେଖିବା ମାତ୍ରେ ପଳାଇଗଲେ, ତମେ ବଳଦ ନେଇ ଯାଅ । ଏମାନେ ବଳଦ ଧରି ଆସିଲେ । ବାବୁ କହିଲେ ଆଉ ଚୋର ଧରି ହେବ-ନାହିଁ । ତୁମର ଧର୍ମର ମାଲ ମିଳିଗଲା ।

ଗାଁକୁ ଆସି ଚକ୍ରୀକି କହିଲି—ତୋ ବଳଦ ନେ । ସେ ନାହିଁ କଲା । ଟଙ୍କା ନେବୁ କହିବାରୁ ସେ ହଁ କଲା । କହିଲା ଦେଲେ ନେବି । ମୋର ମାଲ ଆପଣଙ୍କ ଯୋଗୁ ମିଳିଲା । ମୁଁ ସେହିକ୍ଷଣି ୨୪ ଟଙ୍କା ଦେଲି । ସେ ଆନନ୍ଦ ସହ ଟଙ୍କା ନେଲା । ସେହି ଦିନଠାରୁ ଗୋରୁ ଚୋର ଆଉ ନାହିଁ ।

କୋଟପଲ ଚୈତନ୍ୟ ପଟ୍ଟନାୟକ ପୁଅ ନୂଆ ଓକିଲ ହେଲା । ସେ ଚଳନ୍ତିରେ ବିବାହ ହୋଇଚି । ତାକୁ କପରି ଭାବରେ ନାୟୁଡୁ ଘର ପରିଚୟ ହେଲେ, ମୋ ବିଷୟ କହିଲେ—କପିଳ ମିଶ୍ରଙ୍କଠାରେ ଛ'ଶ ଟଙ୍କା ଅଛି, ମୋର ଡିଗ୍ରୀ ହେଉଚି ଟ୨୫୦୦, ଆପଣ ଅସୁଲ କରି ପାରିବ କି ? ଓକିଲ କହିଲେ ମୁଁ ତାଙ୍କୁ ଜାଣେ । ସମ୍ପତ୍ତିକୁ ନିଲାମ ବସାଇବା ମାତ୍ରେ ଟଙ୍କା ଆଦାୟ ହୋଇଯିବ । ନାୟୁଡୁ କହିଲା, ତାଙ୍କୁ ଆଗ ଡାକ, ସେ କ'ଣ କହୁଛନ୍ତି, ତା ପରେ ନିଲାମ ବସାଇବା । ଓକିଲ କହିଲେ ସମ୍ପତ୍ତିକୁ ବେନାମି କରିଦେବ । ଶାଘ୍ର

Digitized by srujanika@gmail.com

ନିଲାମ ବସାଇ ଦେବା । ହଉ କର । ପ୍ରଥମେ ଅସି ଅମ ମଠରେ ରହିଲି । ମଠରେ ଥିବା ଗୁମାସ୍ତା ତାଙ୍କର ବନ୍ଧୁ । ତାଙ୍କଠାରୁ ସବୁ ତଦନ୍ତ ବାଗ ଖାସମାହାଲରୁ ନମ୍ବର ଆଣି ନିଲାମ ଇସ୍ତାହାର ଜାରି କଲି । ବଳି ବାବୁ, ଲୋକନାଥ ଏମାନେ ମାମଲତକାର । ତାଙ୍କଠାରେ ଗ୍ଭଲିଲି । ସମସ୍ତେ କହିଲେ ଆଉ ଉପାୟ ନାହିଁ । ନିଲାମି କର । ବଳିବାବୁ କହିଲେ ତମର ଛଅଶ ଟଙ୍କାକୁ ହଜାରେ ଟଙ୍କା ନିଅନ୍ତୁ । ମକଦ୍ଦମା ଜାନୁଆରୀ ୧୬ ତାରିଖକୁ ଅଛି । ଆଜକୁ ମା ୧୨୦ ଦିନ ଅଛି । ତାରିଖକୁ ଟଙ୍କା ଧରି ଆସନ୍ତୁ । ଏଥି ପୂର୍ବରୁ ମୁଁ ଯେଉଁପରି ରୋଗୀ ରୋଗ ହେତୁ ଗିନାକୁ ଜାମୁଡ଼ି ପକାଏ ସେହିପରି ବୈଷ୍ଣବ ବଗଡ଼ ନାମରେ ଜମି ବେନାମି କରିଥାଏ । ବଗଡ଼ କହିଲା ଗ୍ଭଲ ମାଲିକ ପାଖକୁ ଯିବା ତାକୁ କହିବା । ମୁଁ କହିଲି, ହଉ ଗ୍ଭଲ । ଦମ୍ୟଧର ବାବୁ, ବଗଡ଼ ଓ ମୁଁ ଗଲୁ । ନାୟୁଡ଼ୁଙ୍କୁ କହିଲି, ମୋ ଭାଗ ଟଙ୍କା ଦେଲି, ମୋତେ କିଛି ନକହି ନିଲାମ ବସାଇଲେ ? ନାୟୁଡ଼ୁ କହିଲେ ଯାହା ହେବାର ହେଲଣି । ଏକ ହଜାର ଦିଅ, ମକଦ୍ଦମା ଖର୍ଚ୍ଚ ଦିଅ । ମୁଁ କହିଲି, ମକଦ୍ଦମା ଖର୍ଚ୍ଚ କେତେ ? ସେ କହିଲେ, ଓକିଲଙ୍କଠାରେ ହିସାବ ଅଛି । ମୁଁ କହିଲି, ଆପଣଙ୍କର ମୂଳ ଟଙ୍କା ୬୦୦ ଦେବି, ମକଦ୍ଦମା ଖର୍ଚ୍ଚ ଦେବି । ସେ ନାହିଁ କଲେ । ମୁଁ ପୁଣି ଆଠଶହ କହିଲି । ସେ କହିଲେ, କଦାପି ନେବ ନାହିଁ । ଆମେ ନିରାଶ ହୋଇ ଫେରି ଆସିଲୁ । ପୁଣି ଗ୍ଭବିଲୁ ଓକିଲ ତ ଆମ ଗାଁ ବରଜୁ ପଟ୍ଟନାୟକଙ୍କର ମାଉସୀ ପୁଅ ଭାଇ । ବଗଡ଼କୁ ଧରି ମୁଁ ତାଙ୍କ ପାଖକୁ ଗଲି । ଓକିଲଙ୍କ ବାପ ନିତ୍ୟାନନ୍ଦ ପଟ୍ଟନାୟକ । ସେ ଜଣେ ପ୍ରଧାନ ଗୁରୁଜୀ । ଆମ ଗାଁ ସୋମନାଥ ନନ୍ଦଙ୍କୁ ବଳକା । ତାଙ୍କ ସଙ୍ଗେ ଦେଖା ହେଲା । ବନ୍ଧୁ ବାନ୍ଧବ ବିଷୟ ନେଇ କଥାବାର୍ତ୍ତା ହେଲୁ । ସେ କହିଲେ, ଆପଣ ବ୍ରାହ୍ମଣ, ଆପଣଙ୍କର ଉପକାର କରିବାର କଥା । ବହୁତ ଧର୍ମାର୍ଥ କଥା କହିଲି । ଆମେ ଜାଣିଲୁ ଏ ଆପଣ ନିଶ୍ଚେ ଉଦ୍ଧାର କରିଦେବେ । ମୁଁ ଓ ବଗଡ଼ ତାଙ୍କ ଦାଣ୍ଡ ଘରେ ବସି ଥାଉ । ୫ଘଣ୍ଟାକୁ ଓକିଲ ବାବୁ ଆସିଲେ—ପଗ୍ଭରିଲେ—ଆପଣଙ୍କ ଘର କେଉଁ ଗାଁ ? ମୁଁ କହିଲି ଖିମପୁର—ସେ କହିଲେ ନଟବର କିମିତି ଅଛନ୍ତି ? ମୁଁ କହିଲି ଭଲରେ ଅଛନ୍ତି । ସେ

Digitized by srujanika@gmail.com

କହିଲେ ଆପଣ କୁଆଡ଼େ ଆସିଛନ୍ତି ? ମୁଁ କହିଲି ଆପଣ ତ ସବୁ କରିଛନ୍ତି, ଆଜ ଆପଣ ଏ ବିପଦରୁ ଉଦ୍ଧାର କରି ପାରିବେ । ଆଉ ଅନ୍ୟ କେହି ରଖି ପାରିବେ ନାହିଁ । ସେହିକ୍ଷଣି କାଗଜଗୁଡ଼ିଏ ଧରି କହିଲେ ଆପଣଙ୍କଠାରେ ନାୟୁଡ଼ୁ ବାବୁଙ୍କର ଅସଲ ଟ୨୫୦୦, ମକଦ୍ଦମା ଖର୍ଚ୍ଚ ଟ୭୫୦ ହେଲାଣି, ଚାରିହଜାର ଟଙ୍କା ଆଣନ୍ତୁ । ଏହା କହି ବାବୁ ପୁଅ ଘରକୁ ଗଲେ । ବାପ ପୁଅକୁ କହୁଛନ୍ତି ନାୟୁଡ଼ୁ କେଡ଼େ ବଡ଼ ଲୋକ, ଆମକୁ କପର ବିଶ୍ୱାସ କରି ଏ ମକଦ୍ଦମା ଦେଇଛନ୍ତି, ଗୋଟିଏ ଟଙ୍କା ଛୁଇ ନାହିଁ । ନିଲାମରେ ଯେତେ ଟଙ୍କାର ସମ୍ପତ୍ତି ଆସୁଛି କୋଡ଼ିଏ ହଜାର ଅନ୍ଦାଜ ହେବ । ମାତ୍ର ଲୋକନାଥ ଦାସ ପାଖରେ ୩୦୦୦ ଟଙ୍କା ରହଣି ବନ୍ଧକ ଅଛି । ତୁମେ ଉପ୍ରୋଧରେ ପଡ଼ ନାହିଁ ।

ମୁଁ ତ ଝରକା ପାଖରେ ଥାଏ । ସବୁ ଶୁଣିଲି । ବଗଡ଼ଙ୍କୁ କହିଲି । ଏ ଲୋକକୁ ବିଶ୍ୱାସ କଲେ ସର୍ବନାଶ ହେବ, ଚାଲ ଯିବା । ନିତ୍ୟାନନ୍ଦ ଅସି କହିଲେ ମୁଁ ପୁଅକୁ କହିଲି କୌଣସି ମତେ ହିସା ଅଧିକାର ଛୁଟାଇ ଦିଅ । ମିଶ୍ରେ ଆମର ସବୁ ଧନର, କଟକ ଟେଣ କାହାର ବନ୍ଧୁ । ମୁଁ କହିଲି ମୁଁ ଝରକାଠାରେ ରହି ସବୁ ଶୁଣୁଥିଲି । ଆପଣ ପୁଅଙ୍କୁ ଯାହା କହୁଥିଲେ । ଆପଣ ଉଦ୍ଧାର କରି ପାରିବେ ନାହିଁ । ଯେଉଁ ପ୍ରଭୁ ବଡ଼ ଦେଉଳରେ ବସିଛନ୍ତି, ସେ ଉଦ୍ଧାର କରିବେ । ଏତିକି କହି ବାହାରି ଆସିଲୁ ।

ନାୟୁଡ଼ୁଙ୍କର ଗୋଟିଏ କମା ପିଲା ଆସି ମକଦ୍ଦମା ଚଳାଉ ଥାଏ । ତା ସହିତ ଭେଟିଲୁ । ସେ କହିଲା ନାୟୁଡ଼ୁ ବାରଶହ ଟଙ୍କା ପାଇବେ । ମତେ ୫୦ ଟଙ୍କା ଦିଅନ୍ତୁ । ତାରିଖ ଦିନେ ଥାଇ ଆସନ୍ତୁ । ଏହା ଶୁଣି ଗ୍ରାମକୁ ଆସିଲୁ । କଣ କରିବା, ଚାଲ ଲୋକନାଥ ଦାସ ପାଖକୁ ଯିବା । ବବଡ଼ଙ୍କର ମୋର ଗଲୁ । ଗଲାକ୍ଷଣି ସେ ପଚାରିଲା, ମକଦ୍ଦମା କଣ ହେଲା ? ମୁଁ ତାକୁ ସବୁ ବିବରଣୀ କହିଗଲି । ଆପଣଙ୍କ ନିକଟକୁ ଆସିଛୁ । ଆପଣଙ୍କର ୨୫୦୦ ଟଙ୍କା ହେବ । ଆଉ ହଜାରେ ଟଙ୍କା ଦେଲେ ଉଦ୍ଧାର ହେବୁ । ସେ କହିଲା ନିଲାମ ହେଲେ ମୁଁ ମୁଖ୍ୟାମି ହେବ । ଆଉ ଟଙ୍କା ଦେବ ନାହିଁ । ସେଠାରୁ

Digitized by srujanika@gmail.com

ଫେର ଆସିଲୁ । ବଗୁଡ଼ କହିଲେ ଧାନ ବେଙ୍ଗନା ପକାଅ । ସେ ସମୟକୁ ଧାନ ଭରଣ ୨୦ ଟଙ୍କା ଥାଏ । ବାଣପୁର ଗୌରଙ୍ଗ ପାଖ ଧାନ କଣୁ ଥାଏ । ତାକୁ କହିଲି ଆଠ ଦିନ ମଧ୍ୟରେ ଧାନ ଦେବ, ବସ୍ତୁ ମାଧୁଆ କଣ ଦର ହେଲେ ରଖିବ । ମୋଟା ଧାନ ଦର ୨୦ ଟଙ୍କା, ବସ୍ତୁ ମାଧୁଆ ୨୧ ଟଙ୍କା ହେଲେ ରଖିବ । ତାଠାରୁ ୫୦ ଟଙ୍କା ବଏନା ଆଣି ଦଶ ଦିନକୁ ମିଆଦ କରି ଆସିଲି । ସେତେବେଳକୁ ୪ ବାଟୀ ଜମି ଚୃଷ ଥାଏ । ବେଙ୍ଗନା ପକାଇ ଧାନ ବିକିଲି, ୧୧୫୦ ଟଙ୍କା, ବଗୁଡ଼ ଧାର ଦେଲେ ଶହେ ଟଙ୍କା । ୧୨୫୦ ଟଙ୍କା ଧରି ଗଲୁ । ସେ ତାରିଖକୁ ୬୬ ଧାର୍ଯ୍ୟ ନୋଟିସ ଜାରି ହେବ । କମାକୁ ଦେଖିଲୁ । ସେ କହିଲ, ଟଙ୍କା ଧରି କଟକକୁ ଆସ । ବଗୁଡ଼ର ମୋର ଟଙ୍କା ଧରି ଗଲୁ । ଓକିଲକୁ କମା କହିଲ, ମିଶ୍ରେ ନାଯୁଡୁ ବାବୁଙ୍କଠାକୁ ଯାଇଥିଲେ । ନାଯୁଡୁ କହିଲେ, ହଜାରେ ଟଙ୍କା ମକଦ୍ଦମା ଖର୍ଚ୍ଚ । ଆପଣଙ୍କ ହାତରେ ସବୁଅଛି, ବ୍ରାହ୍ମଣ ପିଲା ସବୁ ଯାଉଛି, ରକ୍ଷା କର । ସେ ୧୨୦୦ ଟଙ୍କା ଆଣିଛନ୍ତି । ଓକିଲ କହିଲେ ହେବ ନାହିଁ । ମକଦ୍ଦମା ଖର୍ଚ୍ଚ ହେଲଣି ୯୦୦ । ଆମ ନିଲମିରେ ଯାହା ସମ୍ପତ୍ତି ଅଛି ସେ ୨୦୦୦ ଟଙ୍କା ହେବ । ଲୋକନାଥ ପାଖର ୩୦୦୦ ଟଙ୍କା ହେବ, ନିସ ନୁହେ, ଅସଲ ୨୫୦୦ ଟଙ୍କା ମକଦ୍ଦମା ଖର୍ଚ୍ଚ ୯୦୦ ଟଙ୍କା ଦେଲେ ଛୁଟିବ, ତା ଶୁଣି ଟଙ୍କା ଧରି ଘରକୁ ଫେରି ଆସିଲୁ । ସେହିଦିନ ତାରିଖ ଥିଲା । ବାଦୀ ପକ୍ଷରୁ ଅନ୍ୟ ତାରିଖ କରିଗଲା । ମୁଁ ସେହିଦିନ ପ୍ରଭୁଙ୍କ ଦର୍ଶନ କାର୍ଯ୍ୟ ଶେଷ କରି ବେଡ଼ାରେ ଆନନ୍ଦ ବଜାରକୁ ଆସିବା ଜାଗାରେ ବସି କୃଷ୍ଣଦାସଙ୍କ ଜଣାଣ ଶେଷ କରି ପ୍ରଭୁଙ୍କୁ ଲକ୍ଷ୍ୟ କରି ଗୃହ ଘଣ୍ଟା ପର୍ଯ୍ୟନ୍ତ ଅନୁସରଣ କଲି । କଚିରି ଭାଜିବା ସମୟକୁ ଗଲି । ସେଠି କମା ପିଲାକୁ ପଚାରିଲି କଣ ହେଲା । ସେ କହିଲା ତାରିଖ ହୋଇଗଲା । ମୁଁ କହିଲି ପାରିବ ନାହିଁ । ତାରିଖ କି ସକାଶେ ହେଲା ? ସେହିଦିନ ରାତି ୩ ଘଣ୍ଟା ଗାଡ଼ିରେ ବଗୁଡ଼ଙ୍କର ମୋର ଆସିଲୁ, ଆଜି ମକଦ୍ଦମା ଆଡ଼େ ନ ଯାଇ ପ୍ରଭୁଙ୍କ ଆଡ଼େ ଲକ୍ଷ୍ୟ ରହିଲା । ବଗୁଡ଼ କହିଲ ଆମ ଉପାୟ ତ ସରିଗଲା । ବେନାମିରେ ମୋ ନାଁରେ ସମ୍ପତ୍ତି ହୋଇଅଛି । ଆସ୍ତୁ କଏ କପରି ଦଖଲ କରିବ । ଏହି ଦମ୍ଭରେ ରହିଲୁ ।

Digitized by srujanika@gmail.com

ମାଘମାସ କୃଷ୍ଣ ପକ୍ଷ ମଙ୍ଗଳବାର ଦିନ ବେଳ ଘଡ଼ିଏ ଅଛି, ମୁଁ କ୍ଷେତ ଆଣିବା କାର୍ଯ୍ୟରେ ଲାଗିଛି, ବଡ଼ଭାଇ କାର୍ଡ ଖଣ୍ଡିଏ ଧରି ଥିଲେ ମୋ ହାତକୁ ଦେଲେ । ମୁଁ କାର୍ଡକୁ ପଢ଼ିଲି, ରାମକୃଷ୍ଣ ମହାନ୍ତି ଯେ କି ବଡ଼ଭାଇର ମୋହରିର ସେ ଲେଖିଛନ୍ତି ମିଶ୍ରଙ୍କ ମକଦ୍ଦମା ମୁନସଫ ଖାରଜ କରି ଦେଲେ । କି କାରଣରୁ ଖାରଜ କଲେ ତାହା ଆସି ଶୀଘ୍ର ଦେଖନ୍ତୁ । ମୁଁ ବଡ଼ ଆନନ୍ଦ ହେଲି । କହିଲି ବଡ଼ଭାଇ, କାଲି ଆସ ଯିବା । ମୁଁ କାଲି ତମ ଗାଁ ବାଟେ ଯିବି । ସେ ହଁ କଲେ । ମୁଁ ସକାଳ ୧୦ ଘଣ୍ଟାବେଳେ ଗଲି । ବଡ଼ଭାଇ ମୋତେ ଚାହିଁଥିଲେ । ସାଙ୍ଗ ହୋଇ ଗଲୁ । ୫ ଘଣ୍ଟାରେ ପୁରୀରେ ପ୍ରବେଶ ହୋଇ ହରେକୃଷ୍ଣଙ୍କ ବସାକୁ ଗଲୁ । ସେ ଦେଖିଲାକ୍ଷଣି କହିଲେ ମୋ ଚିଠି ପାଇଲେ— ହଁ- ନୋହିଲେ କାହିଁକି ଆସିଥାନ୍ତୁ ।

ସେ କହିଲେ ସେଦିନ ମୁଁ କୋର୍ଟରେ ଥିଲି । ବାଦୀ ପକ୍ଷ ଓକିଲ ଅନେକ ବାଦ କଲେ । ମୁନସଫ ଶୁଣିଲେ ନାହିଁ । ସେ ରାୟ ନକଲ ଆଣିଲେ ଜାଣିବ । ଆପଣ ୧୨ ଘଣ୍ଟାଠାରେ କଚେରୀରେ ଥିବେ ଯାଆନ୍ତୁ । ବଡ଼ଭାଇ ସେହିଠାରେ ରହିଲେ, ମୁଁ ଆମ ଗାଁ ମଠରେ ରହିଲି । ସକାଳ ୧୦ ଘଣ୍ଟାକୁ ଯାଇ ରାୟ ନକଲ ବାହାର କଲୁ । ମୁନସିଫ ଲେଖିଛି ବାଦୀ ଜଣେ, ପ୍ରତିବାଦୀ ବି ଜଣେ । ଜଣେ ପ୍ରତିବାଦୀ ବରାବର ଲଢ଼ୁଛି । ଆଉ ଜଣ ପ୍ରତିବାଦୀର କୌଣସି ସମ୍ପର୍କ ନାହିଁ । ମକଦ୍ଦମା ରଫାନାମା ହେବ । ଆଜକୁ ନଅ ବର୍ଷ ହେଲା କାହିଁକି ୨ୟ ନମ୍ବର ପ୍ରତିବାଦୀର କୌଣସି ଦସ୍ତଖତ ନାହିଁ । ଏଣୁ କରି ମକଦ୍ଦମା ଅଚଳ । ସେ ରାୟ ନକଲ ଧରି ଧନପତି ବାବୁଙ୍କ ପାଖକୁ ଗଲୁ । ଦରଶଣୀ ୩ ଟଙ୍କା ଦେଲୁ । ସେ ତାକୁ ପଢ଼ିଲେ, ପଚାରିଲେ ନାୟୁଡ଼ୁଙ୍କର ତମର କି ବ୍ୟବସାୟ ଥିଲା । ପ୍ରଥମରୁ କହି ପାରିବ ? ମୁଁ ହଁ କଲି । ମକଦ୍ଦମା ଆଦ୍ୟଠାରୁ ରଫା-ନାମା ଦିନ ପର୍ଯ୍ୟନ୍ତ କହି ପାରିବ ? ମୁଁ କହିଗଲି । "ଯେଉଁ ସାଲରୁ ଆରମ୍ଭଠାରୁ ଝାଡ଼େଶ୍ୱର ମିଶ୍ର ମୁଁ କରି ଆସୁଛୁ ଯେଉଁଦିନ ରଫାନାମା ହେଲା ସେଦିନ ଝାଡ଼େଶ୍ୱର ମିଶ୍ର ଜରରେ ପୀଡ଼ିତ ଥିବାରୁ ମୁଁ ଏକାକୀ ଗଲି । ପୂର୍ବ ତାରିଖରେ ସେ ସବୁ କଥା ଛିଡ଼ି ଯାଇଛି ।

Digitized by srujanika@gmail.com

ସଦାଶିବ ବିଦ୍ୟାଭୂଷଣ ତ ଅଛନ୍ତି ଓକିଲ ତ ଅଛନ୍ତି । ମୁଁ ଏକୋଳା ଗଲି । ଶୁଣିଲି ଆମ ଓକିଲ ସର୍ବେଶ୍ୱର ମହାପାତ୍ର ବୃନ୍ଦାବନ ହୋଇ ନସୀମପେଣ୍ଟଙ୍କୁ ମୁନସଫ ସାଙ୍ଗରେ ଗଲେଣି । ତାହା ଶୁଣି ମୁଁ ଅବାକ୍ । କ'ଣ କରିବି ଅନ୍ୟ ଓକିଲଙ୍କୁ କହିଲି । ସେ କହିଲେ ପ୍ରତିବାଦୀ ଦୁଇଜଣ ନ ଥାଇ ଓକିଲାତନାମା ହେବ ନାହିଁ । ଗଲି ବିଦ୍ୟାଭୂଷଣଙ୍କୁ କହିଲି । ମକଦ୍ଦମା ତ ପଡ଼ିବ ନାହିଁ । ଯାହା ସ୍ଥିର ହୋଇଛି, ରଫାନାମା ଦାଖଲ କର । ମୁଁ କହିଲି, ଆପଣ ନ ଗଲେ ହେବ ନାହିଁ । ସେ କହିଲେ, ହଉ ଯିବା । ପଅର ଦିନ ତାରିଖ ଥାଏ । ୧୦ ଘଣ୍ଟାକୁ ଗଲୁ । ରଫାନାମା ଲେଖା ହେଲା । ମକଦ୍ଦମା ଆଡ଼ିସନାଲ କୋର୍ଟରେ ଥାଏ । ରାଜିନାମାକୁ ହାକିମ ପଢ଼ିଗଲେ । କହିଲେ, ୨ୟ ନମ୍ବର ପ୍ରତିବାଦୀ ନାହିଁ, ହେବ ନାହିଁ । ଅନ୍ୟ ତାରିଖ କର । ନାଏବଙ୍କ ଗୁମାସ୍ତା କହିଲା ତୁମେ ଥାଅ, ମୁଁ ବାବୁଙ୍କ ପାଖେ କଥା ହୋଇ ଆସେ । ସେ ଝଟକାରେ ଗଲା । କଣ ସେ ଲେଖା ଖଣ୍ଡିଏ ଆଣି ମୁନ୍ସଫ୍‌ଙ୍କୁ ଦେଲା । ହଉ ଆଣ କହି ମୋଠାରୁ ଟିପ ଦସ୍ତଖତ ନେଲେ । କଚେରୀ ଭାଙ୍ଗିଲା, ଆମେ ଆସିଲୁ, ମୁଁ ବିଦ୍ୟାଭୂଷଣଙ୍କୁ କହିଲି । ସେ କହିଲେ ମୁଁ କାଲି ଯିବି ରଫାନାମା ଦେଖିବି । ସେ ତା ଆରଦିନ ଗଲେ । ଦେଖିଲେ ନାଏବଙ୍କ ଲେଖିଲେ ଏକ ନମ୍ବର ପ୍ରତିବାଦୀଠାରୁ ଆମର ଟଙ୍କା ଆଦାୟ ହେବ, କରି ଦିଅ ଡିଗ୍ରୀଜାରି କଲେ ଦୁଇଜଣଙ୍କ ସମ୍ପତ୍ତି ଉପରେ ।" ମୁଁ ଦେଖୁଛି ତମେ ଗୋଟିଏ ବଳଦ । ଆଜ୍ଞାଏ ଭୁଲ ହୋଇ ବସିଛି । ଲକ୍ଷ୍ମୀଧର ବାବୁ ରଖି ନେଲେ । ଗୋଟିଏ ତାରିଖରେ ଡିଗ୍ରୀ କରି ଦେବି । ମତେ କଣ ଦେବ ? ମୁଁ କହିଲି ଆପଣଙ୍କୁ ଏକଶହ ଟଙ୍କା ଦେବି । ତାରିଖ ଦିନେ ଆଜ ୨ ନମ୍ବର ପ୍ରତିବାଦୀଙ୍କୁ ଆଣ—ଧନପତି ବାବୁ କହିଲେ ।

ଆମେ ତାରିଖ ଦିନେ ଥାଉ ପ୍ରତିବାଦୀ ଦୁଇ ଜଣଯାକ ଚଳୁ । ତାଙ୍କ ମୋହରର ହରେକୃଷ୍ଣ ମହାନ୍ତି ଲେଖିଲେ ଝାଡେଶ୍ୱର ମିଶ୍ର କପିଳ ମିଶ୍ର ଭାଗରେ ବେପାର କରୁଥିଲୁ । ନାଏବଙ୍କ ବାବୁଙ୍କର ୧୨୦୦ ଟଙ୍କା ଆମ୍ଭ ଉପରେ ବାକି ହେଲା । କପିଳ ମିଶ୍ରେ ସେ ଟଙ୍କା ଏକାକେ ବାବୁଙ୍କୁ ଦେଇ ଦେଲେ । ମୁ

Digitized by srujanika@gmail.com

ତାଙ୍କ ଭାଗ ଟଙ୍କା ଦେଇ ନାହିଁ । ସେ ଯୋଗୁ କପିଳେ ମିଶ୍ରେ ମୋର ପକ୍କା ଘର ଖଣ୍ଡି ନେବା ସକାଶେ ଏପରି ଚଣ୍ଡକତା କରିଛନ୍ତି । ମୁଁ ରଫା କରି କହୁ ଜାଣି ନାହିଁ । ମୂଳ ମକଦ୍ଦମା ଦେଖନ୍ତୁ । ମୁନ୍‌ସଫ ନାପୁତ୍ରଙ୍କୁ କହିଲେ, ୨୧ ତାରିଖ ଦିନ ମୂଳ ମକଦ୍ଦମା ଦେଖାଅ । ୨୧ ତାରିଖ ହେଲା । ନାପୁତ୍ର ପକ୍ଷ ଓକିଲ କହିଲେ, ଆଜ୍ଞା କମ ଦିନ, କାହିଁକି ପିବୁ । ଧନପତି ବାବୁ ଆଇନ୍ ବହି ଦେଖାଇଲେ । ସନ୍ଦେହ ହେଲେ ଦେଖାଯିବ । ସେ କହିଲେ ସନ୍ଦେହ ନାହିଁ । ଧନପତି ବାବୁ କହିଲେ, ଯେବେ ସନ୍ଦେହ ନଥିଲି ୨ୟ କୋର୍ଟ କରି ମକଦ୍ଦମା ଦେଲି କାହିଁକି ?

ପ୍ରଥମ କୋର୍ଟ ମୁନ୍‌ସଫ୍ କହିଲେ, ବାଘାକୁ ମୂଳ ମକଦ୍ଦମା ଦେଖାଇ ନିଲାମ କରନ୍ତୁ ।

ତିନ ଗୋଟା ତାରିଖ ହେଲା । ବାଘା ହାଜର ନୋହିବାରୁ ବାଘାଙ୍କ ଉପରେ ଖର୍ଚ୍ଚ ୨୫।।।। ଟଙ୍କା ହେଲା । ଧନପତି ବାବୁଙ୍କୁ ୧୦୦ ଟଙ୍କା ଦିଆ ହେଲା । ତାଙ୍କ ମୋହରିରକୁ ୨୦ ଟଙ୍କା ଦିଆ ହେଲା । ବୈଷ୍ଣବ ବରାଡ଼ଙ୍କର ବାଲଦରର ଚିନ୍ତା ପଧାନ ଓଗେର ୮ ଜଣଙ୍କ ଉପରେ ୧୨୦୦ ଟଙ୍କା ଡ଼ିଗ୍ରୀ ହୋଇଥାଏ । ପ୍ରତିବାଦୀ ୮ ଜଣ ଆସି ମକଦ୍ଦମା ବାବଦ ୯୫୦ ଟଙ୍କା ସ୍ଥିର କରି ମୋ ପାଖରେ ୫୦୦ ଟଙ୍କା ରଖିଲେ । ଆଉ ୪୫୦ ଟଙ୍କା ପନ୍ଦର ଦିନରେ ଦେବାକୁ କହିଲେ । ଆମ ଗାଁ ଲୋକା ବାରିକ ବରାଡ଼ଙ୍କୁ କହିଲା ମିଶ୍ରଙ୍କ ପାଖରେ ଟଙ୍କା ଥୁଆ ହୋଇଚି, ମତେ ସେ ଟଙ୍କା ଦିଅନ୍ତୁ । ମୁଁ ଚାରିଦିନରେ ସେ ଟଙ୍କା ଓ ୩୦ ଟଙ୍କା ସୁଧ ଦେବି । ମୁଁ ଲୋକ ଧରି ଗୋପାଳପୁର ଠାରେ ତାର କଲେ, ଟଙ୍କା ଆସିବ ତା ଶୁଣି ବରାଡ଼ ଜଣେ ଲେଖି ଲୋକ, ମୋତେ କହିଲା, ସେ ଟଙ୍କା ପନ୍ଦର ଦିନରେ ଦେବ । ୩୦ ଟଙ୍କା ଦେବ କହୁଚି । ମୁଁ ଯେତେ ନାହିଁ କଲି—ବଳେଇ କରି ମୋ ନାମରେ ନୋଟ ଲେଖି ଆଣିଲା । ଟଙ୍କା ୫୦୦ ଦେଲି । ଲୋକା ବାରିକ ଟଙ୍କା ଭୁଲ ଧରି ରେଙ୍ଗୁନ ଚାଲିଗଲା । ଆମେ ଚାହିଁଲୁ ୧୫ ଦିନ ପର୍ଯ୍ୟନ୍ତ, ଆଉ ଆସିଲା ନାହିଁ । ସୁନାକେରାର ୩ ଜଣ ରେଙ୍ଗୁନରୁ ଆସିଲେ, କହିଲେ ଲୋକା ବାରିକ ରେଙ୍ଗୁନରେ ଅଛି ।

Digitized by srujanika@gmail.com

ସେ ଗ୍ରାମରୁ ମନୁଷ୍ୟ ନେଇ ଲିଙ୍ଗରାଜ ମିସ୍ତ୍ରୀକୁ ହଜାରେ ଟଙ୍କାକୁ ଦେଇ ତାଠାରୁ ପାଞ୍ଚଶ ଟଙ୍କା ନେଇ କଲିକତାରେ ଊଣାସୂତା ବେପାର କରୁଛି । ତା ଶୁଣି ଆମେ ଅବାକ୍ । ମୁଁ କହିଲି, ବରଡ଼ କଣ କହିବା ? ବରଡ଼ କହିଲେ ଚାଲ ସୁନାକେର ଯିବା, କଥାଟା କ'ଣ ବୁଝିବା ।

ବରଡ଼ଙ୍କର ମୋର ସୁନାକେର ଗଲୁ । ବୁଝିଲୁ କଥା ସତ । ମାତ୍ର ୮୦୦ ଟଙ୍କା ମିସ୍ତ୍ରୀ ପାଖେ ଅଛି । ମାସେ ମିଆଦ । ଏବେ ଆଜକୁ ଆଠ ଦିନ ହେବ । ମୁଁ କହିଲି ବରଡ଼ କି ବିଚାର ? ଲିଙ୍ଗରାଜ ମିସ୍ତ୍ରୀଙ୍କ ଘର ମୁଁ ଜାଣେ । ତାଙ୍କଠାକୁ ରେଜିଷ୍ଟ୍ରି ଚିଠି ଦେଇ ଟଙ୍କା ବନ୍ଦ କରିଦେବା । ହଉ କରନ୍ତୁ, ବରଡ଼ କହିଲେ ମୁଁ ଲେଖିଲି, ମିସ୍ତ୍ରୀ ଜାଣିବ, ମୁଁ ତୁମଠାକୁ ଲେକା ବାରିକ ସାଥିରେ ଲୋକ ପଠାଇଲି । ସେ ଟଙ୍କା ଆଜ ସୁଦ୍ଧା ଆସିନି ନାହିଁ । ତୁମକୁ ମୋ ହାତ ଚିଠି ଲେକା ବାରିକ ଦେଇଥିବ । ପାଞ୍ଚଶ ଟଙ୍କା ଶୀଘ୍ର ପଠାଅ । ସେ ଟଙ୍କା ମୋର ନୁହେଁ । କେବଳ ଲେକା ତମ ପାଖକୁ ମନୁଷ୍ୟ ନେବା ଶୁଣି ମୁଁ ଦେଇଅଛି । ଅନୁଗ୍ରହ କରି ଶୀଘ୍ର ପଠାନ୍ତୁ ! ଲେକା ଯେବେ ତା ହାତ ରସିଦ ଗୃହେ ପଠାଇବ ।

ପାଞ୍ଚ ଦିନରେ ସେ ଚିଠି ପାଇଲେ । ଲେକା ବାରିକକୁ ପଚାରିଲେ କିରେ ତୁ ମିଶ୍ରଙ୍କଠାରୁ ମୋ ନାଁ କହି ଟଙ୍କା ଆଣି ବେପାର କରୁଚୁ । ସେ କହିଲା, ମିଶ୍ରଙ୍କଠାରୁ ମୁଁ ଟଙ୍କା ଆଣି ନାହିଁ, ବରଡ଼ଙ୍କ ଠାରୁ ଆଣିଚି । ତମେ ଟଙ୍କା ଦେଲେ ମୁଁ ତାଙ୍କୁ ଦେବି । ମିଶ୍ରେ ରସିଦ ପଠାଇଲେ ଟଙ୍କା ଦେବ ଲେକା କହିଲା ।

ଲିଙ୍ଗରାଜ ଲେଖିଲା ଆପଣଙ୍କ ପତ୍ର ପାଇଲି । ଲେକାକୁ ପଚାରିବାରେ ସେ କହିଲା, ମୁଁ ମିଶ୍ରଙ୍କଠାରୁ ଟଙ୍କା ଆଣି ନାହିଁ, ବରଡ଼ଙ୍କ ଠାରୁ ଆଣିଚି । ତାଙ୍କୁ ଦେବ । ଆପଣ ନ ଆସିଲେ ଟଙ୍କା ମିଳିବ ନାହିଁ । ମୁଁ ଟଙ୍କା ବନ୍ଦ କରି ରଖିଲି । ଆପଣ ଶୀଘ୍ର ଆସନ୍ତୁ । ସେ ଭାଷା ବରଡ଼ଙ୍କୁ ଶୁଣାଇ ଦେଲି । ମୁଁ ନାହିଁ କରୁଚି ଟଙ୍କା ଦେବା ନାହିଁ । ଏବେ କ'ଣ କରୁଚ କର । ମୁଁ ତ ରେଙ୍ଗୁନ ଯିବି ନାହିଁ ।

Digitized by srujanika@gmail.com

ତୁମେ ଯାଅ । ମୁଁ ଗଲେ ମୋ ସଙ୍ଗେ ଦୁଇ ଜଣ ଯିବେ । ଜଣେ ରୋଷେଇ କରିବ ଜଣେ ଲୁଗା ପଟା ଧରିବ । ବହୁତ ଟଙ୍କା ଖର୍ଚ୍ଚ ହେବ । ବରାଡ କହିଲା, ସେ ଟଙ୍କା ମୁଁ ଅଧେ ସହିବି । ଆପଣ ଯାନ୍ତୁ । ମୁଁ ମନରେ ଭାବିଲି ପାଟକୁଦରେ ଯେଉଁ ଜମି କାଢ଼ିଅଛୁ ସେଥିକି ଇତର ଲୋକେ ଚାଷ କରିଛନ୍ତି । ମୁଁ ଗଲେ କେତେ ଟଙ୍କା ଆଦାୟ ହୋଇଯିବ । ଏକଥା ବିଚାରି ଯିବାକୁ ସ୍ୱୀକାର କଲି । ଲିଙ୍ଗରାଜ ମିସ୍ତ୍ରୀ ପାଖକୁ ଚିଠି ଲେଖିଲି, ମୁଁ ଯାଉଛି, ତୁମେ ମୋ ଗଲା ଯାଏଁ ଟଙ୍କା ବନ୍ଦ କରି ଥାଅ ।

(ଚାଷ ଥାଏ ୪ ବାଟୀ ଜମି । ଧାନ ମଳିବା ଆରମ୍ଭ କଲି । ମୋ ସାଙ୍ଗରେ କିଏ ଯିବ ? ଅରକ୍ଷିତ ପ୍ରଧାନ କହିଲା ମୁଁ ଯିବି । ଚୋରସିଂହରେ ଜଣେ ଶିଷ୍ୟ ପିଲା ଥିଲା, ସେ କହିଲା ମୁଁ ଆପଣଙ୍କ ସାଙ୍ଗରେ ଯିବି । ଆପଣ ଦୁଇମାସରେ ଫେରିବେ । ଆମେ ଦୁଇଜଣ ୬ ମାସ ରହିବୁ । ଆପଣଙ୍କୁ ସାଥୀ କରାଇ ଦେବୁ । ଆପଣ ଆମର ଯିବା ଖର୍ଚ୍ଚ ବହନ କରିବେ । ଏହି ପରି ଜବାବ ହେଲା । ଦାଣ୍ଡରେ ସବୁ ଧାନ ଖଣି ପକାଇ ଦେଲୁ । କଲିକତା ରାସ୍ତାରେ ପାଞ୍ଚଦିନରେ ରେଙ୍ଗୁନରେ ପ୍ରବେଶ ହେଲୁ । ସେ ଦିନ ଜାହାଜରୁ ଓହ୍ଲାଇଲୁ । ବାଞ୍ଛା ରଣସିଂହ ବହୁତ ଆଦର ସହ ତା ବସାକୁ ନେଲା । ଦିନ ନଅ ଘଣ୍ଟା ସମୟରେ ଆମେ ନିତ୍ୟ କର୍ମ କଲୁ । ବସାଛୁଆ ହେଲା । ଇଲିଶି ମାଛ ଘେନି, ହରଡଡାଲି ପାଏ ଦେଲା, ଅତି ଆନନ୍ଦରେ ରହିଲୁ । ଲୋକା ବାରିକକୁ ଦେଖିଲୁ । ସେ ଲମ୍ବା ଚଉଡ଼ା ଦଣ୍ଡ ପ୍ରଣାମ କଲା । ମୁଁ ପଚାରିଲି ଭଲ ଅଛୁ ? ଶୁଣିଲି ଅଣ୍ଡା ପୂଡା ବେପାର କରୁଛୁ । ହଉ ଭଲ ହେଲା, ଆମ ଟଙ୍କା ? ସେ କହିଲା ଆପଣ ଲେଖିଛନ୍ତି ସେ ଟଙ୍କା ମୋତେ ଦେବେ ନାହିଁ । ସେ ଯୋଗୁ ବନ୍ଦ ଅଛି । ଆଜି ଟଙ୍କା ନିଅନ୍ତୁ । ସେ ଟଙ୍କା ଥୁଆ ହୋଇଛି । ଲିଙ୍ଗରାଜ ମିସ୍ତ୍ରୀ ରହନ୍ତି, ଭୂତଟାଉଁରେ । ତାଙ୍କ ଭାଇ ଡାକିଲେ ଆମ ବସାକୁ ଆସନ୍ତି । ସେ ଦିନ ତାଙ୍କ ବସାରେ ରହିଲୁ, ଡାଲିରେ ଆଠ ଫାଇଲ ଥାଏ । ସମସ୍ତଙ୍କ ବସାରେ ଦିନେ ଲେଖାଏଁ ରହିଲୁ । ଲିଙ୍ଗରାଜ ମିସ୍ତ୍ରୀ ଆସିଲେ । ଲୋକାକୁ ପଚାରିଲେ । ଟଙ୍କା କଥା କ'ଣ ? ତୁମ ପାଖେ ଥିବା ଟଙ୍କା ତାଙ୍କୁ ଦିଅ । ମୁଁ କହିଲି, ଆମ ଆସିବା ଖର୍ଚ୍ଚ କିଏ ଦେବ । ମୁଁ ଦେବି ଆପଣ ଗଲାବେଳକୁ ।

Digitized by srujanika@gmail.com

ଆପଣ ତ ବୁଲିବା ପାଇଁ ଯିବେ, ଆସନ୍ତୁ । ପାଞ୍ଚ ଶହ ଟଙ୍କା ପାଇଲି । ସମସ୍ତଙ୍କୁ ପଚାରିଲେ ମିସ୍ତ୍ରୀଙ୍କୁ କପଡ଼ ବଦାସ୍ତ କରିବା । ଯେଉଁ ଦିନ ବସ୍ତୁ କୋଇଲି ଆସିବ ସେ ଦିନକୁ ମିସ୍ତ୍ରୀଙ୍କୁ ବୋଧ୍ୟ କରିବା । ଏହା ସ୍ଥିର କରି ଲଙ୍ଗରାଜ ଗଲେ ।

ମୁଁ ଜାହାଜରେ ବସିଲାଠାରୁ ପେଟ ବେମାର ହେଲି । ସେ ଯୋଗୁ ମନ ସୁଖ ନ ଥାଏ । ଲିଙ୍ଗରାଜଙ୍କର ଭୂତଟାଙ୍ଗିରେ ମେଳା ହେଲା । ଲୋକ ୫୦୦ ପର୍ଯ୍ୟନ୍ତ ଜମା ହେଲେ, ସେ ଦିନ ଗୀତ ବୋଲା ବ୍ରାହ୍ମଣଙ୍କୁ ଦୁଇ ଶହ ଟଙ୍କା ମିଳିଥିବ । ମୁଁ ତା ଆରଦିନ ବାପୁଜୀଙ୍କ ଭଗବତ ମିସ୍ତ୍ରୀ ପାଖକୁ ଗଲି । ସେ ଦେଖିଲା କ୍ଷଣି ଆନନ୍ଦ ହେଲା । ଅସଲ କ୍ଷୀର ସେରେ ଦେଲା, କହିଲା ଆଗ ପିଅନ୍ତୁ । ମୁଁ ଅଧସେରେ ପିଇଲି ବାକି ଅରକ୍ଷିତ ଓ ଧନବନ୍ଧୁ ପିଇଲେ । ସେଠାରେ ମାଛ ସେର ଚାରି ଅଣା, ଖାଲି ଇଲିଶି ମାଛ । ଆନନ୍ଦରେ ଦିନେ ରହିଲୁ । ଚାଳିଶ ଟଙ୍କା ଦେଇ ବଦାସ୍ତ ହେଲୁ । ନସ୍କାଗାଁରେ ବନ୍ଧୁ ବଗଚରେ ବ୍ରହ୍ମଚାରୀ ମିସ୍ତ୍ରୀ ଥାଏ । ସେ ଦେଖିଲା କ୍ଷଣି ଆନନ୍ଦ ହେଲା । ବସା ଘର ଦେଲା । ସମସ୍ତ ପାଞ୍ଚ ଘଣ୍ଟା-ଚୂଡ଼ା କରିବାକୁ କହିଲା । କ୍ଷୀର, ଚିନି, ଚୂଡ଼ା ଦେଲା । ଚୂଡ଼ା ଖାଇଲୁ । ସେ କହିଲା ଆଠ ଦିନ ରହନ୍ତୁ । ତାର ଦୈନିକ କୋଡ଼ିଏ ସେର କ୍ଷୀର ହୁଏ । ସକାଳ କ୍ଷୀର...ସହରକୁ ବିକ୍ରୀ କରିବାକୁ ପଠାଏ । ଉପର ଓଳି କ୍ଷୀର ମାଖନ କରି ଖାଏ । ସେ ପ୍ରତିଦିନ ତୋଳେ ଅଫିମ ଗୁଳି କରି ଖାଏ । ଆମେ ଚାରି ଦିନ ରହିଲୁ । ସକାଳ ଓଳି ରନ୍ଧୁ, ଉପର ଓଳି ମାଖନ ସେରେ ଦିଏ, ପରଟା ଖାଉ । ଆମେ ଯିବୁ ବୋଲି କହିବାରୁ ମଠ। ହଜେ ପଚାଶ ଟଙ୍କା ଦେଲା ।

ସେଠାରୁ ଟାଙ୍ଗିପାଉଁ ଗଲୁ । ସେଠାରେ ଖଡ଼ିକାପଲ୍ଲୀ ଗୋପୀ ମିସ୍ତ୍ରୀ ଅଛି । ସେ ଦେଖିଲାକ୍ଷଣି ଆନନ୍ଦ ହେଲା । ଦୁଇ ଦିନ ରହିଲି ସେ ବଦାସ୍ତ କଲା । ୨୫ ଟଙ୍କା, ଛତା ଖଣ୍ଡିଏ, ଲୁଗା ଯୋଡ଼ିଏ । ସେଠାରୁ ବଟାଉଁ ଗଲୁ । ସେଠାରେ ଘମୁସର ପଦର ଈଶ୍ୱରମିସ୍ତ୍ରୀ ଥାଏ । ସେଠାରେ ଦିନେ ରହିଲୁ । ସେ ବଦାସ୍ତ ଦେଲା ଲୁଗା ହଳେ ୨୫ ଟଙ୍କା, ସେଠାରୁ ଗଲୁ । ସେଠାରେ ବୈରାଗୀ ମିସ୍ତ୍ରୀ ପାଖକୁ ଗଲୁ ।

Digitized by srujanika@gmail.com

ମେଟାରେ ଦିନେ ରହିଲୁ । ସେ ଦେଲା ୨୦ ଟଙ୍କା । ତାପରେ ସତା ଜେନା ଥାଏ ବଲମାଳରେ । ତାଠାରେ ଧାନ ବେଭାରର ୧୨ ଟଙ୍କା ବାକି ଥାଏ । ବଲମାଳ ଗୃଷ କରୁଥାଏ । ବଡ଼ କଷ୍ଟରେ ତା ବସାକୁ ଗଲୁ । ଶୁଣିଲୁ କାଲି ସେ ଲୋକ ଗ୍ରାମକୁ ଚାଲି ଗଲା । ତାର ଭାଇ ପଞ୍ଚୁ ଜେନା ଥାଏ । ସେ ଆଦରସହ ବସା ଛଞ୍ଚା ଦେଲା । ସେ କହିଲା, ଭାଇ କହିଥିଲେ ଆପଣଙ୍କ ଟଙ୍କା ଅଛି, ସେ ତ ବାହାରି ଗଲେ । କୋଡ଼ିଏ ଟଙ୍କା ଦେଲା । ବର୍ତ୍ତମାନ ନାଆରେ ନଗା ପାର ହେଲୁ । ତିନି ମୂଳ ରେଢେଇ ବଲୁ । ଗୋଟିଏ ସାନ ଷ୍ଟେସନକୁ ଗଲୁ । ତିନ ଘଣ୍ଟା ରେ ପହଞ୍ଚିଲୁ । ସେଠାରେ ଭେଙ୍କଟେଶ୍ୱର ଭ୍ରେବଳ ପଧାନ ଥାଏ । ସେଠାରେ ରାତ ରହିଲୁ । ସେ ୧୦ ଟଙ୍କା ଦେଲା । ସେଠାରୁ ଓଟେସ୍ତିରେ ପ୍ରବେଶ ହେଲୁ । ଆମ ଗାଁ ହରୁଷୀ ଗଉଡ଼ ବସାରେ ରହିଲୁ । ତାଠାରେ ମୋର ୨୫ ଟଙ୍କା ଥିଲା । ସେ ରେଙ୍ଗୁନ ଆସିଥିଲା । ଚାରି ଦିନ ରହିଲୁ, ସେ ୩୦ ଟଙ୍କା ଦେଲା । ସେ ପର୍ଯ୍ୟନ୍ତ ରେଲ ଯାଇଥାଏ । ଷ୍ଟିମ ଜାହାଜରେ ଲୋକେ ଯାଆନ୍ତି । ଆମେ ଆଗକୁ ନ ଯାଇ ଫେରିଲୁ । କ୍ଷେତ୍ର ସ୍ୱାମୀଙ୍କୁ ଦେଖିଲୁ, ବନ୍ଧୁଆଙ୍କୁ ଦେଖିଲୁ କାହା ପାଖରେ କିଛି ନାହିଁ । ମୁଁ କହିଲି, ଆପ ହାତ, ମୁଁ ବାଟ ଖର୍ଚ୍ଚ ଦେବି । ଆସିଲେ ନାହିଁ । ସେ ଦିନ ଶନିବାର ମର୍ଭସାରେ ପ୍ରବେଶ ହେଲୁ । ସେଠାରେ ପଚାରିଲୁ ହିନ୍ଦୁମାନେ କେଉଁଠାରେ ଅଛନ୍ତି । ଜଣେ ଦେଖାଇ ଦେଲା, ଯେଉଁଠାରେ ପତାକା ବନ୍ଧା ହୋଇଛି ସେହିଠାରେ ହିନ୍ଦୁ ଅଛନ୍ତି । ସେଠାକୁ ଗଲୁ ଦେଖିଲୁ ଗୋଟିଏ ମଣ୍ଡପ ଅଛି, ତୁଳସୀ ଚଉରାଟିଏ ଅଛି । ଦୁଲଣୀର ଧୂପ ବେଦେବ ଅଛି । ସେହି ମଣ୍ଡପରେ ଲୁଗାପଟା ରଖି ଗାଧୋଇଲୁ । ଗାଧୋଇ ଆସିଲା ବେଳକୁ ୭୦ ବର୍ଷ ବୁଢ଼ାଟିଏ ବସିଛି । ସେ ପଚାରିଲା ଆପଣଙ୍କର କୁ ଗାଁ ? ମୁଁ କହିଲି, ଆମର ବାଣପୁର ଖାମପୁର । ଆପଣ କାହା ପୁଅ ମୁଁ କହିଲି, ଭଗବାନ ମିଶ୍ରଙ୍କର । ସେ ତ ବଡ଼ ସରସ ବୁଢ଼ା! ଭୁଲିଗଲା । ମୁଁ ପଚାରିଲି, ନନାକୁ ତୁ କେମିତି ଚିହ୍ନିଲୁ ? ସେ କହିଲା, ତୁମ ଚଲ ପାଖେ ଯେଉଁ ବାଉରି ସାହି, ସେହି ଆମ ଘର । ମୁଁ ରଘୁଆ ଭୋଇ ନାତି । ଆମର ହଲ ଥାଏ । ଘୋଡ଼ା କଆଁସ ଥାଏ । ତାଙ୍କ ଘୋଡ଼ା ରଖି ଆଜି । ଆପଣଙ୍କର ଅନ୍ନ ଜଳ ଖାଇଚି । ମୁଁ

Digitized by srujanika@gmail.com

ଆସିଲୁ ବେଳେ ଜାହାଜ ଭଡ଼ା ୧ ଟଙ୍କା ଥିଲା । ମୁଁ ଆସିବାର ଅନ୍ଦାଜ ଷାଠିଏ ବର୍ଷ ହେବ । ତାର ମାଛପ ବେଷ୍ଟେଇ ବସାଇ ଥିଲ; ୧୦ ଗୋଟା କଦଳୀ ଚନ୍ଦପାଏ ଦେଲ, ମତେ ପଚାରିଲ ଆପଣ କୁ ଷ୍ଟେସନ୍‌କୁ ଯିବେ ? ମୁଁ କହିଲି ପେଗୁ ଷ୍ଟେଶନ୍‌କୁ । ଖଣ୍ଡେ ଟିକଟ ଆଣି ଦେଲ ଟଙ୍କା ନେଲ ନାହିଁ । ଗାଡ଼ିରେ ବସାଇ ଦେଲ । ଆମେ ପେଗୁ ଆସିଲୁ ।

ପେଗୁରେ ବସା ଘରେ ରହିଲୁ । ଲମ୍ବୋଦରପୁର ତା ଘର । ସେ ଗୋଟେ ବଡ଼ ମିସ୍ତ୍ରୀ । ତା ନାମ ବୁଢ଼ିଆ ମିସ୍ତ୍ରୀ । ସେ କହିଲ, ଆପଣ କାଲିଠାରୁ ଆସିଲେଣି କ'ଣ କରୁଛନ୍ତି । ମୁଁ କହିଲି, ମାନ୍ଦାଲ ଯିବାକୁ । ଇଚ୍ଛା କରୁଚୁ ଧନ ନାହିଁ । ଆପଣ ବଗୃରଲେ ମାନ୍ଦାଲ ଦେଖନ୍ତୁ । ୧୦ଘଣ୍ଟା ଠାରେ ଡାକ ଗାଡ଼ି ଯିବ, ଯିବା ଆସିବାକୁ ମୁଁ ଟିକଟ କରି ଦେବି ଯାନ୍ତୁ । ସେ ଟିକଟ କରି ଦେଲ, ଆମେ ମାନ୍ଦାଲ ଗଲୁ । ସୁନ୍ଦର ଦେଉଳ । ଆମର ଜଗନ୍ନାଥ ପ୍ରଭୁଙ୍କଠାରେ ଯେପରି ମାନ୍ୟ ଲୋକମାନଙ୍କର ସେହିପରି ମାନ୍ୟ । ଉଆସ ଭିତରକୁ ଯାନ୍ତି ନାହିଁ, ତାଲ ପଡ଼ିଚି । ଦେଉଳ ସୁନା ଛପର । ଉଆସ ଚାରିପାଖେ ନାଳୀ । କେତେ ଗମ୍ଭୀର କହିହେବ ନାହିଁ । ଦିନେ ରହି ପେଗୁ ଆସିଲୁ । ବୁଢ଼ିଆ ମିସ୍ତ୍ରୀଙ୍କୁ ପ୍ରଶଂସା କରି ରେଙ୍ଗୁନ ଆସିଲୁ । ସେଠାରେ ପାରିକୁଦର ଘନବନ୍ଧୁ ଶ୍ରୀଚନ୍ଦନକୁ ଦେଖିଲୁ - ମୁଁ କହିଲି, ତୁମେ ରେଙ୍ଗୁନରେ ରହିଲ, ଆମେ ମକଦ୍ଦମା କଲୁ । ହାଜର ହେଲ ନାହିଁ । ଏକସ ପାର୍ଟିରେ ଡିଗ୍ରୀ ହେଲା । ତମ ଘର କୋରଖ କରି ନାହୁଁ । ତୁମେ ଏଠାରେ ଅଛ ବୋଲି ମୁଁ ଆସିଚି । ନିକାଶି କର । ମୁଁ ଗଲେ କୋରଖ କରିବି । ତୁମମାନଙ୍କର ଉପରେ ଯାହା ଯେତେ ଟଙ୍କା ହିସାବ ଆଣିଚ୍ । ଶ୍ରୀଚନ୍ଦନ କହିଲେ ଆପଣ ତ ଆସିଛନ୍ତି, ଆପଣ ଦୋଳପୂର୍ଣ୍ଣିମା ପରେ ଚମଗୁଇ ଆସନ୍ତୁ । ଆମେ ଓଣା ଅଧିକରେ ଯାହା ଦେବୁ ଆମକୁ ଉଦ୍ଧାର କରିଦେବେ । ଆମର ଧାନ ଏଲା ଘରିଲଣି ମାନ ସାଉକାର ଭାଗ ନ ନେଲେ, ଆମେ ନେଇ ପାରିବୁ ନାହିଁ । ଆପଣ ପନ୍ଦର ଦିନ ମଧ୍ୟରେ ଆସନ୍ତୁ । ସେଦିନ ଲିଙ୍ଗରାଜ ମିସ୍ତ୍ରୀଙ୍କ ଘରେ ରହିଲୁ । ପଞ୍ଚଦୋଳ ଥାଏ ଆଠ ଦିନ ! ବାଣପୁରର

Digitized by srujanika@gmail.com

ଅନେକ ଲୋକ ସାଥି ହେଲେ ଭାଟେବର ରଣସିଂହ ଓଗେର । ମୁଁ କହିଲି, ମୁଁ ଚୈତ୍ର ପୂର୍ଣ୍ଣିମାକୁ ଯିବି । ଲିଙ୍ଗରାଜଙ୍କୁ କହିଲି, ଟଙ୍କା ଦିଅ । ଆପଣ ଯିବାକୁ ବୃନ୍ଦାବନ ଥିବ ଟଙ୍କା ଦେଇ ଲିଙ୍ଗରାଜ କହିଲେ । ତା ଆରଦିନ ଡାକ୍ତରକୁ ଗଲି । ବାଞ୍ଛା ରଣସିଂଙ୍କ ବସାରେ ରହିଲୁ । ଡାକ୍ତରେ ବୃନ୍ଦାବନ ଝାଡ଼ା ବେମାର ବାହାରିଲା । କେତେ ପ୍ରକାରେ ଭଲ ହେଲା ନାହିଁ । ମନରେ ଭୟ ଆସିଲା । ଏହିଠାରେ ପ୍ରାଣ ଯିବ, ଲୋକ ନିନ୍ଦା ହେବ । କଣ କରିବି । ଲୋକମାନେ ଗଲେ, ତାଙ୍କ ସଙ୍ଗେ ଗଲି ନାହିଁ । ଲିଙ୍ଗରାଜର ଭାଇ ଲୋକନାଥ ସାମନ୍ତରା । ସେ ଡାକ୍ତରେ ଫାଇଲି କରି ଥାଏ । ତାକୁ କହିଲି, ମୁଁ କଣ କରିବ ? ପୋଖରୀ ବେମାର ବନ୍ଦ ହେଲା ନାହିଁ । ସାଙ୍ଗସାଥୀ ଗୁଡ଼ିଲା । ଦେଖ କାଲିକି ଯେବେ ଗୁଣ ନ ହେବ କାଲି ୫ ଘଣ୍ଟାରେ କଲିକତା ମେଲ ଯିବ । ସେ ନନାଥକୁ ସଙ୍ଗେ ଧରି ବାହାରି ଯିବେ । କିଛି ଭୟ କର ନାହିଁ ଲୋକନାଥ କହିଲେ ।

ରାତି ଦଶଏ ଅଛି ପୋଖରୀ ଚଳିବ ହେଲା । ବହୁତଗୁଡ଼େ ପୋଖରୀ ହେଲା । ସକାଳ ଘଡ଼ିଏ ବେଳଠାରେ ପୁଣି ପୋଖରୀ ଗଲି । ରାତି ପେଣ୍ଡିଠାରେ ପୋଖରୀ ବସିଥିଲି ତାକୁ ଦେଖିଲି । ଖାଲି ରକ୍ତ ପୋଖରୀ ହୋଇଛି, ତୁମ୍ଭେ ହେବ । ତା ଦେଖି ଗୁନଆ ହୋଇଗଲି । ଲୋକନାଥକୁ କହିଲି, ମୁଁ ଆଜ ପଳାଇବି । ତୁମେ ଭାଇଙ୍କ ଖବର ଦିଅ—ମିଶ୍ରେ ଆଜ ବାହାରି ଯିବେ କଲିକତା ମେଲକୁ । ତୁମେ ଶୀଘ୍ର ଆସ । ଫାଇଲି ବାଲଙ୍କୁ କହିଲି ମୁଁ ଆଜ କଲିକତା ମେଲକୁ ଯିବି ମୋ ଦେହ ବଡ଼ ଖରାପ ହେଲା । ଆପଣମାନେ ଯାହା ଦେବାକୁ କହିଥିଲେ ଆଜ ଦିଅନ୍ତୁ । ବେଳ ବାରଟା ସମୟେ ଲିଙ୍ଗରାଜ ଆସିଲେ କହିଲେ, ଚାଲ ଡାକ୍ତରଖାନା ଯିବା । ଔଷଧ ଖାଇବ । ମୁଁ ନାହିଁ କଲି, କହିଲି ଲକ୍ଷେ ଟଙ୍କା ଦେଲେ ମୋର ଦରକାର ନାହିଁ । ତୁମ ପାଖେ ଥିବା ଲୋକ ବାଉଳ ଟଙ୍କାତକ ଦିଅନ୍ତୁ । ସେମାନେ ଦେଲେ ୧୦ ଟଙ୍କା ଲେଖାରେ ୧୨୦ ଟଙ୍କା । ଲିଙ୍ଗରାଜ କହିଲେ, ନଲିକା ବାଉଳ ବାବଦ ଟଙ୍କା ମୁଁ ଦେବି । ସବୁ ଟଙ୍କା ମୁଁ ଡାକରେ ପଠାଇ ଦେବି । ମୋ ସାଙ୍ଗେ ଯାଇଥିବା ଲୋକଙ୍କୁ

Digitized by srujanika@gmail.com

୪୦ ଟଙ୍କା ଦେଲେ ବାଟ ଖର୍ଚ୍ଚ । ଲୋକନାଥ ଟିକଟ, ଚତୁର୍ଭୁଜ ୨ ଗୋଟି, ସୁବାସ ତେଲ ଗୋଟିଏ ମୁଦା ଡବାରେ ଦେଲେ । ଭାଗବତ ଜେନା ବୋଲି ଜଣେ ଦଶ ଟଙ୍କାର ନୋଟ ପୁଡ଼ାଟିକରେ ବାନ୍ଧି ଦେଲେ ।

ପାଞ୍ଚ ଘଣ୍ଟାଠାରେ ବସିଲୁ--ଜାହାଜ ଛାଡ଼ିଲା । ଦୁଇ ଦିନ ଦୁଇ ରାତିରେ କଲିକତାରେ ପ୍ରବେଶ ହେଲୁ । ଯାହା ରେଙ୍ଗୁନଠାରେ ପୋଖରୀ ହୋଇଥିଲା, ଖାଉଥାଏ କେବଳ ଚତୁର୍ଭୁଜ । ଘୁସୁଡ଼ିରେ ଆମ ଲୋକେ ଯଙ୍ଗି ପଣ୍ଡିତ ବାଡ଼ରେ ଥାନ୍ତି । ସେହିଠାରେ ରୋଷେଇ କଲୁ । ଜଣେ ପଞ୍ଜାବୀ ରାମ ନାରାୟଣ ସିଂହ ସେ ମୋର ପରିଚୟ ଥାଏ । ସେ ରେଙ୍ଗୁନ ଗଲାବେଳେ କହିଥାନ୍ତି ଆସିଲା ବେଳେ ଦେଖା ହେବେ । ତାଙ୍କୁ ଖୋଜିଲି ସେ ଗ୍ରାମକୁ ବାହାରି ଗଲେଣି । ଡାକଗାଡ଼ି ସାତଟାରେ ଛାଡ଼େ । ଟିକଟ କରି ଆମି ବାଲୁଗାଁରେ ଓହ୍ଲାଇଲୁ । ବାଳକ ପଧାନ ଲୁଚାପଟା ଧରିଲା ଗ୍ରାମକୁ ଆସିଲୁ ।)

ଏ ମଧ୍ୟରେ ଅନନ୍ତ ନାମରେ ଶହେ ଟଙ୍କା ପଠାଇ ଥିଲି । ନଗଦ ଥିଲା ୧୯୫ ଟଙ୍କା । ଲଛମଣ ମିସ୍ତ୍ରୀ ଲୋକ ବାରିକ ଟଙ୍କା ଡାକରେ ଚଉଦ ଦିନରେ ପଠାଇ ଦେଲେ । କପିଳ ସୁବୁଦ୍ଧି ୪୦୦୦ ଟଙ୍କା ସମ୍ପତ୍ତି ବନ୍ଧକ ନେଇଥିଲା । ସେ ମରିଗଲେ । ତାର ସ୍ତ୍ରୀ ମକଦ୍ଦମା କରିବାକୁ ବାହାରିଲା । ତାକୁ କହିଲି—ତୁମେ କାହିଁକି ମକଦ୍ଦମା କରିବ ତୁମର ହଜାରେ ଟଙ୍କା ଖର୍ଚ୍ଚ ଲାଗିବ । ସେହି ଟଙ୍କାଟା ମୋତେ ଦିଅ, ମୁଁ ତୁମକୁ ଫାରଖତି କରିଦେବି, ନଚେତ ତୁମେ ଦୁଇ ହଜାର ଟଙ୍କା ନିଅ ମୁଁ ଦେବି । ତୁମେ ନଗଦ ଟଙ୍କା ଦେଇ ନାହିଁ । ଟଙ୍କାର କଳନ୍ତରକୁ ଲେଖା ହୋଇଛି । ସେ କହିଲେ ମୋର ୬୦୦୦ ଟଙ୍କା ହେଉଛି । ତାର ଗୁମାସ୍ତାମାନଙ୍କୁ ଲାଞ୍ଚ ୧୦୦୦ ଟଙ୍କା ଦେଇଥାଏ ; ସେମାନେ ମୋ ପାଇଁ କହିଲେ ଯାହାକୁ ଜମି ବନ୍ଧକରେ ନେଇଚ, ତାକୁ ତ ନେବ—ସେ ତ କହୁଛନ୍ତି, ମୋତେ ହଜାରେ ଟଙ୍କା ଦିଅ । ଘର ଛାଡ଼ ସମୁଦାୟ ସମ୍ପତ୍ତି ନିଅ ।

ଏହିପରି ଥାଏ । ଲୋକନାଥ ପାଖକୁ ମୁଁ କହିଥାଏ ମୋତେ ଯେତେବେଳେ ଦରକାର ହେବ ୨୦୦୦ ଟଙ୍କା ଦେବ । ସେ ହଁ

Digitized by srujanika@gmail.com

କରୁଥାଏ । ଏବେ ତାଙ୍କୁ ନିତାନ୍ତ ଦରକାର ପଡ଼ିଲା । ଗୁମାସ୍ତା କହିଲା ମିଶ୍ରେ ତ କହୁଥିଲେ ଦୁଇହଜାର ଦେବାକୁ ଡକାଅ । ରାତି ୯ ଘଣ୍ଟା ହେବ ଜଣେ କହିଲା ସାଉଆଣୀ ଡକାଉଛନ୍ତି ଆସ । ମୁଁ ଗଲି । ଆଜି ଯେବେ ଟଙ୍କା ଦେବ ୨୫୮୦ ଟଙ୍କା ଆଣ । ମୁଁ କହିଲି ଦୁଇ ହଜାର ଆଜ ଦେବି, ଆଉ ୫୦୦ ଟଙ୍କାକୁ ହାଣ୍ଡନୋଟ ଲେଖି ଦେବି । ସେ ହଁ କଲା । ଲୋକନାଥ ପାତ୍ର ଖାଇକରି ଶୋଇଥିବା ଖବରଣୀ କହିଲା । ସେ ତତକ୍ଷଣେ ହଜାରିକିଆ ନୋଟ ୨ ଖଣ୍ଡ ଦେଲା । ସେ ଟଙ୍କା ଦିଆ ହେଲା । ଦଲିଲ ହେଲା, ହାଣ୍ଡନୋଟ ମୁଁ ଲେଖିଦେଲି । ସେ କାମ ଶେଷ ହେଲା । ତା ଆରଦିନ ଟାଙ୍ଗୀ ଯାଇ ତା ନାମରେ ଲେଖି ଦେଲି ।

ରେଙ୍ଗୁନରୁ ଆସିବା ପରେ ମୁଁ ବ୍ରହ୍ମପୁର ଗଲି । ଉଟଙ୍କ ବୋଉ କହିଲେ, ଝିଅର ବିବାହ ମାର୍ଗଶିରରେ ହେବ, ଆଜ ନିର୍ବନ୍ଧ କର । ମୁଁ କହିଲି ଆପଣଙ୍କର ମନ ତ ସତ୍ୟ ହୋଇଅଛି ପିଲାକୁ ୬ ମାସରେ, ଆଉ କି ନିର୍ବନ୍ଧ ! ବୁଢ଼ା କହିଲେ, ଆଠଦିନ ତଳେ କାଳୁ ମିଶ୍ରେ, ତାଙ୍କ ଶାଶୁ କହିଲେ, ବାଣପୁରରେ ବନ୍ଧୁ କର ନାହିଁ । ମୁଁ କୁମ୍ଭାରଙ୍କଠାରେ ବୁଝିଲି, ତାଙ୍କର ଆଉ କିଛି ନାହିଁ । ସେ ରେଙ୍ଗୁନ ବାହାର ଗଲେ । ବିଦ୍ୟାଭୂଷଣଙ୍କ ପୁଅ ସିଧି ପ୍ରକାଶେ କର । ସେ ଯୋଗୁ ମୁଁ କହୁଚି ନିର୍ବନ୍ଧ କର । ହଉ ଆପଣଙ୍କ ଇଚ୍ଛା । ତା ଆରଦିନ ବୁଧବାରରେ ନିର୍ବନ୍ଧ ହେଲା । ମାର୍ଗଶିରରେ ବିବାହ ସ୍ଥିର ହେଲା । ତା ପରେ ବୈଦ୍ୟଙ୍କଠାରୁ ଦଲିଲ ଆଣିବା ଦିନ ଯେଉଁ ହାଣ୍ଡନୋଟ ଲେଖି ଥିଲି ସରୁ ଧାନ ୧୨ ବସ୍ତା ଦେଲି । ଶାଳୁଆ କାଠ ଶହେ ଗଲଣ ଫୁଟ ଦେଲି, ଫୁଟକୁ ଏକ ଟଙ୍କା ଦଶଅଣା ହିସବରେ, କିନ୍ତୁ ମୋତେ ସେ କିଛି ନ ପଚାରି ନାଲିଶ କରି ଦେଲା ୭୫୫ ଟଙ୍କାକୁ । ସମନ ଆସିଲା । ମୁଁ ପଚାରିଲି, ମୁଁ ଦେଇଥିବା କାଠ ଓ ଧାନ ହିସାବ କର । ମୋଠାରେ ତମର ଟଙ୍କା ହେଲେ ଦେବି । ବୈଦ୍ୟ କହିଲା ମୋର ରେଜେଷ୍ଟ୍ରି ଦଲିଲରେ ୭୫୦୦ ଟଙ୍କା ହୋଇଥିଲା । ତୁମେ ଦୁଇ ହଜାର ଦେଇ ଗଲ । କାଠ ଓ ଧାନର ଟଙ୍କା ଯାହା ମକଦ୍ଦମା ଖର୍ଚ୍ଚକୁ ଲାଗିଲା । ଆମେ ଯାହା ଦେଇଥିଲୁ ସେ ଅପ୍ରମାଣ ହେଲା ।

Digitized by srujanika@gmail.com

ଚାରି ଖର୍ଚ୍ଚ ସହିତ ୯୧୦ ଟଙ୍କା ହେଲା । ଏହି ମଧ୍ୟରେ ପୁଅ ସାବାଳକ ହେଲା । ମୋତେ ଦିନେ କହିଲା । ଆପଣଙ୍କଠାରେ ଯେଉଁ ପ୍ରକାରେ ଡ଼ିଗ୍ରୀ ହୋଇଚି ଆପଣଙ୍କ ପୁଅକୁ ମାସିକ ୨୦ ଟଙ୍କା ହିସାବରେ ଦେବି, ମୋର କାଗଜ କରନ୍ତୁ । ଟଙ୍କାଟା ସୁଝିଯାଉ । ମୁଁ କହିଲି, ହଉ କର ।

ପୁଅ ରହିଲା ବଂ।୧୦ ମାସ । ମୁଁ କହିଲି, ତୁମେ ହିସାବ କର ବାକି ଯାହା ହେବ ମୁଁ ଦେବି । ହଁ କରିବା କହୁଥାଏ । ପୁଣି...... ଉପରେ ନିଲମ ଇସ୍ତାହାର ବସାଇଲା । କଣ କରିବ ଦାଶରଥି ବାବୁ ସାତ ଶହ ଟଙ୍କା ଦେଲେ । ନିକାଶ ହେଲା ।

ଦିନେ ଓଳସିଂହ ଯାଇଥିଲି । କୃଷ୍ଣ ବାବୁ କହିଲେ ଅନନ୍ତ କେତେ ଟଙ୍କା ପାଉଛନ୍ତି ? ମୁଁ କହିଲି, କୋଡ଼ିଏ ଟଙ୍କା । ବାବୁଙ୍କର ସରବରକାର୍ଯ୍ୟ ଗୁମାସ୍ତା ହୁଅନ୍ତୁ । ଆପଣ ଆଜି ଯାଆନ୍ତୁ । ବାବୁ ପରମାନନ୍ଦ ବାବୁଙ୍କୁ ପଠାଇବେ ବୋଲି ଲେଖିଥିଲେ । ମାତ୍ର ସେ ବୁଢ଼ା ଲୋକ କାମ କରିପାରିବେ ନାହିଁ । ମୁଁ ଲେଖୁଚି ଆପଣ ଯାଆନ୍ତୁ । ମୁଁ ସେହିକ୍ଷଣି ଗଲି । ନବକାରପୁରରେ ସନ୍ଧ୍ୟା ୭ଘଣ୍ଟା ସମୟ । ମୋ ହାତରେ ଆଲୁଅ ଥାଏ । ଜଣେ ବୁଢ଼ା ଲୋକ କହିଲା, ମୋତେ କଣ ଦେବେ ମୁଁ ଯିବି । ମୁଁ କହିଲି, ଦୁଇଅଣା ଦେବି, ଖୋରାକ ଦେବି । ସେ ହଉ କହି ସାଙ୍ଗରେ ଗଲା । ବୁଢାଟା ଗୁଲି ପାରେ । ଜଙ୍କିଆକୁ ଗଲା ବେଳକୁ ୯ଘଣ୍ଟା ହେଲା । ମୁଁ ସେଠାରେ ଦେଖିଲି ପଶ୍ଚିମ ଦିଗରେ ଘନ ଘନ ବିଜୁଳି ହେଉଚି । ମୁଁ ସେ ବୁଢ଼ାକୁ କହିଲି, ବିଜୁଳି ହେଉଚି ମେଘ ଆସିପାରେ । ଏହିଠାରେ ରହିଯିବା । ବୁଢ଼ା କହିଲା ବହୁ ଦୂରରେ ବିଜୁଳି ହେଉଚି, ଆଉ ତ ଅଳପ ବାଟ ଅଛି, ଗୁଲ ବାହାରି ଯିବା । ସେଠାରୁ ବାଟ ଅଧମାଇଲଏ ଯାଇଚୁ .ତୋଫାନ ବରଷା ଆସିଗଲା । ସଡ଼କ ନିକଟରେ ଗୋଟିଏ ବଡ଼ ଅାମ୍ବ ଗଛ ଥାଏ । ସେ ଗଛ ମୂଳକୁ ଯାଉ ଯାଉ ଛତାଟି ଉଡ଼ାଇ ନେଇ ଗଲା, ଆଲୁଅ ଲିଭିଗଲା । ବରଷା ବିଜୁଳି ଚଡ଼ ଚଡ଼ ମାରିଲା । ସେହି ଗଛରୁ ଗୋଟିଏ ଡାଳ ଭାଜି ଗଲା । ଆମେ ଗଛ ମୂଳରୁ ପଳାଇ ପଦାରେ ଠିଆ ହୋଇ ଥାଉ । ହେଉ ଭଗବାନ ରକ୍ଷା କର, ଏହି

Digitized by srujanika@gmail.com

ଡାକ ପକାଉଥାଉ । ହେ ଦୟାମୟ ରକ୍ଷା କର । ଘଣ୍ଟାକ ପରେ ମେଘ ଗୁଡ଼ ଗଲା, ମାନ ଝଜୂଳ ତେଜରେ ବାଟ ଆଲୁଅ ହେଉଥାଏ । ଅନ୍ଧାବଳ ବୋଲି ଗୋଟିଏ ଗ୍ରାମରେ ପ୍ରବେଶ ହେଲୁ । ସେ ଗାଁରେ ଗୋଟିଏ ବରଗଛ ଉପୁଡ଼ି ରାସ୍ତା ଗୁହାଳକୁ ମାଡ଼ି ବସିଥାଏ । ଗୁହାଳକୁ ଯିବା ଆସିବା ପଥ ନ ଥାଏ । ଲୋକେ କୁରାଢ଼ି ଧରି ଗୁହାଳ କାଛକୁ ହାଣୁ ଥାଆନ୍ତି । ଆମର ଅବସ୍ଥା ଦେଖି ଜଣେ ଲୋକ ଆମକୁ ନେଇ ଶୁଖିଲା ଲୁଗା ଦେଲା ପିନ୍ଧିବାକୁ । ଚଉପାଢ଼ୀରେ ବସାଇ ନିଆଁ ଜାଳି ଛାଡ଼ା କରାଇ ଦେଲା । ପଚାରିଲା କଣ ଖାଇବ ? ମୁଁ କହିଲି, ମୁଁ କିଛି ଖାଇବି ନାହିଁ, ଆଣାକର ଜଳଖିଆ ବୁଢ଼ାକୁ ଦିଅ । ଆମ ଓଦା ଲୁଗା ସେ ଘରେ ଶୁଖାଇ ଦେଲୁ । ରାତି ପାହିଲା, ତାଙ୍କ ଲୁଗା ତାଙ୍କୁ ଦେଲୁ । ଓଳସିଂହ ଆସିଲୁ । ବାବୁ ପଚାରିଲେ କିପରି ଆସିଲ ? ସେ ଖବରଣୀ କହିଲା । କେଶୀବାବୁ କହିଲେ ଆପଣ କୁଆଡ଼େ ଆସିଲେ ? ମୁଁ କୃଷ୍ଣବାବୁଙ୍କ ଭାଷା ଦେଲି । କେଶୀବାବୁ କହିଲେ ଦାଶରଥୀଙ୍କ ଗୁଣ ତ ଜାଣ, ଏ କଥା କେବେ କରନାହିଁ । ଲୋକେ ବେନାମି ଲେଖିବେ । ସ୍ୱାଙ୍କ ବୁଝାବଣା ଖମ୍ବ ଆଜ୍ଞା ତ ଜାଣ । ପୋଷ୍ଟରୁ ନେଇ କୂଅରେ ପକାଇବ । କେବେ ଏ କଥା କର ନାହିଁ । କୃଷ୍ଣ ବାବୁଙ୍କ ଭାଷା ଦିଅ ସେ ଯେବେ ଆଗ୍ରହ କରନ୍ତି କହ । ଯାଅ ଘରି । ମୁଁ ଗ୍ରାମକୁ ଫେରି ଆସିଲି ।

ଦାମୋଦର ଉଥେ ଲେଖିଲେ ଅନନ୍ତ ବ୍ରହ୍ମପୁର ଆସନ୍ତୁ, ସେ କାମ କରି ପାରିବେ କି ? ଯେବେ କାମ କରି ପାରିବେ କୋଡ଼ିଏ ଟଙ୍କା ମାସକୁ ଦେବୁ । ଶୀଘ୍ର ପଠାଇ ଦିଅନ୍ତୁ । ଅନନ୍ତ ଦାଶରଥିବାବୁଙ୍କ ଜମିଦାରୀ ସିରସ୍ତାରେ କାମ କରୁଥିଲା ମାସକୁ ପନ୍ଦର ଟଙ୍କା ।

ଅନନ୍ତ ବ୍ରହ୍ମପୁର ଯିବା ସମୟରେ କହିଲା ନନା ମୁଁ ତ ଚାକିରି କରିବି କୋଡ଼ିଏ ଟଙ୍କାକୁ, ଖୋରାକ ଯିବ ପନ୍ଦର ଟଙ୍କା, ଆଉ ବଳିବ, ପାଞ୍ଚ ଟଙ୍କା, ଋଣ ହେଲଣି । ସାଉକାର ଋଣ କେତେ ହେବ ? ମୁଁ କହିଲି ଅନ୍ଦାଜ ସାତ ହଜାର ଟଙ୍କା ହେବ । ଅଧେ ଜମି ବିକ୍ରୀ କରି-ଦିଅ । ସେ ସମୟକୁ ଜମିର ଦର ଥାଏ ମାଣକୁ ଦୁଇଶହ ଟଙ୍କା

Digitized by srujanika@gmail.com

ଆମର ଭଲ ଜମି ଯୋଗୁ ମାଣ ଦୁଇଣ ପନ୍ଦରଣକୁ ଗ୍ରାହକ ହୁଅନ୍ତି । ସେ ସମୟକୁ ମୋର ଶନ ଦଶା ଥାଏ । ବୃହସ୍ପ ଅନ୍ତର ଦଶା । ମେଲେରିଆ ଜ୍ୱର ହେଲା । ଜର କମିଗଲା, କଫ ବାହାରିଲା । ତା' ସାଙ୍ଗରେ ହାକୁଟି ବାହାରିଲା । ଏକୋଇଶି ଦିନ ପର୍ଯ୍ୟନ୍ତ ରହିଲା । କୌଣସି ଖାଦ୍ୟ ଚଳିଲାନାହିଁ, ଦେହ ଅତି ଦୁର୍ବଳ ହେଲା, ଅନନ୍ତ ଶୁଣିଲା ଆଜ ସିଭିଲ ସର୍ଜନ ବାଣପୁର ଆସୁଛନ୍ତି, ଡାକ୍ତରଖାନା ଦେଖିବାକୁ । ଅନନ୍ତ କହିଲା, ନନା ଆଜ ସିଭଲ ସର୍ଜନ ଆସୁଚି, ଗାଡ଼ିରେ ବସି ଯିବା । ମୋତେ ଗାଡ଼ିରେ ବସାଇଲେ । ଅନନ୍ତ ମୋତେ ଆଉଜେଇ କରି ଧଇଲା, ଚଲୁ । ସର୍ଜନ ଦେଖିଲା, କହିଲା ଏ ଗୋଟିଏ ପୀଡ ହାକୁଟି । ମୋଠାରେ ଔଷଧ ନାହିଁ, କଲିକତା ନଗେନ୍ଦ୍ରନାଥ ଔଷଧାଳୟକୁ ପଚିଶି ଟଙ୍କା ମନିଅର୍ଡ଼ର କର, ମୁଁ ଲେଖି ଦେଉଚି । ଭୋକ ମରିବ ନାହିଁ । କାରଣ ପୀଡ ହାକୁଟି, ବାତ ହାକୁଟି ହୋଇଥିଲେ ଦୁଇ ଦିନରେ ମାରି ଥାଆନ୍ତା । ସେ ଲେଖା ଦେଲା ଆସିଲୁ । ଦାଣ୍ଡ ଦୁଆରେ ଆରାମ ଚୌକିରେ ବସାଇ ଦେଲେ ।

ସମସ୍ତ ପାଞ୍ଚ ଘଣ୍ଟା ହେବ, କୁମାରଙ୍କ ଜୀବଦାସ ମହାପାତ୍ର, ନୀଳକଣ୍ଠ ବୈଦ୍ୟଙ୍କୁ କହିଲେ ତୁମେ ଏହିକ୍ଷଣି ମିଶ୍ରଙ୍କୁ ଦେଖି ଆସିଲପାଏ, ମୁଁ ତୁମ ଦୁଆରେ ବସିବି । ନୀଳକଣ୍ଠ ଆସି ଦେଖିଲେ, ହାକୁଟି । କହିଲେ, ତାକୁ ମୁଁ ବନ୍ଦ କରିଦେବ । ଦୋକାନରୁ କ ପାରଦ ଆଣିଲେ । ତାକୁ ସିଝାଇ ବଟୀ ଦୁଇ ଗୋଟି ପକାଇ ପିଆଇ ଦେଲେ ! ପାଞ୍ଚ ମିନିଟ ମଧ୍ୟରେ ବନ୍ଦ ହୋଇଗଲା । ପୁଣି ସେ କହିଲେ, ବାର ବାର ଘଣ୍ଟାରେ ହାକୁଟି ଆସିପାରେ । ମୋତେ ଧାଞ୍ଚଅଣା ଦିଅ । ମୁଁ ପାଚନ ବାଣପୁରରୁ ଆଣିବି । ଆଠ ଘଣ୍ଟାପରେ ମୁଁ ଆସିବି । ଏହା କହି ଗଲେ । କ୍ଷୀର ପାଣି ମିଶାଇ ଦିଅ । ସେ ଗାଁକୁ ଗଲେ । ସମଦ୍ଧୀଙ୍କୁ କହିଲେ ମୁଁ ଉଣା କରି ଦେଲି । ମାତ୍ର କଫ କାଶ ହେଉଛୁ । ତା ସକାଶେ କାଲି ଔଷଧ ଦେବ ।

ପୁଣି ଆରଦିନ ଆଠ ଘଣ୍ଟାରେ ଆସିଲେ । କ'ଣ ହେଉଚି ? ମୁଁ କହିଲି, ବାର ବାର ଘଣ୍ଟାକୁ ସାମାନ୍ୟ ପ୍ରକାରେ ହାକୁଟି ହେଲା । ସେ ଆଣିଥିବା ପାଚନ ସିଝା ହେଲା । ବଟିକା ଯୋଗ କରି ଦେବାରେ ବନ୍ଦ ହୋଇଗଲା । ଏହି ଯେଉଁ କଫକୁ ବୃହତ୍ ମଜର ଧ୍ୱଜ ବଟିକା ଅଦା

Digitized by srujanika@gmail.com

ରସରେ ଦେଲେ କଫ ନାଶ ହେବ । ସାତ ଟଙ୍କା ଖର୍ଚ୍ଚ ହେବ, ଟଙ୍କା ଦିଅ । ମୁଁ ବାସେପୁରରୁ କିଣି ନେବି । କାଲି ଆଠ ଘଣ୍ଟାକୁ ଔଷଧ ଆଣି ଦେବି । ମୁଁ ସେହିକ୍ଷଣି ସାତ ଟଙ୍କା ଦେଲି । ସେ କହିଲେ, କ୍ଷୀର ପାଣି ମିଶାଇ ଖାଇବାକୁ ହେବ, ପରଦିନ ମୁଁ ଆସିବି କହିକରି ଗଲେ । ମୁଁ ଅଦା ରସରେ ଔଷଧ ଖାଇଲି । କଫ କାଟିଗଲା । ପୁଣି ଆରଦିନ ଆସିଲେ । କହିଲେ ଖୁଦ ଭାତ ସଜନା ଛୁଇଁ, ପାଣି ଏବଂ ମାଛ ଖାଅ, କଫ ବାରପଣ ଊଣା ଅଛି । ଔଷଧ ଧରୁ ଖାଅ । ଆଉ କଫ ହେବ ନାହିଁ । କ୍ରମେ କ୍ରମେ ଊଣା ହୋଇଗଲା ।

ତା'ପରେ ଜମିବନ୍ଦୀ କରିବା କଥା । ଗ୍ରାହକ ଆସିଲେ । ଲୋକନାଥ ପାଣି ମହାପାତ୍ର ଲକ୍ଷ୍ମୀ । ତାଙ୍କ ଜୀବନ ଥାଉ ଥାଉ ମୋତେ ଜଣେ କହିଲା, ତୋର ଅଗାଜ ଲୋକନାଥ ପାଣି ଚାରି ଦିନ ମଧ୍ୟରେ ମରିଯିବେ । ତାର ଅଣ୍ଟୁଆ ଛୁଟାଇ ଦିଅ । ମୋଠାରୁ ସେ ଶାତଶହ ଟଙ୍କା ନେଇଥାନ୍ତି । ଖାତାରେ ଲେଖାଥାଏ । ଦଲିଲରେ ଲେଖା ହୋଇ ନ ଥାଏ । ମୁଁ ଗଲି ତା ପାଖରେ ବସିବାରେ କହିଲି, ମୋ ଟଙ୍କା ଦେଉନାହିଁ । ମୋ ଦେହ ଭଲ ହେଉ ନାଲିଶି କରିବି । ମୁଁ କହିଲି, ତୁମେ ମୋତେ ଦେଇଚ ଦୁଇ ହଜାର ଟଙ୍କା । ମୁଁ ସୁଧ ଦେଲିଣି ଶାତଶହ ଟଙ୍କା । କୋଡ଼ିଏ ହଜାର ଟଙ୍କାର ସମ୍ପତ୍ତି ବନ୍ଧକରେ ଅଛି, ଏତେ ରାଗ କାହିଁକି ? ଆଉ ଟଙ୍କା ପାଇବ । ମୁଁ ହଉ କହି ବାହାରି ଆସିଲି । ସେ ମରିଗଲା । ତାର ଶୁଦ୍ଧାଦି କାମ ସରିଲା ପରେ ତାର ପୁଅ ଭଗବତ କହିଲା, ଆପଣଙ୍କ ବାକି ନିକାଶ କରନ୍ତୁ । ମୁଁ କହିଲି, ଜମି ବନ୍ଦୀ କରିବି । ସେ କହିଲା ଆମକୁ ଦିଅ । ମୁଁ କହିଲି ଭଲ ହେଲା । ଦର କଣ କହୁଚ ? ମୁଁ କହିଲି ଦାଶରଥି ବାବୁ ତିନିହେ ପଚିଶ ଟଙ୍କା କରିଛନ୍ତି ମୁଁ କହେ ଚାରି ଶହ । ତିନିଶହ ଟଙ୍କା ହିସାବରେ ଯେବେ ଦେବାକୁ ଇଚ୍ଛା ଥାଏ, ଶୁକ୍ରବାର ଦିନ ଆସନ୍ତୁ ବନ୍ଦୋବସ୍ତ କରିବା । ବେଶି ଦର ହେଲେ ଅନ୍ୟକୁ ଦିଅନ୍ତୁ । ତା' ଆର ଦିନ ଦକ୍ଷିଣ ପଣ୍ଡା ଗୋପୀନାଥ ମହାପାତ୍ର ଆସି କହିଲେ, ଆପଣଙ୍କ ଜମି ବନ୍ଦୀ କରିବେ ? ମୁଁ କହିଲି ହଁ । ଆମ ଗାଁ ଭଗବତ ରଣସିଂହ

Digitized by srujanika@gmail.com

କାଲି ରେଙ୍ଗୁନରୁ ଆସିଚ, ଟଙ୍କା ଦଶ ହଜାରର ଜମି କଣିବ। ଆପଣ କେତେ ମାଣ ଦେବେ ? ମୁଁ କହିଲି ବାର ତେର ମାଣ ପର୍ଯ୍ୟନ୍ତ ନେବି। ଦର କଣ ? ମୁଁ କହିଲି ଦାଶରଥିବାବୁ ଛଅଶହ ଦର କରି ଅଛନ୍ତି, ମୁଁ ଅଧିକ କରୁନାହିଁ। ହଉ ମୁଁ ତାକୁ ଉପରଓଳି ଧରି ଆସିବି, ଜମି ଦେଖିବା। ଆପଣ ଦର ପାଞ୍ଚଶହ କହିବେ ସେ କହିବ ମୁଁ ଶୁଣିଥିଲି ବାବୁ ଛଅଶହ କରିଛନ୍ତି। ତୁମେ କହିବ ଆମ ଗୃହକୁ ଦେବେ, ମାଣ ଷାଠିଏ ଗୋଣୀ ଧଞ୍ଚାକୁ। ତମେ ଜବାବ କର ମୁଁ ଛଅଶହକୁ ଦେବ ସେହି ଦର ହେଉ।

ପୁଣି ଉପରଓଳି ଗୋପୀନାଥ ଓ ରଣସିଂହ, ଅନାଥ ରଣସିଂହ ଓଗେର ସାତ ଜଣ ଆସିଲେ। ଜମି ଦେଖିଲେ, ଦର ପଚାରିଲେ। ମୁଁ କହିଲି ପାଞ୍ଚଶହ, ବାବୁ କରିଛନ୍ତି ଛଅଶହ। ମୁଁ କହିଲି ମାତ୍ର ମୋତେ ଗୃହକୁ ଦେବେ, ତୁମେ ଦେବ ? ରଣସିଂହ କହିଲେ ଆମେ କୃଷୀ ଲୋକ, ଆମେ ଦେବୁ ନାହିଁ, ହଉ ଆଉ କୋଡ଼ିଏ ଟଙ୍କା କର। ମୁଁ ନାହିଁ କଲି। ଅନାଥ ରଣସିଂହ କହିଲେ ଆଉ କୋଡ଼ିଏ ଟଙ୍କା। ମୁଁ ହଁ କଲି। ପଚିଶ ଟଙ୍କା ବଏନା କଲେ। ଛଅଦିନ ମଧ୍ୟରେ ରେଜେଷ୍ଟ୍ରୀ ହେଲା। ନଗଦ ସମୁଦାୟ ଦେଲେ। ଭଗବତ ପାଖର ହିସାବ ହେଲା। ଆମ ଦେଣାଥିଲା ସାତଶହ ଟଙ୍କା। ଖାତାରେ ବାକି ପଡ଼ିଥିଲା ତା ନେଇ ଭଗବତ ରଣସିଂହକୁ ଦେଲା। ଶଶୁରଙ୍କର ସାତଶହ ଟଙ୍କା ଥିଲା। ସେ ନେଲେ। ଦାଶରଥି ବାବୁଙ୍କୁ ପାଞ୍ଚଶହ ଦେଲୁ। କୁମୁଦଙ୍କ ବଡ଼ଝିଅ ପଢ଼ିଲା ପାଳି ଗଲା। ତିନିଶ ଟଙ୍କା ଲାଗିଲା। ତା ପରେ ଆଠଗଡ଼ ଝିଅ ବିବାହ ହେଲା। ତା ପରେ ସାନଖେମଣ୍ଡି ଝିଅ ବିବାହ ହେଲା। ତାପରେ ଆଠଗଡ଼ ଝିଅ ପଢ଼ିଲା ପାଳି ଗଲା। ତାପରେ ସାନମଝିଆଁ ଝିଅ ବିବାହ ହେଲା। ତା ପରେ ସାନ ଝିଅ ବିବାହ ହେଲା। ଏହିପରି ଖର୍ଚ୍ଚ ଲାଗିଲା। ଅଧେ ଜମି ବିକ୍ରୀ ହୋଇଗଲା। ଶ୍ରୀକୃଷ୍ଣ ଜନ୍ମ ହେଲେ। ଘର ଖର୍ଚ୍ଚ ବଢ଼ିଲା।

ଏହା ଉତ୍ତାରୁ ପୁଅ କହିଲା, ନନା ଫେର୍ଥ ଯାଇ ପାରିଲ ନାହିଁ। ଆସ ଯିବା, ମୁଁ ମାସେ ଛୁଟି ଆଣିବି, ବଡ଼ ଆନନ୍ଦରେ କହିଲା ଚାଲ। ଶୀଘ୍ର ବାହାରିଲୁ। ବାନାମ୍ବର ଦାସଙ୍କୁ ଡାକି ଆଣିବାକୁ ଚଣ୍ଡିଖୋଲକୁ ପଠାଇଲୁ। ସେ ଗାଁରେ ନ ଥିଲେ। ବଡ଼ଖେମଣ୍ଡି

Digitized by srujanika@gmail.com

ଯାଉଥିଲେ । ମୁଁ, ଅନନ୍ତ ଓ ତା ବୋଉ ତିନିଜଣ ବାହାରିଲୁ । କଟକରୁ କଲିକତାକୁ ଟିକଟ କଲୁ -- । ବହୁ ବଜାରରେ ରହିଲୁ । ଦୁଇଦିନ ରହି କଲିକତା ଦେଖି କରି ଗୟାକୁ ଗଲୁ । ଗୟାରେ ଦୁଇଦିନ ରହି ପିଣ୍ଡ ଦାନ କଲୁ । ତା ପରେ ବନାରସ ଗଲୁ । ସେଠାରେ ଦୁଇ ଦିନ ରହି ପ୍ରୟାଗରାଜକୁ ଗଲୁ । ଏଲାହାବାଦକୁ ଗଲୁ । ତ୍ରିବେଣୀ ଘାଟରେ ସ୍ନାନ କରି ଦୁଇ ଦିନ ରହି ଆଗ୍ରା ଗଲୁ । ଆଗ୍ରାରେ ଏକ ଦିନ ରହି ତାଜମହଲକୁ ଦେଖିଲୁ । ବୁଢ଼ୀ ଚଳେ ରହିଲା । ଆମେ ଦୁଇ ଜଣ ଯାଇ ଦେଖିଲୁ । ସେଦିନ ରବିବାର ଯୋଗୁ ବଡ଼ ଭିଡ଼ ହୋଇଥାଏ । ତା ପରେ ମଥୁରା ଗଲୁ । ମଥୁରାରେ ଦ୍ୱାରକାନାଥଙ୍କ-ଠାରେ ଭୋଗ ଭଗ କଲୁ । ଯମୁନାରେ ସ୍ନାନ କଲୁ । କଂସ ଜଗତ ଓ କଂସ ବନ୍ଦୀ କରିଥିଲା ଦେବକୀ ବସୁଦେବଙ୍କୁ, ତାକୁ ଦେଖିଲୁ । ବୁଢ଼ୀ ଚଲି ପାରୁନାହିଁ । ରିକସା ଭିତରକୁ ଯାଏ ନାହିଁ । ଫେରିଆସି ପୁଣି ମଥୁରାରେ ରହିଲୁ । ତା ଆରଦିନ ଦିଲ୍ଲୀକୁ ଗଲୁ । ବିଶ୍ୱନାଥ ଦାଶଙ୍କ ଘରେ ରହିଲୁ । ଦୁଇ ଦିନରେ ବୁଲିଲୁ । ଗାନ୍ଧୀଙ୍କ ମୃତ୍ୟୁ ସ୍ଥାନ ଦେଖିଲୁ । ତାଙ୍କୁ ଦାହ କରିବା ସ୍ଥାନରେ ବହୁତ ମଣ୍ଡଣି ଘର ହୋଇ ଗାନ୍ଧିଙ୍କ ଫଟୋ କେତେ ପ୍ରକାରରେ ଦେଖିଲୁ । ତାଙ୍କ ପିଲା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଫଟୋ ଦେଖିଲୁ । ବିରଳା ମନ୍ଦିର ଦେଖିଲୁ । ଲାଟଙ୍କ କୋଠା ଦେଖିଲୁ । ଜବାହରଲାଲଙ୍କ କଚେରୀ ଘର ଦେଖିଲୁ । କୁତୁବମିନାର ଦେଖିଲୁ । ଯୁଧିଷ୍ଠିରଙ୍କ ଗାଦି ଦେଖିଲୁ । ସେହିଠାରୁ ଫେରିଲୁ । ଭୋର ପାଞ୍ଚ ଘଣ୍ଟାରେ ସ୍ନାନ କରୁ କରୁ ଦାସଙ୍କ ଝିଅଟି ରୋଷେଇ କରିଥିଲା । ଭୋଜନ କରି ସାଢ଼େପାଞ୍ଚଟାରେ ଗାଡ଼ିରେ ବସିଲୁ । ଦୁଇ ଦିନରେ ଆସାନସୋଲରେ ପ୍ରବେଶ ହେଲୁ । ଆସନସୋଲ ଆସିଲାବେଳକୁ ଆଠ ଘଣ୍ଟା ହେଲାଣି । ଧର୍ମଶାଳାରେ ରହିଲୁ । ଉପରଓଳି ତିନି ଘଣ୍ଟାରେ ଖଡ଼୍ଗପୁର ଆସି ପୁଣି ଏକ୍ସପ୍ରେସରେ କଟକ ଆସିଲୁ । କଟକରେ ଦୁଇ ଦିନ ରହି ପୁରୀ ଗଲୁ । ପୁରୀରେ ଏକ ଦିନ ରହି ଜଗନ୍ନାଥଙ୍କୁ ଦର୍ଶନ କରି ଫେରି ଆସିଲୁ ।

ଏଥିପୂର୍ବେ ବୁଢ଼ୀକୁ ବହୁମୂତ୍ର ଦୋଷରୁ ମେଡ଼ିକାଲରେ ରଖିଥିଲୁ । ତିନି ମାସରେ ଭଲ ଥିଲା । ତୀର୍ଥକୁ ଯିବାରେ ଅପଥ୍ୟ କରିବାରେ ପୁଣି ସେ ବେମାର ବାହାରିଲା । ପୁଣି ମେଡ଼ିକାଲ ଆସି

Digitized by srujanika@gmail.com

ମାସେ ରହି ଭଲ ହେଲ । ତା’ପରେ ଦୁଇ ବରଷ ପରେ ସେହି ବେମାରରେ ବୁଢ଼ୀ ଚାଲିଗଲ । ବୁଢ଼ୀ ଶୁଦ୍ଧରେ ସତରଶହ ଟଙ୍କା ଲାଗିଲ । ସେହିଠାରୁ ମୁଁ କଛୁ ନ ବୁଝି କୁଞ୍ଜ ବୋହୂକୁ ଦେଇ ଧୀର ସ୍ଥିର ଭାବରେ ବସିଲି ।

ଏଥିପୂର୍ବେ ଆମେ ବନ୍ଧକ ଥିବା ପଟଗ୍ରାମ ଜମି ସେ ବହୀ କର୍ଦେବ ରତ୍ନାକର ବାବୁ କହିଲେ । କାଲି ଭାଟବଡ଼ ରଣସିଂହ ସେ ଜମି ବହୀ କରଦେବ, ବୋଲି ଦାଟେଥି ବାବୁଙ୍କୁ ସେ କହିଲେ । ମୋ ପାଖରେ ଟଙ୍କା ନାହିଁ । ରଣସିଂହ କହିଲେ ଆମ ଭାଇମାନେ ଗୋଳମାଳ କରୁଛନ୍ତି । ମୁଁ ବେନାମିରେ କରଦେବ । ଆପଣ ମୋତେ ସହାୟ ହେବେ । ବାବୁ ହଁ କଲେ । ଆପଣ ରହନ୍ତୁ ମୁଁ କହିଲି ରଣସିଂହଙ୍କୁ ଧର ବାଉର ମାହି ତୋଟାକୁ ଆସନ୍ତୁ, ଦର କରିବା । ହଉ କାଲି ସକାଳେ ଆସିବୁ ।

ତା’ ଆରଦିନ ନଅ ଘଣ୍ଟାରେ ଆସିଲେ । ରତ୍ନାକର ମୋତେ ଡାକ ଆସିଲେ । ମୁଁ ଗଲି । ଦରକଥା ପଡ଼ିଲ । ରଣସିଂହ କହିଲେ ଛଅ ଶହ ଟଙ୍କା ମୁଁ କହିଲି ଚାରି ଶହ ପଚାଶ ଟଙ୍କା । ରତ୍ନାକର ପାଞ୍ଚ ଶହ ଟଙ୍କା ସ୍ଥିର କଲେ । ମୁଁ କହିଲି ତୁମ ଭାଇମାନେ ଗୋଳମାଳ କରିବେ । ଆମେ ଚାରି ହଜାର ଟଙ୍କା ଦେବୁ, ବାକି ତୁମର ଦୁଇହଜାର ଟଙ୍କା ଆମ ପାଖେ ଥାଉ, ସେ ଯେବେ ଗୋଳମାଳ ନ କରନ୍ତି, ମାସକ ପରେ ଦେବୁ, ନାହିଁ ଯେବେ ମକଦ୍ଦମା ହୁଏ, ମକଦ୍ଦମା ଶେଷରେ ଦେବୁ । ଯେବେ ତୁମର ବିଶ୍ୱାସ ହୁଏ, କରିବା; ମାତ୍ର କପଟ ରେଜେଷ୍ଟ୍ରୀ ହେବ ? ଦତ୍ତମ୍ବର ଜାଣିକି ନାହିଁ ପରେ ଜାଣୁ ପଡୁଆ ନାହିଁ । ତାକୁ ଦେଖିଲେ ଯମକୁ ଦେଖିଲା ପରି ଲାଗୁଛି । ମୁଁ କହିଲି ତେବେ ଦିନ ସ୍ଥିର ଭାବରେ ରହ । ଜମି ବହୀ ସମ୍ବନ୍ଧରେ କଛୁ କୌଣସିଠାରେ କୋଉ ନାହିଁ । ତୁମେ କି ତୁମ ପୁଅ ତା ଦୁଆରକୁ ଯାଅ ନାହିଁ । ଯାହା କି କଥା ହେବ ରତ୍ନାକର କରିବେ । ମୁଁ ତା ଯୋଗାଡ଼ କରୁଛି । ଏହା କହ ଆସିଲି । ପରେ ରତ୍ନାକରଙ୍କୁ କହିଲି ବୁଢ଼ାକୁ ଚାରିଦିନ ସାନ ଝିଅ ଘରକୁ ପଠାଅ । । ହଉ କହି ସେ ଶଗଡ଼ରେ ପଠାଇ ଦେଲେ । ସେ ଚାରିଦିନ ରହିଲେ । ଦତ୍ତମ୍ବର ତାଙ୍କର ଜଣେ ଭାଇ । ସେ ଜଣେ ଲୋକ ଜଗିବାକୁ ପଠାଇ ଦେଲେ ।

Digitized by srujanika@gmail.com

ରତ୍ନାକର କହିଲେ, ରଣସିଂହ ଚାରି ଦିନ ରହିଲେ ଆଜ ଆସିଲେ । ତାଙ୍କୁ କାଲି ବରଡ଼ିହକୁ ପଠାଇ ଦେବା । ସେ ଦୁଇ ଦିନ ରହି ଆସନ୍ତୁ । ତା ଆରଦିନ ବରଡ଼ିହକୁ ପଠାଇଲେ । ଦିଗମ୍ବର ଅନୁସନ୍ଧାନରେ ଥାଆନ୍ତି । ତାପରେ ରଣସିଂହ ପୁଅ ଆସି କହିଲେ, କାଲି ବାପା ବରଡ଼ିହରୁ ଆସିଲେ । ସେ ଦିନ ଗୁରୁବାର । ସୋମବାରରେ ରେଜେଷ୍ଟ୍ରୀ ହେବ ବୋଲି ଅନନ୍ତକୁ ଖବର ଦେବାକୁ ବାଇଧର ତ୍ରିପାଠୀକୁ ପଠାଇଲି । ତୁମେ ଟଙ୍କା ଧରି ଟାଙ୍ଗିଠାରେ ପ୍ରବେଶ ହେବ । ସକାଳ କଟେଇ । ମୁଁ ତାଙ୍କୁ ଟିକଟ ସହିତ ରବିବାର ହନୁଆଡ଼ ବସରେ ପଠାଇବି । ରଣସିଂହ ପୁଅକୁ କହିଲି ତୁମେ ଆଜ ବାଆଁ ନେଇ ଭଉଣୀ ଘରକୁ ଯାଅ । ତାଙ୍କୁ କହିବ ସେ ଶନିବାର ଦିନ ଉପର ଓଳା ଶଗଡ଼ ଧରି ଆସିବେ । ରାଣ୍ଡ ତୁମ ଘରେ ରହି କହିବେ ଝିଅ ଦେହ ବେମାର ହୋଇଛି । ବୁଢ଼ାକୁ ଦେଖିବ ବୋଲି ମୁଁ ଆସିଚି । ତୁମେ କହିବ ସେ ଯାଇ ପାରିବେ ନାହିଁ । ସେ ବଡ଼ ଜିଦ୍ଧା କରିବେ, ତୁମେ ନାହିଁ କରୁଥିବ । ସେତେବେଳେ ଦିଗମ୍ବର କହିବ ଯାନ୍ତୁ, କାଲି ଆଣି ଛାଡ଼ିଦେବ । ହନୁଆଡ଼ ବସ୍ ତିନି ଘଣ୍ଟାକୁ ଯିବ ସେଥିରେ ବସାଇ ଟାଙ୍ଗି ନେଇ ଯିବା । ସୋମବାର ଦିନ ତମେ ମୋ ସହିତ ରାଣ୍ଡ ଥାଇ କମ୍ପୀରପଡ଼ାଠାରେ ବସରେ ଯିବ । ତୁମେ ଶୀଘ୍ର ଯାଅ ।

ସେହିକ୍ଷଣି ସେ ବାଆଁ ନେଇ ଗଲା । ମୁଁ କହିଥିବା ପରି ସକଳ କହି ଆସିଲା । ଶନିବାର ଦିନ ବେଳ ଘଡ଼ିଏ ଅଛି, ଗାଡ଼ି ଧରି ବାଆଁ ନେଇ ଜୋଇଁ ଆସିଲେ । ରତ୍ନାକର ସମ୍ବାଦ କହିଗଲେ । ସେ ରାଣ୍ଡ କହିଲେ ମୁଁ ଆସିଚି ବୁଢ଼ାକୁ ନେବାକୁ । ପୁଅ କଦାପି ନାହିଁ କଲା । ରାଣ୍ଡ ପରେ ଶଗଡ଼ ସଜ କରି କହିଲା, ବୁଢ଼ାଙ୍କୁ ପଠାନ୍ତୁ । ପୁଅ ନାହିଁ କଲା । ଦିଗମ୍ବର କହିଲା, ଆରେ ଯାନ୍ତୁ, କାଲି ଆଣି ଛାଡ଼ିଦେବ । ବୁଢ଼ା ଗାଡ଼ିରେ ଆମ ଗ୍ରାମଠାରେ ପ୍ରବେଶ ହେଲା । ମୁଁ କହିଲି ଭଗବତୀ ଷ୍ଟେଟରେ ରଖିଦେବ । ସେହିପରି କଲେ । ଉପର ବେଳା ବାଇଧର ତ୍ରିପାଠୀ ହନୁଅଡ଼ ବସ୍‌ରେ ଧରି ଗଲେ । ରଣସିଂହ ଟାଙ୍ଗୀରେ ରହିଲେ । ବାଇଧର କଟକ ଗଲେ । ଅନନ୍ତକୁ ସକଳ ବିଷୟ ବୁଝାଇ ଟଙ୍କା ଧରି ମାଛ ଗାଡ଼ିରେ ଆସି ଟାଙ୍ଗୀଠାରେ ପ୍ରବେଶ

Digitized by srujanika@gmail.com

ହେଲେ । ଶତ୍ରୁଘ୍ନ ଓ ତାଙ୍କ ପୁଅ କାଶ୍ମୀର ପଡ଼ାଠାରେ ବସି ଟାଙ୍ଗିରେ ପ୍ରବେଶ ହେଲେ । ସକାଳ କଚେରୀ ହେଉଥାଏ, ଲେଖାହେଲା— ମେଜେଷ୍ଟ୍ରର ସାମନାରେ ଛଅ ହଜାର ଟଙ୍କା ଦିଅଗଲା । ଦୁଇ ହଜାର ଟଙ୍କା ଆମ ପାଖେ ରହିଲା । ଚାରି ହଜାର ଟଙ୍କା ସେ ନେଲା । ବାଇଧର ଘେଷେଇ କରିଥାଏ । ଟିକଟ ମିଳି ନଥାଏ । ଏକ ଘଣ୍ଟାକୁ କଚେରୀ ଭାଙ୍ଗିଲା, ଟିକଟ ମିଳିଲା । ଖିଆ ପିଆ କରି ଘୋଡ଼ା ବସରେ ବାଣପୁର ଆସିଲେ । ସମୟ ପାଞ୍ଚ ଘଣ୍ଟା ହୋଇଥାଏ । ରଣସିଂହ ଗାଡ଼ ବାଙ୍କେଇଠାରୁ ଆସିଥିଲା । ସେ ଗଲେ । ହଇମାନେ ଶୁଣିଲେ ଜମି ବନ୍ଦୀ ହୋଇଗଲା । ତା ଆରଦିନ ହଳ ନେଇ ଗୋଟି ଆଣି ଦସ୍ତୁର ଦଖଲ କଲେ । ତା ପର ଆଠ ଦିନ ଗଲା । ଧାନ କେହି କେହି ବୁଣିଲେ । ଆମର ଆଠ ଗୋଟି ହଳରେ ଧାନ ବୁଣି ଦେଲୁ । ଚାଲିଲା ମକଦ୍ଦମା—ରସିଭର ଜମା ଜମି ରହିଲା । ଧାନ ବେଶନ ହେଲା । ଭଦ୍ରଲୋକ ବସି ମକଦ୍ଦମା ନିକାଶି କଲେ । ତାଙ୍କର ସମୁଦାୟ ସମ୍ପତ୍ତି ହେଲା ଦଶ ହଜାର । ତିନି ଭାଗରେ ବିଭକ୍ତ କଲେ । ରଣସିଂହକୁ ହଜାରେ ଟଙ୍କା ଜ୍ୟେଷ୍ଠ ଅଂଶ ଦେଲେ । ବାକି ତିନି ଭାଗକୁ ତିନି ହଜାର ଲେଖାରେ ବଣ୍ଟନ କଲେ । ପରେ ଦାବଦାରମାନେ ଏକରାର ନାମା ଲେଖି ଦେଲେ । ଆମର ଦାବୀ ଜମିରେ ଆପତ୍ତି ନାହିଁ ।

ଏପରି ଅବିଶ୍ୱାସୀଙ୍କୁ ଲୋକେ ବିଶ୍ୱାସ କରନ୍ତି ନାହିଁ; କିନ୍ତୁ ମୁଁ ଦେଖିଲି, ମୋର ତ ସମସ୍ତଙ୍କ ସହିତ ବ୍ୟବସାୟ । ଚିନ୍ତାମଣି ପଟ୍ଟନାୟକ ଜଣେ ପ୍ରଧାନ ଲୋକ । ସେ ମୋର ଅନେକ ଉପକାର କରିଛନ୍ତି, ତାହା ଶୁଝିହେବ ନାହିଁ । ରଘୁନାଥ ପଟ୍ଟନାୟକ ବାବୁଙ୍କ ଘର ମେନେଜର, ତାଙ୍କ ପରି ବିଶ୍ୱାସୀ ଲୋକ ଜଣେ ଦେଖି ପାରିବା ନାହିଁ । ଭଗୀରଥି ଥିଲେ ବଡ଼ ଅମୀର ଲୋକ । ଦାଶରଥି ବାବୁ ତାଙ୍କ ପରି ନୁହନ୍ତି । ସ୍ୱଭାବ ଲୋକ । ତାଙ୍କର ଉପକାର କହିଲେ ସରିବ ନାହିଁ । ମୁଁ ଓଳସିଂହରେ ବର୍ଷକେ ଚାରିମାସ ରହେ । ତାଙ୍କ ଧାନ କିଣେ । ଆସପାଖରେ ଥିବା ମହାଜନମାନଙ୍କ ପାଖରୁ ଧାନ କିଣେ । ଦାଶରଥିବାବୁଙ୍କ ଘର ଖୋରାକ ଦିଅନ୍ତି । ତାଙ୍କ ସ୍ତ୍ରୀ ବଡ଼ ଦୟାଶୀଳ ଲୋକ । ଦାଶରଥି ବାବୁ ଗୋଟିଏ ଆମ୍ବ ଅଗଣାରେ ଘର

Digitized by srujanika@gmail.com

ଦେଇଥାନ୍ତି । ସେ ଘର ନା ମିଶ୍ରଙ୍କ ଘର । ବାବୁ ସବୁବେଳେ ଘରେ ନ ଥାନ୍ତି । ତାଙ୍କ ସ୍ତ୍ରୀ ତାଙ୍କ ଖାଇବା ଗନ୍ଧତେଲ ଗୁଡ଼ାକ, ଘିଅ, ଆଗୁର ସବୁ ଦଅନ୍ତି । ଦାଶରଥି ବାବୁଙ୍କ ଉପକାର ଶୁଝି ପାରିବି ନାହିଁ, ଜନ୍ମାନ୍ତରେ ତାଙ୍କର ମୁଁ ଲଗୁଆ ।

ଧୋରଡ଼ଆରେ ମୁଁ ଧାନ କଣେ । ସେଠର ଦିନ ରହେ ନାରଣ ଦାସେ ମୋର ଖୋରାକ ଦଅନ୍ତି । ଏପରି ବଢ଼ିଆ ସଞ୍ଜା ଦଅନ୍ତି, ବରଜାତ ସାମଗ୍ରୀରେ ସେଉଁପରି ଦଅନ୍ତି, ତାକୁ ବଳକା । ରୋଷେଇ କରୁଥାଏ ତାଙ୍କର ନଜର କରୁଥାନ୍ତି, କଣ ଊଣା ହେଲା କି ? କରଣ କୁଳରେ ତାଙ୍କ ପରି ମର୍ଯ୍ୟାଦାବନ୍ତ ଲୋକ ନାହିଁ ।

ଓଳସିଂହ କେଶୀବାବୁ ମୋର ଅତି ପ୍ରିୟ । ସେ ବହୁତ କଥା ଜାଣି ପାରନ୍ତି । ସେ ମୋର ଜଣେ ବିଶ୍ୱାସୀ ଲୋକ । ସେ ବର୍ତ୍ତମାନ ଅଛନ୍ତି । ମୋର ଧାନ ବ୍ୟବସାୟ ଧମପୁର ଲୋକମାନେ ଆଉ କେହି ଜାଣାନ୍ତି ।

ଭଗୀରଥି ମାଲୁ ମୋର ପ୍ରଧାନ ବିଶ୍ୱାସୀ । ସେ ସୀମାରେ ଧାନ କଣାକୁ ଟଙ୍କା ଊଣା ହେଲେ ସେ ଦେଇଥାନ୍ତି । ଯୋଗୀ ପ୍ରଧାନ ବୁଢ଼ାର ମୋଠାରେ ବଡ଼ ସ୍ନେହ ଥାଏ । ଆଇତପୁର ଗ୍ରାମ ପ୍ରଧାନ ତା ଯୋଗୁ ଗୋଟେ ମିଥ୍ୟା ମକଦ୍ଦମା କରିଥିଲା । ଗ୍ରାମ ପ୍ରଧାନଙ୍କ ଯୋଗୁ ସେ ମକଦ୍ଦମା ଜୟ ହେଲା । ୫୦୦ ଟଙ୍କା ତା ଉପରେ ଡିଗ୍ରୀ ହେଲା ।

ଏବେ ପାରିକୁଦ ରାଜାଙ୍କର ମୋର ସ୍ନେହଥାଏ—କିପରି ନା, ୧୯୪୧ ମସିହାରେ ମୁଁ ଓଳସିଂହ ଯିବା ସକାଶେ ବାହାରିଲି । ଖୋର୍ଦ୍ଧା ବାସ କେବଳ ଯାଉଥାଏ । ମୁଁ କମ୍ପୀରପଡ଼ାଠାରେ ବସିବା ଇଚ୍ଛାକରି ଗଲି । ସେଠାରେ ଦଣ୍ଡେ ବସିବାରେ ବାସ୍-ଆସିଲା ନାହିଁ । ଲୋକେ କହିଲେ, କାହିଁକି ବସିଛନ୍ତି ? ମୁଁ କହିଲି, ଜଙ୍କିଆକୁ ଯିବି । ସେମାନେ କହିଲେ, ଅଜ ବାସ ଯିବନାହିଁ । ଆଜ ରବିବାର । ତା ଶୁଣି ମୁଁ ନିରାଶ ହେଲି । ଦେଖିଲି ଗୋଟେ ଧୂଳିଉଡ଼ୁଛି । ମୁଁ ବସୁରିଲି ପାସେଞ୍ଜର ହେବାରୁ ବାସ ଛାଡ଼ିଲା । ବାସ ମୋ ନିକଟରେ ହେବାରେ ମୁଁ ଆଗୁଳିଲି । ଦେଖେ ତ ପାରିକୁଦ ରଜା ବସିଛନ୍ତି ।

Digitized by srujanika@gmail.com

ରାଜା ପଚାରିଲେ, ଆପଣ କୁଆଡ଼େ ଯିବେ ? ମୁଁ କହିଲି, ମୁଁ ଜର୍କିଆ ଯିବି । ରାଜା କହିଲେ, ଆଜି ବାସ୍ ଆସିବ ନାହିଁ । କାରଣ ରବିବାର । ମୁଁ ଜାଣିଚି ଆପଣଙ୍କ ବାସରେ ଯିବି । ହଉ ଆସ କହି ଦ୍ୱାର ଖୋଲି ଦେଲେ । ମୁଁ ବସିଲି । ସେ ଦିନ ଏକାଦଶୀ । ଶୀତ ପବନ ହେଉ ଥାଏ । ରାଜା କହିଲେ, ଲଗି କରି ବସନ୍ତୁ ଶୀତ ହେଉଚି । ଲଗି କରି ବସିବାରେ ରାଜା ପଚାରିଲେ, ଆପଣ ମୋତେ ଚିହ୍ନନ୍ତି ? ମୁଁ କହିଲି, ଆପଣଙ୍କୁ ଯେ ନ ଚିହ୍ନିଚି ସେ କଣ ମନୁଷ୍ୟ ? ପାରିକୁଦର ମୁଣ୍ଡ, ଆପଣ ବେନାର (ବି.ଏନ୍. ଆର୍.) ମେମ୍ବର, ଆସେମ୍ବ୍ଲି ମେମ୍ବର ରାଜା । ମୁଁ ଆପଣଙ୍କର ଗୁରୁଦର । ମଞ୍ଜୁଷାରେ ଆମର ବଂଶିକ ଅଛନ୍ତି । ଆପଣଙ୍କ ପିତା ରାଧାମୋହନ ଦେଓଙ୍କ ବହୁତ ସ୍ନେହ ଥାଏ । ମୁଁ ପାରିକୁଦକୁ ଅନେକ ଥର ଯାଏ । ମୋର ପାରିକୁଦରେ ଅନେକ ଟଙ୍କା ବାକି ରହିଗଲା । ମୁଁ ଗ୍ରାମ୍ଫରେ କହିବାରୁ ରାଜା ସୁଧରେ ଟଙ୍କା ଆଦାୟ କରିଦେଲେ । ମୋର ପୁଅ ବ୍ରତ ଘରକୁ ମାଛ ସକାଶ ୨୦ ଟଙ୍କା ଦେଇଥିଲି, ସେ ଗୁଳଣି ଟଙ୍କାର ମାଛ ପଠାଇଲେ । ଆପଣ ପିଲା ଲୋକ ପୁଣି ଇଂରେଜରେ ପ୍ରବୀଣ । ଆମେମାନେ ସଂସ୍କୃତ ପଣ୍ଡିତ । ଏକାଳେ ଆମକୁ କିଏ ଚିହ୍ନିବ ? ସେ ଯୁଗ ରାଜା ଏବେ ନାହାନ୍ତି । ଆଜି ମୋର କେଡ଼େ ଶୁଭ ଦିନ । ରାଜ ଦର୍ଶନ ମିଳିଲା । ରାଜା କହିଲେ, "କାଲି ରାତ ୯ଘଣ୍ଟାରେ ଟେଲିଗ୍ରାମ ପାଇଲି କଟକରେ ଆମର ମିଟିଙ୍ଗ ହେବ । ପାରଳା ରାଜା, ଏମାର ମଠ ମହନ୍ତ, ଦଶପଲ୍ଲା ରାଜା ଆସିଛନ୍ତି ଶୀଘ୍ର ଆସ । ମୋ ପାଖରେ ଲଞ୍ଚ ନାହିଁ, ଲଞ୍ଚ ବାଲୁଗାଁରେ । ନାଆ ଖଣ୍ଡରେ ପାରିହେଲି । ଦେଖେ ପାସେଞ୍ଜର ଗଲାଣି, ଆଉ ଗାଡ଼ି ନାହିଁ । ଜଟଣୀ ଗଲେ ଗାଡ଼ି ମିଳିବ । ଶିବରାମ ମହାପାତ୍ରଙ୍କୁ କହିଲି, ସେ କହିଲେ ଡାବା ଟିଏ ଅଛି । ସାନ ମଟରଟି ବାହାର କଲି । ଖୋର୍ଦ୍ଧା ଗଲେ ମିଳିବ, ଅଳପ ଉଶ୍ୱାସ ହେଲେ ଖୋର୍ଦ୍ଧା ଗୁଳିଯିବ । ଏପରି ସ୍ଥଳେ ଆପଣ ଅଭ୍ୟାଗତ ହେଲେ । ମୁଁ କହିଲି, ଆଜ୍ଞା କ୍ଷତ୍ରିୟର ଧର୍ମ ସାହସ । ଦଶରଥ ସୂର୍ଯ୍ୟବଂଶ ରାଜାଥିଲେ । ରଘୁବଂଶ କପର ହେଲା, ରଘୁ ଦିଲୀପଙ୍କ ପୁଅ । ସେ ଅତି ପ୍ରତିବନ୍ତ । ତାଙ୍କ ଚରିତ ଗୃହପଣ କହିଚି ଜର୍କିଆ ହେଲା । ମୁଁ କହିଲି ଆଜ୍ଞା ମୁଁ ଏହିଠାରେ ଓହ୍ଲାଇବି । ରାଜା କହିଲେ, "ହଉ

Digitized by srujanika@gmail.com

ରଘୁଙ୍କ ଚରିତ ଆଉ କେତେ ହେବ ? ମୁଁ କହିଲି, ଗୃହେପଣ ହୋଇଅଛି । ମୁଁ କହିଲି, ଆପଣ କଟକରୁ ଫେରନ୍ତୁ ମୁଁ ବାଲୁଗାଁକୁ ଆସିବି । ରାଜା କହିଲେ, ଆପଣ ପାରିକୁଦ ଆସିବେ । ଆସିବା ପୂର୍ବରୁ ଚିଠି ଦେବେ । ମୁଁ ହଁ କଲି । ଆପଣ ଆଜି ଗାଁକୁ ଯିବେ ? ହଁ, କାଲି ଯେବେ ଯିବେ ୧୦ଘଣ୍ଟାରେ ଏଠି ବାସ୍ ଆସିବ ବସି କରି ଯିବେ । ମୁଁ ନାହିଁ କଲି । ରାଜା ଚାଲି ଗଲେ । ମୁଁ ଓଳସିଂହ ଗଲି ।

ବାବୁଙ୍କ ଦେହ ଟିକିଏ ଉଣା ଅଛି । ମୁଁ ଉପର ବେଳା ନଗରକାରଖାନୁ ଫେରି ଗାଡ଼ିରେ ବସି ଆସିଲି । ଅନନ୍ତକୁ କହିଲି, ପାରିକୁଦ ରାଜା କହିଛନ୍ତି, ଆପଣ ଆସି ରଘୁଙ୍କ ଚରିତ ଶୁଣାଇବେ । ମୁଁ ବାଲୁଗାଁ ଯାଇ ...ଙ୍କ ବଙ୍ଗଳାରେ ଉପସ୍ଥିତ ହେଲି । ସେଠାରୁ ରଘୁଙ୍କ ଚରିତ ଶୁଣି ଆନନ୍ଦିତ ହୋଇ କହିଲେ, ପଣ୍ଡିତେ, ଆମ ପାରିକୁଦକୁ ଆସିବେ । ପୁଅ କହିଲା, ଗଡ଼ବାଲା ତୁମକୁ ଦେଖିଲେ ପଚାରିବେ ଆପଣଙ୍କର କେଉଁ ଗ୍ରାମ ? ଯାଆନ୍ତୁ ନାହିଁ—

ମାଘର ପରେ ବରାଡ଼ ଘର ଭାଇ ଭାଗ ବିଷୟରେ ଗୋଳମାଳ ଥିବାରୁ ସେ କହିଲେ, ଆପଣ ପାରିକୁଦ ଯିବା ଗୁରୁତର କାର୍ଯ୍ୟ ଅଛି, ଆପଣ ଗଲେ ଭଲ ହେବ, ରାଜାଙ୍କର ଗୋଟିଏ ହୁକୁମ ହେଲେ ଭାଇମାନେ କିଛି କରି ପାରିବେ ନାହିଁ । ହଉ ଯିବା । ଭଲ ଦିନ ଦେଖି ବାହାରିଲୁ । ନଅ ଘଣ୍ଟାରେ ନାଆରେ ବସିଲୁ, ଦଶ ଘଣ୍ଟାରେ ନାଆ ଲାଗିଲା । ବାର ଘଣ୍ଟାରେ ଉଆସ ନିକଟ ବାରଣ୍ଡାରେ ବସିଲୁ । ଏହି ସମୟରେ ସାନଦେଓ ଆସିଲେ । ମୁଁ ଭାବିଲି ରାଜା ବୋଲି ଉଠି ପଡ଼ିଲି । ସେ କହିଲେ ଆପଣଙ୍କର କେଉଁ ଗାଁ ? ମୁଁ ବିଚାରିଲି ଅନନ୍ତ ଯାହା କହୁଥିଲା ଠିକ୍ ହେଲା । ଦେଓ କହିଲେ ବସନ୍ତୁ । ରାଜା ଏହିକ୍ଷଣି ଆସିବେ । ମୁଁ ଜାଣିଲି ସାନ ଦେଓ । ଦଣ୍ଡେ ବସିବାରେ ରାଜା ବିଜେ ହେଲେ । ସେ ଦୁଇ ମହଲାରେ ଥାଇ ପଚାରିଲେ ଆପଣ କେତେବେଳେ ଆସିଲେ ? ମୁଁ କହିଥିଲି ମୋତେ ପୂର୍ବରୁ ଚିଠି ଦେବେ ବୋଲି । ମୁଁ ଜାଣିଥିଲେ ମଟର ନାଆ କୂଳକୁ ପଠାଇ ଥାନ୍ତି । ଖରାରେ କେମିତି ଆସିଲେ ? ଆପଣ ଖାଇଛନ୍ତି ? ମୁଁ କହିଲି ବାଲୁଗାଁରେ ଜଳଖିଆ କରିଛି । ଆସନ୍ତୁ

Digitized by srujanika@gmail.com

କଟଚଷ୍ଟକ । କଚଷ୍ଟ ଘରେ ଆସନ ଦେଖାଇ ଦେଲେ ବସନ୍ତୁ, ମୁଁ ବସିଲି । ନାନାଦି ପ୍ରକାର କଥା ପଡ଼ିଲା । ଘଣ୍ଟାକପରେ ବରାଡ଼ ଆସିଲେ । ରାଜା ପଚାରିଲେ ବରାଡ଼ ଆପଣଙ୍କ ସଙ୍ଗରେ ଆସିଚ କି ? ହଁ, ଆପଣ ତ ସେ ଗାଁର ଜମିଦାର । ବ୍ରାହ୍ମଣ ସାହିରେ ବସା ଘର ଦେଲେ । ସେ ବସା ଘରେ ବରାଡ଼ ଥାଏ । ବସା ସଞ୍ଜା ପଠାଇଲେ । ରହିଲୁ । ରାତି ନଅ ଘଣ୍ଟା ହେବ ଜଣେ ଆସି କହିଲା, ପଣ୍ଡିତେ ! ଆସନ୍ତୁ ରାମ୍ମରେ ଡାକୁଛନ୍ତି । ରୋଷେଇ ମୋର ଶେଷ ହୋଇଗଲଣି । ମାଛ ସେରେ ଦେବ କଣ୍ଠା ଧୂଆ ହୋଇଚ ଦେଇଥିଲେ, ସେ ରନ୍ଧା ହୋଇ ନାହିଁ । ବରାଡ଼କୁ କହିଲି ମୁଁ ଯାଉଚି ତମେ ବସିଥାଅ । ବରାଡ଼ କହିଲା ମୁଁ ଯିବି । ମୁଁ କହିଲି ଦିନବେଳେ ଯିବ । ମୁଁ ଗଲି ବେଳକୁ ପଶା ପାଲି ପଡ଼ିଚି । ଖେଳାଳି ଡାକରା ହେଉଛନ୍ତି । ଖେଳ ଦୁଇ ଘଣ୍ଟା ଲାଗିଲା । ଇଧ୍ ରାଜାଙ୍କ କଥପୁ କେଉଁଠାରୁ ରହିଚି, କାଲି କହିବେ ଯାନ୍ତୁ । ମୁଁ ଆସି ମାଛ ରାନ୍ଧିଲି । ଖାଇ କରି ଶୋଇଲୁ । ଆରଦିନ ସକାଳ ଆଠ ଘଣ୍ଟା ଠାରୁ ଇଧ୍ ରାଜାଙ୍କ କଥପୁ ପଡ଼ିଲା । ବରାଡ଼ କଥମ୍ଭ ପଡ଼ିଲା । ସେ ଦଲିଲରେ ସନ୍ତକ କରିଦେଲେ । ମୁଁ କହିଲି ଆଜ୍ଞା ମୁଁ ଗ୍ରାମକୁ ଯିବି । ରଜା କହିଲେ ହଉ ଯିବେ ତ । ଏପରି ଚାରି ଦିନ ହେଲା । ବଡ଼ ପଣ୍ଡାଙ୍କର ନାଆ ବାଲୁଗାଁ ଯାଉଚି, ଏହି ନାଆରେ ବାଲୁଗାଁ ଗଲେ ଭଲ ହୁଅନ୍ତା । ସିଂହଦ୍ୱାରରେ ଦେଖିଲି ଆମ ଗାଁ ମୂଳିଆ ଚଢ଼ିଆ ନଳକଟେ ଧରି ଠିଆ ହୋଇଚି । ମୁଁ ତାକୁ ପଚାରିଲି ତୁ କୁଆଡ଼େ ? ସେ କହିଲା ରାଜା ଡକାଇଛନ୍ତି । ଗୁରୁବାରରେ ଜଙ୍ଗଲ ଅଛି, ମିରଗ ଶିକାର କରିବାକୁ ରାଜା ଯିବେ, ମୁଁ ଯିବି । ମୁଁ କହିଲି ମୋ ସକାଶେ ମିଛ କହିବୁ । ମୁଁ ଆଗ ଯାଉଛି ରାମଙ୍କ ପାଖରେ ମୁଁ ବସିଥିବି, ତୁ ପଚାରିବୁ "ଆପଣ କେତେ ଦିନ ହେଲା ଆସିଲେଣି ? ଆପଣଙ୍କ ନାତିଙ୍କ ଦେହ ଖରାପ ଅଛି, ଆପଣଙ୍କ ଖୁଜକରି କହୁଥିଲା ।" ମୁଁ କହିଲି ମୁଁ ଆଜ ଯିବି । ରାଜା କହିଲେ ହଉ କାଏ ଯାଅ ନାଆବାଲାକୁ ଡାକି ଆଣ । ମୁଁ କହିଲି ଆଜ୍ଞା, ବଡ଼ ପଣ୍ଡାଙ୍କ ନାଆ ବାଲୁଗାଁ ଯାଉଛି । ତାଙ୍କୁ ଟିକିଏ ବରାଦ କଲେ ଯିବି ଘର । ରାଜା ସେହିକ୍ଷଣି ଜଣେ ଲୋକ ପଠାଇଲେ । ସେହି ନାଆରେ ଆସିଲୁ ବାଲୁଗାଁକୁ । ଆସିଲ-

Digitized by srujanika@gmail.com

ବେଳକୁ ଘଣ୍ଟାଏ ବେଳ ଅଛି । ତା ପରେ ଆଠଦିନ ହେବାରେ ଶିବରାମ ମହାପାତ୍ର ହସ୍ତେ ବନାରସି ପାଟ ପଠାଇଥାଏ, ନଗଦ ପଚିଶ ଟଙ୍କା ପଠାଇଲେ ।

ଘଟପଡ଼ା ଦଳ ବେହେରା ମୋର ପ୍ରିୟ ଲୋକ । ତାଙ୍କପରି ମର୍ଯ୍ୟାଦ ବନ୍ତ ଲୋକ କରଣକୁଳରେ ନ ଥିବେ । ଧାନ ତାଙ୍କର ପାହା ବନ୍ଦୀ ହୁଏ ମୁଁ ଆଣେ । ମତେ ନ ପଚାରି ଧାନ ଦିଅନ୍ତି ନାହିଁ । ବର୍ତ୍ତମାନ ଯେ ଆପଣେ ଅଛନ୍ତି । ସେହିପରି ସ୍ନେହ ଅଛି ।

ଅନ୍ତର କଆଁଶି ମାନସିଂହ ବଡ଼ ଉତ୍ତମ ଲୋକ । କଣ୍ଟମୁଣ୍ଡେଇ ଭିକାରି ପଧାନ, ମାନସିଂହ ମୋ ସାଥିରେ ଏକ ବର୍ଷ ପଞ୍ଚାୟତ ମେମ୍ବର ଥିଲେ । ଆମ ଗାଁ ବାଇଧର ତ୍ରିପାଠୀ ମୋର ବଡ଼ ବିଶ୍ୱାସୀ ଲୋକ ।

ମୋ ନାମ କପିଳ ମିଶ୍ର । ମୁଁ ଜଣେ ଧନୀ ଘର ପିଲାନୁହେଁ । ମୋ ପିତାମାତାଙ୍କ ଧର୍ମବଳ । ଜଗତରେ ଧର୍ମ ବଳ ଏକା ବଳ । ମୁଁ ମୋର ପ୍ରୌଢ଼ୀ ପ୍ରକାଶେ ଲେଖୁ ନାହିଁ । କେବଳ ଈଶ୍ୱରଙ୍କ ଦୟାରୁ ଲେଖୁଛି । ମତେ ଆଜକୁ ବୟସ ଅଶୀବରଷ । ମୁଁ ଦେଖୁଛି ନାସ୍ତିକ ମତେ ଲୋକେ କହନ୍ତି ମନୁଷ୍ୟ ନିଜ ବଳରେ ସବୁ କାର୍ଯ୍ୟ କରିପାଏ ; ଈଶ୍ୱର ନାହାନ୍ତି । ସ୍ତ୍ରୀ ପୁରୁଷ କାମରୁ ମନୁଷ୍ୟ । ଈଶ୍ୱର ନାହାନ୍ତି । ମୋର ଦୃଢ଼ ବିଶ୍ୱାସ ଭଗବାନଙ୍କ ଦୟାରେ ସବୁହୁଏ । ସେହି ପ୍ରକାଶରୁ ମୁଁ ଲେଖୁଛି । ମନୁଷ୍ୟ ନିମିତ୍ତ ମାତ୍ର । ମୁଁ ମୋ ବୋଉ ଠାରୁ ଶୁଣିବା ଓ ଦେଖିବା କଥା ଲେଖିଛି । ଆପଣମାନେ ହାସ୍ୟ କରିବେ ନାହିଁ । ଗୋବିନ୍ଦଙ୍କ ଦୟା କିପରି ? ସେ କଅଣ କରି ନ ପାରନ୍ତି ! ସଂସାରରେ ।

କର କରଜ ଥାଏ ମୁହିଁ । ମୋ ବିନୁ ଅନ୍ୟ ଗତିନାହିଁ,
ମୋହର ନୋହିଲେ କରୁଣା । ବ୍ରହ୍ମା ଶଙ୍କର ହୋନ୍ତିଉଣା ।
ଜାହାକୁ ହୁଏ ମୁଁ ସଦୟ । ଜ୍ଞାନ ତା ହୃଦରୁ ଉଦୟ
ହେ ଅନନ୍ତସ୍ୱାମୀ । ସବୁ ତୁମ ଦୟା ।

୧୯୫୭ ମସିହା ଗୁଳଛି ।

ରାଧାରାଣୀ ପ୍ରିଣ୍ଟର୍ସ, [illegible]

Digitized by srujanika@gmail.com